ISSN-0971-8397

# ଯୋଜନା

ମାର୍ଚ୍ଚ ୨୦୧୭ | ବିକାଶମୂଳକ ମାସିକ ପତ୍ରିକା | ୩୦ ଟଙ୍କା

ବିଶେଷାଙ୍କ

# ବଜେଟ୍ ୨୦୧୭-୧୮

**ଏଥର ବଜେଟର ଏକ ସ୍ଥୂଳ ଅନୁଶୀଳନ**
ଏନ୍.ଆର୍ ଭାନୁମୂର୍ତ୍ତି ଓ ଏ ଶ୍ରୀହରି ନାୟଡୁ

**ବାସ୍ତବବାଦୀ କେନ୍ଦ୍ରୀୟ ବଜେଟ-୨୦୧୭**
ପ୍ରଫେସର ଚରଣ ସିଂହ

**ସର୍ଭେ ରିପୋର୍ଟ ଓ ଭାରତୀୟ ଅର୍ଥନୀତିର ଭଲମନ୍ଦ ବିଚାର**
ରବୀନ୍ଦ୍ର ଏଚ୍. ଢୋଲକିଆ

**ନିଯୁକ୍ତି ଓ ଶିଳ୍ପ ଅଭିବୃଦ୍ଧି ଉପରେ କେନ୍ଦ୍ରୀୟ ବଜେଟର ପ୍ରଭାବ**
ଅରୁପ ମିତ୍ର

## ବିଶେଷ ପ୍ରବନ୍ଧ

**ରେଳ ବଜେଟର ନୂଆ ଅବତାର**
ଅରୁଣେନ୍ଦ୍ର କୁମାର

## ଫୋକସ

**୨୦୧୭-୧୮ ବଜେଟ : ଭିତିଭୂମି କ୍ଷେତ୍ରର ଉତ୍ଥାନ**
କୃଷ୍ଣ ଦେବ

# ସୂଚନା ଓ ପ୍ରସାରଣ ମନ୍ତ୍ରୀ ବାର୍ଷିକ ଇଣ୍ଡିଆ ୨୦୧୭ ଓ ଭାରତ -୨୦୧୭ ରେଫରେନ୍ସ (ସନ୍ଦର୍ଭ) ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ।




**ଭା**ରତ ସରକାରଙ୍କ ପ୍ରକାଶନ ବିଭାଗ ପକ୍ଷରୁ ପ୍ରକାଶିତ ଦ୍ୱିଭାଷିକ (ହିନ୍ଦି ଓ ଇଂରାଜୀ) ତଥା ମର୍ଯ୍ୟାଦାଜନକ ରେଫରେନ୍ସ ବୁକ୍ (ସନ୍ଦର୍ଭପୁସ୍ତକ) ଭାରତ-୨୦୧୭ ଓ ଇଣ୍ଡିଆ-୨୦୧୭ ସୂଚନା, ପ୍ରସାରଣ, ସହରାଞ୍ଚଳ ବ୍ୟାପାର, ଗୃହନିର୍ମାଣ ମନ୍ତ୍ରୀ ଭେଙ୍କେୟା ନାଇଡୁଙ୍କ ଦ୍ୱାରା ନିକଟରେ ଉନ୍ମୋଚିତ ହୋଇଯାଇଛି । ଏହି ଦୁଇ ପୁସ୍ତକରେ ଦେଶର ବିଭିନ୍ନ କ୍ଷେତ୍ର ସମ୍ପର୍କରେ ପୂର୍ଣ୍ଣାଙ୍ଗ ତଥା ସବିଶେଷ ବିକାଶମୂଳକ ସୂଚନା ରହିଛି । ଏଥର ଏହାର ପ୍ରକାଶନ ୬୧ ବର୍ଷରେ ପଦାର୍ପଣ କରିଛି । ଏହି ବହିରେ ୩୩ଟି ଅଧ୍ୟାୟ ରହିଛି । ସହର ଓ ଗ୍ରାମ୍ୟ ଉନ୍ନୟନ, ଶିଳ୍ପ, ବିଜ୍ଞାନ, କୃଷି, ପ୍ରଯୁକ୍ତି, ଯୋଗାଯୋଗ, କଳା, ସଂସ୍କୃତି, ଅର୍ଥନୀତି, ସ୍ୱାସ୍ଥ୍ୟ, ପ୍ରତିରକ୍ଷା, ଶିକ୍ଷା ଆଦି ବିଭିନ୍ନ କ୍ଷେତ୍ର ସମ୍ପର୍କରେ ଏଥିରେ ତଥ୍ୟ ପ୍ରକାଶିତ । ଶ୍ରୀ ନାଇଡୁ ଏହି ଅବସରରେ କହିଥିଲେ ଯେ ନିର୍ଭୁଲ ତଥା ସବିଶେଷ ତଥ୍ୟାବଳୀ ବହନ କରିଥିବା ଏହି ଦୁଇଟି ପୁସ୍ତକ ଏକ ଜ୍ଞାନର ଭଣ୍ଡାର । ଏହା ଗବେଷକ, ପାଠକଙ୍କର ବିଭିନ୍ନ ଆବଶ୍ୟକତାକୁ ପୂରଣ କରିବାରେ ସଫଳ ହେବ । ତଥ୍ୟ ଓ ସୂଚନାର ବିଶ୍ୱସନୀୟତା, ନିର୍ଭରଶୀଳତା ଓ ପ୍ରମାଣଯୋଗ୍ୟତା ସରକାରଙ୍କ ବିଶେଷତ୍ୱ ବୋଲି ସେ କହିଥିଲେ ।

ଏହି ଅବସରରେ ଶ୍ରୀ ନାଇଡୁ ମଧ୍ୟ ଏହି ବହିଦ୍ୱୟର ଇଲେକ୍ଟ୍ରୋନିକ ପ୍ରତିରୂପ ଉନ୍ମୋଚନ କରିଥିଲେ । ଏଥିରେ ପାଠକଙ୍କ ପାଇଁ କେତେକ ଅଧିକ ସୁବିଧା ସୁଯୋଗ ରହିଛି ଓ ଏହାକୁ ସାମାଜିକ ଗଣମାଧ୍ୟମ ସହ ସହଜରେ ସଂଯୋଗ କରିହେବ ।

ମନ୍ତ୍ରୀ ମଧ୍ୟ ପ୍ରକାଶନ ପ୍ରଭାଗ ଦ୍ୱାରା ପ୍ରକାଶିତ ଅନ୍ ଲାଇନ୍ ଡିଜିଟାଲ ଲାଇବ୍ରେରୀକୁ ଉଦ୍‌ଘାଟନ କରିଥିଲେ । ଏଥିରେ ୭୫୦ରୁ ଅଧିକ ବହି ସ୍ଥାନିତ ହୋଇଛି । ଡିପିଡି ବୁକ୍ ଗ୍ୟାଲେରୀରେ ପରିଦର୍ଶକଙ୍କ ପାଇଁ ଏହାର ନିଃଶୁଳ୍କ ବ୍ରାଉଜିଂ ବ୍ୟବସ୍ଥା କରାଯାଇଛି । ଦ୍ୱାଦଶ ଯୋଜନା କାଳରେ ଏକ ହଜାର ପୁସ୍ତକ ଡିଜିଟାଇଜ୍ କରିବାର ଯେଉଁ ଲକ୍ଷ୍ୟ ଥିଲା ୨୦୧୭ ମାର୍ଚ୍ଚ ଶେଷ ସୁଦ୍ଧା ତାହା ପୂରଣ ହୋଇପାରିବ ବୋଲି ଶ୍ରୀ ନାଇଡୁ କହିଥିଲେ । ଯୁବ ପାଠକଙ୍କ ପାଖରେ ପହଞ୍ଚିବାକୁ ବହି, ଜର୍ଣ୍ଣାଲ ଓ ମାଗାଜିନ୍‌ଗୁଡ଼ିକୁ ବିଭିନ୍ନ ଜାତୀୟ / ପ୍ରାଦେଶିକ ଭାଷାରେ ପ୍ରକାଶ କରିବାକୁ ସେ ଗୁରୁତ୍ୱ ଦେଇଥିଲେ ।




ପି-ବୁକ୍‌ସର ମୂଲ୍ୟ ୩୫୦ଟଙ୍କା ରଖାଯାଇଛି ଓ ଏହା ଡିପିଡିର ତିନିଟି ଆଞ୍ଚଳିକ ଦପ୍ତର ଏବଂ ସମଗ୍ର ଦେଶରେ ଥିବା ଅଧିକୃତ ବିକ୍ରେତାଙ୍କ ପାଖରେ ଏହା ମିଳିପାରିବ । ୱେବସାଇଟ୍ www.publicationdivision.nic.in. ଇ-ମେଲ୍- businesswng@gmail.com ମାଧ୍ୟମରେ ମଧ୍ୟ ବହି କିଣିବାର ବ୍ୟବସ୍ଥା ଅଛି । ପବ୍ଲିକେଶନ ଡିଭିଜନର ୱେବସାଇଟ୍ ଭାରତକୋଷ ପୋର୍ଟାଲରେ ମଧ୍ୟ ବହି ଉପଲବ୍ଧ । ଇ-ଭର୍ସନର ମୂଲ ୨୬୩ ଟଙ୍କା ଏବଂ ଏହା ଅଗ୍ରଣୀ ଇ କମର୍ସ ପ୍ଲାଟଫର୍ମ, Amazon.in, Google Play Books I kobo.comରେ ମଧ୍ୟ ଉପଲବ୍ଧ ।

# ଯୋଜନା

ଚତୁର୍ବିଂଶ ବର୍ଷ : ଷଷ୍ଠ ସଂଖ୍ୟା : ମାର୍ଚ୍ଚ ୨୦୧୭

## ଏ ସଂଖ୍ୟାରେ...


| କ୍ର.ସଂ. | ସୃଷ୍ଟି ଓ ସ୍ରଷ୍ଟା | | ପୃଷ୍ଠା |
|---|---|---|---|
| ୧. | ସଂପାଦକୀୟ | | ୪ |
| ୨. | ଏଥର ବଜେଟର ଏକ ସ୍ଥୁଳ ଅନୁଶୀଳନ | ଏନ୍.ଆର୍ ଭାନୁମୂର୍ତ୍ତି ଓ ଏ ଶ୍ରୀହରି ନାୟୁଡୁ | ୫ |
| ୩. | ବାସ୍ତବବାଦୀ କେନ୍ଦ୍ରୀୟ ବଜେଟ-୨୦୧୭ | ପ୍ରଫେସର ଚରଣ ସିଂହ | ୯ |
| ୪. | ସର୍ଭେ ରିପୋର୍ଟ ଓ ଭାରତୀୟ ଅର୍ଥନୀତିର ଭଲମନ୍ଦ ବିଚାର | ରବୀନ୍ଦ୍ର ଏଚ୍. ଢୋଲକିଆ | ୧୬ |
| ୫. | ନିଯୁକ୍ତି ଓ ଶିକ୍ଷ ଅଭିବୃଦ୍ଧି ଉପରେ କେନ୍ଦ୍ରୀୟ | ବଜେଟର ପ୍ରଭାବ ଅରୁପ ମିତ୍ର | ୨୦ |
| ୬. | ରେଳ ବଜେଟର ନୂଆ ଅବତାର | ଅରୁଣେନ୍ଦ୍ର କୁମାର | ୨୩ |
| ୭. | ୨୦୧୭-୧୮ ବଜେଟ : ଭିତ୍ତିଭୂମି କ୍ଷେତ୍ରର ଉତ୍ଥାନ | କୃଷ୍ଣ ଦେବ | ୨୮ |
| ୮. | କୃଷି ଉଦ୍ୟୋଗ, ଗ୍ରାମ୍ୟ ଉନ୍ନୟନରେ ନୂଆ ବିକାଶ ଢାଞ୍ଚା | ନୀରେନ୍ଦ୍ର ଦେବ | ୩୨ |
| ୯. | କେନ୍ଦ୍ର ବଜେଟ୍‌ରେ ଗାଁ'କୁ ଗୁରୁତ୍ୱ | ନଟବର ଖୁଣ୍ଟିଆ | ୩୬ |
| ୧୦. | ବଜେଟ୍-୨୦୧୭ – ରିୟଲ୍ ଇଷ୍ଟେଟ କ୍ଷେତ୍ର ପାଇଁ ସମ୍ଭାବ୍ୟ ରୂପାନ୍ତରଣ | ଡକ୍ଟର ରଞ୍ଜିତ୍ ମେହଟ୍ଟା | ୪୦ |
| ୧୧. | ସ୍ୱାସ୍ଥ୍ୟ ବଜେଟ୍ ୨୦୧୭-୧୮ରେ ଉନ୍ନତ ଅଭିବୃଦ୍ଧି | ରାଜୀବ ଆହୁଜା | ୪୪ |
| ୧୨. | ଯୁବ ସମାଜ ପାଇଁ ଏକ ବଜେଟ | ଡକ୍ଟର ଏସ୍.ଏସ୍. ମନ୍ଥା | ୪୮ |
| ୧୩. | ଚଣ୍ଡିଖୋଲଠାରେ ଦେଶର ସର୍ବବୃହତ୍ ଅଶୋଧିତ ତୈଳ ସଂରକ୍ଷଣ ଭଣ୍ଡାର ନିର୍ମାଣ | ଅନୁପମ ପ୍ରହରାଜ | ୫୨ |
| ୧୪. | ୨୦୧୭-୧୮ ବଜେଟ୍ ମୁଖ୍ୟାଂଶ | ଡ଼ି.ଏସ୍ . ମଲ୍ଲିକ୍ | ୫୬ |
| ୧୫. | ବଜେଟରେ ମହିଳା ଓ ଶିଶୁମାନଙ୍କର ବିକାଶ | ଡ. ଲିପିଶ୍ରୀ ଦାସ | ୬୦ |
| ୧୬. | ବଜେଟରେ ଢାଞ୍ଚା ଓ ପଦ୍ଧତିଗତ ପରିବର୍ତ୍ତନ | ହାପୀ ପନ୍ତ | ୬୪ |
| ୧୭. | ବଜେଟ୍ ୨୦୧୭-୧୮ : ମହତ୍ୱାକାଂକ୍ଷୀ ଓ ଭବିଷ୍ୟତଧର୍ମୀ | ଡ. ପଦ୍ମଚରଣ ଧଳ | ୬୬ |
| ୧୮. | ବିମୁଦ୍ରାୟନ ପରବର୍ତ୍ତୀ ବଜେଟ୍ | ଡକ୍ଟର ସନ୍ତୋଷ କୁମାର ମହାପାତ୍ର | ୭୦ |
| ୧୯. | ଆପଣ ଜାଣନ୍ତି କି ? | | ୭୩ |


ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ : ଦୀପିକା କଚ୍ଛଲ
ସଂପାଦକ ଓ ସହ ନିର୍ଦ୍ଦେଶକ : ଡକ୍ଟର ଗିରୀଶ ଚନ୍ଦ୍ର ଦାଶ

ଯୁଗ୍ମ ନିର୍ଦ୍ଦେଶକ (ଉତ୍ପାଦନ): ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା।

*Editor*
**YOJANA (ODIA)**
C/O : Assistant Director, (News)
Regional News Unit,
All India Radio,
Cantonment Road,
Cuttack-753001
Phone : 9437073438
Website :
www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@yahoo.co.in
Ph. : 011-26100207

**ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।**

**ସମ୍ପାଦକୀୟ**

# ଉତ୍ତମ ଭାରତ ପାଇଁ ବଜେଟ

ଅନେକ ଅନିଶ୍ଚିତତା ମଧ୍ୟରେ ଚଳିତ ବର୍ଷର କେନ୍ଦ୍ରୀୟ ବଜେଟ ଉପସ୍ଥାପିତ ହୋଇଥିଲା। ବିମୁଦ୍ରାୟନ ପଦକ୍ଷେପ, ଜିଏସ୍‌ଟି ପ୍ରଚଳନର ପ୍ରସ୍ତୁତି, ଆମେରିକାରେ ନୂଆ ସରକାର ଗଠନ ଭଳି କେତେକ ଘଟଣାବଳୀ ବଜେଟ ପ୍ରସ୍ତୁତି ଓ ଉପସ୍ଥାପନ ଜନିତ ସମଗ୍ର ପ୍ରକ୍ରିୟାକୁ ବେଶ୍ ଆହ୍ୱାନମୂଳକ କରିଥିଲା। ପରମ୍ପରାକୁ ଭଙ୍ଗ କରି ଗୋଟିଏ ମାସ ପୂର୍ବରୁ ଅର୍ଥାତ୍ ଫେବୃଆରୀ ପହିଲାରେ ବଜେଟ ଉପସ୍ଥାପନ ଏବଂ ସ୍ୱତନ୍ତ୍ର ରେଳବଜେଟର ଅବସାନ ଘଟାଇ ତାହାକୁ ମୁଖ୍ୟ ବଜେଟରେ ମିଶାଇବା ଘଟଣା ମଧ୍ୟ ଏଥର ବଜେଟର ଐତିହାସିକ ଉପଲବ୍ଧି। ଏହା ସହିତ ଏଥର ପ୍ରଥମ କରି କେନ୍ଦ୍ରୀୟ ବଜେଟରେ ପାରମ୍ପରିକ ଯୋଜନା ଓ ଅଣଯୋଜନା ଖର୍ଚ୍ଚର ବର୍ଗୀକରଣର ଅବସାନ ଆଉ ଏକ ବିଶେଷତ୍ୱ।

ବିମୁଦ୍ରାୟନ ପଦକ୍ଷେପ ଯୋଗୁଁ ଉଭୟ ଧନୀ ନିର୍ଦ୍ଧନ ଅସୁବିଧା ଭୋଗିବା ପରେ ଆଶା କରାଯାଉଥିଲା ଯେ ବଜେଟରେ ଲୋକଙ୍କୁ ଖୁସି କରିବା ପାଇଁ ସରକାର କିଛି ପ୍ରୋତ୍ସାହନ ଘୋଷଣା କରିବେ। ମାତ୍ର ବଜେଟରେ ସରକାର ନିଜର ଗରିବ, ଗ୍ରାମାଞ୍ଚଳ, କୃଷକ ସପକ୍ଷବାଦୀ ଦୃଷ୍ଟିକୋଣକୁ ଅଗ୍ରାଧିକାର ଦେଇ ଆର୍ଥିକ ଅଭିବୃଦ୍ଧି ବଢ଼ାଇବା ଉପରେ ଗୁରୁତ୍ୱ ଦେଇଛନ୍ତି। ବଜେଟର ମୁଖ୍ୟ ଦୃଷ୍ଟିକୋଣ ତିନିଟି ବିଷୟ ଉପରେ ଧାର୍ଯ୍ୟ କରାଯାଇଛି ଓ ସେଗୁଡ଼ିକ ହେଲା – ଭାରତର ପରିବର୍ତ୍ତନ, ସଶକ୍ତୀକରଣ ଏବଂ ସ୍ୱଚ୍ଛତା।

ବଜେଟରେ ଏକ ବହୁମୁଖୀ ପଦକ୍ଷେପ ଭିତ୍ତିକ ଲକ୍ଷ୍ୟ ନିର୍ଣ୍ଣିତ ହୋଇଛି ଯେଉଁଥିରେ ଅର୍ଥନୀତିର ସବୁକ୍ଷେତ୍ରକୁ ଅବଶ୍ୟକ ଗୁରୁତ୍ୱ ପ୍ରଦାନ କରାଯାଇଛି। ତେବେ ଏସବୁ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ, କୃଷି, ଭିତ୍ତିଭୂମି, କୁଶଳ ବିକାଶ, ମାନୁଫାକଚରିଙ୍ଗ ଏବଂ କର୍ମ ନିଯୁକ୍ତି ସୃଷ୍ଟି ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। କୃଷକ ଓ ଗ୍ରାମାଞ୍ଚଳ ଜନତା ଅଗ୍ରାଧିକାର ତାଲିକାର ଶୀର୍ଷରେ ରହିଥିବାରୁ ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ବହୁ ପଦକ୍ଷେପ ବଜେଟରେ ଗ୍ରହଣ କରାଯାଇଛି। କୃଷି ଋଣ ବାବଦ ବ୍ୟୟ ବରାଦ ୧୦ଲକ୍ଷ କୋଟିକୁ ବୃଦ୍ଧି କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟରୁ ଚାଷୀଙ୍କୁ ରକ୍ଷା କରିବା ପାଇଁ ୪୦ ଭାଗ ଫସଲକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ପରିସରଭୁକ୍ତ କରାଯାଇଥିବାବେଳେ ଦୀର୍ଘ ମିଆଦି ଜଳସେଚନ ବ୍ୟବସ୍ଥା ପାଇଁ ୪୦ ହଜାର କୋଟି ଟଙ୍କାର ଏକ ସ୍ଥାୟୀ ପାଣ୍ଠି (କର୍ପସ ଫଣ୍ଡ) ଗଠନର ବ୍ୟବସ୍ଥା ହୋଇଛି।

ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ନିଯୁକ୍ତି ସୁବିଧା ସୃଷ୍ଟି ସହ ସେଠାକାର ଲୋକଙ୍କ ମୌଳିକ ସୁବିଧା ସୁଯୋଗରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଗ୍ରାମାଞ୍ଚଳ ଯୁବକ ଯୁବତୀଙ୍କ କୁଶଳତା ଓ ଦକ୍ଷତା ବୃଦ୍ଧି ପାଇଁ ବଜେଟରେ ବ୍ୟବସ୍ଥା ହୋଇଛି। ଦେଶର ଧ୍ୱଜାଧାରୀ ନିଯୁକ୍ତି ସୃଷ୍ଟିକାରୀ କାର୍ଯ୍ୟକ୍ରମ ଏମ୍‌ଜିନରେଗା କାର୍ଯ୍ୟକ୍ରମ ପାଇଁ ସର୍ବାଧିକ ଅର୍ଥ ୪୮ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସ୍ୱୟମ୍ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଏଥିରେ ୩୦୦ ଅନ୍‌ଲାଇନ୍ ପାଠ୍ୟକ୍ରମ ପ୍ରବର୍ତ୍ତନର ବ୍ୟବସ୍ଥା ହୋଇଚି। ସଂକଳ୍ପ ଯୋଜନାରେ ୪ ହଜାର କୋଟି ଟଙ୍କା ବ୍ୟୟରେ ଯୁବକଯୁବତୀମାନଙ୍କୁ ବଜାର ଭିତ୍ତିକ କୁଶଳ ବିକାଶ ତାଲିମ ପ୍ରଦାନ କରି ଭାରତକୁ ବିଶ୍ୱର କୁଶଳ ବିକାଶ ରାଜଧାନୀରେ ପରିଣତ କରିବାର ଲକ୍ଷ୍ୟ ରଖାଯାଇଛି। ସେହିଭଳି ମିଶନ ଅନ୍ତ୍ୟୋଦୟ କାର୍ଯ୍ୟକ୍ରମରେ ଦେଶର ୫୦ ହଜାର ଗ୍ରାମ ପଞ୍ଚାୟତ ଓ ଏକ କୋଟି ଲୋକଙ୍କୁ ଦାରିଦ୍ର୍ୟମୁକ୍ତ କରିବାର ଲକ୍ଷ୍ୟ ରହିଛି। ୨୦୧୮ ମଇ ପହିଲା ସୁଦ୍ଧା ଦେଶର ଶତପ୍ରତିଶତ ଗ୍ରାମକୁ ବିଜୁଳି ଯୋଗାଣ, ଖୋଲାରେ ମଳତ୍ୟାଗ କରୁ ନଥିବା ସବୁ ଗ୍ରାମକୁ ପାଇପ ପାଣି ଯୋଗାଣ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଦୈନିକ ଦେଶରେ ୧୩୩କିମି ସଡ଼କ ନିର୍ମାଣ ଆଦି ଲକ୍ଷ୍ୟ ଗ୍ରାମ୍ୟ ଉନ୍ନୟନ ଉପରେ ସରକାରଙ୍କ ଅଗ୍ରାଧିକାରର ପ୍ରମାଣ ବହନ କରେ।

ଦୃଢ଼ ଭିତ୍ତିଭୂମି ଯେକୌଣସି ଆର୍ଥିକ ବିକାଶର ମୂଳାଧାର ହୋଇଥିବାରୁ ସରକାର ଏ କ୍ଷେତ୍ରରେ ବଜେଟରେ ଯେଉଁ ୩.୯୬ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି ତାହା ଯଥାର୍ଥ। ରେଳବାଇ ପାଇଁ ବଜେଟରେ ସର୍ବାଧିକ ବ୍ୟୟ ବରାଦ କରାଯାଇ ଯାତ୍ରୀ ସୁରକ୍ଷା, ପରିଚ୍ଛନ୍ନତା ଓ ବିକାଶମୂଳକ କାର୍ଯ୍ୟକୁ ଅଗ୍ରାଧିକାର ଦିଆଯାଇଛି। ରିୟଲ ଇଷ୍ଟେଟ୍‌କୁ ପୁନର୍ବାର ଶକ୍ତିଶାଳୀ କରିବା ପାଇଁ ଗୃହ ନିର୍ମାଣ କ୍ଷେତ୍ରକୁ ଭିତ୍ତିଭୂମି କ୍ଷେତ୍ରର ମାନ୍ୟତା ଦିଆଯାଇଛି। ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ବେପାର ବଣିଜ ସହଜରେ କରିବା ପାଇଁ ଆବଶ୍ୟକ ପ୍ରୟାସ ବଜେଟରେ ରହିଚି। ଏବେ ୯୦ ଶତାଂଶରୁ ଅଧିକ ପ୍ରତ୍ୟେକ୍ଷ ବିଦେଶୀ ପୁଞ୍ଜି ନିବେଶ ସିଧାସଳଖ ରାସ୍ତାରେ ଆସୁଛି। ତେଣୁ ବିଦେଶୀ ପୁଞ୍ଜି ନିବେଶ ପ୍ରୋତ୍ସାହନ ପରିଷଦ (ଏଫ୍‌ଆଇପିବି)ର କାର୍ଯ୍ୟ ଅନାବଶ୍ୟକ ହୋଇପଡ଼ିଥିବାରୁ ଏହାକୁ ଉଠାଇ ଦିଆଯାଇଛି। କ୍ଷୁଦ୍ର ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ କର୍ପୋରେଟ ଟିକସ ହାରକୁ ୨୫ ଶତାଂଶକୁ କମାଇ ଦିଆଯାଇଛି। ଯେଉଁସବୁ କମ୍ପାନୀଙ୍କର ବାର୍ଷିକ କାରବାର ୫୦କୋଟି ଟଙ୍କା ଭିତରେ ସେମାନେ ଏହାଦ୍ୱାରା ଉପକୃତ ହେବେ।

ଭାରତ ନେଟ୍ ବ୍ୟବସ୍ଥା ପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ, ଆଧାର ପେ ବ୍ୟବସ୍ଥାର ପ୍ରଚଳନ ଓ ସାଇବର ଅପରାଧକୁ ରୋକିବା ପାଇଁ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ ନିଷ୍ପତ୍ତି ଆଦି ଭାରତକୁ ଏକ ଡିଜିଟାଲ ଅର୍ଥନୀତିରେ ପରିଣତ କରିବାକୁ ଉଦ୍ଦିଷ୍ଟ।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, କଳାଧନ ପ୍ରସାରକୁ ନିୟନ୍ତ୍ରଣ କରିବା ଓ ରାଜନୀତିକ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ବିଭିନ୍ନ ଦଳ ପାଇଁ ବ୍ୟକ୍ତିବିଶେଷଙ୍କଠାରୁ ସର୍ବାଧିକ ୨୦୦୦ ଟଙ୍କା ନଗଦ ଅର୍ଥର ଚାନ୍ଦା ଗ୍ରହଣ ଧାର୍ଯ୍ୟ ହୋଇଛି। ଏହି ପରିମାଣଠାରୁ ଅଧିକ ଚାନ୍ଦା କେବଳ ଚେକ୍, ଡିଜିଟାଲ ବ୍ୟବସ୍ଥା ଓ ନିର୍ବାଚନ ବଣ୍ଡ୍ ଜରିଆରେ ଗ୍ରହଣ / ପ୍ରଦାନ କରିହେବ।

ଏସବୁକୁ ଦେଖିଲେ ସ୍ପଷ୍ଟ ବୁଝାପଡ଼େ ଯେ ୨୦୧୭-୧୮ ବଜେଟରେ ସରକାର ବୃହତ୍ତର ପାରଦର୍ଶିତା, ଦୁର୍ନୀତି ହ୍ରାସ, ବେଗଗାମୀ ଅର୍ଥନୈତିକ ଅଭିବୃଦ୍ଧି ହାସଲ ଉପରେ ଗୁରୁତ୍ୱ ଦେଇଛନ୍ତି। ସର୍ବୋପରି ସମସ୍ତଙ୍କ ମୁହଁରେ ହସ ଫୁଟାଇବାକୁ ବଜେଟରେ ଉଦ୍ୟମ କରାଯାଇଛି।

# ଏଥର ବଜେଟର ଏକ ସ୍ଥୂଳ ଅନୁଶୀଳନ

**ଏନ୍.ଆର୍ ଭାନୁମୂର୍ତ୍ତି ଓ ଏ ଶ୍ରୀହରି ନାୟୁଡୁ**

> ଜିଡିପି ଅଭିବୃଦ୍ଧିରେ ଉତ୍ତମ ମୌସୁମୀ ବର୍ଷା ଓ କୃଷି କ୍ଷେତ୍ରର ଭଲ ପ୍ରଦର୍ଶନ ସାଙ୍ଗକୁ ସେବା କ୍ଷେତ୍ରରେ ଅଭିବୃଦ୍ଧି ନ ଶତାଂଶ ପାଖାପାଖି ବଢ଼ିବ ବୋଲି ଆଶା କରାଯାଇଥିଲା। ସେହିଭଳି ଶିଳ୍ପୋଦ୍ୟୋଗର ଅଭିବୃଦ୍ଧି ୫.୨ ଶତାଂଶ (ଟେବୁଲ-୧ ଦ୍ରଷ୍ଟବ୍ୟ) ରହିବ ବୋଲି ଆଶା ଥିଲା। ଖାଉଟୀ ମୂଲ୍ୟସୂଚୀ ଅନୁସାରେ ମୁଦ୍ରାସ୍ଫୀତି ହାର ୨୦୧୬ ଡିସେମ୍ବରରେ ଥିଲା ୩.୪ ଶତାଂଶ ଓ ଏହା ରିଜର୍ଭବ୍ୟାଙ୍କର ଅନିବାର୍ଯ୍ୟ ଲକ୍ଷ୍ୟଠାରୁ ଯଥେଷ୍ଟ ତଳେ ଥିଲା। ବାଣିଜ୍ୟ କ୍ଷେତ୍ରରେ ଉଭୟ ରପ୍ତାନୀ ଓ ଆମଦାନୀ ଧୀମା ରହିଥିଲା ଯାହା ଉଦ୍‌ବେଗର କାରଣ ହୋଇଥିଲା। ଏହା ଫଳରେ ଚାଲୁଖାତାରେ ଥିବା ନିଅଣ୍ଟ ୨୦୧୬-୧୭ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ୦.୩% ହ୍ରାସ ପାଇଥିଲା।

**ଭା**ରତୀୟ ସମ୍ବିଧାନର ଧାରା ୧୧୨, ୧୧୩, ୧୧୪(୩) ଏବଂ ୧୧୦ (କ) ଅନୁସାରେ ବଜେଟ ପ୍ରସ୍ତୁତି ଓ ଉପସ୍ଥାପନ କରିବା ସରକାରଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟ। ଐତିହାସିକ ଭାବେ ଦେଖିଲେ ବଜେଟ କେବଳ ସରକାରଙ୍କର ଏକ ପ୍ରସ୍ତାବିତ ଆୟବ୍ୟୟ ବିବରଣୀ ହୋଇଥିଲେ ହେଁ ଏବେ ସରକାର ଏହା ମାଧ୍ୟମରେ ନିଜର ପ୍ରମୁଖ ନୀତିଗତ ନିଷ୍ପତ୍ତି, ବିଶେଷ କରି ଟିକସ ପ୍ରସ୍ତାବ ଘୋଷଣା କରୁଛନ୍ତି। ବିଗତ ବର୍ଷଗୁଡ଼ିକରେ ବାର୍ଷିକ ବଜେଟ ଉପସ୍ଥାପନ ପ୍ରକ୍ରିୟାରେ ବଡ଼ଧରଣର ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଏବର୍ଷ ମଧ୍ୟ ବଜେଟରେ ତିନିଟି ବଡ଼ ପରିବର୍ତ୍ତନ ଘଟିଛି। ସେସବୁ ହେଲା ସାଧାରଣ ବଜେଟରେ ରେଳ ବଜେଟର ମିଶ୍ରଣ, ନିର୍ଦ୍ଧାରିତ ସମୟର ଏକ ମାସ ପୂର୍ବରୁ ବଜେଟ ଉପସ୍ଥାପନ ଓ ଯୋଜନା ଏବଂ ଅଣଯୋଜନା ଖର୍ଚ୍ଚର ଭିନ୍ନ ଭିନ୍ନ ବ୍ୟୟ ବରାଦର ଅବସାନ। ଏଥର ବଜେଟ ଉପସ୍ଥାପନ ପୂର୍ବରୁ ସରକାର ଦୁଇଟି ବଡ଼ ନୀତିଗତ ପରିବର୍ତ୍ତନ ଆଣିଛନ୍ତି। ପ୍ରଥମଟି ହେଲା ବହୁ ପ୍ରତୀକ୍ଷିତ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ବିଲ୍ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଛି। ଦ୍ୱିତୀୟଟି ହେଲା ସରକାର ପାଞ୍ଚଶହ ଓ ଏକ ହଜାର ଟଙ୍କାର ନୋଟ୍‌କୁ ଅଚଳ କରି ବିମୁଦ୍ରାୟନ ପଦକ୍ଷେପ ଗ୍ରହଣ କରିଛନ୍ତି। ଆନ୍ତର୍ଜାତିକ ସ୍ତରରେ ଆମେରିକା ଓ ୟୁରୋପରେ ବିଶ୍ୱାୟନ ପ୍ରକ୍ରିୟା ବିରୋଧରେ ଜନମତ ପ୍ରକାଶ ପାଇଛି। ବିଶ୍ୱରେ ଅଶୋଧିତ ତୈଳର ଦାମ୍ ବଢୁଛି। ସର୍ବୋପରି ବିଶ୍ୱର ଆର୍ଥିକ ମାନ୍ଦାବସ୍ଥାରେ ମନ୍ଥର ପୁନରୁଦ୍ଧାର ପ୍ରକ୍ରିୟା ଭାରତୀୟ ଅର୍ଥନୀତିରେ ଅନିଶ୍ଚିତତା ଆଣିଛି।

ଏଭଳି ଏକ ଅନିଶ୍ଚିତ ପରିବେଶ ମଧ୍ୟରେ ଭାରତୀୟ ଅର୍ଥନୀତିକୁ ସୁଧାରିବା ସହ ଅଧିକ ନିଯୁକ୍ତି ଓ ରୋଜଗାର ସୃଷ୍ଟି ପାଇଁ ବଜେଟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନେଇ ବିଶେଷ ଆଶା ପ୍ରକାଶ ପାଇବା ସ୍ୱାଭାବିକ। ଏହି ଲେଖାରେ ବଜେଟ କ'ଣ ତାହା ବୁଝାଇବା ସହ ଚଳିତ ବର୍ଷର ବଜେଟର ଅନୁଶୀଳନ ଏବଂ ଅର୍ଥନୀତି ଉପରେ ତାହାର ସମ୍ଭାବ୍ୟ ପ୍ରଭାବ ସମ୍ପର୍କରେ ଜାଣିବାକୁ ଉଦ୍ୟମ କରାଯାଇଛି। ଅର୍ଥମନ୍ତ୍ରୀଙ୍କ ଭାଷଣରେ ବଜେଟର କାର୍ଯ୍ୟସୂଚୀ ଓ ଅଗ୍ରାଧିକାର ସଂକ୍ଷେପରେ ଉଲ୍ଲେଖ କରାଯାଇଛି। ତାହା ହେଲା ଟିଇସି ବା ଟ୍ରାନ୍ସଫର୍ମ, ଏନର୍ଜାଇଜ୍ ଏବଂ କ୍ଲିନ୍ ଇଣ୍ଡିଆ (ବଦଳାଅ, ସଶକ୍ତ କର ଏବଂ ଭାରତକୁ ସ୍ୱଚ୍ଛ କର।)

**ପ୍ରଚଳିତ ସ୍ଥୂଳ ଧାରା:** କେନ୍ଦ୍ରୀୟ ପରିସଂଖ୍ୟାନ ଦପ୍ତର ଭାରତର ୨୦୧୬-୧୭ ଜିଡିପି ଅଭିବୃଦ୍ଧି ସମ୍ପର୍କରେ ଯେଉଁ ଆଗୁଆ ଅନୁମାନ କରିଥିଲେ ସେଥିରେ ଏହି ହାର ୭.୧ ଶତାଂଶ ହେବ ବୋଲି ଦର୍ଶାଇଥିଲେ। ତେବେ ଏହି ଦପ୍ତର ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଯେ ବିମୁଦ୍ରାୟନ ଜନିତ ପ୍ରଭାବକୁ ଆକଳନରେ ଅନ୍ତର୍ଭୁକ୍ତ କରିବାର ଅବକାଶ ମିଳି ନ ଥିଲା। ତେବେ ବିମୁଦ୍ରାୟନର ପ୍ରଭାବ ଯୋଗୁଁ ଅନୁମାନ କରାଯାଇଥିବା ଅଭିବୃଦ୍ଧି ହାର ୧ ରୁ ୨ ଶତାଂଶ କମ୍ ହୋଇପାରେ।

ଜିଡିପି ଅଭିବୃଦ୍ଧିରେ ଉତ୍ତମ ମୌସୁମୀ ବର୍ଷା ଓ କୃଷି କ୍ଷେତ୍ରର ଭଲ ପ୍ରଦର୍ଶନ ସାଙ୍ଗକୁ ସେବା କ୍ଷେତ୍ରରେ ଅଭିବୃଦ୍ଧି ନ ଶତାଂଶ ପାଖାପାଖି ବଢ଼ିବ ବୋଲି ଆଶା କରାଯାଇଥିଲା। ସେହିଭଳି ଶିଳ୍ପୋଦ୍ୟୋଗର ଅଭିବୃଦ୍ଧି ୫.୨ ଶତାଂଶ (ଟେବୁଲ-୧ ଦ୍ରଷ୍ଟବ୍ୟ) ରହିବ ବୋଲି ଆଶା ଥିଲା। ଖାଉଟୀ ମୂଲ୍ୟସୂଚୀ ଅନୁସାରେ ମୁଦ୍ରାସ୍ଫୀତି ହାର ୨୦୧୬ ଡିସେମ୍ବରରେ ଥିଲା ୩.୪ ଶତାଂଶ ଓ ଏହା ରିଜର୍ଭବ୍ୟାଙ୍କର ଅନିବାର୍ଯ୍ୟ ଲକ୍ଷ୍ୟଠାରୁ ଯଥେଷ୍ଟ ତଳେ ଥିଲା। ବାଣିଜ୍ୟ

କ୍ଷେତ୍ରରେ ଉଭୟ ରପ୍ତାନୀ ଓ ଆମଦାନୀ ଧୀମା ରହିଥିଲା ଯାହା ଉଦ୍‌ବେଗର କାରଣ ହୋଇଥିଲା। ଏହା ଫଳରେ ଚାଲୁଖାତାରେ ଥିବା ନିଅଣ୍ଟ ୨୦୧୬-୧୭ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ୦.୩% ହ୍ରାସ ପାଇଥିଲା। ବିତ୍ତୀୟ କ୍ଷେତ୍ରରେ ରାଜସ୍ୱରେ ଉନ୍ନତି ଘଟିଛି ଏବେ ୧୭୭ରେ ପହଞ୍ଚିଛି। ଏହା ବିମୁଦ୍ରାୟନର ୫୦ ଦିନ ପୂର୍ବ ଓ ପରର କଥା।

**ବଜେଟର ମୁଖ୍ୟାଂଶ :** ୨୦୧୬-୧୭ ବଜେଟରେ ଦେବାଳିଆ ନିୟମ, ନମନୀୟ ମୁଦ୍ରାସ୍ଫୀତି ଲକ୍ଷ୍ୟ, ବିତ୍ତୀୟ ନୀତି କମିଟି ଅପ୍‌ଟିକାଲ ଫାଇବର ବିଛାଇବା କାର୍ଯ୍ୟ ଆଦିର ବ୍ୟବସ୍ଥା କରାଯାଇଥିଲା। ଏଥର ଚାଷ ଜମିର ମାଟି ପରୀକ୍ଷା ବ୍ୟବସ୍ଥା ଓ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ଫସଲ ବୀମା ଯୋଜନା, ଦୀର୍ଘ ମିଆଦି କ୍ଷୁଦ୍ର ଜଳସେଚନ ପାଣ୍ଠିଗଠନ, ଜାତୀୟ ଇ-କୃଷି ମାର୍କେଟ (ଇ-ନାମ୍)

**ଟେବୁଲ -୧ କିଛି ସ୍ଥୂଳ ଅର୍ଥନୀତିକ ସୂଚକର ସାମ୍ପ୍ରତିକ ଧାରା**

| ସୂଚକ / ବର୍ଷ | ୨୦୧୨-୧୩ | ୨୦୧୩-୧୪ | ୨୦୧୪-୧୫ | ୨୦୧୫-୧୬ ପିଇ | ୨୦୧୬-୧୭ ଏଇ |
|---|---|---|---|---|---|
| ମୂଳ ମୂଲ୍ୟରେ ଜିଭିଏ (ଅଭିବୃଦ୍ଧିହାର) | ୫.୪ | ୬.୩ | ୭.୧ | ୭.୨ | ୭.୧ |
| ଜିଏଫ୍‌ସିଏଫ୍ (ଅଭିବୃଦ୍ଧି ହାର) | ୪.୯ | ୩.୪ | ୪.୯ | ୩.୯ | -୦.୨ |
| ମୋଟ ଘରୋଇ ସଂଚୟ (ଜିଡିପିର % ଅନୁସାରେ) | ୩୩.୮ | ୩୩ | ୩୩ | -- | -- |
| କୃଷି (ଅଭିବୃଦ୍ଧି ହାର) | ୧.୫ | ୪.୨ | -୦.୨ | ୧.୨ | ୪.୧ |
| ଶିଳ୍ପ (ଅଭିବୃଦ୍ଧି ହାର) | ୩.୬ | ୫ | ୫.୯ | ୭.୪ | ୫.୨ |
| ସେବା (ଅଭିବୃଦ୍ଧି ହାର) | ୮.୧ | ୭.୮ | ୧୦.୩ | ୮.୯ | ୮.୮ |
| ମୁଦ୍ରାସ୍ଫୀତି - ସିପିଆଇ (ବାର୍ଷିକ ହାର) | ୧୦ | ୯.୪ | ୫.୮ | ୪.୯ | ୩.୪୧# |
| ଚାଲୁଖାତାରେ ନିଅଣ୍ଟ (ଜିଡିପିର %) | ୪.୮ | ୧.୭ | ୧.୩ | ୧.୧ | ୦.୩* |
| ରପ୍ତାନୀ (ଅଭିବୃଦ୍ଧି ହାର) | ୬.୭ | ୭.୮ | ୧.୭ | -୫.୨ | ୨.୨ |
| ଆମଦାନୀ (ଅଭିବୃଦ୍ଧି ହାର) | ୬ | -୮.୨ | ୦.୮ | -୨.୮ | -୩.୮ |
| ରାଜସ୍ୱ ନିଅଣ୍ଟ (ଜିଡିପିର %) | ୩.୭ | ୩.୨ | ୨.୯ | ୨.୫ | ୨.୩ |
| ବିତ୍ତୀୟ ନିଅଣ୍ଟ (ଜିଡିପିର %) | ୪.୯ | ୪.୫ | ୪.୧ | ୩.୯ | ୩.୫ |

**ତଥ୍ୟ : ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୧୬-୧୭ # ଡିସେମ୍ବର ଡାଟା * ସିଏଡି - ପ୍ରଥମାର୍ଦ୍ଧ ୨୦୧୬**

ଏବଂ ଏପ୍ରିଲ-ନଭେମ୍ବରର ମଧ୍ୟରେ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ୮୬ ଶତାଂଶରେ ପହଞ୍ଚିବ ବୋଲି ହିସାବ କରାଯାଇଛି। ଏସବୁ ତଥ୍ୟକୁ ବିଚାରକୁ ନେଲେ ୨୦୧୬-୧୭ର ବିତ୍ତୀୟ ନିଅଣ୍ଟର ୩.୫ ଭାଗ ସରକାର ହାସଲ କରିପାରିବେ ବୋଲି ଆଶା କରାଯାଏ।

ଏଥର ବ୍ୟାଙ୍କ ଉଦ୍ୟୋଗ କଥା ଆଲୋଚନା କରିବା। ବିମୁଦ୍ରାୟନ ପଦକ୍ଷେପ ପରେ ବ୍ୟାଙ୍କ ସମୂହଙ୍କ ଜମା ବଢ଼ିଛି। ବ୍ୟାଙ୍କ ସବୁ ଜମା / ଋଣ ଉପରେ ସୁଧ ହାର ହ୍ରାସକୁ ଗ୍ରାହକଙ୍କୁ ହସ୍ତାନ୍ତର କରିଛନ୍ତି। ଏହା ଫଳରେ ବ୍ୟାଙ୍କ ଋଣର ଚାହିଦା ବଢ଼ିବ ଏବଂ ଅଭିବୃଦ୍ଧି ମଧ୍ୟ ବୃଦ୍ଧି ପାଇବ। ଏବେ ନିବେଶ (ଜିଏଫ୍‌ସିଏଫ୍) ଅଭିବୃଦ୍ଧି ନକାରାତ୍ମକ ରହିଛି। ଏହି ହାର -୦.୨ ରହିବା ଚିନ୍ତାଜନକ। ସିଏମ୍‌ଆଇଇ ତଥ୍ୟ ଅନୁସାରେ ନୂଆ ପ୍ରକଳ୍ପ ଘୋଷଣା ଯଥେଷ୍ଟ ହ୍ରାସ ପାଇଛି। ଏହା ଏକଦା ୨୨୭ ଥିବା ବେଳେ ଗଠନ, ଆଧାର ଆଇନ, ଦ୍ରବ୍ୟ ଓ ସେବା କର ଆଇନ ଭଳି କେତେକ ସଂସ୍କାରବାଦୀ ଓ ପ୍ରଗତିଶୀଳ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏଥର ଆଉ କିଛି ଗୁରୁତ୍ୱପୂର୍ଣ୍ଣ ସଂସ୍କାରବାଦୀ ପଦକ୍ଷେପ ବଜେଟରେ ଗ୍ରହଣ କରାଯାଇଛି।

**ପାରମ୍ପରିକ କ୍ଷେତ୍ର :** କୃଷକଙ୍କ ସମସ୍ୟାକୁ ତିନିଟି ପର୍ଯ୍ୟାୟଭୁକ୍ତ କରାଯାଇପାରେ। ସେଗୁଡ଼ିକ ହେଲା ପ୍ରାକ୍ ଅମଳ, ଅମଳ ଓ ଅମଳ ପରବର୍ତ୍ତୀ ସମସ୍ୟା। ପ୍ରାକ୍ ଅମଳ ସମସ୍ୟାଗୁଡ଼ିକ ହେଲା ଋଣ, ସାର ଓ ଜଳସେଚନ। ଅମଳ ଜନିତ ସମସ୍ୟା ହେଲା ବନ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ଓ ବୀମା ସମସ୍ୟା, ଅମଳ ପରବର୍ତ୍ତୀ ସମସ୍ୟା ହେଲା ଦ୍ରବ୍ୟର ବଜାର, ଚାହିଦା, ମୂଲ୍ୟ ଓ ପରିବହନ। ଗତ ବଜେଟରେ ଜମି ମାଲିକାନା ବା ସ୍ୱତ୍ତ୍ୱଲିପିର ଡିଜିଟାଇଜେସନ, ଗ୍ରାମ୍ୟ ବିଦ୍ୟୁତ୍‌କରଣ, ଗ୍ରାମାଞ୍ଚଳରେ ଗଠନ ଆଦି ସମ୍ପର୍କରେ ଯେଉଁ ବ୍ୟବସ୍ଥା କରାଯାଇଛି ତାହା ଯଦି ଠିକଣା ଭାବେ କାର୍ଯ୍ୟକାରୀ ହୁଏ ତେବେ କୃଷି କ୍ଷେତ୍ରର ବିପଦ ଓ ଅନିଶ୍ଚିତତା ଅନେକାଂଶରେ ଦୂର ହୋଇପାରିବ। ଏ ବର୍ଷ ବଜେଟରେ କୃଷି ଋଣ ବାବଦ ବ୍ୟୟ ଗତବର୍ଷ ଅପେକ୍ଷା ଏକ ଲକ୍ଷ କୋଟି ଟଙ୍କା ବଢ଼ାଇ ୧୦ ଲକ୍ଷ କୋଟି ଟଙ୍କା କରାଯାଇଛି। କ୍ଷୁଦ୍ର ଜଳସେଚନ ପାଣ୍ଠି ଗଠନ ପାଇଁ ଅତିରିକ୍ତ ୨୦ ହଜାର କୋଟି ଟଙ୍କାର ବ୍ୟବସ୍ଥା ହୋଇଥିବାବେଳେ ଦଲାଲଙ୍କ ମନମୁଖୀ କାରବାରକୁ ବନ୍ଦ କରିବା ପାଇଁ ଜାତୀୟ ଇ-କୃଷି ମାର୍କେଟର ପରିସର ବୃଦ୍ଧି କରାଯାଇ ଏଥିରେ ୩୫୦ରୁ ଅଧିକ ପ୍ରାଥମିକ କୃଷି ସମବାୟ ବଜାରକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ବଜାର ସଂଖ୍ୟା ଏବେ ୫୮୫ରେ ପହଞ୍ଚିଛି। ଏହାଛଡ଼ା ଠିକା ଚାଷ, ଦୁଗ୍ଧ ଉତ୍ପାଦନ, ଫଳ ଓ ପନିପରିବା ଉତ୍ପାଦନକୁ ପ୍ରୋତ୍ସାହିତ କରିବାକୁ ଏକ

ଆଦର୍ଶ ଆଇନ ପ୍ରଣୟନ କରିବାର ନିଷ୍ପତ୍ତି ନିଆଯାଇଛି ।

**ଭିତ୍ତିଭୂମି କ୍ଷେତ୍ର :** ଆବଶ୍ୟକ ଭିତ୍ତିଭୂମିର ଅଭାବ ଭାରତରେ ଘରୋଇ ଓ ବିଦେଶୀ ପୁଞ୍ଜିନିବେଶ କ୍ଷେତ୍ରରେ ସବୁଠୁ ବଡ଼ ପ୍ରତିବନ୍ଧକ । ଏହି ପ୍ରତିବନ୍ଧକକୁ ଏଡ଼ାଇବା ପାଇଁ ବଜେଟରେ ସଡ଼କ, ବିଜୁଳି, ଡିଜିଟାଲ ଭିତ୍ତିଭୂମିର ବିକାଶ ଉପରେ ଆବଶ୍ୟକ ଗୁରୁତ୍ୱ ପ୍ରଦାନ କରାଯାଇଛି । ୨୦୧୮ ମଇ ପହିଲା ସୁଦ୍ଧା ଦେଶର ସବୁ ଗାଁକୁ ବିଜୁଳି ଶକ୍ତି ଯୋଗାଇ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ଦୀନଦୟାଲ ଗ୍ରାମ ଜ୍ୟୋତି ଯୋଜନାରେ ୪୮୧୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ୨୦୧୧ରୁ ୧୪ ପର୍ଯ୍ୟନ୍ତ ଦୈନିକ ୭୩ କିଲୋମିଟର ରାସ୍ତା ନିର୍ମାଣ କରାଯାଉଥିବାବେଳେ ୨୦୧୬-୧୭ରେ ଏହା ୧୩୩ କିମିରେ ପହଞ୍ଚିଛି । ଏହି ଯୋଜନା ପାଇଁ ଏଥର ବଜେଟରେ ୧୯ ହଜାର କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି । ରେଳବାଇ ପାଇଁ ମଧ୍ୟ ବ୍ୟୟ ବରାଦ ବଢ଼ିଛି ଓ ରେଳ ସଂପ୍ରସାରଣ ଯୋଜନା ନିମନ୍ତେ ୫୫ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସମୁଦାୟ ପରିବହନ କ୍ଷେତ୍ର ପାଇଁ ବଜେଟରେ ୨.୪୧ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ଏଥିରୁ ଭିତ୍ତିଭୂମି ବିକାଶ ପାଇଁ ସରକାରଙ୍କ ଆଗ୍ରହର ସ୍ପଷ୍ଟ ପ୍ରମାଣ ମିଳେ । ଏହି ଉଦ୍ୟୋଗରେ ବିପୁଳ ନିଯୁକ୍ତିର ସୁଯୋଗ ଅଛି । ଏହାଛଡ଼ା ଏହା ଅନ୍ୟାନ୍ୟ ଉଦ୍ୟୋଗକୁ ସଂଯୁକ୍ତ କରୁଥିବାରୁ ଏବାବଦରେ ବ୍ୟୟ ବୃଦ୍ଧି ସମାବେଶୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ ।

**ବଜେଟ ଓ ସ୍ଥୂଳ ଅର୍ଥନୀତି :** ଏଥର ବଜେଟର ଏକ ଗୁରୁତ୍ୱପୂର୍ଣ୍ଣ ନୀତିଗତ ନିଷ୍ପତ୍ତି ହେଲା ବିତ୍ତୀୟ ରାଜସ୍ୱ ନିଅଣ୍ଟକୁ ନିଶାଣ କରିବା । ଆନ୍ତର୍ଜାତିକ ରେଟିଂ ଏଜେନ୍ସୀଗୁଡ଼ିକର ଚାପ ପରିପ୍ରେକ୍ଷୀରେ ଭାରତ ସରକାର ନିଜର ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ପ୍ରଚଳିତ ଏଫ୍‌ଆରବିଏମ୍ ନିୟମ ଅନୁସାରେ ୩% ମଧ୍ୟରେ ସୀମିତ ରଖିବେ । ନୂଆ ଏଫ୍‌ଆରବିଏମ୍ (ଫିସ୍କାଲ ରେସ୍ପନ୍‌ସିବିଲିଟି ଆଣ୍ଡ ବଜେଟ ମ୍ୟାନେଜମେଣ୍ଟ) କମିଟି ପୁଞ୍ଜି ନିବେଶ ବଢ଼ାଇବା ଲକ୍ଷ୍ୟରେ ବିତ୍ତୀୟ ନୀତି ସମ୍ପର୍କରେ କିଛି ସୁପାରିଶ କରିଛନ୍ତି କି ନାହିଁ ତାହା ଜଣାନାହିଁ; କିନ୍ତୁ ବଜେଟରେ ନିଅଣ୍ଟ ଲକ୍ଷ୍ୟରେ ସାମାନ୍ୟ ପରିବର୍ତ୍ତନ କରାଯାଇ ଏହାକୁ ୩% ପରିବର୍ତ୍ତେ ୩.୨% କରାଯାଇଛି । ତେବେ ଏଠି ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ରାଜସ୍ୱ ନିଅଣ୍ଟ ଲକ୍ଷ୍ୟକୁ ୨.୩% ରୁ ୧.୯%କୁ ଖସାଇ ଅଣାଯାଇଛି ଏବଂ ପୁଞ୍ଜି ବ୍ୟୟ ଲକ୍ଷ୍ୟକୁ ୧.୧% ରୁ ୧.୩%କୁ ବୃଦ୍ଧି କରାଯାଇଛି । ଆମ ମତରେ ଏହା ସଂପ୍ରସାରଣବାଦୀ ହେଲେ ହେଁ ବିତ୍ତୀୟ ସୁଦୃଢ଼ୀକରଣ ବା ଏକୀକରଣ ଦୃଷ୍ଟିରୁ ଏହା ସ୍ଥିର ନିରନ୍ତର ।

ମଧ୍ୟମ ଅବଧି ଋଣ ସମ୍ପର୍କରେ ଏଫ୍‌ଆରବିଏମ୍ କମିଟି ୨୦୨୩ ପର୍ଯ୍ୟନ୍ତ ଯେଉଁ ୬୦% (କେନ୍ଦ୍ର ୪୦% ଓ ରାଜ୍ୟ ୨୦%) ନୀତି ସୁପାରିଶ କରିଥିବା ଅନୁମିତ ଦେଉଛି ତାହା ମଧ୍ୟମାବଧି ଅଭିବୃଦ୍ଧି ଏବଂ ବିକାଶ ଲକ୍ଷ୍ୟ ହାସଲ ଦିଗରେ ଯଥାର୍ଥ ବୋଲି ମନେହୁଏ ।

**ଅର୍ଥ ସଂଗ୍ରହଣ ପାଇଁ ନୀତି :** ଜିଏସ୍‌ଟି ଓ ବିମୁଦ୍ରାୟନ ପରେ ଟିକସ ପ୍ରଦାନକାରୀଙ୍କ ସଂଖ୍ୟା ବଢ଼ିବ ବୋଲି ଆଶା କରାଯାଉଥିଲା । ଏଥର ବଜେଟରେ ଟିକସ ରାଜସ୍ୱରେ ଯେଉଁ ସଂଖ୍ୟା ଆକଳନ କରାଯାଇଛି ତାହା ପଛରେ ଏହି ଆଶା ଓ ସମ୍ଭାବନା ନିହିତ । ଆକଳନ ଅନୁସାରେ ଟିକସ ରାଜସ୍ୱ ସଂଗ୍ରହ ଅଭିବୃଦ୍ଧି ୧.୪ ଶତାଂଶରୁ ଅଧିକ ହେବ । ୨୦୦୩-୦୭ ମଧ୍ୟରେ ଅନୁରୂପ ଟିକସ ରାଜସ୍ୱ ବୃଦ୍ଧି ଘଟିଥିଲା । ସେତେବେଳେ ଟିଆଇଏନ୍ ବା ଟିକସ ସୂଚନା ନେଟ୍‌ୱାର୍କ ପ୍ରବର୍ତ୍ତନ ପରେ

**ଟେବୁଲ -୨ ଭିତ୍ତିଭୂମି ପାଇଁ ଅର୍ଥ ବରାଦର ଧାରା**

| ବିଭିନ୍ନ କ୍ଷେତ୍ର | ୨୦୧୫-୧୬ | ୨୦୧୬-୧୭ ଆରଇ | ୨୦୧୭-୧୮ ବିଇ |
|---|---|---|---|
| ଏମ୍‌ଜିନରେଗା | ୩୮୫୦୦ | ୪୭୪୯୯ | ୪୮୦୦୦ |
| ପ୍ରଧାନମନ୍ତ୍ରୀ ଆବାସ ଯୋଜନା | ୨୦୦୭୫ | ୨୦୯୩୬ | ୨୯୦୪୩ |
| ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା | ୧୯୦୦୦ | ୧୯୦୦୦ | ୧୯୦୦୦ |
| ଅମୃତ | ୭୨୯୬ | ୯୫୫୯ | ୯୦୦୦ |
| ପ୍ରତିରକ୍ଷା ପାଇଁ ଅପଟିକାଲ ଫାଇବର ବ୍ୟବସ୍ଥା | ୨୭୧୦ | ୩୨୧୦ | ୩୦୦୦ |
| ଭାରତ ନେଟ | ୦ | ୬୦୦୦ | ୧୦୦୦୦ |
| ମେଟ୍ରୋ ପ୍ରକଳ୍ପ | ୧୦୦୦୦ | ୧୫୭୦୦ | ୧୮୦୦୦ |
| ଦୀନଦୟାଲ ଗ୍ରାମ ଜ୍ୟୋତି ଯୋଜନା | ୮୫୦୦ | ୭୮୭୪ | ୧୦୬୩୫ |
| ସାଗରମାଳା | ୪୫୦ | ୪୦୬ | ୬୦୦ଥ |
| ଗରିବଙ୍କ ଘରକୁ ରନ୍ଧନଗ୍ୟାସ ସଂଯୋଗ | ୨୦୦୦ | ୨୫୦୦ | ୨୫୦୦ |
| ରେଳବାଇ ପାଇଁ ବ୍ୟୟ ବରାଦ | ୩୦୧୨୧.୨ | ୩୫୦୦୭୯.୯ | ୫୫୦୦୦ |
| **ମୋଟ** | **୧୩୮୬୫୨.୨** | **୧୬୭୬୯୧.୯** | **୧୮୭୬୭୮ଥ** |

**ସୂତ୍ର : ବଜେଟ- ୨୦୧୭-୧୮ ଓ ପିଆଇବି**

ଅଧିକରୁ ଅଧିକ ଲୋକ କର ପୈଠ କରିଥିଲେ। ଅନ୍ୟାନ୍ୟ ପ୍ରାପ୍ତି ବା ଅସୁଲ ବାବଦରେ ୭୨୫୦୦ କୋଟି ଟଙ୍କା ମିଳିବ ବୋଲି ସରକାର ହିସାବ କରିଛନ୍ତି। ପୁଞ୍ଜି ପ୍ରାପ୍ତି (କ୍ୟାପିଟାଲ ରିସିପ୍ଟ) ମୁଖ୍ୟତଃ ବିଭିନ୍ନ ଉଦ୍ୟୋଗରୁ ସରକାରୀ ପୁଞ୍ଜି ପ୍ରତ୍ୟାହାରରୁ ଆସିବ ବୋଲି ଆଶା କରାଯାଉଥିଲେ ହେଁ ଏହା ସହଜ ହେବ ନାହିଁ। ବଜାରରୁ ଋଣ ଉଠାଇବା ଭଳି ପଦକ୍ଷେପ ନେବା ପରେ ମଧ୍ୟ ଆବଶ୍ୟକ ପୁଞ୍ଜି ସଂଗ୍ରହ କରିବାକୁ ସରକାରଙ୍କୁ ନିଜର ଗଚ୍ଛିତ ଅର୍ଥରୁ ଦୁଇ ଲକ୍ଷ କୋଟି ଟଙ୍କା ଆଣି ଗୁଜରାଣ ମେଣ୍ଟାଇବାକୁ ହେବ। ତେବେ ଏହା ଅର୍ଥନୀତିର କେତେକ ସର୍ତ୍ତ ଉପରେ ନିର୍ଭର କରେ। ଯଦି ନାମକୁ ମାତ୍ର ଜିଡିପି ଅଭିବୃଦ୍ଧି ହାର ୨୦୧୭-୧୮ ବର୍ଷରେ ୧୧.୭୫% ହୁଏ (ଯାହା ୨୦୧୬-୧୭ରେ ୧୧% ଥିଲା) ତେବେ ଯାଇ ଏହା ସମ୍ଭବ। ଜୁଲାଇ ପହିଲାରୁ ଜିଏସ୍‌ଟି ପ୍ରଚଳନ ହେବ ଏବଂ ତା' ଉପରେ ଏହା ନିର୍ଭର କରିବ।

ପ୍ରତ୍ୟେକ୍ଷ ଟିକସ କଥା ବିଚାର କରିବା। ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁସାରେ ଦେଶର ୧୦୦ ଲୋକଙ୍କ ମଧ୍ୟରୁ ମାତ୍ର ସାତଜଣ ଟିକସ ପୈଠ କରିଥାନ୍ତି। ତେଣୁ ଟିକସଦାତାଙ୍କ ସଂଖ୍ୟା ଓ ଟିକସ ପରିସର ବୃଦ୍ଧି କରିବା ପାଇଁ ସରକାର ବଜେଟରେ ଟିକସ ଭିତ୍ତିକୁ ନିମ୍ନ ଶ୍ରେଣୀରେ ୫ ଶତାଂଶ ହ୍ରାସ କରିଛନ୍ତି। ଆମ ମତରେ ଏହି ବ୍ୟବସ୍ଥା ଦ୍ୱାରା ଅଧିକ ଲୋକ ଟିକସ ପରିସରକୁ ଆସିବାର ସମ୍ଭାବନା ଥିଲେ ମଧ୍ୟ କାର୍ଯ୍ୟକାରୀ ଟିକସ ହାରରେ ଏହା ଅସ୍ଥିରତା ସୃଷ୍ଟି କରିବ। ରିଟର୍ଣ୍ଣ ଫାଇଲ ବ୍ୟବସ୍ଥାର ସରଳୀକରଣ ଓ ଇ-ଫାଇଲିଙ୍ଗ ବ୍ୟବସ୍ଥା ବଜେଟର ଆଉ କେତେକ ସଂସ୍କାରମୁଖୀ ପଦକ୍ଷେପ।

**ବ୍ୟାଙ୍କ ସଂକଟ ଓ ଏନ୍‌ପିଏ ପ୍ରସଙ୍ଗ :**
ନୀତିଗତ ସୁଧହାର ହ୍ରାସ ସତ୍ତ୍ୱେ ଭାରତରେ ଘରୋଇ ପୁଞ୍ଜିନିବେଶ ନ' ବଢ଼ିବାର ମୁଖ୍ୟ କାରଣ ହେଲା ବ୍ୟାଙ୍କ ଉଦ୍ୟୋଗରେ ସୃଷ୍ଟ ଦ୍ୱୈତ ବାଲାନ୍ସ ସିଟ୍ ସଂକଟ। ବିମୁଦ୍ରାୟନ ବ୍ୟବସ୍ଥା ପରେ ବ୍ୟାଙ୍କରେ ପ୍ରଚୁର ଅର୍ଥ ଶସ୍ତାରେ ଜମା ହେବାରୁ ଏହାଦ୍ୱାରା ବ୍ୟାଙ୍କ ବାଲାନ୍ସସିଟ୍ ସ୍ୱାଭାବିକ ହୋଇଥିବ। ଆହୁରି ମଧ୍ୟ ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସେମାନଙ୍କୁ ଅର୍ଥ ଯୋଗାଣ ସଂକ୍ରାନ୍ତ ବ୍ୟବସ୍ଥା ବଜେଟରେ କରାଯାଇଛି। ଗତବର୍ଷ ବ୍ୟାଙ୍କଗୁଡ଼ିକୁ ୨୫୦୦୦କୋଟି ଟଙ୍କା ଦିଆଯାଇଥିବା ବେଳେ ଏ ବର୍ଷ ବଜେଟରେ ୧୦ ହଜାର କୋଟି ଟଙ୍କା ଦେବାର ବ୍ୟବସ୍ଥା କରାଯାଇଛି। ସରକାରଙ୍କ ବିପୁଳ ଆର୍ଥିକ ସହାୟତା ସତ୍ତ୍ୱେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବା ସମ୍ଭାବନା କ୍ଷୀଣ। ଏହାର କାରଣ ହେଲା ସେମାନଙ୍କ ଅନାଦାୟ ପୁଞ୍ଜି (ଏନ୍‌ପିଏ) ପରିମାଣ ବହୁ ଅଧିକ। ବିପୁଳ ଋଣ ଆଦାୟ ହୋଇପାରୁ ନାହିଁ କିମ୍ବା ତା' ଉପରେ ସୁଧ ଆସୁନାହିଁ। ଏସବୁକୁ ଦୃଷ୍ଟିରେ ରଖି ଚଳିତ ବଜେଟରେ ବ୍ୟାଙ୍କରପ୍‌ସି କୋଡ୍, ଋଣ ଆଦାୟ ଟ୍ରାଇବ୍ୟୁନାଲ, 'ସରଫେସି' ଆଇନର ସଂଶୋଧନ, ବ୍ୟାଙ୍କ ବୋର୍ଡ ବ୍ୟୁରୋ ଗଠନ ଏବଂ ଇନ୍ଦ୍ରଧନୁଷ୍ କାର୍ଯ୍ୟକ୍ରମ ଭଳି ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏସବୁ ପଦକ୍ଷେପ ଦ୍ୱାରା ଦୀର୍ଘକାଳୀନ ଭିତ୍ତିରେ ବ୍ୟାଙ୍କ ଉଦ୍ୟୋଗ ଲାଭବାନ ହେବ ବୋଲି ଆଶା କରାଯାଏ।

**ବିମୁଦ୍ରାୟନ ଓ ବଜେଟ :** ବିମୁଦ୍ରାୟନ ପଦକ୍ଷେପ ପରେ ଦେଶର ଅର୍ଥନୀତିର କେତେକ କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ଅନୁଭୂତ ହୋଇଛି। ତଥ୍ୟ ଅନୁସାରେ ୨୦୧୬ ଡିସେମ୍ବର ସୁଦ୍ଧା ଅଟୋମୋବାଇଲ କ୍ଷେତ୍ରରେ କାରବାର ୧୮.୬୬ ଶତାଂଶ ହ୍ରାସ ପାଇଛି। ଦୁଇ ଚକିଆ ଓ ତିନି ଚକିଆ ଯାନ ଯାହା ମୁଖ୍ୟତଃ ନଗଦରେ କ୍ରୟ ବିକ୍ରୟ ହୋଇଥାଏ ତାହାର ବିକ୍ରି ଯଥାକ୍ରମେ ୨୨.୦୪ ଓ ୩୬.୨୩ ଶତାଂଶ କମିଛି। ନାଇଟ୍ ଫ୍ରାଙ୍କ୍ ତଥ୍ୟ ଅନୁସାରେ ରିୟଲ ଇଷ୍ଟେଟ କ୍ଷେତ୍ରରେ କୋଠାବାଡ଼ି ବିକ୍ରି ୨୦୧୬ର ଶେଷ ତିନି ମାସରେ ୫୦ ଶତାଂଶରୁ ଅଧିକ କମିଛି। ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁସାରେ ମୋଟ୍ ଘରୋଇ ଉତ୍ପାଦନ (ଜିଡିପି) ଅଭିବୃଦ୍ଧି ଉପରେ ବିମୁଦ୍ରାୟନର କୁପ୍ରଭାବ ୦.୨୫ ରୁ ଏକ ଶତାଂଶ ପଡ଼ିବ।

ଅନ୍ୟ ପକ୍ଷରେ ଜିଡିପି ଅଭିବୃଦ୍ଧିରେ ମନ୍ଥରତା ସତ୍ତ୍ୱେ ବିମୁଦ୍ରାୟନ ପରେ ଟିକସ ରାଜସ୍ୱ ପରିମାଣ ଉଲ୍ଲେଖନୀୟ ଭାବେ ବଢ଼ିଛି। କର୍ପୋରେଟ୍ ଟିକସ (୪.୪%), ଆୟକର (୨୪.୬%) କେନ୍ଦ୍ରୀୟ ଉତ୍ପାଦନ ଟିକସ (୪୩%) ସେବାକର (୨୩.୯%) ଏବଂ ସୀମାଶୁଳ୍କ (୪.୧%) ବୃଦ୍ଧି ପାଇଛି। ଏଥିରୁ ସୂଚିତ ହୁଏ ଯେ ବିମୁଦ୍ରାୟନ ପରେ ଟିକସ ପରିସର ବୃଦ୍ଧି ପାଇଛି। ପୂର୍ବରୁ କାରବାର ଉପରେ ସରକାରୀ ନିୟନ୍ତ୍ରଣ ରହୁନଥିବାରୁ ଏବଂ ସବୁ ଅର୍ଥ ଦେଣନେଣ ବ୍ୟାଙ୍କ ବ୍ୟବସ୍ଥା ମଧ୍ୟରେ ହେଉ ନଥିବାରୁ ଟିକସ ଫାଙ୍କି ହେଉଥିଲା। ଏବେ ପ୍ରାୟ ସବୁ ବଡ଼ କାରବାର ବା କ୍ରୟ ବିକ୍ରୟ ଉପରେ ସରକାରୀ ନଜର ରହୁଥିବାରୁ ଟିକସ ଫାଙ୍କିବା ବା ନ ଦେବା ସହଜ ହେଉନାହିଁ। ଅର୍ଥନୈତିକ ସର୍ଭେ ରିପୋର୍ଟ ଓ ଜାତୀୟ ପେମେଣ୍ଟ କର୍ପୋରେସନର ରିପୋର୍ଟ ଅନୁସାରେ ରୁପେ ଭିତ୍ତିକ ଇଲେକଟ୍ରୋନିକ୍ସ କାରବାର ୧୩ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ପିଏସ୍‌ଓ କାରବାର ୨୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସେହିଭଳି ଇ-କମର୍ସ ପରିମାଣରେ ୩୦୦ ରୁ ୪୦୦ ପ୍ରତିଶତ ବୃଦ୍ଧି ଘଟିଛି। ଏହା ସତ୍ତ୍ୱେ ସାଧାରଣ ମତ ହେଲା ଯେ ପର୍ଯ୍ୟନ୍ତ ନଗଦ ଅର୍ଥରେ କାରବାର ସମ୍ପୂର୍ଣ୍ଣ ବନ୍ଦ ନ'ହୋଇଛି ସେଯାଏ କଳାଧନକୁ ରୋକିବା ସମ୍ଭବ ନୁହେଁ।

**ଡିଜିଟାଲ ଅର୍ଥନୀତି :** ଦେଶ କ୍ରମଶଃ ଏକ ସ୍ୱଳ୍ପ ନଗଦ ଅର୍ଥନୀତି ଆଡ଼କୁ ମୁହାଁଉଥିବାରୁ ଏଥିପାଇଁ ସରକାର ନଗଦମୁକ୍ତ ଦେଣନେଣ ବ୍ୟବସ୍ଥା ପାଇଁ ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଭାରତ ଆଗରେ ଏଥି ପାଇଁ ତିନିଟି ପ୍ରମୁଖ ପ୍ରତିବନ୍ଧକ ରହିଛି। ସେଗୁଡ଼ିକ ହେଲା - ସାଇବର ନିରାପତ୍ତା, ଡିଜିଟାଲ ଭିତ୍ତିଭୂମି ଓ ଡିଜିଟାଲ କାରବାର ବାବଦ ଦେୟ। ବଜେଟରେ ଏହି ତିନି ପ୍ରସଙ୍ଗ ମଧ୍ୟରୁ ପ୍ରଥମ ଦୁଇଟି ଉପରେ ଗୁରୁତ୍ୱ ଦିଆଯାଇଛି ଏବଂ ଏହା ଏକ ଉଚିତ ପଦକ୍ଷେପ। ସାଇବର ନିରାପତ୍ତା ନ'ରହିଲେ ଦେଶର ଆର୍ଥିକ ଭିତ୍ତିଭୂମି ନଷ୍ଟଭ୍ରଷ୍ଟ ହୋଇଯିବ ଓ ଡିଜିଟାଲ ଅର୍ଥନୀତି ବିଫଳ ହେବା ସହ ଲୋକେ ତଳିତଳାନ୍ତ ହୋଇଯିବେ। ଡିଜିଟାଲ ଭିତ୍ତିଭୂମି ନିର୍ମାଣ ପାଇଁ ସରକାର ଅବଶ୍ୟ ନାନାବିଧ ବ୍ୟବସ୍ଥା ବଜେଟରେ ଗ୍ରହଣ କରିଛନ୍ତି।

**ଉପସଂହାର :** ଉପସଂହାରରେ ଏତିକି କୁହାଯାଇପାରେ ଯେ ଏକ ଅସ୍ଥିର ବାହ୍ୟ ଓ ଆଭ୍ୟନ୍ତରୀଣ ଆର୍ଥିକ ପରିବେଶରେ ସୃଷ୍ଟ ଅନେକ ପ୍ରସଙ୍ଗର ସମାଧାନ ପାଇଁ ଚଳିତ ବଜେଟରେ ପ୍ରୟାସ କରାଯାଇଛି ଏବଂ ଅଭିବୃଦ୍ଧିକୁ ବଢ଼ାଇବାକୁ ସରକାର ପଦକ୍ଷେପ ନେଇଛନ୍ତି।

ଲେଖକଦ୍ୱୟ ନୂଆଦିଲ୍ଲୀ ସ୍ଥିତ ଜାତୀୟ ପବ୍ଲିକ ଫାଇନାନ୍ସ ଓ ପଲିସି ପ୍ରତିଷ୍ଠାନରେ କାର୍ଯ୍ୟରତ। ଲେଖାରେ ପ୍ରକାଶିତ ମତାମତ ସେମାନଙ୍କର ବ୍ୟକ୍ତିଗତ ମତ।

# ବାସ୍ତବବାଦୀ କେନ୍ଦ୍ରୀୟ ବଜେଟ-୨୦୧୭

**ପ୍ରଫେସର ଚରଣ ସିଂହ**

**ବ**ଜେଟ ଆର୍ଥିକ ନୀତିର ଏକ ପ୍ରମୁଖ ଅଙ୍ଗ। ଏକ ବୃହତ୍ ଆର୍ଥିକ ନୀତିର ପ୍ରମୁଖ ଲକ୍ଷ୍ୟ ହେଲା ବିତ୍ତୀୟ ଓ ଆର୍ଥିକ ବା ମୁଦ୍ରା ନୀତି ଦ୍ୱାରା ନିରନ୍ତର ଅଭିବୃଦ୍ଧି ହାସଲ କରିବା। ବିତ୍ତୀୟ ନୀତିର ପ୍ରମୁଖ ଲକ୍ଷ୍ୟ ହେଲା ନିଯୁକ୍ତିର ପରିସର ବୃଦ୍ଧି କରିବା ସହ ନିରନ୍ତର ଅଭିବୃଦ୍ଧି ନିଶ୍ଚିତ କରିବା। ମୁଦ୍ରାନୀତିର ପ୍ରଧାନଲକ୍ଷ୍ୟ ହେଲା ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା ସହ ଅର୍ଥନୀତିର ବିକାଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା। ଅଭିବୃଦ୍ଧି ଓ ନିଯୁକ୍ତି ବଢ଼ାଇବା ଲକ୍ଷ୍ୟରେ ବିତ୍ତୀୟ ନୀତିରେ ବିଭିନ୍ନ ବିଷୟ ଉପରେ ଗୁରୁତ୍ୱ ଦିଆଯାଇଥାଏ ଯାହା ଅର୍ଥନୀତିକୁ ପ୍ରୋତ୍ସାହିତ କରିଥାଏ। ସେଥିମଧ୍ୟରୁ ଶିକ୍ଷା, ଦକ୍ଷତା ଓ କୁଶଳତା ବୃଦ୍ଧି, ସୁସ୍ଥ ଓ କର୍ମଠ ଲୋକଶକ୍ତି ପ୍ରସ୍ତୁତି, ଦକ୍ଷ ସରକାରୀ ଚିକିତ୍ସାଳୟ, ବେପାର ବଣିଜ ପାଇଁ ଆବଶ୍ୟକ ମୌଳିକ ଭିତ୍ତିଭୂମି, ସମ୍ପତ୍ତିର ସୁରକ୍ଷା ପାଇଁ ସମର୍ପିତ ନିରାପତ୍ତା ବାହିନୀ, ପ୍ରଶାସନିକ ଓ ନ୍ୟାୟିକ ବ୍ୟବସ୍ଥା ଆଦି ଅନ୍ୟତମ।

ଏସବୁ ଅତ୍ୟାବଶ୍ୟକ ଖର୍ଚ୍ଚ ପାଇଁ ସରକାର ବିଭିନ୍ନ ଟିକସ ବ୍ୟବସ୍ଥା ଜରିଆରେ ଆବଶ୍ୟକ ସମ୍ବଳ ସଂଗ୍ରହ କରିଥାନ୍ତି। ଆବଶ୍ୟକ ପଡ଼ିଲେ ସରକାର ମଧ୍ୟ ସ୍ୱଳ୍ପ ଓ ଦୀର୍ଘ ମିଆଦି ଋଣ ଘରୋଇ ଓ ବାହ୍ୟ କ୍ଷେତ୍ରରୁ କରିଥାନ୍ତି। ସରକାର ଯେଉଁସବୁ ଉପାୟରେ ଆବଶ୍ୟକ ସମ୍ବଳ ସଂଗ୍ରହ ଓ ବ୍ୟୟ କରନ୍ତି ତାହାର ପ୍ରଭାବ ଲୋକଙ୍କ ଉପଭୋଗ, କାର୍ଯ୍ୟ, ସଂଚୟ, ଆମୋଦପ୍ରମୋଦ ଓ ନିବେଶ ଆଦି ଉପରେ ପଡ଼ିଥାଏ। ଏ ସମସ୍ତ ବିଷୟ ବିତ୍ତୀୟ ନୀତିର ଅନ୍ତର୍ଭୁକ୍ତ।


ଏକ ଅତ୍ୟନ୍ତ ଜଟିଳ ଆଭ୍ୟନ୍ତରୀଣ ତଥା ଆନ୍ତର୍ଜାତିକ ପରିସ୍ଥିତି ମଧ୍ୟରେ ଚଳିତ ବର୍ଷର କେନ୍ଦ୍ରୀୟ ବଜେଟ ଉପସ୍ଥାପିତ ହୋଇଛି। ୨୦୧୬ ନଭେମ୍ବର ଆଠରେ ଗ୍ରହଣ କରାଯାଇଥିବା ବିମୁଦ୍ରାୟନ ପଦକ୍ଷେପର ପ୍ରଭାବ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଯାଇ ନାହିଁ। ବିମୁଦ୍ରାୟନ ବ୍ୟବସ୍ଥାରେ କେତେ ଅଚଳ ଟଙ୍କା ବ୍ୟାଙ୍କ ବ୍ୟବସ୍ଥାକୁ ଫେରିଛି ତାହାର ହିସାବ ମଧ୍ୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଚୂଡ଼ାନ୍ତ ଭାବେ କୁହାଯାଇନାହିଁ। ବିମୁଦ୍ରାୟନର କୁପ୍ରଭାବ ଭାରତୀୟ ଶିଳ୍ପ ବାଣିଜ୍ୟ ଉପରେ କେତେ ମାତ୍ରାରେ ପଡ଼ିଛି ତାହାର ମଧ୍ୟ ସବିଶେଷ ତଥ୍ୟ ମିଳିନାହିଁ। ଏହା ସହିତ ସ୍ୱାଧୀନ ଭାରତର ସବୁଠୁ ବଡ଼ ଟିକସ ସଂସ୍କାର ବ୍ୟବସ୍ଥା ଜିଏସ୍‌ଟିକୁ ସରକାର କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ବିଶ୍ୱର ଅର୍ଥନୀତି ଏବେ ମାନ୍ଦାବସ୍ଥା ଦେଇ ଗତି କରୁଛି। ତୈଳ ଦର ବଢୁଛି ଏବଂ ବିଭିନ୍ନ ରାଷ୍ଟ୍ର ବାଣିଜ୍ୟ କ୍ଷେତ୍ରରେ ସୁରକ୍ଷାବାଦୀ ପଦକ୍ଷେପମାନ ଗ୍ରହଣ କରୁଛନ୍ତି। ଆମେରିକାରେ ବିଶ୍ୱାୟନ ନୀତିର ଆଦର୍ଶରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଥିବା ବେଳେ ବ୍ରିଟେନ ୟୁରୋପୀୟ ସଂଘରୁ ଓହରି ଯାଇଛି। ଏଭଳି ଏକ ପ୍ରତିକୂଳ ଅବସ୍ଥାରେ ଭାରତର ଆର୍ଥିକ ଅଭିବୃଦ୍ଧିର ପରିକଳ୍ପନା ସହଜ କଥା ନୁହେଁ।

ଚଳିତ ବଜେଟର ମୁଖ୍ୟ କାର୍ଯ୍ୟସୂଚୀ ହେଲା ପରିବର୍ତ୍ତନ, ସଶକ୍ତୀକରଣ ଓ ସ୍ୱଚ୍ଛ ଭାରତ। ସମଗ୍ର ବଜେଟର ବିଷୟ ବସ୍ତୁକୁ ୧୦ଟି ପ୍ରମୁଖ ଭାଗରେ ବିଭକ୍ତ କରାଯାଇ ତା' ଉପରେ ଗୁରୁତ୍ୱ ଦିଆଯାଇଛି। ଏସବୁ ହେଲା, କୃଷକ ଓ କୃଷି କ୍ଷେତ୍ର, ଗ୍ରାମାଞ୍ଚଳ ଓ ସେଠାକାର ଲୋକଙ୍କ ବିକାଶ, ଯୁବବର୍ଗଙ୍କ ସ୍ୱାର୍ଥରକ୍ଷା, ଦରିଦ୍ର ଓ ଅବହେଳିତଙ୍କ ବିକାଶ, ଭିତ୍ତିଭୂମି, ଆର୍ଥିକ ଉଦ୍ୟୋଗ, ଡିଜିଟାଲ ଅର୍ଥନୀତି, ବିଜ୍ଞ ବିତ୍ତୀୟ ପରିଚାଳନା ଓ ଟିକସ ପ୍ରଶାସନ।

ଆମେରିକାରେ ବିଶ୍ୱାୟନ ନୀତିର ଆଦର୍ଶରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଥିବା ବେଳେ ବ୍ରିଟେନ ୟୁରୋପୀୟ ସଂଘରୁ ଓହରି ଯାଇଛି। ଏଭଳି ଏକ ପ୍ରତିକୂଳ ଅବସ୍ଥାରେ ଭାରତର ଆର୍ଥିକ ଅଭିବୃଦ୍ଧିର ପରିକଳ୍ପନା ସହଜ କଥା ନୁହେଁ। ଚଳିତ ବଜେଟର ମୁଖ୍ୟ କାର୍ଯ୍ୟସୂଚୀ ହେଲା ପରିବର୍ତ୍ତନ, ସଶକ୍ତୀକରଣ ଓ ସ୍ୱଚ୍ଛ ଭାରତ। ସମଗ୍ର ବଜେଟର ବିଷୟ ବସ୍ତୁକୁ ୧୦ଟି ପ୍ରମୁଖ ଭାଗରେ ବିଭକ୍ତ କରାଯାଇ ତା' ଉପରେ ଗୁରୁତ୍ୱ ଦିଆଯାଇଛି। ଏସବୁ ହେଲା, କୃଷକ ଓ କୃଷି କ୍ଷେତ୍ର, ଗ୍ରାମାଞ୍ଚଳ ଓ ସେଠାକାର ଲୋକଙ୍କ ବିକାଶ, ଯୁବବର୍ଗଙ୍କ ସ୍ୱାର୍ଥରକ୍ଷା, ଦରିଦ୍ର ଓ ଅବହେଳିତଙ୍କ ବିକାଶ, ଭିତ୍ତିଭୂମି, ଆର୍ଥିକ ଉଦ୍ୟୋଗ, ଡିଜିଟାଲ ଅର୍ଥନୀତି, ବିଜ୍ଞ ବିତ୍ତୀୟ ପରିଚାଳନା ଓ ଟିକସ ପ୍ରଶାସନ।

**ବିତ୍ତୀୟ ଦୃଢ଼ୀକରଣ** : ଅସୁବିଧା ସତ୍ତ୍ୱେ ବଜେଟରେ ବିତ୍ତୀୟ ଦୃଢ଼ୀକରଣ ନୀତି ଅବଲମ୍ବନ କରାଯାଇଛି ଏବଂ ସମସ୍ତ ପ୍ରକାର ନିଅଣ୍ଟକୁ ହ୍ରାସ କରାଯାଇଛି ।

ଚାର୍ଟ - ୧ (ପ୍ରମୁଖ ନିଅଣ୍ଟ)




ମୋଟ ବିତ୍ତୀୟ ନିଅଂଟ - ପ୍ରାଥମିକ ନିଅଂଟ - ରାଜସ୍ୱ ନିଅଂଟ

**ସୂତ୍ର :** କେନ୍ଦ୍ରୀୟ ବଜେଟ, ଭାରତ ସରକାର - ୨୦୧୭-୧୮

ସରକାର ସଫଳତାର ସହ ରାଜସ୍ୱ ନିଅଣ୍ଟକୁ ହ୍ରାସ କରିବା ସହ ମୋଟ ବିତ୍ତୀୟ ନିଅଣ୍ଟକୁ କମାଇପାରିଛନ୍ତି । ତେବେ, ପୁଞ୍ଜିଗତ ବ୍ୟୟ, ଜିଡିପିର ଶତାଂଶ ଅନୁସାରେ କମ୍ ରହିଛି ଏବଂ ରାଜସ୍ୱ ବ୍ୟୟ ରାଜସ୍ୱ ଆୟଠାରୁ ଯଥେଷ୍ଟ ବୃଦ୍ଧି ପାଇଛି (ଟେବୁଲ-୧)

**ଟେବୁଲ-୧ : କେନ୍ଦ୍ରୀୟ ବଜେଟର ସାରାଂଶ (ଡି.ଜି.ପି.ର ପ୍ରତିଶତ ଭାବରେ)**

| ଆୟ | ୨୦୧୬-୧୭ (ଆରଇ) | ୨୦୧୭-୧୮ (ବିଇ) | ବ୍ୟୟ | ୨୦୧୬-୧୭ (ଆରଇ) | ୨୦୧୭-୧୮ (ବିଇ) |
|---|---|---|---|---|---|
| ରାଜସ୍ୱ ଆୟ | ୯.୪ | ୯.୦ | ରାଜସ୍ୱ ବ୍ୟୟ | ୧୧.୫ | ୧୦.୯ |
| ରାଜସ୍ୱ ବ୍ୟୟ ବିଯୁକ୍ତ ରାଜସ୍ୱ ଆୟ = ରାଜସ୍ୱ ନିଅଂଟ | | | | ୨.୧ | ୧.୯ |
| ପୁଞ୍ଜିଗତ ପ୍ରାପ୍ତ | ୩.୯ | ୩.୮ | ପୁଞ୍ଜିଗତ ବ୍ୟୟ | ୧.୯ | ୧.୮ |
| ମୋଟ ବ୍ୟୟ ବିଯୁକ୍ତ ରାଜସ୍ୱ ପ୍ରାପ୍ତି = ମୋଟ ନିଅଂଟ | | | | ୩.୫ | ୩.୨ |

**ଉତ୍ସ - କେନ୍ଦ୍ରୀୟ ବଜେଟ - ୨୦୧୭-୧୮**

ଦେଶରେ ଯୋଜନା ଆରମ୍ଭ କାଳରୁ ହୋଇଆସୁଥିବା ଦାରା ବିଶ୍ଳେଷଣ (ଟ୍ରେଣ୍ଡ ଆନାଲିସିସ୍)ରୁ ଏହା ପ୍ରତୀୟମାନ ହୁଏ ଯେ ପୁଞ୍ଜି ବ୍ୟୟ ଯାହା ଅନ୍ୟାନ୍ୟ ବ୍ୟୟ କ୍ଷେତରେ ଏକ ନିରାପଦ ସକ୍ ଅବଜରଭର୍ ଭାବେ କାର୍ଯ୍ୟକରେ ତାହା ୧୯୬୦ ଦଶକରୁ କମିକମି ଯାଉଛି (ଟେବୁଲ-୨)

**ଟେବୁଲ -୨ ଜିଡିପି ଅନୁସାରେ ରାଜସ୍ୱ ଓ ପୁଞ୍ଜି ଆକାଉଣ୍ଟର ବିଭିନ୍ନ ଅଂଶ**

| ବର୍ଷ | ରାଜସ୍ୱ ପ୍ରାପ୍ତି | ପୁଞ୍ଜି ପ୍ରାପ୍ତି | ରାଜସ୍ୱ ବ୍ୟୟ | ପୁଞ୍ଜି ବ୍ୟୟ |
|---|---|---|---|---|
| ୧୯୫୦-୫୧ | ୩.୯୦ | ୧.୧୬ | ୩.୩୪ | ୧.୭୬ |
| ୧୯୬୦-୬୧ | ୪.୮୯ | ୬.୪୪ | ୪.୬୦ | ୫.୭୪ |
| ୧୯୭୦-୭୧ | ୬.୯୧ | ୪.୨୯ | ୬.୫୭ | ୫.୨୪ |
| ୧୯୮୦-୮୧ | ୮.୨୭ | ୫.୨୯ | ୯.୬୩ | ୫.୫୯ |

| | | | | |
|---|---|---|---|---|
| ୧୯୯୦-୯୧ | ୯.୩୭ | ୬.୬୫ | ୧୨.୫୪ | ୫.୪୨ |
| ୨୦୦୦-୦୧ | ୮.୮୫ | ୬.୧୬ | ୧୨.୭୬ | ୨.୧୯ |
| ୨୦୧୦-୧୧ | ୧୦.୧୩ | ୫.୧୭ | ୧୩.୨୭ | ୨.୦୧ |
| ୨୦୧୧-୧୨ | ୮.୬୦ | ୬.୫୧ | ୧୩.୧୨ | ୧.୮୨ |
| ୨୦୧୨-୧୩ | ୮.୮୪ | ୫.୮୫ | ୧୨.୫୦ | ୧.୬୮ |
| ୨୦୧୩-୧୪ | ୯.୦୦ | ୫.୦୦ | ୧୨.୧୭ | ୧.୬୬ |
| ୨୦୧୪-୧୫ | ୮.୮୨ | ୩.୮୮ | ୧୧.୭୫ | ୧.୫୭ |
| ୨୦୧୫-୧୬ | ୮.୭୫ | ୩.୯୭ | ୧୧.୨୬ | ୧.୮୫ |
| ୨୦୧୬-୧୭ (ଆରଇ) | ୯.୪୪ | ୩.୯୨ | ୧୧.୫୧ | ୧.୮୬ |
| ୨୦୧୭-୧୮ (ବିଇ) | ୯.୦୦ | ୩.୭୫ | ୧୦.୯୦ | ୧.୮୪ |

**ଉତ୍ସ ୧ - ହାଣ୍ଡବୁକ୍ ଅଫ୍ ଷ୍ଟାଟିଷ୍ଟିକ୍ସ ଅନ୍ ଇଣ୍ଡିଆନ୍ ଇକୋନମି (ଭାରତୀୟ ରିଜର୍ଭ ବ୍ୟାଙ୍କ) ୨ - କେନ୍ଦ୍ରୀୟ ବଜେଟ - ୨୦୧୭-୧୮**

ରାଜସ୍ୱ ଖାତାରେ ସୁଧ ପରିଶୋଧ, ସବ୍‌ସିଡି ଓ ପେନ୍‌ସନ୍ ବାବଦ ଦେୟ ପରିମାଣ ରାଜସ୍ୱ ପ୍ରାପ୍ତିର ଅଧାରୁ ଅଧିକ - (ଟେବୁଲ-୩)

**ଟେବୁଲ - ୩ : ରାଜସ୍ୱ ବଜେଟ (ଜିଡିପିର ଶତାଂଶ ଅନୁସାରେ)**

| **ରାଜସ୍ୱ ପ୍ରାପ୍ତ** | | | **ରାଜସ୍ୱ ବ୍ୟୟ** | | |
|---|---|---|---|---|---|
| ବିଭିନ୍ନ ଟିକସ | ୨୦୧୬-୧୭ (ଆରଇ) | ୨୦୧୭-୧୮ (ବିଇ) | ବିଭିନ୍ନ ବାବଦ | ୨୦୧୬-୧୭ (ଆରଇ) | ୨୦୧୭-୧୮ (ବିଇ) |
| କର୍ପୋରେସନ ଟିକସ | ୩.୩ | ୩.୨ | ସୁଧ ପରିଶୋଧ | ୩.୨ | ୩.୧ |
| ଆୟକର | ୨.୩ | ୨.୬ | ସବ୍‌ସିଡି (ରିଆତି) | ୧.୭ | ୧.୬ |
| ସୀମାଶୁଳ୍କ | ୧.୪ | ୧.୫ | ପେନ୍‌ସନ୍ | ୦.୯ | ୦.୮ |
| କେନ୍ଦ୍ରୀୟ ଉତ୍ପାଦନ ଟିକସ | ୨.୬ | ୨.୪ | | | |
| ସେବା କର | ୧.୬ | ୧.୬ | | | |
| ଲାଭାଂଶ ଓ ଲାଭ | ୧.୦ | ୦.୮ | | | |
| ମୋଟ୍ | ୯.୪ | ୯.୦ | ମୋଟ୍ | ୧୧.୫ | ୧୦.୯ |

**ଉତ୍ସ : କେନ୍ଦ୍ରୀୟ ବଜେଟ - ୨୦୧୭-୧୮**

ରାଜସ୍ୱ ଧାରା ବିଶ୍ଳେଷଣ ଅନୁସାରେ ୧୯୭୦-୭୧ରୁ ଅଣଟିକସ ରାଜସ୍ୱ ଓ ଲାଭାଂଶ ଆୟ ଏକ ପ୍ରକାର ସ୍ଥିର ରହିଥିବାବେଳେ ଟିକସ ରାଜସ୍ୱ କ୍ଷେତ୍ରରେ ଅଭିବୃଦ୍ଧି କୁଣ୍ଠିତ ରହିଛି । (ଟେବୁଲ -୪)

**ଟେବୁଲ - ୪ - ବଛାବଛା ବିତ୍ତୀୟ ସୂଚକାଙ୍କ (ଜିଡିପିର ଶତାଂଶ ଅନୁସାରେ)**

| **ବର୍ଷ** | **ନିଟ୍ ଟିକସ** | **ଅଣଟିକସ ରାଜସ୍ୱ** | **ରାଜସ୍ୱ ପ୍ରାପ୍ତି** |
|---|---|---|---|
| ୧୯୭୦-୭୧ | ୫.୨ | ୧.୮ | ୬.୯ |
| ୧୯୮୦-୮୧ | ୬.୩ | ୨.୦ | ୮.୩ |
| ୧୯୯୦-୯୧ | ୭.୩ | ୨.୦ | ୯.୪ |
| ୨୦୦୦-୦୧ | ୬.୩ | ୨.୬ | ୮.୯ |
| ୨୦୧୪-୧୫ | ୭.୨ | ୧.୬ | ୮.୮ |
| ୨୦୧୫-୧୬ | ୬.୯ | ୧.୮ | ୮.୮ |
| ୨୦୧୬-୧୭ (ଆରଇ) | ୭.୨ | ୨.୨ | ୯.୪ |
| ୨୦୧୭-୧୮ (ବିଇ) | ୭.୩ | ୧.୭ | ୯.୦ |

**ସୂତ୍ର : କେନ୍ଦ୍ରୀୟ ବଜେଟ - ୨୦୧୭-୧୮**

**ବିଭିନ୍ନ ଦେଶ ସହ ତୁଳନାତ୍ମକ ହିସାବ :**

ଭାରତ ତାହାର ବିଭିନ୍ନ ସମସ୍ୟା ସତ୍ତ୍ୱେ ବିଶ୍ୱ ଅର୍ଥନୀତିରେ ଭଲ ପ୍ରଦର୍ଶନ କରିବାକୁ ଉଦ୍ୟତ। କାରଣ ଏଥିପାଇଁ ତାହାର ଆର୍ଥିକ ବ୍ୟବସ୍ଥା ଯଥେଷ୍ଟ ସୁଯୋଗ ଦେଉଛି। (ଟେବୁଲ-୫)

**ଟେବୁଲ - ୫ : ଜିଡିପିର ଶତାଂଶ ଅନୁସାରେ ମୋଟ୍ ଋଣ**

| ଦେଶ | ୨୦୧୩ | ୨୦୧୪ | ୨୦୧୫ | ୨୦୧୬ | ୨୦୧୭ | ୨୦୧୮ | ୨୦୧୯ | ୨୦୨୦ | ୨୦୨୧ |
|---|---|---|---|---|---|---|---|---|---|
| ବ୍ରାଜିଲ | ୬୦.୪ | ୬୩.୩ | ୭୩.୭ | ୭୮.୩ | ୮୨.୪ | ୮୫.୨ | ୮୭.୯ | ୯୦.୮ | ୯୩.୬ |
| ଚୀନ୍ | ୩୬.୯ | ୩୯.୮ | ୪୨.୯ | ୪୬.୩ | ୪୯.୯ | ୫୨.୬ | ୫୪.୬ | ୫୬.୧ | ୫୭.୨ |
| ଫ୍ରାନ୍ସ | ୯୨.୪ | ୯୫.୩ | ୯୬.୧ | ୯୭.୨ | ୯୭.୮ | ୯୭.୯ | ୯୭.୪ | ୯୫.୯ | ୯୩.୮ |
| ଜର୍ମାନୀ | ୭୭.୧ | ୭୪.୫ | ୭୧.୦ | ୬୮.୨ | ୬୫.୯ | ୬୩.୬ | ୬୧.୧ | ୫୮.୯ | ୫୬.୭ |
| ଭାରତ | ୬୮.୦ | ୬୮.୩ | ୬୯.୧ | ୬୮.୫ | ୬୭.୨ | ୬୫.୬ | ୬୩.୫ | ୬୧.୪ | ୫୯.୨ |
| ଇଣ୍ଡୋନେସିଆ | ୨୪.୮ | ୨୪.୭ | ୨୭.୩ | ୨୭.୫ | ୨୮.୨ | ୨୯.୨ | ୨୯.୯ | ୩୦.୪ | ୩୦.୯ |
| ଜାପାନ | ୨୪୪.୫ | ୨୪୯.୧ | ୨୪୮.୦ | ୨୫୦.୪ | ୨୫୩.୦ | ୨୫୪.୯ | ୨୫୪.୭ | ୨୫୪.୫ | ୨୫୩.୯ |
| ରୁଷିଆ | ୧୩.୧ | ୧୫.୯ | ୧୬.୪ | ୧୭.୧ | ୧୭.୯ | ୧୮.୬ | ୧୯.୧ | ୧୮.୯ | ୧୮.୫ |
| ଦକ୍ଷିଣ ଆଫ୍ରିକା | ୪୪.୦ | ୪୬.୯ | ୪୯.୮ | ୫୧.୭ | ୫୩.୩ | ୫୪.୬ | ୫୫.୪ | ୫୫.୯ | ୫୬.୨ |
| ବ୍ରିଟେନ | ୮୬.୦ | ୮୭.୯ | ୮୯.୦ | ୮୯.୦ | ୮୮.୮ | ୮୮.୬ | ୮୬.୬ | ୮୪.୩ | ୮୨.୧ |
| ଆମେରିକା | ୧୦୪.୬ | ୧୦୪.୬ | ୧୦୫.୨ | ୧୦୮.୨ | ୧୦୮.୪ | ୧୦୭.୯ | ୧୦୭.୮ | ୧୦୭.୯ | ୧୦୮.୩ |

**ଟେବୁଲ୍ - ୬ : ବଜେଟର ତାତ୍ପର୍ଯ୍ୟ**

| କେଉଁ ବାବଦରେ କେତେ | ଅଭିବୃଦ୍ଧି | ନିଯୁକ୍ତି | ଉପଭୋଗ | ବିନିଯୋଗ |
|---|---|---|---|---|
| ୧୦ ଲକ୍ଷ କୋଟି ଟଙ୍କାର କୃଷି ଋଣ | ହଁ | | | ହଁ |
| ଦୀର୍ଘ ମିଆଦି ଜଳସେଚନ ପାଣ୍ଠି ପାଇଁ ୪୦ ହଜାର କୋଟି | ହଁ | | | ହଁ |
| ମନରେଗା ବାବଦରେ ୪୮ ହଜାର କୋଟି ଟଙ୍କା | ହଁ | ହଁ | ହଁ | |
| ଗ୍ରାମ ସଡ଼କ ଯୋଜନାରେ ୨୭ହଜାର କୋଟି ଟଙ୍କା | ହଁ | ହଁ | | ହଁ |
| ଆବାସ ଯୋଜନା ପାଇଁ ୨୩ ହଜାର କୋଟି ଟଙ୍କା | ହଁ | ହଁ | | ହଁ |
| ରେଳବାଇ ୧.୩ ଲକ୍ଷ କୋଟି ଟଙ୍କା | ହଁ | ହଁ | | ହଁ |
| ସଡ଼କ କ୍ଷେତ୍ର ରାଜପଥ ନିମନ୍ତେ ୬୪୯୦୦ କୋଟି | ହଁ | ହଁ | | ହଁ |
| ପରିବହନ ଉଦ୍ୟୋଗ ୨.୪ ଲକ୍ଷ କୋଟି | ହଁ | ହଁ | | ହଁ |
| ମୁଦ୍ରାଯୋଜନା ଲକ୍ଷ୍ୟ ୨.୪ ଲକ୍ଷ କୋଟି | ହଁ | ହଁ | | ହଁ |

**ସୂତ୍ର କେନ୍ଦ୍ରୀୟ ବଜେଟ - ୨୦୧୭-୧୮**

**ନିର୍ବାଚିତ କେତେକ ପ୍ରସଙ୍ଗ :** କେନ୍ଦ୍ରୀୟ ବଜେଟ କେବଳ ଆୟ ବ୍ୟୟର ଏକ ବିବରଣୀ ନୁହେଁ; ଏହା ବିତ୍ତୀୟ ନୀତିର ଏକ ପ୍ରମୁଖ ନୀତି ନିର୍ଦ୍ଧାରଣକାରୀ ଦସ୍ତାବିଜ୍। ଏଥର ବଜେଟରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏଥିରେ ଉପସ୍ଥାପିତ ହୋଇଛି।

**ଅଣଟିକସ ଅନୁବୃତ୍ତ ଭାରତ :** ବଜେଟ ଭାଷଣରେ ଅର୍ଥମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଭାରତରେ ଅଧିକାଂଶ ଲୋକ ଟିକସ ଦିଅନ୍ତି ନାହିଁ। (ଟେବୁଲ ୮ ଓ ୯ ଦ୍ରଷ୍ଟବ୍ୟ)। ଭାରତରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଦ୍ୱାରା ଆଦାୟ ହେଉଥିବା ମୋଟ୍ ଟିକସ ପରିମାଣ ସାମଗ୍ରିକ ଜାତୀୟ ଆୟ (ଜିଡିପି)ର ୧୮ ଶତାଂଶରୁ କମ୍। ବିଶ୍ୱର ଉନ୍ନତ ଦେଶଗୁଡ଼ିକରେ ଏହି ହାର ୩୦ ଶତାଂଶରୁ ଅଧିକ। ଭାରତରେ ଲୋକଙ୍କ ଆର୍ଥିକ ଅବସ୍ଥା ସେତେ ସ୍ୱଚ୍ଛଳ ନୁହେଁ ଏବଂ ୩୦ ଶତାଂଶ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରନ୍ତି। ଦେଶର ୬୦ ଭାଗ ଲୋକ ଗ୍ରାମାଞ୍ଚଳରେ ରହନ୍ତି ଏବଂ କୃଷି ଉପରେ ନିର୍ଭରଶୀଳ। ଭାରତରେ

କୃଷି କ୍ଷେତ୍ରର ଆୟ ଅବଶ୍ୟ ଟିକସ ମୁକ୍ତ। ଏଭଳି ପରିସ୍ଥିତିରେ ଟିକସ ପାଇଁ ଆର୍ଥିକ ସମ୍ବଳ ବୃଦ୍ଧି କରିବା ସରକାରଙ୍କ ପାଇଁ ସହଜ ନୁହେଁ। ଭାରତରେ ମଧ୍ୟ ଅନେକ ସାମଗ୍ରୀ ରହିଛି ଯାହା ଉତ୍ପାଦନ ଶୁଳ୍କରୁ ମୁକ୍ତ। ସେହିଭଳି ଟିକସ ଆୟ ସହିତ ସଂପୃକ୍ତ ଥିବାରୁ ଭାରତ ଭଳି ଦରିଦ୍ର ଦେଶରେ ଏହାର ହାର ଓ ପରିମାଣ ଅପେକ୍ଷାକୃତ କମ୍ ରହୁଛି।

ବିଶ୍ୱର ଆର୍ଥିକ ଦୃଶ୍ୟପଟ ପରିପ୍ରେକ୍ଷୀରେ ଭାରତର ଅଭିବୃଦ୍ଧିକୁ ବଢ଼ାଇବା ପାଇଁ ଯେଉଁ ଆତ୍ମ ବିଶ୍ୱାସ ଲୋଡ଼ା ତାହା ଯୋଗାଇ ଦେବାକୁ ବଜେଟରେ ପଦକ୍ଷେପ ଗ୍ରହଣ କରାଯାଇଛି। ସେଥିପାଇଁ ଟ୍ରାନ୍ସଫର୍ମ, ଏନରଜାଇଜି ଓ କ୍ଲିନ୍ ଇଣ୍ଡିଆ ସ୍ଲୋଗାନକୁ ଗୁରୁତ୍ୱ ଦିଆଯାଇଛି। ସରକାର ବିଶ୍ୱାସ ବୃଦ୍ଧି ପାଇଁ ଯେଉଁସବୁ ପଦକ୍ଷେପ ବଜେଟରେ ଗ୍ରହଣ କରିଛନ୍ତି ତାହାର ତାଲିକା ଟେବୁଲ-୭ରେ ପ୍ରଦାନ କରାଗଲା :-

**ଟେବୁଲ୍ -୭ : ବଜେଟରେ ସ୍ଥାନ ପାଇଥିବା ବିଶ୍ୱାସ ବୃଦ୍ଧିକାରୀ ପଦକ୍ଷେପ**

| ତଫସିଲ / ବିସ୍ତାର | ଅଭିବୃଦ୍ଧି | ହିସାବ ବହିର୍ଭୁତ ଟଙ୍କା | ବିଶ୍ୱାସ |
|---|---|---|---|
| ଷ୍ଟକ୍ ଏକ୍ସଚେଞ୍ଜରେ ରେଳବାଇର ସେୟାର କାରବାର | ହଁ | | ହଁ |
| ବ୍ୟାଙ୍କ ସମୂହଙ୍କ ୧୦ ହଜାର କୋଟି ଟଙ୍କା ପ୍ରଦାନ | ହଁ | | ହଁ |
| ଜିଡିପିର ୬୦ଶତାଂଶ ଋଣ | ହଁ | | ହଁ |
| ଆଗାମୀ ତିନି ବର୍ଷ ପାଇଁ ୩ ଶତାଂଶ ବିତୀୟ ନିଅଂଟ | ହଁ | | ହଁ |
| ବାର୍ଷିକ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ବେପାର ବା କାରବାର କ୍ଷେତ୍ରରେ ଆୟ କର ରିଆତି | ହଁ | | ହଁ |
| ୨୦୧୭ ମାର୍ଚ୍ଚ ସୁଦ୍ଧା ୧୦ ଲକ୍ଷ ନୂଆ ପିଏସ୍‌ଓ ଟର୍ମିନାଲ | ହଁ | | ହଁ |
| ସର୍ବୋଚ୍ଚ ତିନି ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦ କାରବାର | ହଁ | ହଁ | ହଁ |
| ରାଜନୈତିକ ଚାନ୍ଦା ଯୋଗାଣ ଉପରେ କଟକଣା | ହଁ | ହଁ | ହଁ |

**ସୂତ୍ର - କେନ୍ଦ୍ରୀୟ ବଜେଟ : ୨୦୧୭-୧୮**

**ଟେବୁଲ - ୮ : ଭାରତରେ ବିଭିନ୍ନ ଟିକସ ପ୍ରଦାନର ତାଲିକା (ସାଧାରଣ)**

| ବିଭିନ୍ନ ଶ୍ରେଣୀ | ସଂଖ୍ୟା |
|---|---|
| ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି | ୪.୨ କୋଟି |
| ବ୍ୟକ୍ତିଗତ ଆୟକର ରିଟର୍ଣ୍ଣ ଫାଇଲ୍ କରୁଥିବା ଚାକିରିଆ ବର୍ଗ | ୧.୭ କୋଟି |
| ଅଣ ଆନୁଷ୍ଠାନିକ କ୍ଷେତ୍ରର ବ୍ୟକ୍ତିଗତ ଉଦ୍ୟୋଗ | ୫.୬ କୋଟି |
| ରିଟର୍ଣ୍ଣ ଫାଇଲ୍ ହୋଇଥିବା ସଂଖ୍ୟା | ୧.୮ କୋଟି |
| ପଞ୍ଜୀକୃତ କମ୍ପାନୀ | ୧୩.୯ ଲକ୍ଷ |
| ରିଟର୍ଣ୍ଣ ଫାଇଲ୍ କରୁଥିବା କମ୍ପାନୀ | ୫.୯ ଲକ୍ଷ |
| ଶୂନ ଆୟ / କ୍ଷତି ଦର୍ଶାଉଥିବା କମ୍ପାନୀ | ୨.୮ ଲକ୍ଷ |
| ଏକ କୋଟିରୁ ୧୦ କୋଟି ଟଙ୍କା ଲାଭ ଦେଖାଉଥିବା କମ୍ପାନୀ | ୨୮୬୬୭ |
| ୧୦କୋଟିରୁ ଅଧିକ ଟଙ୍କା ଲାଭ ଦେଖାଉଥିବା କମ୍ପାନୀ | ୭୭୮୧ |

**ସୂତ୍ର - ବଜେଟ ୨୦୧୭-୧୮**

**ଟେବୁଲ - ୯ : ବ୍ୟକ୍ତିଗତ ଟିକସଦାତାଙ୍କ ତାଲିକା**

| ଶ୍ରେଣୀ ବିଭାଗ | ସଂଖ୍ୟା |
|---|---|
| ବ୍ୟକ୍ତଗତ ଟିକସ ରିଟର୍ଣ୍ଣ | ୩.୭ କୋଟି |
| କରଛାଡ଼ ସୀମା ତଳେ | ୯୯ ଲକ୍ଷ |
| ୨.୫ ରୁ ୫ ଲକ୍ଷ ମଧ୍ୟରେ ଆୟ | ୧.୯ କୋଟି |
| ୫ ରୁ ୧୦ ଲକ୍ଷ ମଧ୍ୟରେ ଆୟ | ୫୨ ଲକ୍ଷ |

| | |
|---|---|
| ୧୦ ଲକ୍ଷରୁ ଅଧିକ ଆୟ | ୨୪ ଲକ୍ଷ |
| ୫ ଲକ୍ଷରୁ ଅଧିକ ଆୟ କରୁଥିବା ବେତନ ଭୋଗୀ | ୭୬ ଲକ୍ଷ |
| ୫ ଲକ୍ଷରୁ ଅଧିକ ଆୟ କରୁଥିବା ବେତନଭୋଗୀ | ୫୬ ଲକ୍ଷ |
| ୫୦ ଲକ୍ଷରୁ ଅଧିକ ଆୟ କରୁଥିବା | ୧.୭ ଲକ୍ଷ |

**ସୂତ୍ର - କେନ୍ଦ୍ରୀୟ ବଜେଟ : ୨୦୧୭-୧୮**

ଏସବୁ ସତ୍ତ୍ୱେ ଭାରତରେ କର ଲୁଚାଇବା ଏବଂ ବିଳାସ ସାମଗ୍ରୀ ଲୁଚାଛପାରେ କିଣିବା ଆଦି ଘଟଣାକୁ ରୋକିବା ପାଇଁ ସରକାର ବଜେଟରେ ସଫେଇ ବା ପରିଷ୍କରଣ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଛନ୍ତି। ବିଳାସପୂର୍ଣ୍ଣ ଗାଡ଼ି କ୍ରୟ, ବିଦେଶ ଭ୍ରମଣ ଓ ଅନ୍ୟାନ୍ୟ ବ୍ୟୟବହୁଳ ଖର୍ଚ୍ଚ ଉପରେ ନଜର ରଖିବା ସହ ସେହି ଲୋକମାନଙ୍କୁ ଧରି ଟିକସ ଆଦାୟ କରିବାକୁ ହେଲେ ଟିକସ ପ୍ରଶାସନ ବ୍ୟବସ୍ଥାକୁ ସୁସଂହତ ଓ ମଜବୁତ୍ କରିବାକୁ ପଡ଼ିବ। ଜାପାନରେ ଟିକସ ଦେଉଥିବା ଲୋକଙ୍କୁ ପ୍ରୋତ୍ସାହିତ କରାଯାଏ, ଆମେରିକାରେ ଟିକସ ଫାଙ୍କୁଥିବା ଲୋକଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରାଯାଏ।

ଯେଉଁ ଦେଶରେ ଟିକସ - ଜିଡିପି ଅନୁପାତ ହାର ଉଚ୍ଚ ସେଠାରେ ସାଧାରଣ ସ୍ୱାସ୍ଥ୍ୟ, ଶିକ୍ଷା, ପରିବହନ ଓ ନାଗରିକ ସେବାର ମାନ ଅତି ଉନ୍ନତ। ଏହା ଛଡ଼ା ନାରୀ-ପୁରୁଷଙ୍କ ଜୀବନର ନିରାପତ୍ତା, ମହିଳା କର୍ମଜୀବୀଙ୍କ ପାଇଁ ନିରାପଦ ପରିବେଶ, ତ୍ୱରିତ ବିବାଦ ସମାଧାନ ବ୍ୟବସ୍ଥା ଆଦି ନାଗରିକଙ୍କୁ ଟିକସ ପ୍ରଦାନ ପାଇଁ ଉତ୍ସାହିତ କରିଥାଏ।

ଭାରତରେ ଜନସଂଖ୍ୟାର କେତେକ ଅନୁକୂଳ ଦିଗ ରହିଛି। ଏଠାରେ ମୋଟ୍ ଲୋକ ସଂଖ୍ୟାର ୬୬ ଶତାଂଶ ୩୪ ବର୍ଷ ବୟସରୁ କମ୍। ତେଣୁ ଭାରତ ଦୁର୍ନୀତି ମୁକ୍ତ ହେଲେ ପରବର୍ତ୍ତୀ ପିଢ଼ି ପାଇଁ ଏହା ଯୋଗ୍ୟ ଉପହାର ହେବ। ଦୁର୍ନୀତିମୁକ୍ତ ପରିବେଶରେ ଷ୍ଟାର୍ଟ ଅପ୍ ଇଣ୍ଡିଆ, ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଆଦି କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ଭବ ହୋଇପାରିବ। ଭାରତ ସରକାର ହିସାବ ବହିର୍ଭୁତ ଅର୍ଥ ଓ କଳାଟଙ୍କାକୁ ବାହାର କରିବାକୁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ସ୍ୱେଚ୍ଛାକୃତ ସମ୍ପତ୍ତି ଘୋଷଣା ଯୋଜନା ଓ କ୍ଷମା ଯୋଜନା କାର୍ଯ୍ୟକାରୀ ହେଉଛି। ଏହା ସତ୍ତ୍ୱେ ଭାରତର ଦୁର୍ନୀତି ସୂଚୀ ନୈରାଶ୍ୟଜନକ ରହିଛି। ଅତଏବ କଳାଧନ ଓ ଦୁର୍ନୀତି ବିରୋଧରେ ନିରନ୍ତର ଅଭିଯାନ ଜରୁରୀ। ଏଥିରେ ଚାଟାର୍ଡ ଏକାଉଣ୍ଟାଣ୍ଟ, ଆଇନ ବିଶାରଦ, ସମାଜବିଜ୍ଞାନୀ, ଧାର୍ମିକ ନେତା, ଗଣମାଧ୍ୟମ ଓ ରାଜନୈତିକ କ୍ଷେତ୍ରର ନେତୃତ୍ୱଙ୍କୁ ସାମିଲ କରିବା ଉଚିତ ହେବ।

**ଆର୍ଥିକ କ୍ଷେତ୍ର :**

ପୂର୍ବ ବର୍ଷ ଭଳି ସରକାର ଏ ବର୍ଷ ମଧ୍ୟ ବ୍ୟାଙ୍କଗୁଡ଼ିକୁ ପୁନଃ ଅର୍ଥ ଯୋଗାଣ ବ୍ୟବସ୍ଥା ଜାରି ରଖିଛନ୍ତି। ତେବେ ଅନାଦାୟ ଋଣ ଓ ଖରାପ ପ୍ରଦର୍ଶନ ପାଇଁ ବିପୁଳ କ୍ଷତିରେ ଚାଲିଥିବା ବ୍ୟାଙ୍କଗୁଡ଼ିକୁ ସରକାର ଆର୍ଥିକ ସହାୟତା ଦେଉଥିବା ବେଳେ ସେମାନଙ୍କ ଉତ୍ତମ ପ୍ରଦର୍ଶନକୁ ବିଚାରକୁ ନିଆଯିବାର ଆବଶ୍ୟକତା ରହିଛି। ସେଥିପାଇଁ ସର୍ତ୍ତ ରହିବା ଆବଶ୍ୟକ। ବ୍ୟବସାୟିକ ବ୍ୟାଙ୍କ ସମୂହ ବ୍ୟବସାୟିକ ଦୃଷ୍ଟିରୁ ଆତ୍ମନିର୍ଭରଶୀଳ ହେବା ଜରୁରୀ। ସେମାନେ ନିଜର ଆୟ ଓ ଲାଭକୁ ବିଚାରକୁ ନେଇ ନିଜର ପରିଚାଳନା ବ୍ୟବସ୍ଥାକୁ ସୁସଂହତ ନ'କଲେ ଟିକସଦାତାଙ୍କ ଅର୍ଥରେ ଚଳିବା ସମ୍ଭବ ନୁହେଁ। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ମଧ୍ୟ ସବୁବେଳେ ଆର୍ଥିକ ସହାୟତା ପାଇଁ ସରକାରଙ୍କ ଉପରେ ନିର୍ଭର କରିପାରିବେ ନାହିଁ। ସେମାନଙ୍କୁ ନିଜ ଗୋଡ଼ରେ ଛିଡ଼ାହେବାକୁ ପଡ଼ିବ। ଏଥିପାଇଁ ସେମାନଙ୍କୁ ଉପାୟ ବାହାର କରିବାକୁ ହେବ।

**ଆଗୁଆ ବଜେଟ ଉପସ୍ଥାପନ :**

ପାରମ୍ପରିକତାର ଅବସାନ ଘଟାଇ ସରକାର ଏଥର ପ୍ରାୟ ଏକ ମାସ ଆଗରୁ ବଜେଟ ଉପସ୍ଥାପନ କରି ଏକ ନୂଆ ଅଧ୍ୟାୟ ଆରମ୍ଭ କରିଛନ୍ତି। ଏହା ପଛରେ ଯେଉଁସବୁ ଯୁକ୍ତି ରହିଛି ତାହା ଯଥାର୍ଥ। ପୂର୍ବରୁ ବଜେଟ ଅନୁମୋଦିତ ହୋଇ ଏପ୍ରିଲ ଏକରୁ କାର୍ଯ୍ୟକାରୀ ହେବାବେଳକୁ ବର୍ଷା ଦିନ ଆସିଯାଉଥିଲା। ଫଳରେ ବରାଦ ହେଉଥିବା ଅର୍ଥ ଖର୍ଚ୍ଚ କରିବାରେ ଅସୁବିଧା ସୃଷ୍ଟି ହେଉଥିଲା। ଏବେ ଏକ ମାସ ଆଗରୁ ବଜେଟ ଗୃହୀତ ହେବ ଏବଂ ବିଭିନ୍ନ ମନ୍ତ୍ରଣାଳୟ ବିଭିନ୍ନ ଯୋଜନାରେ ପାଇଥିବା ଅର୍ଥ ଖର୍ଚ୍ଚ କରିବାକୁ ଅଧିକ ସମୟ ପାଇବେ। ଏଥିପାଇଁ ମଧ୍ୟ ଆବଶ୍ୟକ ଯୋଜନା ଓ ପରିକଳ୍ପନା ନିମନ୍ତେ ଅଧିକ ସମୟ ମିଳିବ। ଏହାଛଡ଼ା ଆର୍ଥିକ ବର୍ଷର ଆରମ୍ଭରୁ ରାଜସ୍ୱ ସଂଗ୍ରହ ଓ ଅର୍ଥ ବ୍ୟୟ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇପାରିବ।

**ବିତ୍ତୀୟ ନୀତି** : ବାର୍ଷିକ ଭିତ୍ତିରେ ହେବା ଉଚିତ ?

ଅନ୍ୟାନ୍ୟ ବିକଶିତ ରାଷ୍ଟ୍ରରେ ବଜେଟ ଭାରତ ଭଳି ଏତେ ଘଟଣାବହୁଳ ବା ଚର୍ଚ୍ଚିତ ନୁହେଁ। ଭାରତରେ ବଜେଟ ଉପରେ ଆଲୋଚନା ପାଇଁ ଗୋଟିଏ ମାସ ସମୟ ଦିଆଯାଏ। ଜନତା, ଶିଳ୍ପ, ବଣିକ, ଷ୍ଟକ ମାର୍କେଟ ବଜେଟକୁ ଆଗ୍ରହର ସହିତ ଅପେକ୍ଷା କରିଥାନ୍ତି। ଏହା ଆର୍ଥିକ ନୀତି ପାଇଁ ଲାଭଦାୟକ ନୁହେଁ। କୌଣସି ଏକ ଯୋଜନା ବା ପୁଞ୍ଜି ନିବେଶ ଆଦି ତତ୍କାଳ ଫଳ ଦିଏନା। ଏହା ସମୟ ଲୋଡ଼େ। ବଜେଟ ପ୍ରତିବର୍ଷ ଉପସ୍ଥାପିତ ହେଉଥିବା ବେଳେ ଅନେକ ସମୟରେ ସବୁ ପ୍ରଚଳିତ କାର୍ଯ୍ୟକ୍ରମ ଓ ଯୋଜନା ଆବଶ୍ୟକତା ଅନୁସାରେ ଅଗ୍ରାଧିକାର ପାଏନା। ଫଳରେ ଅଭିବୃଦ୍ଧି ବ୍ୟାହତ ହୁଏ। ତେଣୁ ବିତ୍ତୀୟ ନୀତିକୁ ଘନ ଘନ ନ'ବଦଳାଇ ଏହାକୁ ଅତିକମ୍‌ରେ ଦୀର୍ଘ ମିଆଦି, ଆବଶ୍ୟକସ୍ଥଳେ ପାଞ୍ଚ ବର୍ଷିଆ କରାଯିବା ଉଚିତ।

**ରେଳ ବଜେଟ :**

୧୯୨୪ରୁ ଉପସ୍ଥାପିତ ହୋଇ ଆସୁଥିବା ସ୍ୱତନ୍ତ୍ର ରେଳ ବଜେଟକୁ ଏଥର ଉଠାଇ ଦିଆଯାଇ ମୁଖ୍ୟ ବଜେଟରେ ମିଶାଇ ଦିଆଯାଇଛି। ସ୍ୱତନ୍ତ୍ର ରେଳ ବଜେଟରେ ଉଚ୍ଛେଦ ପାଇଁ ବିଭିନ୍ନ ସମୟରେ ବିଭିନ୍ନ କମିଟି ସରକାରଙ୍କୁ ସୁପାରିସ କରିଥିଲେ। ନାନାଦି ରାଜନୈତିକ କାରଣରୁ ଏହା ହୋଇପାରୁ ନଥିଲା। ଏବେ ମୁଖ୍ୟ ବଜେଟ ସହ ରେଳ ବଜେଟ ମିଶିଯାଇଥିବାରୁ ଉପଭୋକ୍ତା ରେଳବାଇଠାରୁ ଅଧିକ ପେସାଦାରୀ ସେବା ପାଇବେ ବୋଲି ଆଶା କରାଯାଏ।

ଉଚ୍ଚମାନର ସେବା, ସୁରକ୍ଷା, ବଜାର ଭିତ୍ତିକ ଗତିଶୀଳ ଭଡ଼ା, ଆଧୁନୀକ ଯନ୍ତ୍ରପାତିର ବ୍ୟବହାର ନିମନ୍ତେ ରେଳବାଇ ସୁବିଧା ସୁଯୋଗ ପାଇବ ଓ ଅର୍ଥଚିନ୍ତାରୁ ମୁକ୍ତ ହେବ ବୋଲି ଆଶା କରିବା ସ୍ୱାଭାବିକ।

**ବଜେଟୀୟ ଶବ୍ଦର ସୀମକରଣ :**

ବଜେଟରେ ପୂର୍ବରୁ ଯେଉଁସବୁ ଶବ୍ଦ ପ୍ରଚଳିତ ଥିଲା ଏଥର ସେଥିରୁ କେତେକର ସମୀକରଣ କରାଯାଇଛି ଯାହା ବିଚାର ସାପେକ୍ଷ। ପ୍ରଥମଥର ପାଇଁ ଏଥର ବଜେଟରେ ଯୋଜନା (ପ୍ଲାନ୍) ଓ ଅଣଯୋଜନା (ନନ୍‌ପ୍ଲାନ୍) ଶବ୍ଦକୁ ଉଠାଇ ଦିଆଯାଇଛି। ଏହା ଏକ ନୀତିଗତ ନିଷ୍ପତ୍ତି। ଭାରତରେ ଯୋଜନା ଓ ଅଣଯୋଜନା ଶବ୍ଦକୁ ନେଇ ଦୁଇଟି ଧାରଣା ବଳବତ୍ତର ଥିଲା। ଯୋଜନା ଖର୍ଚ୍ଚକୁ ଭଲ ଓ ଅଣଯୋଜନା ଖର୍ଚ୍ଚକୁ ଏକ ବରବାଦ ବୋଲି ବିଚାର କରାଯାଉଥିଲା। ପ୍ରଶ୍ନ ଉଠେ ଯେ ସମ୍ପତ୍ତିର ରକ୍ଷଣାବେକ୍ଷଣ ଜନିତ ଖର୍ଚ୍ଚକୁ କ'ଣ ଏକ ବରବାଦ ବୋଲି କୁହାଯିବ? କାରଣ ଏବାବଦ ଖର୍ଚ୍ଚ ଅଣଯୋଜନାର ଅନ୍ତର୍ଭୁକ୍ତ। ତେବେ ସରକାର ଏସବୁ ଶବ୍ଦର ପରିବର୍ତ୍ତନ କରିବା ବେଳେ ସରକାରୀ ଖର୍ଚ୍ଚର ଦକ୍ଷତା ଓ ଉଦ୍ଦେଶ୍ୟକୁ ଗୁରୁତ୍ୱ ଦେବା ଭଲ କଥା। ଏବେ ଅର୍ଥ ଖର୍ଚ୍ଚ ଓ ଏହାର ଫଳାଫଳକୁ ସଂଯୁକ୍ତ କରାଯାଇଛି। ତେଣୁ ଫଳାଫଳ ଉପରେ ଅର୍ଥ ବରାଦ ଭାଗ୍ୟ ନିର୍ଭର କରୁଥିବାରୁ ଯୋଜନାର ରୂପାୟନ ଓ ଦକ୍ଷତା ଉପରେ ଗୁରୁ□ ବଢ଼ିବା ସ୍ୱାଭାବିକ। ସମ୍ବିଧାନରେ ବଜେଟର ଯେଉଁ ମୂଳଲକ୍ଷ୍ୟ ଆୟ-ବ୍ୟୟ ସର୍ବସ୍ୱ ଥିଲା ତାହା ଏବେ ବଦଳିବାକୁ ଆରମ୍ଭ ହୋଇଛି। ରାଜସ୍ୱ ସଂଗ୍ରହ ଓ ପୁଞ୍ଜିଗତ ଖର୍ଚ୍ଚ ମଧ୍ୟରେ ସ୍ପଷ୍ଟ ଫରକ ରହିଛି। ଏହା ତର୍ଜମା, ହିସାବ କିତାବ, ସ୍ୱଚ୍ଛତା ତଥା ଦକ୍ଷ ନିଷ୍ପତ୍ତି ଗ୍ରହଣ ପାଇଁ ଜରୁରୀ ହୋଇଥାଏ।

ସମ୍ବିଧାନର ୧୧୨ ଧାରା ଅନୁସାରେ ବାର୍ଷିକ ଆର୍ଥିକ ବିବରଣ (ବଜେଟ) ରାଜସ୍ୱ ଉତ୍ସରୁ ଖର୍ଚ୍ଚକୁ ଅନ୍ୟାନ୍ୟ ବ୍ୟୟରୁ ସ୍ୱତନ୍ତ୍ର ଭାବେ ଅଲଗା ଭାବେ ଦର୍ଶାଇବାର ନିର୍ଦ୍ଦେଶ ଅଛି। ୨୦୦୫ର ସରକାରୀ ଆର୍ଥିକ ନିୟମରେ ମଧ୍ୟ ଏକା କଥା କୁହାଯାଇଛି ଓ ପୁଞ୍ଜିଗତ ବ୍ୟୟ, ସରକାରୀ ଋଣ, ଋଣ ପରିଶୋଧ ବାବଦ ଖର୍ଚ୍ଚ ଓ ସ୍ୱଳ୍ପକାଳୀନ ଋଣକୁ ରାଜସ୍ୱ ଉତ୍ସରୁ ଅଲଗା କରି ସ୍ୱତନ୍ତ୍ର ଭାବେ ଦର୍ଶାଇବାର ବ୍ୟବସ୍ଥା ରହିଛି। ଆନ୍ତର୍ଜାତିକ ଅନୁଭୂତି କହୁଛି ଯେ ବ୍ୟୟର ସ୍ୱତନ୍ତ୍ରତା ଏକ ଅପରିହାର୍ଯ୍ୟ ଆବଶ୍ୟକତା। ଉତ୍ତମ ସମ୍ବଳ ବରାଦ ପାଇଁ ଏହି ଦୁଇ କ୍ଷେତ୍ର ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟ ରହିବା ଉଚିତ। କିଛି ରାଷ୍ଟ୍ର କିନ୍ତୁ ଏବେ ଏହି ପ୍ରଭେଦକୁ ଉଠାଇ ଦେଇଛନ୍ତି ।

**ଉପସଂହାର :** ଉପସଂହାରରେ ଏତିକି କୁହାଯାଇପାରେ ଯେ ଚଳିତ ବର୍ଷର ବଜେଟ ଏକ ବାସ୍ତବବାଦୀ ବଜେଟ। ବିଶ୍ୱର ଆର୍ଥିକ ମାନ୍ଦାବସ୍ଥା ଓ ବିମୁଦ୍ରାୟନ ନିଷ୍ପତ୍ତି ଜନିତ ପରିସ୍ଥିତିରେ ଏହାଠାରୁ ଭଲ ବଜେଟ ପ୍ରସ୍ତୁତ କରାଯାଇ ପାରି ନ'ଥାନ୍ତା। ଏହା ଟିକସ ପରିସରକୁ ବଢ଼ାଇବ। ଅଭିବୃଦ୍ଧି ଓ ନିଯୁକ୍ତି ପରିସରକୁ ପ୍ରୋତ୍ସାହିତ କରିବ। ଏହା ସତ୍ତ୍ୱେ ଏହି ବଜେଟରେ ମଧ୍ୟମ ଓ ଦୀର୍ଘ ମିଆଦି ଲକ୍ଷ୍ୟ ସାମିଲ କରିବା ଉଚିତ । ଭାରତର ବିପୁଳ ଜନସଂଖ୍ୟାରୁ ଲାଭ ଉଠାଇବା, ଡିଜିଟାଲ ଇଣ୍ଡିଆ ନିର୍ମାଣ ତଥା ଦୀର୍ଘ ମିଆଦି ଆର୍ଥିକ ସଂସ୍କାର ପାଇଁ ଏହି ବଜେଟରେ ବିଶେଷ ଦିଶା ନିର୍ଦ୍ଦେଶ ଦିଆଯାଇ ପାରିଥାନ୍ତା।

ଲେଖକ ଆଇଆଇଏମ୍ ବାଙ୍ଗାଲୋରର ଅର୍ଥନୀତି ଏବଂ ସମାଜ ବିଜ୍ଞାନ ବିଭାଗ ସହ ସଂପୃକ୍ତ।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବଜେଟ୍ ଉପରେ ପ୍ରତିକ୍ରିୟା

ପାଇକ ବିଦ୍ରୋହର ୨ ଶହ ବର୍ଷ ପୂର୍ତ୍ତି ପାଳନପାଇଁ କେନ୍ଦ୍ରୀୟ ବଜେଟ୍‌ରେ ବ୍ୟବସ୍ଥା ଦ୍ୱାରା ମୋଦି ସରକାର ଓଡ଼ିଆଙ୍କୁ ବଡ଼ ସ୍ୱୀକୃତି ଦେଇଛନ୍ତି। ସେହିପରି ମୋଦି ସରକାରଙ୍କର କ୍ରମାଗତ ଚତୁର୍ଥ ବଜେଟ୍ ଓଡ଼ିଶା ପ୍ରତି କେନ୍ଦ୍ରୀୟ ଅବହେଳା ଅଭିଯୋଗକୁ ସମ୍ପୂର୍ଣ୍ଣ ନିରାଧାର କରିଛି ବୋଲି କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ବଜେଟ୍ ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି। ୧୮୧୭ ମସିହାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଶସ୍ତ୍ର ସଂଗ୍ରାମର ଦୁଇ ଶହ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଆ ବୀରମାନଙ୍କୁ ମୋଦି ସରକାର ସମ୍ମାନ ଓ ସ୍ୱୀକୃତି ଦେଇଛନ୍ତି। ସେ କହିଛନ୍ତି ଯେ, ପାଇକ ବିଦ୍ରୋହର ଦୁଇ ଶହ ବର୍ଷ ପାଳନରେ କେନ୍ଦ୍ରର ଯୋଗଦାନପାଇଁ ପୂର୍ବରୁ ସେ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହି ଅନୁରୋଧ ରକ୍ଷା କରିଥିବାରୁ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କୁ ଜଣେ ଓଡ଼ିଆ ହିସାବରେ କୃତଜ୍ଞତା ଜଣାଉଛନ୍ତି ବୋଲି ସେ କହିଛନ୍ତି।

ମୋଦି ସରକାରଙ୍କର ଚତୁର୍ଥ କ୍ରମାଗତ ବଜେଟ୍‌ରେ ଥିବା ବ୍ୟବସ୍ଥା କେନ୍ଦ୍ରୀୟ ଅବହେଳାର ଅଭିଯୋଗକୁ ସମ୍ପୂର୍ଣ୍ଣରୂପେ ନିରାଧାର ପ୍ରମାଣିତ କରିଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ପ୍ରଥମ ଥରପାଇଁ ରେଳ ବଜେଟ୍‌ରେ ଓଡ଼ିଶାରେ ରେଳ ଢାଞ୍ଚାଗତ ବିକାଶପାଇଁ ପାଞ୍ଚ ହଜାର କୋଟି ଟଙ୍କାରୁ ଅଧିକ ବ୍ୟୟ ବରାଦ କରାଯାଇଛି। ୟୁ.ପି.ଏ. ସରକାର ସମୟରେ ବର୍ଷକୁ ଏକ ହଜାର କୋଟି ଟଙ୍କା ମଧ୍ୟ ପହଞ୍ଚୁ ନ ଥିଲା। ଶ୍ରୀ ପ୍ରଧାନ କହିଛନ୍ତି ଯେ, ପାଖାପାଖି ପାଞ୍ଚ ହଜାର କୋଟି ଟଙ୍କା ବ୍ୟୟରେ ଚଣ୍ଡିଖୋଲରେ ପାଞ୍ଚ ମିଲିୟନ୍ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଅଶୋଧିତ ତୈଳ ଷ୍ଟୋରେଜ୍ ଓଡ଼ିଶା ଅର୍ଥନୈତିକ ବିକାଶରେ ସହାୟକ ହେବ।

ଶିଳ୍ପାୟନ, ମାନୁଫାକ୍‌ଚରିଂ ତଥା କମ୍ ସୁଧର ଋଣ ବ୍ୟବସ୍ଥା କେନ୍ଦ୍ରୀୟ ବଜେଟ୍‌ରେ କରାଯାଇଛି। ଓଡ଼ିଶାର ପ୍ରାକୃତିକ ସୁବିଧାଜନକ ସ୍ଥିତି ଯଥା ଖଣିଜ ସମ୍ପଦ ଓ ସୁଦୀର୍ଘ ବେଳାଭୂମି କାରଣରୁ ଓଡ଼ିଶା ଏହାର ଅଧିକ ଲାଭ ନେଇପାରିବ। ଏହି ବଜେଟ୍‌ରେ କୃଷି, ଗ୍ରାମ୍ୟ ବିକାଶ, ସ୍ୱାସ୍ଥ୍ୟସେବା, ଢାଞ୍ଚାଗତ ବିକାଶ, ରେଳରାସ୍ତା, ବନ୍ଦର, ଜଳପଥ, ବିମାନ ସେବା ବିକାଶପାଇଁ ଗୁରୁତ୍ୱ ଓଡ଼ିଶା ଭଳି ରାଜ୍ୟକୁ ଲାଭ ଦେବ। ଉପକୂଳ ରାଜପଥ, ଗ୍ରାମସଡ଼କ, ଗ୍ରାମୀଣ ଆବାସ, କମ୍ ସୁଧରେ କୃଷିଋଣ, ମହାତ୍ମା ଗାନ୍ଧୀ ନରେଗା ଯୋଜନାରେ ଅଧିକ ଅର୍ଥ ବ୍ୟୟ ବରାଦ ଦେଶର ଗରିବ, ଶୋଷିତ ଓ ବଞ୍ଚିତଙ୍କୁ ଲାଭବାନ କରାଇବା ସହ ଓଡ଼ିଆ ଲୋକମାନଙ୍କୁ ଲାଭବାନ କରାଇବ।

ଏହି ବଜେଟ୍‌ରେ ଯୁବକମାନଙ୍କର ରୋଜଗାର ସୃଜନ ପ୍ରତି ସ୍ୱତନ୍ତ୍ରଭାବେ ଧ୍ୟାନ ଦିଆଯାଇଥିବା ସେ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ସାହସିକ ବିମୁଦ୍ରୀକରଣ ଯୋଜନାରେ ଦେଶର ସାଧାରଣ ଜନତା ଯେପରି ଭାବେ ସହଯୋଗର ହାତ ବଢ଼ାଇଥିଲେ, ଏହି ବଜେଟ୍‌ରେ ସେମାନଙ୍କ ବିକାଶପାଇଁ ମୋଦି ସରକାର ସେହିପରି ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି।

# ସର୍ଭେ ରିପୋର୍ଟ ଓ ଭାରତୀୟ ଅର୍ଥନୀତିର ଭଲମନ୍ଦ ବିଚାର

**ରବୀନ୍ଦ୍ର ଏଚ୍. ଢୋଲକିଆ**

ଆମେରିକା ଅର୍ଥନୀତିରେ ଡଲାରର ଚାହିଦା ବୃଦ୍ଧି ବହୁପାକ୍ଷିକ ବାଣିଜ୍ୟକୁ ପ୍ରଭାବିତ କରିବ। ମହଙ୍ଗା ଡଲାର ଯୋଗୁଁ ଚୀନ୍ ତା'ର ରପ୍ତାନୀ ବାଣିଜ୍ୟ ହ୍ରାସ କରିବାକୁ ବାଧ ହେବା ଫଳରେ ଚୀନ ତାହାର ଘରୋଇ ଉପଭୋଗ ଓ ଆଭ୍ୟନ୍ତରୀଣ ବଜାର ବଢ଼ାଇ ନିଜର ଅର୍ଥନୀତିରେ ପୁନଃ ଭାରସାମ୍ୟ ଆଣିବ। ଏହି ପଦକ୍ଷେପର ଭଲ ପ୍ରଭାବ ଭରାତ ଓ ଅନ୍ୟାନ୍ୟ ଅର୍ଥନୀତି ଉପରେ ପଡ଼ିବ। ଚୀନ୍‌ର ରପ୍ତାନୀ ବାଣିଜ୍ୟ ହ୍ରାସ ପାଇବା ପରେ ଯେଉଁ ଶୂନ୍ୟସ୍ଥାନ ଆନ୍ତର୍ଜାତିକ ବାଣିଜ୍ୟ କ୍ଷେତ୍ରରେ ସୃଷ୍ଟି ହେବ ତାହକୁ ଦଖଲ କରିବା ପାଇଁ ଭାରତ ସମେତ କେତେକ ରାଷ୍ଟ୍ରଙ୍କୁ ସୁଯୋଗ ମିଳିବ।

**୨**୦୧୭ ଜାନୁଆରୀ ୩୧ ତାରିଖରେ ସଂସଦରେ ୨୦୧୬-୧୭ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ ହୋଇଥିଲା। ଏଥିରେ ସଂପୃକ୍ତ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତିର ପ୍ରଦର୍ଶନ ଏବଂ ସାଂପ୍ରତିକ ଘଟଣାବଳୀର ଆକଳନ କରାଯାଇଛି। ଏହି ରିପୋର୍ଟ ଅର୍ଥନୀତିର ସମସ୍ୟା, ଆହ୍ୱାନ, ସମ୍ଭାବ୍ୟ ସମାଧାନ ସୂତ୍ର ଓ ସମ୍ଭାବନା ସମ୍ପର୍କରେ ତଥ୍ୟାବଳୀ, ପ୍ରମାଣ ଆଦିକୁ ନେଇ ବ୍ୟାପକ ଅଧ୍ୟୟନ ତଥା ଗବେଷଣା ଭିତ୍ତିରେ ଅନୁଶୀଳନ କରିଥାଏ। ଏଥିରେ ବହୁ ସଂଖ୍ୟକ ଗବେଷକ, ସରକାରୀ ଅଧିକାରୀ, ବିଶେଷଜ୍ଞ ଓ ବିଦ୍ୱାନ ଅବଦାନ ରଖିଥାନ୍ତି। ଏଥର ପ୍ରଥମ କରି ଏହି ରିପୋର୍ଟ ମାତ୍ର ଗୋଟିଏ ଖଣ୍ଡରେ ପ୍ରକାଶିତ ହୋଇଛି। ପୂର୍ବରୁ ଏହା ଏକାଧିକ ଭାଗ ଓ ଖଣ୍ଡରେ ପ୍ରକାଶିତ ହେଉଥିଲା। ଅର୍ଥନୀତିର ଅନ୍ୟାନ୍ୟ କ୍ଷେତ୍ରର ପ୍ରଦର୍ଶନ ସଂକ୍ରାନ୍ତ ତଥ୍ୟାବଳୀ ବିଭିନ୍ନ ଖଣ୍ଡରେ ସବିଶେଷ ପରେ ପ୍ରକାଶ ପାଇବ ବୋଲି ସରକାରୀ ଭାବେ କୁହାଯାଇଛି। ତେଣୁ ଯେଉଁ ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରକାଶିତ ହୋଇଛି ସେଥିରେ ଦେଶର ଅର୍ଥନୀତିର ମୌଳିକ ଶକ୍ତି, ଦୁର୍ବଳତା, ସୁଯୋଗ ଓ ବିପଦର ଅନୁଶୀଳନ କରାଯାଇଛି। ଏହି ଅନୁଶୀଳନ ଇଂରାଜୀରେ 'ସ୍ୱୋଟ୍' ଆନାଲିସିସ୍ ଭାବେ ଜଣାଶୁଣା। ଷ୍ଟ୍ରେଙ୍ଗ୍‌ଥ, ଉଇକ୍‌ନେସ୍, ଅପର୍ଚ୍ୟୁନିଟି, ଥ୍ରେଟ୍ ଇଂରାଜି ଶବ୍ଦର ମୂଳ ଅକ୍ଷରକୁ ନେଇ ଏହି 'ସ୍ୱୋଟ୍' ଶବ୍ଦ ସୃଷ୍ଟି ହୋଇଚି। ସେଇ ରିପୋର୍ଟ ଆଧାରରେ ଏହି ଲେଖାରେ ଭାରତୀୟ ଅର୍ଥନୀତିର ଶକ୍ତି, ଦୁର୍ବଳତା, ସୁଯୋଗ ଓ ବିପଦ ସମ୍ପର୍କରେ ଆଲୋଚନା କରାଯାଇଛି।

**ଶକ୍ତି :** ୧) ବିଶ୍ୱ ଅର୍ଥନୀତିର ଅନିଶ୍ଚିତ ସ୍ଥିତି ଓ ମାନ୍ଦାବସ୍ଥା ସତ୍ତ୍ୱେ ବିଭିନ୍ନ କ୍ଷେତ୍ରରେ ଭାରତୀୟ ଅର୍ଥନୀତି ଉତ୍ତମ ପ୍ରଦର୍ଶନ କରି ଆନ୍ତର୍ଜାତିକ କ୍ଷେତ୍ରରେ ଏକ ଉଜ୍ଜ୍ୱଳ ବିନ୍ଦୁ ପାଲଟିଚି। ୨୦୧୬-୧୭ରେ ଭାରତର ଅଭିବୃଦ୍ଧି ହାର ୬.୫ ରୁ ୬.୭୫ ଶତାଂଶ ମଧ୍ୟରେ ରହିବ ବୋଲି ସର୍ଭେ ରିପୋର୍ଟରେ ଆକଳନ କରାଯାଇଥିଲେ ହେଁ ବିତ୍ତୀୟ ନୀତି କମିଟି (ଏମ୍‌ପିସି) ଅଭିବୃଦ୍ଧି ହାର ସାତ ଶତାଂଶ ରହିବ ବୋଲି ଅନୁମାନ କରିବା ସହ ବିଶ୍ୱରେ ଭାରତ ଦ୍ରୁତତମ ଅଭିବୃଦ୍ଧି ହାସଲକାରୀ ଅର୍ଥନୀତି ହେବ ବୋଲି ମତ ଦେଇଛି। ମୁଦ୍ରାସ୍ଫୀତି ହାର ୪ ରୁ ୫ ଶତାଂଶ ମଧ୍ୟରେ ରହିବା ସହ ହ୍ରାସ ପାଉଛି। ଚାଲୁ ବର୍ଷ ଖାତାରେ ଭାରତର ଦେଣା ନିଅଣ୍ଟ (ବାଲାନ୍ସ ଅଫ୍ ପେମେଣ୍ଟ) ହାର ମୋଟ୍ ଜାତୀୟ ଆୟ (ଜିଡିପି)ର ଏକ ଶତାଂଶରୁ କମ୍ ରହିଛି। ଡଲାର-ଟଙ୍କା ବିନିମୟ ମୂଲ୍ୟ ମଧ୍ୟ ସ୍ଥିର ଅଛି। ବାହ୍ୟ ଋଣ ପରିମାଣ ନିରାପଦ ସୀମା ଭିତରେ ରହିଥିବା ବେଳେ ବିତ୍ତୀୟ ଶୃଙ୍ଖଳା ଓ ସୁଦୃଢ଼ୀକରଣ ନୀତିରେ ସେଭଳି କିଛି ବ୍ୟତିକ୍ରମର ସମ୍ଭାବନା ନାହିଁ।

୨) ପ୍ରତ୍ୟେକ୍ଷ ବିଦେଶୀ ପୁଞ୍ଜି ନିବେଶ କ୍ଷେତ୍ରରେ ସଂସ୍କାରବାଦୀ ପଦକ୍ଷେପ ଭାରତ ପାଇଁ ସର୍ବାଧିକ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ଆକର୍ଷଣକୁ ସୁନିଶ୍ଚିତ କରିଛି। ଜିଡିପି ଅନୁପାତରେ ଏହା ୨୦୧୫-୧୬ ରେ ୧.୭ ହାରରେ ଆସିଥିବାବେଳେ ୨୦୧୬-୧୭ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ସୁଦ୍ଧା ୩.୨ ଶତାଂଶକୁ ବୃଦ୍ଧି ପାଇଛି। ୨୦୧୬ ଡିସେମ୍ବର ସୁଦ୍ଧା ବୈଦେଶିକ ବିନିମୟ ମୁଦ୍ରା ମହଯୁଦ ପରିମାଣ ବୃଦ୍ଧି ପାଇ ୩୬୦ ବିଲିୟନ ଡଲାରରେ ପହଞ୍ଚିଛି। ଦେଶ ପାଖରେ ସର୍ବନିମ୍ନ ଯେତେ ବୈଦେଶିକ ବିନିମୟ ମୁଦ୍ରା ମହଯୁଦ ରହିବା କଥା ତା'ଠାରୁ ଯଥେଷ୍ଟ ଅଧିକ ରହିଛି।

୩) ପାଇକାରୀ ମୂଲ୍ୟସୂଚୀ ଓ ଖାଉଟି ମୂଲ୍ୟ ସୂଚୀ ମଧ୍ୟରେ ୨୦୧୫-୧୬ରେ ଯେଉଁ ବଡ଼ ବ୍ୟବଧାନ ଥିଲା ତାହା ଏବେ ହ୍ରାସ

ପାଇଛି ଏବଂ ମୂଲ୍ୟସୂଚୀ ଏବେ ପ୍ରାୟ ସ୍ଥିର ଅଛି। ଏହା ଫଳରେ ନାମମାତ୍ର ଜିଡିପିରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ଏହା ଫଳରେ ସରକାରଙ୍କ ରାଜସ୍ୱ ବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି ହୋଇଛି।

୪) ଉଚ୍ଚ ମୂଲ୍ୟର ନୋଟ୍‌କୁ ସରକାର ବିମୁଦ୍ରାୟନ କରି ସେଥିରେ ସଫଳ ହୋଇଥିବାରୁ ଏହାର ଦୀର୍ଘ ମିଆଦି ସୁଫଳ ମିଳିପାରେ। ଏହାଫଳରେ ଦୁର୍ନୀତି ହ୍ରାସ ପାଇବା ସହିତ ବ୍ୟକ୍ତିବିଶେଷଙ୍କ ସଂଚୟ ବଢ଼ିବ ଓ ଟିକସ ପରିସର ବୃଦ୍ଧି ପାଇବ।

୫) ଦ୍ରବ୍ୟ ଓ ସେବା କର ଆଇନ ପ୍ରବର୍ତ୍ତନ ପରେ ସମଗ୍ର ଦେଶରେ ଏକକ ବଜାର ବ୍ୟବସ୍ଥା ସୃଷ୍ଟି ହେବ। ଏହା ଯୋଗୁଁ ଅଧିକରୁ ଅଧିକ ଲୋକ ଟିକସ ପରିସରକୁ ଆସିବେ, ପୁଞ୍ଜିନିବେଶ ବଢ଼ିବା ସହ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ। ଏହା ସୁଶାସନ ନୀତିକୁ ପରିବର୍ଦ୍ଧିତ କରିବ।

୬) ଅଧିକ ପରିମାଣର ପୁଞ୍ଜି ଆଗମନ ଓ ମୁଦ୍ରାସ୍ଫୀତି ସତ୍ତ୍ୱେ ଭାରତୀୟ ବଜାର ପ୍ରତିଦ୍ୱନ୍ଦ୍ୱିତାମୂଳକ ରହିଥିବାରୁ ମାନୁଫାକଚରିଙ୍ଗ ସାମଗ୍ରୀ ରପ୍ତାନୀ କ୍ଷେତ୍ରରେ ବିଶ୍ୱ ବଜାରରେ ଭାରତର ଅଂଶ ବୃଦ୍ଧି ପାଉଛି।

୭) ଭାରତରେ ଆନ୍ତଃ- ରାଜ୍ୟ ବାଣିଜ୍ୟ କାରବାର ସୁବିଧା ଦୃଷ୍ଟିରୁ ସାମଗ୍ରୀର ଆଭ୍ୟନ୍ତରୀଣ ଚାଲାଣ ପରିମାଣ ମୋଟ୍ ଘରୋଇ ଉତ୍ପାଦନର ପ୍ରାୟ ୫୪ ପ୍ରତିଶତ ଯାହା ଆନ୍ତର୍ଜାତିକ ବାଣିଜ୍ୟ କାରବାରର ୧.୭ ଗୁଣ। କାମ ଅନ୍ୱେଷଣରେ ନିଜ ଇଲାକା ଛାଡ଼ି ଅନ୍ୟସ୍ଥାନକୁ ଯାଉଥିବା ଲୋକଙ୍କ ସଂଖ୍ୟା ମଧ୍ୟ ଅଧିକ।

୮) ଜଳବାୟୁ ପରିବର୍ତ୍ତନ ଜନିତ ପରିସ୍ଥିତିର ମୁକାବିଲା ପାଇଁ ଭାରତର ଅଙ୍ଗୀକାରବଦ୍ଧତା ମଧ୍ୟ ପ୍ରଶଂସନୀୟ। ପେଟ୍ରୋଲ ଓ ଡିଜେଲ୍ ଉପରେ ଏଥିପାଇଁ ଭାରତ ପରିବେଶ ସୁରକ୍ଷା ଟିକସ ଲଗାଇ ଅନ୍ୟ ଦେଶଙ୍କ ପାଇଁ ଆଦର୍ଶ ପାଲଟିଛି।

୯) ଭାରତର ବିପୁଳ ଜନସଂଖ୍ୟା ଏହାକୁ କେତେକ ନିର୍ଦ୍ଦିଷ୍ଟ ସୁବିଧା ଓ ସୁଯୋଗ ପ୍ରଦାନ କରିଛି। ଲୋକଶକ୍ତିର ଉପଯୋଗ କରି ଭବିଷ୍ୟତରେ ଭାରତ ତାହାର ଅନେକ ସମସ୍ୟାର ସମାଧାନ କରିପାରିବ।

୧୦) ଜନଧନ ଯୋଜନା, ଆଧାର କାର୍ଡ, ମୋବାଇଲ ଫୋନ୍ ଆଦି ପାଇଁ ଭାରତରେ ଯେଉଁ ବ୍ୟାପକ ଢାଞ୍ଚାଗତ ଆଧାର ସୃଷ୍ଟି ହୋଇଛି ତାହାର ସୁଫଳ ଗ୍ରାମାଞ୍ଚଳ ଓ ଦୂରଦୂରାନ୍ତ ଇଲାକାରେ ପହଞ୍ଚି ପାରିଛି।

୧୧) ବିଭିନ୍ନ ସ୍ୱାସ୍ଥ୍ୟ ସେବା ଯୋଜନାର ଅନୁକୂଳ ପ୍ରଭାବ ଲୋକଙ୍କ ଉପରେ ପଡ଼ିଛି। ଲୋକଙ୍କ ହାରାହାରି ପରମାୟୁ ଓ ପ୍ରଜନନ ଶକ୍ତି ବୃଦ୍ଧି ସହ ଏହାର ଅଭିସରଣ ବା ସମନ୍ୱୟ ଘଟିଛି।

୧୨) ଏସବୁ ଶକ୍ତିକୁ ବିଚାରକୁ ନେଲେ ମନେହୁଏ ଯେ ମଧ୍ୟମରୁ ଦୀର୍ଘ ଅବଧି ମଧ୍ୟରେ ଭାରତର ବାସ୍ତବ ଅଭିବୃଦ୍ଧି ହାର ୮ ରୁ ୧୦ ଶତାଂଶ ହେବ। ଭାରତରେ ଯେଉଁ ପୁଞ୍ଜି ନିବେଶ ହୋଇଛି ତାହାର ଫଳ ଏହି ସମୟରେ ମିଳିବ ଏବଂ ଏ କ୍ଷେତ୍ରରେ ଭାରତ ଅନ୍ୟ ଦେଶଗୁଡ଼ିକ ଅପେକ୍ଷା ଆଗରେ ରହିବ ବୋଲି ଆଶା କରାଯାଏ।

ଭାରତୀୟ ଅର୍ଥନୀତିର ସବୁଠୁ ବଡ଼ ଶକ୍ତି ହେଲା ଦେଶର ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ତତ୍‌ସଂଲଗ୍ନ ଅନୁଷ୍ଠାନ ତଥା ସରକାର ଓ ନିଷ୍ପତ୍ତି ଗ୍ରହଣରେ ଜନତାଙ୍କ ଅଂଶଗ୍ରହଣ। ଏକ ସ୍ଥିର, ସଫଳ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସୁଶାସନ ଯୋଗୁଁ ଭାରତରେ ପୁଞ୍ଜି ନିବେଶ ପାଇଁ ଆନ୍ତର୍ଜାତିକ ନିବେଶକଙ୍କ ଆସ୍ଥା, ବିଶ୍ୱାସ ବଢୁଛି। ଅର୍ଥନୈତିକ ସର୍ଭେ ରିପୋର୍ଟରେ ଭାରତର ଏହି ଶକ୍ତି ବିଷୟରେ କିନ୍ତୁ ଉଲ୍ଲେଖ ନାହିଁ।

**ଦୁର୍ବଳତା :** ୧) ଭାରତୀୟ ଅର୍ଥନୀତିର ସବୁଠୁ ବଡ଼ ଦୁର୍ବଳତା ହେଲା ବୃହତ୍ତର ସାମାଜିକ ଆଦର୍ଶ ଓ ମନୋଭାବ, ଆୟ ଓ ସମ୍ପତ୍ତିର ପୁନର୍ବଣ୍ଟନ, ସାମର୍ଥ୍ୟ ନିର୍ମାଣ, ସେବା ପ୍ରଦାନ, ବଜାର ନିୟନ୍ତ୍ରଣ, ସମ୍ପତ୍ତିର ଅଧିକାର ତଥା ଘରୋଇ ଉଦ୍ୟୋଗର ଭୂମିକା ନେଇ ଲୋକଙ୍କର ଭିନ୍ନଭିନ୍ନ ମତାମତ। ଅନେକ ଲୋକ ଏ କ୍ଷେତ୍ରରେ ପାରମ୍ପରିକ ନ୍ୟସ୍ତସ୍ୱାର୍ଥକୁ ଅଗ୍ରାଧିକାର ଦିଅନ୍ତି ଏବଂ ଜାତୀୟ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିସ୍ୱାର୍ଥକୁ ଗୁରୁତ୍ୱ ଦିଅନ୍ତି। ଫଳରେ ଦେଶର ଅର୍ଥନୀତିର ସମ୍ପୂର୍ଣ୍ଣ ସାମର୍ଥ୍ୟର ବିନିଯୋଗ ପାଇଁ ଆବଶ୍ୟକ ସାମାଜିକ-ରାଜନୈତିକ ପରିବେଶ ମିଳେ ନାହିଁ।

୨) ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ନାନାବିଧ ପୁନଃବଣ୍ଟନ ନୀତି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକାରୀ କରୁଥିଲେ ମଧ୍ୟ ଯେଉଁ ବର୍ଗଙ୍କୁ ଉପକାର ପହଞ୍ଚିବା ଦରକାର ସେମାନଙ୍କ ପାଖକୁ ତାହା ବିଶେଷ ଯାଇପାରୁନାହିଁ। ଏପରିକି ଦ୍ରବ୍ୟ ଓ ସେବାକର (ଜିଏସ୍‌ଟି) କ୍ଷେତ୍ରରେ ମଧ୍ୟ ସେହି ଆଶଙ୍କା ଦେଖାଦେଇଛି। ଏହାର ଡିଜାଇନ ବା ଢାଞ୍ଚା ଅତ୍ୟନ୍ତ ଜଟିଳ ହୋଇଥିବାରୁ ଏହାର ଦକ୍ଷତା ଏବଂ ଫଳାଫଳ ଉପରେ ସନ୍ଦେହ ଉପୁଜିବା ସ୍ୱାଭାବିକ।

୩) ସରକାରୀ ଓ ଘରୋଇ ଉଦ୍ୟୋଗର ଭୂମିକା ନେଇ ଭାରତରେ ଆଦର୍ଶଗତ ଓ ଦାର୍ଶନିକ ବିଭ୍ରାନ୍ତି ରହିଛି। ଫଳରେ ପୁଞ୍ଜି ପ୍ରତ୍ୟାହାର, ପ୍ରସ୍ଥାନ, ସରକାରୀ ହସ୍ତକ୍ଷେପ ଓ ସମ୍ପତ୍ତି ଅଧିକାର ଆଦି ପ୍ରସଙ୍ଗରେ ବିତର୍କ, ବିବାଦ ସୃଷ୍ଟି ହୋଇ ଅନେକ ସମୟ ଅପଚୟ ହେଉଛି।

୪) ବିଭିନ୍ନ ଅତ୍ୟାବଶ୍ୟକ ସେବା ମଧ୍ୟରୁ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ଆଦି କେତେକ ବିଷୟରେ ବିଶେଷ କିଛି ଉଲ୍ଲେଖନୀୟ ସେବା ସରକାର ଯୋଗାଇପାରୁନାହାନ୍ତି। ଏହି କ୍ଷେତ୍ରରେ ବିକଳ୍ପ ସେବା ପ୍ରଦାନ ମଡେଲ ମଧ୍ୟ ପ୍ରସ୍ତୁତ ହୋଇପାରୁନି। ଏହା ଏକ ବଡ଼ ଚିନ୍ତାର ବିଷୟ।

୫) ଭାରତରେ ଘରୋଇ ପୁଞ୍ଜି ନିବେଶ ସ୍ୱଳ୍ପ ଓ ରପ୍ତାନୀ ଆଉ ଆଗଭଳି ଉଚ୍ଚହାରରେ ହେଉନାହିଁ, ଏହି ଦୁଇଟି କ୍ଷେତ୍ର ଅଭିବୃଦ୍ଧି ପାଇଁ ଉଲ୍ଲେଖନୀୟ ହୋଇଥିଲେ ହେଁ ଭାରତ ଏଠି ପଛରେ ପଡ଼ିଛି।

୬) ଏବେ କର୍ପୋରେଟ ଉଦ୍ୟୋଗ ଓ ବ୍ୟାବସାୟିକ ବ୍ୟାଙ୍କ ସମୂହଙ୍କ ପ୍ରଦର୍ଶନ ଭଲ ନାହିଁ। ସେମାନେ ନିଜନିଜର କ୍ଷତି ସର୍ବସ୍ୱ ଆୟବ୍ୟୟ ବିବରଣୀ ଧରି ବସିଛନ୍ତି। ବିଭିନ୍ନ କମ୍ପାନୀ ବ୍ୟାଙ୍କରୁ ଋଣ ନେଇ ତାହାକୁ ପରିଶୋଧ କରିପାରୁନାହାନ୍ତି। ଫଳରେ ନୂଆ ପୁଞ୍ଜି ନିବେଶର ସୁଯୋଗ ଉଠାଇବାକୁ ଅକ୍ଷମ। ସେପଟରେ ବ୍ୟାଙ୍କ ସମୂହ ବିପୁଳ ଅନାଦାୟ ଋଣ ବୋଝ ମୁଣ୍ଡାଇଥିବାରୁ ଆଉ ଋଣ ଦେବା ଅବସ୍ଥାରେ ନାହାନ୍ତି।

୭) କେନ୍ଦ୍ର ସରକାରଙ୍କ ଅଣଟିକସ ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ହାସଲ ହୋଇପାରିନାହିଁ। ସ୍ପେକଟ୍ରମ୍ ନିଲାମ, ପୁଞ୍ଜି ପ୍ରତ୍ୟାହାର ଓ ଲାଭାଂଶ ଆଦିରୁ ସରକାର ଯେଉଁ ଟିକସ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଥିଲେ ତାହା ଆଶାଜନକ ହୋଇପାରୁନି। ନିକଟ ଭବିଷ୍ୟତରେ ଏବାବଦ ଆୟ ବଢ଼ିବାର ସମ୍ଭାବନା ମଧ୍ୟ କମ୍।

୮) ଏବେ ରାଜ୍ୟ ସରକାରସମୂହଙ୍କ

ବଜେଟରେ ବିତ୍ତୀୟ ନିଅଣ୍ଟ ପରିମାଣ ବଢ଼ିବଢ଼ି ଚାଲିଛି। ଉଦୟ ଯୋଜନାର କାର୍ଯ୍ୟକାରିତା ଏ କ୍ଷେତ୍ରରେ ଏକ ପ୍ରମୁଖ କାରଣ। ଏହି ବର୍ଷଠାରୁ ଏ କ୍ଷେତ୍ରରେ ଉନ୍ନତି ଘଟିବ ବୋଲି ଆଶା କରାଯାଉଥିଲେ ହେଁ ରାଜ୍ୟ ସରକାରଗୁଡ଼ିକର ବଣ୍ଡ୍ ଉପରେ ସୁଧହାର ପୂର୍ବାପେକ୍ଷା ଯଥେଷ୍ଟ ବୃଦ୍ଧି ପାଇଛି।

୯) ଋଣ – ଜିଡିପି ଅନୁପାତ କମାଇବାକୁ ପ୍ରାଥମିକ ନିଅଣ୍ଟ ହ୍ରାସ ନ କରି ଅତି ଉଚ୍ଚ ଅଭିବୃଦ୍ଧି ହାରର ଆୟ ଉପରେ ମାତ୍ରାଧିକ ନିର୍ଭର କରିବା ଆଶା ମୁତାବକ ଫଳ ଦେଇନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମାନ ରଣନୀତି ଅବଲମ୍ବନ କରି ଏ କ୍ଷେତ୍ରରେ ଏକ ପ୍ରକାର ବିଫଳ ହୋଇଛନ୍ତି।

୧୦) ବିଭିନ୍ନ ଯୋଜନାରେ ସରକାରୀ ପାଣ୍ଠିର ଆବଣ୍ଟନ ଜିଲାସ୍ତରରେ ଏତେ ତ୍ରୁଟିପୂର୍ଣ୍ଣ ଯେ ଅଧିକ ଗରିବ ଥିବା ଅଞ୍ଚଳରେ ସେମାନଙ୍କ ଆବଶ୍ୟକତା ଅନୁସାରେ ପର୍ଯ୍ୟାପ୍ତ ପାଣ୍ଠି ମିଳୁନାହିଁ।

୧୧) ୨୦୨୦ ସୁଦ୍ଧା ଭାରତରେ କାର୍ଯ୍ୟକ୍ଷମ ଜନସଂଖ୍ୟା ଓ ଅଣ କାର୍ଯ୍ୟକ୍ଷମ ଲୋକ ସଂଖ୍ୟା ଅନୁପାତ ସର୍ବାଧିକ ସ୍ତରରେ ପହଞ୍ଚି ୧.୭ ହେବ। ବ୍ରିକ୍ସ ରାଷ୍ଟ୍ରସମୂହର ଏ ସଂକ୍ରାନ୍ତ ତଥ୍ୟକୁ ବିଚାରକୁ ନେଲେ ଦେଖାଯାଏ ଯେ ଭାରତରେ ଏହି ଅନୁପାତ ଯଥେଷ୍ଟ କମ୍। ଏହାର ଅର୍ଥ ହେଲା ବିପୁଳ ଜନସଂଖ୍ୟାରୁ ଭାରତ ସେମିତି କିଛି ଉତ୍ପାଦନଗତ ଲାଭ ପାଉନାହିଁ।

୧୨) ଗତ କିଛି ବର୍ଷ ଧରି ପୁଞ୍ଜି ନିବେଶ ଓ ସୁଧହାର ଭାରତରେ ହ୍ରାସ ପାଉଛି।

୧୩) ଭାରତର ବିଭିନ୍ନ ରାଜ୍ୟରେ ଆୟ ଓ ଉପଭୋଗ କ୍ଷେତ୍ରରେ ଅସମତା ବଢ଼ୁଛି।

**ସୁଯୋଗ :** ୧) ଦେବାଳିଆ ଆଇନର ସଂଶୋଧନ କରି କମ୍ପାନୀଗୁଡ଼ିକୁ ପ୍ରସ୍ଥାନର ସୁଯୋଗ ଦେଲେ ଅଟକ ରହିଥିବା ସମ୍ବଳକୁ ଖଲାସ କରିହେବ।

୨) ଆଧାର କାର୍ଡର ଆଇନଗତ ସ୍ଥିତିକୁ ସୁଦୃଢ଼ କରିବା ସହ ଆନ୍ତଃ କାରବାରର ସୁଯୋଗ ନେଲେ ଏହା ମାଧ୍ୟମରେ ନଗଦ ବିହୀନ କାରବାର (ଡିଜିଟାଲ ପେମେଣ୍ଟ) ସହଜ ହେବ ଓ ସରକାରୀ ଯୋଜନାର ଲାଭ ସିଧା ଲୋକଙ୍କ ଖାତାକୁ ଯିବ। ଏହା ସମସ୍ତଙ୍କୁ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରି ସମଲାଭ ପ୍ରଦାନରେ ସହାୟକ ହେବ।

୩) ପ୍ରତିଦ୍ୱନ୍ଦ୍ୱୀ ଓ ସହଯୋଗୀ ସଂଘୀୟ ବ୍ୟବସ୍ଥାରେ କୁଶଳ, ନିବେଶ ଓ ପ୍ରଯୁକ୍ତିକୁ ଆକର୍ଷିତ କରିବାର ଦକ୍ଷତା ବୃଦ୍ଧି ପାଇଥାଏ।

୪) ଢାଞ୍ଚାଗତ ସଂସ୍କାରର ଯେଉଁ କାର୍ଯ୍ୟ ଅସମାପ୍ତ ରହିଛି ଦୃଢ଼ ରାଜନୈତିକ ଅଙ୍ଗୀକାର ଦେଖାଇ ତାହାକୁ ସମ୍ପୂର୍ଣ୍ଣ କରାଯାଇପାରିବ। ସଂସଦରେ ସରକାରଙ୍କର ବିପୁଳ ସଂଖ୍ୟାଗରିଷ୍ଠତା ଥିବାରୁ ବିମୁଦ୍ରାୟନ ଭଳି କଠୋର ତଥା ନିର୍ଣ୍ଣାୟକ ପଦକ୍ଷେପ ଦେଶ ଭିତରେ ନେଇ ହେବ।

୫) ଆମେରିକା ଅର୍ଥନୀତିରେ ଡଲାରର ଚାହିଦା ବୃଦ୍ଧି ବହୁପାକ୍ଷିକ ବାଣିଜ୍ୟକୁ ପ୍ରଭାବିତ କରିବ। ମହଙ୍ଗା ଡଲାର ଯୋଗୁଁ ଚୀନ୍ ତା'ର ରପ୍ତାନୀ ବାଣିଜ୍ୟ ହ୍ରାସ କରିବାକୁ ବାଧ ହେବା ଫଳରେ ଚୀନ ତାହାର ଘରୋଇ ଉପଭୋଗ ଓ ଆଭ୍ୟନ୍ତରୀଣ ବଜାର ବଢ଼ାଇ ନିଜର ଅର୍ଥନୀତିରେ ପୁନଃ ଭାରସାମ୍ୟ ଆଣିବ। ଏହି ପଦକ୍ଷେପର ଭଲ ପ୍ରଭାବ ଭରାତ ଓ ଅନ୍ୟାନ୍ୟ ଅର୍ଥନୀତି ଉପରେ ପଡ଼ିବ। ଚୀନ୍‌ର ରପ୍ତାନୀ ବାଣିଜ୍ୟ ହ୍ରାସ ପାଇବା ପରେ ଯେଉଁ ଶୂନ୍ୟସ୍ଥାନ ଆନ୍ତର୍ଜାତିକ ବାଣିଜ୍ୟ କ୍ଷେତ୍ରରେ ସୃଷ୍ଟି ହେବ ତାହକୁ ଦଖଲ କରିବା ପାଇଁ ଭାରତ ସମେତ କେତେକ ରାଷ୍ଟ୍ରଙ୍କୁ ସୁଯୋଗ ମିଳିବ।

୬) ଆମେରିକା ଓ ଜର୍ମାନ ଭଳି ଆଗୁଆ ରାଷ୍ଟ୍ରରେ ଉଚ୍ଚ ଅଭିବୃଦ୍ଧିର ସମ୍ଭାବନା ଦୃଷ୍ଟିରୁ ଭାରତ ଭଳି ବିକାଶଶୀଳ ରାଷ୍ଟ୍ରଙ୍କ ରପ୍ତାନୀ ବାଣିଜ୍ୟ କାରବାରରେ ଉନ୍ନତି ଆସିପରେ।

୭) ବ୍ରେକ୍‌ଜିଟ୍ ପରେ ଶ୍ରମିକବହୁଳ ରପ୍ତାନୀକୁ ପ୍ରୋତ୍ସାହନ ଦେବା ପରିପ୍ରେକ୍ଷୀରେ ଭାରତ ପାଇଁ ଏକ ସୁଯୋଗ ସୃଷ୍ଟି ହୋଇଛି। ଏବେ ଭାରତ ବ୍ରିଟେନ ଓ ୟୁରୋପୀୟ ସମୁଦାୟ ସହିତ ମୁକ୍ତ ବାଣିଜ୍ୟ ରାଜିନାମା ସମ୍ପର୍କରେ ଆଉଥରେ ଆଲୋଚନା କରିପାରେ। ଏହାଦ୍ୱାରା ଭାରତର ରପ୍ତାନୀ ବାଣିଜ୍ୟ ବଢ଼ିବ ଓ ନିଯୁକ୍ତି ପରିସର ବୃଦ୍ଧି ପାଇବ।

୮) ଆଞ୍ଚଳିକ ବାଣିଜ୍ୟ ରାଜିନାମକୁ ଆମେରିକା ଏବେ ବିରୋଧ କରୁଛି। ଫଳରେ ବିଶ୍ୱ ବାଣିଜ୍ୟ ସଂଗଠନ ଓ ବହୁପାକ୍ଷିକ ବ୍ୟବସ୍ଥାର ଆବଶ୍ୟକତା ଏବେ ଅଧିକ ପ୍ରାସଙ୍ଗିକ ହୋଇଛି। ଏଭଳି ସ୍ଥିତିରେ ଭାରତ ଅବଶେଷରେ ଲାଭବାନ ହେବ।

୯) ଭାରତର ବଡ଼ ବଡ଼ ତଥା ଜନବହୁଳ ରାଜ୍ୟଗୁଡ଼ିକରେ ଲୋକସଂଖ୍ୟାରେ ଏକ ବଡ଼ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଆନ୍ଧ୍ର, ପଶ୍ଚିମବଙ୍ଗ, ତାମିଲନାଡୁ, କର୍ଣ୍ଣାଟକ, କେରଳ ଭଳି ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକରେ ବୟସ୍କ ଲୋକଙ୍କ ସଂଖ୍ୟା ଉତ୍ତରପ୍ରଦେଶ, ବିହାର, ରାଜସ୍ଥାନ ଓ ମଧ୍ୟପ୍ରଦେଶ ଭଳି ଆଭ୍ୟନ୍ତରୀଣ ପ୍ରଦେଶଗୁଡ଼ିକ ତୁଳନାରେ ଅଧିକ। ହିନ୍ଦୀ ଭାଷାଭାଷୀ ରାଜ୍ୟଗୁଡ଼ିକରେ ଯୁବ ଲୋକସଂଖ୍ୟା ଅଧିକ ରହିଛି। ତେଣୁ ଅଧିକ ଯୁବ ଲୋକଶକ୍ତି ଶ୍ରମିକଙ୍କ ଭ୍ରମଣ ଓ ସ୍ଥାନାନ୍ତରଣ ସହ ଅଧିକ ଅଭିବୃଦ୍ଧି ହାସଲ ପାଇଁ ସହାୟକ ହୋଇପାରେ।

୧୦) ହିନ୍ଦୀ ଭାଷାଭାଷୀ ରାଜ୍ୟର ଲୋକସଂଖ୍ୟାର ଲାଭ ୨୦୪୦ ବେଳକୁ ମିଳିବାକୁ ଥିବାବେଳେ ତଟବର୍ତ୍ତୀ ରାଜ୍ୟସମୂହର ଜନସଂଖ୍ୟା ଭିତ୍ତିକ ଲାଭ ୨୦୨୦ରେ ଶୀର୍ଷରେ ପହଞ୍ଚିବ। ଏହାକୁ ଦୃଷ୍ଟିରେ ରଖି ସରକାର ଅର୍ଥନୈତିକ ସଂସ୍କାର କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ନିଯୁକ୍ତି ଓ ଅଭିବୃଦ୍ଧି ହାର ତ୍ୱରାନ୍ୱିତ ହେବାର ସମ୍ଭାବନା ଅଛି।

୧୧) ବ୍ୟାଙ୍କ ସମୂହଙ୍କ ଅନାଦାୟ ଋଣ ବୋଝ ବୃଦ୍ଧି ତଥା ବାଲାନ୍ସସିଟ୍ ସମସ୍ୟାର ସମାଧାନ ପାଇଁ ଏକ ରାଷ୍ଟ୍ରାୟତ୍ତ ସମ୍ପତ୍ତି ଥଇଥାନ ସଂସ୍ଥା (ଆସେଟ୍ ରିହାବିଲିଟେସନ୍ ଏଜେନ୍ସି) ଗଠନର ଆବଶ୍ୟକତା ରହିଛି।

**ବିପଦ :**

୧) ଆନ୍ତର୍ଜାତିକ ରେଟିଂ ସଂସ୍ଥାଙ୍କଦ୍ୱାରା ଗତ ସାତ ବର୍ଷ ଧରି ଭାରତର ଆର୍ଥିକ ପ୍ରଦର୍ଶନର ମୂଲ୍ୟାୟନ ହାର ଭଲ ରହିନାହିଁ। ଏସବୁ ମୂଲ୍ୟାୟନରେ କେଉଁଠି କିଛି ଅସଂଗତି ରହୁଛି। ଏହି ସମୟ ମଧ୍ୟରେ ଭାରତର ଆର୍ଥିକ ପ୍ରଦର୍ଶନ ଭଲ ରହିବା ସତ୍ତ୍ୱେ ଖରାପ ରେଟିଂ ଯୋଗୁଁ ବିଦେଶୀ ପୁଞ୍ଜି ନିବେଶ ପ୍ରକ୍ରିୟା ଉପରେ ଏହାର ଖରାପ ପ୍ରଭାବ ପଡ଼ିବ।

୨) ସଂଘୀୟ ଗଣତନ୍ତ୍ରରେ ଲୋକ ଦେଖାଣିଆ ଭାବ ଓ ଶସ୍ତା ଲୋକପ୍ରିୟତାର ପ୍ରତିଦ୍ୱନ୍ଦ୍ୱିତା ବିତ୍ତୀୟ ଶୃଙ୍ଖଳା ତଥା ଶାସନର ମାନକୁ କ୍ଷତି ଘଟାଇପାରେ।

୩) ଉଦୟ ବଣ୍ଡ୍ ଓ ନୂଆ ବେତନ ପ୍ରଦାନ ବାବଦରେ ରାଜ୍ୟ ସରକାରଙ୍କୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡ଼ିବ। ଏହା ଫଳରେ ସେମାନଙ୍କ ଆର୍ଥିକ ଶୃଙ୍ଖଳା ରକ୍ଷା ସମ୍ଭବପର

ହୋଇ ନ'ପାରେ।

୪) ଆନ୍ତର୍ଜାତିକ ରାଜନୀତି ଓ ପରିବେଶ ଦ୍ରୁତଗତିରେ ପରିବର୍ତ୍ତିତ ହୋଇ କ୍ରମଶଃ ସୁରକ୍ଷାବାଦୀ ଓ ନିସଙ୍ଗତା ଆଡ଼କୁ ଗତି କରୁଛି। ବିଶ୍ୱର ଉନ୍ନତ ଦେଶଗୁଡ଼ିକରେ ଦ୍ରବ୍ୟ, ସେବା ଓ ଶ୍ରମ ବିରୋଧରେ ବିଶ୍ୱାୟନ ବିରୋଧୀ ମନୋଭାବ ଉଦ୍ରେକ ହେଉଛି। ଭାରତ ଉପରେ ଏହାର ପ୍ରଭାବ ପଡ଼ିପାରେ। ଭାରତ ୧୫ ରୁ ୨୦ ଶତାଂଶ ରପ୍ତାନୀ ଅଭିବୃଦ୍ଧିର ଯେଉଁ ଲକ୍ଷ୍ୟ ରଖିଛି ତାହା ଏହା ଯୋଗୁଁ ପ୍ରଭାବିତ ହେବା ସହ ୮ ରୁ ୧୦% ଜିଡିପି ଅଭିବୃଦ୍ଧି ହାର ହାସଲ ସହଜ ହୋଇ ନ'ପାରେ।

୫) ଆନ୍ତର୍ଜାତିକ ସ୍ତରରେ ତୈଳଦର ବଢୁଛି ଏବଂ ଜିନିଷପତ୍ରର ମୂଲ୍ୟ ମଧ୍ୟ ବୃଦ୍ଧି ପାଉଛି। ତୈଳବୃଦ୍ଧି ଜନିତ ସମ୍ଭାବ୍ୟ ବିପଦ ସମ୍ପର୍କରେ ଅର୍ଥନୈତିକ ସର୍ଭେ ରିପୋର୍ଟରେ ବିଶେଷ କିଛି ଉଲ୍ଲେଖ ନାହିଁ।

୬) ଆମେରିକାର ସାମ୍ପ୍ରତିକ ଘଟଣାବଳୀ ପରିପ୍ରେକ୍ଷୀରେ ବିଶ୍ୱର ଉନ୍ନତ / ସମୃଦ୍ଧ ଦେଶସମୂହରେ ଆନ୍ତର୍ଜାତିକ ସୁଧହାର ଓ ମୁଦ୍ରାସ୍ଫୀତି ମଜବୁତ ହେଉଛି। ଏହାର କୁପ୍ରଭାବ ଭାରତ ଉପରେ ପଡ଼ିପାରେ ଏବଂ ଭାରତକୁ ବିଦେଶୀ ପୁଞ୍ଜି ଆଗମନ ଓ ବିଦେଶରେ ବିଦେଶୀ ପୁଞ୍ଜି ନିବେଶ କମିପାରେ।

୭) ଆମେରିକାର ରାଜନୈତିକ ପରିବର୍ତ୍ତନ ସହ ଡଲାରର ମୂଲ୍ୟ ବଢୁଛି। ଡଲାରର ମୂଲ୍ୟ ବୃଦ୍ଧି ଯୋଗୁଁ ଚୀନ୍ ଯଦି ବାଧ୍ୟ ହୋଇ ତାହାର ମୁଦ୍ରା ୟୁଆନର ମୂଲ୍ୟ ହ୍ରାସ କରେ ତେବେ ଚୀନ ଅର୍ଥନୀତି ଉପରେ ଢାଞ୍ଚାଗତ ପରିବର୍ତ୍ତନର ପ୍ରଭାବ ପଡ଼ିବାକୁ ବାଧ୍ୟ। ଏହା ହେଲେ ଭାରତ ଉପରେ ମଧ୍ୟ ତାହାର ପ୍ରଭାବ ପଡ଼ିବ କାରଣ ଚୀନରୁ ଭାରତ ବହୁ ପରିମାଣର ଜିନିଷପତ୍ର ଆମଦାନୀ କରିଥାଏ। ଆମେରିକା-ଚୀନ ବାଣିଜ୍ୟ ଯୁଦ୍ଧ ବିଶ୍ୱ ଅର୍ଥନୀତିକୁ ଅସ୍ଥିର କରିପାରେ।

୮) ବିଶ୍ୱ ରପ୍ତାନୀ-ଜିଡିପି ଅନୁପାତ ଗତ ଛ ବର୍ଷ ଧରି କ୍ରମାଗତ ହ୍ରାସ ପାଉଛି। ଏଭଳି ଏକ ତମସାଛନ୍ନ ପରିବେଶରେ ବିଶ୍ୱବାଣିଜ୍ୟରେ ଭାରତର ଅଂଶ ବୃଦ୍ଧି ପ୍ରୟାସ ଅତ୍ୟନ୍ତ କଷ୍ଟସାଧ୍ୟ ମନେହୁଏ।

୯) ବିଶ୍ୱ ବଜାରରେ ଭିଏତନାମ, ବାଂଲାଦେଶ ଓ ଫିଲିପାଇନ୍ସ ଭଳି ଛୋଟଛୋଟ ଉଦୀୟମାନ ଦେଶ ବିଭିନ୍ନ ସେବା, ସାମଗ୍ରୀ କାରବାରରେ ଭାରତ ପାଇଁ ଏବେ ପ୍ରତିଦ୍ୱନ୍ଦ୍ୱୀ ସାଜିଛନ୍ତି। ଏମାନଙ୍କ ଆହ୍ୱାନର ମୁକାବିଲା କରି ଭାରତ ଅପ୍ରତିଦ୍ୱନ୍ଦ୍ୱୀ ହେବା ସହଜ ମନେହୁଏନା।

୧୦) ବାସ୍ତବ ସଫଳ ବିନିମୟ ହାର (ରିୟର) ଦୃଷ୍ଟିରୁ ବିଚାର କଲେ ଦେଖାଯାଏ ଯେ ଭାରତର ମୁଦ୍ରା (ରୁପି) ଅନ୍ୟାନ୍ୟ ମୁଦ୍ରା ତୁଳନାରେ ଶକ୍ତିଶାଳୀ ହେଉଛି। ଫଳରେ ବିଶ୍ୱବଜାରରେ ଭାରତୀୟ ଜିନିଷପତ୍ର ଓ ସେବା ଅନ୍ୟ ରାଷ୍ଟ୍ରଙ୍କ ଦ୍ରବ୍ୟ ଓ ସେବା ତୁଳନାରେ ମହଙ୍ଗା ହୋଇ ବଜାର ହରାଉଛି। ଏହା ବିଶ୍ୱ ରପ୍ତାନୀ ବାଣିଜ୍ୟ କ୍ଷେତ୍ରରେ ଭାରତ ପାଇଁ ଅସୁବିଧା ସୃଷ୍ଟି କରିଛି।

୨୦୧୪ ରୁ ୨୦୧୬ ମଧ୍ୟରେ ଟଙ୍କାର ଏହି ମୂଲ୍ୟ ସଶକ୍ତିକରଣ (ଆପ୍ରିସିଏସନ୍) ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ହିସାବରେ ୧୯.୪ ଶତାଂଶ। ଭାରତୀୟ ରିଜର୍ଭ ବ୍ୟାଙ୍କ ଅନୁସାରେ ଏହା ୧୨ ଶତାଂଶ ଓ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁସାରେ ଏହା ୮.୩ ଶତାଂଶ। ଏହି ଆକଳନ ଭିନ୍ନଭିନ୍ନ ହେବାର କାରଣ ହେଲା ବିଭିନ୍ନ ଦେଶର ମୁଦ୍ରାସହ ଟଙ୍କାର ବିନିମୟ ମୁଦ୍ରାର ମୂଲ୍ୟ ହିସାବ। ତେବେ ସେ ଯା'ହେଉ ମୁଦ୍ରାର ମୂଲ୍ୟ ଟାଣ ରହୁଥିବାରୁ ଭାରତର ରପ୍ତାନୀ ବାଣିଜ୍ୟରେ ବିଶେଷ ପ୍ରଗତି ହାସଲର ସମ୍ଭାବନା ସେତେ ଉଜ୍ଜ୍ୱଳ ନୁହେଁ।

୧୧) ଭାରତ ଏବେ ବିପୁଳ ଜନସଂଖ୍ୟା ଜନିତ ଯେଉଁ ଲାଭ ପାଉଛି ତାହା ଆଉ ବେଶୀ ଦିନ ନୁହେଁ। ୨୦୨୦ ସୁଦ୍ଧା ଏହା ଶିଖରରେ ପହଞ୍ଚି ତା'ପରେ ହ୍ରାସ ପାଇବାକୁ ଆରମ୍ଭ କରିବ। ଭାରତ ଏ କ୍ଷେତ୍ରରେ ଶୀର୍ଷରେ ପହଞ୍ଚିଲେ ଯେଉଁ ଲାଭ ପାଇବ ତୁଳନାତ୍ମକ ଭାବେ ଦେଖିଲେ ଏହା ସେହି ସ୍ତରରେ ଚୀନ ଓ ବ୍ରାଜିଲଠାରୁ କମ୍ ହେବ।

୨୦୧୬-୧୭ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଭାରତର ଅର୍ଥନୀତିର ଶକ୍ତି, ଦୁର୍ବଳତା, ସୁଯୋଗ ଓ ବିପଦ ସମ୍ପର୍କରେ ବ୍ୟାପକ ଅନୁଶୀଳନ କରାଯାଇଛି। ଦୁର୍ବଳତା ଓ ଆହ୍ୱାନ ଦୂର କରିବା ପାଇଁ ଏଥିରେ କିଛି ସଂସ୍କାରବାଦୀ ପଦକ୍ଷେପ ସହିତ ନୂଆ ଉପାୟ ବିଷୟରେ କୁହାଯାଇଛି। ସର୍ଭେର ପ୍ରଣାଳୀ, ଅନୁଧ୍ୟାନ, ତଥ୍ୟ ସଂଗ୍ରହ ବ୍ୟବସ୍ଥା, ଅନୁଶୀଳନ, ମତାମତ ଓ ଉପସଂହାର ଘେନି ମତଭେଦ ରହିବା ସ୍ୱାଭାବିକ। ଏହା ସତ୍ତ୍ୱେ ଏହା ଏକ ଚମତ୍କାର ସର୍ବେକ୍ଷଣ ଏବଂ ଦେଶର ଆର୍ଥିକ ସ୍ଥିତି ଓ ଭବିଷ୍ୟତ ସମ୍ପର୍କରେ ଏଥିରେ ପ୍ରଶଂସନୀୟ ପ୍ରସ୍ତାବମାନ ରହିଛି।

ଲେଖକ ଅହମଦାବାଦ ସ୍ଥିତ ଭାରତୀୟ ପରିଚାଳନା ପ୍ରତିଷ୍ଠାନର ଅର୍ଥନୀତି ବିଭାଗର ପ୍ରଫେସର

## ବଜେଟ ସମ୍ପର୍କରେ ଅର୍ଥମନ୍ତ୍ରୀଙ୍କ ମତ

**ଏହି ବଜେଟ ପ୍ରସ୍ତୁତ କରିବାବେଳେ ମୋର ସର୍ବପ୍ରଥମ ଲକ୍ଷ୍ୟ ଥିଲା ଗ୍ରାମାଞ୍ଚଳ, ଭିତ୍ତିଭୂମି ଏବଂ ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଅଧିକ ଅର୍ଥ ଖର୍ଚ୍ଚ କରିବା ଓ ଏଥିସହିତ ଆର୍ଥିକ ବିକାଶର ସର୍ବଶ୍ରେଷ୍ଠ ମାନକୁ ଅବ୍ୟାହତ ରଖିବା । ଅଭିବୃଦ୍ଧିର ଲାଭ କୃଷକ, ଶ୍ରମିକ, ଗରିବ, ତଫସିଲଭୁକ୍ତ ଜାତି, ଉପଜାତି, ମହିଳା ଏବଂ ସମାଜର ଅନ୍ୟାନ୍ୟ ଦୁର୍ବଳବର୍ଗଙ୍କ ପାଖରେ ଯେପରି ପହଞ୍ଚିବ ତାହା ନିଶ୍ଚିତ କରିବା ପାଇଁ ଆମେ ଆହୁରି ଅଧିକ ପଦକ୍ଷେପ ଗ୍ରହଣ କରିବୁ । ଲୋକଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ ଆମର ପ୍ରୟାସ ଜାରି ରହିବ । ଆଗାମୀ ବର୍ଷ ପାଇଁ ଆମ କାର୍ଯ୍ୟସୂଚୀ ହେଲା-ଟିଇସି ଇଣ୍ଡିଆ ବା ଟ୍ରାନ୍ସଫର୍ମ (ପରିବର୍ତ୍ତନ କର), ଏନର୍ଜାଇଜ୍ (ସଶକ୍ତକର) ଓ କ୍ଲିନ ଇଣ୍ଡିଆ ବା ଭାରତକୁ ସ୍ୱଚ୍ଛ କର ।**

**? ଏହି ପରିବର୍ତ୍ତନର ଲକ୍ଷ୍ୟ ହେଲା ଶାସନର ମାନ ଓ ଲୋକଙ୍କ ଜୀବନଧାରଣର ମାନ ବଦଳାଇବା**

**? ସଶକ୍ତର ଅର୍ଥ ହେଲା, ସମାଜର ବିଭିନ୍ନ ବର୍ଗଙ୍କୁ ସଶକ୍ତ, ସୁଦୃଢ଼ କରିବା ବିଶେଷକରି ଯୁବ, ଦୁର୍ବଳ ବର୍ଗଙ୍କୁ ସବଳ କରି ନିଜ ଦକ୍ଷତାର ବିନିଯୋଗ ପାଇଁ ଆବଶ୍ୟକ ପରିବେଶ ସୃଷ୍ଟି କରିବା**

**? ?ସ୍ୱଚ୍ଛ ବା ପରିସ୍କରଣର ଅର୍ଥ ହେଲା-ଦେଶକୁ ଦୁର୍ନୀତି, କଳା ଟଙ୍କା, ଅସ୍ୱଚ୍ଛ ରାଜନୈତିକ ଚାନ୍ଦା ପ୍ରଦାନ ବ୍ୟବସ୍ଥାରୁ ମୁକ୍ତ କରି ଏକ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଭାରତ ତିଆରି କରିବା ।**

**ବ୍ୟବସ୍ଥାର ଶୋଧନ ପାଇଁ ଡିଜିଟାଲ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ସରକାରଙ୍କ ରଣନୀତିର ଏକ ପ୍ରମୁଖ ମାଧ୍ୟମ । ତେଣୁ ତାହା ଉପରେ ଅଗ୍ରାଧିକାର ପ୍ରଦାନ କରାଯାଇଛି ।**

# ନିଯୁକ୍ତି ଓ ଶିଳ୍ପ ଅଭିବୃଦ୍ଧି ଉପରେ କେନ୍ଦ୍ରୀୟ ବଜେଟର ପ୍ରଭାବ

**ଅରୁପ ମିତ୍ର**

ଶିଳ୍ପ ଅଭିବୃଦ୍ଧି ଓ ନିଯୁକ୍ତି ସୃଷ୍ଟି ସରକାରଙ୍କ ମୌଳିକ ଲକ୍ଷ୍ୟର ଅଂଶ ବିଶେଷ। ଭାରତରେ ଏବେ କୃଷି କ୍ଷେତ୍ରରେ ଆବଶ୍ୟକତାଠାରୁ ଅଧିକ ଲୋକଶକ୍ତି ନିୟୋଜିତ ହେଉଥିବାରୁ ସେମାନଙ୍କ ଶ୍ରମଶକ୍ତିର ଉପଯୁକ୍ତ ବିନିଯୋଗ ହେଉନାହିଁ କିମ୍ବା ସେମାନେ ଉପଯୁକ୍ତ ରୋଜଗାର ପାଉନାହାନ୍ତି। ତେଣୁ ଅଧିକରୁ ଅଧିକ ଲୋକଙ୍କୁ ଉତ୍ପାଦନଭିତ୍ତିକ ରୋଜଗାର ଦେବା ପାଇଁ ଭାରତ ସମେତ ସବୁ ବିକାଶଶୀଳ ଦେଶଙ୍କୁ ଶିଳ୍ପ ବାଣିଜ୍ୟ କ୍ଷେତ୍ରରେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ଯୋଗାଇବା ଅପରିହାର୍ଯ୍ୟ ହୋଇପଡ଼ିଛି। ଏହା ଫଳରେ ଉଭୟ କୁଶଳୀ ଓ ଅଣକୁଶଳୀ ଲୋକ ଅଧିକରୁ ଅଧିକ କର୍ମନିଯୁକ୍ତିର ସୁଯୋଗ ପାଇପାରିବେ। ଏହା ବେକାରୀ ବା ଅର୍ଦ୍ଧ ବେକାରୀ ସମସ୍ୟାର ମୁକାବିଲାରେ ଯଥେଷ୍ଟ ସହାୟକ ହେବ। ବୈଷୟିକ ଜ୍ଞାନ ଓ ପ୍ରଯୁକ୍ତିର ଯଥାର୍ଥ ଉପଯୋଗ ଦ୍ୱାରା ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ତଥା ବିକାଶ ଆଣିହେବ। ଅନେକ ଲୋକ ଏହା ଫଳରେ ନିଜସ୍ୱ ପୁଞ୍ଜି ନିବେଶ ନ'କରି ଶ୍ରମବଦଳରେ କର୍ମ ନିଯୁକ୍ତି ପାଇପାରିବେ। ଗବେଷଣା ଓ ଅନୁଭୂତି କହୁଛି ଶିଳ୍ପାୟନରେ ନୂତନ ପ୍ରଯୁକ୍ତିର ଉପଯୋଗ ଏକ ପୁଞ୍ଜିବହୁଳ ବ୍ୟାପାର। ବିଭିନ୍ନ ପ୍ରକାର ସାମଗ୍ରୀ ଉତ୍ପାଦନ କରିବା, ନୂଆ ଜିନିଷର ଉତ୍ପାଦନ, ମୂଳ ସାମଗ୍ରୀରୁ ଉପଜାତ ସାମଗ୍ରୀ ଉତ୍ପାଦନ ବ୍ୟବସ୍ଥା ଏ କ୍ଷେତ୍ରରେ ଯଥେଷ୍ଟ ଗୁରୁତ୍ୱବହନ କରେ। ପୁଞ୍ଜି ନିବେଶ ଅଧିକ ନ ବଢ଼ାଇ ମୂଳ ପୁଞ୍ଜିରେ ସାମାନ୍ୟ ଅଦଳବଦଳ କରି ଏହି କୌଶଳ ଆପଣାଇଲେ ଅଧିକ ନିଯୁକ୍ତି ସୃଷ୍ଟି ହୋଇପାରିବ। ଏ କ୍ଷେତ୍ରରେ ନୂଆ ପ୍ରଯୁକ୍ତିର ଉପଯୋଗ ଜରୁରୀ ଏବଂ ଏହା ନିଯୁକ୍ତି ପରିସର ବୃଦ୍ଧି କରିବ। ଚଳିତ ବଜେଟରେ ସରକାର ଯେଉଁସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ଉପରୋକ୍ତ ପରିପ୍ରେକ୍ଷୀରେ ନିଯୁକ୍ତି ଓ ଅଭିବୃଦ୍ଧିକୁ କିପରି ପ୍ରୋତ୍ସାହିତ କରିବ ତାହା ବିଚାର ସାପେକ୍ଷ।

୨୦୧୭-୧୮ ଆର୍ଥିକ ବର୍ଷର କେନ୍ଦ୍ରୀୟ ବଜେଟ ଉପସ୍ଥାପନର ଅଳ୍ପଦିନ ପୂର୍ବରୁ ଐତିହାସିକ ବିମୁଦ୍ରାୟନ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଆଶଙ୍କା କରାଯାଉଥିଲା ଯେ ଏହି ପଦକ୍ଷେପର କୁପ୍ରଭାବ ଅର୍ଥନୀତି ଉପରେ ପଡ଼ିବ ଓ ଅଣକୃଷି କ୍ଷେତ୍ରର କର୍ମ ନିଯୁକ୍ତି ଉପରେ ଏହାର ଖରାପ ପ୍ରଭାବ ପଡ଼ି ସହରାଞ୍ଚଳରେ ବେକାରୀ ସମସ୍ୟା କିଛି ଦିନ ବଢ଼ିବ। ସବୁଠୁ ଅଧିକ କୁପ୍ରଭାବ ମଧ୍ୟମ, କ୍ଷୁଦ୍ର, ସେବା ଓ ମାନୁଫାକଚରିଂ ଉଦ୍ୟୋଗ ଉପରେ ପଡ଼ିବ ବୋଲି ଆଶଙ୍କା କରାଯାଇଥିଲା। ଏପରିକି ବୃହତ୍ ଉଦ୍ୟୋଗ ଉପରେ ବିମୁଦ୍ରାୟନର ପ୍ରଭାବ ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇ ନଥିଲା। ତେବେ ସେ ଯା'ହେଉ ଦେଶର ଅଧିକାଂଶ ଶିଳ୍ପୋଦ୍ୟୋଗ ନୀତିନିୟମକୁ ଉଲ୍ଲଙ୍ଘନ କରି କାମ କରିଥାନ୍ତି ଏବଂ ସେଥିପାଇଁ ଲାଞ୍ଚର ଆଶ୍ରୟ ନେଇ ଆଇନ କାନୁନ୍‌କୁ ଏଡ଼ାଇ ଚାଲନ୍ତି। ପରିସ୍ଥିତିର ମୁକାବିଲା କରିବାର କଳା ମଧ୍ୟ ସେମାନଙ୍କୁ ଜଣା।

ପୁଞ୍ଜି ନିବେଶ ହ୍ରାସର ପ୍ରଥମ ନକାରାତ୍ମକ ପ୍ରଭାବ ହେଲା ଏହା ଶ୍ରମର ଚାହିଦାକୁ ହ୍ରାସ କରେ। ଠିକା ନିଯୁକ୍ତିର ଯୁଗରେ ଉଦ୍ୟୋଗ ପାଇଁ ସବୁଠୁ ସହଜ କାମ ହେଲା ପ୍ରତିକୂଳ ପରିସ୍ଥିତି ଦେଖି ପ୍ରଥମେ ଶ୍ରମିକ ନିଯୁକ୍ତିକୁ ହ୍ରାସ କରିବା। ଉଦ୍ୟୋଗୀଙ୍କ ପାଇଁ ଅନ୍ୟାନ୍ୟ ବିନିଯୋଗ ବ୍ୟବସ୍ଥା ମଧ୍ୟରୁ ଶ୍ରମିକ ନିଯୁକ୍ତି ହ୍ରାସ କରିବା ସହଜ ଉପାୟ। ତେଣୁ ଯେଉଁମାନଙ୍କ ପାଖରେ ନଗଦ ଅଭାବ ଜନିତ ସମସ୍ୟା ଦେଖାଦେଲା ସେମାନେ ଶ୍ରମିକ ନିଯୁକ୍ତିକୁ ଯଥେଷ୍ଟ କମେଇଲେ। କୃଷି କ୍ଷେତ୍ରରେ ଅତିରିକ୍ତ ନିଯୁକ୍ତିର ସୁଯୋଗ ନଥିବାରୁ ବେକାର ଲୋକଶକ୍ତି

ଉଦ୍ୟୋଗୀଙ୍କ ପାଇଁ ଅନ୍ୟାନ୍ୟ ବିନିଯୋଗ ବ୍ୟବସ୍ଥା ମଧ୍ୟରୁ ଶ୍ରମିକ ନିଯୁକ୍ତି ହ୍ରାସ କରିବା ସହଜ ଉପାୟ। ତେଣୁ ଯେଉଁମାନଙ୍କ ପାଖରେ ନଗଦ ଅଭାବ ଜନିତ ସମସ୍ୟା ଦେଖାଦେଲା ସେମାନେ ଶ୍ରମିକ ନିଯୁକ୍ତିକୁ ଯଥେଷ୍ଟ କମେଇଲେ। କୃଷି କ୍ଷେତ୍ରରେ ଅତିରିକ୍ତ ନିଯୁକ୍ତିର ସୁଯୋଗ ନଥିବାରୁ ବେକାର ଲୋକଶକ୍ତି ଗ୍ରାମାଞ୍ଚଳରେ ଥିବା ଅଣକୃଷି ଉଦ୍ୟୋଗରେକର୍ମ ନିଯୁକ୍ତି ଅଧିକ ଖୋଜିଲେ। ହେଲେ ସେହି ଉଦ୍ୟୋଗର ପରିସର ସୀମିତ ଥିବାରୁ ଲୋକଙ୍କ କର୍ମ ସଂସ୍ଥାନର ସୁଯୋଗ ସଂକୁଚିତ ହେବାର ସମ୍ଭାବନା ଦେଖାଦେଇଥିଲା। ଅତଏବ ଦୈନନ୍ଦିନ କାର୍ଯ୍ୟ ପରିଚାଳନାରେ ନଗଦ ଅର୍ଥ ଲୋଡ଼ୁଥିବା ଉଦ୍ୟୋଗ ସବୁ ବିମୁଦ୍ରାୟନ ଯୋଗୁଁ ପ୍ରଭାବିତ ହେବା ପରେ ଗ୍ରାମାଞ୍ଚଳର ଅଣକୃଷି ଉଦ୍ୟୋଗ ଉପରେ ଏହାର କୁପ୍ରଭାବ ପଡ଼ିବା ସ୍ୱାଭାବିକ।

ଗ୍ରାମାଞ୍ଚଳରେ ଥିବା ଅଣକୃଷି ଉଦ୍ୟୋଗରେ କର୍ମ ନିଯୁକ୍ତି ଅଧିକ ଖୋଜିଲେ। ହେଲେ ସେହି ଉଦ୍ୟୋଗର ପରିସର ସୀମିତ ଥିବାରୁ ଲୋକଙ୍କ କର୍ମ ସଂସ୍ଥାନର ସୁଯୋଗ ସଂକୁଚିତ ହେବାର ସମ୍ଭାବନା ଦେଖାଦେଇଥିଲା। ଅତଏବ ଦୈନନ୍ଦିନ କାର୍ଯ୍ୟ ପରିଚାଳନାରେ ନଗଦ ଅର୍ଥ ଲୋଡ଼ୁଥିବା ଉଦ୍ୟୋଗ ସବୁ ବିମୁଦ୍ରାୟନ ଯୋଗୁଁ ପ୍ରଭାବିତ ହେବା ପରେ ଗ୍ରାମାଞ୍ଚଳର ଅଣକୃଷି ଉଦ୍ୟୋଗ ଉପରେ ଏହାର କୁପ୍ରଭାବ ପଡ଼ିବା ସ୍ୱାଭାବିକ। ତେବେ ଏସବୁ ଯେଉଁ ଆକଳନ ଓ ଆଶଙ୍କା କରାଯାଉଥିଲା ତାହା ଅଧିକନ୍ତୁ ଅତିରଞ୍ଜିତ ଥିଲା। ବିମୁଦ୍ରାୟନର କୁପରିଣାମ ଆକଳନଠାରୁ କମ୍ ବୋଲି ଜଣାପଡ଼ିଛି। ଏହାର ପ୍ରମୁଖ କାରଣଟି ହେଲା ବ୍ୟାପାର, କାରବାରର ପରିସର ବୃହତ୍ତର ଏବଂ ଏଥିରେ ସମୟ ସହିତ ତାଳ ନ ମିଳାଇ ପଛରେ ପଡ଼ିଯିବାକୁ କୌଣସି ମାଲିକ ଚାହିଁବ ନାହିଁ। ଏକ ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ସେ ଅଣ୍ଟା ଭିଡ଼ିଥାଏ। ତେଣୁ ବିମୁଦ୍ରାୟନ ଜନିତ ପରିସ୍ଥିତିର ମୁକାବିଲା କରିବାକୁ ଉଦ୍ୟୋଗପତିମାନେ ନିଜ ରଣକୌଶଳ ବଦଳାଇ ନିଜକୁ ସମ୍ଭାଳି ନେଇଥାନ୍ତି ଏବଂ ଏଥର ନେଇଛନ୍ତି ମଧ୍ୟ। ତେବେ ସେ ଯା'ହେଉ ଗତ ସତୁରୀ ଦଶକରେ ହୋଇଥିବା ବ୍ୟାଙ୍କ ଜାତୀୟକରଣ ଭଳି ବିମୁଦ୍ରାୟନ ପଦକ୍ଷେପ ନିହାତି ଜରୁରୀ ଥିଲା ଏବଂ ଏହା ବହୁ ବିଳମ୍ବିତ ହୋଇଯାଇଥିଲା। ସରକାର ଏହାକୁ ଅବଶ୍ୟ ଅପ୍ରତ୍ୟାଶିତ ଭାବେ କାର୍ଯ୍ୟକାରୀ କରିଛନ୍ତି। ତେବେ ଏଭଳି ପଦକ୍ଷେପ ଅପ୍ରତ୍ୟାଶିତ ଭାବେ ହୋଇ ନଥିଲେ ଏହାର ଲକ୍ଷ୍ୟ ସାଧିତ ହୋଇପାରି ନ'ଥାନ୍ତା।

ବିମୁଦ୍ରାୟନର ସ୍ୱଳ୍ପକାଳୀନ କ୍ଷତିକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ବଜେଟରେ ଆବଶ୍ୟକ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗ୍ରାମାଞ୍ଚଳରେ ରୋଜଗାର ବୃଦ୍ଧି ପାଇଁ ଏମ୍‌ଜିନରେଗା କାର୍ଯ୍ୟକ୍ରମ ନିମନ୍ତେ ସବୁଠୁ ଅଧିକ ବ୍ୟୟ ବରାଦ ହୋଇଛି। ଫଳରେ ଅଧିକରୁ ଅଧିକ ଲୋକ କାମ ଓ ରୋଜଗାର ପାଇବେ। ନିଯୁକ୍ତି ପ୍ରତିଶ୍ରୁତି ଯୋଜନାର ସବୁଠୁ ବଡ଼ ସମାଲୋଚନା ହେଲା ଏହା ଭବିଷ୍ୟତରେ ଅଭିବୃଦ୍ଧିକୁ ସହାୟତା କରିବା ଭଳି ଯଥେଷ୍ଟ ସମ୍ବଳ ସୃଷ୍ଟି କରିବାରେ ବିଫଳ ହୋଇଛି। ତେଣୁ ସେହି ସମାଲୋଚନାକୁ ଦୃଷ୍ଟିରେ ରଖି ସରକାର ଏଥର ବଜେଟରେ କେତେକ ସମୟବଦ୍ଧ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହା ଫଳରେ ବର୍ଷ ଶେଷ ବେଳକୁ ତରବରିଆ ଭାବେ ଏବାବଦ ଅର୍ଥ ଖର୍ଚ୍ଚ କରି ଉଦ୍ଦିଷ୍ଟ ପାଣ୍ଠିକୁ ଅପଚୟରୁ ରୋକାଯାଇପାରିବ। ନୂଆ ବ୍ୟବସ୍ଥାରେ ଯଥେଷ୍ଟ ଆଗରୁ କାର୍ଯ୍ୟକ୍ରମ ଓ ପ୍ରକଳ୍ପ ନିର୍ଦ୍ଧାରିତ ହୋଇ ଟଙ୍କା ଖର୍ଚ୍ଚ ହେବ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପାଣ୍ଠି ଖର୍ଚ୍ଚ ହେବ। ଏହା ଫଳରେ ଟଙ୍କା ଠିକ୍ ଭାବେ ଖର୍ଚ୍ଚ ହୋଇପାରିବ ଏବଂ ମଞ୍ଜୁରୀ ଅର୍ଥ ଖର୍ଚ୍ଚ ନହୋଇ ଫେରିଯିବାର ସମ୍ଭାବନା ରହିବ ନାହିଁ। ୨୦୧୭-୧୮ରେ ମରୁଡ଼ି ମୁକାବିଲା ପାଇଁ ସାରା ଦେଶରେ ୫ଲକ୍ଷ ପୋଖରୀ ଖୋଳାଯିବାର ଲକ୍ଷ୍ୟ ରହିଛି। ଏହି ପୋଖରୀ ଖନନ କାର୍ଯ୍ୟକୁ ଏମ୍‌ଜିନରେଗା ସହିତ ସଂଯୋଗ କରାଗଲେ ଲୋକେ ରୋଜଗାର ପାଇବେ ଏବଂ ଜଳସେଚନ ବ୍ୟବସ୍ଥା ସୁଦୃଢ଼ ହୋଇ କୃଷି ଅଭିବୃଦ୍ଧି ବଢ଼ିବ।

ଏଥର ବଜେଟରେ ଗ୍ରାମାଞ୍ଚଳ, କୃଷି ଏବଂ ତତ୍ ସଂଲଗ୍ନ କ୍ଷେତ୍ର ପାଇଁ ଯେଉଁ ମୋଟ ବ୍ୟୟ ବରାଦ ହୋଇଛି ତାହା ଗତବର୍ଷ ତୁଳନାରେ ୨୪ ଶତାଂଶ ଅଧିକ। ଏଥିରୁ ସ୍ପଷ୍ଟ ହୋଇଯାଇଛି ଯେ ଗ୍ରାମ୍ୟ ବେକାରୀ, ଅର୍ଦ୍ଧବେକାରୀ ଓ ଦାରିଦ୍ର୍ୟ ସମସ୍ୟାର ଦୂରୀକରଣ ପାଇଁ ସରକାର ବେଶ୍ ତତ୍ପର।

ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ ଓ ଋଣ ସହାୟତା ଯୋଜନା ବାବଦ ବ୍ୟୟ ବରାଦକୁ ଏଥର ପୂର୍ବବର୍ଷ ତୁଳନାରେ ତିନିଗୁଣ ବୃଦ୍ଧି କରାଯାଇଛି। ପିଏମ୍ଇଜିପି ଯୋଜନା ମୁଖ୍ୟତଃ ଏକ ଋଣଭିତ୍ତିକ ସବ୍‌ସିଡି କାର୍ଯ୍ୟକ୍ରମ। ଏଥିରେ ଆରଇଜିପି ଓ ପିଏମ୍‌ଆରୱାଇରେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟଗୁଡ଼ିକ ସଂଯୁକ୍ତ। ଅତିକ୍ଷୁଦ୍ର, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଦ୍ୱାରା ଏହି କାର୍ଯ୍ୟକ୍ରମଗୁଡ଼ିକ କାର୍ଯ୍ୟକାରୀ ହେଉଛି ଏବଂ ଏହାର ରୂପାୟନ ଦାୟିତ୍ୱ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ଉପରେ ନ୍ୟସ୍ତ। ଏସବୁ ଯୋଜନାର ମୂଳ ଲକ୍ଷ୍ୟ ହେଲା ଆତ୍ମନିଯୁକ୍ତି ବ୍ୟବସ୍ଥାରେ ଉଭୟ ଗ୍ରାମ ଓ ସହରାଞ୍ଚଳରେ ଲୋକଙ୍କୁ ନିଯୁକ୍ତିର ସୁଯୋଗ ଦେବା। ଯେଉଁ ପାରମ୍ପରିକ କାରିଗର, ବୁଣାକାର, ଶିଳ୍ପୀ କାମ ପାଉନାହାନ୍ତି ସେମାନଙ୍କୁ ଆତ୍ମନିଯୁକ୍ତିର ସୁଯୋଗ ଦେବା ଏହି ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ। ଏମାନେ ଯେପରି ନିରନ୍ତର ନିଯୁକ୍ତିର ସୁଯୋଗ ପାଇପାରିବେ ଏବଂ ଆତ୍ମନିର୍ଭରଶୀଳ ହେବେ ସେଥିପାଇଁ ଯୋଜନାରେ ଆବଶ୍ୟକ ବ୍ୟବସ୍ଥା କରାଯାଇଛି।

ବିମୁଦ୍ରାୟନର ଏକ ପ୍ରମୁଖ ଲକ୍ଷ୍ୟ ହେଲା ନଗଦ ଟଙ୍କା ପରିବର୍ତ୍ତେ ଅଧିକରୁ ଅଧିକ କାରବାର ଡିଜିଟାଲ ବ୍ୟବସ୍ଥାରେ କରିବା। ବଜେଟରେ ଏହି ଲକ୍ଷ୍ୟ ହାସଲ କରିବା ଉପରେ ଆବଶ୍ୟକ ଗୁରୁତ୍ୱ ଦିଆଯାଇଛି। ଡିଜିଟାଲ ବ୍ୟବସ୍ଥାର ଉପଯୋଗ କରି କ୍ଷୁଦ୍ର ଓ ଅତିକ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ଯେପରି ଆନୁଷ୍ଠାନିକ ଋଣ ଯୋଗାଣ ବ୍ୟବସ୍ଥାରୁ ଲାଭ ଉଠାଇପାରିବେ ସେଥିପ୍ରତି ଧ୍ୟାନ ଦିଆଯାଇଛି। ଏସବୁ ଉଦ୍ୟୋଗର ବିକାଶ ଘଟିଲେ ଜାତୀୟ ଆୟ ବଢ଼ିବ ଏବଂ ଅର୍ଥନୀତି ସ୍ୱଚ୍ଛଳ ହେବ। ଏହା ମଧ୍ୟ ବିମୁଦ୍ରାୟନର କୁପରିଣାମକୁ ରୋକିବାରେ ସହାୟକ ହୋଇପାରିବ। ଦେଶରେ ଅସଂଖ୍ୟ କ୍ଷୁଦ୍ର ଓ ଅତିକ୍ଷୁଦ୍ର ଉଦ୍ୟୋଗ ରହିଛି। ତେବେ ସେମାନଙ୍କର ଅବଦାନ ଜାତୀୟ ଅର୍ଥନୀତିକୁ ଅତି କମ୍। ସେମାନେ ଡିଜିଟାଲ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହେଲେ ନିଜକୁ ପଞ୍ଜୀକୃତ କରାଇ ସରକାରୀ ଯୋଜନାର ସୁଯୋଗ ନେଇପାରିବେ। ଏହାଦ୍ୱାରା ସେମାନଙ୍କ ଆୟ ବଢ଼ିବା ସହ ନିଯୁକ୍ତି ପରିସର ବଢ଼ିବ ଓ ଲୋକେ ରୋଜଗାର ପାଇବେ। ସେହିପରି ସରକାରଙ୍କର ଟିକସ ଆୟ ମଧ୍ୟ ବଢ଼ିବ। ସୂଚନାଯୋଗ୍ୟ ଯେ ଏକ ତୃତୀୟାଂଶ ଅତି କ୍ଷୁଦ୍ର ଓ କ୍ଷୁଦ୍ର ଉଦ୍ୟୋଗ ବିନା ପଞ୍ଜୀକରଣରେ ଚାଲୁଥିବାରୁ ସେମାନେ ସରକାରଙ୍କୁ ଟିକସ ଦିଅନ୍ତି ନାହିଁ।

ବଜେଟ ବ୍ୟବସ୍ଥା ଅନୁସାରେ ବାର୍ଷିକ ୫୦କୋଟି ଟଙ୍କା ପାଖାପାଖି କାରବାର କରୁଥିବା କ୍ଷୁଦ୍ର ସଂସ୍ଥାଙ୍କୁ ଏଣିକି ୨୫ ଶତାଂଶ ହାରରେ ଟିକସ ଦେବାକୁ ପଡ଼ିବ। ପୂର୍ବରୁ ଏହା ୩୦ ଶତାଂଶ ଥିଲା। ସେହିଭଳି ଆଧୁନିକ କ୍ଷୁଦ୍ରଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ ଅଧିକ ପୁଞ୍ଜି ନିବେଶର ବ୍ୟବସ୍ଥା କରାଯାଇଛି। ଏହା ଫଳରେ ସେମାନେ ବିଦେଶୀ ପୁଞ୍ଜି ନିବେଶ ସହିତ ନିଯୁକ୍ତି ପରିସର ଓ ବ୍ୟବସାୟ ବଢ଼ାଇ ଦେଶର ଅର୍ଥନୀତିକୁ ସମୃଦ୍ଧ କରିପାରିବେ। ସୂଚନାଯୋଗ୍ୟ ଯେ ୯୦ ଶତାଂଶରୁ ଅଧିକ ପ୍ରତ୍ୟେକ୍ଷ ବିଦେଶୀ ପୁଞ୍ଜି ନିବେଶ ଏବେ ସ୍ୱୟଂକ୍ରିୟା ବ୍ୟବସ୍ଥାରେ ହେବ ଏବଂ ପୂର୍ବରୁ ଥିବା ବିଦେଶୀ ପୁଞ୍ଜି ନିବେଶ ପ୍ରୋତ୍ସାହନ ବୋର୍ଡକୁ ସରକାର ଭାଙ୍ଗି ଦେଇଛନ୍ତି। ଅମଲାତାନ୍ତ୍ରିକ ବ୍ୟବସ୍ଥା ଜନିତ ବିଳମ୍ବକୁ ଦୂର

କରି ବିଦେଶୀ ପୁଞ୍ଜି ନିବେଶକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବଜେଟରେ ଏହି ପଦକ୍ଷେପ ନିଆଯାଇଛି। ଏବେ ୩୬ ଶତାଂଶ ପ୍ରତ୍ୟେକ୍ଷ ବିଦେଶୀ ପୁଞ୍ଜି ନିବେଶ ବଢ଼ିବ ବୋଲି ଆଶା କରାଯାଉଛି। ଏହା ଫଳରେ ମୋଟ୍ ପ୍ରତ୍ୟେକ୍ଷ ବିଦେଶୀ ପୁଞ୍ଜି ନିବେଶ ବଢ଼ିବ ଏବଂ କର୍ମନିଯୁକ୍ତି ପରିସର ବୃଦ୍ଧିପାଇବାର ସମ୍ଭାବନା ଅଧିକ।

ଶିଳ୍ପ ଉତ୍ପାଦକତା କ୍ଷେତ୍ରରେ ଅଭିବୃଦ୍ଧି ଆଣିବାର ବିଭିନ୍ନ କାରଣମାନ ଗବେଷଣା ମାଧ୍ୟମରେ ଚିହ୍ନଟ କରାଯାଇଛି। ସେଗୁଡ଼ିକ ହେଲା ବାଣିଜ୍ୟରେ ସ୍ୱଚ୍ଛତା ଓ ଉଦାରତା, ପୁଂଜି (ଗୋଟିଏ ସ୍ଥାନରେ ଏକାଧିକ ଶିଳ୍ପ ସଂସ୍ଥା ରହିବା), ଭିତ୍ତିଭୂମି, ଅର୍ଥନୀତି ଓ ଅଭିନବତା। ନୂତନ ଜ୍ଞାନ କୌଶଳ ଓ ପ୍ରଯୁକ୍ତିର ବ୍ୟବହାର କରି ନୂଆ ଜିନିଷ ଉତ୍ପାଦନ କରିବାର ଏକ ନୂତନ ସୁଯୋଗ ଏବେ ଆସିଛି। ତାହାର ସୁଯୋଗ ଶିଳ୍ପୋଦ୍ୟୋଗୀ ନେବା ଉଚିତ। ଏସବୁ ପ୍ରତି ବଜେଟରେ ଆବଶ୍ୟକ ଧ୍ୟାନ ଦିଆଯାଇଥିବା ସ୍ପଷ୍ଟ। ନିବେଶ ଓ ନିଯୁକ୍ତି ଅଭିବୃଦ୍ଧି କ୍ଷେତ୍ରରେ ଯୋଗ୍ୟ ଲୋକଶକ୍ତିର ଅଭାବ କିଛି କାଳ ଧରି ଦେଖାଯାଇଆସୁଛି। ଅନେକ ଲୋକ ନିଯୁକ୍ତିଯୋଗ୍ୟ ନୁହଁନ୍ତି। ଫଳରେ ଯେଉଁ ଧରଣର କୁଶଳତା ଓ ଦକ୍ଷତା ଲୋଡ଼ା ତାହା ମିଳୁନଥିବାରୁ ଉତ୍ପାଦନ, ଅଭିବୃଦ୍ଧି ଉପରେ ତାହାର ପ୍ରଭାବ ପଡୁଛି। ଏହାକୁ ଦୃଷ୍ଟିରେ ରଖି କୁଶଳତା ଓ ଦକ୍ଷତା ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ଏବଂ ବଜେଟରେ ମଧ୍ୟ ସେଥିପାଇଁ ବ୍ୟବସ୍ଥା କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ସଂକଳ୍ପ ଯୋଜନାରେ ଶ୍ରମିକଙ୍କ କୁଶତଳା ଓ ଦକ୍ଷତା ବୃଦ୍ଧି ପାଇଁ ୪୦୦୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି। ସଂକଳ୍ପ କାର୍ଯ୍ୟକ୍ରମରେ ପ୍ରାୟ ସାଢ଼େ ତିନି କୋଟି ଯୁବକଯୁବତୀଙ୍କୁ ତାଲିମ ପ୍ରଦାନ କରାଯିବ। ବଜାର ଚାହିଦାକୁ ଦୃଷ୍ଟିରେ ରଖି ଏହି ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ଦେଶର ୬୦୦ ଜିଲ୍ଲାରେ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ରମାନ ଖୋଲାଯିବ। ଏହାଛଡ଼ା ୧୦୦ ଆନ୍ତର୍ଜାତିକ କୌଶଳ କେନ୍ଦ୍ର ସ୍ଥାପନର ବ୍ୟବସ୍ଥା କରାଯାଇଛି ଯାହା ଶ୍ରମିକମାନଙ୍କୁ ଆବଶ୍ୟକ ସାହାଯ୍ୟ ସହଯୋଗ ଯୋଗାଇବ। କୌଶଳ କେନ୍ଦ୍ରଗୁଡ଼ିକୁ ଗ୍ରାମୀଣ ଯୁବକଯୁବତୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗୋଷ୍ଠୀ କୌଶଳ କେନ୍ଦ୍ର ଭାବେ ପ୍ରତିଷ୍ଠା କରାଯିବ। ଏଥିରେ ଭାଷା ଶିକ୍ଷା, ଡିଜିଟାଲ ଲାଇବ୍ରେରୀ, ଦକ୍ଷତା ଆକଳନ ଓ ବୃତ୍ତିଗତ ପରାମର୍ଶ କୌଶଳ ପ୍ରକୋଷ୍ଠ ଆଦି ରହିବ। ଏହା ଶ୍ରମିକଙ୍କ ନିଯୁକ୍ତି ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଏ। ଇଣ୍ଡିଆ ଇନଟରନେସ୍‌ନାଲ ସ୍କିଲ୍ ସେଣ୍ଟରର ଯେଉଁ ପରିକଳ୍ପନା କରାଯାଇଛି ସେଥିରେ ଦେଶର ବିଭିନ୍ନ ଅଞ୍ଚଳରେ ଖୋଲାଯିବାକୁ ଥିବା କୁଶଳ କେନ୍ଦ୍ରଗୁଡ଼ିକରେ ଯୁବକଯୁବତୀମାନଙ୍କୁ ଉଚ୍ଚତର ତାଲିମ ପ୍ରଦାନ ସହ ବିଦେଶୀ ଭାଷାରେ ପାଠ୍ୟକ୍ରମ ଶିଖାଯିବ। ଦେଶ ବାହାରେ ଯେଉଁମାନେ କାମ କରିବାକୁ ଆଗ୍ରହୀ ସେମାନେ ଏହାଦ୍ୱାରା ଉପକୃତ ହେବେ। ଦେଶରେ ଥିବା ଆଇଟିଆଇର ତାଲିମ କାର୍ଯ୍ୟକ୍ରମ ନେଇ ବହୁ ସମାଲୋଚନା ହୁଏ। ଉଦାହରଣ ସ୍ୱରୂପ ଜଣେ ପାଣିପାଇପ୍ ମିସ୍ତ୍ରି କାମ କରିବାକୁ ମଧ୍ୟପ୍ରାଚ୍ୟର ରାଷ୍ଟ୍ରକୁ ଯିବାକୁ ମନୋନୀତ ହେଉଥିବାବେଳେ ତା'ପାଖରେ ଆବଶ୍ୟକ କୁଶଳତା, ତାଲିମ ବା ଅଭିଜ୍ଞତା ନାହିଁ। ତେଣୁ ଆଇଟିଆଇରେ ତା'କୁ ଆସି ଟ୍ରେନିଂ ନେବାକୁ ପଡୁଛି। ସେ ଦୃଷ୍ଟିରୁ ଦେଖିବାକୁ ଗଲେ ନୂଆ ବ୍ୟବସ୍ଥାଟି ଅଧିକ ପ୍ରଗତିଶୀଳ ଓ ବାସ୍ତବବାଦୀ। ଏହା ଫଳରେ ଦେଶ ଓ ଦେଶ ବାହାରେ କୁଶଳୀ ଶ୍ରମିକଙ୍କ ଉପଲବ୍ଧତା ବଢ଼ିବ। ଏହା ଦେଶର ଅର୍ଥନୀତିରେ ଅତିରିକ୍ତ ଶ୍ରମିକ ବୋଝକୁ ଦୂର କରିବା ସହ ବିଦେଶରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ବିଦେଶରେ ଅଧିକ ଲୋକ କାମ କଲେ ବୈଦେଶିକ ବିନିମୟ ମୁଦ୍ରା ଅର୍ଜନ ବଢ଼ିବ ଓ ସେମାନେ ଦେଶକୁ ଅଧିକରୁ ଅଧିକ ଟଙ୍କା ପଠାଇବାରେ ସକ୍ଷମ ହେବେ ଏବଂ ସେମାନଙ୍କ ପରିବାରବର୍ଗ ସୁଖ ଶାନ୍ତିରେ ରହିବେ। ବିଦେଶରୁ ଅଧିକ ଅର୍ଥ ଆସିଲେ ତାହାକୁ ଉତ୍ପାଦନଭିତ୍ତିକ ସମ୍ପତ୍ତି ସୃଷ୍ଟିରେ ବିନିଯୋଗ କରାଯାଇପାରିବ। ଭାରତୀୟ ଶ୍ରମ / ଲୋକଶକ୍ତିକୁ ଆନ୍ତର୍ଜାତିକ ମାନର ତାଲିମ ଦେଇ ସୁଦକ୍ଷ କରାଇବାର ଯେଉଁ ପ୍ରୟାସ ସରକାର ଆରମ୍ଭ କରିଛନ୍ତି ତାହାର ଏକ ଦୀର୍ଘ ମିଆଦି ସୁଫଳ ଅବଶ୍ୟ ମିଳିବ। ଏହା ଶ୍ରମିକଙ୍କ ଦକ୍ଷତା କେବଳ ବଢ଼ାଇବ ନାହିଁ, ସେମାନଙ୍କର ରୋଜଗାର ଓ ନିଯୁକ୍ତି ବୃଦ୍ଧିରେ ମଧ୍ୟ ସହାୟକ ହେବ। ଏଥରର ବଜେଟରେ ଭିତ୍ତିଭୂମି କ୍ଷେତ୍ର ପାଇଁ ଯେଉଁ ଅଧିକ ଅର୍ଥବରାଦ କରାଯାଇଛି ତାହା ମଧ୍ୟ ପ୍ରଣିଧାନଯୋଗ୍ୟ। ଭିତ୍ତିଭୂମି କ୍ଷେତ୍ରରେ ଯେଉଁ ପ୍ରକାଣ୍ଡ ନିର୍ମାଣ କାର୍ଯ୍ୟ ହାତକୁ ନିଆଯିବ ସେଥିପାଇଁ ଲୋକଶକ୍ତି ଓ ଶ୍ରମଶକ୍ତିର ଯଥେଷ୍ଟ ଆବଶ୍ୟକତା ରହିଛି। ଫଳରେ ଲୋକଙ୍କୁ କାମ ମିଳିବ।

ଦେଶରେ ଖୁବ୍ ଶୀଘ୍ର ଏକ ନୂଆ ମେଟ୍ରୋ ରେଲ୍ ନୀତି ଘୋଷଣା ହେବାକୁ ଯାଉଛି। ଏହା କାର୍ଯ୍ୟକାରୀ ହେଲେ ଯୁବ ସମାଜ ପାଇଁ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସହରାଞ୍ଚଳର ଶିକ୍ଷିତ ଯୁବବର୍ଗଙ୍କ ପାଇଁ ଏହା ନିଶ୍ଚିତ ଏକ ସୁଖବର। ମେଟ୍ରୋ ରେଲ୍ ପ୍ରକଳ୍ପ ଭିତ୍ତିଭୂମି କ୍ଷେତ୍ରର ବିକାଶକୁ ତ୍ୱରାନ୍ୱିତ କରିବ। ଏହାଦ୍ୱାରା କାର୍ଯ୍ୟସ୍ଥଳୀକୁ ଆତଜାତ କରିବା ସହଜ ଓ ସୁବିଧାଜନକ ହେବା ସହ କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତା ବଢ଼ିବ। ଦିନକୁ ଦିନ ସହରାଞ୍ଚଳ ଜନସଂଖ୍ୟା ବଢୁଛି। ଗ୍ରାମାଞ୍ଚଳରୁ ରୋଜଗାର ଅନ୍ୱେଷଣରେ ଆସୁଥିବା ଲୋକଙ୍କ ଯୋଗୁଁ ସହରାଞ୍ଚଳ ଜନସଂଖ୍ୟା ବୃଦ୍ଧି ହାର ତ୍ୱରାନ୍ୱିତ ହେଉଛି। ତେଣୁ ସହରାଞ୍ଚଳରେ ମେଟ୍ରୋ ଭଳି ଯେଉଁସବୁ ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ ହାତକୁ ନିଆଯିବ ତାହା ଲୋକଙ୍କୁ ନିଯୁକ୍ତି ସୁଯୋଗ ଅଧିକ ମାତ୍ରାରେ ଯୋଗାଇବ। ତେବେ ମାନୁଫାକଚରିଙ୍ଗ ଉଦ୍ୟୋଗ ପାଇଁ ଅଧିକ କିଛି କରିବାକୁ ପଡ଼ିବ। ଶିଳ୍ପ ଭିତ୍ତିକ ଅଭିବୃଦ୍ଧିକୁ ବଜାୟ ରଖିବାକୁ ହେଲେ ମାନୁଫ୍ୟାକଚରିଙ୍ଗ୍‌କୁ ପ୍ରୋତ୍ସାହିତ କରିବାକୁ ହେବ। ତେଣୁ ଶ୍ରମିକ ବହୁଳ ଚମଡ଼ା, ବିଭିନ୍ନ ଦାମୀ ପଥର ଓ ଅଳଙ୍କାର ଶିଳ୍ପ ପାଇଁ ବଜେଟରେ ସରକାର ଟିକସ ରିଆତି ଦେଇଥିଲେ ଭଲ ହୋଇଥାନ୍ତା। ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଢାଞ୍ଚାରେ ଏମାନଙ୍କୁ ଟିକସ ସୁବିଧା ଦିଆଯିବା ଉଚିତ। ଏହାଦ୍ୱାରା ଉତ୍ପାଦନ ବଢ଼ିବା ସହ ଅଧିକ ନିଯୁକ୍ତି ସୃଷ୍ଟି ହୋଇ ରପ୍ତାନୀ ବାଣିଜ୍ୟ ବଢ଼ିଥାନ୍ତା। ଚୀନ୍ ଢ଼ାଞ୍ଚାରେ ବୃହତ୍ ଶିଳ୍ପ ସହର ପ୍ରତିଷ୍ଠା କରିବାକୁ ସରକାର ସ୍ମାର୍ଟ ସିଟିର ପରିକଳ୍ପନା କରିଛନ୍ତି। ଏଥିରେ ଶିଳ୍ପ, ସାଧାରଣ ସ୍ୱାର୍ଥ ଜଡ଼ିତ ବ୍ୟବସ୍ଥା, ଆବାସିକ ଅଞ୍ଚଳ, ସ୍କୁଲ, କଲେଜ, ହସପିଟାଲ ଆଦିର ବ୍ୟବସ୍ଥା ରହିଛି। ତେବେ ଏଥର ବଜେଟରେ ସ୍ମାର୍ଟ ସିଟି ପ୍ରକଳ୍ପ ପାଇଁ ସେଭଳି କିଛି ଉଲ୍ଲେଖନୀୟ ଅର୍ଥ ବରାଦର ବ୍ୟବସ୍ଥା ଦୃଶ୍ୟମାନ ହେଉନାହିଁ। ଏସବୁ ସ୍ମାର୍ଟ ସିଟି ଭବିଷ୍ୟତର ଅଭିବୃଦ୍ଧି କେନ୍ଦ୍ର ହୋଇଥିବାରୁ ସରକାର ଏହାକୁ ଉପେକ୍ଷା କରିପାରିବେ ନାହିଁ।

ଲେଖକ ନୂଆଦିଲ୍ଲୀସ୍ଥିତ ଅର୍ଥନୈତିକ ଅଭିବୃଦ୍ଧି ପ୍ରତିଷ୍ଠାନରେ କାର୍ଯ୍ୟରତ

# ରେଳ ବଜେଟର ନୂଆ ଅବତାର

**ଅରୁଣେନ୍ଦ୍ର କୁମାର**

**ଭା**ରତରେ ସ୍ୱତନ୍ତ୍ର ରେଳବଜେଟ ଉପସ୍ଥାପନରେ ଦୀର୍ଘ ୯୩ ବର୍ଷର ଧାରା ଏଥର ଭାଙ୍ଗିଲା। ରେଳ ବଜେଟକୁ ସାଧାରଣ ବଜେଟ ସହ ମିଶାଇ ଦିଆଗଲା। ଏଥରର ରେଳବଜେଟ ସମ୍ପର୍କରେ ଆଲୋଚନା କରିବା ପୂର୍ବରୁ ପ୍ରଥମେ ଏହାର ସ୍ୱାତନ୍ତ୍ର୍ୟ ଓ ମିଶ୍ରଣର ରସାୟନ ସମ୍ପର୍କରେ ଆଲୋଚନା କରିବା ଉଚିତ ହେବ।

୧୯୨୦ରେ ସାର୍ ଉଇଲିୟମ ଆକ୍‌ୱର୍ଥଙ୍କ ଅଧ୍ୟକ୍ଷତାରେ ଇଷ୍ଟଇଣ୍ଡିଆ ରେଳବାଇ କମିଟି ଗଠିତ ହୋଇଥିଲା। ଏହି କମିଟିର ସୁପାରିଶ କ୍ରମେ ୧୯୨୪ର ପୃଥକୀକରଣ ଧାରା (ସେପାରେସନ କନ୍‌ଭେନ୍‌ସନ୍) ଅନୁସାରେ ରେଳବାଇର ଆର୍ଥିକ କାରବାର ସାଧାରଣ ବଜେଟଠାରୁ ଅଲଗା କରାଗଲା। ରେଳବାଇର ବ୍ୟାବସାୟିକ କାରବାରକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ନିଜର ଆୟ ବ୍ୟୟ ସମ୍ପର୍କରେ ଏହି ସ୍ୱତନ୍ତ୍ର ବଜେଟରେ ନିଷ୍ପତ୍ତି ନେବାର ଅଧିକାର ଭାରତୀୟ ରେଳବାଇକୁ ମିଳିଲା।

ସ୍ୱାଧୀନତା ପରବର୍ତ୍ତୀ କାଳରେ ରେଳବାଇ ୭୫ ଶତାଂଶ ଯାତ୍ରୀ ଓ ୯୦ ଶତାଂଶ ମାଲ ପରିବହନ କରୁଥିଲା। ସେ ଦୃଷ୍ଟିରୁ ଏକ ସ୍ୱତନ୍ତ୍ର ବଜେଟ ଉପସ୍ଥାପନର ଯଥାର୍ଥତା ଥିଲା । ଏବେ ସେ ସମୀକରଣ ବଦଳି ଯାଇଛି। ରେଳବାଇ ଏବେ ୧୫ ଶତାଂଶ ଯାତ୍ରୀ ଓ ୩୦ ଶତାଂଶ ମାଲ ପରିବହନ କରୁଛି। ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନର ସରକାର ସ୍ୱତନ୍ତ୍ର ରେଳ ବଜେଟର ଅବସାନ ଘଟାଇବାକୁ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଯଥାର୍ଥ। ରେଳବଜେଟକୁ ଏଥର ସାଧାରଣ ବଜେଟର ଭିତ୍ତିଭୂମି ବର୍ଗରେ ସାମିଲ କରାଯାଇଛି। ଚଳିତ ବଜେଟରେ ଏହା ନିଶ୍ଚିତ କରାଯାଇଛି ଯେ ଭାରତୀୟ ରେଳବାଇର ଆର୍ଥିକ ସ୍ୱୟଂଶାସନ ପ୍ରଭାବିତ ହେବ ନାହିଁ ଏବଂ ଏ କ୍ଷେତ୍ରରେ ରେଳବାଇ ଯେଉଁ ସ୍ୱାଧୀନତା ପାଇଆସୁଥିଲା ତାହା ଅପରିବର୍ତ୍ତିତ ରହିବ।

ଏଥର ବଜେଟରେ ପରିବହନ ବ୍ୟବସ୍ଥାର ତାଳମେଳ ସ୍ପଷ୍ଟ ବାରି ହେଉଛି। ନିର୍ଦ୍ଦିଷ୍ଟ କେତେକ ସାମଗ୍ରୀର ପରିବହନ ପାଇଁ ରେଳବାଇକୁ ଦାୟିତ୍ୱ ଅର୍ପଣ କରାଯାଇଛି। ଏହା ରେଳବାଇ ପାଇଁ ଲାଭଜନକ; କାରଣ ଏସବୁ ସାମଗ୍ରୀକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ନିର୍ଦ୍ଦିଷ୍ଟ ସ୍ଥାନଯାଏ ପରିବହନର ଅଧିକାର ରେଳବାଇକୁ ମିଳିଛି। ଏହାଦ୍ୱାରା ଉଭୟ ରେଳବାଇ ଓ ଉପଭୋକ୍ତା ଉପକୃତ ହେବେ।

ଚଳିତ ବଜେଟରେ ରେଳବାଇର ଚାରିଟି ପ୍ରମୁଖ ଦିଗ ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ସେଗୁଡ଼ିକ ହେଲା (୧) ଯାତ୍ରୀ ସୁରକ୍ଷା/ ନିରାପତ୍ତା, (୨) ପୁଞ୍ଜି / ଭିତ୍ତିଭୂମି ଓ ଉନ୍ନୟନ କାର୍ଯ୍ୟ, (୩) ପରିଚ୍ଛନ୍ନତା ଓ (୪) ବିତ୍ତ ତଥା ହିସାବପତ୍ର ବ୍ୟବସ୍ଥାରେ ସଂସ୍କାର।

**ଯାତ୍ରୀ ସୁରକ୍ଷା :** ବେଶ୍ କିଛି କାଳ ହେଲା ଅନୁଭୂତ ହେଉଥିଲା ଯେ ରେଳବାଇର ନିରାପତ୍ତା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଏକ ସ୍ୱତନ୍ତ୍ର ନିବେଶ ବାତାୟାନର ଆବଶ୍ୟକତା ରହିଛି। କାରଣ ଏଥି ପାଇଁ ରେଳବାଇ ପାଖରେ ଆବଶ୍ୟକ ସମ୍ବଳ ନ ଥିଲା। ଅଟଳବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବାବେଳେ ପ୍ରଥମ ଥର ପାଇଁ ୨୦୦୧ ଏପ୍ରିଲ ପହିଲାରେ ଏକ ସ୍ୱତନ୍ତ୍ର ରେଳବାଇ ନିରାପତ୍ତା ପାଣ୍ଠି ଗଠନ କରାଗଲା। ଏହାର ଲକ୍ଷ୍ୟ ଥିଲା ରେଳବାଇର ପୁରୁଣା ଟ୍ରାକ୍, ସିଗନାଲ୍ ବ୍ୟବସ୍ଥା, ସେତୁ ଏବଂ ପୁରୁଣା କାଳିଆ ଡବା ଓ ଇଞ୍ଜିନ୍ ଆଦି ଯାହା ନିରାପତ୍ତା ଦୃଷ୍ଟିରୁ ଭରସା ଯୋଗ୍ୟ ନୁହେଁ ସେସବୁର ପରିବର୍ତ୍ତନ

ସ୍ୱାଧୀନତା ପରବର୍ତ୍ତୀ କାଳରେ ରେଳବାଇ ୭୫ ଶତାଂଶ ଯାତ୍ରୀ ଓ ୯୦ ଶତାଂଶ ମାଲ ପରିବହନ କରୁଥିଲା। ସେ ଦୃଷ୍ଟିରୁ ଏକ ସ୍ୱତନ୍ତ୍ର ବଜେଟ ଉପସ୍ଥାପନର ଯଥାର୍ଥତା ଥିଲା। ଏବେ ସେ ସମୀକରଣ ବଦଳି ଯାଇଛି। ରେଳବାଇ ଏବେ ୧୫ ଶତାଂଶ ଯାତ୍ରୀ ଓ ୩୦ ଶତାଂଶ ମାଲ ପରିବହନ କରୁଛି। ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନର ସରକାର ସ୍ୱତନ୍ତ୍ର ରେଳ ବଜେଟର ଅବସାନ ଘଟାଇବାକୁ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଯଥାର୍ଥ। ରେଳବଜେଟକୁ ଏଥର ସାଧାରଣ ବଜେଟର ଭିତ୍ତିଭୂମି ବର୍ଗରେ ସାମିଲ କରାଯାଇଛି।

ଓ ଆଧୁନିକୀକରଣ କରିବା। ଏଥିପାଇଁ ୧୭ ହଜାର କୋଟିର ଏକ ପାଣ୍ଠି ସଂଗ୍ରହ କରାଗଲା। ଏହା ସୁଧମୁକ୍ତ ଓ ସ୍ଥାୟୀ ମୂଳ ପାଣ୍ଠି ଥିଲା। ଏହି ପାଣ୍ଠିର ବିନିଯୋଗ କରି କେଉଁ କେଉଁ କାର୍ଯ୍ୟ କରାଯିବ ସେଥିପାଇଁ ସେସବୁ କାମର ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା ଯାହା ସବୁଜ ପୁସ୍ତକ ବା ଗ୍ରୀନ୍ ବୁକ୍ ନାମରେ ପରିଚିତ। ଚଳିତ ବଜେଟରେ ରେଳ ନିରାପତ୍ତାକୁ ଅଗ୍ରାଧିକାର ପ୍ରଦାନ କରାଯିବା ସହିତ ରାଷ୍ଟ୍ରୀୟ ରେଳ ସଂରକ୍ଷକ କୋଷ ନାମରେ ଏକ ପାଣ୍ଠି ଗଠନ କରାଯାଇଛି। ଏହି କୋଷ ପାଇଁ ପାଞ୍ଚବର୍ଷ ନିମନ୍ତେ ଏକ ଲକ୍ଷ କୋଟି ଟଙ୍କାର ପାଣ୍ଠି ଯୋଗାଣ ବ୍ୟବସ୍ଥା ହୋଇଛି। ଏହି ପାଣ୍ଠି ରେଳବାଇର ସୁରକ୍ଷା ନିମନ୍ତେ ମୂଳଧନ ପୁଞ୍ଜି ଭାବେ କାର୍ଯ୍ୟ କରିବ ଏବଂ ଆବଶ୍ୟକ ଅତିରିକ୍ତ ପାଣ୍ଠି ରେଳବାଇ ନିଜ ଆୟରୁ ଯୋଗାଇବ। କେଉଁ କାର୍ଯ୍ୟ କେବେ ଆରମ୍ଭ ହେବ ଏବଂ କେତେ ଦିନ ମଧ୍ୟରେ ସରିବ ସେ ନେଇ ସରକାର ଆବଶ୍ୟକ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଛନ୍ତି ଏବଂ ରେଳବାଇ ତାହାକୁ ବିଚାରକୁ ନେଇ ଏହି ପାଣ୍ଠି ଖର୍ଚ୍ଚ କରିବ। ନିରାପତ୍ତା ବ୍ୟବସ୍ଥାର କାର୍ଯ୍ୟକାରିତା କ୍ଷେତ୍ରରେ ରେଳବାଇ ବ୍ୟବସ୍ଥାରେ ରେଳ ଧାରଣାରେ ଫାଟକୁ ଚିହ୍ନଟ କରିବା ଓ ପୁରୁଣାକାଳିଆ ରୁଟ୍ ରିଲେ ଇଣ୍ଟର ଲକିଂ ବ୍ୟବସ୍ଥାକୁ ହଟାଇବାରେ ସକ୍ଷମ ହେବ। ଗତ କିଛି କାଳ ହେବ ଜଗୁଆଳ ବିହୀନ ଲେଭଲ୍ କ୍ରସିଂରେ ଦୁର୍ଘଟଣା ସଂଖ୍ୟା କମିଛି। ଏବର୍ଷ ବଜେଟରେ ୨୦୨୦ ସୁଦ୍ଧା ଜଗୁଆଳ ବିହୀନ ଲେଭଲ୍ କ୍ରସିଂଗୁଡ଼ିକର ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ନିଷ୍ପତ୍ତି ନିଆଯାଇଛି। ଏବେ ଅଧିକରୁ ଅଧିକ ଓଭରବ୍ରିଜ୍ ଓ ଅଣ୍ଡର ବ୍ରିଜ୍ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉଛି ଓ ଏହାଦ୍ୱାରା ଜଗୁଆଳ ଥିବା ଲେଭଲ୍ କ୍ରସିଂଗୁଡ଼ିକୁ କ୍ରମଶଃ ଉଠାଇ ଦିଆଯିବ। ସେହିଭଳି ରେଳଡବାରେ ଅଗ୍ନିକାଣ୍ଡ ଭୟ ଦୂର କରିବା ପାଇଁ ସହଜରେ ନିଆଁ ଧରୁ ନଥିବା ଉପକରଣ ଓ ସାମଗ୍ରୀ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି।

ରାଷ୍ଟ୍ରୀୟ ରେଳ ସଂରକ୍ଷକ କୋଷ ପାଇଁ ଉଭୟ ରେଳବାଇର ରାଜସ୍ୱ ଓ ପୁଞ୍ଜି ବ୍ୟୟରୁ ଅର୍ଥ ବ୍ୟବସ୍ଥା କରାଯାଇଛି। ରାଜସ୍ୱର ଏକହଜାର ଓ ପୁଞ୍ଜିରୁ ୧୯ ହଜାର ଟଙ୍କା ଲେଖାଏଁ ଏଥିପାଇଁ ବରାଦ ହୋଇଛି।

**ପୁଞ୍ଜି ଓ ବିକାଶମୂଳକ କାର୍ଯ୍ୟ :** ଚଳିତ ବଜେଟରେ ରେଳବାଇର ବ୍ୟୟ ବରାଦ ୧୨୧,୦୦୦କୋଟି ଟଙ୍କାରୁ କୋଟି ଟଙ୍କାର ସମ୍ବଳ ସଂଗ୍ରହ ପାଇଁ ରେଳବାଇ ନିମନ୍ତେ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ତାହା ବାସ୍ତବବାଦୀ ମନେହୁଏ। ଗତବର୍ଷଠାରୁ ଏହା ୭୧୫ କୋଟି ଟଙ୍କା କମ୍। ରେଳ ବଜେଟର ଯୋଜନା ବ୍ୟୟ ଅଟକଳ, ଜିବିଏସ୍, ଇବିଆର ଓ ଆଭ୍ୟନ୍ତରୀଣ ସମ୍ବଳ ସଂଗ୍ରହ ଲକ୍ଷ୍ୟ ସମ୍ପର୍କରେ ତଥ୍ୟ ଟେବୁଲ-୧ରେ ପ୍ରଦାନ କରାଯାଇଛି।

ଏହା ଦେଖାଯାଉଛି ଯେ ରେଳବାଇର ବ୍ୟୟ ବରାଦ ୨୦୧୪-୧୫ ତୁଳନାରେ ଏଥର ଦ୍ୱିଗୁଣିତ ହୋଇଛି। ସେ ବର୍ଷ ମୋଟ୍ ୬୫୭୯୮ କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବା ବେଳେ ଏଥର ଏହା ୧୩୧,୦୦୦ କୋଟିରେ ପହଞ୍ଚିଛି। ଏଥିରୁ ସ୍ପଷ୍ଟ ସୂଚନା ମିଳୁଛି ଯେ ଦେଶର ଜୀବନରେଖା ଭାରତୀୟ ରେଳବାଇରେ ବିପୁଳ ପୁଞ୍ଜି ନିବେଶ ପାଇଁ ସରକାର ବିଶେଷ ଆଗ୍ରହୀ। ମୂଳବଜେଟରେ ରେଳବଜେଟ ମିଶିଯାଇଥିବାରୁ ଏଣିକି ସରକାରଙ୍କୁ ରେଳବାଇ ଆଉ ଲାଭାଂଶ ପ୍ରଦାନ କରିବ ନାହିଁ। ଫଳରେ ବାର୍ଷିକ ପ୍ରାୟ ୧୦ ହଜାର କୋଟି ଟଙ୍କା ରେଳବାଇ ସଞ୍ଚୟ କରିପାରିବ। ଆଗକୁ ଆଗକୁ ଏହି ସଞ୍ଚୟ ପରିମାଣ

**ଟେବୁଲ୍ - ୧ :** (କୋଟି ଟଙ୍କାରେ)

| ବର୍ଷ | ଯୋଜନା ବରାଦ | ଜିବିଏସ୍ | ଅତିରିକ୍ତ ବଜେଟୀୟ ସମ୍ବଳ | ଆଭ୍ୟନ୍ତରୀଣ ସମ୍ବଳ ସୃଷ୍ଟି |
|---|---|---|---|---|
| ୨୦୧୧-୧୨ | ୪୫୦୬୧ | ୨୧୦୭୩ | ୧୪୭୯୦ | ୯୧୯୮ |
| ୨୦୧୨-୧୩ | ୫୦୩୮୩ | ୨୫୨୩୪ | ୧୫୧୪୨ | ୧୦୦୦୭ |
| ୨୦୧୩-୧୪ | ୫୩୯୮୪ | ୨୮୧୭୪ | ୧୫୨୨୫ | ୧୦୫୯୦ |
| ୨୦୧୪-୧୫ | ୬୫୭୯୮ | ୩୧୫୯୬ | ୧୭୭୮୮ | ୧୬୪୧୪ |
| ୨୦୧୫-୧୬ | ୯୩୫୨୦ | ୩୫୦୦୭ | ୩୯୦୦୬ | ୧୯୪୪୬ |
| ୨୦୧୬-୧୭ | ୧୨୧୦୦୦ | ୪୬୩୫୫ | ୫୯୯୩୦ | ୧୪୭୧୫ |
| ୨୦୧୭-୧୮ | ୧୩୧୦୦୦ | ୫୫୦୦୦ | ୬୨୦୦୦ | ୧୪୦୦୦ |

ଏଥିରେ ଆନୁଷ୍ଠାନିକ ଅର୍ଥ ୧୭୧୩୬ କୋଟି ଟଙ୍କା ମିଶିଛି। ପ୍ରଥମ ଥର ପାଇଁ ଏଭଳି ଅଭିନବ ଢଙ୍ଗରେ ସମ୍ବଳ ସୃଷ୍ଟି ଉଦ୍ୟମ କରାଯାଇଛି। ଏହା ପରଠାରୁ ଏହା ନିୟମିତ ଭାବେ ହାସଲ କରାଯାଇଛି ଯାହା ପରବର୍ତ୍ତୀ ଦୁଇ ବର୍ଷର ତଥ୍ୟରୁ ଜଣାପଡ଼େ।

ବିଶେଷଜ୍ଞ ପରାମର୍ଶ ଓ ଆନ୍ତର୍ଜାତିକ ସହାୟତା ନେଇ ପାରିବ। ଏହା ଏକ ସାହସିକ ଓ ସମୟୋଚିତ ପଦକ୍ଷେପ। ଏହାର ଅର୍ଥ ହେଲା ଭାରତ ପୁରୁଣାକାଳିଆ ଆଇସିଏଫ୍ ଡିଜାଇନ୍ କୋଚ୍‌କୁ ସମ୍ପୂର୍ଣ୍ଣ ବଦଳାଇ ଆଧୁନିକ ଏଲ୍ଏଚ୍‌ଜି ଡିଜାଇନ୍ କୋଚ୍ (ଡବା)ର ପ୍ରବର୍ତ୍ତନ, ସ୍ୱୟଂଚାଳିତ ୧୩୧,୦୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିଭଳି ସାମଗ୍ରିକ ବଜେଟ ସହାୟତା ୪୬,୩୫୫ କୋଟିରୁ ୫୫ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି। ତା'ଛଡ଼ା ବଜେଟ ବହିର୍ଭୂତ ସମ୍ବଳ ବୃଦ୍ଧି ଉପରେ ସରକାର ଅଗ୍ରାଧିକାର ଦେଇଛନ୍ତି। ଆଭ୍ୟନ୍ତରୀଣ ସୂତ୍ରରୁ ବାର୍ଷିକ ୧୪ ହଜାର ବଢ଼ିବ।

ବଜେଟରେ ଯେଉଁସବୁ କାମ ପାଇଁ ଅର୍ଥ ବରାଦ ହୋଇଛି ତାହା ରେଳବାଇର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସହ ସମ୍ପୃକ୍ତ। ଚଳିତ ଆର୍ଥିକ ବର୍ଷରେ ୩୫୦୦ କିମି ନୂଆ ରେଳପଥରେ ଟ୍ରେନ୍ ଚଳାଚଳ କରିବାର ଲକ୍ଷ୍ୟ ରହିଛି। ଗତ ବଜେଟରେ ଏହା ଥିଲା ୨୮୦୦

କିଲୋମିଟର। ରେଳ ବିଦ୍ୟୁତ୍‌କରଣ ଉପରେ ମଧ୍ୟ ବଜେଟ ଅଗ୍ରାଧିକାର ଦେଇଛି। ୨୦୧୬-୧୭ରେ ୨୦୦୦ କିମି ରେଳପଥର ବିଦ୍ୟୁତ୍‌କରଣ ଲକ୍ଷ୍ୟ ରଖାଯାଇଥିବାବେଳେ ଏଥର ତାହାକୁ ୪୦୦୦ କିଲୋମିଟର ରଖାଯାଇଛି। ଷ୍ଟେସନଗୁଡ଼ିକର ବିକାଶ ବଜେଟରେ ଅଗ୍ରାଧିକାର ପାଇବା ଆଉ ଏକ ଉଲ୍ଲେଖନୀୟ ଘଟଣା। ଏବେ ଦେଶର ଦୁଇଟି ଷ୍ଟେସନର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଚଳିତ ବର୍ଷ ଦେଶର ୨୫ଟି ଷ୍ଟେସନର ଆଧୁନିକୀକରଣ ପାଇଁ ଠିକା ପ୍ରଦାନ କରାଯିବାର ଆଶା ରହିଛି। ଏହାଛଡ଼ା ୫୦୦ ଷ୍ଟେସନକୁ ଭିନ୍ନକ୍ଷମ ଅନୁକୂଳ କରାଯିବ। ସେଠାରେ ଲିଫ୍ଟ ଓ ଏସ୍‌କାଲେଟର ବ୍ୟବସ୍ଥା ହେବ। ସେହିଭଳି ୭୦୦୦ ଷ୍ଟେସନରେ ସୌରବିଦ୍ୟୁତ୍ ଶକ୍ତି ବ୍ୟବହାର କରିବାର ଲକ୍ଷ୍ୟ ରହିଛି। ଏଥିପାଇଁ ୩୦୦ ଷ୍ଟେସନରେ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଗଲାଣି। ପର୍ଯ୍ୟଟନସ୍ଥଳୀ ଓ ତୀର୍ଥସ୍ଥଳୀଗୁଡ଼ିକ ପାଇଁ ଉତ୍ସର୍ଗୀକୃତ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ରେଳ ପ୍ରକଳ୍ପର ତ୍ୱରିତ କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାରଙ୍କ ସହ କେନ୍ଦ୍ର ସରକାର ମିଳିତ ଉଦ୍ୟମରେ କାର୍ଯ୍ୟ କରିବେ। ଏହା ଦ୍ୱାରା ରାଜ୍ୟ ସରକାର ମଧ୍ୟ ଆବଶ୍ୟକ ଅର୍ଥ ଯୋଗାଇବେ। ନ'ଟି ରାଜ୍ୟ ସରକାରଙ୍କ ସହ ମିଳିତ ଉଦ୍ୟୋଗ କାର୍ଯ୍ୟକାରୀ କରିବାକୁ ରେଳବାଇ ନିଷ୍ପତ୍ତି ନେଇଛି ଏବଂ ଏଥିରେ ୭୦ଟି ପ୍ରକଳ୍ପ ଓ ରେଳ ବିକାଶ କାର୍ଯ୍ୟ କାର୍ଯ୍ୟକାରୀ ହେବ।

**ପରିଚ୍ଛନ୍ନତା :** ସ୍ୱଚ୍ଛଭାରତ ଅଭିଯାନରେ ଭାରତୀୟ ରେଳବାଇର ସ୍ୱଚ୍ଛତା ଓ ପରିଚ୍ଛନ୍ନତା ଅଗ୍ରାଧିକାର ପାଇଛି। ରେଳବାଇ ସ୍ୱଚ୍ଛରେଲ୍ ନାମରେ ଏହି ଯୋଜନାକୁ କାର୍ଯ୍ୟକାରୀ କରୁଛି। କୋଚ୍ ସଫେଇ ପାଇଁ ଆରମ୍ଭ ହୋଇଥିବା ଏସ୍‌ଏମ୍‌ଏସ୍ ବ୍ୟବସ୍ଥାର ଫଳ ମିଳୁଥିବା ଅନୁଭୂତ ହେଉଛି। ବଜେଟରେ କୋଚ୍ ମିତ୍ର ବ୍ୟବସ୍ଥା ବିଷୟରେ ଉଲ୍ଲେଖ ରହିଛି। ଯାତ୍ରୀମାନେ କୋଚ୍ ସଂକ୍ରାନ୍ତ ସମସ୍ତ ଆବଶ୍ୟକତା ଏହି ମିତ୍ରଙ୍କଠାରୁ ପାଇପାରିବେ। ଟ୍ରେନ୍ ପାଇଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ କେବଳ ଷ୍ଟେସନକୁ ଅପରିଚ୍ଛନ୍ନ କରେ ନାହିଁ ଏହା ରେଳ ଧାରଣାର ମଧ୍ୟ କ୍ଷତି କରିଥାଏ। ଏହାକୁ ଦୃଷ୍ଟିରେ ରଖି ସବୁ ଯାତ୍ରୀବାହୀ ଟ୍ରେନ୍‌ରେ ୨୦୧୯ସୁଦ୍ଧା ବାୟୋଟଏଲେଟ୍ ବ୍ୟବସ୍ଥା କରିବାକୁ ବ୍ୟବସ୍ଥା ହୋଇଛି। ଷ୍ଟେସନର ଚତୁଃପାର୍ଶ୍ୱକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବଜେଟରେ ବ୍ୟବସ୍ଥା କରାଯାଇଛି।

**ବିତ୍ତ ଓ ହିସାବ ସଂସ୍କାର :** ରେଳବାଇ କ୍ଷେତ୍ରରେ ଅପଚୟ ଓ ଅଭିବୃଦ୍ଧି ଭିତ୍ତିକ ହିସାବ ଫର୍ଦ୍ଦ ବ୍ୟବସ୍ଥା ୨୦୧୯ ମାର୍ଚ୍ଚଠାରୁ ଆରମ୍ଭ ହେବ। ଅପଚୟ ବା ଅଯଥା ଅର୍ଥ ଖର୍ଚ୍ଚକୁ ରୋକି ଉଚିତ କ୍ଷେତ୍ରରେ ଆବଶ୍ୟକତା ଅନୁସାରେ ଖର୍ଚ୍ଚ କରିବା ଏହାର ଲକ୍ଷ୍ୟ। ଏହି ବ୍ୟବସ୍ଥାରେ ରାଜସ୍ୱ ବାବଦରେ ଯେଉଁ ଅର୍ଥ ପ୍ରାପ୍ତି ହେବ ସେହି ପରିମାଣକୁ ଆୟଖାତାରେ ଦର୍ଶାଯିବ। ହାତରେ ଥିବା ଅର୍ଥକୁ ଦେଖି ଖର୍ଚ୍ଚ ବ୍ୟବସ୍ଥା କରାଯିବ। ଏହା ଫଳରେ ଗୋଟିଏ ହିସାବରେ ନିର୍ଦ୍ଦିଷ୍ଟ ଆୟ ଓ ବ୍ୟୟ ସଂକ୍ରାନ୍ତ ତଥ୍ୟ ସ୍ଥାନିତ ହେବ। ଏହା ବ୍ୟବସାୟ ପରିଚାଳନା କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି ଆଶା। ରେଳବାଇ ଯୋଗାଉଥିବା ବିଭିନ୍ନ ସେବା ବାବଦରେ କେତେ ଅର୍ଥ ଆସୁଛି ତାହାର ସ୍ପଷ୍ଟ ହିସାବ ମିଳିବା ସହ ସମ୍ପୃକ୍ତ ସେବାର ମାନ ମଧ୍ୟ ଆକଳନ କରିହେବ।

ଏ ବର୍ଷ ବଜେଟରେ ରେଳ ଯାତ୍ରୀ ଭଡ଼ା ବୃଦ୍ଧି କରାଯାଇନାହିଁ। ରେଳଯାତ୍ରୀଙ୍କୁ ଡିଜିଟାଲ କାରବାରରେ ଅଭ୍ୟସ୍ତ କରାଇବା ପାଇଁ ଇ-ଟିକେଟ ବୁକିଂ ଉପରୁ ସର୍ଭିସ୍ ଚାର୍ଜକୁ ପ୍ରତ୍ୟାହାର କରିନିଆଯାଇଛି। ରେଳବାଇର ତିନିଟି ଉଦ୍ୟୋଗ - ଆଇଆରଏଫ୍‌ସି, ଇରକନ୍ ଓ ଆଇଆରସିଟିସିର ସେୟାରକୁ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ କରିବାକୁ ବଜେଟରେ ବ୍ୟବସ୍ଥା ହୋଇଛି। ଏସବୁ ସ୍ୱାଗତଯୋଗ୍ୟ ପଦକ୍ଷେପ।

**ଆୟ ଏବଂ ବ୍ୟୟ :** ରେଳବାଇର ଆୟ ବ୍ୟୟ ସଂକ୍ରାନ୍ତ ବଜେଟର ତଥ୍ୟାବଳୀ ଟେବୁଲ -୨ରେ ପ୍ରଦାନ କରାଯାଇଛି।

ଏହି ତଥ୍ୟ ଅନୁସାରେ ରେଳବାଇର ମୋଟ ଟ୍ରାଫିକ ଜନିତ ଆୟ ଗତଥର ଅପେକ୍ଷା ୪୧୭୮ କୋଟି ଟଙ୍କା ବଢ଼ି ୧୮୮,୯୮୮ କୋଟି ଟଙ୍କା ରଖାଯାଇଛି। ଯାତ୍ରୀଭଡ଼ା ବାବଦ ଆୟ ପୂର୍ବବର୍ଷ ଅପେକ୍ଷା ୨୧୨୫ କୋଟି ଦର୍ଶାଯାଇଥିବାବେଳେ ମାହାସୁଲ ଆଦାୟ ୯୨୫୬ କୋଟି ଟଙ୍କା ଉଲ୍ଲେଖ କରାଯାଇଛି। ଏହି ଦୁଇଟି ହିସାବ ବଜେଟ ଆକଳନ (ବି.ଇ) ଭିତ୍ତିରେ ହୋଇଥିଲେ ହେଁ ରାଜସ୍ୱ ଆକଳନ (ଆର୍.ଇ) ଦୃଷ୍ଟିରୁ ଏହା ଭିନ୍ନ। ଯାତ୍ରୀଭଡ଼ା ଆୟ ବଜେଟ ଆକଳନ ଅନୁସାରେ ୮୮୭ କୋଟି ଟଙ୍କା କମ୍ ରହିଥିବାବେଳେ ମାହାସୁଲ ଆୟ ବଜେଟ ଆଳକନ ଅନୁସାରେ ୨୨୪ କୋଟି ଟଙ୍କା ଅଧିକ ଦର୍ଶାଯାଇଛି। ଅନ୍ୟାନ୍ୟ ଆୟ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଘଟିଛି ଓ ଏବାବଦରେ ମୋଟ ଆୟ ୧୪,୧୨୨ କୋଟି ଟଙ୍କା। ଗତ ବଜେଟ ଅପେକ୍ଷା ଏହା ୪୦୩୨ କୋଟି ଟଙ୍କା ଅଧିକ। ଏସବୁ ହିସାବରୁ ମିଳୁଥିବା ସୂଚନାଟି ହେଲା ରେଳବାଇର ଆୟ ନିରନ୍ତର ବଢୁଛି। ଏହି ଆୟ ବୃଦ୍ଧି ବାସ୍ତବବାଦୀ ଓ ଏଥିରେ ବିଶେଷ ଉଚ୍ଚାଭିଳାଷ ନାହିଁ।

ସେହିଭଳି ବଜେଟରେ ରାଜସ୍ୱ ବ୍ୟୟର ଆକଳନ ବାସ୍ତବବାଦୀ ଢଙ୍ଗରେ କରାଯାଇଛି। ସାଧାରଣ କାର୍ଯ୍ୟକାରୀ ଖର୍ଚ୍ଚକୁ ଯଥାସମ୍ଭବ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ଏଥର ଏହି ବ୍ୟୟକୁ ୧୨୯,୭୫୦କୋଟି ଟଙ୍କାରେ ସୀମିତ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଗତବର୍ଷ ଅପେକ୍ଷା ଏ ବର୍ଷ ପରିଚାଳନା ବା ଅପରେଟିଂ ଅନୁପାତକୁ ସାମାନ୍ୟ କମ୍ କରାଯାଇଥିଲେ ହେଁ ଏହାକୁ ହାସଲ କରିବା ସହଜ ନୁହେଁ। ତେବେ ବଜେଟରେ ଏ ବିଷୟକୁ ସ୍ୱୀକାର କରାଯାଇଛି। ରେଳ ସେବାର ମୂଲ୍ୟ, ମାନ, ସାମାଜିକ ପ୍ରତିବଦ୍ଧତା ଏବଂ ଅନ୍ୟ ପରିବହନ କ୍ଷେତ୍ରର ପ୍ରତିଯୋଗିତାକୁ ହିସାବକୁ ନେଇ ରେଳ ଭଡ଼ା ଧାର୍ଯ୍ୟ କରାଯିବ ବୋଲି ବଜେଟରେ ଯାହା ଉଲ୍ଲେଖ ଅଛି ତାହା ବାସ୍ତବବାଦୀ।

କେତେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ରେଳବାଇର ପୁଞ୍ଜି ବ୍ୟୟ ସଂକ୍ରାନ୍ତ ବିବରଣ ଟେବୁଲ - ୩ ରେ ପ୍ରଦାନ କରାଯାଇଛି।

ଟେବୁଲରେ ପ୍ରଦର୍ଶିତ ତଥ୍ୟ ଅନୁସାରେ ନୂଆ ଲାଇନ୍ ନିର୍ମାଣ ପାଇଁ ବ୍ୟୟ ବରାଦ ସାମାନ୍ୟ କମିଛି ଓ ୧୧୫୩୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସେହିଭଳି ଗେଜ ପରିବର୍ତ୍ତନ ପାଇଁ ବ୍ୟୟ ବରାଦ କମାଯାଇ ଏବାବଦରେ ୩୦୯୧ କୋଟି ଟଙ୍କା ରଖାଯାଇଛି। ତେବେ ଡବଲ୍ ଲାଇନ୍ ଓ ଟ୍ରାଫିକ ବ୍ୟବସ୍ଥା ପାଇଁ ବ୍ୟୟ ବରାଦ ବୃଦ୍ଧି ପାଇଛି।

ଟେବୁଲ -୨ : **ଆୟ ଓ ବ୍ୟୟର ଏକ ବିବରଣ** (କୋଟି ଟଙ୍କାରେ)

| କ୍ରମିକ ନମ୍ବର | | ବିଭିନ୍ନ ଉତ୍ସ ପ୍ରାପ୍ତି ବା ଆୟ | ପ୍ରକୃତ ୨୦୧୫-୧୬ | ବଜେଟ ୨୦୧୬-୧୭ | ସଂଶୋଧିତ ୨୦୧୬-୧୭ | ବଜେଟ ୨୦୧୭-୧୮ |
|---|---|---|---|---|---|---|
| ୧ | | ମୋଟ ଟ୍ରାଫିକ ଆୟ | ୧୬୪୩୩୪ | ୧୮୪୮୨୦ | ୧୭୨୧୫୫ | ୧୮୮୯୯୮ |
| | (କ) | ଯାତ୍ରୀ ଭଡ଼ା ଆୟ | ୪୪୨୮୩ | ୫୧୦୧୨ | ୪୮୦୦୦ | ୫୦୧୨୫ |
| | (ଖ) | ମାହାସୁଲ ଆୟ | ୧୦୯୨୦୮ | ୧୧୭୯୩୩ | ୧୦୮୯୦୦ | ୧୧୮୧୫୭ |
| | (ଗ) | ଅନ୍ୟାନ୍ୟ କୋଚ୍ ସେବା ଆୟ | ୪୩୭୧ | ୬୧୮୫ | ୫୦୦୦ | ୬୪୯୪ |
| | (ଘ) | ଅନ୍ୟାନ୍ୟ ଆୟ | ୫୯୨୯ | ୯୫୯୦ | ୧୦୧୦୦ | ୧୪୧୨୩ |
| | (ଙ) | ଟ୍ରାଫିକ ସସ୍‌ପେନ୍ସ | ୫୪୩ | ୧୦୦ | ୧୫୫ | ୧୦୦ |
| ୨ | | ଅନ୍ୟାନ୍ୟ ଯାବତୀୟ ଆୟ | ୪୦୪୬ | ୪୪୫୧ | ୧୫୦ | ୫୦୦ |
| ୩ | | ମୋଟ ରାଜସ୍ୱ ପ୍ରାପ୍ତ (୧+୨) | ୧୬୮୩୮୦ | ୧୮୯୨୭୧ | ୧୭୨୩୦୫ | ୧୮୯୪୯୮ |
| ୪ | | ସାଧାରଣ ରାଜସ୍ୱରୁ ପୁଞ୍ଜି ସହାୟତା | ୩୭୬୦୮ | ୪୫୦୦୦ | ୪୬୩୫୫ | ୫୫୦୦୦ |
| ୫ | | ମୋଟ ରେଳବାଇ ପ୍ରାପ୍ତି+ ବଜେଟ ସହାୟତା (୩+୪) | ୨୦୫୯୮୮ | ୨୩୪୨୭୧ | ୨୧୮୬୬୦ | ୨୪୪୪୯୮ |
| ୬ | | ଅତିରିକ୍ତ ବଜେଟ ସହାୟତା (ଇବିଆର) | ୩୯୦୬୬ | ୫୯୩୨୫ | ୫୯୬୩୦ | ୬୨୦୦୦ |
| ୭ | | ମୋଟ ପ୍ରାପ୍ତି ଇବିଆର ସହ (୫+୬) | ୨୪୫୦୫୪ | ୨୯୩୫୯୬ | ୨୭୮୫୯୦ | ୩୦୬୪୯୮ |
| | | **ବ୍ୟୟ** | | | | |
| ୮ | | ମୋଟ କାର୍ଯ୍ୟକାରୀ ବ୍ୟୟ (କଖଗ) | ୧୪୭୮୩୬ | ୧୬୯୨୬୦ | ୧୬୨୯୬୦ | ୧୭୮୩୫୦ |
| | (କ) | ସାଧାରଣ କାର୍ଯ୍ୟକାରୀ ବ୍ୟୟ | ୧୦୭୭୩୬ | ୧୨୩୫୬୦ | ୧୨୨୭୬୦ | ୧୨୯୭୫୦ |
| | (ଖ) | ପେନ୍‌ସନ୍ ପାଣ୍ଠିକୁ ଦେୟ | ୩୪୫୦୦ | ୪୨୫୦୦ | ୩୫୦୦୦ | ୪୩୬୦୦ |
| | (ଗ) | ଖେସଖେସରା ପାଣ୍ଠିକୁ ଦେୟ | ୫୬୦୦ | ୩୨୦୦ | ୫୨୦୦ | ୫୦୦୦ |
| ୯ | | ଅନ୍ୟାନ୍ୟ ବ୍ୟୟ | ୧୩୧୫ | ୧୮୦୦ | ୧୬୫୦ | ୨୨୦୦ |
| ୧୦ | | ରେଳ ରାଜସ୍ୱରୁ ମୋଟ ଖର୍ଚ୍ଚ (୮+୯) | ୧୪୯୧୫୧ | ୧୭୧୦୬୦ | ୧୬୪୬୧୦ | ୧୮୦୫୫୦ |
| ୧୧ | | ଇବିଆର ଓ ବଜେଟ ସହାୟତାରୁ ଖର୍ଚ୍ଚ (୪+୬) | ୭୬୬୭୧ | ୧୦୪୩୨୫ | ୧୦୬୨୮୫ | ୧୧୭୦୦୦ |
| ୧୨ | | ଇବିଆର ସମେତ ମୋଟ ଖର୍ଚ୍ଚ (୧୦+୧୧) | ୨୨୫୮୨୬ | ୨୭୫୩୮୫ | ୨୭୦୮୯୫ | ୨୯୭୫୫୦ |
| ୧୩ | | ନିଟ୍ ରାଜସ୍ୱ (୩-୧୦) | ୧୯୨୨୮ | ୧୮୨୧୧ | ୭୬୯୫ | ୮୯୪୮ |
| ୧୪ | | ଲାଭାଂଶ ଦେୟ | ୮୭୨୩ | ୯୭୩୧ | ୭୬୯୫ | ---- |
| ୧୫ | | ବଳକା / ନିଅ (୧୩-୧୪) | ୧୦୫୦୬ | ୮୪୭୯ | ----- | ୮୯୪୮ |
| ୧୬ | | ବିକାଶ ପାଣ୍ଠିକୁ ଦେୟ | ୧୨୨୦ | ୨୫୧୫ | ୭୬୯୫ | ୨୦୦୦ |
| ୧୭ | | ପୁଞ୍ଜି ପାଣ୍ଠିକୁ ଦେୟ | ୫୭୯୮ | ୫୭୫୦ | ୨୫୧୫ | ୫୯୪୮ |
| ୧୮ | | ଋଣ ବାବଦ ସୁଧ ଦେୟ | ୩୪୮୮ | ୨୧୪ | ୫୧୮୦ | ----- |
| ୧୯ | | ରାଷ୍ଟ୍ରୀୟ ରେଳ ସଂସ୍କାର କୋଷକୁ ଦେୟ | ---- | ---- | ---- | ୧୦୦୦ |
| ୨୦ | | ପରିଚାଳନା ଅନୁପାତ | ୯୦.୫% | ୯୨.୦% | ୯୪.୯% | ୯୪.୬% |

ବି.ଦ୍ର : ଦଶମିକକୁ ପରବର୍ତ୍ତୀ ପୂର୍ଣ୍ଣ ସଂଖ୍ୟାରେ ଦର୍ଶାଯାଇଛି ।

ଲାଇନ୍ ଦୋହରୀକରଣ ପାଇଁ ୨୫୪୩ କୋଟି (ଗତଥର ଅପେକ୍ଷା ୧୪୨୩ କୋଟି ଅଧିକ) ଓ ଟ୍ରାଫିକ ବ୍ୟବସ୍ଥା ପାଇଁ ପ୍ରାୟ ଆଠ ଶହ କୋଟି ଅଧିକ ସହିତ ମୋଟ ୧୮୫୧ କୋଟି ଟଙ୍କା ବରାଦ କରାଯାଇଛି।

ପୁରୁଣା ଟ୍ରାକ୍, ସେତୁ, ସିଗ୍ନାଲ୍ ଓ କୋଚ୍ ପରିବର୍ତ୍ତନ ସହ ରେଳ ସୁରକ୍ଷାକୁ ମୋଟାମୋଟି ବଜେଟରେ ଗୁରୁତ୍ୱ ଦିଆଯିବା ଏକ ଉଲ୍ଲେଖନୀୟ ଘଟଣା। ରେଳ ସୁରକ୍ଷା ପାଇଁ ଅଧିକ ବ୍ୟୟ ବରାଦ (୪୫୧୨କୋଟି) କରାଯିବା ନିଷ୍ପତ୍ତି ସରକାରଙ୍କର ପ୍ରତିବଦ୍ଧତାର ସୂଚନା ଦିଏ। ଏବାବଦରେ ସବିଶେଷ ବିବରଣ ଟେବୁଲ୍ ୪ରେ ରହିଛି।

ଏଠାରେ ଟେବୁଲ୍-୪ ଓ ୫ ଇନ୍‌ସର୍ଟ ହେବ ବଜେଟର ପ୍ରମୁଖ ଚାରିଟି ଅଗ୍ରାଧିକାର କ୍ଷେତ୍ର ପାଇଁ ଯେଉଁ ସମ୍ବଳର ଆବଶ୍ୟକତା ରହିଛି ସେଥିପ୍ରତି ଆବଶ୍ୟକ ଧ୍ୟାନ ଦିଆଯାଇଛି। ନବଗଠିତ ରେଳ ସଂରକ୍ଷଣ କୋଷ ପାଇଁ ଯେଉଁ ଅର୍ଥ ବରାଦ ହୋଇଛି ତାହା ମଧ୍ୟ ଉଲ୍ଲେଖଯୋଗ୍ୟ। ଅଧିକନ୍ତୁ ଆୟ, ବ୍ୟୟ ଓ ବିଭିନ୍ନ ଯୋଜନାର ଯେଉଁ ଭୌତିକ ଲକ୍ଷ୍ୟ ରଖାଯାଇଛି ତାହା ବାସ୍ତବ ସ୍ତରରେ ରହିଛି। ନୂଆ ଅବତାରରେ ଏହି ରେଳବଜେଟ ଭାରତୀୟ ରେଳବାଇର ସେବା ପ୍ରଦାନକାରୀ ଦକ୍ଷତା ବୃଦ୍ଧିରେ ସହାୟକ ହେବ ଏବଂ ରେଳବାଇ ଦେଶର ଅଭିବୃଦ୍ଧି ଇଞ୍ଜିନରେ ପରିଣତ ହେବ ଏହା ଆଶା କରିବାରେ କୌଣସି ସଂଶୟ ନାହିଁ।

ତଥ୍ୟ ସୂତ୍ର :

୧) ୨୦୧୭-୧୮ କେନ୍ଦ୍ରୀୟ ବଜେଟ

୨) ରେଳମନ୍ତ୍ରଣାଳୟର ପରିସଂଖ୍ୟାନ ନିର୍ଦ୍ଦେଶାଳୟର ସାରାଂଶ।

**ଟେବୁଲ -୩:**

(କୋଟି ଟଙ୍କାରେ)

| ବିଭିନ୍ନ ବାବଦ | ପ୍ରକୃତ ୨୦୧୫-୧୬ | ବଜେଟ ୨୦୧୬-୧୭ | ସଂଶୋଧିତ ୨୦୧୬-୧୭ | ବଜେଟ ୨୦୧୭-୧୮ |
|---|---|---|---|---|
| ପୁଞ୍ଜି ବ୍ୟୟ (ବଜେଟ ଉତ୍ସରୁ) ନୂଆ ଆଇନ (ନିର୍ମାଣ) | ୧୩୨୪୮ | ୧୧୯୬୩ | ୧୩୬୬୦ | ୧୧୫୩୩ |
| ଗେଜ ପରିବର୍ତ୍ତନ | ୩୪୦୭ | ୩୨୭୬ | ୩୭୨୧ | ୩୦୯୧ |
| ଦୋହରା ଲାଇନ୍ ନିର୍ମାଣ | ୨୯୫୦ | ୪୭୮୯ | ୧୪୨୩ | ୨୫୪୩ |
| ଟ୍ରାଫିକ ବ୍ୟବସ୍ଥା – ୟାର୍ଜ ଆଧୁନିକୀକରଣ ଓ ଅନ୍ୟାନ୍ୟ | ୯୮୪ | ୧୧୨୬ | ୧୦୩୬ | ୧୮୫୧ |
| ରୋଲିଂ ଷ୍ଟକ୍ (ଇଞ୍ଜିନ ଓ ଡବା) | ୪୨୪୦ | ୫୪୪୮ | ୬୧୫୦ | ୨୦୦୬ |
| ସମ୍ପତ୍ତି ଲିଜ୍ – ପୁଞ୍ଜି ବାବଦ ଦେୟ | ୬୩୨୫ | ୭୦୦୦ | ୭୦୦୦ | ୮୦୦୦ |
| **ପଥ ସୁରକ୍ଷା କାର୍ଯ୍ୟ** | | | | |
| (କ) ଲେଭଲ କ୍ରସିଂ | ୪୭୦ | ୫୫୫ | ୬୭୯ | ୭୦୫ |
| (ଖ) ରୋଡ୍ ଓଭର / ଅଣ୍ଡର ବ୍ରିଜ୍ | ୨୧୩୩ | ୨୪୪୩ | ୩୦୬୬ | ୪୫୧୨ |
| ଟ୍ରାକ୍ ନବୀକରଣ | ୫୫୮୬ | ୪୦୦୦ | ୬୭୪୦ | ୯୯୬୧ |
| ପୋଲ ନିର୍ମାଣ | ୫୨୦ | ୫୮୯ | ୫୯୨ | ୭୪୬ |
| ସିଗ୍ନାଲ୍ ଓ ଟେଲିକମ୍ କାର୍ଯ୍ୟ | ୮୯୪ | ୯୫୮ | ୯୫୪ | ୨୩୩୧ |

**(ଦଶମିକ ହିସାବକୁ ପରବର୍ତ୍ତୀ ପୂର୍ଣ୍ଣ ସଂଖ୍ୟା କରାଯାଇଛି)**

**ଟେବୁଲ - ୪ ଗତିଶୀଳତା / ସଂଳନର ବିବରଣ**

ରେଳବାଇରେ ଗତିଶୀଳତା ବା ସଂଚଳନ ନିଟ୍ ଟନ୍ କିଲୋମିଟର ଓ ଯାତ୍ରୀ କିଲୋମିଟର (ପାସେଞ୍ଜର କିମି) ଉଭୟରେ ଦର୍ଶାଯାଇଛି। ଉଭୟ କ୍ଷେତ୍ରରେ ଅଧିକ ଲକ୍ଷ୍ୟ ମଧ୍ୟ ଧାର୍ଯ୍ୟ ହୋଇଛି।

(କୋଟି ଟଙ୍କାରେ)

| ବାବଦ | ୨୦୧୫-୧୬ ପ୍ରକୃତ | ୨୦୧୬-୧୭ (ବିଇ) | (ଆରଇ) | ୨୦୧୭-୧୮ ବଜେଟ |
|---|---|---|---|---|
| ପାସେଞ୍ଜର କିମି (ନିୟୁତ) | ୧୧୪୩୦୩୯ | ୧୧୩୭୨୯୮ | ୧୧୫୭୬୩୭ | ୧୧୫୯୯୦୦ |
| ନେଟ୍ ଟନ୍ କିମି (ନିୟୁତ) | ୬୫୪୪୮୧ | ୬୯୪୬୦୭ | ୬୨୧୨୪୭ | ୬୭୫୬୨୨ |

ଲେଖକ ଭାରତୀୟ ରେଳବାଇର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଭାରତ ସରକାରଙ୍କ ପୂର୍ବତନ ପଦପ୍ରଯୁକ୍ତ ପ୍ରଧାନ ସଚିବ। ସେ ଭାରତୀୟ ରେଳବାଇ ସେବାରେ ୩୯ ବର୍ଷ କାର୍ଯ୍ୟ କରିଛନ୍ତି।

# ୨୦୧୭-୧୮ ବଜେଟ : ଭିତ୍ତିଭୂମି କ୍ଷେତ୍ରର ଉତ୍ଥାନ

**କୃଷ୍ଣ ଦେବ**

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ କାର୍ଯ୍ୟ ବେଶ ଦ୍ରୁତ ଗତିରେ ଚାଲିଛି। ୨୦୧୧-୧୨ରେ ଏହି ଯୋଜନାରେ ଦୈନିକ ୭୩ କିଲୋମିଟର ସଡ଼କ ସାରା ଦେଶରେ ନିର୍ମିତ ହେଉଥିବାବେଳେ ୨୦୧୬-୧୭ରେ ତାହା ପ୍ରାୟ ଦ୍ୱିଗୁଣିତ ବା ୧୩୩ କିମିରେ ପହଞ୍ଚିଛି। ଏଥିରୁ ଏହାର ବେଗ ସହଜେ ଅନୁମେୟ। ଆହୁରି ମଧ୍ୟ ମାଓବାଦୀ ଅଧ୍ୟୁସିତ ଅଞ୍ଚଳରେ ୧୦୦ ରୁ ଅଧିକ ଲୋକ ବସବାସ କରୁଥିବା ଗାଁକୁ ସଡ଼କ ସଂଯୋଗ ଯୋଗାଇଦେବା ଭଳି ଏକ ଆହ୍ୱାନମୂଳକ ପଦକ୍ଷେପ ସରକାର ଗ୍ରହଣ କରିଛନ୍ତି। ଏହି ଗ୍ରାମ ସଡ଼କ ଯୋଜନାରେ ଯେତେସବୁ ରାସ୍ତା ନିର୍ମାଣର ଲକ୍ଷ୍ୟ ରଖାଯାଇଛି ତାହାକୁ ୨୦୧୯ ସୁଦ୍ଧା ଶେଷ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଏ ବର୍ଷ ବଜେଟରେ ୧୯ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

**୨**୦୧୭-୧୮ ଆର୍ଥିକ ବର୍ଷର ବଜେଟର ମୁଖ୍ୟ କାର୍ଯ୍ୟସୂଚୀ ହେଲା ଭାରତକୁ ବଦଳାଅ, ସଶକ୍ତକର ଓ ପରିଷ୍କାର କର (ଟିଇସି)। ଏଥିପାଇଁ ୧୦ଟି ପ୍ରମୁଖ ବିଷୟ ଉପରେ ଗୁରୁତ୍ୱ ଦିଆଯାଇଛି। ଏଗୁଡ଼ିକ ହେଲା- କୃଷି ଓ କୃଷକର ବିକାଶ, ଗ୍ରାମାଞ୍ଚଳ ଜନତା, ଯୁବ ସମାଜ, ଗରିବ ଓ ଅବହେଳିତବର୍ଗଙ୍କ କଲ୍ୟାଣ, ଭିତ୍ତିଭୂମି, ଆର୍ଥିକ ଉଦ୍ୟୋଗ, ଡିଜିଟାଲ ଅର୍ଥନୀତି, ସାଧାରଣ ସେବାର ବିକାଶ ତଥା ଆର୍ଥିକ ପରିଚାଳନା ଓ ଟିକସ ପ୍ରଶାସନ। ଏହି ସବୁ କାର୍ଯ୍ୟସୂଚୀକୁ ରୂପାୟିତ କରିବାକୁ ବଜେଟରେ ୨୧,୪୬,୩୭୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

ବଜେଟରେ ଭିତ୍ତିଭୂମି କ୍ଷେତ୍ରରେ ବିକାଶ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇ ଦକ୍ଷତା, ଉତ୍ପାଦକତା ଓ ଜୀବନର ମାନ ବୃଦ୍ଧିର ଲକ୍ଷ୍ୟ ରଖାଯାଇଛି। ଏହି ଲକ୍ଷ୍ୟ ହାସଲ ପାଇଁ ବ୍ୟୟ ବରାଦ ହୋଇଛି ୩,୯୬,୧୩୫ କୋଟି ଟଙ୍କା। ଏହା ମୋଟ୍ ବଜେଟ ବ୍ୟୟ ବରାଦର ୧୮.୪୫ ଶତାଂଶ ତଥା ପୂର୍ବ ବର୍ଷ ଅପେକ୍ଷା୧୪ ଶତାଂଶ ଅଧିକ। ୨୦୧୬-୧୭ ବର୍ଷରେ ଏବାବଦରେ ୩,୪୮,୯୫୨ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବାବେଳେ ବାସ୍ତବରେ ଏବାବଦରେ ବ୍ୟୟ ବରାଦ ୩,୫୮,୬୩୪ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଏହାର ସବିଶେଷ ତଥ୍ୟ ଟେବୁଲ -୧ରେ ପ୍ରଦାନ କରାଯାଇଛି।

ଭିତ୍ତିଭୂମି କ୍ଷେତ୍ରରେ ପରିବହନ, ଶକ୍ତି, ଜଳଯୋଗାଣ ଓ ପରିଚ୍ଛନ୍ନତା, ଯୋଗାଯୋଗ, ସାମାଜିକ ଓ ବ୍ୟବସାୟିକ ଢାଞ୍ଚା / ନିର୍ମାଣ ଆଦି ଅନ୍ତର୍ଭୁକ୍ତ।

**ପରିବହନ :**

୨୦୧୭-୧୮ କେନ୍ଦ୍ରୀୟ ବଜେଟରେ ସମୁଦ୍ରାୟ ପରିବହନ କ୍ଷେତ୍ର (ରେଳ, ସଡ଼କ, ଜାହାଜ ଓ ବିମାନ) ପାଇଁ ୨,୪୧,୩୮୭ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହା ଭିତ୍ତିଭୂମି କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ମୋଟ୍ ବ୍ୟୟ ବରାଦର ୬୧ ଶତାଂଶ। ଏହି କ୍ଷେତ୍ରରେ ବିପୁଳ ବ୍ୟୟ ନିଷ୍ପତ୍ତି ଫଳରେ ଭିତ୍ତିଭୂମି କ୍ଷେତ୍ରର ଉଲ୍ଲେଖନୀୟ ବିକାଶ ଘଟିବା ସହ ଏହା ପୁଞ୍ଜି ନିବେଶକୁ ଆକର୍ଷିତ କରିବା ସହ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହା ସମ୍ଭବ ହେଲେ ଦେଶର ଅର୍ଥନୀତି ଚିତ୍ର ବଦଳିବା ସହ ଦେଶର ସାମଗ୍ରିକ ଅଭିବୃଦ୍ଧି ପ୍ରକ୍ରିୟା ମଧ୍ୟ ତ୍ୱରାନ୍ୱିତ ହେବ। ବିପୁଳ ସମ୍ଭାବନା ସତ୍ତ୍ୱେ ଏ କ୍ଷେତ୍ରରେ ଯେଉଁ ସବୁ ଆହ୍ୱାନ ରହିଛି ନିର୍ଦ୍ଧାରିତ ସମୟରେ ତାହାର ଉଚିତ ମୁକାବିଲା କରା ନ ଗଲେ ସେ ଲକ୍ଷ୍ୟ ସାଧିତ ହେବା କଠିନ ହେବ।

(କ) **ସଡ଼କ :** ସଡ଼କ କ୍ଷେତ୍ର ପାଇଁ ଏଥର ବଜେଟ ବ୍ୟୟ ବରାଦ ପୂର୍ବାପେକ୍ଷା ୬୯୨୪ କୋଟି ବୃଦ୍ଧି କରାଯାଇ ମୋଟ୍ ୬୪,୯୦୦ କୋଟି ଟଙ୍କା କରାଯାଇଛି। ଏହି ଅର୍ଥରାଶୀ ମୋଟ୍ ପରିବହନ କ୍ଷେତ୍ରର ବ୍ୟୟବରାଦର ୨୭ ଶତାଂଶ। ଏହି ଅର୍ଥ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପରେ ଖର୍ଚ୍ଚ ହେବ। ସେଥିମଧ୍ୟରେ ରହିଛି ୨୦୦୦ କିମି ଦୈର୍ଘ୍ୟର ଉପକୂଳ ସଂଯୋଗ ରାଜପଥ। ଏହାଦ୍ୱାରା ଦେଶର ଆଭ୍ୟନ୍ତରୀଣ ଗ୍ରାମ ଓ ବନ୍ଦରଗୁଡ଼ିକୁ ସଂଯୋଗ କରିହେବ। ସେହିଭଳି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅଧିକ ଅର୍ଥ ଖର୍ଚ୍ଚ କରାଯିବ। ୨୦୧୪-୧୫ରୁ ଏ ପର୍ଯ୍ୟନ୍ତ ଏହି ଯୋଜନାରେ ସମଗ୍ର ଦେଶରେ ଏକଲକ୍ଷ ୪୦ ହଜାର କିଲୋମିଟରରୁ ଅଧିକ ସଡ଼କ ନିର୍ମାଣ କରାଯାଇଛି।

ଏହାଛଡ଼ା ଦେଶରେ ମଲଟିମୋଡାଲ ଲଜିଷ୍ଟିକ ପାର୍କ ନିର୍ମାଣ ପାଇଁ ସରକାର ଲକ୍ଷ୍ୟ

ଟେବୁଲ - ୧ ବ୍ୟୟ ସାରଣୀ = (କୋଟିରେ )

| କ୍ରମିକ | କ୍ଷେତ୍ର / ବାବଦ | ୨୦୧୬-୧୭ (ବିଇ) | ୨୦୧୬-୧୭ (ଆରଇ) | ୨୦୧୭-୧୮ (ବିଇ) |
|---|---|---|---|---|
| ୧ | ପ୍ରଚଳିତ ମୂଲ୍ୟ ସୂଚିରେ ଜିଡିପି (୨୦୧୧-୧୨ ଶୃଙ୍ଖଳା ଅନୁସାରେ) | ୧,୫୦,୭୫,୪୨୯ | ୧,୫୦,୭୫,୪୨୯ | ୧,୬୮,୪୭,୫୪୪ |
| ୨ | ମୋଟ ବଜେଟ ବ୍ୟୟ | ୧୯,୭୮,୦୬୦ | ୨୦,୧୪,୪୦୭ | ୨୧,୪୬,୭୩୫ |
| ୩ | (ସେଥିରୁ) ଭିତ୍ତିଭୂମି ବାବଦ ବ୍ୟୟ | ୩,୪୮,୯୫୨ | ୩,୫୮,୬୩୪ | ୩,୯୬,୧୩୫ |
| ୪ | (ସେଥିରୁ) ପରିବହନ ବାବଦ ବ୍ୟୟ | ୨,୧୬,୨୬୮ | ୨,୧୬,୯୦୩ | ୨,୪୧,୩୮୭ |

ସୂତ୍ର : ୨୦୧୭-୧୮ କେନ୍ଦ୍ରୀୟ ବଜେଟ

ରଖିଛନ୍ତି। ଏଥିରେ ବହୁବିଧ ପରିବହନ ବ୍ୟବସ୍ଥା ନିର୍ମାଣ କରାଯିବ।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ କାର୍ଯ୍ୟ ବେଶ ଦ୍ରୁତ ଗତିରେ ଚାଲିଛି। ୨୦୧୧-୧୨ରେ ଏହି ଯୋଜନାରେ ଦୈନିକ ୭୩ କିଲୋମିଟର ସଡ଼କ ସାରା ଦେଶରେ ନିର୍ମିତ ହେଉଥିବାବେଳେ ୨୦୧୬-୧୭ରେ ତାହା ପ୍ରାୟ ଦ୍ୱିଗୁଣିତ ବା ୧୩୩ କିମିରେ ପହଞ୍ଚିଛି। ଏଥିରୁ ଏହାର ବେଗ ସହଜେ ଅନୁମେୟ। ଆହୁରି ମଧ୍ୟ ମାଓବାଦୀ ଅଧ୍ୟୁସିତ ଅଞ୍ଚଳରେ ୧୦୦ ରୁ ଅଧିକ ଲୋକ ବସବାସ କରୁଥିବା ଗାଁକୁ ସଡ଼କ ସଂଯୋଗ ଯୋଗାଇଦେବା ଭଳି ଏକ ଆହ୍ୱାନମୂଳକ ପଦକ୍ଷେପ ସରକାର ଗ୍ରହଣ କରିଛନ୍ତି। ଏହି ଗ୍ରାମ ସଡ଼କ ଯୋଜନାରେ ଯେତେସବୁ ରାସ୍ତା ନିର୍ମାଣର ଲକ୍ଷ୍ୟ ରଖାଯାଇଛି ତାହାକୁ ୨୦୧୯ ସୁଦ୍ଧା ଶେଷ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଏ ବର୍ଷ ବଜେଟରେ ୧୯ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏବାବଦରେ ମଧ୍ୟ ରାଜ୍ୟ ସରକାରମାନଙ୍କୁ କିଛି ଅର୍ଥ ଦେବାକୁ ପଡୁଛି। ଏହାକୁ ମିଶାଇଲେ ୨୦୧୭-୧୮ ବଜେଟରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ମୋଟ୍ ୨୭ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। କେବଳ ସଡ଼କ ସଂଯୋଗ ବ୍ୟବସ୍ଥା ବଢ଼ାଇବା ଏହି ଯୋଜନାର ଲକ୍ଷ୍ୟ ନୁହେଁ; ସବୁ ଗ୍ରାମକୁ ଯୋଗାଯୋଗର ସୁବିଧା ସୁଯୋଗ ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ। ଠିକା ପ୍ରଦାନ, ଜମି ଅଧିଗ୍ରହଣ, ପରିବେଶ ଅନୁମତି, ନିର୍ମାଣ ଦକ୍ଷତା ଓ କଞ୍ଚାମାଲ୍‌ର ଅଭାବ ଭଳି ସମସ୍ୟା ଏହି ଯୋଜନାର ରୂପାୟନ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିଛି ଏବଂ ସରକାରଙ୍କୁ ସେଥିପ୍ରତି ଆବଶ୍ୟକ ନଜର ଦେବାକୁ ହେବ।

ପରିବହନର ବହୁମୁଖୀ ବ୍ୟବସ୍ଥାକୁ ସୁସଂହତ କରିବା ସଡ଼କ ପଥ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ। ତେଣୁ ପ୍ରତି ପାଞ୍ଚ ବର୍ଷରେ ଥରେ ଆଞ୍ଚଳିକ ସ୍ତରରେ ଗମନାଗମନ ଓ ପରିବହନ ଆଦିର ସର୍ଭେ କରାଯିବା ଆବଶ୍ୟକ।

**ଉଡ଼ାଣ ଉଦ୍ୟୋଗ :** ବିମାନବନ୍ଦର ଉଦ୍ୟୋଗ ପାଇଁ ବଜେଟରେ ଏଥର ୨୭୦୨ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ଯାହା ପୂର୍ବାପେକ୍ଷା ୧୧୨କୋଟି ଟଙ୍କା ଅଧିକ। ତେବେ ବାସ୍ତବ ବ୍ୟୟ ବରାଦକୁ ବିଚାରକୁ ନେଲେ ଦେଖାଯିବ ଯେ ପୂର୍ବବର୍ଷ ଅପେକ୍ଷା ଏହା କମ୍। ବିମାନ ପରିବହନ ଉଦ୍ୟୋଗର ଯଥେଷ୍ଟ ସମ୍ଭାବନା ଭାରତରେ ରହିଛି। ସେଥିପାଇଁ ଏହି କ୍ଷେତ୍ର ନିମନ୍ତେ ଅଧିକ ବ୍ୟୟ ବରାଦର ଆବଶ୍ୟକତା ଥିଲା। ଗତ ୨୦ବର୍ଷ ମଧ୍ୟରେ ଭାରତର ଉଡ଼ାଣ ଉଦ୍ୟୋଗରେ ନାଟକୀୟ ପରିବର୍ତ୍ତନ ଘଟିଛି। ନୂଆ ନୂଆ ବିମାନ ଚଳାଚଳକାରୀ ସଂସ୍ଥା ଦେଶ ଭିତରେ ଓ ଦେଶ ବାହାରକୁ ଅଧିକରୁ ଅଧିକ ବିମାନ ଚଳାଚଳର ବ୍ୟବସ୍ଥା କରୁଛନ୍ତି। ବିମାନବନ୍ଦରଗୁଡ଼ିକର ସଂପ୍ରସାରଣ ଓ ଆଧୁନିକୀକରଣ କରାଯାଉଛି। ଭାରତୀୟ ବିମାନବନ୍ଦର ଗୁଡ଼ିକର ନିରାପତ୍ତା ବ୍ୟବସ୍ଥା ଓ ମାନ ଆନ୍ତର୍ଜାତିକ ସ୍ତରର ରହିଛି। ଏ କ୍ଷେତ୍ରରେ ଅଧିକ ଉନ୍ନତି ପାଇଁ ବିମାନ ପରିବହନ ସେବାରେ ଅଧିକରୁ ଅଧିକ ପୁଞ୍ଜିନିବେଶର ଆବଶ୍ୟକତା ରହିଛି। ଦେଶର ମହାନଗରୀଗୁଡ଼ିକର ଆକାଶପଥ ଏବେ ଅଧିକରୁ ଅଧିକ ବିମାନ ଚଳାଚଳା ଯୋଗୁଁ ଗହଳି ହେଲାଣି। ଏଭଳି ସ୍ଥିତିରେ ସବୁ ବିମାନବନ୍ଦରର ସଂପ୍ରସାରଣ ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି। ନିରାପଦ ବିମାନ ଅବତରଣ ଓ ଉଡ଼ାଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ ଅଧିକ ଅନୁଭୂତ ହେଉଛି। ବିମାନବନ୍ଦରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକୁ ମଧ୍ୟ ନିରାପତ୍ତା ଦୃଷ୍ଟିରୁ ସୁରକ୍ଷିତ କରିବା ଅପରିହାର୍ଯ୍ୟ ହୋଇପଡ଼ିଛି। ତେଣୁ ଏହି କ୍ଷେତ୍ରଟିକୁ ଅବହେଳା କରାଯାଇ ନ'ପାରେ। ଉଡ଼ାଣ ଉଦ୍ୟୋଗରେ କେବଳ ବିଦେଶୀ ପୁଞ୍ଜିନିବେଶ ନୁହେଁ ବିଦେଶୀ ଏୟାର ଲାଇନ୍ସକୁ ସୁଯୋଗ ଦେବା ପାଇଁ ସରକାର ନୀତି ସ୍ୱଷ୍ଟ କରିବା ଉଚିତ। ବିଦେଶୀ ମାଲିକାନାରେ ଥିବା ସଂସ୍ଥା ଦେଶ ଭିତରେ

ବିମାନ ଚଳାଚଳ କରିବାର ସୁଯୋଗ ପାଇଲେ ଏହା ପୁଞ୍ଜି ନିବେଶ, ଟେକ୍‌ନୋଲୋଜି, ପରିଚାଳନା ଓ ବ୍ୟାବସାୟିକ ଜ୍ଞାନକୌଶଳ ଆଦାନ ପ୍ରଦାନ ପାଇଁ ବାଟ ଖୋଲିବା ସହ ଆନ୍ତର୍ଜାତିକ ବଜାରକୁ ଯୋଡ଼ିବ।

**ଜାହାଜ ଚଳାଚଳ :** ଭାରତୀୟ ବନ୍ଦରଗୁଡ଼ିକର ଦକ୍ଷତା ମାଲ୍ ପରିବହନ ଚାହିଦା ପୂରଣ କରିବା ଅବସ୍ଥାରେ ନାହିଁ। ଫଳରେ ଏସବୁ ନିର୍ଦ୍ଧାରିତ ସମୟରେ ମାଲ ବୋଝେଇ ଖଲାସ କରିବାକୁ ସଂଗ୍ରାମଶୀଳ। ଆବଶ୍ୟକ ସଂପ୍ରସାରଣ ଓ ଭିତ୍ତିଭୂମି ବିକାଶ ହେଉନଥିବାରୁ ନିକଟ ଭବିଷ୍ୟତରେ ଏହି ଅବସ୍ଥାରେ ସୁଧାର ସମ୍ଭାବନା କ୍ଷୀଣ। ୨୦୧୧-୧୨ରେ ବିଶ୍ୱ ମାନ୍ଦାବସ୍ଥା ସତ୍ତ୍ୱେ ଭାରତୀୟ ବନ୍ଦରଗୁଡ଼ିକର ବ୍ୟବହାର ସେଗୁଡ଼ିକର ଦକ୍ଷତାର ହାରାହାରି ୮୦ ଶତାଂଶ ହାରରେ ହେଉଥିଲା। ଦେଶର ୧୨ଟି ବୃହତ୍ ବନ୍ଦର ମଧ୍ୟରୁ ଚାରିଟିର ଉପଯୋଗ ସେମାନଙ୍କ ଦକ୍ଷତାର ଶତପ୍ରତିଶତରୁ ଊର୍ଦ୍ଧ୍ୱ ଥିଲା। ଭାରତର ରପ୍ତାନୀ ଆମଦାନୀର ବଡ଼ ଭାଗ ସମୁଦ୍ର ପଥରେ ହୁଏ। ଏବେ ଭାରତ ସାମୁଦ୍ରିକ ପଥରେ ୨୧ ଶତାଂଶ ସାମଗ୍ରୀ ରପ୍ତାନୀ କରୁଥିବା ବେଳେ ୨୫% ଆମଦାନୀ କରୁଛି। ତେଣୁ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତୀୟ ବନ୍ଦରଗୁଡ଼ିକର କାରବାର ଦକ୍ଷତା ବଢ଼ାଇ ଆନ୍ତର୍ଜାତିକ ସ୍ତରର କରିବାକୁ ପଡ଼ିବ। ପରିବହନ କ୍ଷେତ୍ରରେ ଜଳପଥ ସବୁଠୁ ଶସ୍ତା ଏବଂ କମ୍ ପ୍ରଦୂଷଣକାରୀ। ଏଥର ଜାହାଜ ଚଳାଚଳ କ୍ଷେତ୍ର ପାଇଁ ୧୭୭୩ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ଯାହା ପୂର୍ବବର୍ଷ ଅପେକ୍ଷା ୨୧୯ କୋଟି ଟଙ୍କା ଅଧିକ।

ଏହାଛଡ଼ା ବନ୍ଦର ଓ ବତିଘରଗୁଡ଼ିକର ବିକାଶ ପାଇଁ ସରକାର ବଜେଟରେ ପୂର୍ବବର୍ଷ ଅପେକ୍ଷା ଏଥର ୧୦ ଶତାଂଶ ବ୍ୟୟ ବରାଦ ବଢ଼ାଇ ୮୦୧.୪୦କୋଟି ଟଙ୍କା କରିଛନ୍ତି। ଆଭ୍ୟନ୍ତରୀଣ ଜଳପଥଗୁଡ଼ିକର ବିକାଶ ପାଇଁ ଏଥର ବ୍ୟୟ ବରାଦ କମିଛି। ଅଳ୍ପ ଖର୍ଚ୍ଚରେ ଓ କମ୍ ପ୍ରଦୂଷଣରେ ମାଲ ପରିବହନ ପାଇଁ ଦେଶର ନଦୀ ଓ କେନାଲ ପଥ ଏକ ଉତ୍ତମ ବ୍ୟବସ୍ଥା ହୋଇଥିଲେ ହେଁ ଏ ବାବଦରେ ବ୍ୟୟ ବରାଦ ହ୍ରାସ ପ୍ରଶ୍ନବାଚୀ ସୃଷ୍ଟି କରେ। ତେବେ ଆଭ୍ୟନ୍ତରୀଣ ଜଳପଥରେ କମ୍ ମାଲ୍ ପରିହବନ ହେଉଥିବାରୁ ସରକାର ଏଥିପାଇଁ ବଜେଟରେ ମାତ୍ର ୨୨୫ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି, ଯାହା ପୂର୍ବବର୍ଷଠାରୁ ପ୍ରାୟ ୧୦୧କୋଟି ଟଙ୍କା କମ୍।

**ଟେଲି ଯୋଗାଯୋଗ :** ଭିତ୍ତିଭୂମି କ୍ଷେତ୍ରରେ ଟେଲି ଯୋଗାଯୋଗ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ସାଂପ୍ରତିକ ସ୍ପେକ୍‌ଟ୍ରମ ନିଲାମ ବ୍ୟବସ୍ଥା ଦ୍ୱାରା ଦେଶରେ ସ୍ପେକ୍‌ଟ୍ରମ୍ ଅଭାବ ଜନିତ ସମସ୍ୟା ଆପାତତଃ ଦୂର ହୋଇଛି। ଏହା ଫଳରେ ମୋବାଇଲ ବ୍ରଡ୍‌ବ୍ୟାଣ୍ଡ ବ୍ୟବସ୍ଥା ଓ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେବ। ଏହା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଗ୍ରାମାଞ୍ଚଳ ଲୋକଙ୍କ ଉପକାର କରିବ। ବଜେଟରେ ଏହି କ୍ଷେତ୍ର ପାଇଁ ଏଥର ୨୬,୬୮୭କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ଯାହା ପୂର୍ବବର୍ଷ ଅପେକ୍ଷା ୪୫ ଶତାଂଶ ଅଧିକ। 'ଭାରତ ନେଟ୍' ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଏଥିପାଇଁ ଭିତ୍ତିଭୂମି କ୍ଷେତ୍ରର ବିକାଶ ଅପରିହାର୍ଯ୍ୟ। ଆଗ୍ରହୀ ବ୍ୟକ୍ତିବିଶେଷ ଓ ସଂସ୍ଥାମାନଙ୍କୁ ସେମାନଙ୍କ ଚାହିଦା ଅନୁସାରେ ବ୍ରଡବ୍ୟାଣ୍ଡ ସେବା ଯୋଗାଇ ଦେବାକୁ ଏ କ୍ଷେତ୍ରରେ ଅଧିକରୁ ଅଧିକ ପୁଞ୍ଜି ନିବେଶର ଆବଶ୍ୟକତା ରହିଛି। ଏହି କ୍ଷେତ୍ରର ବିକାଶ ଓ ମୌଳିକ ଭିତ୍ତିଭୂମି ଉପରେ ମଧ୍ୟ 'ଡିଜିଟାଲ ଇଣ୍ଡିଆ' କାର୍ଯ୍ୟକ୍ରମର ଭବିଷ୍ୟତ ନିର୍ଭର କରୁଛି। ଅପଟିକାଲ ଫାଇବର ବ୍ୟବହାର କରି ଦେଶର ଗ୍ରାମାଞ୍ଚଳକୁ ବ୍ରଡବ୍ୟାଣ୍ଡ ସେବା ଯୋଗାଇ ଦେବାକୁ ସରକାର ଯେଉଁ ଲକ୍ଷ୍ୟ 'ଭାରତ ନେଟ୍' କାର୍ଯ୍ୟକ୍ରମରେ ରଖିଛନ୍ତି ତାହା ହେବ ବିଶ୍ୱର ସବୁଠୁ ବଡ଼ ଧରଣର ଗ୍ରାମାଞ୍ଚଳ ଯୋଗାଯୋଗ କାର୍ଯ୍ୟକ୍ରମ। ୨୦୧୭-୧୮ ବଜେଟରେ ଭାରତ ନେଟ୍ କାର୍ଯ୍ୟକ୍ରମ ପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ଯାହା ପୂର୍ବବର୍ଷ ଅପେକ୍ଷା ଚାରିହଜାର କୋଟି ଟଙ୍କା ଅଧିକ। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଅପଟିକାଲ ଫାଇବର କେବଲ ମାଧ୍ୟମରେ ଦେଶର ୧.୫ ଲକ୍ଷରୁ ଅଧିକ ଗ୍ରାମ ପଞ୍ଚାୟତକୁ ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ ସେବା ଯୋଗାଇ ଦେବାର ଲକ୍ଷ୍ୟ ରହିଛି। ଏହାଦ୍ୱାରା ଲୋକେ ଶସ୍ତାରେ ୱାଇଫାଇ ହଟ୍‌ସ୍ପଟ୍ ଡିଜିଟାଲ ସେବା ପାଇପାରିବେ। ଏହି ପ୍ରକଳ୍ପରେ ଏଯାଏ ସାରା ଦେଶରେ ଏକ ଲକ୍ଷ ୫୫ ହଜାର କିଲୋମିଟର ଲମ୍ବର ଅପଟିକାଲ ଫାଇବର କେବୁଲ (ଓଏଫ୍‌ସି) ବିଛାଯାଇସାରିଲାଣି। ଏହାଛଡ଼ା ଖୁବ୍ ଶୀଘ୍ର ଡିଜି-ଗାଁ ପ୍ରୟାସ ଆରମ୍ଭ ହେବ ଏବଂ ଏହା ମାଧ୍ୟମରେ ଲୋକଙ୍କୁ ଟେଲିମେଡିସିନ୍, ଡିଜିଟାଲ୍ ଟେକ୍‌ନୋଲୋଜି ଏବଂ ପାଠପଢ଼ା ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯିବ।

ବିଜୁଳି ଶକ୍ତି : ୨୦୧୮ ମଇ ପହିଲା ସୁଦ୍ଧା ଦେଶର ସବୁ ଗାଁକୁ ବିଜୁଳି ଶକ୍ତି ଯୋଗାଇ ଏ କ୍ଷେତ୍ରରେ ଶତ ପ୍ରତିଶତ ସଫଳତା ହାସଲ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସେଥିପାଇଁ ଦୀନଦୟାଲ ଉପାଧ୍ୟାୟ ଗ୍ରାମଜ୍ୟୋତି ଯୋଜନାରେ ୨୦୧୭-୧୮ ବଜେଟରେ ଗତଥର ଅପେକ୍ଷା ଅଧିକ ୪୮୧୪ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସେହିଭଳି ସୌରଶକ୍ତି ଉପରେ ସରକାର ଗୁରୁତ୍ୱ ଦେଇ ଦ୍ୱିତୀୟ ପର୍ଯ୍ୟାୟ ସୌରପାର୍କ ଯୋଜନା ମାଧ୍ୟମରେ ଅତିରିକ୍ତ ୨୦ ହଜାର ମେଗାୱାଟ ବିଜୁଳି ଉତ୍ପାଦନର ଲକ୍ଷ୍ୟ ରଖିଛନ୍ତି।

ଭାରତକୁ ଏକ ଇଲେକ୍‌ଟ୍ରୋନିକ୍ସ ମାନୁଫାକଚରିଙ୍ଗ ହବ୍‌ରେ ପରିଣତ କରିବା ପାଇଁ ଆବଶ୍ୟକ ପରିତନ୍ତ୍ର ଓ ପରିବେଶ ସୃଷ୍ଟି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଗତ ଦୁଇବର୍ଷରେ ଏଥିପାଇଁ ୨୫୦ଟି ପୁଞ୍ଜି ନିବେଶ ପ୍ରସ୍ତାବ ଆସିଛି। ସଂପୃକ୍ତ ନିବେଶକାରୀ ଏହି କ୍ଷେତ୍ରରେ ଏକ ଲକ୍ଷ ୨୬ ହଜାର କୋଟି ଟଙ୍କା ନିବେଶ କରିବାକୁ ଆଗ୍ରହୀ। ତା'ଛଡ଼ା ବିଶ୍ୱସ୍ତରର କେତେକ ଅଗ୍ରଣୀ ମୋବାଇଲ ପ୍ରସ୍ତୁତକାରୀ ସଂସ୍ଥା ମଧ୍ୟ ଭାରତରେ ଉତ୍ପାଦନ କେନ୍ଦ୍ର ବସାଇଲେଣି। ଅତଏବ ଏହି କ୍ଷେତ୍ରର ଦକ୍ଷତା ଓ ଭବିଷ୍ୟତ ଦୃଷ୍ଟିରୁ ଚଳିତ ବଜେଟରେ ଏମ୍-ସିପ୍ସ ଓ ଇଡିଏଫ୍ ଯୋଜନାରେ ୭୪୫ କୋଟି ଟଙ୍କାର ପ୍ରୋତ୍ସାହନ ବ୍ୟବସ୍ଥା ଯଥାର୍ଥ।

**ତୈଳ ଓ ପ୍ରାକୃତିକ ଗ୍ୟାସ :** ତୈଳ ଓ ପ୍ରାକୃତିକ ଗ୍ୟାସ ଆଧୁନିକ ସଭ୍ୟତାର ଜୀବନ ରେଖା ହୋଇଥିବାରୁ ଏହି କ୍ଷେତ୍ରରେ ଭବିଷ୍ୟତ ସୁଦୂର ପ୍ରସାରୀ। ଏଥିରେ ଅଧିକ ନିଯୁକ୍ତିର ସମ୍ଭାବନା ରହିଛି। ଉର୍ଜା

ଉଦ୍ୟୋଗକୁ ସୁଦୃଢ଼ କରିବା ଲକ୍ଷ୍ୟରେ ସରକାର ଭବିଷ୍ୟତର ଜରୁରୀ ବ୍ୟବହାର ପାଇଁ ଅଶୋଧିତ ତୈଳ ମହଯୁଦ କରିରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶାର ଚଣ୍ଡିଖୋଲ ଓ ରାଜସ୍ଥାନର ବିକାନିରଠାରେ ଦୁଇଟି ବୃହତ୍ ଭୂତଳ ତୈଳ ଭଣ୍ଡାର ନିର୍ମାଣ କରାଯିବ। ଏହାର ଫଳରେ ଭାରତର ଜରୁରୀକାଳୀନ ଅଶୋଧିତ ତୈଳ ମହଯୁଦ ପରିମାଣ ୧୫.୩୩ ନିୟୁତ ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇବ।

ତୈଳ ଓ ପ୍ରାକୃତିକ ଗ୍ୟାସ କ୍ଷେତ୍ର ପାଇଁ ଏଥର ବଜେଟରେ ୨୯,୧୫୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ଯାହା ପୂର୍ବବର୍ଷ ତୁଳନାରେ ସାମାନ୍ୟ କମ୍। ତେବେ କେନ୍ଦ୍ର ସରକାରଙ୍କ ଯୋଜନାରେ ଗରିବ ଲୋକଙ୍କୁ ମାଗଣା ରିଆତିରେ ଯେଉଁ ରନ୍ଧନଗ୍ୟାସ ସଂଯୋଗ ଦିଆଯାଉଛି ସେବାବଦରେ ବଜେଟରେ ବ୍ୟୟବରାଦ ପୂର୍ବବର୍ଷ ଅପେକ୍ଷା ୫୦୦ କୋଟି ଟଙ୍କା ବଢ଼ାଇ ବଜେଟରେ ୨୫୦୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି।

**ଜଳ ଓ ପରିଚ୍ଛନ୍ନତା :** ସ୍ୱଚ୍ଛଭାରତ ଅଭିଯାନ (ଗ୍ରାମିଣ) ଦେଶରୁ ମୁକ୍ତ ମଳତ୍ୟାଗ ଅଭ୍ୟାସ ଦୂର କରିବା ସହ ପରିଚ୍ଛନ୍ନତା କ୍ଷେତ୍ରରେ ବେଶ ଉତ୍ତମ ପ୍ରଭାବ ପକାଇଛି। ଦେଶର ଗ୍ରାମାଞ୍ଚଳରେ ପରିଷ୍କାର ପରିଚ୍ଛନ୍ନତା ହାର ୨୦୧୪ରେ ୪୨ ଶତାଂଶ ଥିବାବେଳେ ଏବେ ୬୦ ଶତାଂଶରେ ପହଞ୍ଚିଛି। ଯେଉଁ ଗାଁରେ ଖୋଲା ମଳତ୍ୟାଗ ଅଭ୍ୟାସର ଅବସାନ ଘଟିଛି ସେସବୁ ଗାଁକୁ ପାଇପ ଯୋଗେ ପାନୀୟଜଳ ଯୋଗାଇ ଦେବାକୁ ଅଗ୍ରାଧିକାର ଦିଆଯାଉଛି। ଏହି ଯୋଜନାର ପରିସର ଓ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଆସନ୍ତା ଚାରିବର୍ଷ ମଧ୍ୟରେ ଦେଶର ୨୮ହଜାର ଫ୍ଲୋରାଇଡ୍ ଓ ଆର୍ସେନିକ ପ୍ରବଣ ଗାଁକୁ ନିରାପଦ ପାନୀୟଜଳ ଯୋଗାଇ ଦେବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏଥିପାଇଁ ଜାତୀୟ ପାନୀୟଜଳ ଯୋଗାଣ ଯୋଜନାରେ ଏକ ଉପଯୋଜନା କାର୍ଯ୍ୟକାରୀ ହେବ ଏବଂ ଏଥିପାଇଁ ବଜେଟରେ ୬୦୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ପୂର୍ବବର୍ଷ ଏବାବଦରେ ୫୦୦୦କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା।

**ସାମଗ୍ରିକ ଆକଳନ :** ୨୦୧୭-୧୮ ବଜେଟର ସାମଗ୍ରିକ ଆକଳନରୁ ଜଣାପଡ଼େ ଯେ ସରକାରଙ୍କ ଦୃଷ୍ଟିକୋଣ ଓ ଆଭିମୁଖ୍ୟ ଏଥିରେ ସ୍ପଷ୍ଟ। ନିର୍ଦ୍ଧାରିତ ପ୍ରକଳ୍ପଗୁଡ଼ିକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ସାରିବା ଏବଂ ଏଥିପାଇଁ ଆବଶ୍ୟକ ପାଣ୍ଠି ଠିକଣା ଭାବେ ଯୋଗାଇବାରେ ସରକାର ବେଶ ତତ୍ପର ଥିବା ମନେହୁଏ। ଭିତ୍ତିଭୂମି ଭଳି ଯେଉଁସବୁ କ୍ଷେତ୍ର ପାଣ୍ଠି ଯୋଗାଣରେ ଅଗ୍ରାଧିକାର ଲୋଡ଼ୁଛି ସେଥିପ୍ରତି ସରକାର ସଚେତନ ଅଛନ୍ତି। ସେଥିପାଇଁ ଭିତ୍ତିଭୂମି କ୍ଷେତ୍ରର ବିକାଶ ପାଇଁ ବଜେଟର ଏକ ପଞ୍ଚମାଂଶ ବ୍ୟୟ ବରାଦ କରାଯାଇଛି। ଏହାଦ୍ୱାରା ଅର୍ଥନୀତି ଶକ୍ତିଶାଳୀ ହେବା ସହିତ ଅଧିକ କର୍ମନିଯୁକ୍ତିର ପରିସର ସୃଷ୍ଟି ହେବ ଏବଂ ବିଦେଶୀ ପୁଞ୍ଜି ନିବେଶ ବଢ଼ିବ। ଏହା ମଧ୍ୟ ଗ୍ରାମ୍ୟ ଉନ୍ନୟନ ଓ ଗ୍ରାମାଞ୍ଚଳ ଲୋକଙ୍କ ବିକାଶରେ ସହାୟକ ହେବ।

ଏସବୁ ପ୍ରୟାସ ସତ୍ତ୍ୱେ ସରକାର ଯଦି ପ୍ରକଳ୍ପ ପ୍ରସ୍ତୁତି ଓ ଅନୁମୋଦନ, ପ୍ରକଳ୍ପ ମୂଲ୍ୟ ଓ ଧାର୍ଯ୍ୟ ସମୟର ଅପଚୟ, ଭୂମିଅଧିଗ୍ରହଣ, ପରିବେଶଗତ ମଞ୍ଜୁରି, ଆଇନଗତ ପ୍ରସଙ୍ଗ, ଆନ୍ତଃ-ମନ୍ତ୍ରଣାଳୟ ସହଯୋଗର ଅଭାବ, ତୁରନ୍ତ ନିଯୁକ୍ତି ପାଇଁ କୁଶଳୀ ଲୋକଶକ୍ତିର ଅଭାବ, ନିରାପତ୍ତା ଓ ଅର୍ଥ ଲଗାଣ ଆଦି ସମସ୍ୟାର ଶୀଘ୍ର ସମାଧାନ ଉପରେ ବିଶେଷ ଗୁରୁତ୍ୱ ନ'ଦିଅନ୍ତି, ତା'ହେଲେ ସବୁ ଉଦ୍ୟମ ବ୍ୟର୍ଥ ହେବ।

ବଜେଟରେ ଯେଉଁ ବ୍ୟୟ ବରାଦ ହୋଇଛି ତାହାକୁ ଖର୍ଚ୍ଚ କରି ନିଜର ଧାର୍ଯ୍ୟ ସ୍ଥଳରେ ପହଞ୍ଚିବା ପାଇଁ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହାକୁ ସାକାର କରିବା ପାଇଁ ନିର୍ଦ୍ଧାରିତ ସମୟ ଅତ୍ୟନ୍ତ ସ୍ୱଳ୍ପ। କାରଣ ପଇସା ଖର୍ଚ୍ଚ କରିବାକୁ ସମୟ ଅଣ୍ଟିବ ନାହିଁ। ସେଥିପାଇଁ ଦୈନିକ ଭିତ୍ତିରେ କେତେ ଖର୍ଚ୍ଚ ହୋଇ କେତେ କାମ କରାଯିବ ତାହାର ଚିଠା ପ୍ରସ୍ତୁତ କରି କାମ ଆଗେଇନେବାକୁ ପଡ଼ିବ। ନିୟମିତ ଭାବେ କାର୍ଯ୍ୟର ପ୍ରଗତିକୁ ମଧ୍ୟ ତଦାରଖ କରିବାକୁ ହେବ।

ଲେଖକ ଜଣେ ଭିତ୍ତିଭୂମି ବିଶେଷଜ୍ଞ ଏବଂ ସ୍ୱାଧୀନ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ନୀତିଗତ ସଂସ୍କାର କାରଣରୁ ଭାରତୀୟ ଅର୍ଥନୀତି ଆଗକୁ ବଢ଼ୁଛି - ଧର୍ମେନ୍ଦ୍ର ପ୍ରଧାନ

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱ ଓ କେନ୍ଦ୍ର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନୀତିଗତ ସଂସ୍କାରର ଏଜେଣ୍ଡା କାରଣରୁ ଭାରତୀୟ ଅର୍ଥନୀତି ବିଶ୍ୱର ସବୁଠାରୁ ଦ୍ରୁତଗତିରେ ବଢୁଥିବା ଅର୍ଥନୀତିରେ ପରିଣତ ହୋଇପାରିଛି ବୋଲି କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। ହାଇଦ୍ରାବାଦଠାରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା ଗତ ଜାନୁୟାରୀ ୨୭ ତାରିଖରେ ଆୟୋଜିତ ସୂର୍ଯ୍ୟୋଦୟ - ଆନ୍ଧ୍ରପ୍ରଦେଶ, ବିଶ୍ୱପାଇଁ ପ୍ରସ୍ତୁତ, ଭବିଷ୍ୟତ ପାଇଁ ପ୍ରସ୍ତୁତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଭିତ୍ତିଭୂମିର ବିକାଶ ମାନ୍ୟୁଫାକଚରିଂ ଓ ବୈଷୟିକ ଜ୍ଞାନକୌଶଳରେ ଅଗ୍ରଗତି, ଦକ୍ଷତା ବିକାଶ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଭଳି ସଂସ୍କାର କାର୍ଯ୍ୟକ୍ରମକୁ ତ୍ୱରିତ ଗତିରେ ଆଗେଇ ନେବା ସହିତ ମେକ୍ ଇନ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ, ସ୍କିଲ୍ ଇଣ୍ଡିଆ, ଉଜ୍ଜ୍ୱଳା, ଜନଧନ ଯୋଜନା ଆଦି କାର୍ଯ୍ୟକ୍ରମମାନ ହାତକୁ ନେଇଛନ୍ତି। ସେହିପରି ତୈଳ ଓ ଗ୍ୟାସ କ୍ଷେତ୍ରରେ ହାଇଡ୍ରୋକାର୍ବନ କ୍ଷେତ୍ରକୁ ସ୍ୱଚ୍ଛ କରିବା ସହିତ ପୁଞ୍ଜିନିବେଶକାରୀମାନଙ୍କ ପାଇଁ ଉପଯୋଗୀ କରିବା ତଥା ଦେଶର ସାଧାରଣ ଜନତା ଆଧୁନିକ ଓ ଶୁଦ୍ଧ ଇନ୍ଧନ ଉପଲବ୍ଧ କରିବା ଦିଗରେ ସରକାର ଗୁରୁତ୍ୱ ଦେଇଛନ୍ତି।

# କୃଷି ଉଦ୍ୟୋଗ, ଗ୍ରାମ୍ୟ ଉନ୍ନୟନରେ ନୂଆ ବିକାଶ ଢାଞ୍ଚା


## ନୀରେନ୍ଦ୍ର ଦେବ


**ବ**ର୍ତ୍ତମାନର କେନ୍ଦ୍ର ସରକାର କୃଷି କ୍ଷେତ୍ର, କୃଷକ କଲ୍ୟାଣ, ଅଧିକ ନିଯୁକ୍ତି ସୃଷ୍ଟି ଏବଂ ଗ୍ରାମୀଣ ଅଞ୍ଚଳର ବିକାଶକୁ ଅଗ୍ରାଧିକାର ଦେଇଛନ୍ତି । ଚଳିତ ବର୍ଷର ବଜେଟରେ ଏସବୁ କ୍ଷେତ୍ରକୁ ସରକାର ଅଧିକ ଗୁରୁତ୍ୱ ଦେଇ ଅଧିକ ଅର୍ଥ ବରାଦ କରିଛନ୍ତି । ଏକଥା ସତ ଯେ କୃଷି ଅର୍ଥନୀତି ଓ ଗ୍ରାମବିକାଶର ଯେଉଁ ସାମର୍ଥ୍ୟ ଭାରତରେ ଅଛି ତାହା ଆଶାନୁରୂପ ଫଳ ଦେଉନାହିଁ । ବିଶେଷଜ୍ଞମାନେ ମଧ୍ୟ ଏକଥା ସହ ଏକମତ । ଚଳିତ ବର୍ଷ ବଜେଟରେ ଏହି କ୍ଷେତ୍ର ପାଇଁ ଯେଉଁ ବ୍ୟୟ ବରାଦ ଓ ଗୁରୁତ୍ୱ ଆରୋପ କରାଯାଇଛି ତାହା ସ୍ଥିତି ବଦଳାଇବାରେ ସହାୟକ ହେବ ବୋଲି ଆଶା କରାଯାଏ । କୃଷି ଓ ଗ୍ରାମାଞ୍ଚଳ ବିକାଶ ପାଇଁ କେବଳ ଅଧିକ ଅର୍ଥ ବରାଦ ହୋଇନାହିଁ; ଉପଯୁକ୍ତ ବିକାଶ ପ୍ରକଳ୍ପଗୁଡ଼ିକୁ ଚିହ୍ନଟ କରାଯାଇ ଏହାର ଉପଯୁକ୍ତ ରୂପାୟନ ନିମେନ୍ତ ସ୍ୱଷ୍ଟ ମାର୍ଗ ମଧ୍ୟ ପ୍ରସ୍ତୁତ ହୋଇଛି । ଏହି ଦୁଇ କ୍ଷେତ୍ରରେ ଯେଉଁ ସବୁ ପ୍ରାକୃତିକ ଓ ମନୁଷ୍ୟକୃତ ପ୍ରତିବନ୍ଧକ ରହିଛି ତାହାକୁ ଦୂର କରି ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପ୍ରୟାସ କରାଯାଇଛି । ଚଳିତ ବର୍ଷର ବଜେଟର ସବୁଠୁ ବଡ଼ ଶକ୍ତି ହେଲା ଏହାର ଉପଯୁକ୍ତ ଭାରସାମ୍ୟ । ଗ୍ରାମାଞ୍ଚଳ, କୃଷିଜୀବୀ, ସହରାଞ୍ଚଳର ଉପଭୋକ୍ତା, ନିଯୁକ୍ତି, ବିକାଶ ଏସବୁ ଯଥାଯଥ ଭାବେ ବଜେଟରେ ସମଗୁରୁତ୍ୱ ପାଇଛି ।

ଚଳିତ ବଜେଟରେ ଗ୍ରାମୀଣ, କୃଷି ଓ ତତ୍ ସଂଲଗ୍ନ କ୍ଷେତ୍ର ପାଇଁ ୧,୮୭,୨୨୩ କୋଟି ଟଙ୍କାର ବିପୁଳ ବ୍ୟୟ ବରାଦ କରାଯାଇଛି । ଯାହା ପୂର୍ବ ବଜେଟ ବରାଦ ଠାରୁ ୨୪ ଶତାଂଶ ଅଧିକ । ସମସ୍ତଙ୍କ ସହିତ ସମସ୍ତଙ୍କର ବିକାଶ - ସରକାର ଯେଉଁ ସ୍ଲୋଗାନ ରଖିଛନ୍ତି ତାହାକୁ ଚରିତାର୍ଥ କରିବା ପାଇଁ ଏହି ସବୁ କ୍ଷେତ୍ର ନିମନ୍ତେ ଅଧିକ ବ୍ୟୟ ବରାଦର ଆବଶ୍ୟକତା ରହିଛି । ତେଣୁ ଏହା କୃଷି ଓ ଗ୍ରାମ୍ୟ ଅର୍ଥନୀତିକୁ ସମୃଦ୍ଧ କରିବାରେ ସହାୟକ ହେବ ବୋଲି ଆଶା କରିବା ଯଥେଷ୍ଟ । ଅନେକ ଦିନ ହେଲା ଚାଷୀ ତା'ର ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ଓ ବଜାର ପାଉ ନଥିଲା । ଏକ ସୁସଂହତ ଓ କୃଷକ ଅନୁକୂଳ ବଜାର ସୃଷ୍ଟି କରିବାକୁ ସରକାର ଆବଶ୍ୟକ ପଦକ୍ଷେପ ନେଇଛନ୍ତି । ଫଳରେ ଚାଷୀ କେବଳ ଉପଯୁକ୍ତ ବଜାର ପାଇବ ନାହିଁ, ନିଜର ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ମଧ୍ୟ ପାଇବ ।

**କୃଷିଜାତ ଦ୍ରବ୍ୟ ପାଇଁ ଉତ୍ତମ ମୂଲ୍ୟ :** ଚାଷୀଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ଦେବା ପାଇଁ ଅର୍ଥମନ୍ତ୍ରୀ ଠିକାଚାଷ (କଣ୍ଟ୍ରାକ୍ଟ ଫାର୍ମିଂ) ନିମନ୍ତେ ଏକ ଆଦର୍ଶ ଆଇନ ପ୍ରସ୍ତୁତ କରିଛନ୍ତି । ଏହାର ଚିଠା ଦେଶର ସବୁ ପ୍ରାଦେଶିକ ସରକାରଙ୍କୁ ପ୍ରଦାନ କରାଯାଇ ଏହା ଉପରେ ମତାମତ ସଂଗ୍ରହ କରାଯିବ । ଆଗରୁ ସରକାର ଅଧିକରୁ ଅଧିକ ନିୟନ୍ତ୍ରିତ ବଜାର କମିଟିଗୁଡ଼ିକୁ ଇଲେକଟ୍ରୋନିକ ଜାତୀୟ କୃଷି ବଜାର (ଇ-ନାମ)ର ଅନ୍ତର୍ଭୁକ୍ତ କରିବାକୁ ଯେଉଁ ପ୍ରୟାସ କରିଥିଲେ ତାହାର ରୂପାୟନ ପ୍ରକ୍ରିୟାକୁ ଏଥର ତ୍ୱରାନ୍ୱିତ କରିଛନ୍ତି ।

ଇ-ନାମ ବ୍ୟବସ୍ଥାରେ ଦେଶର ୨୫୦ ନିୟନ୍ତ୍ରିତ ବଜାର ସଂଯୁକ୍ତ ଥିଲା । ଏବେ ଏଥିରେ ଅଧିକ ବଜାରକୁ ସମ୍ପୃକ୍ତ କରାଯାଇ ଏହି ସଂଖ୍ୟା ୫୮୫ରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରତ୍ୟେକ ଇ-ନାମ ବଜାରର ପ୍ରତିଷ୍ଠା, ରକ୍ଷଣାବେକ୍ଷଣ, ସଫେଇ, ବିକାଶ, ପ୍ୟାକେଜିଂ ବ୍ୟବସ୍ଥା ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ୭୫ ଲକ୍ଷ ଟଙ୍କା ଲେଖାଏଁ ଯୋଗାଇ ଦିଆଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ଇଲେକଟ୍ରୋନିକ ବ୍ୟବସାୟ ବ୍ୟବସ୍ଥା ଇ-ନାମ୍, ୨୦୧୬ରେ ଆରମ୍ଭ ହୋଇଥିଲା । ଏହା ଚାଷୀଙ୍କ ରୋଜଗାର


ଚଳିତ ବଜେଟରେ ଗ୍ରାମୀଣ, କୃଷି ଓ ତତ୍ ସଂଲଗ୍ନ କ୍ଷେତ୍ର ପାଇଁ ୧,୮୭,୨୨୩ କୋଟି ଟଙ୍କାର ବିପୁଳ ବ୍ୟୟ ବରାଦ କରାଯାଇଛି । ଯାହା ପୂର୍ବ ବଜେଟ ବରାଦ ଠାରୁ ୨୪ ଶତାଂଶ ଅଧିକ । ସମସ୍ତଙ୍କ ସହିତ ସମସ୍ତଙ୍କର ବିକାଶ - ସରକାର ଯେଉଁ ସ୍ଲୋଗାନ ରଖିଛନ୍ତି ତାହାକୁ ଚରିତାର୍ଥ କରିବା ପାଇଁ ଏହି ସବୁ କ୍ଷେତ୍ର ନିମନ୍ତେ ଅଧିକ ବ୍ୟୟ ବରାଦର ଆବଶ୍ୟକତା ରହିଛି । ତେଣୁ ଏହା କୃଷି ଓ ଗ୍ରାମ୍ୟ ଅର୍ଥନୀତିକୁ ସମୃଦ୍ଧ କରିବାରେ ସହାୟକ ହେବ ବୋଲି ଆଶା କରିବା ଯଥେଷ୍ଟ । ଅନେକ ଦିନ ହେଲା ଚାଷୀ ତା'ର ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ଓ ବଜାର ପାଉ ନଥିଲା । ଏକ ସୁସଂହତ ଓ କୃଷକ ଅନୁକୂଳ ବଜାର ସୃଷ୍ଟି କରିବାକୁ ସରକାର ଆବଶ୍ୟକ ପଦକ୍ଷେପ ନେଇଛନ୍ତି ।

ବଢ଼ାଇବା କ୍ଷେତ୍ରରେ ନିଶ୍ଚିତ ଏକ ଉତ୍ତମ ପ୍ରୟାସ। କୃଷିଜାତ ଦ୍ରବ୍ୟର ମୂଲ୍ୟରେ ସବୁବେଳେ ଯେଉଁ ଅସ୍ଥିରତା ରହେ ତାହାକୁ ସ୍ଥିର ରଖିବାର ଏହା ଏକ ଉଚିତ ବ୍ୟବସ୍ଥା। କୃଷି ମନ୍ତ୍ରଣାଳୟର ଅଧିକାରୀଙ୍କ କହିବା କଥା ଯେ ଚାଷୀଙ୍କ ଅନେକ ସମସ୍ୟା ମଧ୍ୟରୁ ଦଲାଲୀ ବା ମଧ୍ୟସ୍ଥତା ସବୁଠୁ ବଡ଼ ସମସ୍ୟା। ଏହି ଦଲାଲ୍‌ମାନେ କମ୍ ମୂଲ୍ୟରେ ଚାଷୀଙ୍କଠାରୁ ଜିନିଷ କିଣି ମହଯୁଦ କରି ରଖିବା ସହ ତିରୋଟ ସମୟରେ ଉଚ୍ଚା ଦରରେ ବଜାରକୁ ଛାଡ଼ନ୍ତି। ଏହି ସମସ୍ୟାର ସମାଧାନ ଅଗ୍ରାଧିକାର ଭିତ୍ତିରେ କରାଯାଇ ପାରିଲେ ଚାଷୀ ଲାଭବାନ ହେବେ। ସରକାର ଏବେ କୃଷିଜାତ ସାମଗ୍ରୀର ଏକ ସର୍ବନିମ୍ନ ମୂଲ୍ୟ (ବେଞ୍ଚମାର୍କ ପ୍ରାଇସ୍) ସମଗ୍ର ଦେଶ ପାଇଁ ଧାର୍ଯ୍ୟ କରିବେ। ଇ- ନାମ ବଜାର ମୂଲ୍ୟରେ ଚାଷୀଙ୍କଠାରୁ ସାମଗ୍ରୀ କିଣାଯିବ। ଫଳରେ ଦଲାଲ ବା ମଧ୍ୟସ୍ଥଙ୍କୁ ଫାଇଦା ଉଠାଇବାକୁ ସୁଯୋଗ ମିଳିବ ନାହିଁ। ଗତବର୍ଷ କୃଷି ମନ୍ତ୍ରଣାଳୟ ସ୍ପଷ୍ଟ କରିଥିଲେ ଯେ ଇନାମ ବଜାର ଏକ ସମାନ୍ତରାଳ ବଜାର ନୁହେଁ। ଏହା ଏକ ଅନ୍‌ଲାଇନ୍ ପ୍ଲାଟଫର୍ମ। ଅନ ଲାଇନ୍ ବ୍ୟବସ୍ଥାରେ ଦେଶର ଥିବା ବିଭିନ୍ନ ମଣ୍ଡି ଏହା ସହିତ ସଂପୃକ୍ତ। ବିଭିନ୍ନ ମଣ୍ଡିରେ ସାମଗ୍ରୀର ଉପଲବ୍ଧତା, ଚାହିଦା ଓ ମୂଲ୍ୟ ଜାଣି ହେବ ଏବଂ ଚାଷୀଙ୍କୁ ଠକିବାର ଅବକାଶ ରହିବ ନାହିଁ। ଗୋଟିଏ ରାଜ୍ୟର କ୍ରେତା ଅନ୍‌ଲାଇନ୍ ବ୍ୟବସ୍ଥାରେ ଅନ୍ୟ ରାଜ୍ୟର ମଣ୍ଡିରୁ ମଧ୍ୟ ସାମଗ୍ରୀ କିଣିବାର ସୁଯୋଗ ପାଇବେ। ଏହି କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶ, ଗୁଜରାଟ, ତେଲେଙ୍ଗାନା, ରାଜସ୍ଥାନ, ମଧ୍ୟପ୍ରଦେଶ, ହରିୟାଣା, ଝାଡ଼ଖଣ୍ଡ ଓ ହିମାଚଳ ପ୍ରଦେଶର ୨୧ଟି ମଣ୍ଡି ପ୍ରଥମେ ସଂଯୁକ୍ତ ହୋଇଛନ୍ତି। ତେବେ କୃଷିଜାତ ସାମଗ୍ରୀ ସଂଗ୍ରହ କରୁଥିବା ଏଜେଣ୍ଟ ଯାହାଙ୍କୁ ସରକାର ଏହି ବ୍ୟବସ୍ଥାରୁ ବାଦ ଦେବାକୁ ଚାହାନ୍ତି ସେମାନଙ୍କ ସହ କୌଣସି କାରବାର ଚାଷୀ ନ' କରିବା ଉଚିତ।

ତେବେ ଏ କ୍ଷେତ୍ରରେ ଆଉ ଯେଉଁ ସବୁ ଅସୁବିଧା ଅଛି ସେସବୁର ସମାଧାନ ପାଇଁ ବଜାର ବ୍ୟବସ୍ଥାରେ ସଂସ୍କାର ଅପରିହାର୍ଯ୍ୟ। ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଭାଷଣରେ ଏହି ସଂସ୍କାର କଥା କହିବା ସହ ପଚନଶୀଳ ସାମଗ୍ରୀକୁ ବିଜ୍ଞାପିତ ବଜାର ବ୍ୟବସ୍ଥାରୁ ବାଦ ଦେବାକୁ ଗୁରୁତ୍ୱ ଦେଇଛନ୍ତି। ଯେଉଁ ଚାଷୀମାନେ ଫଳ ଓ ପନିପରିବା ଆଦି ଉତ୍ପାଦନ କରୁଛନ୍ତି ସେମାନଙ୍କୁ କୃଷି ପ୍ରକ୍ରିୟାକରଣ ଉଦ୍ୟୋଗ ଓ ୟୁନିଟ୍ ସହ ସିଧାସଳଖ ସଂଯୁକ୍ତ କରାଯିବ। ଫଳରେ ଚାଷୀ ଉତ୍ପାଦନ ପରବର୍ତ୍ତୀ କ୍ଷତିର ସମ୍ମୁଖୀନ ହେବେ ନାହିଁ ଓ ଉଚିତ ମୂଲ୍ୟ ପାଇପାରିବେ।

ଚାଷୀକୁଳଙ୍କ ଉନ୍ନତି ପାଇଁ ନାବାର୍ଡ ସହାୟତାରେ ଉତ୍ସର୍ଗୀକୃତ କ୍ଷୁଦ୍ର ଜଳସେଚନ ପାଣ୍ଠି ଗଠନ କରାଯିବାର ପ୍ରସ୍ତାବ ବଜେଟରେ ରହିଛି। ପ୍ରତି ଜଳ ବିନ୍ଦୁର ଉପଯୋଗ କରି ଅଧିକ ଫସଲ ଉତ୍ପାଦନ ପାଇଁ ସରକାର ଯେଉଁ ସ୍ଲୋଗାନ ଦେଉଛନ୍ତି ତାହାକୁ ଚରିତାର୍ଥ କରିବାକୁ ଏହା ଉଦ୍ଦିଷ୍ଟ। ଏଥିପାଇଁ ୫୦୦୦କୋଟି ଟଙ୍କାର ମୂଳ ଧନରେ ଏକ ପାଣ୍ଠି ଘୋଷଣା କରାଯାଇଛି। ଏହାଛଡ଼ା ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ତଥା ପ୍ରଶୋଧନ ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରିବାକୁ ଆଠହଜାର କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି। ଅଳ୍ପ କେତେକ ରାଜ୍ୟକୁ ଛାଡ଼ି ଦେଲେ ଦୁଗ୍ଧ ପ୍ରକ୍ରିୟାକରଣ ଶିଳ୍ପ ଦେଶର ଅନ୍ୟତ୍ର ବିକଶିତ ହୋଇ ନଥିବାରୁ ଏହି ପଦକ୍ଷେପ ବିଶେଷ ଗୁରୁତ୍ୱ ବହନ କରେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଯେଉଁ ଚାଷୀ କୃଷି ଋଣ ପରିଶୋଧ କରୁଛନ୍ତି ସେମାନଙ୍କୁ ୩ ଶତାଂଶ ଅତିରିକ୍ତ ପ୍ରୋତ୍ସାହନ ରାଶି ଯୋଗାଇ ଦେବାକୁ ଚଳିତ ବଜେଟରେ ବ୍ୟବସ୍ଥା କରାଯାଇଛି। ଏହା ଏକ ଉତ୍ତମ ପଦକ୍ଷେପ। ଚଳିତ ଆର୍ଥିକ ବର୍ଷରେ କୃଷି କ୍ଷେତ୍ରର ଅଭିବୃଦ୍ଧି ହାର ୪.୧ ଶତାଂଶ ହେବ ବୋଲି ଅର୍ଥମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହା ଏକ କଷ୍ଟସାଧ୍ୟ ଲକ୍ଷ୍ୟ ହୋଇଥିଲେ ହେଁ ଏଥର ଉଭୟ ଖରିଫ ଓ ରବି ଋତୁରେ ଅଧିକ ଜମିରେ ଚାଷ କାର୍ଯ୍ୟ ହୋଇଥିବାରୁ ଏ ଲକ୍ଷ୍ୟ ହାସଲ ଅସମ୍ଭବ ମନେ ହୁଏନାହିଁ। ପ୍ରାକୃତିକ ବିପଦ ଆପଦରୁ ଫସଲ କ୍ଷତି ଜନିତ ସମସ୍ୟାର ସମାଧାନ ପାଇଁ ସରକାର ସଚେତନ ଅଛନ୍ତି। ଗତବର୍ଷ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବାବଦ ବ୍ୟୟକୁ ଚଳିତ ବଜେଟରେ ୫୫୦୦କୋଟିରୁ ୧୩,୨୪୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ୯୦୦୦ କୋଟି ଟଙ୍କାର ବ୍ୟୟ ବରାଦ ବୃଦ୍ଧି ଫଳରେ ଅଧିକ ଜମିର ଫସଲ ବୀମାଭୁକ୍ତ ହୋଇପାରିବ। ୨୦୧୬-୧୭ରେ ଚାଷ ଉପଯୋଗୀ ଜମିର ୩୦ ଭାଗ ବୀମାଭୁକ୍ତ ହୋଇଥିବାବେଳେ ଏଥର ତାହା ୪୦ ଭାଗ ଓ ୨୦୧୮-୧୯ ଆର୍ଥିକ ବର୍ଷରେ ୫୦ ଭାଗରେ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଫସଲ ବୀମା ଯୋଜନା ପାଇଁ ବଜେଟରେ ଅଧିକ ଅର୍ଥବରାଦକୁ ଶାସକ ଦଳଙ୍କ ସହିତ ବିରୋଧୀମାନେ ମଧ୍ୟ ପ୍ରଶଂସା କରିଛନ୍ତି। ସେହିଭଳି ପ୍ରଧାନମନ୍ତ୍ରୀ କୃଷି ସିଚାଇ କାର୍ଯ୍ୟକ୍ରମକୁ ମଧ୍ୟ ବଜେଟରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଚାଷୀଙ୍କ ପାଇଁ ମୃତ୍ତିକା

**ବଜେଟର ମୁଖ୍ୟାଂଶ**

- ଚାଷୀଙ୍କ ପାଇଁ ୧୦ ଲକ୍ଷ କୋଟି ଟଙ୍କାର କୃଷିଋଣ ଯୋଗାଣ ବ୍ୟବସ୍ଥା।
- କୃଷି ବିଜ୍ଞାନ କେନ୍ଦ୍ରରେ ମୃତ୍ତିକା ପରୀକ୍ଷା ବ୍ୟବସ୍ଥା ପାଇଁ କ୍ଷୁଦ୍ର ପରୀକ୍ଷାଗାର ନିର୍ମାଣ ପ୍ରସ୍ତାବ।
- ନାବାର୍ଡ ମାର୍ଫତରେ ଦୀର୍ଘ ମିଆଦି ସେଚ ବ୍ୟବସ୍ଥା ପାଇଁ ୪୦ ହଜାର କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ
- ଠିକା ଚାଷ ପାଇଁ ଆଦର୍ଶ ଆଇନ ପ୍ରଣୟନର ବ୍ୟବସ୍ଥା ଯାହା ରାଜ୍ୟମାନଙ୍କୁ ଦିଆଯିବ।
- ଦୁଗ୍ଧ ଉଦ୍ୟୋଗ ପାଇଁ ଭିତ୍ତିଭୂମି ବିକାଶ ନିମନ୍ତେ ଆଠ ହଜାର କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ।
- ଏମ୍‌ଜିନରେଗା ପାଇଁ ରେକର୍ଡ ୪୮ ହଜାର କୋଟି ଟଙ୍କାର ବ୍ୟୟ ବରାଦ।
- ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ନିମନ୍ତେ ୧୯ ହଜାର କୋଟି ଟଙ୍କାର ବ୍ୟୟ ବରାଦ ନିଷ୍ପତ୍ତି।
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟୟ ହେବ ୨୩ ହଜାର କୋଟି ଟଙ୍କା।
- ୨୦୧୮ ମଇ ମାସ ସୁଦ୍ଧା ଶତପ୍ରତିଶତ ଗ୍ରାମକୁ ବିଜୁଳି ଯୋଗାଣ ଲକ୍ଷ୍ୟ।

ପରୀକ୍ଷା ଓ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ଉପଯୋଗିତାକୁ ଦୃଷ୍ଟିରେ ରଖି ବଜେଟରେ ଏଥିପାଇଁ କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକରେ କ୍ଷୁଦ୍ର ପରୀକ୍ଷାଗାରମାନ ନିର୍ମାଣ କରାଯିବ। ଦେଶର ୬୪୮ଟି କୃଷି ବିଜ୍ଞାନ କେନ୍ଦ୍ରରେ ଏହି ପରୀକ୍ଷାଗାର ତିଆରି କରି ସବୁ ଚଷାଙ୍କୁ ଜମିର ମାଟି ନମୁନା ପରୀକ୍ଷା କରିବାର ସୁଯୋଗ ଯୋଗାଇଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସ୍ଥାନୀୟ ଯୋଗ୍ୟ ଉଦ୍ୟମୀଙ୍କ ଦ୍ୱାରା ଏହି ଯୋଜନାରେ ସମଗ୍ର ଦେଶରେ ଏକହଜାର କ୍ଷୁଦ୍ର ମାଟି ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯିବ।

୨୦୨୨ ସୁଦ୍ଧା ଚାଷୀଙ୍କ ଚାଷ ଓ ଅଣଚାଷ ଜନିତ ରୋଜଗାର ଦୁଇଗୁଣ ବୃଦ୍ଧି କରିବାକୁ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହାକୁ ପୂରଣ କରିବା ପାଇଁ ଚଳିତ ବଜେଟରେ ଏକାଧିକ ପଦକ୍ଷେପ ଗ୍ରହଣ କରାଯାଇଛି। ଗ୍ରାମାଞ୍ଚଳର ବିକାଶ ନ'ହେଲେ ଦେଶର ବିକାଶ ସମ୍ଭବ ହେବ ନାହିଁ। ସେଥିପାଇଁ ସରକାର ଗ୍ରାମାଞ୍ଚଳ ପାଇଁ ଅଧିକରୁ ଅଧିକ ଅର୍ଥ ବରାଦ କରୁଛନ୍ତି। ଏଥର ବଜେଟରେ ଏବାବଦରେ ସର୍ବାଧିକ ବ୍ୟୟବରାଦ ହୋଇଛି। ରୋଜଗାର ବୃଦ୍ଧି ଓ ଦାରିଦ୍ର୍ୟ ଦୂରୀକରଣ ପାଇଁ ଗ୍ରାମାଞ୍ଚଳରେ ଭିତ୍ତିଭୂମି ବିକାଶ, ରାସ୍ତାଘାଟ ନିର୍ମାଣ, ବିଦ୍ୟୁତ୍‌କରଣ ଯଥାର୍ଥ ଅଗ୍ରାଧିକାର ପାଇଛି। ପ୍ରତିବର୍ଷ ଦେଶର ଗ୍ରାମାଞ୍ଚଳରେ ତିନି ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହି ଅର୍ଥ ଖର୍ଚ୍ଚରେ ଦାୟିତ୍ୱବୋଧ, ଫଳାଫଳ ଏବଂ ବିକାଶର ସ୍ୱାଦ ଲୋକଙ୍କ ପାଖରେ ପହଞ୍ଚିବା ଏହି ତିନୋଟି ଗୁରୁତ୍ୱପୂର୍ଣ୍ଣ କଥା ରହୁଛି। ତେଣୁ ସରକାରଙ୍କ ଦାୟିତ୍ୱ ବଢ଼ିବା ସ୍ୱାଭାବିକ। ୨୦୧୯ ସୁଦ୍ଧା ଦେଶର ଏକ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ଉପରକୁ ଉଠାଇବା ପାଇଁ ଯେଉଁ ଅନ୍ତ୍ୟୋଦୟ ମିଶନ ଆରମ୍ଭ ହୋଇଛି ତାହା ଦ୍ୱାରା ୫୦ ହଜାର ଗ୍ରାମପଞ୍ଚାୟତକୁ ଦାରିଦ୍ର୍ୟମୁକ୍ତ କରିବାକୁ ଅଭିପ୍ରେତ। ମହାତ୍ମା ଗାନ୍ଧିଙ୍କ ୧୫୦ତମ ଜନ୍ମ ଶତବାର୍ଷିକ ପାଳନ ଅବସରରେ ଏହି ଲକ୍ଷ୍ୟ ହାସଲ କରିବା ନିଶ୍ଚିତ ଏକ ଉଲ୍ଲେଖନୀୟ ଉପଲବ୍ଧି ହେବ; କାରଣ ଗାଁ ଗହଳିର ବିକାଶ ଗାନ୍ଧି ଦର୍ଶନର ଅଂଶ ବିଶେଷ ଏବଂ ଗ୍ରାମାଞ୍ଚଳର ବିକାଶରେ ଦେଶର ଚେହେରା ପ୍ରକୃତରେ ବଦଳିବ ବୋଲି ସେ କହୁଥିଲେ।

ଏମ୍‌ଜିନରେଗା, ଗ୍ରାମାଞ୍ଚଳରେ ରୋଜଗାର ଯୋଗାଣ ସଂକ୍ରାନ୍ତ ଏକ ବଡ଼ ଚର୍ଚ୍ଚିତ କାର୍ଯ୍ୟକ୍ରମ। ତା'ମାଧ୍ୟମରେ ଚାଷୀଙ୍କ ଆୟ ଦୁଇଗୁଣ କରିବା ପାଇଁ ସରକାର ଲକ୍ଷ୍ୟ ରଖି ଏହି ଯୋଜନାର ପୁନର୍ବିନ୍ୟାସ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ପ୍ରତ୍ୟେକ ଗ୍ରାମାଞ୍ଚଳ ପରିବାରକୁ ବାର୍ଷିକ ଅତିକମ୍‌ରେ ଏକଶହ ଦିନର କାମ ଯୋଗାଇବା ସହ ଏହାଦ୍ୱାରା ନିର୍ମିତ ସ୍ଥାୟୀ ଉତ୍ପାଦନକ୍ଷମ ସମ୍ବଳ / ଆଧାର ମାଧ୍ୟମରେ କୃଷି ଉତ୍ପାଦକତା ଓ ଆୟ ବୃଦ୍ଧି କରିବାକୁ ସରକାର ଚେଷ୍ଟିତ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଗତ ବଜେଟରେ ମନରେଗା ଯୋଜନାରେ ଦେଶରେ ୧୦ଲକ୍ଷ କମ୍ପୋଷ୍ଟ ଖତ ଓ ପାଞ୍ଚଲକ୍ଷ ଚାଷ ପୋଖରୀ ଖୋଳିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଲକ୍ଷ୍ୟ ହାସଲ ସହିତ ସରକାର ଆଶା ରଖିଛନ୍ତି ଯେ ୨୦୧୭ ମାର୍ଚ୍ଚ ସୁଦ୍ଧା ଦେଶରେ ୧୦ ଲକ୍ଷ ଚାଷ ପୋଖରୀ ଖନନ ସମ୍ପୂର୍ଣ୍ଣ ହୋଇପାରିବ। ୨୦୧୭-୧୮ ଆର୍ଥିକ ବର୍ଷରେ ଆଉ ୫ ଲକ୍ଷ ଏଭଳି ପୋଖରୀ ଖନନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଗ୍ରାମପଞ୍ଚାୟତଗୁଡ଼ିକୁ ମରୁଡ଼ିମୁକ୍ତ କରିବା ଏହି ପୋଖରୀ ଖନନର ପ୍ରମୁଖ ଲକ୍ଷ୍ୟ। ସୂଚନାଯୋଗ୍ୟ ଯେ ମନରେଗା କାର୍ଯ୍ୟକ୍ରମରେ ମହିଳାଙ୍କ ଅଂଶଗ୍ରହଣ ୪୮ ଶତାଂଶରୁ ୫୫ ଶତାଂଶକୁ ବୃଦ୍ଧି ପାଇଛି ଏବଂ ଏହା ଏକ ଭଲ ଖବର। ୨୦୧୬-୧୭ ଆର୍ଥିକ ବର୍ଷରେ ମନରେଗା ବାବଦ ବ୍ୟୟ ବରାଦ ୩୮,୫୦୦କୋଟି ଟଙ୍କା ଥିବାବେଳେ ୨୦୧୭-୧୮ ବଜେଟରେ ଏହା ୪୮,୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ମନରେଗା ବାବଦରେ ଏହା ଏପର୍ଯ୍ୟନ୍ତ ସର୍ବାଧିକ ବ୍ୟୟବରାଦ। ଏହି ସବୁ କାମରେ ସ୍ୱଚ୍ଛତା ରକ୍ଷା ପାଇଁ ଏହାକୁ ଜିଓଟ୍ୟାଗ୍ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଜନସାଧାରଣ ଚାହିଁଲେ ଏ ସଂକ୍ରାନ୍ତ ଟିକିନିଖି ତଥ୍ୟ ପାଇପାରିବେ। ପରିବେଶର ସୁରକ୍ଷା ସହିତ ଚାଷୀଙ୍କ ବିକାଶ ପାଇଁ କାମ କରିବାକୁ ସରକାରଙ୍କ ଘୋଷଣା ନିଶ୍ଚୟ ସ୍ୱାଗତଯୋଗ୍ୟ। ବଜେଟରେ ଗ୍ରାମାଞ୍ଚଳର କାରିଗର, କୁଶଳିବ୍ୟକ୍ତି ବିଶେଷଙ୍କ ଦକ୍ଷତା ବୃଦ୍ଧି ପାଇଁ ନିଆଯାଇଥିବା ପଦକ୍ଷେପ ଆଉ ଏକ ଉଲ୍ଲେଖନୀୟ ବିଷୟ। ୨୦୨୨ ସୁଦ୍ଧା ପାଞ୍ଚ ଲକ୍ଷ ରାଜମିସ୍ତ୍ରିଙ୍କୁ ତାଲିମ ପ୍ରଦାନ ନିଷ୍ପତ୍ତି ଏବଂ ଚଳିତ ଆର୍ଥିକ ବର୍ଷରେ ୨୦ ହଜାରଙ୍କୁ ତାଲିମ ଦେବା ଲକ୍ଷ୍ୟ ଏ ଦିଗରେ ସରକାରଙ୍କ ପ୍ରତିବଦ୍ଧତାର ସୂଚନା ଦିଏ। ପଞ୍ଚାୟତିରାଜ ଅନୁଷ୍ଠାନରେ ଆବଶ୍ୟକ ଲୋକଶକ୍ତିର ଅଭାବ ରହିଛି। ଫଳରେ ବିକାଶମୂଳକ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଠିକଣା ଭାବେ ହେଉନାହିଁ। ସେଥିପାଇଁ ସରକାର ଚଳିତ ଆର୍ଥିକ ବର୍ଷରେ ଫଳାଫଳ ପାଇଁ ମାନବ ସମ୍ବଳ ସଂସ୍କାର କାର୍ଯ୍ୟକ୍ରମ ମଧ୍ୟ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ସମସ୍ତଙ୍କ ସହିତ ସମସ୍ତଙ୍କର ବିକାଶ- ପ୍ରଧାନମନ୍ତ୍ରୀଙ୍କ ଏହି ସ୍ଲୋଗାନକୁ ଚରିତାର୍ଥ କରିବା ପାଇଁ ଅର୍ଥମନ୍ତ୍ରୀ ତାଙ୍କ ବଜେଟରେ ବେଶ୍ କିଛି ପଦକ୍ଷେପ ଗ୍ରହଣ କରିଥିବା ମନେହୁଏ।

ଚଳିତ ବଜେଟରେ ଶିଶୁକନ୍ୟା ଓ ମହିଳାଙ୍କ ସ୍ୱାର୍ଥ ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଇଛି। ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ପରିଚାଳିତ ଦେଶର ୧୪ ଲକ୍ଷ ଅଙ୍ଗନବାଡ଼ିରେ ମହିଳା ଶକ୍ତିକେନ୍ଦ୍ର ପ୍ରତିଷ୍ଠା କରିବାକୁ ବଜେଟରେ ୫୦୦କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏସବୁ କେନ୍ଦ୍ରରେ ଗ୍ରାମାଞ୍ଚଳ ମହିଳାଙ୍କ ଦକ୍ଷତା ବୃଦ୍ଧି, କୁଶଳ ବିକାଶ, ନିଯୁକ୍ତି, ଡିଜିଟାଲ ସାକ୍ଷରତା, ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଆଦି କ୍ଷେତ୍ରରେ ସୁଯୋଗ ଓ ସୁବିଧା ସୃଷ୍ଟି କରି ସେମାନଙ୍କୁ ସଶକ୍ତ କରାଯିବ। ୨୦୧୬ ଡିସେମ୍ବର ୩୧ରେ ପ୍ରଧାନମନ୍ତ୍ରୀ ସମଗ୍ର ଦେଶରେ ଗର୍ଭବତୀ ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ ଯୋଜନା କଥା ଘୋଷଣା କରିଥିଲେ। ଏହି ଯୋଜନାରେ ଗର୍ଭବତୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୬୦୦୦ଟଙ୍କା ସରକାର ପ୍ରେରଣ କରିବେ। ଆନୁଷ୍ଠାନିକ ପ୍ରସବ, ନବଜାତକର ଟିକାକରଣ ଆଦି ପାଇଁ ସଂପୃକ୍ତ ମହିଳା ସେହି ଅର୍ଥ ଖର୍ଚ୍ଚ କରିପାରିବେ। ଗ୍ରାମାଞ୍ଚଳରେ ବସବାସ କରୁଥିବା ମହିଳା ଏହି ଯୋଜନାରେ ବିଶେଷ ଉପକୃତ ହେବେ। ବଜେଟରେ ସେ ବାବଦରେ ଅର୍ଥ ବରାଦ ହୋଇଛି। ଏହାଛଡ଼ା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜାନରେ ଏଥର ୧୯ ହଜାର କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଗ୍ରାମାଞ୍ଚଳର ସବୁ ଗ୍ରାମକୁ ସଡ଼କ ସୁବିଧା ଯୋଗାଇବା ଏହି ଯୋଜନାର ଲକ୍ଷ୍ୟ। ଏ ବାବଦରେ ରାଜ୍ୟ ସରକାରଙ୍କ ବ୍ୟୟ ମିଶିଲେ ମୋଟ ୨୭

ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ୨୦୧୬-୧୭ ବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଦୈନିକ ୧୩୩ କିମି ରାସ୍ତା ତିଆରି ହୋଇଥିବା ବେଳେ ୨୦୧୧ ରୁ ୧୪ ମଧ୍ୟରେ ଦୈନିକ ମାତ୍ର ୭୩ କିମି ରାସ୍ତା ତିଆରି ହୋଇଥିଲା ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ଆହୁରି ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବ ଲୋକଙ୍କୁ ଘର ଯୋଗାଇବା କାର୍ଯ୍ୟକ୍ରମରେ ଚଳିତ ବଜେଟରେ ବ୍ୟୟ ବରାଦକୁ ପୂର୍ବାପେକ୍ଷା ୪୪ ଶତାଂଶ ବଢ଼ାଇ ୨୩ ହଜାର କୋଟି ଟଙ୍କା କରାଯାଇଛି। ଏହି ଅର୍ଥରେ ୧୦ ନିୟୁତ ଘର ନିର୍ମାଣର ଲକ୍ଷ୍ୟ ରଖାଯାଇଛି। ଦୀନଦୟାଲ ଗ୍ରାମଜ୍ୟୋତି ଯୋଜନାରେ ଗ୍ରାମାଞ୍ଚଳ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟକ୍ରମ ପାଇଁ ଏଥର ବଜେଟରେ ୪୩ ଶତାଂଶ ଅଧିକ ଅର୍ଥ ବରାଦ ଯୋଗାଇଛି ଯାହାର ପରିମାଣ ୪୮୧୪ କୋଟି ଟଙ୍କା।

**ଉପସଂହାର :** କହିବା ବାହୁଲ୍ୟ ଯେ ଭାରତୀୟ ଅର୍ଥନୀତିର ସାମଗ୍ରିକ ବିକାଶ କ୍ଷେତ୍ରରେ ଗ୍ରାମାଞ୍ଚଳ ଭିତ୍ତିଭୂମି ଓ କୃଷକଙ୍କ ସ୍ଥିତିରେ ଉନ୍ନତି ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖେ। ତେଣୁ ବଜେଟରେ ସରକାର କୃଷି-କୃଷକ ଓ ଗ୍ରାମାଞ୍ଚଳ ଭିତ୍ତିଭୂମିର ଉନ୍ନତି ପାଇଁ ଯେଉଁ ଅଗ୍ରାଧିକାର ଦେଇଛନ୍ତି ତାହା ଠିକଣା ଦିଗରେ ଉପଯୁକ୍ତ ପଦକ୍ଷେପ। ସେଥିପାଇଁ ଉପଯୁକ୍ତ ଯୋଜନାମାନ କରାଯାଇଛି। ଏହା ଗ୍ରାମାଞ୍ଚଳରେ ସୁଖଶାନ୍ତି ଓ ସମୃଦ୍ଧି ଆଣିବାରେ ସହାୟକ ହୋଇପାରିବ।

**ଗ୍ରାମ୍ୟ ବିଦ୍ୟୁତ୍‌କରଣର ମୁଖ୍ୟାଂଶ**

- ରାଜୀବ ଗାନ୍ଧି ଗ୍ରାମ୍ୟ ବିଦ୍ୟୁତ୍‌କରଣ ଯୋଜନା ସତ୍ତ୍ୱେ ଦେଶର ବିଭିନ୍ନ ଭାଗରେ ଏବେ ମଧ୍ୟ ବିଜୁଳି ପହଞ୍ଚି ନାହିଁ।
- ଗ୍ରାମ୍ୟ ବିଦ୍ୟୁତ୍‌କରଣ ଯୋଜନାରେ କେନ୍ଦ୍ରୀୟ କାର୍ଯ୍ୟକ୍ରମରେ ଶତପ୍ରତିଶତ ଗ୍ରାମକୁ ବିଜୁଳି ଯୋଗାଇବାକୁ ଦେଶର ୨୯ଟି ରାଜ୍ୟ ମଧ୍ୟରୁ ୨୮ଟି ରାଜି ହୋଇଛନ୍ତି।
- ସୌରଶକ୍ତିର ବ୍ୟାପକ ଉପଯୋଗ କରି ଗ୍ରାମାଞ୍ଚଳ ବିଦ୍ୟୁତ୍‌କରଣ ଯୋଜନାକୁ ସାକାର କରିବାକୁ କେନ୍ଦ୍ର ସରକାର ଅଗ୍ରାଧିକାର ଦେଇଛନ୍ତି।
- ଦିଲ୍ଲୀ ରାଜଧାନୀ କ୍ଷେତ୍ରରେ ବ୍ୟବହୃତ ଜଳ ଓ ନର୍ଦ୍ଦମାପାଣିକୁ ପୁନଃ ବ୍ୟବହାର କରି ବିଜୁଳି ଉତ୍ପାଦନ କରିବାକୁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଏକ ପ୍ରସ୍ତାବକୁ ଗ୍ରହଣ କରିଛି।

ଲେଖକ ଦିଲ୍ଲୀର ଜଣେ ବରିଷ୍ଠ ସାମ୍ବାଦିକ ଏବଂ ଗ୍ରାମ୍ୟ ଉନ୍ନୟନ ଓ କୃଷି-ଅର୍ଥନୀତି ବିଶାରଦ।

## ୨୦୧୭-୧୮ ବଜେଟ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ମତ

**ସରକାର ଗତ ଅଢ଼େଇ ବର୍ଷରୁ ଅଧିକ ସମୟ ଧରି ଯେଉଁସବୁ ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଏଥରର ବଜେଟ୍ ତାହାର ଏକ ପ୍ରତିଫଳନ । ଏଥିରେ ଏସବୁ କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ଲକ୍ଷ୍ୟ ରଖାଯାଇଛି । ଦେଶର ସର୍ବାଙ୍ଗୀଣ ବିକାଶ କ୍ଷେତ୍ରରେ ବଜେଟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହା ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ସାମଗ୍ରିକ ଅର୍ଥନୈତିକ ବିକାଶରେ ସହାୟକ ହେବ ଏବଂ ଚାଷୀଙ୍କ ଆୟବୃଦ୍ଧି ଘଟାଇବାରେ ସାହାଯ୍ୟ କରିବ । ବଜେଟରେ କୃଷି, ଗ୍ରାମ୍ୟ ଉନ୍ନୟନ ଓ ଭିତ୍ତିଭୂମି କ୍ଷେତ୍ରରେ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି । ପୁଞ୍ଜିନିବେଶ ବୃଦ୍ଧି ଓ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ସରକାରଙ୍କ ପ୍ରତିବଦ୍ଧତା ଏଥିରେ ପ୍ରତିଫଳିତ ହୋଇଛି । ୨୦୨୨ ସୁଦ୍ଧା କୃଷକଙ୍କ ଆୟ ଦ୍ୱିଗୁଣିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଆବଶ୍ୟକ ନୀତି ଓ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରାଯାଇଛି ।**

**ଦେଶର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗସମୂହ ନିଯୁକ୍ତି ସୃଷ୍ଟିର ଏକ ପ୍ରମୁଖ ଉତ୍ସ । ଏସବୁ ଶିଳ୍ପସଂସ୍ଥାଙ୍କ ଦାବି ହେଲା ଯେ ଆନ୍ତର୍ଜାତିକ ସ୍ତରରେ ପ୍ରତିଯୋଗିତା କରିବାକୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଟିକସ ହାର ହ୍ରାସ କରାଗଲେ ୯୦ ଭାଗ କ୍ଷୁଦ୍ର ଶିଳ୍ପ ସଂସ୍ଥା ଉପକୃତ ହେବେ । ଏହାକୁ ବିଚାରକୁ ନେଇ ସରକାର କ୍ଷୁଦ୍ରଶିଳ୍ପର ସଂଜ୍ଞାକୁ ସଂଶୋଧନ କରିବା ସହ ତାହାର ପରିସରକୁ ବ୍ୟାପକ କରି ଟିକସ ହାର ୩୦ରୁ ୨୫ ଶତାଂଶକୁ କମାଇ ଦେଇଛନ୍ତି ।**

**ବଜେଟ ଆମ ଅଭିଳାଷ, ଆମ ସ୍ୱପ୍ନ ସହ ଜଡ଼ିତ ଓ ଆମର ଭବିଷ୍ୟତର ରୂପରେଖ ବର୍ଣ୍ଣନା କରୁଛି । ଏହା ଆମ ନୂଆ ପିଢ଼ିର ଭବିଷ୍ୟତ, ଚାଷୀକୂଳର ଭବିଷ୍ୟତ । 'ଫ୍ୟୁଚର' ଇଂରାଜୀ ଶବ୍ଦର ଅକ୍ଷର ଏଫ୍-ଫାର୍ମର ବା ଚାଷୀ, ୟୁ-ଅଣ୍ଡର ପ୍ରିଭିଲେଜ୍‌ଡ୍ ବା ଅବହେଳିତ ବର୍ଗ, ଦଳିତ, ଅତ୍ୟାଚାରିତ ଓ ମହିଳାବର୍ଗ, ଟି-ଟ୍ରାନ୍ସପେରେନ୍ସି ବା ସ୍ୱଚ୍ଛତା, ପ୍ରଯୁକ୍ତି (ଟେକ୍ନୋଲୋଜି)ର ବିକାଶ - ଆଧୁନିକ ଭାରତର ସ୍ୱପ୍ନ, ୟୁ-ଅର୍ବାନ ରିଜୁଭେନେସନ ବା ସହରାଞ୍ଚଳ ନବୀକରଣ, ଆର୍-ରୁରାଲ ଡେଭଲପମେଣ୍ଟ ବା ଗ୍ରାମାଞ୍ଚଳ ବିକାଶ ଏବଂ ଇ-ଏମ୍ପ୍ଲୟମେଣ୍ଟ ଅଫ୍ ୟୁଥ୍, ଏଣ୍ଟ୍ରପନିୟରସିପ୍ ବା ଯୁବବର୍ଗଙ୍କ ନିଯୁକ୍ତି ଏବଂ ଉଦ୍ୟମୀଙ୍କୁ ପ୍ରୋତ୍ସାହନ ଆଦିକୁ ବୁଝାଏ ।**

# କେନ୍ଦ୍ର ବଜେଟ୍‌ରେ ଗାଁ'କୁ ଗୁରୁତ୍ୱ

**ନଟବର ଖୁଣ୍ଟିଆ**

ଆମ ଦେଶରେ ଯେତେ ଗରିବ ଲୋକ ଅଛନ୍ତି ସେମାନେ ମୁଖ୍ୟତଃ ଗ୍ରାମାଞ୍ଚଳବାସୀ। ସେହି ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ହଟାଇବା, ଗ୍ରାମାଞ୍ଚଳରେ ଥିବା ବେକାରୀ ଓ ଅର୍ଦ୍ଧବେକାରୀ ହଟାଇବା ପାଇଁ ବଜେଟ୍‌ରେ ବିଭିନ୍ନ ବ୍ୟବସ୍ଥା କରାଯାଇଅଛି । ପୂର୍ବରୁ ଗ୍ରାମାଞ୍ଚଳବାସୀଙ୍କୁ ନିଯୁକ୍ତି ଯୋଗାଇବା ପାଇଁ ଯେଉଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଆଇନ୍ କାର୍ଯ୍ୟକାରୀ ହେଉଛି ସେହି ଆଇନ୍ ଅନୁଯାୟୀ ଯେଉଁ ନିଯୁକ୍ତି ଯୋଜନା ପ୍ରଚଳିତ ଅଛି ତାକୁ ୨୦୧୭-୧୮ ବଜେଟ୍‌ରେ ଆହୁରି ଉତ୍ସାହିତ କରାଯାଇଛି । ଗତବର୍ଷ ଏହି ଯୋଜନାରେ ୩୮ହଜାର ୫୦୦କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ଏବର୍ଷ ଏହାକୁ ବୃଦ୍ଧି କରି ୪୮ହଜାର କୋଟି ଟଙ୍କା କରାଯିବା ନିଶ୍ଚିତ ଭାବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

**ସଂ**ସଦରେ କେନ୍ଦ୍ର ଅର୍ଥମନ୍ତ୍ରୀ ଗତ ଫେବୃୟାରୀ ପହିଲା ଦିନ ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିଛନ୍ତି । ଏହି ବଜେଟ୍ ଅନେକ ବିଚାରରୁ ଏକ ଐତିହାସିକ ବଜେଟ୍ । ୧୯୨୪ ମସିହାଠାରୁ ବ୍ରିଟିଶ୍ ଶାସନ କାଳରୁ ୨୦୧୬ ମସିହା ପର୍ଯ୍ୟନ୍ତ ରେଳ ବଜେଟ୍ ଓ ସାଧାରଣ ବଜେଟ୍ ପୃଥକ ପୃଥକ ଭାବେ ସଂସଦରେ ଉପସ୍ଥାପନ ହେଉଥିଲା । ରେଳବଜେଟ୍ ଉପସ୍ଥାପନ କରୁଥିଲେ ରେଳମନ୍ତ୍ରୀ ଓ ସାଧାରଣ ବଜେଟ୍ ଉପସ୍ଥାପନ କରୁଥିଲେ ଅର୍ଥମନ୍ତ୍ରୀ । ସାଧାରଣ ବଜେଟ୍ ପାରମ୍ପରିକ ଭାବରେ ଫେବୃୟାରୀ ମାସର ଶେଷଦିନ ଉପସ୍ଥାପନ ହେଉଥିବାବେଳେ ରେଳବଜେଟ୍ ସାଧାରଣ ବଜେଟ୍ ଉପସ୍ଥାପନ ହେବାର ଦୁଇତିନିଦିନ ପୂର୍ବରୁ ଉପସ୍ଥାପନ ହେଉଥିଲା । କିନ୍ତୁ ଚଳିତ ବର୍ଷଠାରୁ ରେଳବଜେଟ୍ ଓ ସାଧାରଣ ବଜେଟ୍‌କୁ ଏକତ୍ର କରାଯାଇ ଫେବୃୟାରୀ ପହିଲା ଦିନ ଅର୍ଥମନ୍ତ୍ରୀ ସଂସଦରେ ଉପସ୍ଥାପନ କରି ପୂର୍ବ ପରମ୍ପରାକୁ ଭାଙ୍ଗି ନୂତନ ପରମ୍ପରା ସୃଷ୍ଟି କରିଛନ୍ତି । ଏହା ନିଶ୍ଚିତ ଭାବେ ଏକ ଇତିହାସ ହୋଇ ରହିଲା। ପୁନଶ୍ଚ ବିମୁଦ୍ରୀକରଣ ପରେ ପରେ ଏହି ବଜେଟ୍ ଉପସ୍ଥାପନ ହୋଇଛି । ବିମୁଦ୍ରୀକରଣର ପ୍ରଭାବ ବଜେଟ୍ ପ୍ରସ୍ତୁତିକୁ ନିଶ୍ଚିତ ଭାବରେ ପ୍ରଭାବିତ କରିଛି । ଏହି ବଜେଟ୍‌ରେ ଆଉ ଏକ ନୂଆ କଥା ହେଲା ବଜେଟ୍ ବ୍ୟୟକୁ ପୂର୍ବ ପରି ଯୋଜନା ବ୍ୟୟ ଓ ଅଣଯୋଜନା ବ୍ୟୟ ମଧ୍ୟରେ ଭାଗ ନ କରି ଏକତ୍ର କରାଯାଇଛି, ଯାହାଫଳରେ ବିଭିନ୍ନ କ୍ଷେତ୍ର ଓ ବିଭାଗର ଆବଶ୍ୟକତାକୁ ଚାହିଁ ବ୍ୟୟବରାଦ କରାଯିବ । କିନ୍ତୁ ରାଜସ୍ୱ ବ୍ୟୟ ଓ ପୁଞ୍ଜିବ୍ୟୟକୁ ଭିନ୍ନ ଭିନ୍ନ ରୂପେ ଦର୍ଶା ଯାଇଛି । ସୁତରାଂ ଅନେକ ଦୃଷ୍ଟିରୁ ୨୦୧୭-୧୮ର ବଜେଟ୍ ଏକ ଐତିହାସିକ ବଜେଟ୍ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବିମୁଦ୍ରୀକରଣ ପରେ ପରେ ଏହି ବଜେଟ୍ ଉପସ୍ଥାପନ ହେଉଥିବାରୁ ବିଶେଷଜ୍ଞମାନେ, ଅର୍ଥନୀତିଜ୍ଞମାନେ, ରାଜନୈତିକ ନେତାମାନେ, ସାଧାରଣ ସଚେତନ ନାଗରିକମାନେ ବଜେଟର ରୂପରେଖ କ'ଣ ହେବ ସେଥିପାଇଁ ବିଭିନ୍ନ ପ୍ରକାରର କଳ୍ପନା ଜଳ୍ପନା ପ୍ରକାଶ କରୁଥିଲେ। ଜାତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରେ ରାଜନୈତିକ ଓ ଅର୍ଥନୈତିକ ଦୃଶ୍ୟପଟ୍ଟକୁ ବିଚାରକୁ ନେଇ ଅର୍ଥମନ୍ତ୍ରୀ ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ଯେଉଁ ବଜେଟ୍ ପ୍ରସ୍ତୁତ କରି ସଂସଦରେ ଉପସ୍ଥାପନ କରିଛନ୍ତି ତାହାକୁ ଅଧ୍ୟୟନ କଲେ ଜଣାଯାଏ ଯେ, ଅର୍ଥମନ୍ତ୍ରୀ ସୀମିତ ସମ୍ବଳକୁ ଚାହିଁ କୌଣସି ବର୍ଗର ରୋଷରେ ଶୀକାର ହେବାକୁ ନ ଦେଇ ଗାଁ, ସମାଜର ଦୁର୍ବଳ ଶ୍ରେଣୀର ବିକାଶ ପାଇଁ ଅଧିକ ଧ୍ୟାନ ଦେଇ ଦେଶରୁ ଦାରିଦ୍ର୍ୟ ଓ ବୈଷମ୍ୟ ଦୂର କରିବା ପାଇଁ ଉଦ୍ୟମ କରିଛନ୍ତି । ଦୁର୍ବଳ ଶ୍ରେଣୀ କହିଲେ ଚାଷୀ, ଚାଷ ଶ୍ରମିକ, ମହିଳା, ଆଦିବାସୀ, ଦଳିତ ଶ୍ରେଣୀକୁ ବୁଝାଏ।

ଅର୍ଥମନ୍ତ୍ରୀ ତାଙ୍କ ବଜେଟ୍ ଭାଷଣରେ କହିଲେ ଯେ, ତାଙ୍କ ବଜେଟ୍ ମୁଖ୍ୟତଃ ଦଶଗୋଟି ପ୍ରସଙ୍ଗ ଉପରେ ଆଧାରିତ । ସେହି ଦଶଟି ପ୍ରସଙ୍ଗ ମଧ୍ୟରୁ ତିନିଗୋଟି ଅଗ୍ରାଧିକାର ପ୍ରସଂଗ ହେଲା ଚାଷୀମାନଙ୍କ ଆୟକୁ ଆସନ୍ତା ପାଞ୍ଚବର୍ଷ ମଧ୍ୟରେ (୨୦୨୨) ଦୁଇଗୁଣ କରିବା, ଗ୍ରାମାଞ୍ଚଳ ଲୋକଙ୍କୁ କାମ ଯୋଗାଇବା ପାଇଁ ଆବଶ୍ୟକ ଭିତ୍ତିଭୂମିର ବିକାଶ କରିବା ଏବଂ ଖଟିଖିଆ, ଆଦିବାସୀ, ଦଳିତ, ମହିଳାମାନଙ୍କର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ସାମାଜିକ ନ୍ୟାୟ ଦେବା ପାଇଁ ପଦକ୍ଷେପ ନେବା । ଏହାକୁ ଭିତ୍ତିକରି ଅର୍ଥମନ୍ତ୍ରୀ ଗାଁ, ଗରିବ, ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ବିକାଶ ପାଇଁ

ନିମ୍ନୋକ୍ତ ପଦକ୍ଷେପ ନେଇଛନ୍ତି ।

**କୃଷି ବିକାଶ :** ସ୍ୱାଧୀନତାର ୭୫ବର୍ଷ ପୂରଣ ବେଳକୁ ଚାଷୀମାନଙ୍କର ଆୟକୁ ଦୁଇଗୁଣ କରିବା ପାଇଁ କୃଷିର ଉତ୍ପାଦନ ବୃଦ୍ଧି, କୃଷିର ଉତ୍ପାଦିକା ଶକ୍ତିବୃଦ୍ଧି, କୃଷି ଜାତ ଦ୍ରବ୍ୟର ଉଚିତ୍ ମୂଲ୍ୟ, କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ, କୃଷିଜାତ ଦ୍ରବ୍ୟର ବିପଣନ, କୃଷିଜାତ ଦ୍ରବ୍ୟର ସଂରକ୍ଷଣ ଆଦିକୁ ନିଶ୍ଚିତ କରିବା ଆବଶ୍ୟକ । କୃଷି ଉତ୍ପାଦନ ଓ ଉତ୍ପାଦିକା ଶକ୍ତି ବୃଦ୍ଧି ପାଇଁ ପ୍ରଥମ ମୌଳିକ ଆବଶ୍ୟକତା ହେଲା ଜଳସେଚନ । ଅର୍ଥମନ୍ତ୍ରୀ ଜଳସେଚନ ବ୍ୟବସ୍ଥାର ବୃଦ୍ଧି ପାଇଁ ନାବାର୍ଡ ମାଧ୍ୟମରେ ୪୦କୋଟି ଟଙ୍କାର ପାଣ୍ଠି ସୃଷ୍ଟି କରିଛନ୍ତି । ଗତବର୍ଷ ତୁଳନାରେ ଏହି ପାଣ୍ଠିକୁ ଦ୍ୱିଗୁଣିତ କରାଯାଇଛି । ସେହିପରି ପ୍ରଧାନମନ୍ତ୍ରୀଙ୍କର ଅତି ପ୍ରିୟ ସ୍ଲୋଗାନ୍ 'ପ୍ରତି ଜଳବିନ୍ଦୁ ପିଛା ଅଧିକ ଫସଲ ଅମଳ'କୁ ସମ୍ମାନ ଦେଖାଇ ଅଣୁଜଳସେଚନ ପ୍ରକଳ୍ପକୁ ଲୋକପ୍ରିୟ କରିବା ପାଇଁ ୫ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । କୃଷିଋଣ ଯେପରି ଚାଷୀମାନେ ପାଇଁ ନିଜର କୃଷି ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ନିବେଶ କିଣି ପାରିବା ସହିତ, ମୂଲମଜୁରି ଦେବେ, ଫସଲ ଅମଳ କରିବେ, ସାଇତି ରଖିବେ ସେଥିପାଇଁ ୧୦ଲକ୍ଷ କୋଟି ଟଙ୍କାର କୃଷି ଋଣ ଦେବାର ଲକ୍ଷ୍ୟ ରଖିଛନ୍ତି । ଫସଲବୀମା ଯୋଜନାର ପରିସର ବୃଦ୍ଧି ସଙ୍ଗେ ସଙ୍ଗେ ଫସଲବୀମାକୁ ଲୋକପ୍ରିୟ କରିବା ପାଇଁ ବଜେଟ୍‌ରେ ୯ହଜାର କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି । ଗ୍ରାମାଞ୍ଚଳରେ ଥିବା ନାମମାତ୍ର ଓ କ୍ଷୁଦ୍ର ଚାଷୀମାନେ କୃଷି ଋଣ ପାଇଁ ମୁଖ୍ୟତଃ ଗ୍ରାମମାନଙ୍କରେ ଥିବା ପ୍ରାଥମିକ କୃଷି ସମବାୟ ସମିତି ଉପରେ ନିର୍ଭର କରିଥାନ୍ତି । ଏହି ସମିତିମାନେ କିପରି ଆଧୁନିକ ଜ୍ଞାନ କୌଶଳ ସାହାଯ୍ୟରେ ଏହି ଋଣ ପରିଚାଳନାକୁ ତ୍ୱରାନ୍ୱିତ କରିବେ, ସେଥିପାଇଁ ସମବାୟ ସମିତିଗୁଡ଼ିକୁ କମ୍ପ୍ୟୁଟରୀକରଣ କରି ଜିଲ୍ଲା ସମବାୟ ବ୍ୟାଙ୍କ ସହ ଯୋଗାଯୋଗ କରିବା ପାଇଁ ନାବାର୍ଡ ଜରିଆରେ ୧୯ହଜାର କୋଟି ଟଙ୍କାର ସାହାଯ୍ୟ ଦେବା ପାଇଁ ବଜେଟ୍‌ରେ ଅର୍ଥ ବରାଦ ହୋଇଛି । ବିମୁଦ୍ରୀକରଣ ସମୟରେ ନଗଦର ଅଭାବ ହେତୁ କେତେକ ସ୍ଥାନରେ ଚାଷୀମାନେ ଋଣ ସଠିକ୍ ସମୟରେ ପାଇ ନ ଥିବା ଯୋଗୁ କିଛି କିଛି କ୍ଷତି ସହିଛନ୍ତି । ସେଥିପାଇଁ କ୍ଷତିର କିଛି ଭରଣା କରିବା ପାଇଁ ଦୁଇମାସ ପାଇଁ କୃଷି ଋଣର ସୁଧ ଛାଡ଼ ପାଇଁ ବଜେଟ୍‌ରେ ଘୋଷଣା ହୋଇଛି । ପ୍ରଧାନମନ୍ତ୍ରୀ ଗତ କିଛି ବର୍ଷ ହେଲା ମାଟି ପରୀକ୍ଷା କରି ଖତ ସାର ପ୍ରୟୋଗ କରିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଇ ଆସୁଛନ୍ତି। ପ୍ରତ୍ୟେକ ଚାଷୀ ଯେପରି ମାଟି ପରୀକ୍ଷା କରି ନିଜନିଜ ଜମିର ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପାଇ ପାରିବେ ସେଥିପାଇଁ ପ୍ରତି ଜିଲ୍ଲାରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ମାଧ୍ୟମରେ ମୃତ୍ତିକା ପରୀକ୍ଷା କରିବାର ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ପ୍ରତି କୃଷି ବିଜ୍ଞାନ କେନ୍ଦ୍ରରେ ମୃତ୍ତିକା ପରୀକ୍ଷାଗାର ସ୍ଥାପନ ପାଇଁ ମଧ୍ୟ ବ୍ୟୟ ବରାଦ ହୋଇଛି ।

ପ୍ରକ୍ରିୟାକରଣ ଅଭାବରୁ ଆମ ଦେଶରେ ଉତ୍ପାଦନ ହେଉଥିବା ବହୁ ପନିପରିବା, ଫଳ ପଚି ନଷ୍ଟ ହୋଇଯାଉଛି। ଚାଷୀମାନେ କ୍ଷତି ସହୁଛନ୍ତି । ସେଥିପାଇଁ ଫସଲ ଅମଳ ପରବର୍ତ୍ତୀ ଯତ୍ନ ପାଇଁ ବଜେଟ୍‌ରେ ଗୁରୁତ୍ୱ ଦିଆଯାଇଛି । ବିଭିନ୍ନ ପନିପରିବା ଓ ଫଳ ଯେପରି ଅମଳ ପରେ ପ୍ରକ୍ରିୟା କରଣ ହୋଇ ପାରିବ ସେଥିପାଇଁ କୃଷି ଭିତ୍ତିକ ଛୋଟ ଛୋଟ ଶିଳ୍ପ ପାଇଁ ଗୁରୁତ୍ୱଦିଆଯାଇଛି । ବିଭିନ୍ନ ପ୍ରକାର ଖାଦ୍ୟଶସ୍ୟକୁ ସାଇତି ରଖିବା ପାଇଁ ଗୋଦାମ ନିର୍ମାଣ, ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପ୍ରୋତ୍ସାହନ ଦିଆଯାଇଛି । କୃଷିଜାତ ଦ୍ରବ୍ୟର ଲାଭଜନକ ବିକ୍ରୟ ପାଇଁ କୃଷି ବଜାରକୁ ସଂପ୍ରସାରଣ କରିବାକୁ ଅର୍ଥମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ବର୍ତ୍ତମାନ ପ୍ରାୟ ୨୫୦ଟି ଜାତୀୟ କୃଷି ବଜାର କାର୍ଯ୍ୟକାରୀ ହେଉଛି । ଏହି ସଂଖ୍ୟାକୁ ୪୮୫କୁ ବୃଦ୍ଧି କରିବାକୁ ଅର୍ଥମନ୍ତ୍ରୀ ପ୍ରସ୍ତାବ ବାଢ଼ିଛନ୍ତି । ପ୍ରତ୍ୟେକ କୃଷିବଜାରକୁ ସର୍ବୋଚ୍ଚ ୭୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସାହାଯ୍ୟ ଦିଆଯିବ ବୋଲି ଅର୍ଥମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ବଜେଟ୍‌ରେ । ଚାଷୀମାନଙ୍କର ଆୟକୁ ଦ୍ୱିଗୁଣିତ କରିବାକୁ ହେଲେ କୃଷି ସହିତ କୃଷି ଆନୁଷଙ୍ଗିକ ବୃତ୍ତିର ବିକାଶ ଆବଶ୍ୟକ । ଦୁଗ୍ଧ ଉତ୍ପାଦନ ହେଲେ କୃଷିର ଏକ ଲାଭଜନକ ଆନୁଷଙ୍ଗିକ ବୃତ୍ତି ଦୁଗ୍ଧଉତ୍ପାଦନ ବୃଦ୍ଧି, ଦୁଗ୍ଧଚାଷୀ ଯେପରି ଉପଯୁକ୍ତ ମୂଲ୍ୟ ପାଇବେ ସେଥିପାଇଁ ଅର୍ଥମନ୍ତ୍ରୀ ଚିନ୍ତାକରି ଦୁଗ୍ଧ ପ୍ରକ୍ରିୟା କରଣ ଶିଳ୍ପର ବିକାଶ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି । ଦୁଗ୍ଧ ପ୍ରକ୍ରିୟା କରଣର ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ନାବାର୍ଡ ମାଧ୍ୟମରେ ୮ହଜାର କୋଟି ଟଙ୍କାର ବ୍ୟୟ ବରାଦ ଆରସନ୍ତା ତିନିବର୍ଷ ପାଇଁ କରିଛନ୍ତି । ଚଳିତବର୍ଷ ପାଇଁ ୨ହଜାର କୋଟି ଟଙ୍କା ବ୍ୟୟ ହେବ । ଏହି ପ୍ରୋତ୍ସାହନ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହିତ ଚାଷୀମାନଙ୍କର ଆୟ ବୃଦ୍ଧିରେ ସାହାଯ୍ୟ କରିବ ।

**ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂରିକରଣ:** ଆମ ଦେଶରେ ଯେତେ ଗରିବ ଲୋକ ଅଛନ୍ତି ସେମାନେ ମୁଖ୍ୟତଃ ଗ୍ରାମାଞ୍ଚଳବାସୀ। ସେହି ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ହଟାଇବା, ଗ୍ରାମାଞ୍ଚଳରେ ଥିବା ବେକାରୀ ଓ ଅର୍ଦ୍ଧବେକାରୀ ହଟାଇବା ପାଇଁ ବଜେଟ୍‌ରେ ବିଭିନ୍ନ ବ୍ୟବସ୍ଥା କରାଯାଇଅଛି । ପୂର୍ବରୁ ଗ୍ରାମାଞ୍ଚଳବାସୀଙ୍କୁ ନିଯୁକ୍ତି ଯୋଗାଇବା ପାଇଁ ଯେଉଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଆଇନ୍ କାର୍ଯ୍ୟକାରୀ ହେଉଛି ସେହି ଆଇନ୍ ଅନୁଯାୟୀ ଯେଉଁ ନିଯୁକ୍ତି ଯୋଜନା ପ୍ରଚଳିତ ଅଛି ତାକୁ ୨୦୧୭-୧୮ ବଜେଟ୍‌ରେ ଆହୁରି ଉତ୍ସାହିତ କରାଯାଇଛି । ଗତବର୍ଷ ଏହି ଯୋଜନାରେ ୩୮ହଜାର ୫୦୦କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ଏବର୍ଷ ଏହାକୁ ବୃଦ୍ଧି କରି ୪୮ହଜାର କୋଟି ଟଙ୍କା କରାଯିବା ନିଶ୍ଚିତ ଭାବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହି ଯୋଜନାରେ ଗ୍ରାମାଞ୍ଚଳରେ ଚାଷୀମାନଙ୍କ ଜମିରେ ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଛି । ଏହାଫଳରେ ଶ୍ରମିକମାନଙ୍କୁ କାମ ଯୋଗାଇ ଦିଆଯିବା ସହିତ କୃଷି ଉତ୍ପାଦନ ବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନିଆଯାଉଛି । ଏହି ଯୋଜନା ମାଧ୍ୟମରେ କାମକରୁଥିବା ହିତାଧିକାରୀମାନେ ଯେପରି ନିଜ ନିଜ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ସିଧାସଳଖ ମଜୁରୀ ପାଇବେ ତାକୁ ନିଶ୍ଚିତ କରିବାର ପ୍ରତିଶ୍ରୁତି ଦିଆଯାଇଛି ।

ମିସନ୍ ଅନ୍ତୋଦୟ ମାଧ୍ୟମରେ ଦେଶର ୫୦ହଜାର ଗ୍ରାମପଞ୍ଚାୟତର ଏକ କୋଟି ପରିବାରଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ । ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଆସନ୍ତା ୨୦୧୯ରେ ପାଳନ କରାଯିବ । ଏହି ଉପଲକ୍ଷେ ଗାନ୍ଧିଜୀଙ୍କୁ

ସମ୍ମାନ ଜଣାଇ ଏହି ସ୍ୱତନ୍ତ୍ର ଦାରିଦ୍ର୍ୟ ହଟାଇବା କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ପ୍ରତ୍ୟେକ ପରିବାର ପାଇଁ ସେମାନଙ୍କର ଦକ୍ଷତା, ସୁଯୋଗ, ପରିବାରର ଆବଶ୍ୟକତା ଚାହିଁ ସ୍ୱତନ୍ତ୍ର ବିକାଶ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରାଯିବ । ୨୦୧୯ ସୁଦ୍ଧା ଏହି ଏକକୋଟି ପରିବାର ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠିବେ । ଏଥିପାଇଁ ବିଭିନ୍ନ ବିଭାଗ ଏକତ୍ର ହୋଇ କାମ କରିବେ। ବିଭିନ୍ନ ବିଭାଗକୁ ଦିଆଯାଇଥିବା ଅର୍ଥ ଯୋଜନାବଦ୍ଧ ଭାବରେ ଖର୍ଚ୍ଚ ହୋଇ ପ୍ରତ୍ୟେକ ପରିବାରର ସମନ୍ୱିତ ବିକାଶ ପାଇଁ ପଦକ୍ଷେପ ନିଆଯିବ । ଗ୍ରାମାଞ୍ଚଳରେ ଗମନାଗମନ ବ୍ୟବସ୍ଥାର ଉନ୍ନତି କରିବା ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାକୁ ଆହୁରି କ୍ରିୟାଶୀଳ କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ଏହି ଗ୍ରାମସଡ଼କ ଯୋଜନା ଗ୍ରାମାଞ୍ଚଳରେ ଗମନାଗମନ ଓ ପରିବହନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ସହିତ ଗ୍ରାମାଞ୍ଚଳ ଶ୍ରମିକମାନଙ୍କୁ କାମ ଯୋଗାଇବ। ଏଥିପାଇଁ ବଜେଟ୍‌ରେ ୧୯ହଜାର କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି । ଯଦି ରାଜ୍ୟ ସରକାରମାନଙ୍କର ଅଂଶକୁ ବିଚାରକୁ ନିଆଯାଏ, ତେବେ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ଖର୍ଚ୍ଚ ହେବ ୨୭ହଜାର କୋଟି ଟଙ୍କା । ସେହିପରି, ଗ୍ରାମାଞ୍ଚଳବାସୀଙ୍କୁ ପକ୍କାଘର ଯୋଗାଇ ଦେବା ପାଇଁ ମଧ୍ୟ ବଜେଟ୍‌ରେ ଅଧିକ ବ୍ୟୟ ବରାଦ ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପୂର୍ବବର୍ଷ ବ୍ୟୟ ବରାଦ ଥିଲା ୧୫ହଜାର କୋଟି ଟଙ୍କା। ଏ ବର୍ଷ ପାଇଁ ଏହାକୁ ବୃଦ୍ଧି କରି କରାଯାଇଛି ୨୩ହଜାର କୋଟି ଟଙ୍କା । ଏହା ଫଳରେ ଗ୍ରାମାଞ୍ଚଳବାସୀ ଉପକୃତ ହେବେ । ଯେଉଁମାନଙ୍କର ପକ୍କା ଘର ନଥିବ ସେମାନେ ପକ୍କା ଘର ଖଣ୍ଡିଏ ଖଣ୍ଡିଏ ପାଇବେ। ଆଧୁନିକ ଯୁଗରେ ବିଦ୍ୟୁତ୍‌ର ଆବଶ୍ୟକତା କେବଳ ଘରକୁ ଆଲୋକିତ କରିବା ପାଇଁ ନୁହେଁ, ଘରକୁ ଆଲୋକିତ କରିବା ସହିତ ଅନ୍ୟାନ୍ୟ ବ୍ୟବହାର ପାଇଁ ବିଦ୍ୟୁତ୍ ଆବଶ୍ୟକତା ଅପରିହାର୍ଯ୍ୟ । ଟେଲିଭିଜନ୍ କୁହନ୍ତୁ, ମୋବାଇଲ୍ ଫୋନ୍ କୁହନ୍ତୁ, ଜଳସେଚନ ପାଇଁ ପାଣି ପମ୍ପ ଚଳାଇବା କଥା କହନ୍ତୁ ବିଦ୍ୟୁତ୍‌ର ଆବଶ୍ୟକତା ନିତାନ୍ତ ଜରୁରୀ । ତେଣୁ କେନ୍ଦ୍ର ସରକାର ବଜେଟ୍‌ରେ ଘୋଷଣା କରିଛନ୍ତି ଯେ, ଦେଶସାରା ପ୍ରତ୍ୟେକ ଗ୍ରାମକୁ ୨୦୧୭-୧୮ ଶେଷ ସୁଦ୍ଧା ବିଦ୍ୟୁତ୍ ଯୋଗାଇ ଦେବେ ।

**ଗ୍ରାମାଞ୍ଚଳରେ ଦକ୍ଷତା ବୃଦ୍ଧି:** ବିଜ୍ଞାନର ଅଗ୍ରଗତି ସହିତ ବିଜ୍ଞାନର ମୌଳିକ ଜ୍ଞାନକୁ କାରିଗରୀ କୌଶଳରେ ପରିଣତ କରି ଅଳ୍ପ ପରିଶ୍ରମରେ ଅଧିକ ଉତ୍ପାଦନ କରାଯାଉଛି। ଏହାଦ୍ୱାରା ଆୟ ବଢୁଛି । କିନ୍ତୁ ଜଣେ ଏହିସବୁ କାରିଗରୀ କୌଶଳ ଜାଣିନଥିଲେ, ସେ ଅଳ୍ପ ପରିଶ୍ରମରେ ଅଧିକ ଉତ୍ପାଦନ କରିବାକୁ ସମର୍ଥ ହେବ ନାହିଁ । କାରିଗରୀ କୌଶଳ ପ୍ରୟୋଗରେ ଗୁଣାତ୍ମକ ଉତ୍ପାଦନ ହେବ ଅବା ଗୁଣାତ୍ମକ ନିର୍ମାଣ କାର୍ଯ୍ୟସଂପାଦିତ ହେବ । ସେଥିପାଇଁ କେନ୍ଦ୍ର ସରକାର ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଇ ଦକ୍ଷତା ବିକାଶ ପାଇଁ ସ୍ୱତନ୍ତ୍ର କମିଶନ ଗଠନ କରିଛନ୍ତି । ଦକ୍ଷତା ବିକାଶ କ୍ଷେତ୍ରରେ ଗ୍ରାମାଞ୍ଚଳବାସୀ କିପରି ଉପକୃତ ହେବେ ସେଥିପାଇଁ ଅର୍ଥମନ୍ତ୍ରୀ ୪ହଜାର ୫ଶହ କୋଟି ବ୍ୟୟବରାଦ କରିଛନ୍ତି । ଏହାଦ୍ୱାରା ଅନେକ ଯୁବକ ଯୁବତୀ ତାଲିମ ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଅର୍ଜନ କରିବେ । ଏହି ତାଲିମ ପ୍ରାପ୍ତ ଯୁବକ ଯୁବତୀମାନେ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ପାଇ ପାରିବେ ଅବା ନିଜ ଦକ୍ଷତା ପ୍ରୟୋଗରେ ଆତ୍ମନିଯୁକ୍ତି ପାଇଁ ନିଜେ ଛୋଟ ଉଦ୍ୟୋଗ ସ୍ଥାପନ କରି ନିଜନିଜର ରୋଜଗାର ବଢ଼ାଇବେ । ଯେଉଁମାନେ ଆତ୍ମନିଯୁକ୍ତି ପାଇଁ ଉଦ୍ୟୋଗ ସ୍ଥାପନ କରିବେ, ସେମାନେ କିପରି ବ୍ୟାଙ୍କରୁ ଋଣ ପାରିବେ ତାହାର ବ୍ୟବସ୍ଥା ସରକାର କରିବେ ବୋଲି ଅର୍ଥମନ୍ତ୍ରୀ ଅର୍ଥ ବଜେଟ୍ ଭାଷଣରେ ସୂଚନା ଦେଇଛନ୍ତି । ଗ୍ରାମାଞ୍ଚଳ ମାନଙ୍କରେ ଉପଯୁକ୍ତ ତାଲିମ ପ୍ରାପ୍ତ ରାଜମିସ୍ତ୍ରୀ ଆବଶ୍ୟକ ସଂଖ୍ୟାରେ ମିଳୁ ନାହାନ୍ତି । ଗ୍ରାମାଞ୍ଚଳରେ ବିଭିନ୍ନ ପ୍ରକାର ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେଉଥିବାରୁ ଦକ୍ଷ ରାଜମିସ୍ତ୍ରୀ ଦରକାର ପଡୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳରେ କିପରି ଦକ୍ଷ ରାଜମିସ୍ତ୍ରୀ ମିଳିବେ ସେଥିପାଇଁ ୨୦୧୭-୧୮ ବଜେଟ୍‌ରେ ବ୍ୟୟବରାଦ ହୋଇଛି ରାଜମିସ୍ତ୍ରୀ କାମ ପାଇଁ ତାଲିମ ଦେବା ପାଇଁ।

**ମହିଳା ସଶକ୍ତିକରଣ:** ଦେଶର ଲୋକସଂଖ୍ୟାର ଅର୍ଦ୍ଧେକ ହେଲେ ମହିଳା । ଦେଶର ବିକାଶର ଧାରାକୁ ଯଦି ଶଗଡ଼ ସହ ତୁଳନା କରାଯାଏ ତେବେ ସେହି ଶଗଡ଼ର ଦୁଇଟି ଚକା ହେଲେ ପୁରୁଷ ଓ ମହିଳା । ସୁତରାଂ ଉଭୟ ପୁରୁଷ ଓ ମହିଳା ସମାନ ସଶକ୍ତ ନହେଲେ ବିକାଶର ଶଗଡ଼ର ଗତି ଆଶାନୁରୂପ ହେବ ନାହିଁ । ଆମ ସମାଜରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ପୂର୍ବରୁ ଅବହେଳା କରାଯାଇଥିବାରୁ ଆମର ସାମଗ୍ରିକ ବିକାଶ ତ୍ୱରାନ୍ୱିତ ହୋଇ ପାରୁ ନାହିଁ । ଧୀରେ ଧୀରେ ମହିଳା ସଶକ୍ତିକରଣ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇ ମହିଳାମାନଙ୍କୁ ବିକାଶର ଧାରାରେ ସାମିଲ ହେବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଅର୍ଥମନ୍ତ୍ରୀ ତାଙ୍କ ବଜେଟ୍‌ରେ ମହିଳା ସଶକ୍ତିକରଣ ପାଇଁ ଓ ମହିଳାମାନଙ୍କର ମୌଳିକ ସମସ୍ୟା ଦୂର କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି । ଦେଶରେ ୧୪ଲକ୍ଷ ଅଙ୍ଗନବାଡ଼ି କେନ୍ଦ୍ର ଅଛି । ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ସ୍ଥାପିତ ହେବ ମହିଳା ଶକ୍ତି କେନ୍ଦ୍ର । ଏଥିପାଇଁ ୫ଶହ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ବଜେଟ୍‌ରେ । ଏହି କେନ୍ଦ୍ର ମହିଳାମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଉପଲବ୍ଧ କରାଇବ। ଗ୍ରାମ୍ୟ ମହିଳାମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ତାଲିମ ଦିଆଯିବ । ଦକ୍ଷ ମହିଳାମାନେ ନିଜନିଜର ଆତ୍ମନିଯୁକ୍ତି କରି ପରିବାରର ଆୟ ବୃଦ୍ଧିରେ ସାହାଯ୍ୟ କରିବେ, କିପରି କମ୍ପ୍ୟୁଟର ପରିଚାଳନା କରିବାକୁ ହେବ, ମୋବାଇଲ୍ ଆଦି ସାହାଯ୍ୟରେ କ୍ୟାସଲେସ୍ ପ୍ରକ୍ରିୟାକୁ ଆପଣେଇବେ ତାହା ଶିଖାଇ ଦିଆଯିବ । ସାର୍ବଜନୀନ ସ୍ୱାସ୍ଥ୍ୟରକ୍ଷା ଓ ପୁଷ୍ଟି ବିଜ୍ଞାନ ସମ୍ପର୍କରେ ଶିକ୍ଷା ଦିଆଯିବ ଯାହା ଫଳରେ ପରିବାର ସ୍ୱାସ୍ଥ୍ୟରକ୍ଷା ପାଇଁ ଓ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ସଚେତନ ହେବେ ସେମାନେ । ଗର୍ଭବତୀ ମହିଳାଙ୍କୁ ୬ହଜାର ଟଙ୍କା ଲେଖା ଅନୁଦାନ ଦେବା ପାଇଁ ପ୍ରଧାନମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ । ତାହାକୁ ଅର୍ଥମନ୍ତ୍ରୀ ତାଙ୍କ ବଜେଟ୍ ଭାଷଣରେ ପୁଷ୍ଟ କରିଛନ୍ତି । ଯେଉଁମାନେ ଡାକ୍ତଖାନାରେ ପ୍ରସବ କରିବେ ସେହିମାନଙ୍କ ପାଇଁ ଏ ସୁବିଧାର ବ୍ୟବସ୍ଥା ହୋଇଛି । ଏହା ସିଧା ସଳଖ ଗର୍ଭବତୀ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ। ଅର୍ଥ ବାଟମାରଣା ହେବ ନାହିଁ । ବିଭିନ୍ନ ଯୋଜନା ମାଧ୍ୟମରେ ଏବଂ ବିଭାଗ ବିଭିନ୍ନ ମାଧ୍ୟମରେ ମହିଳା ଓ ଶିଶୁମାନଙ୍କର ମଙ୍ଗଳ ପାଇଁ ପୂର୍ବବର୍ଷ ୫୬ହଜାର ୫୨୮କୋଟି

ଟଙ୍କା ଖର୍ଚ୍ଚ ହେବାର ଆକଳନ କରାଯାଇଥିବାବେଳେ ୨୦୧୭-୧୮ ବର୍ଷ ପାଇଁ ବ୍ୟୟ ବରାଦ ହୋଇଛି ୮୪ହଜାର ୬୩୨କୋଟି ଟଙ୍କା । ମହିଳା ଓ ଶିଶୁ କଲ୍ୟାଣ ପାଇଁ ଅର୍ଥମନ୍ତ୍ରୀ ଅଗ୍ରାଧିକାର ଦେଇଛନ୍ତି ଆଉ ଏହା ଫଳରେ ଗାଁ ଗହଳରେ ଅବହେଳିତ ହୋଇ ରହୁଥିବା ମହିଳା ଓ ଶିଶୁମାନେ ବିଶେଷ ଭାବରେ ଉପକୃତ ହେବେ ବୋଲି ନିଃସନ୍ଦେହରେ କୁହାଯାଇପାରେ ।

**ଆଦିବାସୀ, ଦଳିତ, ସଂଖ୍ୟାଲଘୁଙ୍କ ବିକାଶ:** ଆମ ସମାଜରେ ପ୍ରତ୍ୟେକ ବର୍ଗର ଲୋକ କିପରି ନ୍ୟାୟ ପାଇବେ ଏବଂ ଦେଶର ବିକାଶର ଧାରାରେ ସାମିଲ ହୋଇ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବେ ସେଥିପାଇଁ ଅର୍ଥମନ୍ତ୍ରୀ ତାଙ୍କ ବଜେଟ୍‌ରେ ସେହିସବୁ ବର୍ଗର ମଙ୍ଗଳ ପାଇଁ ସ୍ୱତନ୍ତ୍ର ଭାବେ ବ୍ୟୟ ବରାଦ କରିଛନ୍ତି । ଦଳିତବର୍ଗର ମଙ୍ଗଳ ପାଇଁ ପୂର୍ବବର୍ଷ ୩୮,୮୩୩ ଟଙ୍କାର ବ୍ୟୟ ବରାଦ ହୋଇଥିବାବେଳେ ୨୦୧୭-୧୮ ପାଇଁ ଏହାକୁ ବୃଦ୍ଧି କରି ୫୨ହଜାର ୩୯୩ କୋଟି ଟଙ୍କା ରଖାଯାଇଛି। ସେହିପରି ଆଦିବାସୀ ମଙ୍ଗଳ ପାଇଁ ୩୧ହଜାର ୯୨୦ କୋଟି ଟଙ୍କା ଏବଂ ସଂଖ୍ୟାଲଘୁଙ୍କ ପାଇଁ ୪ହଜାର ୧୯୫କୋଟି ଟଙ୍କା ରଖାଯାଇଛି । କେବଳ ବ୍ୟୟବରାଦ କରାଯାଇ ନାହିଁ ତାହା କିପରି ପ୍ରକୃତ କ୍ଷେତ୍ରରେ କାର୍ଯ୍ୟକାରୀ ହେବ ସେଥିପାଇଁ ତଦାରଖ କରିବାର ବ୍ୟବସ୍ଥା ହୋଇଛି ।

**ବରିଷ୍ଠ ନାଗରିକଙ୍କ ଯତ୍ନ:** ଆଜିର ବରିଷ୍ଠ ନାଗରିକମାନେ ସେମାନଙ୍କର ବୃତ୍ତିଗତ ଜୀବନକାଳ ମଧ୍ୟରେ ସମାଜର ବିକାଶ ପାଇଁ କାର୍ଯ୍ୟକରି ଅବସର ନେଇଛନ୍ତି। ସେମାନଙ୍କର ପୂର୍ବର ଅଭିଜ୍ଞତା ଦେଶ ପାଇଁ ଅମୂଲ୍ୟ ସଂପଦ । ସେମାନେ ସମାଜକୁ ଦିଗ୍‌ଦର୍ଶନ ଦେଉଛନ୍ତି ଏବଂ ସାଧ୍ୟମତେ ମଧ୍ୟ କାର୍ଯ୍ୟରତ । ସେମାନଙ୍କର ସ୍ୱାସ୍ଥ୍ୟର ଯତ୍ନ ନେବା ରାଷ୍ଟ୍ରର କର୍ତ୍ତବ୍ୟ । ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟାବସ୍ଥାର ସୂଚନା ଆଧାର କାର୍ଡକୁ ଆଧାର କରି ସ୍ମାର୍ଟ ହେଲ୍‌ଥ କାର୍ଡ ପ୍ରସ୍ତୁତ ହେବ । ପ୍ରଥମେ ୨୦୧୭-୧୮ ଆର୍ଥିକ ବର୍ଷରେ ୧୫ଟି ଜିଲ୍ଲାରେ ନମୂନା ସ୍ୱରୂପ କାର୍ଯ୍ୟକାରୀ ହେବ । ଜୀବନ ବୀମା ନିଗମ ମାଧ୍ୟମରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ପେନ୍‌ସନ୍ ଯୋଜନା କାର୍ଯ୍ୟକାରୀ ହେବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି ।

ଅର୍ଥମନ୍ତ୍ରୀ ସୀମିତ ସମ୍ବଳକୁ ଅତି ସତର୍କତାର ସହ ବିଚାର ଆଲୋଚନା କରି ବିଭିନ୍ନ ବର୍ଗର ବିକାଶ ପାଇଁ ବ୍ୟୟ ବରାଦ କରିବା ସହିତ ସମାଜର ଦୁର୍ବଳ ଶ୍ରେଣୀର ଲୋକେ କିପରି ନ୍ୟାୟ ପାଇବେ ଏବଂ ନିଜର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବେ, ସେଥିପାଇଁ ପୂର୍ବାପେକ୍ଷା ଅଧିକ ବ୍ୟୟବରାଦ କରିବା ସହିତ ନୂତନ ଯୋଜନା କାର୍ଯ୍ୟକାରୀ କରିବାକୁ ବିଭିନ୍ନ ପ୍ରସ୍ତାବ ରଖିଛନ୍ତି ତାଙ୍କ ବଜେଟ୍ ଅଭିଭାଷଣରେ । କିନ୍ତୁ ଏସବୁ ବ୍ୟୟର କିପରି ସଦୁପଯୋଗ ହେବ ତାକୁ ନିଶ୍ଚିତ ନକଲେ ଅଧିକ ବ୍ୟୟବରାଦରୁ ଦୁର୍ବଳ ଶ୍ରେଣୀର ଲୋକେ ଆଶାନୁରୂପ ଲାଭ ଉଠାଇ ପାରିବେ ନାହିଁ । କେନ୍ଦ୍ର ସରକାର ଯେଉଁସବୁ ଯୋଜନା କରୁଛନ୍ତି ସେଥିରୁ ଅଧିକାଂଶ ରାଜ୍ୟସରକାରଙ୍କ ଦ୍ୱାରା ପ୍ରକୃତ କ୍ଷେତ୍ରରେ କାର୍ଯ୍ୟକାରୀ ହେବ । ସୁତରାଂ ଯେଉଁ ରାଜ୍ୟ ଯେତେ ଅଧିକ ଦକ୍ଷ ସେ ରାଜ୍ୟ ଏହିସବୁ ଯୋଜନାରୁ ଅଧିକ ଲାଭବାନ ହେବ।

ଗ୍ରାମାଞ୍ଚଳ ବିକାଶ ପାଇଁ ୨୦୧୭-୧୮ରେ ମୋଟ୍ ବ୍ୟୟବରାଦ ହୋଇଛି ୧ଲକ୍ଷ ୮୨ହଜାର ୨୨୩କୋଟି ଟଙ୍କା । ପୂର୍ବବର୍ଷ ତୁଳନାରେ ଏହା ୨୪ପ୍ରତିଶତ ଅଧିକ । ଆମର ଜିଡିପିର ଅଭିବୃଦ୍ଧି ବାର୍ଷିକ ୭ପ୍ରତିଶତ ମଧ୍ୟରେ ହେବ ବୋଲି ଆକଳନ କରାଯାଉଥିବା ବେଳେ ଗ୍ରାମାଞ୍ଚଳବିକାଶ ପାଇଁ ବ୍ୟୟବରାଦରେ ୨୪ପ୍ରତିଶତ ଅଭିବୃଦ୍ଧି ନିଶ୍ଚିତ ଭାବରେ ସରକାର ଗ୍ରାମାଞ୍ଚଳ ବିକାଶକୁ କିପରି ଗୁରୁତ୍ୱ ଦେଉଛନ୍ତି ତାହା ଅତି ସ୍ୱଷ୍ଟ ।

ଗାଁ, ଗରିବ, ସମାଜର ଦୁର୍ବଳ ଶ୍ରେଣୀର ବିକାଶ ପାଇଁ ଅଧିକ ବ୍ୟୟବରାଦ କରିବା ସହିତ ଅନ୍ୟବର୍ଗର ଲୋକଙ୍କୁ ଅସନ୍ତୁଷ୍ଟ ନ କରି ରାଜକୋଷରେ ନିଅଣ୍ଟକୁ ୩.୨ ପ୍ରତିଶତ ମଧ୍ୟରେ ସୀମିତ ରଖିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ଅର୍ଥମନ୍ତ୍ରୀ । ଏହା ଫଳରେ ମୁଦ୍ରାସ୍ଫୀତି ସୀମା ଭିତରେ ରହିବ ଏବଂ ଦରଦାମ୍ ବୃଦ୍ଧିରେ ରୋକ୍ ଲାଗିବ ବୋଲି ଆଶା କରାଯାଏ । ଗାଁ, ଗରିବ, ସମାଜର ଦୁର୍ବଳ ଶ୍ରେଣୀର ବିକାଶ ପାଇଁ ସରକାର ଯେ ଅତି ସହାନଭୂତିଶୀଳ, ତାହା ୨୦୧୭-୧୮ ବଜେଟ୍‌ରେ ଜଳଜଳ ଦେଖାଯାଉଛି ।

ଲେଖକ ଜଣେ ବରିଷ୍ଠ ସ୍ତମ୍ଭକାର।

# ନିଟ୍‌ରେ ଓଡ଼ିଆ ଭାଷା ସାମିଲ୍

ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା (ନିଟ୍)ରେ ଓଡ଼ିଆ ଭାଷାକୁ ମାଧ୍ୟମ ଭାବେ ସାମିଲ୍ କରାଯାଇଥିବା ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଜଗତ ପ୍ରକାଶ ନଡ୍ଡା କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଧିବଦ୍ଧ ପତ୍ର ଲେଖି ଅବଗତ କରାଇଛନ୍ତି। ଏହି ପତ୍ରରେ ଶ୍ରୀ ନଡ୍ଡା କହିଛନ୍ତି ଯେ, ଶ୍ରୀ ପ୍ରଧାନ ଓଡ଼ିଆ ଭାଷାକୁ ନିଟ୍ ପରୀକ୍ଷାରେ ମାଧ୍ୟମ ଭାବେ ସାମିଲ କରିବାକୁ ପତ୍ର ଲେଖିବା ପରେ ଓଡ଼ିଆକୁ ମାଧ୍ୟମ ଭାବେ ସାମିଲ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଗତ ଡିସେମ୍ବର ୨୨ ତାରିଖରେ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଆ ଭାଷାକୁ ନିଟ୍ ପରୀକ୍ଷାର ମାଧ୍ୟମ ଭାବେ ସାମିଲ କରିବାକୁ ଅନୁରୋଧ କରି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ପତ୍ର ଲେଖିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ସରକାର ନିଟ୍ ପରୀକ୍ଷାରେ ଇଂରାଜୀ ଛଡ଼ା ଅନ୍ୟ ଭାରତୀୟ ଭାଷାରେ ପରୀକ୍ଷା ପାଇଁ ବିଧିବଦ୍ଧ ନିଷ୍ପତ୍ତି ନେଇଥିଲେ। ଯେଉଁ ରାଜ୍ୟମାନେ ସେମାନଙ୍କ ମାତୃଭାଷାରେ ପରୀକ୍ଷାପାଇଁ ଆଗ୍ରହୀ, ସେମାନଙ୍କ ପାଇଁ ଏହି ବ୍ୟବସ୍ଥା କରାଯିବା ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଘୋଷଣା କରିଥିଲା।

# ବଜେଟ୍-୨୦୧୭ - ରିୟଲ୍ ଇଷ୍ଟେଟ କ୍ଷେତ୍ର ପାଇଁ ସମ୍ଭାବ୍ୟ ରୂପାନ୍ତରଣ

**ଡକ୍ଟର ରଞ୍ଜିତ୍ ମେହଟ୍ଟା**

**ବ**ଜେଟ୍ ୨୦୧୭ ବିଭିନ୍ନ ଦିଗରୁ ଏକ ଅସାଧାରଣ ବଜେଟ। ପ୍ରଥମତଃ ଏଥିରେ ସରକାର ଯୋଜନା ଓ ଅଣ-ଯୋଜନା ବ୍ୟୟର ଶ୍ରେଣୀବିଭାଗ ବଦଳରେ ରାଜସ୍ୱ ବ୍ୟୟ ଓ ପୁଞ୍ଜିଗତ ବ୍ୟୟ ଭାବରେ ଶ୍ରେଣୀବିଭାଗ କରିଛନ୍ତି। ଦ୍ୱିତୀୟତଃ ୯୨ ବର୍ଷର ପରମ୍ପରା ଭଙ୍ଗ କରି ଚଳିତ ବଜେଟରେ ରେଳ ବଜେଟ୍ ଓ ସାଧାରଣ ବଜେଟ୍‌କୁ ମିଶାଇ ଦିଆଯାଇଛି। ଏହି ଦୁଇଟିଯାକ ପଦକ୍ଷେପ ସଠିକ୍ ଦିଗରେ କାର୍ଯ୍ୟକାରୀ ହୋଇଥିବା ଓ ଏହାଦ୍ୱାରା ସୁଫଳ ମିଳିବ ବୋଲି ଆଶା କରାଯାଏ।

ସାଧାରଣତଃ ଅର୍ଥନୈତିକ ମାନ୍ଦାବସ୍ଥା ସମୟରେ ଯେତେବେଳେ ଅର୍ଥମନ୍ତ୍ରୀ ବାର୍ଷିକ ବଜେଟ୍ ପ୍ରସ୍ତୁତ କରିଥାଆନ୍ତି ସେତେବେଳେ ଅର୍ଥନୈତିକ ଅଭିବୃଦ୍ଧି ପାଇଁ କେବଳ ଦୁଇଟି ଦିଗ ପ୍ରତି ଧ୍ୟାନ ଦେଇଥାଆନ୍ତି। ତାହା ହେଲା ଚାହିଦା ଦିଗ ଏବଂ ଯୋଗାଣ ଦିଗ ବା ଏହି ଉଭୟ ଦିଗର ମିଶ୍ରଣ। ଚାହିଦାମୂଳକ ଅଭିବୃଦ୍ଧି ହେଉଛି ବ୍ୟବହାର ସମ୍ପର୍କିତ ଅଭିବୃଦ୍ଧି ଯାହା ନିମ୍ନ ପ୍ରତ୍ୟକ୍ଷ ଓ ପରୋକ୍ଷ କର ହାର ଦ୍ୱାରା ତ୍ୱରାନ୍ୱିତ ହୋଇ ଉପଭୋକ୍ତାଙ୍କ ହାତରେ ବ୍ୟବହାର ପାଇଁ ଅଧିକ କିଛି ଛାଡିଦେଇଥାଏ। ଏହି ସମୟରେ ରିହାତି ସାମଗ୍ରୀ ଓ ମାଗଣା ସୁବିଧା ଯୋଗୁଁ ସାମଗ୍ରୀ ଓ ସେବାର ଚାହିଦା ବଢ଼ିଥାଏ ଓ ଅର୍ଥନୀତି ଦୃଢ଼ ହୁଏ। ତେବେ ଅର୍ଥମନ୍ତ୍ରୀମାନେ ଗୋଟିଏ ବଦଳରେ ଅନ୍ୟଟିକୁ ସମ୍ପୂର୍ଣ୍ଣ ଚୟନ ନ କରି ଉଭୟ ଚାହିଦା ଓ ଯୋଗାଣ ଦିଗ ପ୍ରତି ଧ୍ୟାନ ଦେଇ ଅର୍ଥନୈତିକ ଅଭିବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଥାଆନ୍ତି।

୨୦୧୭ ବଜେଟରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଭାରତୀୟ ଅର୍ଥନୀତିରେ ଚାହିଦାମୂଳକ ଅଭିବୃଦ୍ଧି ସ୍ଥାନରେ ନିବେଶମୂଳକ ଅଭିବୃଦ୍ଧିକୁ ଚୟନ କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଦେଶର ଉଦ୍ୟୋଗ ଓ ଉପଭୋକ୍ତା ଜଗତର ମନୋଭାବରେ କିଛିଟା ଅବନତି ପରିଲକ୍ଷିତ ହୋଇଥିବାବେଳେ କର ହ୍ରାସ ଜରିଆରେ ଉପଭୋକ୍ତାଙ୍କ ମଧ୍ୟରେ ଚାହିଦା ବୃଦ୍ଧି କରିବା ସମ୍ଭାବନା କ୍ଷୀଣ ରହିଥିଲା। ତେବେ ନିରନ୍ତର ଓ ନିଶ୍ଚିତ ଅଭିବୃଦ୍ଧି ପାଇଁ ସରକାରୀ ନିବେଶ ବୃଦ୍ଧି କରି ପରିସ୍ଥିତି ଉପରେ ନିୟନ୍ତ୍ରଣ ଆଣିବା ହିଁ ସଠିକ୍ ନିଷ୍ପତ୍ତି ହୋଇପାରେ।

ଅର୍ଥମନ୍ତ୍ରୀ ଚଳିତ ବଜେଟରେ ଅର୍ଥନୀତିରେ ନିବେଶ ବା ଯୋଗାଣ କ୍ଷେତ୍ରକୁ ଗୁରୁତ୍ୱ ଦେବା ସହ ସମସ୍ତ ସମ୍ବଳର ବ୍ୟବହାର ପାଇଁ ପଦକ୍ଷେପ ନେଇଛନ୍ତି। ଭିତ୍ତିଭୂମି ନିର୍ମାଣ ପାଇଁ ୩.୯୬ ଲକ୍ଷ କୋଟି, ଉଦୟ ଯୋଜନା ଅଧିନରେ ଉଦ୍ୟୋଗୀମାନଙ୍କୁ ଋଣ ଦେବା ପାଇଁ ୨.୪୪ ଲକ୍ଷ କୋଟି, ଗ୍ରାମୀଣ, କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୧.୮୫ ଲକ୍ଷ କୋଟି, ଗ୍ରାମାଂଚଳରେ ଏମ୍‌ଜିଏନ୍‌ଆରିଜିଏ ଅଧିନରେ ଉତ୍ପାଦନକ୍ଷମ ଭିତ୍ତିଭୂମୀ ନିର୍ମାଣ ପାଇଁ ୪୮,୦୦୦ କୋଟି ଏବଂ ମହିଳା ଓ ଶିଶୁ ସମ୍ପର୍କିତ ବିଭିନ୍ନ ଯୋଜନା ପାଇଁ ୧.୮୪ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ପ୍ରକଳ୍ପ ଗୁଡିକ ଅନୁବନ୍ଧିତ କ୍ଷେତ୍ରଗୁଡିକ ପାଇଁ ପର୍ଯ୍ୟାପ୍ତ ଚାହିଦା ସୃଷ୍ଟି କରିବ ଯାହା ଅଧିକ ଅର୍ଥନୈତିକ କାରବାର ବୃଦ୍ଧି କରିବ ବୋଲି ଆଶା କରାଯାଏ।

ଉଭୟ ଚାହିଦା ଓ ଯୋଗାଣ ଭିତ୍ତିକ ଅର୍ଥନୀତିର ଲକ୍ଷ୍ୟ ହେଲା ଅର୍ଥନୀତିକୁ କାର୍ଯ୍ୟକ୍ଷମ କରାଇବା। ଚାହିଦା ଭିତ୍ତିକ

> ଅର୍ଥମନ୍ତ୍ରୀ ଚଳିତ ବଜେଟରେ ଅର୍ଥନୀତିରେ ନିବେଶ ବା ଯୋଗାଣ କ୍ଷେତ୍ରକୁ ଗୁରୁତ୍ୱ ଦେବା ସହ ସମସ୍ତ ସମ୍ବଳର ବ୍ୟବହାର ପାଇଁ ପଦକ୍ଷେପ ନେଇଛନ୍ତି। ଭିତ୍ତିଭୂମି ନିର୍ମାଣ ପାଇଁ ୩.୯୬ ଲକ୍ଷ କୋଟି, ଉଦୟ ଯୋଜନା ଅଧିନରେ ଉଦ୍ୟୋଗୀମାନଙ୍କୁ ଋଣ ଦେବା ପାଇଁ ୨.୪୪ ଲକ୍ଷ କୋଟି, ଗ୍ରାମୀଣ, କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୧.୮୫ ଲକ୍ଷ କୋଟି, ଗ୍ରାମାଂଚଳରେ ଏମ୍‌ଜିଏନ୍‌ଆରିଜିଏ ଅଧିନରେ ଉତ୍ପାଦନକ୍ଷମ ଭିତ୍ତିଭୂମୀ ନିର୍ମାଣ ପାଇଁ ୪୮,୦୦୦ କୋଟି ଏବଂ ମହିଳା ଓ ଶିଶୁ ସମ୍ପର୍କିତ ବିଭିନ୍ନ ଯୋଜନା ପାଇଁ ୧.୮୪ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ପ୍ରକଳ୍ପ ଗୁଡିକ ଅନୁବନ୍ଧିତ କ୍ଷେତ୍ରଗୁଡିକ ପାଇଁ ପର୍ଯ୍ୟାପ୍ତ ଚାହିଦା ସୃଷ୍ଟି କରିବ ଯାହା ଅଧିକ ଅର୍ଥନୈତିକ କାରବାର ବୃଦ୍ଧି କରିବ ବୋଲି ଆଶା କରାଯାଏ।

ଅଭିବୃଦ୍ଧି ତତ୍‌କ୍ଷଣାତ୍ ଯେପରିକି ତିନି ମାସ ମଧ୍ୟରେ ଉପଯୋଗ ବୃଦ୍ଧି କରିଥାଏ। ଅନ୍ୟପକ୍ଷରେ ନିବେଶଭିତ୍ତିକ ଅର୍ଥନୀତିର ମନ୍ଥର ପ୍ରଭାବ ଦେଖିବାକୁ ମିଳିଥାଏ। ଏହା କେବଳ ମୋଟ୍ ଘରୋଇ ଉତ୍ପାଦ ବୃଦ୍ଧିରେ ଦେଖିବାକୁ ମିଳିଥାଏ ଏବଂ ଏହାର ପ୍ରଭାବ ପ୍ରାୟ ୩ ମାସ ପରେ ଜଣାପଡିଥାଏ। ଏହି ପରିପ୍ରେକ୍ଷୀରେ ପ୍ରାୟ ୨୬୫ଟି ସହାୟକ କ୍ଷେତ୍ର ସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡିତ ଭାରତୀୟ ରିୟଲ୍ ଇଷ୍ଟେଟ୍ କ୍ଷେତ୍ରର ତତ୍‌କ୍ଷଣାତ୍ ବିକାଶ ଆବଶ୍ୟକ ଥିଲା।

ରିୟଲ ଇଷ୍ଟେଟ୍ କ୍ଷେତ୍ର ବର୍ତ୍ତମାନ ସମୟରେ ବହୁ ପ୍ରଗତୀ କରୁଛି ଏବଂ ଭାରତୀୟ ଅର୍ଥନୀତିକୁ ସଶକ୍ତ କରିବାରେ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି। ମାତ୍ର ବିମୁଦ୍ରୀକରଣ ପରେ ଏହି କ୍ଷେତ୍ରରେ ମାନ୍ଦାବସ୍ଥା ଦେଖାଦେଇଛି। ଏହି କ୍ଷେତ୍ର ଏହାର କାୟା ପରିବର୍ତନ କରି ବିଭାଜିତ ଅସଂଗଠିତ କ୍ଷେତ୍ରରୁ ବର୍ତ୍ତମାନ ବିଶ୍ୱର ବିକଶିତ ଅର୍ଥନୈତିକ ଦେଶଗୁଡିକର ରିୟଲ୍ ଇଷ୍ଟେଟ୍ କ୍ଷେତ୍ର ଭଳି ଢାଂଚାଗତ ଓ ସଂଗଠିତ କ୍ଷେତ୍ର ଭାବେ ନିଜକୁ ଗଠନ କରୁଛି। ଅନ୍ତର୍ଜାତୀୟ ସ୍ତରରେ ଭାରତର ବୃଦ୍ଧି ପାଉଥିବା ପ୍ରାଧାନ୍ୟ ଏହି କ୍ଷେତ୍ରରେ ଥିବା ସମ୍ଭାବନା ଓ ସାମର୍ଥ୍ୟ ଉପରେ ସକରାତ୍ମକ ପ୍ରଭାବ ପକାଉଛି।

୨୦୧୭-୧୮ କେନ୍ଦ୍ରୀୟ ବଜେଟରୁ ରିୟଲ୍ ଇଷ୍ଟେଟ୍ କ୍ଷେତ୍ର ଲାଭାନ୍ୱିତ ହେବାକୁ ଆଶା ରଖିଥିବାବେଳେ ସୁଲଭ ବାସଗୃହ ଯୋଗାଣ କ୍ଷେତ୍ରକୁ ଭିତ୍ତିଭୂମୀ ମାନ୍ୟତା ନେଇ କରାଯାଇଥିବା ଘୋଷଣା ୨୦୨୨ ସୁଦ୍ଧା ସମସ୍ତଙ୍କ ପାଇଁ ବାସଗୃହ ଲକ୍ଷ୍ୟ ପୂରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସୁଲଭ ବାସଗୃହ ଯୋଗାଣ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିଥିବା ବ୍ୟବସାୟୀମାନଙ୍କ ପାଇଁ ଏହି ଘୋଷଣା ଏକ ବରଦାନ ସଦୃଶ। କେନ୍ଦ୍ର ସରକାର ୨୦୨୨ ସୁଦ୍ଧା ସମସ୍ତଙ୍କ ପାଇଁ ବାସଗୃହ ଯୋଜନା ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୩୦୫ଟି ସହରକୁ ଚିହ୍ନଟ କରିବା ସହ ୨୦୨୨ ସୁଦ୍ଧା ସହରାଂଚଳ ଗରିବମାନଙ୍କ ପାଇଁ ୨ କୋଟି ବାସଗୃହ ଯୋଗାଇଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏହାଦ୍ୱାରା ବର୍ତ୍ତମାନର ୨୯ ମିଲିୟନ୍ କାର୍ଯ୍ୟବଳ ସ୍ଥାନରେ ୨୦୩୦ ମସିହା ସୁଦ୍ଧା ୩୮ ମିଲିୟନ୍ କାର୍ଯ୍ୟବଳ ସୃଷ୍ଟି ହୋଇପାରିବ ଏବଂ ଏହା ସବୁଠାରୁ ବଡ ରୋଜଗାର ଯୋଗାଣକାରୀ କ୍ଷେତ୍ର ଭାବେ ପରିଗଣିତ ହେବ ବୋଲି ଅନୁମାନ କରାଯାଏ।

ବଜେଟ୍ ୨୦୧୭ ନିମ୍ନଲିଖିତ ୧୦ଟି ପ୍ରସଙ୍ଗକୁ ନେଇ ପ୍ରସ୍ତୁତ କରାଯାଇଛି ଏବଂ ଏହାର ଲକ୍ଷ୍ୟ ହେଲା ପରିବର୍ତ୍ତନ, କ୍ରିୟାଶୀଳତା ଏବଂ ସ୍ୱଚ୍ଛତା।

୧.କୃଷକ: ୫ ବର୍ଷ ମଧ୍ୟରେ ସେମାନଙ୍କ ଆୟ ଦୁଇଗୁଣା କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ

୨.ଗ୍ରାମୀଣ ଜନସଂଖ୍ୟା: ସେମାନଙ୍କୁ ରୋଜଗାର ଏବଂ ଅତ୍ୟାବଶ୍ୟକ ଭିତ୍ତିଭୂମି ଯୋଗାଇବା

୩.ଯୁବବର୍ଗ: ସେମାନଙ୍କୁ ଶିକ୍ଷାଗତ ଦକ୍ଷତା ଓ ଚାକିରୀ ମାଧ୍ୟମରେ କାର୍ଯ୍ୟଶୀଳ କରାଇବା

୪.ଗରିବ ଓ ଅବହେଳିତ: ସାମାଜିକ ସୁରକ୍ଷା ଓ ସୁଲଭ ବାସଗୃହ ବ୍ୟବସ୍ଥାକୁ ମଜବୁତ୍ କରାଇବା

୫.ଦକ୍ଷତା, ଉତ୍ପାଦନଶୀଳତା ଓ ଜୀବନର ମାନରେ ଉନ୍ନତି ଆଣିବା ପାଇଁ ଭିତ୍ତିଭୂମୀ ନିର୍ମାଣ କରିବା

୬.ଅର୍ଥନୈତିକ କ୍ଷେତ୍ର: ଉନ୍ନତ ଅନୁଷ୍ଠାନ ଦ୍ୱାରା ବିକାଶ ଓ ସ୍ଥାୟୀତ୍ୱ ବୃଦ୍ଧି କରିବା

୭. ସ୍ୱଚ୍ଛ, ଭରସାଯୋଗ୍ୟ ଓ ତ୍ୱରିତ କାର୍ଯ୍ୟ ପାଇଁ ଡିଜିଟାଲ୍ ଅର୍ଥନୀତି

୮.ଲୋକସେବା: ଜନସାଧାରଣଙ୍କ ଭାଗିଦାରୀରେ ଫଳପ୍ରଦ ଶାସନ ଓ ଉନ୍ନତ ସେବା ଯୋଗାଇଦେବା

୯.ଦୂରଦୃଷ୍ଟିସମ୍ପନ୍ନ ବିତ୍ତୀୟ ପରିଚାଳନା ଦ୍ୱାରା ସମ୍ବଳଗୁଡିକର ଫଳପ୍ରଦ ସନ୍ନିବେଶ ସୁନିଶ୍ଚିତ କରିବା ଏବଂ ଅର୍ଥନୈତିକ ସ୍ଥିରତା ବଜାୟ ରଖିବା

୧୦.ଟିକସ ପରିଚାଳନା: ସଚ୍ଚୋଟତାକୁ ସମ୍ମାନ

ରିୟଲ ଇଷ୍ଟେଟ୍ କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ନିମନ୍ତେ ୨୦୧୭ ବଜେଟ୍‌ରେ ଥିବା ପ୍ରମୁଖ ଦିଗ

- ସୁଲଭ ଗୃହନିର୍ମାଣ କ୍ଷେତ୍ରକୁ ଭିତ୍ତିଭୂମି ମାନ୍ୟତା ପ୍ରଦାନ କରାଯାଇଛି
- ୨୦୧୯ ସୁଦ୍ଧା ଏକ କୋଟି ଗ୍ରାମୀଣ ଘର ନିର୍ମାଣ କରାଯିବ
- ୨୦,୦୦୦ କୋଟି ଟଙ୍କାର ଋଣ ପାଇଁ ଜାତୀୟ ହାଉସିଂ ବ୍ୟାଙ୍କ୍ ପୁନଃ ଅର୍ଥ ଯୋଗାଇଦେବେ
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିମନ୍ତେ ୨୩,୦୦୦ କୋଟି ଟଙ୍କା ଯୋଗାଇ ଦିଆଯିବ
- ବିକ୍ରୀ ନହୋଇଥିବା ସମ୍ପତ୍ତି ଉପରେ ରିୟଲ ଇଷ୍ଟେଟ୍ ବ୍ୟବସାୟୀମାନଙ୍କୁ ଟିକସ ଛାଡ। କାରଣ ପୁଂଜିଗତ ଲାଭ ପ୍ରଦାନ କରିବାର ଉତ୍ତରଦାୟିତ୍ୱ ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ପର ବର୍ଷଠାରୁ ହିଁ ଲାଗୁ ହେବ
- ସୁଲଭ ଗୃହ ନିର୍ମାଣ କ୍ଷେତ୍ରରେ ୩୦ରୁ ୬୦ ବର୍ଗମିଟର ବିଲ୍ଟ ଅପ୍ ଏରିଆ ପରିବର୍ତ୍ତେ ୩୦ରୁ ୬୦ ବର୍ଗମିଟର କାର୍ପେଟ୍ ଏରିଆ ଲାଗୁ କରାଯିବ
- ସ୍ଥାୟୀ ସମ୍ପତ୍ତି ଉପରେ ପୁଞ୍ଜିଗତ ଲାଭ ଟିକସ ରଖିବା ସମୟସୀମା ୩ ବର୍ଷରୁ ୨ ବର୍ଷକୁ ହ୍ରାସ କରାଯାଇଛି।
- ବିକ୍ରୀ ନହୋଇଥିବା ସମ୍ପତ୍ତି ଉପରେ କାର୍ଯ୍ୟଶେଷ ସାର୍ଟିଫିକେଟ୍ ପାଇସାରିବାର ଏକ ବର୍ଷ ପର୍ଯ୍ୟନ୍ତ ଟିକସ ଛାଡ
- ୩ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ନଗଦ କାରବାର କରାଯାଇପାରିବ ନାହିଁ
- ଇନ୍ଦିରା ଆବାସ ଯୋଜନା ୬୦୦ ଜିଲ୍ଲାକୁ ସମ୍ପ୍ରସାରିତ କରାଯିବ
- ପୁଞ୍ଜିଗତ ଲାଭ ସୂଚକାଙ୍କ ସହ ଅନୁବନ୍ଧିତ କରିବା ସମୟ ୧-୪-୮୧ରୁ ୧-୪ ୨୦୦୧କୁ ପରିବର୍ତ୍ତନ କରାଗଲା

**ସୁଲଭ ଗୃହ ନିର୍ମାଣ କ୍ଷେତ୍ର ପାଇଁ ଭିତ୍ତିଭୂମି ମାନ୍ୟତା:** ଅର୍ଥନୈତିକ ସୁଧାର, ମୁଦ୍ରାସ୍ଫିତୀ ନିୟନ୍ତ୍ରଣ ଏବଂ ଦୂରଦର୍ଶୀ ଆର୍ଥିକ ପରିଚାଳନା ପାଇଁ ପ୍ରତିଶ୍ରୁତିବଦ୍ଧ କେନ୍ଦ୍ର ବଜେଟ୍ ୨୦୧୭ ବହୁ ଦିନଧରି ଦାବି ହୋଇଥିବା ସୁଲଭ ଗୃହ ନିର୍ମାଣ କ୍ଷେତ୍ରକୁ ଭିତ୍ତିଭୂମି ମାନ୍ୟତା ପ୍ରଦାନ କରିଥିବାରୁ ଏହା ମଧ୍ୟବିତ୍ତ ବର୍ଗ ଉପଭୋକ୍ତାଙ୍କ ଦୃଷ୍ଟିକୋଣରୁ ରିୟଲ୍ ଇଷ୍ଟେଟ୍ କ୍ଷେତ୍ରରେ ସକରାତ୍ମକ ପ୍ରଭାବ ପକାଇବା ଆଶା କରାଯାଏ। ଏହାଦ୍ୱାରା ୨୦୨୨ ସୁଦ୍ଧା ସମସ୍ତଙ୍କ ପାଇଁ ଘର ଯୋଜନା ଲକ୍ଷ୍ୟ ପୂରଣ କରିବା ପାଇଁ ଘରୋଇ ବ୍ୟବସାୟୀମାନଙ୍କ ମଧ୍ୟରେ ପ୍ରତିଯୋଗୀତା ବୃଦ୍ଧି ପାଇବ ଫଳରେ ମଧ୍ୟବି□ ଓ ନିମ୍ନ ମଧ୍ୟବିତ୍ତ ବର୍ଗର ଲୋକେ ସେମାନଙ୍କ ସ୍ୱପ୍ନର ପ୍ରଥମ ଘର କିଣିବାକୁ ଅଧିକ ବିକଳ୍ପ ପାଇପାରିବେ।

ଉଦ୍ୟୋଗଗୁଡିକ ରିୟଲ୍ ଇଷ୍ଟେଟ୍‌କୁ ଶିଳ୍ପର ମାନ୍ୟତା ଦେବାକୁ ମଧ୍ୟ ଦୀର୍ଘ ଦିନ ଧରି ଦାବି କରିଆସୁଥିଲେ । ରିୟଲ୍ ଇଷ୍ଟେଟ୍ କ୍ଷେତ୍ର ଶିଳ୍ପ, ବ୍ୟବସାୟ, ବିଲ୍ଡର ଓ ନିବେଶକାରୀ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇନଥିବାରୁ ରିୟଲ ଇଷ୍ଟେଟ୍ ବ୍ୟବସାୟୀମାନେ ଅଧିକ ସୁଧରେ ଋଣ ଆଣିବାକୁ ବାଧ୍ୟ ହୋଇଥାଆନ୍ତି । ଅଧିକ ସୁଧଯୁକ୍ତ ଋଣ ଆଣୁଥିବାରୁ କୋଠାବାଡି ନିର୍ମାଣକାରୀମାନେ ନିର୍ମାଣ କାର୍ଯ୍ୟ ପାଇଁ ପାଣ୍ଠି ଅଭାବର ସମ୍ମୁଖୀନ ହୋଇଥାଆନ୍ତି ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମଏଓ୍ୱାଇ) ଅଧିନରେ ସ୍ୱଳ୍ପ ମୂଲ୍ୟର ଗୃହ ନିର୍ମାଣ ପାଇଁ ଯୋଜନା ରହିଛି । ଏହି ଯୋଜନା ଅଧିନରେ ସରକାର ୯ ଲକ୍ଷରୁ ଅଧିକ ଋଣ ପାଇଁ ୪ ପ୍ରତିଶତ ସୁଧ ଓ ୧୨ଲକ୍ଷରୁ ଅଧିକ ଋଣ ପାଇଁ ୩ ପ୍ରତିଶତ ହାରରେ ସୁଧ ଘୋଷଣା କରିଛନ୍ତି । ତେବେ ଅର୍ଥନୈତିକ ଦୁର୍ବଳ ଶ୍ରେଣୀ ଓ ଅଳ୍ପ ଆୟକାରୀ ବର୍ଗ ଅଧିନରେ ଆସୁନଥିବା ବ୍ୟକ୍ତି ଏହି ସୁବିଧା ପାଇପାରିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ । ସରକାର ଏହି ପ୍ରକଳ୍ପଗୁଡିକ ଶେଷ ହେବାର ସମୟସୀମା ମଧ୍ୟ ୩ ବର୍ଷରୁ ୫ ବର୍ଷକୁ ବୃଦ୍ଧି କରିଛନ୍ତି । ଫଳରେ ଅଧିକ ପ୍ରକଳ୍ପ ଲାଭ ସହ ଜଡିତ ଆୟକର ଛାଡ ପାଇପାରିବେ । ସୁଲଭ ଗୃହ ନିର୍ମାଣ ପ୍ରକଳ୍ପର ବିଶେଷ ଚାହିଦା ଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏକ୍ଷେତ୍ରରେ ଆଶାନୁରୂପ ଘରୋଇ ବ୍ୟବସାୟୀମାନେ ଅଂଶଗ୍ରହଣ କରୁନଥିଲେ । ତେବେ ଲାଭ ସହ ଜଡିତ ଆୟକର ଛାଡ ସହ ସୁଲଭ ଗୃହ ନିର୍ମାଣ କ୍ଷେତ୍ରକୁ ଭିତ୍ତିଭୂମି ମାନ୍ୟତା ମିଳିବା ପରେ ଅଧିକ ସଂଖ୍ୟାରେ ବ୍ୟବସାୟୀ ଏହି ସୁଲଭ ଗୃହ ନିର୍ମାଣ ପାଇଁ ଆଗ୍ରହ ପ୍ରକାଶ କରିବା ସହିତ ଏ କ୍ଷେତ୍ରରେ ଘରୋଇ ବ୍ୟବସାୟୀଙ୍କ ସଂଖ୍ୟା ମଧ୍ୟ ବଢିପାରିବ ।

**ସ୍ୱଳ୍ପ ମୂଲ୍ୟ/ସୁଲଭ ଗୃହ ନିର୍ମାଣ ପ୍ରକଳ୍ପ ପାଇଁ ମାନଦଣ୍ଡ:** ସ୍ୱଳ୍ପ ମୂଲ୍ୟ/ସୁଲଭ ଗୃହ ନିର୍ମାଣ ପ୍ରକଳ୍ପ ପାଇଁ ମାନଦଣ୍ଡରେ ପରିବ□ନ କରାଯାଇ ୩୦/୬୦ ବର୍ଗ ମିଟର ବିଲ୍ଟ ଅପ୍ ଏରିଆକୁ ୩୦/୬୦ ବର୍ଗ ମିଟର କାର୍ପେଟ୍ ଏରିଆରେ ପରିଣତ କରାଯାଇଛି । ଏହାଦ୍ୱାରା ଏହି ପ୍ରକଳ୍ପ ଉଭୟ ବିଲ୍ଡର ଓ ଘର କିଣିବାକୁ ଇଚ୍ଛୁକ ଥିବା ବ୍ୟକ୍ତିଙ୍କ ପାଇଁ ଅଧିକ ଆକର୍ଷଣୀୟ ହୋଇପାରିଛି । ବିଲ୍ଟ ଅପ୍ ଏରିଆକୁ କାର୍ପେଟ ଏରିଆରେ ପରିଣତ କରିବା ଦ୍ୱାରା କ୍ରେତା ଘର ନିର୍ମାଣ ପାଇଁ ଅଧିକ ପ୍ରଶସ୍ତ ସ୍ଥାନ ପାଇପାରିବେ ଏବଂ ବିଲ୍ଡର ମଧ୍ୟ ଏହି ସମ୍ପତ୍ତିକୁ ବିକ୍ରୀ ପାଇଁ ଅଧିକ ସଂଖ୍ୟକ କ୍ରେତାଙ୍କୁ ଆକର୍ଷିତ କରିପାରିବେ । କେବଳ ୪ଟି ମେଟ୍ରୋ ସହରର ମହାନଗର ନିଗମ ଅଂଚଳରେ ୩୦ ବର୍ଗମିଟର ସୀମା ଲାଗୁ କରାଯାଇଥିବାବେଳେ ମେଟ୍ରୋ ସହରର ପାର୍ଶ୍ୱବର୍ତ୍ତୀ ଅଂଚଳ ସମେତ ଦେଶର ଅନ୍ୟ ସ୍ଥାନଗୁଡିକରେ ୬୦ବର୍ଗମିଟର ସୀମା ଲାଗୁ କରାଯିବ ।

**ସ୍ଥାବର ସମ୍ପତ୍ତିଗୁଡିକର ହୋଲଡିଂ ସମୟ ୩ ବର୍ଷରୁ ୨ ବର୍ଷକୁ ହ୍ରାସ:**
୨୦୧୭-୧୮ ବଜେଟ୍‌ରେ ସ୍ଥାୟୀ ସମ୍ପତ୍ତି ଉପରେ ହୋଲଡିଂ ସମୟକୁ ୩ ବର୍ଷରୁ ୨ ବର୍ଷକୁ ହ୍ରାସ କରାଯାଇଛି । ଏହା ଦୁଇ ବର୍ଷ ପରେ ସମ୍ପତି ବିକ୍ରୀ କରୁଥିବା ବ୍ୟକ୍ତିଙ୍କ ଉପରେ କର ବୋଝକୁ ନିଶ୍ଚିତ ହାଲୁକା କରିବା ସହ ରିୟଲ୍ ଇଷ୍ଟେଟ୍ କ୍ଷେତ୍ରରେ ନିବେଶ ପାଇଁ ଉତ୍ସାହିତ କରିବ । ସ୍ଥାବର ସମ୍ପତ୍ତି ଅକ୍ତିଆର କରିବା ପାଇଁ ସୂଚୀତ ଆଧାର ବର୍ଷକୁ ମଧ୍ୟ ସରକାର ପରିବର୍ତ୍ତନ କରିଛନ୍ତି । ପୂର୍ବରୁ ଥିବା ୧୯୮୧ ମସିହାର ଆଧାର ବର୍ଷକୁ ବଦଳାଇ ବର୍ତ୍ତମାନ ୨୦୦୧ ମସିହାକୁ ଆଧାର ବର୍ଷ ଭାବେ ସ୍ଥିର କରାଯାଇଛି । ଏହା ସ୍ଥାବର ସମ୍ପତି ଅକ୍ତିଆର ମୂଲ୍ୟକୁ ବୃଦ୍ଧି କରିବା ସହ ସମୁଦାୟ ପୁଞ୍ଜିଗତ ଲାଭ ହ୍ରାସ କରିବ । ଏଥିସହ ବିକ୍ରୀ ନହୋଇଥିବା ସମ୍ପତି ଉପରେ କାର୍ଯ୍ୟଶେଷ ସାର୍ଟିଫିକେଟ୍ ପାଇସାରିବାର ଏକ ବର୍ଷ ପର୍ଯ୍ୟନ୍ତ ଟିକସ ଛାଡ ନିଷ୍ପତ୍ତି ବିଲ୍ଡରମାନଙ୍କୁ ସାମନ୍ୟ ଆଶ୍ୱାସନା ଦେଇଛି ।

୨୦୧୬ ଶେଷ ଭାଗରେ ଲାଗୁ ହୋଇଥିବା ବିମୁଦ୍ରୀକରଣ ଯୋଗୁଁ ବର୍ତ୍ତମାନ ବ୍ୟାଙ୍କ୍‌ଗୁଡିକ ପାଖରେ ପର୍ଯ୍ୟାପ୍ତ ଟଙ୍କା ଉପଲବ୍ଧ ରହିଛି । ଏହାଦ୍ୱାରା ଦେଶର ପ୍ରମୁଖ ବ୍ୟାଙ୍କ୍‌ଗୁଡିକ ଋଣ ଉପରେ ସୁଧ ହାର ହ୍ରାସ କରିବା ସମ୍ଭାବନା ରହିଛି । ଏହି ସୁଧହାର ହ୍ରାସ କେବଳ ନୂଆ ଘର କିଣୁଥିବା ବ୍ୟକ୍ତିଙ୍କୁ ସୁହାଇବ ନାହିଁ ବରଂ ପୂର୍ବରୁ ଘର ପାଇଁ ଫ୍ଲେକ୍ସିବୁଲ୍ ହାଉସିଂ ଋଣ ନେଇଥିବା କ୍ରେତାମାନଙ୍କ ପାଇଁ ମଧ୍ୟ ଲାଭବାନ୍ ସାବ୍ୟସ୍ତ ହେବ । ବର୍ତ୍ତମାନ ଘର କିଣିବାକୁ ଚାହୁଁଥିବା ମାଲିକଙ୍କ ସହ ଯେଉଁମାନେ ପୂର୍ବରୁ ଅଧିକ ସୁଧରେ ଋଣ ଆଣି ଘର କରିବାକୁ ଚାହୁଁଥିବେ ସେମାନଙ୍କୁ ଏନଏଚବିର ପୁନଃ ଅର୍ଥପ୍ରଦାନ ଯୋଜନା ବେଶ୍ ସୁହାଇବ ।

**ସମ୍ପତ୍ତିର ବିକାଶ ନେଇ ସ୍ୱାକ୍ଷରିତ ଯୁଗ୍ମ ବିକାଶ ଚୁକ୍ତି ପାଇଁ ପୁଞ୍ଜିଗତ ଲାଭ ଟିକସରେ ପରିବର୍ତ୍ତନ:** କୌଣସି ସମ୍ପତ୍ତିର ବିକାଶ ପାଇଁ ଏହାର ଜମିମାଲିକ ଯୁଗ୍ମ ବିକାଶ ଚୁକ୍ତି କରିବାକୁ ଚାହୁଁଥିଲେ ପ୍ରକଳ୍ପ ଶେଷ ହେବା ପରେ ଏହା ଉପରେ ପୁଞ୍ଜିଗତ ଲାଭ ଟିକସ ପ୍ରଦାନ କରିବାକୁ ପଡିବ ବୋଲି ଚଳିତ ବଜେଟରେ ସ୍ପଷ୍ଟ କରାଯାଇଛି । ଏହା ଏକ ମହତ୍ୱପୂର୍ଣ୍ଣ ନିଷ୍ପତ୍ତି । ବିଭାଗ ସହ କୌଣସି ବିବାଦ ଦୂର କରିବା ଏବଂ ସ୍ୱଚ୍ଛତା ଆଣିବା ପାଇଁ ଏହି ନିଷ୍ପତ୍ତି ବେଶ୍ ଗୁରୁତ୍ୱପୂର୍ଣ୍ଣ । ଯୁଗ୍ମ ବିକାଶ ଚୁକ୍ତି ସ୍ୱାକ୍ଷରିତ ହେବା ଦ୍ୱାରା ପ୍ରକଳ୍ପ ଶେଷ ହେବା ବର୍ଷ ହିଁ ପୁଞ୍ଜିଗତ ଲାଭ ଟିକସ ପ୍ରଦାନ କରିବାକୁ ପଡିବ । ପୁଞ୍ଜିଗତ ଲାଭ ଟିକସ ହ୍ରାସ କରିବାର ଅନ୍ୟ ପଦକ୍ଷେପଗୁଡିକ ମଧ୍ୟରେ ଏହି ପଦକ୍ଷେପ କେବଳ ଜମି ମାଲିକ ମାନଙ୍କୁ ଟିକସ ଛାଡ ଆଶ୍ୱାସନା ଦେବ ନାହିଁ ବରଂ ବିଲ୍ଡର ଓ ବ୍ୟବସାୟୀମାନଙ୍କ ଋଣଭାର ମଧ୍ୟ ହ୍ରାସ କରିବ । ଏହା ଜମିଜମା କାରବାର ବୃଦ୍ଧି କରିବା ସହ ପ୍ରପର୍ଟି ବଜାରକୁ ଅଧିକ ଜମି କିଣାବିକା ପାଇଁ ଆଣିବାରେ ସହାୟକ ହେବ ଯାହା ଗତ ୩ ବର୍ଷ ହେବ ଚାପରେ ରହିଥିଲା ।

**୩ ଲକ୍ଷରୁ ଉର୍ଦ୍ଧ୍ୱ ନଗଦ ଟଙ୍କା କାରବାର ଉପରେ ଅଙ୍କୁଶ:** ବିମୁଦ୍ରୀକରଣ ପରେ ସରକାର ୩ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ନଗଦ ଟଙ୍କା କାରବାର ଉପରେ ଅଙ୍କୁଶ ଲଗାଇଛନ୍ତି । ବିମୁଦ୍ରୀକରଣ ପୂର୍ବରୁ ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ବିଭିନ୍ନ ପ୍ରକାର ନଗଦ ଟଙ୍କା କାରବାର ହେଉଥିଲା । ତେଣୁ ବିମୁଦ୍ରୀକରଣ ପରେ ରିୟଲ ଇଷ୍ଟେଟ୍ କ୍ଷେତ୍ରର ଉଭୟ କ୍ରେତା ଓ ବ୍ୟବସାୟୀ ସାବଧାନ ହେବା ସହ ବହୁ ପରିମାଣରେ ନଗଦ କାରବାର ହ୍ରାସ ପାଇଛି । ତେଣୁ ରିୟଲ୍ ଇଷ୍ଟେଟ୍ କ୍ଷେତ୍ରରେ ବିମୁଦ୍ରୀକରଣର ପ୍ରଭାବ ଅଳ୍ପ ସମୟ ପାଇଁ ପଡିବ ଏବଂ ଏହା ଏକ ସ୍ୱଚ୍ଛ ଅର୍ଥନୀତିର ମୂଳଦୁଆ ପକାଇବା ସହ ବିଦେଶୀ ପୁଂଜିନିବେଶକୁ ପ୍ରୋତ୍ସାହିତ କରିବ ।

**ଆନ୍ଧ୍ରପ୍ରଦେଶର ନୂଆ ରାଜଧାନୀର ବିକାଶ ପାଇଁ ଜମି ଏକତ୍ରୀକରଣ ବ୍ୟବସ୍ଥା:** ଏହା ଜମି ଅଧିଗ୍ରହଣ ବିଲ୍ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପଦକ୍ଷେପ। ଆନ୍ଧ୍ରପ୍ରଦେଶର ନୂଆ ରାଜଧାନୀ ଜମି ଅଧିଗ୍ରହଣ ଅଧିନିୟମ ବଦଳରେ ଏକ ନୂତନ ଜମି ଏକତ୍ରୀକରଣ ବ୍ୟବସ୍ଥା ଦ୍ୱାରା ନିର୍ମାଣ କରାଯାଉଛି ବୋଲି ଚଳିତ ବଜେଟରେ ଘୋଷଣା କରାଯାଇଛି। ବଡ ଧରଣର ବିକାଶ କ୍ଷେତ୍ରରେ ଜମି ଅଧିଗ୍ରହଣ ଏକ ପ୍ରମୁଖ ପ୍ରତିବନ୍ଧକ ଭାବେ ଠିଆହେବା ସହ ଏହା ଏକ ବିବାଦୀୟ ପ୍ରସଙ୍ଗ ହୋଇ ରହିଆସିଛି। ଏହି ନୂଆ ଏକତ୍ରୀକରଣ ବ୍ୟବସ୍ଥା ଜମି ଅଧିଗ୍ରହଣ ନେଇ ଥିବା ବିଭିନ୍ନ ସମସ୍ୟା ଦୂର କରିବା ସହ ବିକାଶର ଗତିକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ପୁଞ୍ଜିଗତ ଲାଭ ଟିକସ ଛାଡ ସରକାରୀ ଯୋଜନା ଅନୁସାରେ ନୂତନ ରାଜଧାନୀ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ହେଉଥିବା ଜମିମାଲିକମାନଙ୍କ ମନୋବଳ ବଢାଇବାରେ ସହାୟକ ହେବ। ତେବେ ୨୦୧୪ ଜୁନ୍ ୨ ( ଯେଉଁଦିନ ସ୍ୱତନ୍ତ୍ର ଆନ୍ଧ୍ରପ୍ରଦେଶ ରାଜ୍ୟ ଘୋଷଣା କରାଗଲା) ସୁଦ୍ଧା ଜମିର ମାଲିକମାନଙ୍କ କ୍ଷେତ୍ରରେ ଏହି ସୁବିଧା ଲାଗୁ ହେବ।

**ଆୟକର ବେସିକ୍ ସ୍ଲାବ୍‌ରେ ୫% ହ୍ରାସ:** ୨.୫ ଲକ୍ଷରୁ ୫ ଲକ୍ଷ ମଧ୍ୟରେ ବ୍ୟକ୍ତିଗତ ଆୟକାରୀଙ୍କ ଉପରେ ଆୟକର ୧୦%ରୁ ୫%କୁ ହ୍ରାସ କରାଯାଇଛି। ଏହି ପଦକ୍ଷେପ ପ୍ରଥମଥର ପାଇଁ ନିଜ ଘର କିଣିବାକୁ ଯାଉଥିବା ଲୋକଙ୍କୁ ସହାୟକ ହେବ। ଏହି ବର୍ଗରେ ଆସୁଥିବା ଆୟକରଦାତାଙ୍କ ପାଇଁ ଏହି ନୂଆ ଆୟକର ହ୍ରାସ ପଦକ୍ଷେପ ଟିକସ ଆଧାର ବୃଦ୍ଧି କରିବା ସହ ହାତକୁ ଆସୁଥିବା ଆୟ ପରିମାଣ ବୃଦ୍ଧି କରିବ। ଏହି ସୁବିଧା ସହ ସ୍ୱଳ୍ପ ମୂଲ୍ୟ ଗୃହ ନିର୍ମାଣରେ ରିହାତି, ବ୍ୟାଙ୍କର ସୁଧହାର ହ୍ରାସ ଆଦି ପଦକ୍ଷେପ ସୁଲଭ ଗୃହ ନିର୍ମାଣ କ୍ଷେତ୍ରକୁ ପ୍ରୋତ୍ସାହିତ କରିବ।

ଶେଷରେ ଏହା କୁହାଯାଇପାରିବ ଯେ ଏହି ବଜେଟ୍ ରିୟଲ୍ ଇଷ୍ଟେଟ୍ କ୍ଷେତ୍ର ପାଇଁ ଏକ ପରିବର୍ତ୍ତନକାରୀ ବଜେଟ୍ ଏବଂ ସରକାର କର ରାଜସ୍ୱ ବଢାଇବା ପାଇଁ ସଠିକ୍ ସଚେତନ ପଦକ୍ଷେପ ନେଇଛନ୍ତି। ସରକାର ଅର୍ଥନୈତିକ ପଦକ୍ଷେପଗୁଡିକୁ ତ୍ୱରାନ୍ୱିତ କରିବା ସହ ନୀତିଗତ ସୁଧାର ଆଣିଛନ୍ତି ଯାହା ଧିରେ ଧିରେ କାର୍ଯ୍ୟକାରୀ ହେବାରେ ଲାଗିଛି। ବିମୁଦ୍ରୀକରଣ ହେଉଛି ଏକ ସାମୟିକ ପଦକ୍ଷେପ ଏବଂ ଅର୍ଥନୀତି ପୁଣି ସଠିକ୍ ସ୍ଥାନକୁ ଫେରିଆସିବ। ପ୍ରକୃତରେ କହିବାକୁ ଗଲେ ଚଳିତ ବର୍ଷର ଦ୍ୱିତୀୟ ତ୍ରୈମାସରେ ଲାଗୁହେବାକୁ ଥିବା ସାମଗ୍ରୀ ଓ ସେବା କର ବ୍ୟବସ୍ଥା ପରେ ପ୍ରକୃତ ଲାଭ ଜଣାପଡିବ।

ବର୍ତ୍ତମାନର କେତେକ ପ୍ରତିବନ୍ଧକକୁ ଦୂର କରାଯାଇପାରିଲେ ବିକାଶ ତ୍ୱରାନ୍ୱିତ ହେବା ସହ ବଜାରରେ ଅଧିକ ଉନ୍ନତ ମାନର ସାମଗ୍ରୀ ଉପଲବ୍ଧ ହୋଇପାରିବ। ରିୟଲ ଇଷ୍ଟେଟ୍ ବ୍ୟବସାୟୀମାନେ ଜମି ମାଲିକମାନଙ୍କ ସହଭାଗିତାରେ କାର୍ଯ୍ୟ କରିବାକୁ ପସନ୍ଦ କରୁଛନ୍ତି କାରଣ ଏହାଦ୍ୱାରା ଆଶଙ୍କା ହ୍ରାସ ପାଇବା ସହ ଅର୍ଥ ମଧ୍ୟ କମ୍ ଖର୍ଚ୍ଚ ହେଉଛି। ଯେହେତୁ ସରକାର ରିୟଲ୍ ଇଷ୍ଟେଟ୍ କ୍ଷେତ୍ରରୁ କଳାଧନକୁ ସମ୍ପୂର୍ଣ୍ଣ ଭାବେ ମୂଳପ୍ରୋଟନ କରିବାକୁ ଚାହୁଁଛନ୍ତି ତେଣୁ ଜମିଜମା ସଂକ୍ରାନ୍ତୀୟ ସମସ୍ତ କିଣାବିକା କାର୍ଯ୍ୟ ଚେକ୍ ମାଧ୍ୟମରେ କରିବାକୁ ବହୁ ସମୟ ଲାଗିବ।

ବଜେଟ୍‌ରେ ଘୋଷଣା ହୋଇଥିବା ଦଶଟି ପ୍ରସଙ୍ଗର ଲକ୍ଷ୍ୟ ହେଲା ପରିବର୍ତ୍ତନ, କାର୍ଯ୍ୟଶୀଳତା ଏବଂ ସ୍ୱଚ୍ଛତା ସହ ପୁଞ୍ଜି ବ୍ୟୟକୁ ଦୃଷ୍ଟିରେ ରଖି ଉତ୍ପାଦନ ଓ ବ୍ୟବହାର ବୃଦ୍ଧି କରିବା ଏବଂ ଆର୍ଥିକ ସମନ୍ୱୟ ରଖିବା ।

ସୁଲଭ ଗୃହ ନିର୍ମାଣ ବଜେଟ୍ ଅଭିପ୍ରାୟର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଆମ ଦେଶରେ ସୁଲଭ ଗୃହ ନିର୍ମାଣର ନିତାନ୍ତ ଆବଶ୍ୟକତା ରହିଛି। ଭାରତର ସହରାଂଚଳରେ ୧୮.୯ ନିୟୁତ ଘରର ଅଭାବ ଥିବା ବେଳେ ସେମାନଙ୍କ ମଧ୍ୟରୁ ୯୬% ଆର୍ଥିକ ଦୁର୍ବଳ ଓ ଅଳ୍ପ ଆୟକାରୀ ବର୍ଗର ଲୋକଙ୍କ ନିକଟରେ ବାସସ୍ଥାନ ନାହିଁ। ତେଣୁ ଭାରତର ନିରନ୍ତର ବିକାଶ ଓ ସମାବେଶୀ ଅଭିବୃଦ୍ଧି ପାଇଁ ସୁଲଭ ଗୃହ ନିର୍ମାଣ କ୍ଷେତ୍ର ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

ବିଲ୍ଡରମାନଙ୍କୁ ଏହି କ୍ଷେତ୍ରରେ ନିବେଶ କରିବାକୁ ପ୍ରୋତ୍ସାହିତ କରି ରିୟଲ ଇଷ୍ଟେଟ୍ କ୍ଷେତ୍ରକୁ ଆଗକୁ ନେବା ପାଇଁ ସରକାର ଚଳିତ ବଜେଟରେ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ସୁଲଭ ଗୃହ ନିର୍ମାଣ କ୍ଷେତ୍ରକୁ ଭିତ୍ତିଭୂମୀ ମାନ୍ୟତା ଦିଆଯିବା ସହ ଅଧିକ ପୁଞ୍ଜି ନିବେଶ ପାଇଁ ସହାୟତା ଏବଂ ସ୍ୱଳ୍ପ ମୂଲ୍ୟର ପାଣ୍ଠି ଉପଯୋଗ ପାଇଁ ସୁଯୋଗ ଦିଆଯାଇଛି। ଏହାଛଡା ଏନଏଚବି ବ୍ୟକ୍ତିଗତ ଗୃହନିର୍ମାଣ କ୍ଷେତ୍ରରେ ୨୦ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ଋଣକୁ ପୁନଃ ଅର୍ଥପ୍ରଦାନ କରିପାରିବ। ଏହାର ଆନୁଷଙ୍ଗିକ ସହାୟତା ସ୍ୱରୂପ ଆୟକର ସୀମା ହ୍ରାସ ଏବଂ ଋଣ ଉପରେ ସୁଧ ହ୍ରାସ ଆଦି ଏହି କ୍ଷେତ୍ର ଉପରେ ସକରାତ୍ମକ ପ୍ରଭାବ ପକାଇବ।

ଭାରତର ଜନସଂଖ୍ୟାର ବହୁଳଭାଗ ବର୍ତ୍ତମାନ ଯୁବକ ତେଣୁ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ଯୋଗାଇ ଦେବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବା ଆବଶ୍ୟକ। ଗୃହନିର୍ମାଣ ଏକ ଶ୍ରମଭିତ୍ତିକ ଶିଳ୍ପ। ଏହା ଅର୍ଥନୈତିକ ଅଭିବୃଦ୍ଧି କରିବା ସହିତ ରୋଜଗାର ସୃଷ୍ଟି କରିବାରେ ସହାୟକ ହୋଇପାରିବ। ଏହା ଭାରତର ଯୁବବର୍ଗଙ୍କ ଆକାଂକ୍ଷା ସହ ତାଳ ଦେଇ କାର୍ଯ୍ୟ କରିବା ସହ ଏହି କ୍ଷେତ୍ରର କାର୍ଯ୍ୟକ୍ଷମ ଲୋକଙ୍କ ବିକାଶ ସାଧନରେ ସହାୟକ ହେବ। ଏହି ବଜେଟ୍ ଏହିସବୁ ଆବଶ୍ୟକତାକୁ ପୂରଣ କରିବାରେ ସଠିକ୍ ଦିଗରେ ପରିଚାଳିତ ହେଉଛି।


ନୂଆଦିଲ୍ଲୀରେ ପିଏଚ୍‌ଡ଼ି ଚାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିରେ ଲେଖକ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ।

# ସ୍ୱାସ୍ଥ୍ୟ ବଜେଟ୍ ୨୦୧୭-୧୮ରେ ଉନ୍ନତ ଅଭିବୃଦ୍ଧି

**ରାଜୀବ ଆହୁଜା**

ଭାରତରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖୁବ୍ କମ୍ ବିନିଯୋଗ କରାଯାଏ: ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାର କରୁଥିବା ବ୍ୟୟକୁ ଅନୁଧ୍ୟାନ କଲେ ଜଣାଯାଏ ସକଳ ଘରୋଇ ଉତ୍ପାଦର (୨୦୧୪-୧୫ରେ ୧.୩%)କିମ୍ବା ସମୁଦାୟ ସରକାରୀ ବ୍ୟୟ (୨୦୧୪-୧୫ରେ ୪.୮%) ବା ମୁଣ୍ଡପିଛା ଖର୍ଚ୍ଚ (୨୦୧୩-୧୪ରେ ୨୦ ଡଲାରରୁ କମ୍) ବ୍ୟୟ କରାଯାଏ ଯାହାକି ଭାରତର ପଡୋଶୀ ଦେଶଗୁଡିକ ତୁଳନାରେ ଖୁବ୍ କମ୍। ଭାରତରେ ସରକାରୀ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଖର୍ଚ୍ଚ ଐତିହାସିକ ଭାବେ କମ୍। ତେବେ ମାତ୍ର କିଛି ବର୍ଷର ବାର୍ଷିକ ବଜେଟ୍ ଏହି ଐତିହାସିକ ଭାବେ ଚାଲିଆସିଥିବା ପରମ୍ପରାକୁ ବଦଳାଇଦେବ ବୋଲି ଆଶା କରିବା ଉଚିତ୍ ନୁହେଁ।

**୨**୦୧୭-୧୮ କେନ୍ଦ୍ର ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ୫୦,୨୮୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହା ଗତ ବର୍ଷ ବ୍ୟୟବରାଦ ହୋଇଥିବା ୩୯,୫୩୩ କୋଟି ଟଙ୍କାରୁ ୨୭% ଅଧିକ। ଚଳିତ ବର୍ଷ ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ କରାଯାଇଥିବା ବ୍ୟୟବରାଦ ଗତ ୧୫ ବର୍ଷର ବ୍ୟୟବରାଦଠାରୁ ସର୍ବାଧିକ। ନିମ୍ନରେ ଦିଆଯାଇଥିବା ଗ୍ରାଫ୍‌ରେ ଏ ସଂପର୍କରେ ଦର୍ଶାଯାଇଛି। ପ୍ରକୃତରେ କହିବାକୁ ଗଲେ ଔଷଧ ବଜାରରେ ସୃଷ୍ଟି ହୋଇଥିବା ଦରଦାମ ବଢାଇବା ଓ ଜନ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ ୨୦୦୫-୦୬ ମସିହାରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ୍ ଗଠନ କରାଗଲା। ଏହି ସମୟରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଥିଲା ଏବଂ ସରକାରୀ ରାଜସ୍ୱ ମଧ୍ୟ ବୃଦ୍ଧି ପାଉଥିଲା। ତେଣୁ ୨୦୦୪-୦୫ରୁ ୨୦୧୭-୧୮ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବ୍ୟୟବରାଦ ପ୍ରତିବର୍ଷ ୧୦ ପ୍ରତିଶତ ହିସାବରେ ବୃଦ୍ଧି ପାଉଥିଲା, କେବଳ ୨୦୧୩-୧୪ରୁ ୨୦୧୫-୧୬




ବ୍ୟତୀତ। କେନ୍ଦ୍ରରେ ସରକାର ପରିବର୍ତ୍ତନ ଯୋଗୁଁ ବିଶେଷକରି ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ରାଜ୍ୟଗୁଡିକୁ ଟିକସର ଅଂଶ ହସ୍ତାନ୍ତର କରାଯିବା ଯୋଗୁଁ ଏହି ତିନିବର୍ଷରେ ସ୍ୱାସ୍ଥ୍ୟ କ୍ଷେତ୍ରର ବ୍ୟୟବରାଦ ବୃଦ୍ଧି ପାଇନଥିବା ଆଶା କରାଯାଏ। ରାଜ୍ୟଗୁଡିକୁ ଅଧିକ ପରିମାଣର ଟିକସ ଅଂଶ ପ୍ରଦାନ ସହ ଅଧିକ ନିଃସର୍ତ୍ତ ପାଣ୍ଠି ପ୍ରଦାନ କରାଯିବ ଏବଂ ସେମାନେ ନିଜସ୍ୱ ଆବଶ୍ୟକୀୟ ସେବା ପାଇଁ ଖର୍ଚ୍ଚ କରିବେ ଓ ସ୍ୱାସ୍ଥ୍ୟ ସେବା ସେଗୁଡିକ ମଧ୍ୟରୁ ଅନ୍ୟତମ।

ବୃଦ୍ଧି ଚଳିତ ଆର୍ଥିକ ବର୍ଷରେ ନିୟନ୍ତ୍ରଣରେ ରହିବା ଆଶା କରାଯାଏ ଏବଂ ଏହା ଉନ୍ନତ ଅଭିବୃଦ୍ଧି କରିବ। ସ୍ୱାସ୍ଥ୍ୟ କ୍ଷେତ୍ରରେ କେନ୍ଦ୍ରର ବ୍ୟବୟବରାଦ ଓ ପ୍ରକୃତ ବ୍ୟୟ ଅଟକଳ ସମ୍ପର୍କରେ ତର୍ଜମା କଲେ ସ୍ୱାସ୍ଥ୍ୟସେବା ପାଇଁ କେନ୍ଦ୍ର ଦେଉଥିବା ପାଣ୍ଠି ସମ୍ପର୍କରେ ଜଣାପଡିବ।

ଏଠାରେ ମନେପକାଇ ଦେବା ଉଚିତ୍ ହେବ ଯେ ଏହି ସମୟରେ ସାର୍ବଜନୀନ ସ୍ୱାସ୍ଥ୍ୟ କ୍ଷେତ୍ର ମାନ୍ଦାବସ୍ଥା ଦେଇ ଗତି କରୁଥିଲା। ସ୍ୱାସ୍ଥ୍ୟସେବା କ୍ଷେତ୍ରର ଖର୍ଚ୍ଚକୁ

୨୦୧୦-୧୧ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ପାଇଁ ଅଧିକ କେନ୍ଦ୍ରୀୟ ଅନୁଦାନ ମିଳୁଥିବାରୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟୟ ମଧ୍ୟ ଅଧିକ ହେଉଥିଲା। ଏହାପରେ ୨୦୧୫-୧୬ ପର୍ଯ୍ୟନ୍ତ ଅଭିବୃଦ୍ଧି ହାର ୧୦% ହ୍ରାସ ପାଇଥିଲା। ଏହା ବର୍ତ୍ତମାନ ପୁଣିଥରେ ବୃଦ୍ଧି ପାଇବାରେ ଲାଗିଛି। ଯଦିଓ ୨୦୧୬-୧୭ର ସ୍ୱାସ୍ଥ୍ୟ କ୍ଷେତ୍ରର ବ୍ୟୟ ରିପୋର୍ଟ ଏପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ ତେବେ ସଂଶୋଧିତ ଅଟକଳ ଅନୁସାରେ ଏହି ବର୍ଷ ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରର ଖର୍ଚ୍ଚ ୧୭% ବୃଦ୍ଧି ହୋଇଥିବା ଅନୁମାନ କରାଯାଏ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଲା ୨୦୧୫-୧୬ରେ ସ୍ୱାସ୍ଥ୍ୟ ପାଇଁ ବ୍ୟୟବରାଦ ୧୫% କମ୍ ହୋଇଥିବାବେଳେ ( ଅଭିବୃଦ୍ଧି ହାର -୧୫% ଥଲା) ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟୟ ୯% ବୃଦ୍ଧି ପାଇଥିଲା। ଫଳରେ ବର୍ଷ ମଝିରେ ବଜେଟ୍ ପୁନଃସମୀକ୍ଷା ସମୟରେ ଏହା ସଂଶୋଧନ କରାଯାଇଥିଲା।

ଏହି ପ୍ରଛଦପଟରେ ୨୦୧୭-୧୮ ବଜେଟରେ ସ୍ୱାସ୍ଥ୍ୟକ୍ଷେତ୍ରରେ ୨୭% ଅଧିକ ବ୍ୟୟବରାଦ ଏକ ଉନ୍ନତ ଅଭିବୃଦ୍ଧି ମନେହୁଏ। ଏବଂ ଯଦି ୨୦୧୭-୧୮ର ସ୍ୱାସ୍ଥ୍ୟ କ୍ଷେତ୍ରରେ କେନ୍ଦ୍ରୀୟ ବ୍ୟୟ ଯୋଜନା ମୁତାବକ ହୁଏ ତେବେ ଏହା ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟୟରେ ମଧ୍ୟ ଉନ୍ନତ ଅଭିବୃଦ୍ଧି ଦର୍ଶାଇବ। ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟୟବରାଦ କାହିଁକି ସ୍ୱାସ୍ଥ୍ୟ କ୍ଷେତ୍ରର ଖର୍ଚ୍ଚ ସହ ସମକକ୍ଷ ହେବ ବୋଲି ଆମେ ବିଶ୍ୱାସ କରୁଛୁ ଏହା ଏକ ପ୍ରଶ୍ନବାଚୀ। ଗତ ୨ ବର୍ଷ ହେବ ବଜେଟ୍ ଉପଯୋଗରେ ଉନ୍ନତି ହେଉଥିବାରୁ ଏହା ବିଶ୍ୱାସଯୋଗ୍ୟ। ନିମ୍ନ ଟେବୁଲରେ ଏହା ଦର୍ଶାଗଲା।

| ବଜେଟ୍ ବ୍ୟବହାର ହାର | ୨୦୧୦-୧୧ | ୨୦୧୧-୧୨ | ୨୦୧୨-୧୩ | ୨୦୧୩-୧୪ | ୨୦୧୪-୧୫ | ୨୦୧୫-୧୬ | ୨୦୧୬-୧୭ |
|---|---|---|---|---|---|---|---|
| ବଜେଟ୍‌ରେ ପୁନଃସମୀକ୍ଷା ବ୍ୟବବରାଦ | ୯୯.୬ | ୯୨.୯ | ୮୪.୯ | ୮୨.୬ | ୮୧.୫ | ୧୦୫.୦ | ୧୦୩.୭ |
| ବଜେଟରେ ପ୍ରକୃତ ବ୍ୟବୟବରାଦ | ୯୭.୨ | ୮୫.୦ | ୮୦.୯ | ୮୦.୭ | ୮୧.୯ | ୧୦୫.୭ | |

**ବଜେଟ୍ ବ୍ୟୟବରାଦ: ଏକ ଦୃଷ୍ଟିପାତ:** ୨୦୧୭-୧୮ ବଜେଟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବଜେଟ୍ ଯାହା ସମଗ୍ର ସ୍ୱାସ୍ଥ୍ୟ ବିଭାଗର ବଜେଟର ୯୪% ସେ ସମ୍ପର୍କିତ କେତେକ ତଥ୍ୟ:

- ବଜେଟର ବିଭିନ୍ନ ବିଭାଗକୁ ପୁନଃସଂଗଠିତ କରାଯାଇଛି। ଯାହାଦ୍ୱାରା ଏହା ସରଳ ଦେଖାଯିବ ଏବଂ କାର୍ଯକାରୀ କରିବାକୁ ସହଜ ହେବ
- କେନ୍ଦ୍ର ଅନୁଦାନ ପ୍ରାପ୍ତ ଯୋଜନା ଯେପରିକି ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଏବଂ ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ସ୍ୱାସ୍ଥ୍ୟ ବଜେଟର ୫୯% ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡିକୁ ପ୍ରଦାନ କରାଯାଉଛି।
- ଏମ୍ସ୍ ପରି ଅନୁଷ୍ଠାନ ସ୍ଥାପନ କରିବା ଏବଂ ମେଡିକାଲ୍ କଲେଜଗୁଡିକର ଉନ୍ନତିକରଣ ପାଇଁ କାର୍ଯ୍ୟ କରୁଥିବା ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା (ପିଏମଏସଏସଓ୍ୱାଇ) ପରି କେନ୍ଦ୍ରୀୟ ଯୋଜନାଗୁଡିକ କେବଳ ୧୫% ଅର୍ଥ ଆବଣ୍ଟନ ପାଇଥାଆନ୍ତି;
- ବଜେଟ୍ ବ୍ୟୟବରାଦରେ ସ୍ୱାସ୍ଥ୍ୟ ଓ ମେଡିକାଲ ପାଠ୍ୟକ୍ରମ ପାଇଁ ମାନବ ସମ୍ବଳ କ୍ଷେତ୍ରକୁ ସବୁଠାରୁ ଅଧିକ ଆବଣ୍ଟନ ମିଳିଥାଏ (୩୪୨୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି) ସେହପରି ଏନ୍‌ଆର୍‌ଏଚ୍‌ଏମ୍ ପାଇଁ (୩୧୦୦ କୋଟି ଟଙ୍କା) ଏବଂ ପିଏମଏସଏସ୍ୱାଇ ପାଇଁ (୧୫୨୫ କୋଟି ଟଙ୍କା) ଅଧିକ ବ୍ୟୟବରାଦ କରାଯାଇଛି। ଏହି ତିନି ବିଭାଗ ପାଇଁ ସମୁଦାୟ ବିଭାଗର ୮୦% ଅନୁଦାନ ବୃଦ୍ଧି କରାଯାଇଛି।
- ଡାକ୍ତରଙ୍କ ଅଭାବ ପୂରଣ ନିମନ୍ତେ, ବିଶେଷକରି ସ୍ପେଶାଲିଷ୍ଟ ଡାକ୍ତର ନିଯୁକ୍ତି ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମାନବ ସମ୍ବଳ ବିକାଶ ସରକାରଙ୍କ କାର୍ଯ୍ୟତାଲିକାର ଶୀର୍ଷରେ ରହିଛି। ତାଙ୍କ ବଜେଟ୍ ଅଭିଭାଷଣରେ ଅର୍ଥମନ୍ତ୍ରୀ ପ୍ରତିବର୍ଷ ଅଧିକ ୫୦୦୦ ସ୍ନାତକୋତ୍ତର ସିଟ୍ ସୃଷ୍ଟି କରିବା ବିଷୟ ଘୋଷଣା କରିଛନ୍ତି। ତେଣୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବଜେଟରେ ମାନବସମ୍ବଳ ଓ ମେଡିକାଲ ପାଠ୍ୟକ୍ରମ ପାଇଁ ଅଧିକ ବ୍ୟୟବରାଦ କରାଯାଇଛି।
- ଏନଏଆର୍‌ଏଚ୍‌ଏମ୍ ପାଇଁ ବଜେଟରେ ସବୁଠାରୁ ଅଧିକ ବ୍ୟବୟବରାଦ କରାଯାଇଥାଏ। ଯାହାକି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସମୁଦାୟ ପାଣ୍ଠିର ପ୍ରାୟ ୪୫ %। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ୍ ଅଧିନରେ ହେଉଥିବା ଏହି ଏହି ବ୍ୟୟବରାଦ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଖର୍ଚ୍ଚ କରାଯାଉଛି।
- ବଜେଟରେ ହୋଇଥିବା ବ୍ୟୟବରାଦ ୩୫୧୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ଯାହା ୨୦୧୬-୧୭ ବଜେଟର ବ୍ୟୟବରାଦଠାରୁ ୧୭୬୦ କୋଟି ଟଙ୍କା ଅଧିକ। ବିଶେଷକରି ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟସୁରକ୍ଷା ଯୋଜନା ଅଧିନରେ ଥିବା ଡାକ୍ତରଖାନା ଓ ସରକାରୀ ଡାକ୍ତରଖାନା ନିମନ୍ତେ ଖର୍ଚ୍ଚ ପାଇଁ ଏହି ବ୍ୟୟବରାଦ ବୃଦ୍ଧି ହୋଇଛି। ସୌଜନ୍ୟ କେନ୍ଦ୍ର ବଜେଟ୍ ୨୦୧୭-୧୮ ଯେତେବେଳେ ଅଧିକ ମଧ୍ୟ କମ୍ ଜଣାପଡେ

ଚଳିତ ବଜେଟରେ ସ୍ୱାସ୍ଥ୍ୟ ସେବା ପାଇଁ

ହୋଇଥିବା ୨୭% ଅଧିକ ବ୍ୟୟବରାଦ ମଧ୍ୟ କେତେକ ଅଂଶୀଦାରମାନଙ୍କୁ ସନ୍ତୁଷ୍ଟ କରିପାରିନାହିଁ । ସେମାନେ ଏହି ବଜେଟରୁ ଅଧିକ ବ୍ୟୟବରାଦ ଆଶା କରୁଥିଲେ। ଏହି ବଜେଟରୁ ଅଧିକ ଆଶା କରିବାର କାରଣ କଣ ହୋଇପାରେ ? ପ୍ରଥମତଃ ଭାରତ ସରକାରୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖୁବ୍ କମ୍ ବ୍ୟୟ କରିଥାଏ। ଦ୍ୱିତୀୟତଃ ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଅଧିନରେ କୌଣସି ନୂତନ ଘୋଷଣା ନହେବା ଏବଂ ନିକଟରେ ଘୋଷିତ ହୋଇଥିବା ଯୋଜନାଗୁଡିକ ସମ୍ପର୍କରେ କୌଣସି ପାଣ୍ଠି ଘୋଷଣା ନହେବା। ଏହି ଦୁଇଟି କାରଣ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କଲେ ଏହି ବଜେଟରୁ ଲୋକମାନେ ଅଧିକ ଆଶା ରଖିବାର କାରଣ ସମ୍ପର୍କରେ ଜଣାପଡିବ।

ଭାରତରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖୁବ୍ କମ୍ ବିନିଯୋଗ କରାଯାଏ: ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାର କରୁଥିବା ବ୍ୟୟକୁ ଅନୁଧ୍ୟାନ କଲେ ଜଣାଯାଏ ସକଳ ଘରୋଇ ଉତ୍ପାଦର (୨୦୧୪-୧୫ରେ

| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବଜେଟ୍ | | | | | |
|---|---|---|---|---|---|
| | | କୋଟିରେ | | | |
| | | ବଜେଟ୍ | ବଜେଟ୍ | ପ୍ରକୃତ | ପ୍ରତିଶତରେ |
| | | ୨୦୧୬-୧୭ | ୨୦୧୭-୧୮ | ପରିବର୍ତ୍ତନ | ପରିବର୍ତ୍ତନ |
| | | କ | ଖ | କ-ଖ | % |
| ୧ | କେନ୍ଦ୍ରର ପ୍ରତିଷ୍ଠା ସମ୍ପର୍କିତ ଖର୍ଚ୍ଚ | ୩୮୦୪ | ୪୭୩୧ | ୯୨୭ | ୨୪.୪ |
| | | | | | |
| ୨ | କେନ୍ଦ୍ରୀୟ ଯୋଜନା/ପ୍ରକଳ୍ପ | ୪୭୮୯ | ୬୯୬୭ | ୨୧୭୮ | ୬୨.୨ |
| | ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା | ୨୪୫୦ | ୩୯୭୫ | ୧୫୨୫ | ୬୨.୨ |
| | | | | | |
| ୩ | ଅନ୍ୟ କେନ୍ଦ୍ରୀୟ ବ୍ୟୟ | ୬୬୦୭ | ୭୯୬୫ | ୧୩୫୮ | ୨୦.୬ |
| | ବୈଧାନିକ ଓ ନିୟାମକ କ୍ଷେତ୍ର | ୧୦୦ | ୧୭୧ | ୭୧ | ୭୧.୦ |
| | ସ୍ୱୟଂଶାସିତ କ୍ଷେତ୍ର | ୫୧୭୪ | ୬୦୮୮ | ୯୧୪ | ୧୭.୭ |
| | ଅନ୍ୟାନ୍ୟ | ୧୩୩୩ | ୧୭୦୬ | ୩୭୩ | ୨୮.୦ |
| | | | | | |
| ୪ | କେନ୍ଦ୍ର ପ୍ରାୟୋଜିତ ଯୋଜନା (କ+ଖ) | ୨୧୮୬୨ | ୨୭୬୯୧ | ୫୮୨୯ | ୨୬.୭ |
| | (କ) ଜାତୀୟ ସ୍ୱାସ୍ଥ୍ୟ ମିଶନ୍ | ୨୦୩୬୨ | ୨୬୬୯୧ | ୬୩୨୯ | ୩୧.୧ |
| | ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ୍ | ୧୮୦୮୭ | ୨୧୧୮୯ | ୩୧୦୨ | ୧୭.୨ |
| | ଜାତୀୟ ସହରାଂଚଳ ସ୍ୱାସ୍ଥ୍ୟ ମିଶନ୍ | ୯୫୦ | ୭୫୨ | -୧୯୮ | -୨୦.୮ |
| | ପ୍ରାଥମିକ ସେବା କାର୍ଯ୍ୟକ୍ରମ | ୭୨୫ | ୭୨୫ | ୦.୦ | ୦.୦ |
| | ସ୍ୱାସ୍ଥ୍ୟ ଓ ମେଡିକାଲ ପାଠ୍ୟକ୍ରମ ପାଇଁ ମାନବ ସମ୍ବଳ | ୬୦୦ | ୪୦୨୫ | ୩୪୨୫ | ୫୭୦.୮ |
| | (ଖ) ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା କାର୍ଯ୍ୟକ୍ରମ | ୧୫୦୦ | ୧୦୦୦ | -୫୦୦ | -୩୩.୩ |
| | | | | | |
| | ସମୁଦାୟ | ୩୭୦୬୨ | ୪୭୩୫୪ | ୧୦୨୯୨ | ୨୭.୮ |

୧.୩%)କିମ୍ବା ସମୁଦାୟ ସରକାରୀ ବ୍ୟୟ (୨୦୧୪-୧୫ରେ ୪.୮%) ବା ମୁଣ୍ଡପିଛା ଖର୍ଚ୍ଚ (୨୦୧୩-୧୪ରେ ୨୦ ଡଲାରରୁ କମ୍) ବ୍ୟୟ କରାଯାଏ ଯାହାକି ଭାରତର ପଡୋଶୀ ଦେଶଗୁଡିକ ତୁଳନାରେ ଖୁବ୍ କମ୍। ଭାରତରେ ସରକାରୀ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଖର୍ଚ୍ଚ ଐତିହାସିକ ଭାବେ କମ୍। ତେବେ ମାତ୍ର କିଛି ବର୍ଷର ବାର୍ଷିକ ବଜେଟ୍ ଏହି ଐତିହାସିକ ଭାବେ ଚାଲିଆସିଥିବା ପରମ୍ପରାକୁ ବଦଳାଇଦେବ ବୋଲି ଆଶା କରିବା ଉଚିତ୍ ନୁହେଁ। ତେବେ କେନ୍ଦ୍ର ସରକାର ସମୁଦାୟ ସ୍ୱାସ୍ଥ୍ୟ କ୍ଷେତ୍ର ବ୍ୟୟବରାଦର କେବଳ ଏକ ତୃତୀୟାଂଶ ଖର୍ଚ୍ଚ କରିପାରିଥାଆନ୍ତି। ଏହାର ଅର୍ଥ ଅଧିକ ଭାଗ (ଦୁଇ ତୃତୀୟାଂଶ) ରାଜ୍ୟ ସରକାର ଖର୍ଚ୍ଚ କରିଥାଆନ୍ତି। ତେଣୁ ଭାରତରେ ସରକାରୀ ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ରାଜ୍ୟଗୁଡିକର ମୁଖ୍ୟ ଭୂମିକା ରହିଛି। ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିଶ ଲାଗୁ ହେବା ପରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପାଣ୍ଠି ବିନିଯୋଗ ପାଇଁ ରାଜ୍ୟଗୁଡିକର ଭୂମିକା ବୃଦ୍ଧି ପାଇଛି।

ରାଜ୍ୟସ୍ତରରେ ସ୍ୱାସ୍ଥ୍ୟସେବାର ସମସ୍ୟା କେବଳ ଆର୍ଥିକ ନୁହେଁ। ଲୋକଙ୍କ ନିକଟରେ ଉନ୍ନତ ସ୍ୱାସ୍ଥ୍ୟସେବା ପହଂଚାଇବା ପାଇଁ ମଧ୍ୟ ରାଜ୍ୟଗୁଡିକ ଦାୟୀ। ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଂଚାଇବାରେ ବିରାଟ ଦୂରତା ରହିଥିବା ସମସ୍ତେ ଜାଣନ୍ତି। ଯେଉଁ ରାଜ୍ୟଗୁଡିକ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ସେମାନେ ପ୍ରକୃତ ବାସ୍ତବତା ଜାଣନ୍ତି ଏବଂ ସେମାନେ ବୁଝନ୍ତି ଯେ ଆର୍ଥିକ ଆବଶ୍ୟକତା ଓ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସ୍ୱାସ୍ଥ୍ୟସେବା ରୂପକ ବଳଦଗାଡିର ଦୁଇଟି ଚକ ଭଳି। ଦୁଇଟି ଯାକ ଚକ ଏକସଙ୍ଗେ ଗଡିଲେ ହିଁ ଗାଡି ଆଗକୁ ଯାଇପାରିବ।

ରାଜ୍ୟଗୁଡିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଧିକ ଖର୍ଚ୍ଚ କଲେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ବ୍ୟବସ୍ଥା ଉନ୍ନତ ହୋଇପାରିବ। ସେବା ପହଂଚାଇବାକୁ ଉନ୍ନତ କରିଦେଲେ ହିଁ କେବଳ ସ୍ୱାସ୍ଥ୍ୟସେବା ଉନ୍ନତ ହୋଇପାରିବ ନାହିଁ। ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପ୍ରଣାଳୀରେ ଢାଞ୍ଚାଗତ ସୁଧାର ଆଣିବା ଆବଶ୍ୟକ। ରୋଗର ଭାର ଲାଘବ ପାଇଁ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ସରକାରୀ ବ୍ୟବସ୍ଥା ଉତ୍ତରଦାୟୀ ହେବା ଆବଶ୍ୟକ ଏବଂ ସେବା ପହଞ୍ଚାଇବା କ୍ଷେତ୍ରରେ ଉନ୍ନତ ପରିଚାଳନା ଓ ଉତ୍ତରଦାୟିତ୍ୱ ଆସିବା ଆବଶ୍ୟକ। ଏଭଳି ଢାଞ୍ଚାଗତ ପରିବର୍ତ୍ତନ ପାଇଁ ପ୍ରତି ରାଜ୍ୟର ଦୃଢ ରାଜନୈତିକ ଇଚ୍ଛାଶକ୍ତି, ଶକ୍ତ ନେତୃତ୍ୱ ଏବଂ ଦୂରଦୃଷ୍ଟି ରହିବା ଆବଶ୍ୟକ।

ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା: ଅଗଷ୍ଟ ୨୦୧୬ର ସ୍ୱାଧୀନତା ଦିବସ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ସରକାର ଗରିବ ଲୋକଙ୍କ ପାଇଁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଯୋଗାଇ ଦେବା ଯୋଜନା ଉପରେ କାର୍ଯ୍ୟ କରୁଛନ୍ତି। ୨୦୧୬ ଫେବୃଆରୀ ମାସରେ ନିଜ ବଜେଟ୍ ଅଭିଭାଷଣରେ ଅର୍ଥମନ୍ତ୍ରୀ ମଧ୍ୟ ଏହି କଥା ଦୋହରାଇଥିଲେ ଏବଂ ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରାଯିବା ସମ୍ପର୍କରେ ଘୋଷଣା କରିଥିଲେ। ଏହା କେବଳ ଡାକ୍ତରଖାନାରେ ଭର୍ତ୍ତି ହେବା ଲୋକଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇବ ନାହିଁ ବରଂ ଅନ୍ୟ ଲୋକ ମଧ୍ୟ ଏହାଦ୍ୱାରା ଉପକୃତ ହୋଇପାରିବେ। ଏହି ପରିପ୍ରେକ୍ଷୀରେ ୨୦୧୭-୧୮ ବଜେଟ୍‌ରେ ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଘୋଷଣା ନେଇ ସମସ୍ତେ ଆଶା ରଖିଥିଲେ। ଅର୍ଥମନ୍ତ୍ରୀ ଏ ସଂପର୍କିତ କୌଣସି ଘୋଷଣା ନ କରିଥିବାରୁ ଏହା ଲୋକଙ୍କ ଆଶାକୁ ଭାଙ୍ଗିଦେଇଥିଲା। ତେବେ ଯାହା ସମ୍ଭାବନାରୁ ଜଣାଯାଏ ସରକାର ଏହି ଯୋଜନାକୁ ପରିତ୍ୟାଗ କରିନାହାନ୍ତି ବରଂ କିଛି ସମୟ ପାଇଁ ଘୁଞ୍ଚାଇଦେଇଛନ୍ତି। ବିଶେଷକରି ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଥିବାରୁ ଏ ସଂପର୍କରେ ଘୋଷଣା କରବା ପାଇଁ ଏହା ଉଚିତ୍ ସମୟ ନୁହେଁ ବୋଲି ସରକାର ବିବେଚନା କରିଛନ୍ତି। ନିର୍ବାଚନ ଥିବା ୫ଟି ରାଜ୍ୟର ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଏହି ଜନପ୍ରିୟ ଘୋଷଣା କରାଯାଇଥିବା ବିବେଚନା କରାଯିବା ସମ୍ଭାବନା ଥିବାରୁ ସରକାର ଖୁବ୍ ସତର୍କତାର ସହିତ ଏହାକୁ ଏଡାଇ ଯାଇଛନ୍ତି।

ସେହିଭଳି ନିକଟରେ ଘୋଷଣା କରାଯାଇଥିବା କେତେକ ଯୋଜନା ସମ୍ପର୍କରେ ସ୍ପଷ୍ଟଭାବେ କୌଣସି ବ୍ୟୟବରାଦ କରାଯାଇନାହିଁ। ଉଦାହରଣ ସ୍ୱରୂପ ଗର୍ଭବତୀ ମହିଳାମାନଙ୍କର ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ଓ ଟୀକାକରଣ ପାଇଁ ୬୦୦୦ ଟଙ୍କାର ସହାୟତା, ୨୦୧୭ ସୁଦ୍ଧା କଳା ଆଝାର ଓ ଫାଇଲେରିଆ ଦୂରୀକରଣ, ୨୦୧୮ ସୁଦ୍ଧା କୁଷ୍ଠ ଦୂରୀକରଣ, ୨୦୨୦ ସୁଦ୍ଧା ମିଳିମିଳା ଦୂରୀକରଣ ଏବଂ ୨୦୨୫ ସୁଦ୍ଧା ଯକ୍ଷ୍ମା ଦୂରୀକରଣ। ଏହିସବୁ ଲକ୍ଷ୍ୟ ପୂରଣ ପାଇଁ ରାଜ୍ୟଗୁଡିକ କାର୍ଯ୍ୟକରିବା ପାଇଁ ପାଣ୍ଠିର ଆବଶ୍ୟକତା ରହିଛି। ତେବେ ଏହି ସବୁ କାର୍ଯ୍ୟକ୍ରମ ପାଇଁ କେଉଁଠାରୁ ଓ କିଭଳି ଅର୍ଥ ଯୋଗାଡ ହେବ ସେ ସମ୍ପର୍କରେ ବର୍ତ୍ତମାନ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ତେବେ ଯଦି ଏହି କାର୍ଯ୍ୟକ୍ରମଗୁଡିକ ବିକଶିତ କରାଯାଇଛି ତେବେ ସେଗୁଡିକ ପାଇଁ ନିଶ୍ଚିତ ଭାବେ କେଉଁଠି ନା କେଉଁଠି ଅର୍ଥର ବ୍ୟବସ୍ଥା ହୋଇଥିବ। ଏଥିସହ ଅର୍ଥମନ୍ତ୍ରୀ ଦେଶର ଉପ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ସ୍ୱାସ୍ଥ୍ୟ ଓ କଲ୍ୟାଣ କେନ୍ଦ୍ର ଭାବେ ରୂପାନ୍ତରିତ କରିବା ପାଇଁ ଘୋଷଣା କରିଛନ୍ତି। ଦେଶର ୧.୫ ଲକ୍ଷ ଉପ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ରୂପାନ୍ତରଣ କରିବା ପାଇଁ କୌଣସି ସମୟସୀମା ଧାର୍ଯ୍ୟ କରାଯାଇନାହିଁ କିମ୍ବା ଏଥିପାଇଁ ଏପର୍ଯ୍ୟନ୍ତ କୌଣସି ବ୍ୟୟବରାଦ ମଧ୍ୟ କରାଯାଇନାହିଁ। ଯାହା ଜଣାପଡୁଛି ଏହି ଉଦ୍ଦେଶ୍ୟ ସମ୍ପର୍କରେ କେବଳ ଘୋଷଣା କରାଯାଇଛି ଏବଂ ଆଗାମୀ ବର୍ଷେ ଦୁଇ ବର୍ଷ ମଧ୍ୟରେ ଏନେଇ ପାଣ୍ଠି ଘୋଷଣା କରାଯିବ। ଶେଷରେ, ଡ୍ରଗ୍ସ ଓ କସ୍‌ମେଟିକସ ରୁଲ୍‌ର ସଂଶୋଧନ କରାଯାଇ ଅଳ୍ପ ମୂଲ୍ୟରେ ଔଷଧ ଉପଲବ୍ଧ କରାଇବା, ଜେନେରିକ୍ ମେଡିସିନ୍ ପ୍ରୋତ୍ସାହନ ଏବଂ ମେଡିକାଲ୍ ଯନ୍ତ୍ରପାତି ସମ୍ପର୍କିତ ନିୟମ ଆଦି ବିଷୟରେ ବଜେଟ୍‌ରେ ଘୋଷଣା କରାଯାଇଥିଲେ ମଧ୍ୟ ଏନେଇ ପର୍ଯ୍ୟାପ୍ତ ବ୍ୟୟବରାଦ କରାଯାଇନାହିଁ। କହିବାକୁ ଗଲେ ସବୁଦୃଷ୍ଟିରୁ ଚଳିତ ସ୍ୱାସ୍ଥ୍ୟ ବଜେଟ୍ ଉଚିତ୍ ମନେହୁଏ। ତେବେ ଆସନ୍ତା କିଛି ସପ୍ତାହ ବା ମାସ ମଧ୍ୟରେ ରାଜ୍ୟଗୁଡିକ ସେମାନଙ୍କ ବଜେଟ୍ ଘୋଷଣା କରିବା ଉପରେ ଏବେ ସମସ୍ତଙ୍କର ନଜର ରହିଛି। ରାଜ୍ୟଗୁଡିକ ସ୍ୱାସ୍ଥ୍ୟ ସେବା ପହଂଚାଇବା ଓ ଏଥିପାଇଁ କିଭଳି ଆର୍ଥିକ ବରାଦ କରୁଛନ୍ତି ତାହା ଦେଖିବାକୁ ରହିଲା।

ଲେଖକ ଜଣେ ବିକାଶମୂଳକ ଅର୍ଥନୀତିଜ୍ଞ। ପୂର୍ବରୁ ସେ ଓ୍ୱାର୍ଲ୍ଡ ବ୍ୟାଙ୍କ୍‌ର ବିଲ୍ ଆଣ୍ଡ ମେଲିଣ୍ଡା ଫାଉଣ୍ଡେସନ୍ ସଂସ୍ଥା ସହ କାର୍ଯ୍ୟ କରୁଥିଲେ।

# ଯୁବ ସମାଜ ପାଇଁ ଏକ ବଜେଟ

**ଡକ୍ଟର ଏସ୍.ଏସ୍. ମନ୍ଥା**

ସମାଜବାଦ, ଧର୍ମନିରପେକ୍ଷବାଦ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ସହିତ ଜଡ଼ିତ ଚେତନା ଓ ଅବଧାରଣାକୁ ଶିକ୍ଷା ଶାଣିତ, ଶୋଧ କରିବା ସହ ମୁକ୍ତ ଭାବନା ଏବଂ ବିଚାରଶକ୍ତିକୁ ସମ୍ବେଦନଶୀଳ କରିଥାଏ। ଅର୍ଥନୀତିର ଏକ ଭିନ୍ନ ସ୍ତର ପାଇଁ ଶିକ୍ଷା ଲୋକଶକ୍ତିକୁ ପ୍ରସ୍ତୁତ କରେ। ଏହା ସହିତ ଜାତୀୟ ଆତ୍ମନିର୍ଭରଶୀଳତା ପାଇଁ ଯେଉଁ ଗବେଷଣା ଓ ଉନ୍ନୟନର ଆବଶ୍ୟକତା ରହିଛି ସେଥିପାଇଁ ଏହା ଭିତ୍ତିଭୂମି ଯୋଗାଏ। ଭାରତର ଜାତୀୟ ନୀତିରେ ଶିକ୍ଷା ଅଗ୍ରାଧିକାର ପାଇଛି ଏବଂ ସମସ୍ତଙ୍କ ପାଇଁ ଶିକ୍ଷାକୁ ନିଶ୍ଚିତ କରାଯାଇଛି। ୨୦୧୦ରୁ କାର୍ଯ୍ୟକାରୀ ହୋଇଥିବା ଶିକ୍ଷା ଅଧିକାର ଆଇନ ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

**୨**୦୧୬ରେ ମିଳିତ ଜାତିସଂଘ ପକ୍ଷରୁ ପ୍ରକାଶିତ ବିଶ୍ୱ ଜନସଂଖ୍ୟା ରିପୋର୍ଟରେ ଭାରତର ଜନସଂଖ୍ୟା ୧୩୦ କୋଟି ଦର୍ଶାଯାଇଛି। ଚୀନ ପରେ, ରିପୋର୍ଟ ଅନୁସାରେ, ଭାରତ ବିଶ୍ୱର ଦ୍ୱିତୀୟ ଜନବହୁଳ ଦେଶ। ଭାରତର ଜନସଂଖ୍ୟା ୧.୨ ଶତାଂଶ ହାରରେ ବୃଦ୍ଧି ପାଉଥିବାରୁ ୨୦୨୨ ସୁଦ୍ଧା ଏହା ଚୀନର ଲୋକସଂଖ୍ୟାକୁ ଅତିକ୍ରମ କରି ୧୫୦କୋଟି ଜନସଂଖ୍ୟା ବିଶିଷ୍ଟ ବିଶ୍ୱର ସର୍ବବୃହତ୍ ଜନବହୁଳ ରାଷ୍ଟ୍ରରେ ପରିଣତ ହେବ। ହିସାବ ଅନୁସାରେ ୨୦୨୦ ସୁଦ୍ଧା ଭାରତର ଜନସଂଖ୍ୟାର ୬୦ ଭାଗରୁ ଅଧିକ ଲୋକ ୩୫ ବର୍ଷ ବୟସରୁ କମ୍ ବୟସର ହେବେ। ସେହିଭଳି ଭାରତୀୟମାନଙ୍କର ହାରାହାରି ପରମାୟୁ ୨୯ବର୍ଷ ହେବ। ତୁଳନାତ୍ମକଭାବେ ଦେଖିଲେ ସେତେବେଳେ ଚୀନ ଓ ଜାପାନ ଲୋକଙ୍କ ହରାହାରି ପରମାୟୁ ଯଥାକ୍ରମେ ୩୭ ଏବଂ ୪୮ବର୍ଷ ହୋଇଥିବ।

ଆମେ ୨୦୨୦ ଆଡ଼କୁ ଅଗ୍ରସର ହେଉଥିବାରୁ ଉପର ବର୍ଣ୍ଣିତ ତଥ୍ୟାବଳୀ ଏକ କରୁଣ ତଥା ବେଦନାଦାୟକ ପ୍ରଶ୍ନ ଉତ୍ଥାପନ କରେ। ପ୍ରଶ୍ନଟି ହେଲା ଜନସଂଖ୍ୟାର ଏହି ବିପୁଳ ବୋଝ ଜନିତ ପରିସ୍ଥିତି ସମ୍ଭାଳିବାକୁ ଆମେ ପ୍ରସ୍ତୁତ ତ ? ଏଡ଼େ ବିରାଟ ଲୋକସମୁଦାୟକୁ ଏକ ବିକାଶଶୀଳ ଦେଶରେ ଶିକ୍ଷା, କୌଶଳ, ଯଥାର୍ଥ କର୍ମନିଯୁକ୍ତି ଆଦିର ସୁବିଧା ଯୋଗାଇ ଦେବାକୁ ସବିଶେଷ ଯୋଜନା, ଉପଯୁକ୍ତ ପଦକ୍ଷେପ ଏବଂ ଆବଶ୍ୟକ ପ୍ରୋତ୍ସାହନ ଓ ବ୍ୟବସ୍ଥା ଲୋଡ଼ା। ଏ ସମ୍ପର୍କରେ ଆଲୋଚନା କରିବାକୁ ନିକଟରେ ଉପସ୍ଥାପିତ ୨୦୧୭-୧୮ ଆର୍ଥିକ ବର୍ଷର ବଜେଟ ଚିନ୍ତନର ଖୋରାକ ଯୋଗାଇଛି।

ଏଥର ବଜେଟର ଶୀର୍ଷକ ରଖାଯାଇଛି ଟି.ଇ.ସି ବା ଟ୍ରାନ୍ସଫର୍ମ (ବଦଳାଅ), ଏନ୍‌ରଜାଇନ୍ (ସଶକ୍ତକର) ଓ କ୍ଲିନ୍ ଇଣ୍ଡିଆ (ସ୍ୱଚ୍ଛ ଭାରତ)। ଏହାର ଅର୍ଥ ଦେଶର ଶାସନ ଓ ଲୋକଙ୍କ ଜୀବନଧାରଣର ମାନ ବଦଳାଇବାକୁ ବଜେଟରେ ଗୁରୁତ୍ୱ ଦିଆଯାଇଛି। ସେହି ଲକ୍ଷ୍ୟରେ ଗ୍ରାମାଞ୍ଚଳ ଜନତାଙ୍କ ପାଇଁ ବଜେଟରେ ବିଶେଷ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ଭିତ୍ତିଭୂମି ନିର୍ମାଣ, ନିଯୁକ୍ତି ସୃଷ୍ଟି, ନିରାପତ୍ତା, ସୁଲଭମୂଲ୍ୟ ଗୃହ ନିର୍ମାଣ, ଡିଜିଟାଲ ଅର୍ଥନୀତିର ପ୍ରସାର, ଦାୟିତ୍ୱବଦ୍ଧତା ଓ ସ୍ୱଚ୍ଛତା ମଧ୍ୟ ବଜେଟରେ ଅଗ୍ରାଧିକାର ପାଇଛି। ଏହା ଅନନ୍ଦର ବିଷୟ।

ଉରୁଗୁଏର ଔପନ୍ୟାସିକ ଏଡୁଆର୍ଡୋ ଗାଲିନୋ ଥରେ କହିଥିଲେ, "ମୁଁ ଦାନଧର୍ମ ଓ ସେବାରେ ବିଶ୍ୱାସ କରେ ନାହିଁ; ଐକ୍ୟ ଓ ସମନ୍ୱୟରେ ବିଶ୍ୱାସ କରେ। ଦାନ ଓ ଦୟା ତଳକୁ ଅଧୋଲମ୍ବିତ ଓ ଅପମାନଜନକ। ଏହା ଅନ୍ୟକୁ ସମ୍ମାନ ଦିଏ, ଅନ୍ୟଠାରୁ ଶିଖେ। ଅନ୍ୟ ଲୋକଙ୍କଠାରୁ ମୋର ବହୁତ କିଛି ଶିଖିବାର ଅଛି।"

ଗ୍ରାମୀଣ ଭାରତ ଆଗରେ ଏବେ ତିନୋଟି ପ୍ରମୁଖ ପ୍ରସଙ୍ଗ ରହିଛି। ସେସବୁ ହେଲା ସବୁକ୍ଷେତ୍ରକୁ ପହଞ୍ଚ ସୀମିତ, ସମ୍ବଳ ଅତ୍ୟନ୍ତ ସ୍ୱଳ୍ପ ଏବଂ ଲୋକଙ୍କ ମଧ୍ୟରେ ଆସ୍ଥା ଜମାଇଥିବା ବିଚାର ଯାହାକୁ ସହଜରେ ବଦଳାଇବା ସମ୍ଭବ ନୁହେଁ। ଏଭଳି ପରିସ୍ଥିତିରେ ଶିକ୍ଷାର ଆବଶ୍ୟକତା ସର୍ବାଧିକ। ଗାଲିନୋଙ୍କ ବିଚାର ମଧ୍ୟ ଆମେରିକୀୟ ଲେଖକ ଓ ଭବିଷ୍ୟଦ୍ରଷ୍ଟା ଆଲ୍‌ଭିନ ଟଫ୍‌ଲରଙ୍କ ଲେଖାରେ ପ୍ରତିଧ୍ୱନୀତ। ଟଫଲର୍ ଲେଖିଛନ୍ତି, "ଏବେ ଅଧିକାଂଶ ଯୁବବର୍ଗଙ୍କୁ ସେମାନଙ୍କ ଚତୁଃପାର୍ଶ୍ୱରେ ଥିବା ସମାଜ ଯେଉଁ ଗୁପ୍ତ ବାର୍ତ୍ତା ପ୍ରେରଣ କରୁଛି ତାହାର

ଅର୍ଥ ହେଲା ଯୁବକମାନେ ଅନାବଶ୍ୟକ। ଭବିଷ୍ୟତରେ ଯୁବସମାଜ ସମାଜ ପରିଚାଳନାର ଦାୟିତ୍ୱ ନେବା ପର୍ଯ୍ୟନ୍ତ ସମାଜ ଖୁବ୍ ଭଲ ଭାବେ ଚାଲିବାକୁ ସମର୍ଥ। କିନ୍ତୁ ସମାଜ ଏବେ ଭଲଭାବେ ଚାଲିପାରୁନାହିଁ, କାରଣ ଆମର ଅବଶିଷ୍ଟ ମଣିଷମାନେ ସମସ୍ତ ଶକ୍ତି, ମଗଜ, କଳ୍ପନା ଓ ପ୍ରତିଭା ଲୋଡ଼ନ୍ତି ଯାହା ଯୁବଶକ୍ତି ଆଣି ପାରିବ ଓ ଆମ ଦୁଃଖ ଅପନୋଦନରେ ସହାୟକ ହେବ। ତେଣୁ ଯୁବଶକ୍ତିକୁ ଭୁଲିଯାଇ ସମାଜ ନିଜର ସମସ୍ୟାବଳୀର ସମାଧାନ କରିବାକୁ ଚାହିଁଲେ ସେଥିରେ ସଫଳ ହୋଇପାରିବ ନାହିଁ।"

ସୁତରାଂ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମାଜବାଦ, ଧର୍ମନିରପେକ୍ଷବାଦ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ସହିତ ଜଡ଼ିତ ଚେତନା ଓ ଅବଧାରଣାକୁ ଏହା ଶାଣିତ, ଶୋଧ କରିବା ସହ ମୁକ୍ତ ଭାବନା ଏବଂ ବିଚାରଶକ୍ତିକୁ ସମ୍ବେଦନଶୀଳ କରିଥାଏ। ଅର୍ଥନୀତିର ଏକ ଭିନ୍ନ ସ୍ତର ପାଇଁ ଶିକ୍ଷା ଲୋକଶକ୍ତିକୁ ପ୍ରସ୍ତୁତ କରେ। ଏହା ସହିତ ଜାତୀୟ ଆତ୍ମନିର୍ଭରଶୀଳତା ପାଇଁ ଯେଉଁ ଗବେଷଣା ଓ ଉନ୍ନୟନର ଆବଶ୍ୟକତା ରହିଛି ସେଥିପାଇଁ ଏହା ଭିତ୍ତିଭୂମି ଯୋଗାଏ। ଭାରତର ଜାତୀୟ ନୀତିରେ ଶିକ୍ଷା ଅଗ୍ରାଧିକାର ପାଇଛି ଏବଂ ସମସ୍ତଙ୍କ ପାଇଁ ଶିକ୍ଷାକୁ ନିଶ୍ଚିତ କରାଯାଇଛି। ୨୦୧୦ରୁ କାର୍ଯ୍ୟକାରୀ ହୋଇଥିବା ଶିକ୍ଷା ଅଧିକାର ଆଇନ ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ପ୍ରଗତି ପଥରେ ସବୁବେଳେ ପ୍ରତିବନ୍ଧକ ଥାଏ। ସେଭଳି ଏକ ପ୍ରତିବନ୍ଧକ ହେଲା ଆବଶ୍ୟକ ଭିତ୍ତିଭୂମିର ଅଭାବ ଓ ସ୍ୱଳ୍ପ ସୁବିଧା ସୁଯୋଗ। ଗାଁ ଗହଳିରେ ଭଲ ଶିକ୍ଷକ, ଶିକ୍ଷା ଉପକରଣ, ଶୈକ୍ଷିକ ଭିତ୍ତିଭୂମିର ଅଭାବ ରହିଛି। ଗାଁରେ ଦାରିଦ୍ର୍ୟ, ଶିଶୁ ଶ୍ରମିକ ସମସ୍ୟା, ମଝିରୁ ପିଲା ପାଠ ଛାଡ଼ି ଦେବା ଓ ନିରକ୍ଷରତା ଆଦିର ସମସ୍ୟା ଅଛି। ଏସବୁ ସମସ୍ୟାର ସମାଧାନ ପାଇଁ ନୂଆ ପ୍ରଯୁକ୍ତିର ଉପଯୋଗ ଏକାନ୍ତ ଅପରିହାର୍ଯ୍ୟ।

ଡିଜିଟାଲ ଟେକ୍‌ନୋଲୋଜି ମାତ୍ର କେଇ ମିନିଟରେ ଏକ ଛୋଟିଆ ଧାନ ଜମିକୁ ଏକ ଶ୍ରେଣୀଗୃହରେ ପରିଣତ କରିପାରିବ। ପୂର୍ବରୁ ଯେପରି ପରିବାରଠାରୁ ଦୂରରେ ଗୁରୁକୁଳରେ ରହି ପିଲାମାନେ ଶିକ୍ଷା ଗ୍ରହଣ କରୁଥିଲେ, ଆଜିକାଲି ଡିଜିଟାଲ ଗୁରୁକୁଳ ମାଧ୍ୟମରେ ପିଲାଙ୍କୁ ଚମତ୍କାର ଢଙ୍ଗରେ ଶିକ୍ଷା ଦିଆଯାଇପାରିବ। ତେବେ ଏ ବ୍ୟବସ୍ଥାରେ ପିଲା ଗୁରୁକୁଳରେ ନରହି ନିଜ ପରିବାରରେ ରହି ପାଠପଢ଼ିପାରିବେ ଏବଂ ପିତାମାତାଙ୍କୁ ବିଭିନ୍ନ କାମରେ ମଧ୍ୟ ସାହାଯ୍ୟ କରିପାରିବେ। ଖୁବ୍ କମ୍ ବୟସରେ ପିଲାଏ ଏହି ବ୍ୟବସ୍ଥାରେ କାର୍ଯ୍ୟ-ଜୀବନ ମଧ୍ୟରେ ଏକ ଯଥାର୍ଥ ଭାରସାମ୍ୟ ରକ୍ଷା କରିବାର କଳା ଶିଖିବାରେ ସମର୍ଥ ହେବେ। ଏଥିପାଇଁ ଯେଉଁ ମୌଳିକ ଭିତ୍ତିଭୂମିର ଆବଶ୍ୟକତା ରହିଛି ସେଥିରେ ଗାଁରେ ୱାଇ-ଫାଇ ବଳୟ ସୃଷ୍ଟି, ଟେଲିଭିଜନ, ରେଡିଓ ଓ କମ୍ପ୍ୟୁଟର ଉପଯୋଗ କରି ତା' ମାଧ୍ୟମରେ ପିଲାଙ୍କୁ ଶିକ୍ଷାଦାନର ବ୍ୟବସ୍ଥା କରିବାକୁ ପଡ଼ିବ। ଏଥିପାଇଁ ସହାୟତା ପ୍ରଦାନ ନିମନ୍ତେ ପ୍ରଯୁକ୍ତି ବିଦ୍ୟା ସହ ପରିଚିତ ଉତ୍ସାହୀ ବ୍ୟକ୍ତି ବିଶେଷଙ୍କୁ ଯୋଡ଼ିବାକୁ ହେବ। ଆମ ସ୍କୁଲ ସମୂହରେ ଏବେ ମଧ୍ୟ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗର ଯଥେଷ୍ଟ ଅଭାବ ରହିଛି। ଶ୍ରେଷ୍ଠ ବିବେଚିତ କେତେକ ସ୍କୁଲରେ ମଧ୍ୟ ଶିକ୍ଷାଦାନର କିଛି ମୌଳିକ ଅଭାବ ଅସୁବିଧା ରହିଛି। ସେ ସବୁକୁ ଦୂର କରିବାକୁ ପଡ଼ିବ ଏବଂ ପିଲାଙ୍କୁ ଅଭିନବ ଉପାୟରେ ଶିକ୍ଷା ଦେବାକୁ ହେବ।

ଏସବୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବଜେଟରେ କିଛି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ସେଥିମଧ୍ୟରୁ ଶିକ୍ଷାଦାନର ବାର୍ଷିକ ଫଳାଫଳ ମାପିବା ନିଷ୍ପତ୍ତି ଏକ ସାଧୁ ଉଦ୍ୟମ। ଏହାଛଡ଼ା ମାଧ୍ୟମିକ ଶିକ୍ଷା ପାଇଁ ଇନୋଭେସନ୍ ଫଣ୍ଡର ବ୍ୟବସ୍ଥା ଆଉ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ଯୋଜନାରେ ନୂଆ, ଅଭିନବ ଉଦ୍ଭାବନ ବା କାର୍ଯ୍ୟ ପାଇଁ ପିଲାଙ୍କୁ ପାଣ୍ଠି ଯୋଗାଇ ଦିଆଯିବ। ଏହା ଫଳରେ ପ୍ରଯୁକ୍ତି ଓ ସୁବିଧା ସୁଯୋଗର ଲାଭ ଉଠାଇବାକୁ ସମସ୍ତଙ୍କୁ ସୁଯୋଗ ମିଳିବ। ଏହାଦ୍ୱାରା ଲିଙ୍ଗଗତ ସମତା ଓ ମାନୋନ୍ନତି ସମ୍ଭବ ହୋଇପାରିବ। ଏହି ବ୍ୟବସ୍ଥା ଦେଶର ଶୈକ୍ଷିକ ଅନଗ୍ରସର ୩୪୭୯ଟି ଜିଲାରେ କାର୍ଯ୍ୟକାରୀ ହେବ। ଏହା ଏକ ଯଥାର୍ଥ ପଦକ୍ଷେପ ଏବଂ ସମୟକ୍ରମେ ଏହାକୁ ଦେଶର ସବୁ ଜିଲ୍ଲାକୁ ସଂପ୍ରସାରିତ କରିବାର ଯଥାର୍ଥତା ରହିଛି।

ବର୍ଟ୍ରାଣ୍ଡ ରସେଲ କହିଥିଲେ, "ଆଧୁନିକ ଶିକ୍ଷା ବଡ଼ ଆଶା ଦ୍ୱାରା କ୍ୱଚିତ ଅନୁପ୍ରାଣିତ ହେଉଥିବାରୁ ଏହାର ଫଳାଫଳ ବିଶେଷ ଅନୁଭୂତ ହେଉନାହିଁ। ଯେଉଁମାନେ ଯୁବ ପିଢ଼ିକୁ ଶିକ୍ଷାଦେବା ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଛନ୍ତି ସେମାନେ ଏକ ଭବିଷ୍ୟତ ଗଠନ କରିବା ଅପେକ୍ଷା ଅତୀତକୁ ସାଇତି ରଖିବା ଭାବନାକୁ ଗୁରୁତ୍ୱ ଦେଉଛନ୍ତି।"

ଏଥର ଆମେ ଶିକ୍ଷାର ପରବର୍ତ୍ତୀ ପାହାଚ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରିବା। ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ଓ ଡିପ୍ଲୋମା ପ୍ରଦାନ କରିଥାଏ। ଏହି ବ୍ୟବସ୍ଥାରେ ଶିକ୍ଷାଗ୍ରହଣର ଲକ୍ଷ୍ୟ ବିତର୍କ ମାଧ୍ୟମରେ ଉତ୍ତର ପାଇବାର ନୀତି ଉପରେ ପ୍ରସ୍ତୁତ ହୋଇଥାଏ। ଯଦି ଏହା ହୋଇଥାନ୍ତା ବା ନ ହୋଇଥାନ୍ତା ତା' ହେଲେ କ'ଣ ହୋଇଥାନ୍ତା, ଏହି ପ୍ରଶ୍ନକୁ ଆଧାର କରି ଉତ୍ତର ଖୋଜାଯାଏ ଓ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରନ୍ତି। ଏହି ବ୍ୟବସ୍ଥାରେ ଶିକ୍ଷାଗ୍ରହଣର ବାତାବରଣ ସୃଷ୍ଟି କରାଯିବା ସହ ତାହାର ସଂରକ୍ଷଣ କରାଯାଇଥାଏ। ମୁକ୍ତ ବ୍ୟବସ୍ଥାରେ, ଭାବ ଓ ପ୍ରଶ୍ନୋତ୍ତରର ଆଦାନ ପ୍ରଦାନ ମାଧ୍ୟମରେ ସବୁଠୁ ଉତ୍ତମ ଶିକ୍ଷା ମିଳୁଥିବାରୁ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ସମୂହ ସବୁ ବିଭାଗ ଓ ବିଷୟକୁ ମାନ ଦୃଷ୍ଟିରୁ ଗୁରୁତ୍ୱ ଦେଇ ପରିପାଳନ କରନ୍ତି। ଉଦାରବାଦୀ କଳା ଠାରୁ ଆରମ୍ଭ କରି ସମାଜ ବିଜ୍ଞାନ, ମୌଳିକ ବିଜ୍ଞାନ ଓ ପ୍ରୟୋଗାତ୍ମକ ବିଜ୍ଞାନ ସବୁ ବିଷୟ ବିଶ୍ୱବିଦ୍ୟାଳୟରେ ସମାନ ଗୁରୁତ୍ୱ ପାଏ। ମାତ୍ର ଭାରତରେ ବିଶ୍ୱବିଦ୍ୟାଳୟ ସ୍ତରୀୟ ଶିକ୍ଷାର ବ୍ୟାପକ ସଂପ୍ରସାରଣ ଲକ୍ଷ୍ୟରେ ଏସବୁ ଶିକ୍ଷାନୁଷ୍ଠାନର ପରିସର ଓ ସୀମା ସରହଦକୁ ବଦଳାଇ ଦିଆଯାଇଛି। ଉତ୍କର୍ଷର ମାନକୁ ଗୋଟିଏ ବ୍ୟବସ୍ଥା ମଧ୍ୟରେ ସୀମିତ ନ ରଖି ଏହାକୁ ଅସଂଲଗ୍ନ କରାଯାଇ ଏକକ ବିଚାରରେ ଦେଖାଯାଉଥିବାରୁ ଏବଂ ଶିକ୍ଷା ପାଇଁ ଆବଶ୍ୟକ ପାଣ୍ଠିର ଅଭାବ ରହୁଥିବାରୁ ମାନ ଖରାପ ହେଉଛି। ଫଳରେ ବିଶ୍ୱବିଦ୍ୟାଳୟ ସହ ମହାବିଦ୍ୟାଳୟ ବା ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନରେ ଯେଉଁ ପୁରୁଣା ସହବନ୍ଧନ ବ୍ୟବସ୍ଥା ଥିଲା ତାହା କେବଳ କାଗଜପତ୍ରରେ ବଞ୍ଚିଛି ଏବଂ ଏହାର ଅସଲ ଲକ୍ଷ୍ୟ ସାଧିତ ହେଉନାହିଁ। ଏବେ ଗୋଟିଏ

ଗୋଟିଏ ବିଶ୍ୱବିଦ୍ୟାଳୟ ସହ ଅନେକ ଶିକ୍ଷାନୁଷ୍ଠାନ ସହବନ୍ଧିତ ହୋଇଥିବାରୁ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନ ଓ ଶିକ୍ଷାର ମାନ ଅପେକ୍ଷା ଏବେ ପ୍ରଶାସନିକ କାର୍ଯ୍ୟ ପ୍ରତି ଅଧିକ ଗୁରୁତ୍ୱ ଦେଉଛି। ଆର୍ଥିକ ଅଭାବ ଯୋଗୁଁ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ଉତ୍କୃଷ୍ଟ ଶିକ୍ଷା ପ୍ରଦାନ କରିପାରୁନାହାନ୍ତି। ପରୀକ୍ଷା କରି କୌଣସିମତେ ଫଳାଫଳ ଘୋଷଣା କରିଦେବା ମୁଖ୍ୟ କାର୍ଯ୍ୟ ହୋଇଛି। ବିଶ୍ୱବିଦ୍ୟାଳୟ ସମୂହରେ ଥିବା ପରିଚାଳନା ପରିଷଦ / ସିଣ୍ଡିକେଟ, ଏକାଡେମିକ କାଉନସିଲ ଆଦି ଏବେ ରାଜନୈତିକ ଗୋଷ୍ଠୀଙ୍କ ଦ୍ୱାରା କବଳିତ ହୋଇ ଶିକ୍ଷା ଓ ପାଠ୍ୟକ୍ରମ ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟକୁ ଅଗ୍ରାଧିକାର ଦେଉଛି। ଫଳରେ ଯେଉଁ ଲକ୍ଷ୍ୟ ନେଇ ବିଶ୍ୱବିଦ୍ୟାଳୟଗୁଡ଼ିକ ଗଠନ ହୋଇଥିଲା ତାହା ପୂରଣ ହୋଇପାରୁନାହିଁ। ଏଭଳି ଅଚଳାବସ୍ଥାରୁ ତ୍ରାହି ପାଇବା ପାଇଁ ବୃହତ୍ତର ଶିକ୍ଷାନୁଷ୍ଠାନଗୁଡ଼ିକୁ ସ୍ୱୟଂଶାସନ ପ୍ରଦାନ କରିବା ଏକମାତ୍ର ବାଟ ବୋଲି ମନେହୁଏ। ଯେଉଁ ନେତାମାନେ ସମ୍ମାନ ଓ ମର୍ଯ୍ୟାଦାର ପାତ୍ର ସେମାନେ ବିଶ୍ୱବିଦ୍ୟାଳୟ ପରିସରରେ ଶୈକ୍ଷିକ ବାତାବରଣର ପୁନଃ ପ୍ରତିଷ୍ଠା ପ୍ରତି ଧ୍ୟାନ ଦେବା ଆଶା କରାଯାଏ। ପ୍ରଶାସନିକ କାର୍ଯ୍ୟ ଓ ପ୍ରଭାବରୁ ଶୈକ୍ଷିକ ବାତାବରଣକୁ ମୁକ୍ତ ରଖିବାକୁ ହେବ। ଏସବୁ କଥାକୁ ଲକ୍ଷ୍ୟ କରି ସରକାର ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କରିଦେଇଛନ୍ତି। ପ୍ରତିଷ୍ଠିତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣ ଉନ୍ନତି ଓ ଶିକ୍ଷାଦାନର ମାନବୃଦ୍ଧି ପାଇଁ ସେଗୁଡ଼ିକୁ ଅଧିକ ସ୍ୱୟଂଶାସନ ଉଭୟ ଶୈକ୍ଷିକ ଓ ପ୍ରଶାସନିକ ସ୍ତରରେ ପ୍ରଦାନ କରାଯାଉଛି। ଫଳରେ ଏଥିରେ ଅନାବଶ୍ୟକ ବାହ୍ୟ ହସ୍ତକ୍ଷେପ ଓ ଚାପର ସମ୍ଭାବନା କମିଛି। ଜୀବନବ୍ୟାପୀ ଶିକ୍ଷା, ବାସ୍ତବ ଶିକ୍ଷା କିମ୍ବା ମିଳିତ ଶିକ୍ଷା ଏବେ ଅନେକ ଜୀବନକୁ ବଦଳାଇବାରେ ସକ୍ଷମ ହେଉଛି। ବିଭିନ୍ନ ଉତ୍କୃଷ୍ଟ ବିଶ୍ୱବିଦ୍ୟାଳୟରୁ ପ୍ରାପ୍ତ ଶିକ୍ଷାଦାନ ସଂକ୍ରାନ୍ତ ତଥ୍ୟାବଳୀ ଓ ପାଠ୍ୟକ୍ରମକୁ ସଂଗ୍ରହ କରି ତାହାକୁ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଅନ୍ୟ ଶିକ୍ଷାନୁଷ୍ଠାନକୁ ଯୋଗାଇବା ସମ୍ଭବ ହୋଇଛି। ଏଥିପାଇଁ ସରକାର 'ସ୍ୱୟମ୍' ନାମରେ ଏକ ଆଇଟି ବ୍ୟବସ୍ଥା ବାହାର କରିଛନ୍ତି। ଏଥିରେ ୩୫୦ ଅନ୍‌ଲାଇନ୍ ପାଠ୍ୟକ୍ରମ ପ୍ରଦାନର ବ୍ୟବସ୍ଥା କରାଯାଇଛି, ଜୀବନବ୍ୟାପୀ ଶିକ୍ଷା କ୍ଷେତ୍ରରେ ଆଗ୍ରହୀ ବ୍ୟକ୍ତି ବିଶେଷଙ୍କୁ ଏହା ସହଜ ଓ ସୁବିଧାରେ ଶିକ୍ଷା ଯୋଗାଇପାରିବ।

ବଜେଟରେ ଏକ ଜାତୀୟ ଟେଷ୍ଟିଙ୍ଗ୍ ଏଜେନ୍ସି ଗଠନର ପ୍ରସ୍ତାବ ରହିଛି। ଦେଶର ସବୁ ଉଚ୍ଚସ୍ତର ଶିକ୍ଷାନୁଷ୍ଠାନ ପାଇଁ ପ୍ରବେଶିକା ପରୀକ୍ଷା ସ୍ୱାଧୀନ ଓ ସ୍ୱୟଂକ୍ରିୟ ବ୍ୟବସ୍ଥାରେ ପରିଚାଳନା କରିବା ଏହି ପ୍ରସ୍ତାବିତ ସଂସ୍ଥାର ଲକ୍ଷ୍ୟ। ଏହା ଏକ ସ୍ୱାଗତ ଯୋଗ୍ୟ ନିଷ୍ପତ୍ତି। ବିଭିନ୍ନ ସଂସ୍ଥା ଦ୍ୱାରା ଏକାଧିକ ପ୍ରବେଶିକା ପରୀକ୍ଷା ବିଭିନ୍ନ ସ୍ଥାନରେ ବିଭିନ୍ନ ଢଙ୍ଗରେ ହେଉଥିବାରୁ ଆବେଦନ ଓ ପରୀକ୍ଷା ଦେବାକୁ ଉଭୟ ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତା / ଅଭିଭାବକ ନାହିଁ ନଥିବା ମାନସିକ, ଶାରୀରିକ ଓ ଆର୍ଥିକ ଚାପ ମଧ୍ୟରେ ରହୁଥିଲେ। ଏବେ ଗୋଟିଏ ସଂସ୍ଥା ସବୁ ପ୍ରକାର ପ୍ରବେଶିକା ପରୀକ୍ଷା କରିବାକୁ ଥିବାରୁ ସେ ସମସ୍ୟା ଦୂର ହେବ। ସେହିଭଳି ଜାତୀୟ ପ୍ରତିଷ୍ଠାନ ଓ ଶିକ୍ଷାନୁଷ୍ଠାନ ସମୂହ ପ୍ରବେଶିକା ପରୀକ୍ଷା ପରିଚାଳନା ବୋଝରୁ ମଧ୍ୟ ମୁକ୍ତ ହେବେ।

ଏହି ସନ୍ଧିକ୍ଷଣରେ ମୋ ମତରେ ଫ୍ରାଉନହଫର ମଡେଲ (ଢାଞ୍ଚା)ରେ ଶୈକ୍ଷିକ ପ୍ରତିଷ୍ଠାନମାନ ସ୍ଥାପନ କରିବାର ଆବଶ୍ୟକତା ରହିଛି। ଏହି ବ୍ୟବସ୍ଥାରେ ସମାଜ (ଆମ ବ୍ୟବସ୍ଥାରେ ସରକାରୀ-ବେସରକାରୀ ଭାଗିଦାରୀ ବ୍ୟବସ୍ଥା) ପ୍ରାୟ ୭୦% ଅର୍ଥ ବିଭିନ୍ନ ଶିଳ୍ପ ସଂସ୍ଥା କିମ୍ବା ସରକାରୀ ପ୍ରକଳ୍ପ ସହ ଚୁକ୍ତି ଭିତ୍ତିରେ ଆୟ କରିପାରିବ ଏବଂ ବାକି ୩୦ ଶତାଂଶ ଅର୍ଥ ବଜେଟ ବ୍ୟବସ୍ଥାରେ ମିଳିପାରିବ। ପ୍ରୟୋଗାତ୍ମକ ଗବେଷଣା ଏବଂ ସମାଜର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ପାଇଁ ହେଉଥିବା ଗବେଷଣା ନିମନ୍ତେ ଯେଉଁ ଅର୍ଥ ଦରକାର ସମ୍ପୃକ୍ତ ଅନୁଷ୍ଠାନ ସରକାରୀ-ବେସରକାରୀ ଭାଗିଦାରୀ ଭିତ୍ତିରେ ଅଧିକରୁ ଅଧିକ ଆସିବା ଉଚିତ।

ମ୍ୟାକ୍ସ ପ୍ଲାଙ୍କ ସୋସାଇଟି ମୌଳିକ ଗବେଷଣା କ୍ଷେତ୍ରରେ ଏକ ଅଗ୍ରଗାମୀ ପ୍ରତିଷ୍ଠାନ। ପ୍ରାକୃତିକ, ଜୀବ ଓ ସମାଜ ବିଜ୍ଞାନ, କଳା ଓ ମାନବୀୟ ବ୍ୟାପାର ସଂକ୍ରାନ୍ତ ବିଷୟରେ ଏହା ଗବେଷଣାକୁ ପ୍ରୋତ୍ସାହିତ କରିଥାଏ। ବିଶ୍ୱରେ ମ୍ୟାକ୍ସ ପ୍ଲାଙ୍କର ୮୩ଟି ଉଚ୍ଚକୋଟିର ଗବେଷଣା ପ୍ରତିଷ୍ଠାନ କାର୍ଯ୍ୟକରୁଛି। ଏସବୁ ପ୍ରତିଷ୍ଠାନ ବିଭିନ୍ନ ବିଶ୍ୱବିଦ୍ୟାଳୟ ସହ ସମ୍ପର୍କ ରଖି ସ୍ୱାଧୀନଭାବେ କାର୍ଯ୍ୟ କରୁଛନ୍ତି। ଏହି ପ୍ରତିଷ୍ଠାନ ନୂଆ ବା ଅଭିନବ ଗବେଷଣାକୁ ପ୍ରୋତ୍ସାହିତ କରୁଥିବାରୁ ବିଶ୍ୱ ବିଦ୍ୟାଳୟଗୁଡ଼ିକରେ ଏଭଳି ଗବେଷଣା ପାଇଁ ଆବଶ୍ୟକ ସୁବିଧାସୁଯୋଗ ଓ ସମ୍ଭାବନା ନ ଥାଏ। ବିଶ୍ୱବିଦ୍ୟାଳୟର ଗବେଷଣାମାନ ମୁଖ୍ୟତଃ ଆନ୍ତଃ ବିଷୟକ। ସରକାର ଗବେଷଣା କ୍ଷେତ୍ର ପାଇଁ ନୂଆ ପ୍ରୟାସ କଲେ ଅନ୍ତତଃ ଭାରତରେ ମ୍ୟାକ୍ସ ପ୍ଲାଙ୍କ ସ୍ତରୀୟ ଅନୁଷ୍ଠାନ ସ୍ଥାପନ ହେବାର ସମ୍ଭାବନା ସୃଷ୍ଟି ହେବ।

ବିରାଟ ଜନସଂଖ୍ୟାର ଚାପକୁ ସଂଭାଳି ପାରୁଥିବା ଏକ ପରିବେଶ ଯୁବସମାଜର କାମ୍ୟ। ନିରନ୍ତର ବିକାଶ ପାଇଁ ପ୍ରାକୃତିକ ସମ୍ବଳର ବିନିଯୋଗ ବୁଝିବିଚାରି କରିବାକୁ ପଡ଼ିବ। ସେଥିପାଇଁ ଆମ ଶିଳ୍ପ ସଂସ୍ଥାଗୁଡ଼ିକୁ ନିଜର କୌଶଳ ବଦଳାଇ ଆନ୍ତର୍ଜାତିକ ସ୍ତରର କରିବାକୁ ହେବ। ଶ୍ରମିକ, କର୍ମଚାରୀଙ୍କ ଦକ୍ଷତା ଓ କୁଶଳତାର ବିକାଶ ନ'ହେଲେ ଆନ୍ତର୍ଜାତିକସ୍ତରରେ ଆମେ ପ୍ରତିଯୋଗିତା କରିପାରିବା ନାହିଁ। ସେଥିପାଇଁ ସମଗ୍ର ଦେଶରେ ଦକ୍ଷତା-କୁଶଳ ବିକାଶ ପାଇଁ ଆବଶ୍ୟକତା ଅନୁସାରେ ତାଲିମ କେନ୍ଦ୍ରମାନ ପ୍ରତିଷ୍ଠା କରାଯିବା ଉଚିତ। ସବୁଶ୍ରେଣୀ ଓ ବର୍ଗର ଲୋକଙ୍କ ପାଇଁ ଏଭଳି ପ୍ରତିଷ୍ଠାନ ଖୋଲାଯିବା ଆବଶ୍ୟକ।

ଜାତୀୟ ଶିକ୍ଷା ଓ ତାଲିମ ପ୍ରୟାସରେ ଧନ୍ଦାମୂଳକ ଶିକ୍ଷା ଅଗ୍ରାଧିକାର ପାଇଛି। ଦେଶର ଜନସଂଖ୍ୟା, ବିଭିନ୍ନ ଶ୍ରେଣୀର ଶ୍ରମିକ ଏବଂ ନିଯୁକ୍ତି ପରିସର ଆଦି ଦୃଷ୍ଟିରୁ ଏହା ଅପରିହାର୍ଯ୍ୟ। ତେଣୁ ଧନ୍ଦାମୂଳକ ଶିକ୍ଷା ଓ ତାଲିମକୁ ସରକାର ଅଧିକ ନମନୀୟ, ସମସାମୟିକ (ଯୁଗଉପଯୋଗୀ) ପ୍ରାସଙ୍ଗିକ, ସୃଷ୍ଟିଧର୍ମୀ ତଥା ଅନ୍ତର୍ନିବେଶୀ ନ'କଲେ ତାହାର କୌଣସି ଅର୍ଥ ରହିବ ନାହିଁ। ଚଳିତ ବର୍ଷର ବଜେଟରେ ଉପର ବର୍ଣ୍ଣିତ କେତେକ ପ୍ରସଙ୍ଗକୁ ସାମିଲ କରାଯାଇ ସେଥିପାଇଁ ଅର୍ଥ ବରାଦ ହୋଇଛି। ପ୍ରଧାନମନ୍ତ୍ରୀ କୁଶଳକେନ୍ଦ୍ର ଯୋଜନାକୁ ଦେଶର ୬୦୦ ଜିଲାକୁ ସଂପ୍ରସାରିତ କରାଯାଇଛି। ଏହାଛଡ଼ା

ଦେଶରେ ୧୦୦ଟି ନୂଆ ଆନ୍ତର୍ଜାତିକ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ ସହ ସଂକଳ୍ପ ଯୋଜନାରେ ଲୋକଙ୍କୁ କୁଶଳୀ କରାଇ ଆବଶ୍ୟକ ଜ୍ଞାନ ଆହରଣପୂର୍ବକ ଜୀବିକା ନିର୍ବାହର ପନ୍ଥା ଖୋଜିବାକୁ ସମର୍ଥ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏ ବାବଦରେ ମୋଟ ୪୦୦୦ କୋଟି ଟଙ୍କାର ବ୍ୟୟ ବରାଦ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି କାର୍ଯ୍ୟକ୍ରମରେ ଦେଶର ସାଢ଼େ ତିନିକୋଟି ଯୁବବର୍ଗ ତାଲିମ ପାଇ ରୋଜଗାର ଉପଯୋଗୀ ହେବେ।

**ଭାରତର ଶ୍ରମ ଶକ୍ତି ସଂକ୍ରାନ୍ତ କେତେକ ତଥ୍ୟ ନିମ୍ନମତେ ପ୍ରଦାନ କରାଗଲା।**

- ୨୦୧୨ରେ ଭାରତର ମୋଟ ଶ୍ରମିକ ସଂଖ୍ୟା ଥିଲା ୪୭ କୋଟି ୪୧ଲକ୍ଷ; ଯାହା ଚୀନ ପରେ ସାରା ବିଶ୍ୱରେ ଦ୍ୱିତୀୟ।
- ଏହି ଶ୍ରମିକଙ୍କ ମଧ୍ୟରୁ ୯୪ ଶତାଂଶରୁ ଅଧିକ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରନ୍ତି ଏବଂ କାହାର କୌଣସି ସାମାଜିକ ନିରାପତ୍ତା ନାହିଁ।
- ଭାରତର ୬୦% ଶ୍ରମଶକ୍ତି ଆତ୍ମନିଯୁକ୍ତ ଓ ସେମାନଙ୍କ ମଧ୍ୟରୁ ଅନେକ ଅତି ଗରିବ।
- ଏମାନଙ୍କ ମଧ୍ୟରୁ ପ୍ରାୟ ୩୦ ଶତାଂଶ ସାମୟିକ କର୍ମଚାରୀ ଓ ମାତ୍ର ୧୦ ଶତାଂଶ ନିୟମିତ ନିଯୁକ୍ତିରେ ଅଛନ୍ତି। ନିଯୁକ୍ତ କର୍ମଚାରୀଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ କାର୍ଯ୍ୟରତ।
- ଭାରତର ମୁଣ୍ଡ ପିଛା ଆୟ ସର୍ବନିମ୍ନ ସ୍ତରର ଏବଂ ଉତ୍ପାଦକତା ମଧ୍ୟ ଅତି କମ୍। ଜାପାନରେ ଶ୍ରମିକଙ୍କ ମୁଣ୍ଡପିଛା ଆୟ ୩୦ ହଜାର ଡଲାର, ଶ୍ରୀଲଙ୍କାରେ ୮୭୯ ଡଲାର ଥିବାବେଳେ ଭାରତରେ ଏହା ମାତ୍ର ୪୩୩ ଡଲାର। ଏବେ ଭାରତର ମୁଣ୍ଡିପିଛା ଆୟ ବିକଶିତ ରାଷ୍ଟ୍ରଙ୍କ ମୁଣ୍ଡପିଛା ଆୟରର ୭.୫ ଶତାଂଶ। ପଚାଶ ବର୍ଷ ମଧ୍ୟରେ ଏହି ଆୟ ହାର ପଚାଶ ଶତାଂଶ ବଢ଼ିବା ଉଚିତ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି।
- ଭାରତର ଜନସଂଖ୍ୟାର ୫୦ ଶତାଂଶ କୃଷିକ୍ଷେତ୍ର ଦ୍ୱାରା ଗୁଜରାଣ ମେଣ୍ଟାନ୍ତି। ଦେଶର ମୋଟ ଜାତୀୟ ଆୟକୁ କୃଷି କ୍ଷେତ୍ରର ଅବଦାନ ନିରନ୍ତର ଭାବେ ହ୍ରାସ ପାଉଛି। ତେଣୁ ଲୋକେ କାମ ଆଶାରେ ଗ୍ରାମାଞ୍ଚଳ ଛାଡ଼ି ଅଧିକ ସଂଖ୍ୟାରେ ସହରାଞ୍ଚଳକୁ ପଳାଇ ଆସୁଛନ୍ତି। ଏହା ଫଳରେ ସହରାଞ୍ଚଳରେ ଅନେକ ସମସ୍ୟା ସୃଷ୍ଟି ହେଉଛି।

ଏହି ସ୍ଥିତିରେ ସଂକଳ୍ପ ଯୋଜନାକୁ ଠିକଣାଭାବେ ପ୍ରସ୍ତୁତି କରି କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି। ଏହାଛଡ଼ା ସରକାର ଯେଉଁ ଷ୍ଟ୍ରାଇଭ ଯୋଜନା ପ୍ରସ୍ତୁତ କରିଛନ୍ତି ତାହାକୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗ ସହ ସଂଯୁକ୍ତ କରାଯିବା ଉଚିତ। କାରଣ ଷ୍ଟ୍ରାଇଭ ଯୋଜନା ଔଦ୍ୟୋଗିକ ମାନବୃଦ୍ଧି ପାଇଁ ଉଦ୍ଦିଷ୍ଟ ଏକ କାର୍ଯ୍ୟକ୍ରମ। ଏହି ଯୋଜନାରେ ଜୋତା, ବୟନ, ଚମଡ଼ା ଶିଳ୍ପରେ ଅଧିକରୁ ଅଧିକ କୁଶଳୀ କାରିଗର ରୋଜଗାରର ସୁଯୋଗ ପାଇବେ। ବିଶ୍ୱର ଅଧିକାଂଶ ବିକାଶଶୀଳ ଓ ବିକଶିତ ଅର୍ଥନୀତିରେ ବୟସ୍କ ଶ୍ରମଶକ୍ତି ଅଧିକରୁ ଅଧିକ କର୍ମକ୍ଷେତ୍ରରୁ ଓହରିଯାଉଛନ୍ତି। ଏହାଫଳରେ ଏକ ବଡ଼ ବ୍ୟବଧାନ ସୃଷ୍ଟି ହେଉଛି। ଭାରତ ଏହାର ସୁଯୋଗ ନେବା ଆବଶ୍ୟକ। ସେଥିପାଇଁ ବିପୁଳ ଯୁବ କୁଶଳୀ ଲୋକଶକ୍ତି ପ୍ରସ୍ତୁତିର ଆବଶ୍ୟକତା ରହିଛି।

**ଉପସଂହାର :** ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଡିଜିଟାଇଜେସନକୁ ଗୁରୁତ୍ୱ ଦେଉଥିବାରୁ ଏହାର ସୋପାନୀପାତ ପ୍ରଭାବ ଯୁବ ସମାଜ ଉପରେ ପଡ଼ିବ। କାରଣ ଭାରତରେ ଯେପରି ବ୍ୟାପାର ବଣିଜ, କାରବାର ଚାଲିଛି ଓ ଯେଉଁ ମୂଲ୍ୟବୋଧ ରହିଛି ତାହାକୁ ଡିଜିଟାଇଜେସନ ବଦଳାଇବ। ସେସବୁକୁ ଦୃଷ୍ଟିରେ ରଖି ସରକାର ବଜେଟରେ ଭିମ୍ ଆପ୍, ବ୍ୟକ୍ତିବିଶେଷଙ୍କ ପାଇଁ ରେଫରାଲ ବୋନସ୍ ଯୋଜନା, ବ୍ୟବସାୟୀଙ୍କ ପାଇଁ କ୍ୟାସ୍ ବ୍ୟାକ୍ ସ୍କିମ୍ ଓ ଆଧାର ପେ ଆଦି କାର୍ଯ୍ୟକ୍ରମ ବ୍ୟବସ୍ଥା କରିଛନ୍ତି ଯାହା ସ୍ୱାଗତଯୋଗ୍ୟ। ସ୍ୱଚ୍ଛ ନଗଦ କାରବାର ପାଇଁ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଓ ପଦକ୍ଷେପ ଦ୍ୱାରା ଦୁର୍ନୀତି ଯଥେଷ୍ଟ ହ୍ରାସ ପାଇବ ଓ ଆର୍ଥିକ ବ୍ୟବସ୍ଥା ସ୍ୱଚ୍ଛ ହେବ। ମୋଟାମୋଟି ଏହା ଅଧିକ ନିଯୁକ୍ତି ସୃଷ୍ଟି ସହ ସରକାରୀ, ଘରୋଇ ଓ ବ୍ୟକ୍ତିଗତ ଜୀବନରେ ଆର୍ଥିକ ଶୃଙ୍ଖଳା, ସ୍ୱଚ୍ଛତା ଓ ପ୍ରତିବଦ୍ଧତା ଆଣିବାରେ ସହାୟକ ହୋଇପାରିବ ବୋଲି ଆଶା କରିବା ସ୍ୱାଭାବିକ।

ଆଗରୁ କହିଛି ବଜେଟର ବ୍ୟବସ୍ଥା ଓ ପ୍ରସ୍ତାବନା ଭାରତରେ ମ୍ୟାକ୍ସ ପ୍ଲାଙ୍କ କିମ୍ବା ଫ୍ରାଉନହଫର ଭଳି ପ୍ରତିଷ୍ଠାନ ଖୋଲିବାକୁ ପ୍ରୋତ୍ସାହନ ଯୋଗାଇବ ଯାହା ମେକ୍ ଇନ୍ ଇଣ୍ଡିଆ, ଷ୍ଟାର୍ଟ ଅପ୍ ଇଣ୍ଡିଆ ଆଦି ପ୍ରୟାସକୁ ସଫଳ କରିବାରେ ସହାୟକ ହେବ। ଆମର ସ୍କୁଲ ଓ କଲେଜ ଶିକ୍ଷା ସ୍ତରରେ ଧନ୍ଦାମୂଳକ ପାଠ କୁଶଳ ବିକାଶକୁ ପାଠ୍ୟକ୍ରମ ସହିତ ଯୋଡ଼ିବା ସପକ୍ଷରେ ମୁଁ ବ୍ୟକ୍ତିଗତ ଭାବେ ଆଗ୍ରହୀ। ଆହୁରି ମଧ୍ୟ ଏକ ଜାତୀୟ କୁଶଳ ବିକାଶ ବିଶ୍ୱବିଦ୍ୟାଳୟ ଗଠନ କରାଯିବା ଉଚିତ ବୋଲି ମୋର ମତ। ଏହା ହେଲେ ସରକାର ଯେଉଁସବୁ କାର୍ଯ୍ୟକ୍ରମ ଏବାବଦରେ ହାତକୁ ନେଇଛନ୍ତି ତାହା ଅଧିକ ସଫଳ ହୋଇପାରିବ।

ଯୁବବର୍ଗଙ୍କ ସଶକ୍ତିକରଣ ପାଇଁ ସରକାର ଯେଉଁସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ସ୍ୱାଗତଯୋଗ୍ୟ ହୋଇଥିଲେ ହେଁ ଶିକ୍ଷାକ୍ଷେତ୍ର ପାଇଁ ସରକାରୀ ବ୍ୟୟବରାଦ ଚିନ୍ତାଜନକ ରହିଛି। ୨୦୧୨ଠାରୁ ଏବାବଦରେ ମୋଟ୍ ଜାତୀୟ ଆୟର ଯେଉଁ ଅନୁପାତ ଖର୍ଚ୍ଚ ହେଉଛି ସେଥିରେ କ୍ରମାଗତ ହ୍ରାସ ପରିଲକ୍ଷିତ ହେଉଛି। ଯୁବବର୍ଗଙ୍କ ସଂଖ୍ୟା କ୍ରମଶଃ ବଢୁଥିବା ବେଳେ ଶିକ୍ଷାବାବଦ ବ୍ୟୟ ହ୍ରାସ ଉଚିତ ପଦକ୍ଷେପ ନୁହେଁ।

ମୋର ଆଶା ଦେଶର କ୍ରମବର୍ଦ୍ଧିଷ୍ଣୁ ଯୁବବର୍ଗଙ୍କ ଆଶା ଆକାଂକ୍ଷା ପୂରଣ କରିବା ପାଇଁ ସରକାର ଦେଶର ଅଭିବୃଦ୍ଧି ଓ ଭବିଷ୍ୟତର ଯୋଜନାରେ ଏକ ନୂଆ ଅଧ୍ୟାୟ ଯୋଡ଼ିବେ ଏବଂ ସେଥିରେ ଯୁବବର୍ଗଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ ବ୍ୟୟବରାଦ ସ୍ଥାନ ପାଇବ। ଏହି ପ୍ରକ୍ରିୟାରେ ନାଗରିକମାନଙ୍କୁ ସାମିଲ ହୋଇ ସମ୍ପତ୍ତି ସୃଷ୍ଟିରେ ସାମିଲ ହେବା ସହ ନୈତିକ ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ। ପରବର୍ତ୍ତୀପିଢ଼ିକୁ ଶାସନର ଅଡ଼ା ହସ୍ତାନ୍ତରିତ ହୋଇଥିବାରୁ ବିପୁଳ ଶକ୍ତି ସହିତ, ବଡ଼ ଦାୟିତ୍ୱ ଯେ ଆସିଥାଏ ଏହି ଗୁରୁତ୍ୱପୂର୍ଣ୍ଣ କଥାଟିକୁ ମନେରଖିବାକୁ ହେବ।

ଲେଖକ ଜଣେ ବିଶିଷ୍ଟ ଶିକ୍ଷାବିତ୍।

# ଚଣ୍ଡିଖୋଲଠାରେ ଦେଶର ସର୍ବବୃହତ୍ ଅଶୋଧିତ ତୈଳ ସଂରକ୍ଷଣ ଭଣ୍ଡାର ନିର୍ମାଣ

**ଅନୁପମ ପ୍ରହରାଜ**

**ଓ**ଡ଼ିଶା ହେବ ଇନ୍ଧନ ଶକ୍ତିକେନ୍ଦ୍ରର ଦ୍ୱାର। ଭାରତର ପୂର୍ବାଞ୍ଚଳ ଓ ଉତ୍ତରପୂର୍ବାଞ୍ଚଳରେ ଓଡ଼ିଶାର ବଢ଼ିବ ଗୁରୁତ୍ୱ। ଅର୍ଥନୀତି, ସାମାଜିକ ଅବସ୍ଥାରେ ଆସିବ ବ୍ୟାପକ ପରିବର୍ତ୍ତନ। ବିକାଶ ଓ ସମୃଦ୍ଧି ହେବ ବ୍ୟବସ୍ଥାର ମାନଦଣ୍ଡ। ଏଭଳି ନୀତି ଉପରେ କେନ୍ଦ୍ରର ଶ୍ରୀ ନରେନ୍ଦ୍ର ମୋଦି ସରକାର କାର୍ଯ୍ୟ କରୁଛନ୍ତି। ବିକାଶଠାରୁ ପଛରେ ପଡ଼ିଯାଉଥିବା ପୂର୍ବାଞ୍ଚଳର ଓଡ଼ିଶା, ବିହାର, ପଶ୍ଚିମବଙ୍ଗ ଭଳି ରାଜ୍ୟଗୁଡ଼ିକୁ ଆଗକୁ ବଢ଼ାଇବା ଲାଗି ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ରହିଛି। ସେହି ବ୍ୟବସ୍ଥା ଭିତରେ ଓଡ଼ିଶାକୁ ଆସିଛି ଏକାଧିକ ପେଟ୍ରୋଲିୟମ୍ ପଦାର୍ଥଯୁକ୍ତ କାରଖାନା ଓ ତଦ୍‌ଜନିତ ଆନୁଷଙ୍ଗିକ ଉଦ୍ୟୋଗ ପ୍ରତିଷ୍ଠାର ନକ୍ସା। ପାରାଦ୍ୱୀପରେ ଆଇଓସିଏଲ ନିର୍ମିତ ତୈଳ ବିଶୋଧନାଗାର ପ୍ରତିଷ୍ଠା ହୋଇସାରିଥିବାବେଳେ ଏହାର ସଂପ୍ରସାରଣ କାର୍ଯ୍ୟ ଚାଲିଛି। ଆଉ କେତୋଟି ପ୍ରକଳ୍ପ ଆରମ୍ଭ ହୋଇସାରିଛି ଓ ଅନ୍ୟଗୁଡ଼ିକ ଲାଗି କ୍ଷେତ୍ରୀୟ ଅନୁସନ୍ଧାନ ଶେଷ ହୋଇଥିବା ସହ ଅର୍ଥ ମଞ୍ଜୁର କରାଯାଇଛି।

ଓଡ଼ିଶାର ପୂର୍ବାଞ୍ଚଳ ଉପକୂଳରେ ଏସବୁ ପ୍ରକଳ୍ପ ଗଢ଼ି ଉଠିବା ଦ୍ୱାରା ରାଜ୍ୟର ଅର୍ଥନୀତିକୁ କେବଳ ଯେ ଏହା ଗତି ଓ ବଳ ଦେବ ତା’ ନୁହେଁ ବରଂ; ବରଂ ଏହାଦ୍ୱାରା ଓଡ଼ିଶାର ଲକ୍ଷ ଲକ୍ଷ ବେକାର ଯୁବକ-ଯୁବତୀଙ୍କ ଲାଗି ବ୍ୟାପକ ନିଯୁକ୍ତିର ଅପାର ସମ୍ଭାବନା ସୃଷ୍ଟି କରିବ। ଜଗତସିଂହପୁର ଜିଲା ପାରାଦ୍ୱୀପଠାରେ ଭାରତୀୟ ତୈଳ ନିଗମ ପକ୍ଷରୁ ତୈଳ ବିଶୋଧନାଗାର ପ୍ରତିଷ୍ଠା ହୋଇଛି। ଏହାର ଉତ୍ପାଦନ କ୍ଷମତାକୁ ସଂପ୍ରସାରଣ କରିବା ସହ ପେଟ୍ରୋଲଜାତ ସାମଗ୍ରୀର ଆନୁଷଙ୍ଗିକ କାରଖାନା ପ୍ରତିଷ୍ଠା କରିବା ଲାଗି କାର୍ଯ୍ୟ ଜୋରଦାର ଚାଲିଛି।

ଏବେ ପୁଣି ଯାଜପୁର ଜିଲାର ଚଣ୍ଡିଖୋଲଠାରେ ଦେଶର ସର୍ବବୃହତ୍ ଅଶୋଧିତ ତୈଳ ସଂରକ୍ଷଣ ଭଣ୍ଡାର ନିର୍ମାଣ ନିଷ୍ପତ୍ତି ରାଜ୍ୟର ସାଢ଼େ ଚାରିକୋଟି ଓଡ଼ିଆଙ୍କ ଲାଗି ବ୍ୟାପକ ସମୃଦ୍ଧିର ସମ୍ଭାବନା ଆଣିଛି। ଅର୍ଥମନ୍ତ୍ରୀ ଶ୍ରୀ ଅରୁଣ ଜେଟଲୀ କେନ୍ଦ୍ର ବଜେଟ୍-୨୦୧୭-୧୮ରେ କରିଥିବା ଏ ସଂକ୍ରାନ୍ତ ଘୋଷଣା ପରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କୁ ଓଡ଼ିଶା ତରଫରୁ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ପ୍ରଧାନଙ୍କ ତୈଳ ମନ୍ତ୍ରଣାଳୟ ଏହି ପ୍ରାକୃତିକ ତୈଳ ସଂରକ୍ଷଣ ଭଣ୍ଡାର ନିର୍ମାଣ ନେଇ ଯେଉଁ ପ୍ରସ୍ତାବ ଅର୍ଥ ମନ୍ତ୍ରଣାଳୟକୁ ଦେଇଥିଲେ ତାହାକୁ ଶ୍ରୀ ଜେଟଲୀଙ୍କ ବିଭାଗ ଅନୁମୋଦନ ଦେଇ ବଜେଟ୍‌ରେ ଆର୍ଥିକ ବ୍ୟବସ୍ଥା କରିଛନ୍ତି। ସଂପ୍ରତି ଦେଶରେ ତିନିଟି ଅଶୋଧିତ ତୈଳ ସଂରକ୍ଷଣ ଭଣ୍ଡାର ନିର୍ମାଣ କରାଯାଇଛି। ଆନ୍ଧ୍ରପ୍ରଦେଶର ବିଶାଖପାଟନା ତୈଳ ଭଣ୍ଡାରର ମହଜୁଦ କ୍ଷମତା ୧.୩୩ ନିୟୁତ ଟନ୍ ରହିଛି। ଯାହାକି ଏବେ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ। ସେହିଭଳି କର୍ଣ୍ଣାଟକର ମାଙ୍ଗାଲୋରରେ ୧.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଓ ପାଦୁରରେ ୨.୫ ନିୟୁତ ଟନ୍ ଅଶୋଧିତ ତୈଳ ସଂରକ୍ଷଣ ଭଣ୍ଡାର ଦ୍ୱୟ ନିର୍ମାଣ ସରିଛି। ଏହି ତିନିଟି ଭଣ୍ଡାରର ଅଶୋଧିତ ତୈଳ ସଂରକ୍ଷଣ କ୍ଷମତା ହେଉଛି ୫.୩୩ ନିୟୁତ ଟନ୍। ସଂପ୍ରତି ଦେଶରେ ଯେଉଁ ଅଶୋଧିତ ତୈଳ ସଂରକ୍ଷଣ ବ୍ୟବସ୍ଥା ରହିଛି ତାହା ମାତ୍ର ଦେଶର ୧୦ ଦିନ ତୈଳ ଚାହିଦା ମେଣ୍ଟାଇବାକୁ ସକ୍ଷମ ହେଉଛି। ଅଧୁନା ଭାରତର ତୈଳ ଚାହିଦାର ବହୁଳତାକୁ ଦୃଷ୍ଟିରେ ରଖି ଦ୍ୱିତୀୟ ଦଫାରେ ଆଉ ଯେଉଁ ୪ଟି ବୃହତ୍ ଅଶୋଧିତ ତୈଳ ସଂରକ୍ଷଣ ଭଣ୍ଡାର ନିର୍ମାଣ କରାଯିବାକୁ

ସଂପ୍ରତି ଦେଶରେ ଯେଉଁ ଅଶୋଧିତ ତୈଳ ସଂରକ୍ଷଣ ବ୍ୟବସ୍ଥା ରହିଛି ତାହା ମାତ୍ର ଦେଶର ୧୦ ଦିନ ତୈଳ ଚାହିଦା ମେଣ୍ଟାଇବାକୁ ସକ୍ଷମ ହେଉଛି। ଅଧୁନା ଭାରତର ତୈଳ ଚାହିଦାର ବହୁଳତାକୁ ଦୃଷ୍ଟିରେ ରଖି ଦ୍ୱିତୀୟ ଦଫାରେ ଆଉ ଯେଉଁ ୪ଟି ବୃହତ୍ ଅଶୋଧିତ ତୈଳ ସଂରକ୍ଷଣ ଭଣ୍ଡାର ନିର୍ମାଣ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା ସେଗୁଡ଼ିକ ମଧ୍ୟରେ ରହିଛି ରାଜସ୍ଥାନର ବିକାନେର, ଗୁଜରାଟର ରାଜକୋଟ, କର୍ଣ୍ଣାଟକର ପାଦୁର ସହ ଓଡ଼ିଶାର ଚଣ୍ଡିଖୋଲ।

ପ୍ରସ୍ତାବ ଦିଆଯାଇଥିଲା ସେଗୁଡ଼ିକ ମଧ୍ୟରେ ରହିଛି ରାଜସ୍ଥାନର ବିକାନେର, ଗୁଜରାଟର ରାଜକୋଟ, କର୍ଣ୍ଣାଟକର ପାଦୁର ସହ ଓଡ଼ିଶାର ଚଣ୍ଡିଖୋଲ। ତେବେ ଏଥର ବଜେଟ୍‌ରେ ଚଣ୍ଡିଖୋଲ ଓ ବିକାନେର ଅଶୋଧିତ ତୈଳ ସଂରକ୍ଷଣ ଭଣ୍ଡାର ନିର୍ମାଣ ପ୍ରସ୍ତାବକୁ ବଜେଟ୍ ମୋହର ଲାଗିଛି। ଏବଂ ଏଥିଲାଗି ବଜେଟ୍‌ରେ ଅର୍ଥ ଆବଣ୍ଟିତ ହୋଇଛି। ବିକାନେର ତଥା ଦେଶର ଅନ୍ୟ ସମସ୍ତ ତୈଳ ଭଣ୍ଡାର ସଂରକ୍ଷଣ କ୍ଷମତାଠାରୁ ବହୁ ଅଧିକ ମହଜୁଦ କ୍ଷମତା ବିଶିଷ୍ଟ ରହିବ ଚଣ୍ଡିଖୋଲର ପ୍ରସ୍ତାବିତ ପ୍ରକଳ୍ପର। ସଂପ୍ରତି ଦେଶରେ ଅଶୋଧିତ ତୈଳ ମହଜୁଦ ଭଣ୍ଡାରର କ୍ଷମତା ୫.୩୩ ନିୟୁତ୍ ଟନ୍ ରହିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ମାଣ କରାଯିବାକୁ ଥିବା ୪ଟି ତୈଳ ଭଣ୍ଡାରର ଅଶୋଧିତ ତୈଳ ମହଜୁଦ କ୍ଷମତା ୧୨.୫ ନିୟୁତ ଟନ୍ କରାଯିବାକୁ ନକ୍ସା ପ୍ରସ୍ତୁତ ହୋଇଛି। ତେବେ ସେଥିରୁ ଚଣ୍ଡିଖୋଲ ରିଜର୍ଭର କ୍ଷମତା କେବଳ ୪.୪ନିୟୁତ ଟନ୍। ଏହାର ବ୍ୟୟ ଅଟକଳ ରହିଛି ୫ ହଜାର କୋଟି ଟଙ୍କା। ଏହି ପ୍ରକଳ୍ପ ଆରମ୍ଭ କରିବା ଲାଗି ଗତବର୍ଷ ସେପ୍ଟେମ୍ବରରୁ ତୈଳ ସଚିବ କେ.ଡି.ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ୍ ଚଣ୍ଡିଖୋଲ ଆସି ସରଜମିନ ଅନୁଧ୍ୟାନ କରିସାରିଛନ୍ତି। ଏପରିକି ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିକାରୀଙ୍କ ସମେତ ଏକାଧିକ ବରିଷ୍ଠ ପଦାଧିକାରୀଙ୍କ ସହ ଆଲୋଚନା ସରିଛି। ଏହି ପ୍ରକଳ୍ପ କାର୍ଯ୍ୟକୁ କିଭଳି ଶୀଘ୍ର ଆରମ୍ଭ କରାଯିବ ସେନେଇ ଭିତ୍ତିଭୂମି ସୁଧାରିବାକୁ ମଧ୍ୟ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇସାରିଛି।


ପାରାଦ୍ୱୀପରେ ୩୪ ହଜାର କୋଟି ଟଙ୍କା ବିନିବେଶରେ ପ୍ରତିଷ୍ଠା କରାଯାଇଥିବା ୧୫ ନିୟୁତ୍ ଟନ୍ ବାର୍ଷିକ କ୍ଷମତା ବିଶିଷ୍ଟ ତୈଳ ବିଶୋଧନାଗାରକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଆନୁଷ୍ଠାନିକ ଉଦ୍‌ଘାଟନ କରିସାରିଛନ୍ତି। ସଂକଟ ସମୟରେ ତୈଳ ଗଚ୍ଛିତ କରି ରଖିବା ପାଇଁ ଚଣ୍ଡିଖୋଲ ତୈଳ ଭଣ୍ଡାର କାର୍ଯ୍ୟକୁ ମଧ୍ୟ ଅନୁମୋଦନ ମିଳି ଅର୍ଥ ମଞ୍ଜୁର ହୋଇଛି। ୩୮୦୦ କୋଟି ଟଙ୍କାର ଏହି ପ୍ରକଳ୍ପ ଲାଗି ୪ ହଜାର ଏକର ଜମି ଚିହ୍ନଟ ହୋଇସାରିଛି। ଏହା ପଡୋଶୀ ଆନ୍ଧ୍ରପ୍ରଦେଶ ସହ କର୍ଣ୍ଣାଟକକୁ ମଧ୍ୟ ତୈଳ ଯୋଗାଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ। ଚଣ୍ଡିଖୋଲରୁ ପାରାଦ୍ୱୀପ ଅର୍ଥାତ୍ ଯାଜପୁର-ଜଗତସିଂହପୁର-କେନ୍ଦ୍ରାପଡ଼ାରେ ପେଟ୍ରୋକେମିକାଲ କମ୍ପ୍ଲେକ୍ସ ଆଣ୍ଡ ପେଟ୍ରୋଲିୟମ, କେମିକାଲ୍ସ ଆଣ୍ଡ ପେଟ୍ରୋକେମିକାଲ ଇନ୍‌ଭେଷ୍ଟମେଣ୍ଟ ରିଜିଅନ୍ (ପିସିପିଆଇଆର) କରିବାର ଯେଉଁ ବୃହତ୍ ପରିକଳ୍ପନା କରାଯାଇଛି ତାହା ଓଡ଼ିଶାକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଆର୍ଥିକ ଦୃଷ୍ଟିରୁ ବିଶେଷ ଫାଇଦା ପହଞ୍ଚାଇବା ଆଶା ରହିଛି। ଏହାଦ୍ୱାରା ଉକ୍ତ ଜିଲାଗୁଡ଼ିକରେ ଏଥିଜନିତ ଆନୁଷଙ୍ଗିକ ବ୍ୟାବସାୟ ପ୍ରତିଷ୍ଠାନ ଗଢ଼ି ଉଠିବା ସହ ଛୋଟମୋଟ ବେପାର ମଧ୍ୟ ବଢ଼ିବ। କେବଳ ସେତିକି ନୁହେଁ; ସିଧାସଳଖ ୫୦ହଜାର ଓ ପରୋକ୍ଷରେ ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଓଡ଼ିଶା ଭାରତର ଏକମାତ୍ର ପୂର୍ବାଞ୍ଚଳ ରାଜ୍ୟ ହେବ ଯେଉଁଠାରେ କି ୫୦୦୦ କୋଟି ଟଙ୍କା ବ୍ୟୟରେ ଏଲଏନଜି ଟର୍ମିନାଲ ପ୍ରତିଷ୍ଠା କରାଯିବ। ଗେଲ୍ ଓ ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷଙ୍କ ମିଳିତ ସହାୟତାରେ ଏହି ପ୍ରକଳ୍ପ କରିବାକୁ ସ୍ଥିର କରାଯାଇଛି। ଏଠାରୁ ଅନ୍ୟାନ୍ୟ ରାଜ୍ୟଙ୍କୁ ଏଲଏନଜି, ଘରୋଇ ପ୍ରାକୃତିକ ବାଷ୍ପ ଓ କୋଲ୍ ବେଡ୍ ମିଥେନ୍ ଭଳି ତିନି ପ୍ରକାର ଇନ୍ଧନ ଯୋଗାଇ ଦିଆଯାଇପାରିବ। ପେଟ୍ରୋକେମିକାଲସ ଓ ତୈଳ ଓ ପ୍ରାକୃତିକ ଗ୍ୟାସ୍ କ୍ଷେତ୍ରରେ ଓଡ଼ିଶାରେ ଏକ ଲକ୍ଷ କୋଟି ଟଙ୍କାର ବିନିବେଶ କରାଯିବ ବୋଲି ଶ୍ରୀ ପ୍ରଧାନ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ବିଚାର ବିମର୍ଶ ତଥା ଆଲୋଚନା କରିସାରିଛନ୍ତି।

କେବଳ ସେତିକି ନୁହେଁ; ପାରାଦ୍ୱୀପରେ ୨୫ ହଜାର କୋଟି ଟଙ୍କା ବିନିମୟରେ ଯେଉଁ ଏଲପିଜି ଟର୍ମିନାଲ ପ୍ରତିଷ୍ଠା କରାଯିବ ତାହା ରାଜ୍ୟର ରୋଷେଇ ଗ୍ୟାସ୍ ସଂକଟକୁ ସଂପୂର୍ଣ୍ଣ ଦୂର କରିବ। ସହରାଞ୍ଚଳଗୁଡ଼ିକରେ ଯେଉଁଭଳି ପାଇପ୍ ଜରିଆରେ ପାଣି ଯୋଗାଇ ଦିଆଯାଉଛି; ଅନୁରୂପ ଭାବେ ଘରକୁ ଘର ଗ୍ୟାସ୍ ଯୋଗାଇ ଦିଆଯିବ। ସେଥିଲାଗି ମଧ୍ୟ ଖସଡ଼ା ପ୍ରସ୍ତୁତ ହୋଇଛି। ଘରକୁ ସିଧାସଳଖ ପାଇପ୍ ଯୋଗେ ରନ୍ଧନ ଗ୍ୟାସ ଯୋଗାଇବା ଲାଗି ପ୍ରାରମ୍ଭିକ ଭାବେ କଟକ ଓ ଭୁବନେଶ୍ୱର ମହାନଗରକୁ ପ୍ରୟୋଗାତ୍ମକ ଟାର୍ଗେଟରେ ରଖାଯାଇଛି। ଦୁର୍ଭାଗ୍ୟ ଏହି ଯେ ଦେଶରେ ୬୦ ପ୍ରତିଶତ ଲୋକଙ୍କ ଘରେ ଧୂମ୍ରବିହୀନ ଗ୍ୟାସ୍ ଚୁଲାରେ ରୋଷେଇ ହେଉଥିବାବେଳେ ଓଡ଼ିଶାରେ ଏହି ପରିମାଣ ମାତ୍ର ୨୮ ପ୍ରତିଶତ। ମହିଳାଙ୍କୁ ସମ୍ମାନ ଓ ଧୂଆଁଜନିତ ରୋଗରୁ ଦୂର କରିବା ଲାଗି ମୋଦି ସରକାର ଆରମ୍ଭ କରିଛନ୍ତି ଉଜ୍ଜ୍ୱଳା ଯୋଜନା। ଓଡ଼ିଶାରୁ ସହଜ ଓ ସୁଲଭ ଗ୍ୟାସ୍ ଯୋଗାଣ ଦ୍ୱାରା ଏହି ଯୋଜନାକୁ ଅଧିକ ବଳ ମିଳିବ ବୋଲି ଆଶା କରାଯାଉଛି। ପାରାଦ୍ୱୀପ-ରାଞ୍ଚି, ପାରାଦ୍ୱୀପ-ହଳଦିଆ-ଦୁର୍ଗାପୁର ଏବଂ ପରାଦ୍ୱୀପ-ବିଶାଖପାଟନା-ହାଇଦରାବାଦ ଆଦି ସହରକୁ ପାଇପ୍ ଯୋଗେ ସଂଯୋଗ କରାଯାଇ ଗ୍ୟାସ୍ ବିତରଣ କରାଯିବା ପ୍ରସ୍ତାବ ରହିଛି ଓ ଏଥିଲାଗି ୧ ଲକ୍ଷ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇ ପ୍ରାରମ୍ଭିକ କାର୍ଯ୍ୟାରମ୍ଭ ହେଉଛି। ଏହି ପ୍ରକଳ୍ପ ଚାଲୁ କରାଗଲେ ଓଡ଼ିଶାରେ ୫୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଏହାଦ୍ୱାରା ରାଜ୍ୟକୁ ଆସିବାକୁ ଥିବା ଓ ଆସିଥିବା ପ୍ରକଳ୍ପ ଗୁଡ଼ିକୁ ମଧ୍ୟ ଫାଇଦା ହେବ। ୫ରୁ ୭ ବର୍ଷ ମଧ୍ୟରେ ଓଡ଼ିଶା ରାଜକୋଷକୁ ବାର୍ଷିକ ୩ ହଜାର କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ଆସିବ। ପେଟ୍ରୋକେମିକାଲ କମ୍ପ୍ଲେକ୍ସରେ ଏକ ପେଟ୍‌କୋକ୍ ଗ୍ୟାସୀୟକରଣ (ପେଟ୍‌କୋକ୍ ଗ୍ୟାସୀଫିକେସନ୍) ୟୁନିଟ୍ ପ୍ରତିଷ୍ଠା କରାଯିବ। ଏଥିପାଇଁ ୧୮ ହଜାର କୋଟି ବିନିଯୋଗ କରାଯିବ। ସହରାଞ୍ଚଳ ଗ୍ୟାସ୍ ବିତରଣ ନେଟ୍‌ୱାର୍କକୁ ଦୃଢ଼ କରିବା ଲାଗି ଏଠାରେ ଏକ ଆଞ୍ଚଳିକ ଦକ୍ଷତା ବିକାଶ କେନ୍ଦ୍ର ଖୋଲାଯିବ। ଓଡ଼ିଆ ପିଲାମାନଙ୍କୁ ଏଠାରେ ତାଲିମ ଦିଆଯାଇ ନିଯୁକ୍ତି ସୁଯୋଗ ମିଳିବ। ଓଡ଼ିଶାରେ ପ୍ରାକୃତିକ ସମ୍ପଦ ଭରପୂର ରହିଛି। ମାତ୍ର ଏହାକୁ ଉପଯୋଗ କରାଯିବାର ଆବଶ୍ୟକତା ରହିଥିବା କହିଛନ୍ତି ତୈଳମନ୍ତ୍ରୀ ଶ୍ରୀ ପ୍ରଧାନ। ଏଥିଲାଗି ରାଜନୈତିକ ଇଚ୍ଛାଶକ୍ତି ଲୋଡ଼ା। ମହାନଦୀ ନଦୀ ଶଯ୍ୟାରେ ରହିଛି ପ୍ରାକୃତିକ ବାଷ୍ପ। ବୈଜ୍ଞାନିକ ଅନୁସନ୍ଧାନ ବଳରେ ଏହା ଜଣାପଡ଼ିଛି। ଏକ ଟିସିଏଫ ଗ୍ୟାସ୍ ମହଜୁଦ ଥିବା ଜଣାପଡ଼ିବା ପରେ ଏହାର ଉତ୍ତୋଳନ ଲାଗି ଉଦ୍ୟମ ଆରମ୍ଭ ହୋଇଛି। ଓଡ଼ିଶାର

ବିକାଶ ଓ ଉତ୍ପାଦନ କ୍ଷେତ୍ରରେ ଏହା ବିନିଯୋଗ ହେବ।

ଏହାବ୍ୟତୀତ ଯୁବ ଉଦ୍ୟୋଗୀଙ୍କୁ ଆକର୍ଷିତ କରିବା ଲାଗି ତୈଳ ଓ ପ୍ରାକୃତିକ ବାଷ୍ପ କ୍ଷେତ୍ରରେ ହାଇଡ୍ରୋକାର୍ବନ ସ୍କିଲ ସେକ୍ଟର କାଉନସିଲ ରହିଛି। ଏହା ଉଭୟ ଦକ୍ଷତା ବିକାଶ ସହିତ ତୈଳ ଓ ଗ୍ୟାସ୍ ଔଦ୍ୟୋଗିକ କ୍ଷେତ୍ରକୁ ପ୍ରୋତ୍ସାହିତ କରିବ। ଓଡ଼ିଶାର ଶିଳ୍ପ ମାନଚିତ୍ରକୁ ପରିବର୍ତ୍ତନ କରିବା ଓ ବିକାଶର ମାର୍ଗକୁ ପ୍ରଶସ୍ତ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର କାର୍ଯ୍ୟରତ ଥିବା କହିଛନ୍ତି ଶ୍ରୀ ପ୍ରଧାନ। ରାଜ୍ୟ ସରକାର ଜମି ଅଧିଗ୍ରହଣ ସହିତ ଆନୁଷଙ୍ଗିକ ଭିତ୍ତିଭୂମିକୁ ଉପଲବ୍ଧ କରାଇବା ନେଇ ସେ ଅନୁରୋଧ କରିଛନ୍ତି। ପ୍ରକଳ୍ପଗୁଡିକୁ କ୍ଷେତ୍ରୀୟ ରୂପାନ୍ତରଣ କରିବାକୁ ହେଲେ ଜଙ୍ଗଲ ଓ ପରିବେଶ ମଞ୍ଜୁରୀ, ଅନ୍ୟାନ୍ୟ ବ୍ୟବସ୍ଥା ଭିତ୍ତିକ ଅନୁମୋଦନ ସହିତ ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ମଧ୍ୟ ଧ୍ୟାନ ଦିଆଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ବିଭାଗୀୟ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସଂପ୍ରତି ଭାରତ ତା'ର ତୈଳ ଚାହିଦାର ୮୦ ପ୍ରତିଶତ ବିଦେଶରୁ ଆମଦାନୀ କରୁଛି। ରାଷ୍ଟ୍ରର ଇନ୍ଧନ ଆବଶ୍ୟକତା ଏହାର ଅର୍ଥନୀତିକୁ ବିଶେଷ ଭାବେ ପ୍ରଭାବିତ କରିଥାଏ। ସେହି ଦୃଷ୍ଟିରୁ ଭାରତ ତା'ର ଆବଶ୍ୟକତା ଅନୁଯାୟୀ ଅଶୋଧିତ ତୈଳକୁ ଆଗାମୀ ଦିନ ପାଇଁ ବିପୁଳ ପରିମାଣରେ ସଂରକ୍ଷଣ କରି ରଖିବାକୁ ଚାହୁଁଛି। ଅଧୁନା ବିଶ୍ୱ ତୈଳ ବଜାରରେ ଭାରତ ହେଉଛି ଏକ ପ୍ରମୁଖ ଗ୍ରାହକ। ଯୁକ୍ତରାଷ୍ଟ୍ର ଆମେରିକା ତା'ର ନିଜସ୍ୱ ଖଣିଗୁଡିକରୁ ଉତ୍ପାଦନ ଆରମ୍ଭ କରଛି। ଫଳରେ ବିପୁଳ ପ୍ରାକୃତିକ ତୈଳ ସମ୍ପଦରେ ଭରା ଉପସାଗରୀୟ ରାଷ୍ଟ୍ରଗୁଡିକର ବଜାର ଚାହିଦା ହ୍ରାସ ଘଟିଛି। ଅନର୍ଜାତୀୟ ବଜାରରେ ଅଶୋଧିତ ତୈଳମୂଲ୍ୟ ହ୍ରାସ ନେଇ ସୃଷ୍ଟ ମାନ୍ଦାବସ୍ଥାରୁ ଫାଇଦା ଉଠାଉବାକୁ ଚାହୁଁଛି ଭାରତ। ଏଥିଲାଗି ବିପୁଳ ପରିମାଣର ଅଶୋଧିତ ତୈଳକୁ ମାଟିତଳେ ସଂରକ୍ଷଣ କରି ରଖିବା ଲାଗୁ ବୃହତ୍ ଭଣ୍ଡାର ନିର୍ମାଣ ଲାଗି କାର୍ଯ୍ୟାରମ୍ଭ କରିଛନ୍ତି ନରେନ୍ଦ୍ର ମୋଦି ସରକାର।




ଇନ୍ଧନଶକ୍ତିର ଆବଶ୍ୟକତା ଦୃଷ୍ଟିରୁ ସୌର, ପବନ ଓ ଅନ୍ୟାନ୍ୟ ପାରମ୍ପରିକ ଶକ୍ତିଉତ୍ସ ଉପରେ ଏହି ସରକାର ବିଶେଷ ପ୍ରାଥମିକତା ଦେବା ସହ ଅଣପାରମ୍ପରିକ କ୍ଷେତ୍ରକୁ ମଧ୍ୟ ଅଣଦେଖା କରୁନାହିଁ।

ତୈଳମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଭିମୁଖ୍ୟ ହେଉଛି ସମସ୍ତ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଜରିଆରେ ଇନ୍ଧନ କ୍ଷେତ୍ରରେ 'ଷ୍ଟାଟ୍ ଅଫ୍ ଇଣ୍ଡିଆ' ଉଦ୍ୟୋଗୀଙ୍କୁ ଅଧିକ ପ୍ରୋତ୍ସାହିତ କରିବା। ପ୍ରୋତ୍ସାହନ ଦେଇ ଆର୍ଥିକ ଭାଗିଦାରୀ କରାଇବା। ପ୍ରାକୃତିକ ବାଷ୍ପ ଓ ତୈଳର ସନ୍ଧାନ, ଉତ୍ପାଦନ ତଥା ଏହାର ଆନୁଷଙ୍ଗିକ ବ୍ୟାବସାୟିକ ବ୍ୟବସ୍ଥାକୁ ମିଳିତ ଭାଗୀଦାରୀରେ ଆଗକୁ ବଢାଇବା। ବିଶେଷରୂପେ ଓଡ଼ିଶାର ସ୍ଥାନୀୟ କୁଶଳୀମାନଙ୍କ ଦକ୍ଷତାକୁ କାର୍ଯ୍ୟକ୍ଷେତ୍ରରେ ଲଗାଇ ନିଯୁକ୍ତି ସୁଯୋଗକୁ ବଢାଇବା। କେନ୍ଦ୍ର ସରକାର ପେଟ୍ରୋକେମିକାଲ ଶିଳ୍ପ କ୍ଷେତ୍ରରେ ସ୍ଥାନୀୟ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଲାଗି ତୈଳ କ୍ରୟ ଉପରେ ୧୦ ପ୍ରତିଶତ ସିଧାସଳଖ ଫାଇଦା ଦେବା ନୀତି ଉପରେ କାମ କରୁଛନ୍ତି।

ଇଣ୍ଡିଆନ୍ ଅଏଲ କର୍ପୋରେସନ୍ ଅଧ୍ୟକ୍ଷ ବି.ଅଶୋକଙ୍କ ସୂଚନାନୁଯାୟୀ, ଆଗାମୀ ୪ରୁ ୫ ବର୍ଷ ଭିତରେ ଓଡ଼ିଶାର ପାରାଦ୍ୱୀପ ତୈଳ ବିଶୋଧନାଗାରରେ ୭,୬୫୦ କୋଟି ଟଙ୍କା ବ୍ୟୟରେ ପେଟ୍ରୋକେମିକାଲ କମ୍ପ୍ଲେକ୍ସ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି। ଏହି କମ୍ପ୍ଲେକ୍ସରେ ବାର୍ଷିକ ୭ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ପଲିପ୍ରୋପାଇଲିନ୍ ପ୍ଲାଣ୍ଟ ପ୍ରତିଷ୍ଠା ହେବ। ଏପରିକି ୩.୫ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ମନୋ-ଏଥିଲିନ୍ ଗ୍ଲାଇକୋଲ ଯାହାକି ଏଥିଲିନ୍‌ର ଏକ ଅଂଶବିଶେଷ ସେଭଳି ଏକ ଶିଳ୍ପ ଗଢିଉଠିବ। ପାରାଦ୍ୱୀପ ବିଶୋଧନାଗାରରେ ପେଟ୍ରୋକେମିକାଲ କମ୍ପ୍ଲେକ୍ସ ଲାଗି କାର୍ଯ୍ୟାରମ୍ଭ ହୋଇଥିବାବେଳେ ଚଣ୍ଡିଖୋଲ ସମେତ ଦ୍ୱିତୀୟ ପର୍ଯ୍ୟାୟ ଅଶୋଧିତ ତୈଳ ମହଜୁଦ ଭଣ୍ଡାର ଲାଗି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟକୁ ଶ୍ରୀ ପ୍ରଧାନଙ୍କ ତୈଳ ମନ୍ତ୍ରଣାଳୟ ଯେଉଁ ୧୫ ହଜାର କୋଟି ଟଙ୍କାର ଆର୍ଥିକ ପ୍ରସ୍ତାବ ଦେଇଥିଲା ଏଥର ବଜେଟ୍‌ରେ ତାକୁ ଅନୁମୋଦନ ମିଳିଛି। ପ୍ରସ୍ତାବିତ ପୁଞ୍ଜିନିବେଶ ଦ୍ୱାରା କେବଳ ପେଟ୍ରୋଲିୟମ ଓ ପେଟ୍ରୋକେମିକାଲ କ୍ଷେତ୍ର ନୁହେଁ; ବରଂ ରସାୟନ ଓ ସାର (କେମିକାଲ ଆଣ୍ଡ ଫର୍ଟିଲାଇଜର), ସଡ଼କ, ଗୃହ ନିର୍ମାଣ, ସାଧାରଣ ଉଦ୍ୟୋଗ ଭଳି ଏକାଧିକ କ୍ଷେତ୍ରର ବିକାଶ ମଧ୍ୟ ହୋଇପାରିବ। ଫଳରେ ସିଧାସଳଖ ୨ ଲକ୍ଷ ୨୭ ହଜାର ପ୍ରତ୍ୟକ୍ଷ ନିଯୁକ୍ତି ଓ ୪ ଲକ୍ଷ ୨୧ ହଜାର ପରୋକ୍ଷ ନିଯୁକ୍ତିର ସୁଯୋଗ ଏଥିଯୋଗୁଁ ସୃଷ୍ଟି ହୋଇପାରିବ।

ରାଜ୍ୟରେ ଏହି ସବୁ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଦିଗରେ ମଧ୍ୟ ଓଡ଼ିଶା ସରକାର ଅଧିକ ଯତ୍ନବାନ ହେବା ଜରୁରୀ। ପୋସ୍କୋ ଭଳି ବୃହତ୍ ଇସ୍ପାତ ପ୍ରକଳ୍ପ ହାତଛଡ଼ା

ହୋଇଛି । ୫୪ ହଜାର କୋଟି ଟଙ୍କାର ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫଡିଆଇ) ଲାଗି ୨୦୦୫ରୁ ଚୁକ୍ତିବଦ୍ଧ ହୋଇଥିବା ପୋସ୍କୋ ଶେଷରେ ନିରାଶ/ହତାଶ ହୋଇ ଏକପ୍ରକାର ଓଡ଼ିଶାର ହାତ ଛାଡ଼ିଦେଇଛି । ଏହା ପୂର୍ବରୁ ଆର୍ସେଲେନେଲ ମିତ୍ତଲର କେନ୍ଦୁଝର ଲୌହ କାରଖାନା ପ୍ରକଳ୍ପ ମଧ୍ୟ ଉଇଁବା ପୂର୍ବରୁ ଅସ୍ତମୀତ ହୋଇଗଲା । ପଡୋଶୀ ପଶ୍ଚିମବଙ୍ଗର ସିଙ୍ଗୁର ବିରୋଧ ପରେ ଟାଟାର 'ନାନୋ' ପ୍ରକଳ୍ପ ଗୁଜରାଟ ଚାଲିଗଲା ସିନା; କିନ୍ତୁ ପଡୋଶୀ ଓଡ଼ିଶା ଆସିଲାନି । ଯାଜପୁରର କଳିଙ୍ଗନଗର ହେଉ କିମ୍ୱା ଗୋପାଳପୁରର ପ୍ରକଳ୍ପରେ ଟାଟା ଯେଉଁ ସମସ୍ୟା ଦେଇ ଗତିକରିଛି 'ନାନୋ' କ୍ଷେତ୍ରରେ ଅନୁରୂପ ଅନୁଭୂତି ନେଇ ପ୍ରକଳ୍ପ କରିବାକୁ ହୁଏତ ଚାହିଁଲାନି । ବ୍ୟାପକ ଶିଳ୍ପ ସମ୍ଭାବନା ଥିବା ରାଜ୍ୟ ଓଡ଼ିଶାରେ କେଉଁଠି ନା କେଉଁଠି ବ୍ୟବସ୍ଥାଗତ ଦୁର୍ବଳତା ତଥା ତ୍ରୁଟି ରହୁଛି ବୋଲି ବୁଝିବାକୁ ହେବ ।

ରାଜ୍ୟ ଓ କେନ୍ଦ୍ର ସରକାର ଚାହିଁଲେ ସମସ୍ୟା ରହିବନି । ପ୍ରକଳ୍ପ ପ୍ରତିଷ୍ଠାରେ ଅସୁବିଧା ହେବନି । କେନ୍ଦ୍ର ସରକାର ଯେଉଁ ପ୍ରସ୍ତାବକୁ କ୍ଷେତ୍ରୀୟ ସ୍ତରରେ ଉତାରିବାକୁ ଚାହୁଁଛନ୍ତି ସେଥିପ୍ରତି ରାଜ୍ୟ ସରକାର ମଧ୍ୟ କାଳବିଳମ୍ବ ନକରି କାର୍ଯ୍ୟକାରୀ କରାନ୍ତୁ । ଆନୁଷଙ୍ଗିକ ଭିତ୍ତିଭୂମି ଯୋଗାନ୍ତୁ । ରାଜନୈତିକ ଆରୋପ-ପ୍ରତ୍ୟାରୋପ କିମ୍ୱା ଲାଭ-କ୍ଷତି ଆଶଙ୍କାରେ ସାଢେ ୪ କୋଟି ଓଡ଼ିଶାବାସୀଙ୍କ ସମ୍ଭାବନାମୟ ସୁନେଲି ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲିଦିଆନଯାଉ !!

ଲେଖକ ଜଣେ ପ୍ରତିଷ୍ଠିତ ଦୈନିକୀ ସମ୍ବାଦପତ୍ରର ପେଶାଦାର ସାମ୍ବାଦିକ ତଥା ସ୍ତମ୍ଭକାର । ସାଂପ୍ରତିକ ଘଟଣାବଳୀ, ବିଭିନ୍ନ ସରକାରୀ ଓ ବେସରକାରୀ ଯୋଜନା ତଥା ବିକାଶମୂଳକ ପ୍ରସଙ୍ଗରେ ଅନୁଶୀଳନରତ

## ୧୦ ଲକ୍ଷ କୋଟି ଟଙ୍କାର କୃଷି ଋଣ ପ୍ରଦାନ ପ୍ରସ୍ତାବ

କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀ ଅରୁଣ ଜେଟଲୀ ସଂସଦରେ ୨୦୧୭-୧୮ ବର୍ଷ ପାଇଁ ସାଧାରଣ ବଜେଟ ଆଗତ କରି କହିଥିଲେ ଯେ ମୌସୁମୀର ସ୍ଥିତି ସୁବିଧାଜନକ ରହିଥିବା କାରଣରୁ ସରକାର ଚଳିତ ଆର୍ଥିକ ବର୍ଷ (୨୦୧୬-୧୭) ସମୟରେ କୃଷି କ୍ଷେତ୍ରରେ ୪.୧ ପ୍ରତିଶତ ଅଭିବୃଦ୍ଧି ହେବ ବୋଲି ଅନୁମାନ କରିଛନ୍ତି । ନିଜର ଚତୁର୍ଥ ବଜେଟ ଉପସ୍ଥାପନ କରି ଶ୍ରୀ ଜେଟଲୀ କହିଥିଲେ ଯେ କୃଷକମାନଙ୍କୁ ସମୟ ମଧ୍ୟରେ ପର୍ଯ୍ୟାପ୍ତ ଋଣ ଯୋଗାଇ ଦିଆଯିବ । ୨୦୧୭-୧୮ରେ ୧୦ ଲକ୍ଷ କୋଟି ଟଙ୍କାର ରେକର୍ଡ କୃଷି ଋଣ ପ୍ରଦାନର ଲକ୍ଷ୍ୟ ରଖାଯାଇଛି । ସେ କହିଥିଲେ ଯେ ଅଳ୍ପସେଚିତ କ୍ଷେତ୍ର, ପୂର୍ବାଂଚଳ ରାଜ୍ୟ ତଥା ଜାମ୍ମୁ-କାଶ୍ମୀରର କୃଷକଙ୍କ ନିମନ୍ତେ ପର୍ଯ୍ୟାପ୍ତ ଋଣ ବ୍ୟବସ୍ଥା ସୁନିଶ୍ଚିତ କରିବା ପ୍ରତି ବିଶେଷ ଉଦ୍ୟମ କରାଯିବ । କୃଷକମାନଙ୍କୁ ସମବାୟ ଋଣ ଢାଂଚାରୁ ନିଆଯାଇଥିବା ଋଣ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ୬୦ ଦିନର ସୁଧ ପରିଶୋଧ ଉପରେ ରିହାତି ମିଳିବ ।

ଅର୍ଥମନ୍ତ୍ରୀ କହିଥିଲେ ଯେ ପାଖାପାଖି ୪୦ ପ୍ରତିଶତ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ସମବାୟ ଢାଂଚାରୁ ଋଣ ପ୍ରାପ୍ତ କରିଥାନ୍ତି । ସରକାର ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କଗୁଡ଼ିକର କୋର ପ୍ରଣାଳୀ ସହିତ ସମସ୍ତ ୬୩ ହଜାର କ୍ରିୟାଶୀଳ ପ୍ରାଥମିକ କୃଷି ଋଣ ସୋସାଇଟିର କମ୍ପ୍ୟୁଟରୀକରଣ ଏବଂ ସଂଯୋଗ ନିମନ୍ତେ ନାବାର୍ଡକୁ ସହାୟତା କରିବା ଲାଗି ପ୍ରତିଶ୍ରୁତିବଦ୍ଧ । ଏହି କାର୍ଯ୍ୟରେ ୧୯୦୦ କୋଟି ଟଙ୍କାର ଆନୁମାନିକ ବ୍ୟୟ ଅଟକଳ କରାଯାଇଛି । ରାଜ୍ୟ ସରକାରଙ୍କ ଆର୍ଥିକ ଭାଗିଦାରୀ ଦ୍ୱାରା ଆସନ୍ତା ୩ ବର୍ଷରେ ଏହାକୁ ପୂରଣ କରାଯିବ । ଏହାଦ୍ୱାରା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ଋଣ ପ୍ରଦାନକୁ ସୁନିଶ୍ଚିତ କରାଯାଇପାରିବ । କୃଷକ ଅନୁକୂଳ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ଅର୍ଥମନ୍ତ୍ରୀ କହିଥଲେ ଯେ ନାବାର୍ଡରେ ଏକ ଦୀର୍ଘକାଳୀନ ଜଳସେଚନ ପାଣ୍ଠି ପ୍ରତିଷ୍ଠା କରାଯାଇସାରିଛି ଏବଂ ପ୍ରଧାନମନ୍ତ୍ରୀ ଏହାର ସ୍ଥାୟୀ ପାଣ୍ଠିରେ ୨୦ ହଜାର କୋଟି ଟଙ୍କାର ଅତିରିକ୍ତ ଅର୍ଥରାଶି ସାମିଲ କରିବା ଲାଗି ଘୋଷଣା କରିଛନ୍ତି । ଏହି ପାଣ୍ଠିର ମୋଟ ପୁଞ୍ଜି ବୃଦ୍ଧି ପାଇ ୪୦ ହଜାର କୋଟି ଟଙ୍କା ହୋଇସାରିଛି ।

ଫସଲ ବୀମା ଯୋଜନାର ବିସ୍ତାର ଯାହା ୨୦୧୬-୧୭ରେ ଫସଲ କ୍ଷେତ୍ରର ୩୦ ପ୍ରତିଶତ ଥିଲା, ତାହାକୁ ୨୦୧୭-୧୮ ବର୍ଷରେ ବଢ଼ାଇ ୪୦ ପ୍ରତିଶତ ଏବଂ ୨୦୧୮-୧୯ ବର୍ଷରେ ବଢ଼ାଇ ୫୦ ପ୍ରତିଶତ କରାଯିବ । ବଜେଟ ଅନୁମାନ ଅନୁଯାୟୀ ୨୦୧୬-୧୭ ବର୍ଷରେ ଏହି ଯୋଜନା ନିମନ୍ତେ ୫୫ଶହ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା, ବକେୟା ଦାବି ପୂରଣ କରିବା ନିମନ୍ତେ ୨୦୧୬-୧୭ ବର୍ଷରେ ସଂଶୋଧିତ ବଜେଟ ଅନୁମାନ ବୃଦ୍ଧି କରାଯାଇ ୧୩,୨୪୦ କୋଟି ଟଙ୍କା କରି ଦିଆଯାଇଛି । ବର୍ଷ ୨୦୧୭-୧୮ ନିମନ୍ତେ ଏହି ବାବଦରେ ୯ହଜାର କୋଟି ଟଙ୍କା ଯୋଗାଇ ଦିଆଯିବ । ଏହି ଯୋଜନା ଅନ୍ତର୍ଗତ ବୀମାକୃତ ରାଶି ଯାହା ୨୦୧୫ ଖରିଫ୍ ଋତୁରେ ୬୯ହଜାର କୋଟି ଟଙ୍କା ଥିଲା, ୨୦୧୬ର ଖରିଫ ସିଜନରେ ଦୁଇ ଗୁଣରୁ ଅଧିକ ବୃଦ୍ଧି ପାଇ ୧,୪୧, ୬୨୫ କୋଟି ଟଙ୍କା ହୋଇଯାଇଛି ।

ଅର୍ଥମନ୍ତ୍ରୀ ନିଜର ପୂର୍ବ ବଜେଟ ଭାଷଣ ସମ୍ପର୍କରେ ଉଲ୍ଲେଖ କରିଥିଲେ, ଯେଉଁଥିରେ ୫ ବର୍ଷରେ କୃଷକଙ୍କ ଆୟକୁ ଦୁଇ ଗୁଣ କରିବା ନିମନ୍ତେ କୃଷକଙ୍କ ଆୟ ସୁରକ୍ଷା ପ୍ରତି ଧ୍ୟାନ କେନ୍ଦ୍ରୀତ କରାଯାଇଥିଲା । ଅର୍ଥମନ୍ତ୍ରୀ କହିଥିଲେ ଯେ ସରକାର କୃଷକଙ୍କୁ ସେମାନଙ୍କ ଉତ୍ପାଦନ ବୃଦ୍ଧି ଏବଂ ଫସଲ କାଟିବା ପରେ ଭୋଗୁଥିବା ସମସ୍ୟା ସହ ମୁକାବିଲା ନିମନ୍ତେ କୃଷକଙ୍କୁ ସମର୍ଥ କରିବା ଲାଗି ଅନେକ ପଦକ୍ଷେପ ନିଆଯିବ । ରାଷ୍ଟ୍ରୀୟ କୃଷି ବଜାର (ଇ-ନାମ) ଅଧୀନରେ ବର୍ତ୍ତମାନ ୨୫୦ଟି ବଜାର ଥିବା ବେଳେ ଏଥିରେ ବୃଦ୍ଧି ଅଣାଯାଇ ୫୮୫ ଏପିଏମ୍‌ସି ପର୍ଯ୍ୟନ୍ତ ପହଂଚାଇ ଦିଆଯିବ । ଏହାବ୍ୟତୀତ ସ୍ୱଚ୍ଛତା, ଗ୍ରାଇଣ୍ଡିଂ ଏବଂ ପ୍ୟାକେଜିଂ ସୁବିଧାର ପ୍ରତିଷ୍ଠା ନିମନ୍ତେ ପ୍ରତ୍ୟେକ ଇ-ନାମ ବଜାରକୁ ସର୍ବାଧିକ ୭୫ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦିଆଯିବ । ଗୋପାଳନ କୃଷକମାନଙ୍କ ପାଇଁ ଅତିରିକ୍ତ ଆୟ ଉତ୍ସ ହୋଇଥିବାରୁ ଏହାକୁ ସ୍ୱୀକାର କରି ଅର୍ଥମନ୍ତ୍ରୀ ୩ ବର୍ଷରେ ୮ ହଜାର କୋଟି ଟଙ୍କାର ସଂଚୟ ପାଣ୍ଠି ମାଧ୍ୟମରେ ନାବାର୍ଡରେ ଏକ ଦୁଗ୍ଧ ପ୍ରକ୍ରିୟାକରଣ ଏବଂ ଉତ୍ପାଦନ ପାଣ୍ଠି ପ୍ରତିଷ୍ଠା କରାଯିବାର ଘୋଷଣା କରିଥିଲେ । ସେ କହିଥିଲେ ଯେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଜାରି କରିବାର ଗତିରେ ବୃଦ୍ଧି ଆସିଛି, କାରଣ ସରକାର ଦେଶର ସମସ୍ତ ୬୪୮ଟି କୃଷି ବିଜ୍ଞାନ କେନ୍ଦ୍ରରେ ୧୦୦ ପ୍ରତିଶତ କଭରେଜ୍ ସୁନିଶ୍ଚିତ କରି କୃଷି ବିଜ୍ଞାନ କେନ୍ଦ୍ରରେ ନୂଆ ଲଘୁ ପରୀକ୍ଷାଗାର ପ୍ରତିଷ୍ଠା କରିବା ଲାଗି ନିଷ୍ପତ୍ତି ନେଇଛନ୍ତି ।

# ୨୦୧୭-୧୮ ବଜେଟ୍ ମୁଖ୍ୟାଂଶ

**ଡ଼ି.ଏସ୍ . ମଲ୍ଲିକ୍**

୧.ଏହି ବଜେଟ୍ ସୁଦୃଢ ବିତ୍ତୀୟ ଓ ସ୍ଥୁଳ ଅର୍ଥନୀତିର ଦୃଢ଼ ମୂଳଦୁଆ ଉପରେ ସ୍ଥିର ରହିଛି, ଯାହା ତିଆରି କରିବା ପାଇଁ ୨ବର୍ଷର ପରିଶ୍ରମ କରିବାକୁ ପଡିଛି। ବିମୁଦ୍ରୀକରଣ, ସାମଗ୍ରୀ ଓ ସେବା କର ଏବଂ ଜନ ଧନ ଯୋଜନା, ଆଧାର ଓ ମୋବାଇଲ୍ ନମ୍ବର ବା ଜେଏଏମ୍ ଅର୍ଥନୀତିରେ ସକରାତ୍ମକ ପ୍ରଭାବ ପକାଇଛି। ବିଗତ ବର୍ଷଗୁଡିକରେ ନିଆଯାଇଥିବା ଅନ୍ୟ ସଂସ୍କାରମୂଳକ ପଦକ୍ଷେପ ଅର୍ଥନୀତିକୁ ସଶକ୍ତ କରିଛି।

କ. ଅଭିବୃଦ୍ଧି ହାର ସକରାତ୍ମକ ରହିଛି।

ଖ. ୩.୨%ରେ ଥିବା ବିତ୍ତୀୟ ନିଅଂଟ ଆସନ୍ତା ବର୍ଷ (୨୦୧୮-୧୯)୩%କୁ ହ୍ରାସ ପାଇବା ପ୍ରତିଶ୍ରୁତି।

ଗ. ଚଳିତ ବର୍ଷ ରାଜସ୍ୱ ନିଅଂଟ ହ୍ରାସ ପାଇଛି ଏବଂ ଆସନ୍ତା ବର୍ଷ ଏହା ୧.୯% ହ୍ରାସ ପାଇବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

ଘ. ଗତ ବର୍ଷ ତୁଳନାରେ ଚଳିତ ବର୍ଷ ନେଟ୍ ବଜାର ଋଣ ହ୍ରାସ ପାଇ ୩.୪୮ ଲକ୍ଷ କୋଟି ଟଙ୍କା ହେବ।

ଙ. ଦୀର୍ଘମିଆଦି ଋଣ ଜନିତ ଆର୍ଥିକ ନୀତିକୁ ସ୍ଥିର ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧତା।

**୨. କୃଷକ**

କ. ଦୀର୍ଘମିଆଦି ଜଳସେଚନ ପାଣ୍ଠି- କର୍ପସ୍ ପାଣ୍ଠି ୪୦,୦୦୦ କୋଟି ଟଙ୍କାକୁ ବୃଦ୍ଧି।

ଖ. ନାବାର୍ଡ ଦ୍ୱାର କ୍ଷୁଦ୍ର ଜଳସେଚନ ପାଣ୍ଠି ସ୍ଥାପନ ହେବ (କର୍ପସ ୫,୦୦୦ କୋଟି ଟଙ୍କା)।

ଗ. ଇ-ନାମ୍ ଯୋଜନା ୫୮୫ଟି କୃଷିଜାତ ଦ୍ରବ୍ୟ ବଜାର କମିଟି ବା ଏପିଏମସି କୁ ସମ୍ପ୍ରସାରିତ ହେବ।

ଘ.ରାଜ୍ୟଗୁଡିକ ଶୀଘ୍ର ଖରାପ ହେଇଯାଉଥିବା ଦ୍ରବ୍ୟଗୁଡିକୁ କୃଷିଜାତ ଦ୍ରବ୍ୟ ବଜାର କମିଟିରୁ ପ୍ରତ୍ୟାହାର କରିନେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଙ. ଚୁକ୍ତିଭିତ୍ତିକ କୃଷିକାର୍ଯ୍ୟ ପାଇଁ ରାଜ୍ୟଗୁଡିକ ମଡେଲ୍ ଆଇନ୍ କାର୍ଯ୍ୟକାରୀ କରିବେ।

ଚ. ୨୦୧୭-୧୮ ପାଇଁ ଫସଲ ଋଣ ୧୦ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି।

ଛ. ୬୩,୦୦୦ କାର୍ଯ୍ୟକ୍ଷମ ପିଏସିଗୁଡିକୁ କମ୍ପ୍ୟୁଟରୀକରଣ କରାଯାଇ ଡିସିବିଏସ୍ ଅଧିନରେ ସିବିଏସ୍ ଦ୍ୱାରା ସଂଯୋଗ କରାଯିବ।

ଜ. ୨୦୧୭-୧୮ରେ ୪୦% ଏବଂ ୨୦୧୮-୧୯ରେ ୫୦% ଫସଲ ବୀମା ଯୋଜନା ରାଶି ପ୍ରଦାନ କରାଯିବ।

ଝ. ଆସନ୍ତା ୩ ବର୍ଷ ମଧ୍ୟରେ ୮୦୦୦ କୋଟି କର୍ପସ ଫଣ୍ଡରେ ଦୁଗ୍ଧ ପ୍ରକ୍ରୀୟାକରଣ ଓ ଭିତ୍ତିଭୂମୀ ବିକାଶ ପାଣ୍ଠି ଗଠନ କରାଯିବ।

**୩. ଗ୍ରାମୀଣ ଜନସାଧାରଣ**

କ. ଏକ କୋଟି ପରିବାରକୁ ଦାରିଦ୍ର୍ୟମୁକ୍ତ କରିବା ସହ ୨୦୧୯ ସୁଦ୍ଧା ୫୦.୦୦୦ ଗ୍ରାମପଞ୍ଚାୟତକୁ ଦାରିଦ୍ର୍ୟ ମୁକ୍ତ କରିବା ପାଇଁ ମିଶନ୍ ଅନ୍ତ୍ୟୋଦୟର ଶୁଭାରମ୍ଭ କରାଯିବ।

ଖ. ରୋଜଗାର ସୃଷ୍ଟି ଓ ଭିତ୍ତିଭୂମୀ ନିର୍ମାଣ ଲକ୍ଷ୍ୟରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୦୧୭-୧୮ ବଜେଟରେ ଏପର୍ଯ୍ୟନ୍ତର ସବୁଠାରୁ ଅଧିକ ବ୍ୟୟବରାଦ ୪୮,୦୦୦ କୋଟି ଟଙ୍କା କରାଯାଇଛି।

ଗ. ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡକ ଯୋଜନା-୨୦୧୭-୧୮ ବର୍ଷରେ ରାଜ୍ୟଗୁଡିକର ସହଯୋଗରେ ୨୭,୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି କ୍ଷେତ୍ରରେ ୨୦୧୧-୧୪ ମଧ୍ୟରେ ଦୈନିକ ୭୩ କିଲୋମିଟର ରାସ୍ତା ନିର୍ମାଣକୁ ତ୍ୱରାନ୍ୱିତ କରାଯାଇ ୨୦୧୬-୧୭ରେ ୧୩୩ କିଲୋମିଟର ରାସ୍ତା ନିର୍ମାଣ କରାଯାଉଛି।

ଘ. ଆସନ୍ତା ୪ ବର୍ଷ ମଧ୍ୟରେ ଆର୍ସେନିକ ଓ ଫ୍ଲୋରାଇଡ୍ ପ୍ରଭାବିତ ଅଂଚଳର ୨୮,୦୦୦ ପରିବାରକୁ ସ୍ୱଚ୍ଛ ପାନୀୟଜଳ ଯୋଗାଇ ଦିଆଯିବ।

**୪. ଯୁବବର୍ଗ, ଶିକ୍ଷା ଓ ଚାକିରୀ ଇତ୍ୟାଦି**

କ. ୟୁଜିସିର ସଂସ୍କାର ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯିବ।

ଖ. ୩୫୦ ଅନଲାଇନ୍ ପାଠ୍ୟକ୍ରମ ସହ ସ୍ୱୟମ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ।

ଗ. ୩.୫ କୋଟି ଯୁବବର୍ଗଙ୍କୁ ତାଲିମ ଦେବା ପାଇଁ ୪,୦୦୦ କୋଟି ଟଙ୍କା ବ୍ୟୟରେ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସଙ୍କଳ୍ପର ଶୁଭାରମ୍ଭ କରାଯିବ।

ଘ. ଚମଡା ଓ ଜୋତା ଶିଳ୍ପ ପାଇଁ ବୟନ ଶିଳ୍ପ ପରି ଏକ ଯୋଜନା କାର୍ଯ୍ୟକାରୀ ହେବ।

ଙ. ୫ଟି ସ୍ୱତନ୍ତ୍ର ପର୍ଯ୍ୟଟନ ଜୋନ୍ ସ୍ଥାପନ କରାଯିବ।

**୫. ଗରିବ ଓ ଅବହେଳିତ ବର୍ଗ**

କ. ମହିଳାମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କ ଦକ୍ଷତା ବିକାଶ, ରୋଜଗାର, ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ପାଇଁ ୧୪ଲକ୍ଷ ଅଙ୍ଗନବାଡି କେନ୍ଦ୍ରରେ ମହିଳା ଶକ୍ତି କେନ୍ଦ୍ର ପ୍ରତିଷ୍ଠା କରାଯିବ।

ଖ. ସୁଲଭ ଗୃହ ନିର୍ମାଣ କ୍ଷେତ୍ରକୁ ଭିତ୍ତିଭୂମୀ ମାନ୍ୟତା ପ୍ରଦାନ କରାଯିବ। ଏହା ବ୍ୟାଙ୍କରୁ ସହଜରେ ଋଣ ଆଣିବାରେ ସହାୟକ ହେବ।

ଗ. ୨୦୧୭-୧୮ ମସିହାରେ ଜାତୀୟ ହାଉସିଂ ବ୍ୟାଙ୍କ୍ ବ୍ୟକ୍ତିଗତ ଗୃହନିର୍ମାଣ କ୍ଷେତ୍ରରେ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ପୁନଃ ଅର୍ଥ ପ୍ରଦାନ କରିପାରିବେ।

ଘ. କାଳା ଆଝାର, ଫାଇଲେରିଆ, କୁଷ୍ଠ, ମିଳିମିଳା ଓ ଯକ୍ଷ୍ମା ରୋଗର ମୂଳୋତ୍ପାଟନ ପାଇଁ ନୂଆ ମାଇଲଖୁଣ୍ଟ ସ୍ଥାପନ କରାଯାଇଛି।

ଙ. ମାତୃ ମୃତ୍ୟୁ ହାର ଓ ଶିଶୁ ମୃତ୍ୟୁ ହାର ମଧ୍ୟ ହ୍ରାସ କରାଯିବ।

ଚ. ୧.୫ ଲକ୍ଷ ଉପ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ୱାସ୍ଥ୍ୟ ଓ ବିକାଶ କେନ୍ଦ୍ରରେ ପରିଣତ କରାଯିବ।

ଛ. ମେଡିକାଲ୍ ପାଠ୍ୟକ୍ରମ ଓ ଅଭ୍ୟାସ ପାଇଁ ନିୟାମକ ଢାଞ୍ଚାରେ ପରିବର୍ତ୍ତନ କରାଯିବ।

ଜ. ଝାଡଖଣ୍ଡ ଓ ଗୁଜରାଟରେ ଦୁଇଟି ନୂଆ ଏମ୍ସ୍ ପ୍ରତିଷ୍ଠା କରାଯିବ।

ଝ. ପ୍ରଚଳିତ ଥିବା ଶ୍ରମିକ ଆଇନ୍‌କୁ ସୁସଙ୍ଗତ କରିବା ପାଇଁ ୪ଟି କୋଡ୍‌ରେ ବିଭକ୍ତ କରାଯିବ।

**୬. ଭିତିଭୂମୀ**

କ. ରେଳବାଇ – ୧,୩୧,୦୦୦ କୋଟି ଟଙ୍କାର ପୁଞ୍ଜିଗତ ଓ ବିକାଶ ବ୍ୟବୟବରାଦ ସହ ୫୫,୦୦୦ କୋଟି ଟଙ୍କାର ସରକାରୀ ବ୍ୟୟବରାଦ।

ଖ. ୫ ବର୍ଷ ପାଇଁ ୧ ଲକ୍ଷ କୋଟି ଟଙ୍କା କର୍ପସ୍ ପାଣ୍ଠିରେ ରାଷ୍ଟ୍ରୀୟ ରେଳ ସୁରକ୍ଷା କୋଷ ଗଠନ କରାଯିବ।

ଗ. ଆସନ୍ତା ୩ ବର୍ଷ ମଧ୍ୟରେ ରେଳବାଇର ପ୍ରବାହ କ୍ଷମତା ୧୦% ବୃଦ୍ଧି କରାଯିବ।

ଘ. ରେଳବାଇ ଓ ୯ଟି ରାଜ୍ୟ ସରକାରଙ୍କ ସହ ଯୁଗ୍ମ ପ୍ରକଳ୍ପ ଭାବେ କାର୍ଯ୍ୟକାରୀ ହେବାକୁ ୭୦ଟି ପ୍ରକଳ୍ପ ଚିହ୍ନଟ କରାଯାଇଛି।

ଙ. ରେଳବାଇ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପରିବହନ ଓ ସେବା ଯୋଗାଇଦେବ।

ଚ. ଅର୍ଥନୈତିକ ସୁଧାର – ମାର୍ଚ୍ଚ ୨୦୧୯ ସୁଦ୍ଧା ରେଳବାଇ ଆକ୍ରୁଆଲ୍ ବେସ୍‌ଡ୍ ଫାଇନାନସିଆଲ୍ ଷ୍ଟେଟମେଣ୍ଟ ଗ୍ରହଣ କରିବ।

ଛ. ଏକ ନୂଆ ମେଟ୍ରୋ ରେଲ୍ ପଲିସି ଘୋଷଣା କରାଯିବ ଏବଂ ନୂତନ ମୋଟ୍ରୋ ରେଲ୍ ଅଧିନିୟମ କାର୍ଯ୍ୟକାରୀ ହେବ।

ଜ. ସଡକପଥ ବିକାଶକୁ ସବୁ ସମୟରେ ଗୁରୁତ୍ୱ ଦିଆଯାଇଆସୁଛି।

ଝ. ଟାୟର ଟୁ ସହରଗୁଡିକର କେତେକ ନିର୍ଦ୍ଦିଷ୍ଟ ବିମାନବନ୍ଦରଗୁଡିକୁ ଚିହ୍ନଟ କରାଯାଇ ପିପିପି ମୋଡ୍‌ରେ ଏହାର ବିକାଶ କରାଯିବ।

ଞ. ସମ୍ପତିଗୁଡିକର ସଠିକ୍ ମୂଲ୍ୟାୟନ ପାଇଁ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଅଧିନିୟମକୁ ସଂଶୋଧନ କରାଯିବ।

ଟ. ଭାରତ ନେଟ୍ ପ୍ରକଳ୍ପ: ୨୦୧୭-୧୮ ଶେଷ ସୁଦ୍ଧା ୧.୫ ଲକ୍ଷ ଗ୍ରାମପଞ୍ଚାୟତରେ ବ୍ରୋଡବ୍ୟାଣ୍ଡ ସେବା ଯୋଗାଇ ଦିଆଯିବ।

ଠ. ଅଶୋଧିତ ତୈଳ ସଂରକ୍ଷଣ ପାଇଁ ଓଡିଶା ଓ ରାଜସ୍ଥାନରେ ଦୁଇଟି ନୂଆ ସଂରକ୍ଷଣ ଭଣ୍ଡାର ସ୍ଥାପନ କରାଯିବ।

ଡ. ଅଧିକ ୨୦,୦୦୦ ମେଗାୱାଟ ସୌରଶକ୍ତି ଉତ୍ପାଦନ ପାଇଁ ସୋଲାର୍ ପାର୍କର ଦ୍ୱିତୀୟ ପର୍ଯ୍ୟାୟ ବିକାଶ କରାଯିବ।

ଢ. ଇଲେକଟ୍ରୋନିକ୍ସ ସାମଗ୍ରୀ ନିର୍ମାଣ କ୍ଷେତ୍ରରେ ଭାରତକୁ ବିଶ୍ୱସ୍ତରୀୟ ହବ୍‌ରେ ପରିଣତ କରିବା ପାଇଁ ଇକୋ ସିଷ୍ଟମ ନିର୍ମାଣ କରାଯିବ।

**୭. ଅର୍ଥନୈତିକ କ୍ଷେତ୍ର**

କ. ୨୦୧୭- ୧୮ ମସିହାରେ ବିଦେଶୀ ନିବେଶ ପ୍ରୋତ୍ସାହନ ବୋର୍ଡକୁ ଉଚ୍ଛେଦ କରାଯିବ।

ଖ. ପଣ୍ୟଦ୍ରବ୍ୟର ସ୍ପଟ ବଜାର ଏବଂ ବ୍ୟୁତ୍ପନ ବଜାର ମଧ୍ୟରେ ମିଶ୍ରଣ ପାଇଁ ପରିଚାଳନାଗତ ଓ ଆଇନଗତ ଢାଞ୍ଚା ବିକାଶ କରିବା ସକାଶେ ଏକ ବିଶେଷଜ୍ଞ ଦଳ ଗଠନ କରାଯିବ ।

ଗ. ପରିଚାଳନାଗତ ସୁଧାର ଆଣିବା ଏବଂ ଗରିବ ଓ ସରଳ ନିବେଶକାରୀମାନଙ୍କୁ ସୁରକ୍ଷା ଦେବା ପାଇଁ ମଲ୍ଟି ଷ୍ଟେଟ୍ କୋଅପରେଟିଭ ସୋସାଇଟି ଅଧିନିୟମରେ ସଂଶୋଧନ କରାଯିବ।

ଘ. ସଂସଦର ବଜେଟ୍ ଅଧିବେଶନରେ ରିଜୋଲ୍ୟୁସନ୍ ଅଫ୍ ଫାଇନାନସିଆଲ୍ ଫାର୍ମ ବିଲ୍ ଉପସ୍ଥାପନ କରାଯିବ।

ଙ. ସରକାରୀ ଓ ଘରୋଇ ଭାଗିଦାରିରେ ହେଉଥିବା ନର୍ମାଣ ଚୁକ୍ତି ଏବଂ ଭିତ୍ତିଭୂମି ସମ୍ପର୍କିତ ବିବାଦର ସମାଧାନ ପାଇଁ ମଧ୍ୟସ୍ଥତା ଓ ସମାଧାନ ଅଧିନିୟମରେ ସଂଶୋଧନ କରାଯିବ।

ଚ. ଆମ ଅର୍ଥନୀତି କ୍ଷେତ୍ର ପାଇଁ କମ୍ପ୍ୟୁଟର ଏମରଜେନ୍ସି ରେସପନ୍ସ ଟିମ୍ ଗଠନ କରାଯିବ।

ଛ.ସିପିଏସଇଗୁଡିକର ସମୟ ନିର୍ଦ୍ଧାରିତ ସୂଚକାଙ୍କ ପାଇଁ ସଂଶୋଧିତ ପ୍ରକ୍ରିୟା ଘୋଷଣା କରାଯିବ।

ଜ. ଆଇଆର୍‌ସିଟିସି, ଆଇଆର୍‌ଏଫ୍‌ସି ଏବଂ ଆଇଆର୍‌ସିଓଏନ୍ ପରି ରେଳବାଇ ପିଏସ୍‌ଇଗୁଡିକ ଷ୍ଟକ୍ ଏକ୍ସଚେଞ୍ଜରେ ସ୍ଥାନିତ ହେବେ।

ଝ.ବର୍ତ୍ତମାନ ରହିଥିବା ତୈଳ ପିଏସ୍‌ୟୁ ଗୁଡିକର ମିଶ୍ରଣ କରାଯାଇ ଏକ ଏକୀକୃତ ସାର୍ବଜନୀକ କ୍ଷେତ୍ର 'ତୈଳ ପ୍ରତିଷ୍ଠାନ' ପ୍ରତିଷ୍ଠା କରାଯିବ।

ଞ. ବିଭିନ୍ନ ସିପିଏସ୍‌ଇ ଷ୍ଟକ୍ ସହ ଏକ ନୂଆ ଇଟିଏଫ୍ ଆରମ୍ଭ କରାଯିବ।

ଟ. ସୁରକ୍ଷା ଓ ପୁନଃନିର୍ମାଣ କମ୍ପାନିଗୁଡିକ ଦ୍ୱାରା ପ୍ରଚଳନ କରାଯାଉଥିବା ଲିଷ୍ଟି ଓ ଟ୍ରେଡିଂ ସମ୍ପର୍କିତ ସୁରକ୍ଷା ରସିଦ୍ ଷ୍ଟକ୍ ଏକ୍ସଚେଞ୍ଜଗୁଡିକରେ ଅନୁମୋଦିତ ହୋଇପାରିବ।

**୮. ଡିଜିଟାଲ୍ ଅର୍ଥନୀତି**

କ. ଆଧାର ଆଧାରିତ ପେମେଣ୍ଟ ବ୍ୟବସ୍ଥାର ବ୍ୟବୟାୟ ଭିତ୍ତିକ ସେବା 'ଆଧାର ପେ' ଖୁବ୍‌ଶୀଘ୍ର ଆରମ୍ଭ କରାଯିବ।

ଖ. ଅନ୍ତର୍ଭୁକ୍ତିକରଣ ଅର୍ଥନୈତିକ ପାଣ୍ଠି ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ।

ଗ. ବର୍ତ୍ତମାନର ଡିଜିଟାଲ୍ ପଇଠ ବ୍ୟବସ୍ଥାର ଆବଶ୍ୟକତା ଅନୁସାରେ ପେମେଣ୍ଟ ଓ ସେଟେଲମେଣ୍ଟ ବ୍ୟବସ୍ଥାର ପୁନଃସମୀକ୍ଷା କରାଯିବ। ଏହି ସମୟ ମଧ୍ୟରେ ନିୟମରେ ସଂଶୋଧନ କରାଯାଇ ଭାରତୀୟ ରିଜର୍ଭ ବ୍ୟାଙ୍କରେ ଏକ ପେମେଣ୍ଟ ନିୟାମକ ବୋର୍ଡ ଗଠନ କରାଯିବ।

ଘ. ବ୍ୟାଙ୍କିଙ୍ଗ କାରବାର ଓ ଚେକ୍ ମାଧ୍ୟମରେ ଟଙ୍କା ପଇଠ ବୃଦ୍ଧି ପାଉଥିବାରୁ ନେଗୋସିଏବଲ୍ ଇନଷ୍ଟ୍ରୁମେଂଟ ଆକ୍ଟର ସଂଶୋଧନ କରାଯିବ।

**୯. ଲୋକ ସେବା**

କ. ପାସ୍‌ପୋର୍ଟ ସେବା କାର୍ଯ୍ୟ ସମ୍ପାଦନ ପାଇଁ ମୁଖ୍ୟ ଡାକଘରଗୁଡିକ ପ୍ରମୁଖ କାର୍ଯ୍ୟାଳୟ ଭାବେ କାମ କରିବେ।

ଖ. ଦୀର୍ଘ ସମୟ ଧରି ଋଣ ଖିଲାପକାରୀ, ଅର୍ଥନୈତିକ ଅପରାଧି ଓ ଆଇନ୍ ହାତରୁ ଖସିବା ପାଇଁ ଦେଶ ବାହାରକୁ ପଳାୟନ କରୁଥିବା ବ୍ୟକ୍ତିମାନଙ୍କ ସମ୍ପତ୍ତି ବ୍ୟାଜ୍ୟାପ୍ତ କରିବା ପାଇଁ ବୈଧାନିକ ପରିବର୍ତ୍ତନ ସହ ନୂଆ ଆଇନ୍ ଲାଗୁ କରାଯିବ।

**ଟିକସ ପ୍ରସ୍ତାବର ସାରାଂଶ ଓ. ସୁଲଭ ଗୃହ ନିର୍ମାଣ:**

୧. ସୁଲଭ ଗୃହ ନିର୍ମାଣ କ୍ଷେତ୍ରରେ ତିନି ପ୍ରକାର ଆୟକର ଛାଡ ଘୋଷଣା କରାଯାଇଛି:

କ. ୩୦ ଏବଂ ୬୦ ବର୍ଗମିଟର ସ୍ଥାନ ବିଲ୍ଟ ଅପ୍ ଏରିଆ ବଦଳରେ କାର୍ପେଟ୍ ଏରିଆ ଭାବେ ପରିଗଣିତ ହେବ।

ଖ. କେବଳ ୪ଟି ମୋଟ୍ରୋପଲିଟାନ୍ ସହରରେ ୩୦ ବର୍ଗମିଟର ସୀମା ନିର୍ଦ୍ଧରିତ ହୋଇଥିବାବେଳେ ଦେଶର ଅନ୍ୟ ସ୍ଥାନଗୁଡିକରେ ୬୦ ବର୍ଗମିଟର ସୀମା ନିର୍ଦ୍ଧାରିତ ହୋଇଛି।

ଗ. ନିର୍ମାଣ କାର୍ଯ୍ୟ ଶେଷ ହେବା ସମୟସୀମା ୩ ବର୍ଷରୁ ୫ ବର୍ଷକୁ ବୃଦ୍ଧି କରାଯାଇଛି।

୨. ବିଲ୍ଡରମାନେ ନ୍ୟାସନାଲ୍ ରେଣ୍ଟାଲ୍ ଇନକମ୍ ଉପରେ ଦେଉଥିବା ଟିକସ ନିର୍ମାଣ କାର୍ଯ୍ୟ ଶେଷହେବା ସାର୍ଟିଫିକେଟ୍ ପାଇବାର ଏକ ବର୍ଷ ପରେ ହିସାବ କରାଯିବ।

୩. ସ୍ଥାବର ସମ୍ପତ୍ତି ଉପରେ ପୁଞ୍ଜି ଲାଭ ଟିକସ

ବ୍ୟବସ୍ଥାରେ ତିନି ପ୍ରକାର ପରିବର୍ତ୍ତନ:
କ. ଦୀର୍ଘମିଆଦି ପୁଞ୍ଜିଗତ ଲାଭ ବିବେଚନା କରିବା ପାଇଁ ୩ ବର୍ଷ ପରିବର୍ତ୍ତେ ୨ ବର୍ଷ ଧାର୍ଯ୍ୟ
ଖ. ସ୍ଥାବର ସମ୍ପତ୍ତି ସହ ସମସ୍ତ ପ୍ରକାର ସମ୍ପତ୍ତିର ମୂଲ୍ୟ ନିର୍ଦ୍ଧାରଣ ପାଇଁ ଆଧାର ବର୍ଷ ୧.୪.୧୯୮୧ ରୁ ୧.୪.୨୦୦୧କୁ ପରିବର୍ତ୍ତନ
ଗ. ଟିକସ ପ୍ରଦାନ ନକରି ପୁଞ୍ଜିଗତ ଲାଭ ନିବେଶ ପାଇଁ ଥିବା ଆର୍ଥିକ ବ୍ୟବସ୍ଥାକୁ ସମ୍ପ୍ରସାରିତ କରାଯିବ
୪. ଯୁଗ୍ମ ବିକାଶ ଚୁକ୍ତି ପାଇଁ ପୁଂଜିଗତ ଲାଭ ଟିକସ ପଇଠ କରିବା ସମୟ କନ୍‌ସିଡରେସନ୍ ଅର୍ଥ ପାଇବା ବର୍ଷରୁ ଲାଗୁ ହେବ।
୫. ଆନ୍ଧ୍ରପ୍ରଦେଶର ନୂଆ ରାଜଧାନୀ ନିର୍ମାଣ ପାଇଁ ୨.୬.୨୦୧୪ ସୁଦ୍ଧା ଜମିର ମାଲିକାନା ଥିବା ଜମିମାଲିକମାନେ ଜମି ପୁଲିଂ ଅଧିନରେ ଜମି ଦେଇଥିଲେ ପୁଞ୍ଜିଗତ ଲାଭ ଟିକସ ଛାଡ ପାଇବେ।

କରିବାର ସୀମା ୧୦ ବର୍ଷରୁ ୧୫ ବର୍ଷକୁ ବୃଦ୍ଧି କରାଯାଇଛି।
୩. ୨୦୧୫-୧୬ରେ ୫୦ କୋଟି ବିକ୍ରୀ କରିଥିବା କମ୍ପାନୀଗୁଡିକ ପାଇଁ କର୍ପୋରେଟ୍ ଆୟ ଟାକ୍ସ ୩୦%ରୁ ୨୫%କୁ ହ୍ରାସ କରାଯାଇଛି। ଏହା ବର୍ତ୍ତମାନର ୯୬% ବା ୬.୬୭ ଲକ୍ଷ କମ୍ପାନୀଗୁଡିକୁ ସହାୟକ ହେବ।
୪.ବ୍ୟାଙ୍କଗୁଡିକର ଅଣ ନିଷ୍ପାଦିତ ସମ୍ପତ୍ତି ଲାଭରୁ ୭.୫% ପରିବର୍ତ୍ତେ ୮.୫% ବିଯୁକ୍ତ କରାଯିବ।
୫.ଅଧିସୂଚିତ ନହୋଇଥିବା କୋ-ଅପରେଟିଭ ବ୍ୟାଙ୍କଗୁଡିକର ଅଣ ନିଷ୍ପାଦିତ ସମ୍ପତ୍ତି କ୍ଷେତ୍ରରେ ଟିକସ ମିଳିବା ପରେ ହିଁ ଏହା ଆୟ ହିସାବରେ ବିବେଚନା କରାଯିବ।

**ଡିଜିଟାଲ ଅର୍ଥନୀତିକୁ ପ୍ରୋତ୍ସାହନ**

୧. କ୍ଷୁଦ୍ର ବ୍ୟବସାୟୀମାନେ ଡିଜିଟାଲ୍ ବା ବ୍ୟାଙ୍କ୍ ମାଧ୍ୟମରେ ଆୟକର ପଇଠ କଲେ ସେମାନଙ୍କୁ ମୋଟ୍ କାରବାରର ୬% ଟିକସ ଦେବାକୁ ପଡିବ।

ଟଙ୍କା ପର୍ଯ୍ୟନ୍ତ ଥିଲା।
୨. ଟିକସ ସହିତ ଟଙ୍କା ଦାନ ସମ୍ପର୍କରେ ଗୋପନୀୟତା ରକ୍ଷା କରିବା ପାଇଁ ଇଲେକଟୋରାଲ୍ ବଣ୍ଡ ପ୍ରଚଳନ କରାଯିବ।
୩. ରାଜନୈତିକ ଦଳମାନେ ଆୟକର ଅଧିନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେମାନଙ୍କ ରିଟର୍ଣ୍ଣ ଦାଖଲ କରିବେ।

**ବ୍ୟବସାୟ କରିବାର ସ୍ୱାଚ୍ଛନ୍ଦ୍ୟ**

୧. ଦୁଇଟି କମ୍ପାନୀ ମଧ୍ୟରୁ ଗୋଟିଏ କମ୍ପାନୀ ଲାଭ ସହ ଜଡିତ ଟକିସ ଦେଉଥିଲେ ଘରୋଇ ହସ୍ତାନ୍ତର ମୂଲ୍ୟ ଲାଗୁ ହେବ।
୨. ସମ୍ଭାବ୍ୟ ଯୋଜନା କରୁଥିବା ବ୍ୟବସାୟୀମାନଙ୍କ ପାଇଁ ଅଡିଟ୍ ଲିମିଟ୍ ୧କୋଟିରୁ ୨ କୋଟି ଟଙ୍କାକୁ ବୃଦ୍ଧି କରାଯିବ।
୩. ବ୍ୟକ୍ତିବିଶେଷ ଓ ଏକତ୍ର ରହୁଥିବା ହିନ୍ଦୁ ପରିବାର (ଏଚୟୁଏଫ୍) ର ବାର୍ଷିକ କାରବାର ୨୫ଲକ୍ଷ ଟଙ୍କାରୁ କମ୍ ହୋଇଥିଲେ ଏବଂ ଆୟ ୨.୫ ଲକ୍ଷ ଟଙ୍କାରୁ କମ୍ ହୋଇଥିଲେ ସେମାନେ ଆକାଉଂଟ୍ ବହି ରଖିବାର ଆବଶ୍ୟକତା ନାହିଁ।

**ସମୁଦାୟ କ୍ଷେତ୍ର** (କୋଟିରେ)

| କ୍ରମିକ ସଂଖ୍ୟା | କ୍ଷେତ୍ର | ବିଇ୨୦୧୬-୧୭ | ଆର୍‌ଇ ୨୦୧୬-୧୭ | ବିଇ୨୦୧୭-୧୮ |
|---|---|---|---|---|
| ୧. | କୃଷି ଓ ଆନୁଷଙ୍ଗିକ କ୍ଷେତ୍ର | ୪୮୫୭୨ | ୫୨୮୨୧ | ୫୮୬୬୩ |
| ୨. | ଗ୍ରାମୀଣ ବିକାଶ | ୧୦୨୫୪୩ | ୧୧୪୯୪୭ | ୧୨୮୫୬୦ |
| ୩. | ଭିତ୍ତିଭୂମୀ | ୩୪୮୯୫୨ | ୩୫୮୬୩୪ | ୩୯୬୧୩୫ |
| ୩କ. | ଗମନାଗମନ | ୨୧୬୨୬୮ | ୨୧୬୯୦୩ | ୨୪୧୩୮୭ |
| ୪. | ସାମାଜିକ କ୍ଷେତ୍ର | ୧୬୮୧୦୦ | ୧୭୬୨୨୫ | ୧୯୫୪୭୩ |
| ୪କ. | ଶିକ୍ଷା ଓ ସ୍ୱାସ୍ଥ୍ୟ | ୧୧୨୧୩୮ | ୧୧୪୮୦୬ | ୧୩୦୨୧୫ |
| ୪ଖ. | ଜନ କଲ୍ୟାଣ ଭିତ୍ତିକ ସାମାଜିକ କ୍ଷେତ୍ର | ୫୫୯୬୨ | ୬୧୪୧୯ | ୬୫୨୫୮ |
| ୫. | ରୋଜଗାର ସୃଷ୍ଟି, ଦକ୍ଷତା ଓ ଜୀବିକା | ୧୨୦୦୬ | ୧୪୭୩୫ | ୧୭୨୭୩ |
| ୬. | ବୈଜ୍ଞାନିକ ମନ୍ତ୍ରଣାଳୟ | ୩୩୪୬୭ | ୩୪୩୫୯ | ୩୭୪୩୫ |

**ସୌଜନ୍ୟ: ୨୦୧୭-୧୮ ବଜେଟ୍ ବ୍ୟୟବରାଦ ଓ ବ୍ୟୟ ହିସାବ**

ଅଭିବୃଦ୍ଧି ବଢାଇବା ପାଇଁ ପଦକ୍ଷେପ
୧. ଗତ ବର୍ଷ ଆୟକର ଛୁଟି ଯୋଜନା ଅନୁସାରେ ଷ୍ଟାର୍ଟ-ଅପ୍ ଗୁଡିକ ଦୁଇଟି ମହଲତ ପାଇବେ।
କ. ପ୍ରୋତ୍ସାହକମାନଙ୍କ ମୂଳ ନିବେଶରେ ପରିବର୍ତ୍ତନ ହୋଇନଥିଲେ ୫୧% ଭୋଟିଂ ଅଧିକାରକୁ କୋହଳ କରାଯାଇପାରିବ।
ଖ. ଷ୍ଟାର୍ଟ ଅପ୍ ଆରମ୍ଭ ହେବାର ୩ ବର୍ଷ ପରିବର୍ତ୍ତେ ୭ ବର୍ଷ ପର୍ଯ୍ୟନ୍ତ ଆୟକର ଛାଡ ହେବ।
୨. ମିନିମମ୍ ଅଲ୍ଟରନେଟ୍ ଟାକ୍ସ ପ୍ରଦାନ

୨. ବର୍ତ୍ତମାନ ନଗଦ ଭାବେ ହେଉଥିବା ୨୦,୦୦୦ଟଙ୍କା ପର୍ଯ୍ୟନ୍ତ ବ୍ୟୟକୁ ୧୦,୦୦୦ ଟଙ୍କାକୁ ହ୍ରାସ କରାଯିବ।
୩. ୩ ଲକ୍ଷରୁ ଉର୍ଦ୍ଧ୍ୱ ନଗଦ ଟଙ୍କା କାରବାର ପାଇଁ ଅନୁମତି ଦିଆଯିବ ନାହିଁ। ଏ ସମ୍ପର୍କିତ ନିୟମ ଭଙ୍ଗ କଲେ ସମାନ ପରିମାଣର ଟଙ୍କା ଜୋରିମାନା ଭାବେ ଦେବାକୁ ପଡିବ।

**. ନିର୍ବାଚନୀ ପାଣ୍ଠି କ୍ଷେତ୍ରରେ ସ୍ୱଚ୍ଛତା**

୧. ରାଜନୈତିକ ଦଳଗୁଡିକୁ ଜଣେ ବ୍ୟକ୍ତି ମାତ୍ର ୨ ହଜାର ଟଙ୍କା ଚାନ୍ଦା ଦେଇପାରିବେ। ଆଗରୁ ଏହି ଚାନ୍ଦା ପରିମାଣର ସୀମା ୨୦ ହଜାର

୪. ଫରେନ୍ ପୋର୍ଟଫୋଲିଓ ଇନଭେଷ୍ଟର ମାନଙ୍କ ୧ ଏବଂ ୨ ନମ୍ବର ବର୍ଗ ପରୋକ୍ଷ ହସ୍ତାନ୍ତର ସୁବିଧାରୁ ବଂଚିତ ହେବେ।
୫. ବ୍ୟକ୍ତିଗତ ବୀମା ଏଜେଂଟମାନେ ସେମାନଙ୍କ ଆୟ ଆୟକର ସୀମା ମଧ୍ୟରେ ଥିବା ଦର୍ଶାଇଲେ ସେମାନଙ୍କ ୫% ଟିଡିଏସ୍ କଟାଯିବ ପାହିଁ।
୬. ସମ୍ଭାବ୍ୟ ଯୋଜନା କ୍ଷେତ୍ରର ବ୍ୟବସାୟୀ ସେମାନଙ୍କ ଆଗୁଆ କିସ୍ତି ୪ଟି ପର୍ଯ୍ୟାୟରେ ଦେବା ବ୍ୟତୀତ କେବଳ ମାର୍ଚ୍ଚ ମାସରେ ଗୋଟିଏ କିସ୍ତିରେ ପ୍ରଦାନ କରିପାରିବେ।

୭. ଟାକ୍ସ ରିଟର୍ଣ୍ଣ ସଂଶୋଧନ କରିବାର ସମସୟସୀମା ୧୨ ମାସକୁ ହ୍ରାସ କରାଯାଇଛି। ସେହିଭଳି ୨୦୧୯-୨୦ ବର୍ଷରୁ ଯାଞ୍ଚ୍ କାର୍ଯ୍ୟ ଶେଷ କରିବାର ସମୟସୀମା ମଧ୍ୟ ୧୨ ମାସକୁ ହ୍ରାସ କରିଦିଆଯିବ।

**ବ୍ୟକ୍ତିଗତ ଆୟକର** : ୧. ୨.୫ ଲକ୍ଷରୁ ୫ ଲକ୍ଷ ପର୍ଯ୍ୟନ୍ତ ବ୍ୟକ୍ତିଗତ ଆୟକାରୀଙ୍କ ପାଇଁ ଆୟକର ୧୦%ରୁ ୫%କୁ ହ୍ରାସ କରାଯାଇଛି। ଏହା ପ୍ରାୟ ଅଧା ଟିକସ ବୋଝ ହ୍ରାସ କରିବା ସହ ଏହି ଆୟବର୍ଗରୁ ଅଧିକ ଆୟକରୁଥିବା ବର୍ଗର ଅନ୍ୟ ଟିକସଦାତା ମଧ୍ୟ ଏଥିରୁ ଲାଭ ପାଇବେ। ୨. ୨.୫ ଲକ୍ଷରୁ ୫ ଲକ୍ଷ ଆୟକାରୀମାନଙ୍କ ପାଇଁ ୫୦୦୦ଟଙ୍କାର ରିହାତିକୁ ୨,୫୦୦ ଟଙ୍କାକୁ ହ୍ରାସ କରାଯାଇଛି ଏବଂ ଏହା କେବଳ ୩.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକାରୀଙ୍କ ପାଇଁ ଲାଗୁ ହେବ।

୩. ୫୦ ଲକ୍ଷରୁ ୧ କୋଟି ପର୍ଯ୍ୟନ୍ତ ବ୍ୟକ୍ତିଗତ ଆୟକାରୀଙ୍କ ପାଇଁ ୧୦% ଅଧିକ ସରଚାର୍ଜ ଲାଗୁ କରାଯାଇଛି। (ଏହାଦ୍ୱାରା ୨,୭୦୦ କୋଟି ଟଙ୍କାର ରାଜସ୍ୱ ଲାଭ ହେବ)

**ପରୋକ୍ଷ କର**: ୧. ଲିକ୍ୟୁଫାଏଡ୍ ନାଚୁରାଲ୍ ଗ୍ୟାସ୍ (ଏଲଏନଜି) ଉପରେ ସୀମା ଶୁଳ୍କ ୫%ରୁ ୨.୫%କୁ ହ୍ରାସ କରାଯାଇଛି। ଏହାଦ୍ୱାରା କେମିକାଲ, ପେଟ୍ରୋ କେମିକାଲ୍ ଓ ଷ୍ଟିଲ୍ ଇଣ୍ଡଷ୍ଟ୍ରି ଲାଭବାନ୍ ହେବେ। ୨. ଡିଜିଟାଲ ପେମେଣ୍ଟ ପାଇଁ ଏମ୍-ପିଓଏସ୍, ମାଇକ୍ରୋ-ଏଟିଏମ୍, ଫିଙ୍ଗର ପ୍ରିଂଟ୍ ରିଡର୍, ସ୍କାନର୍ ଏବଂ ଆଇଡି ସ୍କାନର୍ ଆଦି କ୍ଷୁଦ୍ର ପିଓଏସ୍ କାର୍ଡ ରିଡର ଉପରେ ସୀମା ଶୁଳ୍କ, ସିଭିଡି,ଏସ୍ଏଡି ଏବଂ ଉତ୍ପାଦ ଶୁଳ୍କ ଛାଡ କରାଯିବ।

୮. ସାମଗ୍ରୀ ଓ ସେବା କର ଉପରେ ଏବେ କାର୍ଯ୍ୟ ଚାଲିଛି। ଏହା ଜୁଲାଇ ୧, ୨୦୧୭ରେ ଲାଗୁ କରାଯିବା ଆଶା କରାଯାଏ।

## FORM IV

**Statement about ownership and other particulars about Yojana (Odia)**
*to be published in the first issue every year after the last day of February*

| | | | |
|---|---|---|---|
| 1. | Place of Publication | : | New Delhi |
| 2. | Periodicity of Publication | : | Monthly |
| 3. | Printer's Name | : | Dr. Sadhana Rout |
| | Nationality | : | Indian |
| | Address | : | Publications Division, Soochna Bhavan, New Delhi - 110 003. |
| 4. | Publisher's Name | : | Dr. Sadhana Rout |
| | Nationality | : | Indian |
| | Address | : | Publications Division, Soochna Bhavan, New Delhi - 110 003. |
| 5. | Editor's Name | : | Dr. Girish Chandra Dash |
| | Nationality | : | Indian |
| | Address | : | Asstt. Director( News), All India Radio, Cantonment Road, Cuttack- 753001 |
| 6. | Name & Address of Individual who own the newspaper and Partner or shareholder holding more than one Percent of the total capital. | : | Wholly owned by Ministry of Information & Broadcasting, Government of India, New Delhi - 110 001. |

I, **Sadhana Rout** , hereby declare that the particular given above are true to the best of my Knowledge and belief.

(Dr. Sadhana Rout )
Signature of Publisher

Dated:

ଲେଖକ ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ।

# ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର

ଦେଶରେ ମାର୍ଚ୍ଚ ୨୦୧୭ ସୁଦ୍ଧା ୩୦୦୦ଟି ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର (ପିଏମବିଜେକେ) ପ୍ରତିଷ୍ଠା କରାଯିବ । ଏବେ ୭୭୭ଟି ଜନଔଷଧି କେନ୍ଦ୍ର କାର୍ଯ୍ୟ କରୁଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୦୦୦ଟି ଜନୌଷଧି କେନ୍ଦ୍ର ଖୋଲାଯାଉଛି । କେନ୍ଦ୍ର ରସାୟନ ଏବଂ ସାର ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ଅନନ୍ତ କୁମାର ନୂଆଦିଲ୍ଲୀଠାରେ ଏହି ସୂଚନା ଦେଇଛନ୍ତି । ପୂର୍ବରୁ ଏହିସବୁ କେନ୍ଦ୍ର ପ୍ରତିଷ୍ଠା ଲାଗି ରାଷ୍ଟ୍ରାୟତ ଔଷଧ ପ୍ରସ୍ତୁତକାରୀ ଉଦ୍ୟୋଗସମୂହ ଏବଂ ଜାତୀୟ ଯୁବ ସମବାୟ ସୋସାଇଟି ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇସାରିଛି । ତେବେ ଏହିସବୁ ପୁନର୍ଗଠିତ ଭାରତୀୟ ଜନଔଷଧି କେନ୍ଦ୍ରର ରୂପରେଖ କିଭଳି ହେବ ଏବଂ ଏହାର ସୂଚାରୁ ପରିଚାଳନା ନିମନ୍ତେ ଏକ ଜାତୀୟ କର୍ମଶାଳା ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଛି । ଏଥିରେ ୨୪ଟି ରାଜ୍ୟର ୧୦୬ଟି ଜିଲ୍ଲାରେ କାର୍ଯ୍ୟରତ ଜାତୀୟ ଯୁବ ସମବାୟ ସୋସାଇଟିର ଆବାହକ ଏବଂ ଏହି ଯୋଜନା ଅନ୍ତର୍ଗତ ଜିଲ୍ଲା ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । କର୍ମଶାଳାରେ ମୋଡେଲ ଜନଔଷଧି କେନ୍ଦ୍ରର ନମୂନା ବିସ୍ତୃତ ଭାବେ ଉପସ୍ଥାପନା କରାଯାଇଥିଲା । ଭାରତରେ ମାତ୍ର ୩୦ ପ୍ରତିଶତ ଜନସଂଖ୍ୟା ବ୍ରାଣ୍ଡେଡ୍ ଔଷଧ ପାଇପାରୁଛନ୍ତି, ଯେତେବେଳେ କି ୬୦ ପ୍ରତିଶତ ଲୋକ ଦାରିଦ୍ର୍ୟ ଏବଂ ଅନ୍ୟ କାରଣରୁ ଔଷଧରୁ ବଂଚିତ ହେଉଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର ଜରିଆରେ ସବୁ ଲୋକଙ୍କୁ ସୁଲଭ ମୂଲ୍ୟରେ ଜେନେରିକ ପଦ୍ଧତିର ଉନ୍ନତ ମାନର ଔଷଧ ଉପଲବ୍ଧ କରାଯିବ।

# ବଜେଟରେ ମହିଳା ଓ ଶିଶୁମାନଙ୍କର ବିକାଶ

**ଡ. ଲିପିଶ୍ରୀ ଦାସ**

**କେ**ନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ବୁଧବାର ସଂସଦରେ ୨୦୧୭-୧୮ ଆର୍ଥିକ ବର୍ଷ ନିମନ୍ତେ ବଜେଟ ଉପସ୍ଥାପନ କରିଛନ୍ତି। ଚଳିତଥର ବିମୁଦ୍ରାୟନର ସଂପ୍ରତି ପରିସ୍ଥିତିକୁ ନେଇ ବଜେଟ ଉପସ୍ଥାପନ କରାଯାଇଛି। ମୋଟ ୨୧,୪୬୭୩୫ କୋଟି ଟଙ୍କାର ବଜେଟ ୨୦୧୭-୧୮ ଆର୍ଥିକ ବର୍ଷ ନିମନ୍ତେ ଅଟକଳ କରାଯାଇଛି। ବଜେଟରେ ଅର୍ଥନୀତି ସହିତ ପ୍ରତ୍ୟକ୍ଷ ଭାବରେ ଜଡ଼ିତ କ୍ଷେତ୍ରଗୁଡ଼ିକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଅର୍ଥାତ୍ ୨୦୧୬-୧୭ ବର୍ଷରେ ସଂଶୋଧିତ ଅଟକଳ ଉପରେ ୨୦୧୭-୧୮ ବର୍ଷରେ ମାତ୍ର ୬.୫୫ ପ୍ରତିଶତ ବୃଦ୍ଧି ପାଇଛି। ଏଥର ସାଧାରଣ ବଜେଟ ସହିତ ରେଳ ବଜେଟର ମିଶ୍ରଣ ଘଟିଛି। ରେଳ ବଜେଟ ପାଇଁ ସରକାର ୧,୩୧,୦୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ବଜେଟରେ ସରକାର ଗ୍ରାମାଞ୍ଚଳ ଭିତ୍ତିଭୂମି, ଦାରିଦ୍ର୍ୟ ଦୂରୀକରଣ, କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପ୍ରତି ଗୁରୁତ୍ୱ ଆରୋପ କରିଛନ୍ତି। ଏହାଛଡ଼ା ଚଳିତ ବଜେଟରେ ମହିଳା ଓ ଶିଶୁମାନଙ୍କର ଉନ୍ନତି ପାଇଁ ପଦକ୍ଷେପ ନିଆଯାଇଛି।

**ବଜେଟର ବିଶେଷତ୍ୱ:** ଏହି ବଜେଟ ଉପସ୍ଥାପନ ପୂର୍ବରୁ ସରକାରଙ୍କ ସମ୍ମୁଖରେ କେତୋଟି ସମସ୍ୟା ଉଭା ହୋଇଥିଲା ଯାହାକୁ ସୁଧାରିବା ପାଇଁ ବଜେଟରେ ପ୍ରୟାସ କରାଯାଇଛି। ପ୍ରଥମଟି ହେଉଛି ବିମୁଦ୍ରାୟନ। ଯଦିଓ ସରକାରଙ୍କ ପାଇଁ ବିମୁଦ୍ରାୟନ ଏକ ପଦକ୍ଷେପ ଯାହାଦ୍ୱାରା ଅର୍ଥନୀତି ଦୀର୍ଘକାଳରେ ଉପକୃତ ହେବ, କଳାବଜାର କାରବାର କମିବ ଏବଂ ମାଓବାଦୀ କାର୍ଯ୍ୟକଳାପରେ ଅଂକୁଶ ଲଗାଯାଇପାରିବ। ମାତ୍ର ବିମୁଦ୍ରାୟନ ଫଳରେ ଦେଶର ଅର୍ଥନୀତି ନିଶ୍ଚିତ ଭାବରେ ମନ୍ଥର ହୋଇଛି। ଲୋକଙ୍କ ପାଖରେ କ୍ରୟଶକ୍ତିର ଅଭାବ ଯୋଗୁଁ ଉତ୍ପାଦନ ଉପରେ ତାହାର ପ୍ରତିକୂଳ ପ୍ରଭାବ ପଡ଼ିବ, ଯାହାଦ୍ୱାରା ନିଯୁକ୍ତି କମିବ। ଏପରି ପରିସ୍ଥିତିରେ କେବଳ ସରକାର ନିଜ ବଜେଟରେ ଅଧିକ ପୁଞ୍ଜିଲଗାଣର ବ୍ୟବସ୍ଥା କଲେ ପରିସ୍ଥିତି ସୁଧୁରିବାର ସମ୍ଭାବନା ଅଛି। ସେଥିପାଇଁ କୃଷି, ଗ୍ରାମ୍ୟ ଉନ୍ନୟନ, ଭିତ୍ତିଭୂମି ନିର୍ମାଣ, ରିୟଲଇଷ୍ଟେଟ୍, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଦ୍ୟୋଗ ଆଦି କ୍ଷେତ୍ର ପାଇଁ ପୂର୍ବବର୍ଷ ଅପେକ୍ଷା ଅଧିକ ବ୍ୟୟବରାଦ କରାଯାଇଛି। ବିମୁଦ୍ରାୟନର ୫୦ଦିନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁସବୁ କଥା ଓ ପ୍ରତିଶ୍ରୁତି ଦେଇଥିଲେ, ବଜେଟରେ ସେସବୁ ମୁଖ୍ୟତଃ ସ୍ଥାନ ପାଇଛି। ଗୋଟିଏ ବର୍ଗର ଆୟକରଦାତାଙ୍କୁ ଟିକସରେ ଶତକଡ଼ା ୫ ଭାଗ ରିହାତି ମିଳିଛି।

ବଜେଟର ଆଉ ଏକ ବିଶେଷତ୍ୱ ହେଲା ଟିକସ ସଂସ୍କାର ତଥା ଦୁର୍ନୀତି ନିବାରଣ ପ୍ରୟାସକୁ ପ୍ରୋତ୍ସାହନ ଦେବା। ରାଜନୈତିକ ଦଳମାନଙ୍କ ଚାନ୍ଦା ସଂଗ୍ରହ ବାବଦକୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଦ୍ୱାରା କଳାଧନ ଓ ଦୁର୍ନୀତିକୁ କିଛି ପରିମାଣରେ ରୋକାଯାଇ ପାରିବ। ସେହିଭଳି ତିନ ଲକ୍ଷ ଟଙ୍କାରୁ ଅଧିକ ନଗଦ କାରବାରକୁ ନିଷିଦ୍ଧ କରିବା ମଧ୍ୟ ଏକ ଉତ୍ତମ ପ୍ରୟାସ।

**କେନ୍ଦ୍ର ବଜେଟରେ ସାମାଜିକ କ୍ଷେତ୍ର:** ସାମାଜିକ କ୍ଷେତ୍ର କହିଲେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁ ଓ ମହିଳା ବିକାଶକୁ ବୁଝାଯାଏ। ଦେଶର ବିକାଶ ପ୍ରକ୍ରିୟା ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଭଳି ମାନବ ବିକାଶର ସୂଚନାଙ୍କରେ ଭାରତର ସ୍ଥାନ ସବୁବେଳେ ତଳେ ରହିଆସିଛି। ମୋଟ ୧୮୮ ଦେଶ ମଧ୍ୟରେ ଭାରତର ସ୍ଥାନ ୧୩୦ତମ। ଭାରତରେ ସ୍ୱାସ୍ଥ୍ୟସେବା

ଚଳିତ ବଜେଟରେ ମହିଳା ସଶକ୍ତିକରଣ ପାଇଁ ସରକାର ବେଶ୍ ଗୁରୁତ୍ୱ ଦେଇଛନ୍ତି। ମାତୃମୃତ୍ୟୁ କ୍ଷେତ୍ରରେ ଆମ ଦେଶ ବହୁତ ଖରାପ ସ୍ଥିତିରେ ରହିଛି। ବିଶ୍ୱର ମୋଟ ମାତୃ ମୃତ୍ୟୁହାରର ଶତକଡ଼ା ୧୭ ଭାଗ କେବଳ ଭାରତରେ। ତେଣୁ ସରକାର ଗର୍ଭବତୀ ମାଆ ଓ ନବଜାତ ଶିଶୁମାନଙ୍କୁ ପୋଷଣ ଯୋଗାଇବାକୁ ବଜେଟରେ ବ୍ୟବସ୍ଥା କରିଛନ୍ତି। ମାତୃତ୍ୱ ସହାୟତା ଯୋଜନାର ଅର୍ଥ ୬୩୪ କୋଟି ଟଙ୍କାରୁ ୨୭୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଦେଶରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ୨୦୧୮-୨୦୨୦ ସୁଦ୍ଧା ଦେଶର ମାତୃ ମୃତ୍ୟୁ ହାର ପ୍ରତି ଏକ ଲକ୍ଷରେ ୧୬୭ରୁ ୧୦୦କୁ ହ୍ରାସ କରିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି।

ବାବଦରେ ଖର୍ଚ୍ଚ ଜିଡିପିର ମାତ୍ର ୧.୩%ରେ ସୀମିତ। ଏହା ବ୍ରାଜିଲ, ରୁଷ, ଦକ୍ଷିଣ ଆଫ୍ରିକା, ଆଫଗାନିସ୍ଥାନ ଓ ନେପାଳଠାରୁ ବହୁତ କମ। ଆମ ଦେଶର ସ୍ୱାସ୍ଥ୍ୟସେବା ନିମ୍ନମାନର ହେବା ପଛରେ କମ୍ ସରକାରୀ ବ୍ୟୟ ମୁଖ୍ୟତଃ ଦାୟୀ ବୋଲି ଜଣାପଡ଼ିଛି। ଶିକ୍ଷାକ୍ଷେତ୍ରରେ ଜିଡିପିର ୩.୮% ବ୍ୟୟ ଅଟକଳ କରାଯାଇଛି। ପ୍ରାଥମିକ ଶିକ୍ଷା ବାବଦରେ ଗତ ବଜେଟ ତୁଳନାରେ ୧୩୬୭.୫ କୋଟି ଟଙ୍କା ବ୍ୟୟ ବୃଦ୍ଧି କରାଯାଇଛି। ବର୍ତ୍ତମାନ ଆମେ ଆସିବା ଶିଶୁ ଓ ମହିଳା ବିକାଶ ପାଇଁ ବଜେଟରେ କି କି ବ୍ୟବସ୍ଥା କରାଯାଇଛି।

**ଶିଶୁ ଓ ମହିଳା ବିକାଶ:** ଗୋଟିଏ ଦେଶର ଶିଶୁ ଓ ମହିଳାମାନଙ୍କର ବିକାଶ ସହିତ ଦେଶର ବିକାଶ ଓତପ୍ରୋତ ଭାବେ ଜଡ଼ିତ। ମହିଳାମାନଙ୍କର ବିକାଶ ହେଲେ ଦେଶର ବିକାଶ ହେବ, ଏଥିରେ ଦ୍ୱିମତ ନାହିଁ। ଚଳିତ ବଜେଟରେ ମହିଳା ସଶକ୍ତିକରଣ ପାଇଁ ସରକାର ବେଶ୍ ଗୁରୁତ୍ୱ ଦେଇଛନ୍ତି। ମାତୃମୃତ୍ୟୁ କ୍ଷେତ୍ରରେ ଆମ ଦେଶ ବହୁତ ଖରାପ ସ୍ଥିତିରେ ରହିଛି। ବିଶ୍ୱର ମୋଟ ମାତୃ ମୃତ୍ୟୁହାରର ଶତକଡ଼ା ୧୭ ଭାଗ କେବଳ ଭାରତରେ। ତେଣୁ ସରକାର ଗର୍ଭବତୀ ମାଆ ଓ ନବଜାତ ଶିଶୁମାନଙ୍କୁ ପୋଷଣ ଯୋଗାଇବାକୁ ବଜେଟରେ ବ୍ୟବସ୍ଥା କରିଛନ୍ତି। ମାତୃତ୍ୱ ସହାୟତା ଯୋଜନାର ଅର୍ଥ ୬୩୪ କୋଟି ଟଙ୍କାରୁ ୨୭୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଦେଶରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ୨୦୧୮-୨୦୨୦ ସୁଦ୍ଧା ଦେଶର ମାତୃ ମୃତ୍ୟୁ ହାର ପ୍ରତି ଏକ ଲକ୍ଷରେ ୧୬୭ରୁ ୧୦୦କୁ ହ୍ରାସ କରିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ପ୍ରତ୍ୟେକ ଗର୍ଭବତୀ ମହିଳାଙ୍କ ଟୀକାକରଣ ଓ ସୁରକ୍ଷିତ ପ୍ରସବ ନିମନ୍ତେ ୬ ହଜାର ଟଙ୍କା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। କିନ୍ତୁ ଏହା ସନ୍ତାନ ପ୍ରସବ କରୁଥିବା ସବୁ ମାଆଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ଚଳିତ ବଜେଟରେ ସରକାର ୯୦ ଲକ୍ଷ ମହିଳାଙ୍କୁ ଜଣକ ପିଛା ୩୦୦୦ ଟଙ୍କା ଲେଖାଏଁ ମୋଟ ୨୭୦୦ କୋଟି ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ଏହି ସୁବିଧା ୧୯ ବର୍ଷରୁ କମ୍ ବୟସ ମହିଳା ଓ ଦୁଇରୁ ଅଧିକ ସନ୍ତାନ ଥିବା ମହିଳାଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ। ଯଦିଓ ଏହାଦ୍ୱାରା ସମାଜରେ ଆଦିବାସୀ, ଦଳିତ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ମହିଳାମାନେ ସୁବିଧାରୁ ବଞ୍ଚିତ ହେଉଛନ୍ତି, ତେବେ ଏହାଦ୍ୱାରା ଜନସଂଖ୍ୟା ନିୟନ୍ତ୍ରଣ କରାଯାଇପାରେ ବୋଲି ସରକାରଙ୍କ ମତ। ଶିଶୁ ଓ ମହିଳା ବିକାଶ ପାଇଁ ବିଭିନ୍ନ ଯୋଜନା ମହିଳା ଓ ଶିଶୁବିକାଶ ପାଇଁ ଏ ବର୍ଷର ବ୍ୟୟ ଅଟକଳ ପୂର୍ବ ବର୍ଷ ତୁଳନାରେ ପାଖାପାଖି ୨୫ ପ୍ରତିଶତ ଅଧିକ ରଖାଯାଇଛି। ୨୦୧୭-୧୮ ବର୍ଷ ପାଇଁ ଏହା ୨୨,୦୯୫ କୋଟି ଟଙ୍କାକୁ ବୃଦ୍ଧି ହୋଇଛି, ଯାହାକି ପୂର୍ବ ବର୍ଷ ବଜେଟରେ ୧୭୬୪୦ କୋଟି ଟଙ୍କାରେ ସୀମିତ ଥିଲା। ମହିଳା ଓ ଶିଶୁ ବିକାଶ ନିମନ୍ତେ ବିଭିନ୍ନ ଯୋଜନାଗୁଡ଼ିକ ହେଲା:

୧) ଶିଶୁସୁରକ୍ଷା ଯୋଜନା: ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ ଶିଶୁ ସୁରକ୍ଷା ଯୋଜନାରେ ଚଳିତ ବର୍ଷ ବଜେଟରେ ୬୪୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି, ଯାହା ପୂର୍ବ ବର୍ଷ ତୁଳନାରେ ୨୪୮ କୋଟି ଟଙ୍କା ଅଧିକ ଅଟେ।

୨) ଇନ୍ଦିରାଗାନ୍ଧି ମାତୃତ୍ୱ ସହଯୋଗ ଯୋଜନା: ଏହି ଯୋଜନାରେ ଚଳିତବର୍ଷ ମୋଟ ବ୍ୟୟ ଅଟକଳ ୨୭୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି ଯାହା ପୂର୍ବବର୍ଷ ତୁଳନାରେ ଚାରିଗୁଣ ଅଧିକ। ଏଥିରୁ ଜଣାପଡୁଛି ଯେ ସରକାର ମହିଳାମାନଙ୍କ ବିକାଶ ପାଇଁ ପ୍ରଚେଷ୍ଟା କରିଛନ୍ତି।

୩) ମହିଳା ଶକ୍ତିକେନ୍ଦ୍ର ପ୍ରତିଷ୍ଠା: ଗ୍ରାମାଞ୍ଚଳର ମହିଳାମାନଙ୍କ ସଶକ୍ତିକରଣ କରିବା ପାଇଁ କେନ୍ଦ୍ର ସରକାର ବଜେଟରେ ନୂଆ ଯୋଜନା ଘୋଷଣା କରିଛନ୍ତି। ପ୍ରତି ଗ୍ରାମରେ ମହିଳା ଶକ୍ତିକେନ୍ଦ୍ର ଖୋଲାଯିବ। ଦେଶର ୧୪ ଲକ୍ଷ ଆଇ.ସି.ଡି.ଏସ୍. ଓ ଅଙ୍ଗନୱାଡି କେନ୍ଦ୍ରରେ ଏହା କାର୍ଯ୍ୟ କରିବ। ଏହି କେନ୍ଦ୍ରରୁ ଗ୍ରାମାଞ୍ଚଳର ମହିଳାମାନେ ସମସ୍ତ ପ୍ରକାର ସେବା ଯଥା ଦକ୍ଷତା ବିକାଶ, ନିଯୁକ୍ତି, ସାଂଖ୍ୟିକ ସ୍ୱାକ୍ଷରତା, ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ବାବଦରେ ସୂଚନା ପାଇପାରିବେ। ଏହି ଯୋଜନା ପାଇଁ ୫୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

୪) ଡିସେମ୍ବର ୨୦୧୯ ସୁଦ୍ଧା ସ୍କୁଲରେ ମଧ୍ୟାହ୍ନ ଭୋଜନ ଏବଂ ସାରା ଦେଶରେ ସମନ୍ୱିତ ଯୋଜନାରେ ଦିଆ ଯାଉଥିବା ଖାଦ୍ୟଦ୍ରବ୍ୟରେ ପୁଷ୍ଟିକର ଅଟା ଓ ତେଲ ରହିବା ସହିତ ଆୟୋଡିନଯୁକ୍ତ ଲବଣ ରହିବା ଆବଶ୍ୟକ ବିଷୟଟି ୨୦୧୮ ସୁଦ୍ଧା ଆଇନରେ ବାଧ୍ୟତାମୂଳକ କରାଯିବ ଯାହା ଋଝଝଇଓ ଦେଶର ଖାଦ୍ୟ ନିୟାମକ ଦ୍ୱାରା ବିଜ୍ଞାପିତ ହୋଇଥିଲା। ୨୦୨୦ ମସିହା ସୁଦ୍ଧା ଏହି ପୁଷ୍ଟିକର ଅଟା, ତେଲ ଏବଂ ଆୟୋଡିନଯୁକ୍ତ ଲୁଣ ବଜାରରେ ଉପଲବ୍ଧ ହେବ।

୫) ବେଟି ବଚାଓ, ବେଟି ପଢ଼ାଓ ଯୋଜନାରେ ବ୍ୟୟ ଅଟକଳ ୨୦୦ କୋଟି ଟଙ୍କା ରଖାଯାଇଛି, ଯାହା ପୂର୍ବବର୍ଷ ତୁଳନାରେ ପାଞ୍ଚଗୁଣ ଅଧିକ ଅଟେ।

୬) ନିର୍ଭୟା ପାଣ୍ଠି: ପୂର୍ବବର୍ଷ ପରି ନିର୍ଭୟା ପାଣ୍ଠିରେ ୫୦୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି।

ଏହାଛଡ଼ା ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ଯୋଜନାରେ ମହିଳା ସଶକ୍ତିକରଣ ପାଇଁ ୪୮୦୦୦ କୋଟି ଟଙ୍କା ଦିଆଯାଇଛି ଯାହାକି ପୂର୍ବବର୍ଷ ତୁଳନାରେ ୧ ପ୍ରତିଶତ ଅଧିକ। ମହିଳାଙ୍କୁ ଶସ୍ତାରେ ଋଣ ଦେବା ଲାଗି ନାସନାଲ ହାଉସିଙ୍ଗ୍ ବ୍ୟାଙ୍କ୍ (NHB)କୁ ୨୦୦୦୦ କୋଟି ଅର୍ଥ ଦିଆଯିବାର ବ୍ୟବସ୍ଥା ହୋଇଛି। ଏହି ବ୍ୟବସ୍ଥାରେ ମହିଳାମାନେ ବଜାର ଦର ଅପେକ୍ଷା ଶସ୍ତାରେ ବାସଗୃହ ପାଇପାରିବେ। ମହିଳାମାନଙ୍କ କୌଶଳ ବିକାଶ ଲାଗି ୧.୮୪ ଲକ୍ଷ ଟଙ୍କା ଆବଣ୍ଟନ କରାଯାଇଛି। ଦେଶର ୧ଲକ୍ଷ ୫୦ ହଜାର ଗ୍ରାମପଞ୍ଚାୟତକୁ ହାଇସ୍ପିଡ୍ ଇଣ୍ଟରନେଟ୍ ଯୋଗାଇ ଦେବା ପାଇଁ ଯୋଜନା କରାଯାଇଛି। ଏହି ଯୋଜନା ଦ୍ୱାରା ୭୫,୭୦୦ ଗ୍ରାମପଞ୍ଚାୟତକୁ ଯୋଗାଯୋଗ କରାଯାଇ ପାରିବ। ଏହାଦ୍ୱାରା ମହିଳା ଓ ଶିଶୁମାନେ ବିଶେଷ ଭାବରେ ଉପକୃତ ହେବେ।

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ଯୋଜନାରେ ମୋଟ ନିଯୁକ୍ତିର ଏକତୃତୀୟାଂଶ ମହିଳାମାନଙ୍କ ପାଇଁ ସୁରକ୍ଷିତ ଅଟେ। ଏସବୁ ଯୋଜନାର ମୂଳ ଲକ୍ଷ୍ୟ ହେଲା ମହିଳାମାନଙ୍କ ସଶକ୍ତିକରଣ କରିବା। ସାରଣୀ-୧ରେ ପ୍ରମୁଖ କ୍ଷେତ୍ର ଓ ଏହାର ବ୍ୟୟ ଅଟକଳ ଦିଆଯାଇଛି।

**ସାରଣୀ-୧**

| **କ୍ଷେତ୍ର** | ବଜେଟ୍ ଆକଳନ ୨୦୧୬-୧୭ (କୋଟିରେ) | ବଜେଟ୍ ଆକଳନ ୨୦୧୭-୧୮ (କୋଟିରେ) |
|---|---|---|
| କୃଷି ଓ ଆନୁସଙ୍ଗିକ | ୫୨୮୨୧ | ୫୮୬୬୩ |
| ଗ୍ରାମୀଣ ବିକାଶ | ୧୧୪୯୪୭ | ୧୨୮୫୬୦ |
| ଭିତ୍ତିଭୂମି | ୩୫୮୬୩୪ | ୩୯୬୧୩୫ |
| ସାମାଜିକ | ୧୭୬୨୨୫ | ୧୯୫୪୭୩ |
| ଶିକ୍ଷା ଓ ସ୍ୱାସ୍ଥ୍ୟ | ୧୧୪୮୦୬ | ୧୩୦୨୧୫ |
| ସାମାଜିକ କ୍ଷେତ୍ର ସହ କଲ୍ୟାଣ ଆଭିମୁଖ୍ୟ | ୬୧୪୧୯ | ୬୫୨୫୮ |
| ନିଯୋଜନ ସୃଷ୍ଟି ଦକ୍ଷତା ଓ ଜୀବନଜୀବିକା | ୧୨୧୮୭୦ | ୧୭୨୩୭ |

ଉପରୋକ୍ତ ସାରଣୀରୁ ଏହା ସ୍ପଷ୍ଟ ଯେ ଯଦିଓ ପ୍ରତି କ୍ଷେତ୍ରରେ ୨୦୧୬-୧୭ ଅପେକ୍ଷା ୨୦୧୭-୧୮ରେ ଅଧିକ ବ୍ୟୟ ଅଟକଳ ରଖାଯାଇଛି, ବୃଦ୍ଧିର ପରିମାଣ ସେତେ ଅଧିକ ନୁହେଁ। ଶିକ୍ଷା ଓ ସ୍ୱାସ୍ଥ୍ୟ ଯାହା ମହିଳା ଓ ଶିଶୁମାନଙ୍କର ବିକାଶର କରାଯାଇ ନାହିଁ। ସାମାଜିକ କ୍ଷେତ୍ରରେ ୧୦% ବୃଦ୍ଧି ଘଟିଛି। ଶିକ୍ଷା ଓ ସ୍ୱାସ୍ଥ୍ୟରେ ବୃଦ୍ଧି ହୋଇଛି ୧୩.୪%। ସାମାଜିକ କ୍ଷେତ୍ର ଓ କଲ୍ୟାଣରେ ମାତ୍ର ୬ ପ୍ରତିଶତ ବୃଦ୍ଧି ହୋଇଛି।

ସେହିଭଳି ପ୍ରମୁଖ ଯୋଜନାଗୁଡ଼ିକର

ସାରଣୀ-୨

| ପ୍ରମୁଖ ଯୋଜନା | ସଂଶୋଧିତ ଆକଳନ **୨୦୧୬-୧୭ (କୋଟିରେ)** | ବଜେଟ୍ ଆକଳନ **୨୦୧୭-୧୮ (କୋଟିରେ)** | (%ବୃଦ୍ଧି) |
|---|---|---|---|
| ୧.ଏମ୍.ଜି.ଏନ୍.ଆର.ଇ.ଜି.ଏ | ୪୭୪୯୯ | ୪୮୦୦୦ | ୧.୦୫ |
| ୨. ପ୍ରଧାନମନ୍ତ୍ରୀ ଆବାସ ଯୋଜନା | ୨୦୯୩୬ | ୨୯୦୪୩ | ୩.୪୮ |
| ୩. ଜାତୀୟ ଗ୍ରାମୀଣ ପାନୀୟଜଳ ମିଶନ | ୬୦୦୦ | ୬୦୫୦ | ୦.୮ |
| ୪. ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ | ୯୫୦୦ | ୯୫୦୦ | -- |
| ୫. ପି.ଏମ.ଜି.ଏସ୍.ୱାଇ | ୧୯୦୦୦ | ୧୯୦୦୦ | -- |
| ୬. ସର୍ବଶିକ୍ଷା ଅଭିଯାନ | ୨୮୨୫୧ | ୨୯୫୫୬ | ୪.୬ |
| ୭. ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ | ୯୭୦୦ | ୧୦୦୦୦ | ୩.୧ |
| ୮. ସମନ୍ୱିତ ଶିଶୁବିକାଶ ଯୋଜନା | ୧୬୫୮୦ | ୨୦୭୫୫ | ୨୫.୨ |
| ୯. ଜାତୀୟ ସ୍ୱାସ୍ଥ୍ୟ ମିଶନ | ୨୨୫୯୮ | ୨୭୧୩୧ | ୨୦.୦ |
| ୧୦.ସ୍ୱଚ୍ଛ ଭାରତ ମିଶନ | ୧୨୮୦୦ | ୧୬୨୪୮ | ୨୬.୯ |
| ୧୧. ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା | ୫୧୮୯ | ୬୩୭୭ | ୨୨.୯ |
| ୧୨ ଜାତୀୟ ଜୀବନ ଜୀବିକା ମିଶନ | ୩୩୩୪ | ୪୮୪୯ | ୪୫.୪ |

ଆକଳନକୁ ବିଚାରକୁ ନେଲେ ଆମେ ଜାଣିପାରିବା ଯେ କେଉଁ ଯୋଜନାକୁ ପ୍ରମୁଖ କ୍ଷେତ୍ର ସେଥିରେ ସେଭଳି ଅଧିକ ଅର୍ଥ ପୂର୍ବବର୍ଷ ଅପେକ୍ଷା ନିଯୋଜନ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହା ସାରଣୀ-୨ରେ ଉପଲବ୍ଧ।

ଉପରୋକ୍ତ ସାରଣୀ-୨ରୁ ଜଣାପଡୁଛି ୬ଟି ଯୋଜନାକୁ ଛାଡ଼ିଦେଲେ ଅନ୍ୟ ଯୋଜନାଗୁଡ଼ିକରେ ବଜେଟରେ ଆଶାନୁରୂପ ବୃଦ୍ଧି ହୋଇନାହିଁ। ଉଦାହରଣ ସ୍ୱରୂପ ଆଶାନୁରୂପ ସର୍ବଶିକ୍ଷା ଅଭିଯାନରେ ବୃଦ୍ଧି ମାତ୍ର ୪.୬ ପ୍ରତିଶତ। ମଧ୍ୟାହ୍ନ

ଭୋଜନରେ ବୃଦ୍ଧି ହୋଇଛି ପାଖାପାଖି ୩ ପ୍ରତିଶତ। ଦୁଇଟିଯାକ ଯୋଜନା ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ।

ସାରଣୀ-୧ ଓ ସାରଣୀ-୨ରୁ ଜଣାପଡୁଛି ଯେ ମହିଳା ଓ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ଏବଂ କ୍ଷେତ୍ରଗୁଡ଼ିକରେ ଆଶାନୁରୂପ ବୃଦ୍ଧି ଘଟିନାହିଁ। ଯଦିଓ ବର୍ତ୍ତମାନ ମନରେଗା ଯୋଜନାରେ ମହିଳାମାନେ ଅଧିକ ନିଯୁକ୍ତି ପାଉଛନ୍ତି। ଏହା ସେମାନଙ୍କର ଆର୍ଥିକ ସ୍ଥିତିକୁ ସୁଧାରିବାରେ ସାହାଯ୍ୟ କରିଥାଏ। ଏହି ଯୋଜନାରେ ଅଧିକ ବ୍ୟୟ ବରାଦ ହେଉନାହିଁ। ଏହି ଯୋଜନାରେ ଶତକଡ଼ା ୩୩ ପ୍ରତିଶତ ମହିଳାମାନଙ୍କ ପାଇଁ ସରକାର ଏଥିରେ ଅଧିକ ବ୍ୟୟ କରିବା ଦରକାର ଯାହାକି ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବାରେ ସାହାଯ୍ୟ କରିବ।

ଦ୍ୱିତୀୟତଃ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ୧୩.୪ ପ୍ରତିଶତ ବୃଦ୍ଧି ଘଟିଛି। ଆମ ଦେଶ ଯେହେତୁ ଏହି ଦୁଇଟି ପ୍ରମୁଖ କ୍ଷେତ୍ରରେ ପଛେଇ ରହିଛି, ଏଥିରେ ଅଧିକ ପୁଞ୍ଜି ବିନିଯୋଗ କଲେ ଶିଶୁ ଓ ମହିଳାମାନଙ୍କର ବିକାଶ ସମ୍ଭବ ହୋଇପାରିବ।

କୃଷି ଓ ଗ୍ରାମୀଣ ବିକାଶକୁ ସରକାର ଅଗ୍ରାଧିକାର ଦେଇଛନ୍ତି। ଏହି କ୍ଷେତ୍ରରେ ସଠିକ ପୁଞ୍ଜି ବିନିଯୋଗ ଓ ପରିଚାଳନା ହେଲେ ଦେଶର ନିଶ୍ଚିତ ଉନ୍ନତି ଘଟିବ। ସେହିପରି ସମନ୍ୱିତ ଶିଶୁ ବିକାଶ ଯୋଜନାରେ ବୃଦ୍ଧି ୨୫.୨ ପ୍ରତିଶତ ହୋଇଛି। ଏହି ଯୋଜନାଟି ସଠିକ ଭାବରେ କାର୍ଯ୍ୟକାରୀ ହେଲେ ଶିଶୁମାନଙ୍କର ନିଶ୍ଚିତ ଭାବରେ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ ଓ ଶିଶୁ ମୃତ୍ୟୁହାର କମିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସବୁଠାରୁ ଅଧିକ ବୃଦ୍ଧି ଘଟିଛି ଯାହାକି ୩୮.୭ ପ୍ରତିଶତ। ଏହାଦ୍ୱାରା ଗରିବ ଲୋକମାନେ ବହୁତ ଉପକୃତ ହୋଇପାରିବେ।

ପରିଶେଷରେ ଏହା କୁହାଯାଇପାରେ ଯେ ମହିଳା ଓ ଶିଶୁମାନଙ୍କ ବିକାଶ ପାଇଁ ସରକାର କିଛିଟା ଭଲ ପଦକ୍ଷେପ ନେଇଛନ୍ତି, ଯେପରିକି ମହିଳା ଶକ୍ତି କେନ୍ଦ୍ର ପ୍ରତିଷ୍ଠା, ଶସ୍ତା ଋଣ, ଇଣ୍ଟରନେଟ ସୁବିଧା, ନିର୍ଭୟା ପାଣ୍ଠି ଇତ୍ୟାଦି। କିନ୍ତୁ ନିର୍ଭୟା ପାଣ୍ଠିର ସଠିକ ବିନିଯୋଗ ହେବା ଦରକାର। ଏଥିରେ ଝିଅମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେବା ଆବଶ୍ୟକ।

ଶିଶୁମାନଙ୍କ ପାଇଁ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଆବଶ୍ୟକ ବ୍ୟୟ ବୃଦ୍ଧି ଘଟିଛି। ଅର୍ଥମନ୍ତ୍ରୀଙ୍କ ଭାଷାରେ ଏହା ଏକ ମହିଳା ସଶକ୍ତିକରଣ ବଜେଟ। ଇନ୍ଦିରାଗାନ୍ଧି ମାତୃତ୍ୱ ସହଯୋଗ ଯୋଜନାରେ ଅଧିକ ବ୍ୟୟ ବରାଦ ଏହାର ଉଦାହରଣ। ଏହା ଭାରତର ୫୩ଟି ଜିଲ୍ଲାରେ ପୂର୍ବରୁ କାର୍ଯ୍ୟ କରିବା ଆରମ୍ଭ ହୋଇଛି।

ଅର୍ଥମନ୍ତ୍ରୀ ଶ୍ରୀଯୁକ୍ତ ଜେଟଲୀଙ୍କ ମତରେ 'ସବ୍‌କା ସାଥ୍, ସବ୍‌କା ବିକାଶ' ମହିଳା ଓ ଶିଶୁମାନଙ୍କୁ ନେଇ ହେବା ଉଚିତ। ସେଥିପାଇଁ ମହିଳା ଶକ୍ତିକେନ୍ଦ୍ର ଓ ୧୪ ଲକ୍ଷ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲାଯିବା ପାଇଁ ୫୦୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। କିନ୍ତୁ ଅଙ୍ଗନୱାଡ଼ି କେନ୍ଦ୍ର ଦ୍ୱାରା ଗରିବ ଗ୍ରାମୀଣ ମହିଳା କେତେଦୂର ଉପକୃତ ହେଉଛନ୍ତି ତାହା ଆଲୋଚ୍ୟ ବିଷୟ। କାରଣ ଅଙ୍ଗନୱାଡ଼ିର ପ୍ରଧାନ ଲକ୍ଷ୍ୟ ହେଲା ଗ୍ରାମୀଣ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଓ ପୌଷ୍ଟିକତାର ରକ୍ଷଣାବେକ୍ଷଣ। ତେଣୁ ମହିଳା ଓ ଶିଶୁ ଉଭୟଙ୍କ ପାଇଁ ଅଧିକ କର୍ମଚାରୀ ନିଯୁକ୍ତି ଅଙ୍ଗନୱାଡ଼ି କେନ୍ଦ୍ରରେ ହେବା ଦରକାର। ଚଳିତ ବଜେଟର ସୁପରିଚାଳନା ନିହାତି ହେବା ଆବଶ୍ୟକ।

**ପ୍ରମୁଖ ପ୍ରସ୍ତାବଗୁଡ଼ିକ ହେଲା:**

୧) ଅଧିକରୁ ଅଧିକ ଗରିବ ମହିଳାଙ୍କୁ ମାତୃତ୍ୱ ସହଯୋଗ ଯୋଜନାରେ ଅନ୍ତର୍ଭୁକ୍ତ କରିବା। ସେଥିପାଇଁ ବୟସ ଓ ସନ୍ତାନ (୨ରୁ ଅଧିକ) ମାପକାଠି ନୁହେଁ।

୨) ଜନସଂଖ୍ୟାର ପ୍ରାୟ ୫୦ ଭାଗକୁ ବୁଝାଉଥିବା ମହିଳାଙ୍କ ବିକାଶ ପାଇଁ ବଜେଟରେ ଅଧିକ ବ୍ୟୟ ବରାଦ କରିବା ଦରକାର ଏବଂ ଏହାର ସୁବିନିଯୋଗ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

୩) ମହିଳା ଶକ୍ତିକେନ୍ଦ୍ର ଓ ଅଙ୍ଗନୱାଡ଼ିର ପରିଚାଳନା ପାଇଁ ଆବଶ୍ୟକ ନିଯୁକ୍ତି ଦରକାର।

୪) ସାମାଜିକ ସୁରକ୍ଷା ପାଇଁ ବାର୍ଦ୍ଧକ୍ୟ ଓ ବିଧବାଭତ୍ତାର ବୃଦ୍ଧି କରିବା ଉଚିତ।

୫) ଶିଶୁମାନଙ୍କ ପାଇଁ ସର୍ବଶିକ୍ଷା ଅଭିଯାନରେ ଅଧିକ ବ୍ୟୟ ବରାଦ ରହିବା ଦରକାର।

୬) ନିର୍ଭୟା ପାଣ୍ଠିର ଉପଯୁକ୍ତ ପରିଚାଳନା ହେବା ଆବଶ୍ୟକ।

୭) ମହିଳା ଉଦ୍ୟୋଗୀଙ୍କ ପାଇଁ ପ୍ରୋତ୍ସାହନ ଦେବା ଉଚିତ।

୮) ଲିଙ୍ଗ ସମତା ରକ୍ଷାକାରୀ ବଜେଟ ହେବା ଦରକାର।

ଅର୍ଥନୀତି ବିଭାଗ ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

# ଭୁବନେଶ୍ୱର ରିଙ୍ଗ୍‌ରୋଡ୍‌ପାଇଁ ନୀତିଗତ ନିଷ୍ପତ୍ତି

ରାଜଧାନୀ ଭୁବନେଶ୍ୱରର ଚତୁର୍ପାର୍ଶ୍ୱରେ ରିଙ୍ଗ୍ ରୋଡ୍ ନିର୍ମାଣପାଇଁ ନୀତିଗତ ନିଷ୍ପତ୍ତି ନେଇଥିବାରୁ କେନ୍ଦ୍ର ସଡ଼କ ପରିବହନ ଓ ଜାହାଜ ଚଳାଚଳ ମନ୍ତ୍ରୀ ଶ୍ରୀ ନୀତିନ ଗଡ଼କରୀଙ୍କୁ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ଏହାସହ ଟ୍ରାଫିକ୍‌ର ସୁପରିଚାଳନାପାଇଁ ଲୋକମାନଙ୍କ ସହିତ ତାଙ୍କର ଆଲୋଚନା ଆଧାରରେ ଆଲାଇନ୍‌ମେଣ୍ଟର ପରିବର୍ତ୍ତନ ପାଇଁ ସେ ଶ୍ରୀ ଗଡ଼କରୀଙ୍କୁ ଅନୁରୋଧ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପାଞ୍ଚ ନମ୍ବର ଜାତୀୟ ରାଜପଥର ରାଜଧାନୀ ଭୁବନେଶ୍ୱର ଦେଇ ଯାଉଥିବା ଅଂଶରେ ଟ୍ରାଫିକ୍‌କୁ ପତଳା କରିବ। ଏହାସହ ରାଜଧାନୀରେ ଯାତାୟତ କରୁଥିବା ଲୋକମାନଙ୍କୁ ସୁରକ୍ଷା ଓ ସୁବିଧା ଯୋଗାଇଦେବ। ଏହି ପ୍ରସ୍ତାବିତ ରିଙ୍ଗ୍ ରୋଡ୍ ସମ୍ବନ୍ଧରେ ବିଭିନ୍ନ ଅଂଶୀଦାରମାନଙ୍କ ସହ କଥା ହେଲାବେଳେ ସେମାନେ ରାସ୍ତାର ବର୍ତ୍ତମାନର ଆଲାଏନ୍‌ମେଣ୍ଟ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି। ବର୍ତ୍ତମାନର ଯୋଜନା କରାଯାଇଥିବା ରିଙ୍ଗ୍ ରୋଡ୍ କାରଣରୁ ୪୨ ନମ୍ବର ଜାତୀୟ ରାଜପଥର ୧୨.୯ କି.ମି. ଉପରେ ପ୍ରବଳ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ଚୌଦ୍ୱାର ସହର ଓ ଏହାର ଆଖପାଖ ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଜାତୀୟ ରାଜପଥ ପ୍ରାଧିକରଣର ଅଧିକାରୀମାନେ ରାଜ୍ୟ ପିଡବ୍ଲ୍ୟୁଡି ସହିତ ଏହି ସମସ୍ୟା ବିଷୟରେ ତର୍ଜମା କରି ରିଙ୍ଗ୍‌ରୋଡ୍ ପ୍ରସ୍ତାବିତ ଆଲାଇନ୍‌ମେଣ୍ଟରେ ପରିବର୍ତ୍ତନ କରିବାକୁ ପଦକ୍ଷେପ ନେବାପାଇଁ ଶ୍ରୀ ଗଡ଼କରୀଙ୍କୁ ଅନୁରୋଧ କରିଛନ୍ତି। ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ କହିଛନ୍ତି ଯେ, ପ୍ରସ୍ତାବିତ ରିଙ୍ଗ୍ ରୋଡ୍ ଜାତୀୟ ରାଜପଥ-୪୨ରେ ମିଶିବା ପରିବର୍ତ୍ତେ ମଙ୍ଗୁଳି ଜଙ୍କ୍‌ସନ ପରେ ଜାତୀୟ ରାଜପଥ-୫ରେ ମିଶିବା ଉଚିତ। ଏହାଦ୍ୱାରା ଉଭୟ ଜାତୀୟ ରାଜପଥ-୪୨ ଓ ୫ରେ ଟ୍ରାଫିକ୍ ସୁପରିଚାଳିତ ହୋଇପାରିବ ବୋଲି ସେ କହିଛନ୍ତି।

# ବଜେଟରେ ଢାଞ୍ଚା ଓ ପଦ୍ଧତିଗତ ପରିବର୍ତ୍ତନ

**ହାପୀ ପନ୍ତ**

> ନୂଆ ଯୋଜନା ଢାଞ୍ଚାରେ ଯୋଜନା, ବିଶେଷ କରି ଉପରାଷ୍ଟ୍ରୀୟ ସ୍ତରର ଯୋଜନାକୁ ନ୍ୟୁନ କରାଯିବା ଅନୁଚିତ। ବିକେନ୍ଦ୍ରୀତ ଯୋଜନା ବିକାଶ ମୂଳକ ରଣନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଏବଂ ଏହାଦ୍ୱାରା ଉନ୍ନୟନ କ୍ଷେତ୍ରରେ ବୈଷମ୍ୟ ଓ ପାର୍ଥକ୍ୟ ଦୂର ହୋଇଥାଏ। ଜିଲ୍ଲା ଯୋଜନା କମିଟି ଏକ ସାମ୍ବିଧାନିକ ଅନୁଷ୍ଠାନ ହୋଇଥିଲେ ହେଁ ଏହା ଅବହେଳିତ ହୋଇରହିଛି। ପଞ୍ଚବାର୍ଷିକ ଯୋଜନାର ଆଭିମୁଖ୍ୟ ଓ ଅବଧି ଶେଷ ହେବା ପରେ ଜିଲ୍ଲା ଯୋଜନା କମିଟିଗୁଡ଼ିକୁ ଶକ୍ତିଶାଳୀ କରିବା ସହ ତଳୁ ଉପରକୁ (ଜିଲ୍ଲାରୁ ପାଦେଶିକ ସ୍ତର ଯାଏଁ) ଯୋଜନା ତିଆରି ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପଡ଼ିବ।

**୨୦୧୭**ରେ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାର ଅବଧି ଶେଷ ହେବା ପୂର୍ବରୁ ଭାରତ ସରକାର ଗତ ଦୁଇ ବର୍ଷ ଧରି ବଜେଟ ପ୍ରକ୍ରିୟାରେ କେତେକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଛନ୍ତି। ବର୍ତ୍ତମାନର ସରକାରଙ୍କ ଦ୍ୱାରା ଆଗତ ଚତୁର୍ଥ ବଜେଟରେ ମଧ୍ୟ ସେଭଳି କେତେକ ପରିବର୍ତ୍ତନ ସ୍ପଷ୍ଟ ବାରି ହୋଇଯାଉଛି। ୨୦୧୭-୧୮ ଆର୍ଥିକ ବର୍ଷର ଏହି କେନ୍ଦ୍ରୀୟ ବଜେଟରେ ବିତ୍ତୀୟ ଏକୀକରଣ ବ୍ୟବସ୍ଥାରେ ଖର୍ଚ୍ଚ ଫେର ବଦଳ କରି ଦୀର୍ଘ ମିଆଦୀ ଅଭିବୃଦ୍ଧିକୁ ଅଗ୍ରାଧିକାର ଦିଆଯାଇଛି। ସରକାର ସେହି ନୀତିଗତ ନିଷ୍ପତ୍ତି ଦୃଷ୍ଟିରୁ ଆର୍ଥିକ ଏକୀକରଣ ଓ ସୁଦୃଢ଼ିକରଣ ବ୍ୟବସ୍ଥାଟିକୁ ଅବ୍ୟାହତ ରଖିଛନ୍ତି ଏବଂ ଏଥର ବଜେଟରେ ତାହା ରହିଛି। ତେବେ ବଜେଟର ପ୍ରକ୍ରିୟାରେ କେତେକ ପରିବର୍ତ୍ତନ କରାଯାଇଛି। ସେଗୁଡ଼ିକ ହେଲା - ପ୍ରଥମ ଥର ପାଇଁ ଏ ବର୍ଷ କେନ୍ଦ୍ରୀୟ ବଜେଟରେ ରେଳବଜେଟକୁ ମିଶାଇ ଦିଆଯାଇଛି। ବ୍ୟୟ କ୍ଷେତ୍ରରେ ପ୍ରଚଳିତ ହୋଇଆସୁଥିବା ଯୋଜନା ଓ ଅଣଯୋଜନା ଖର୍ଚ୍ଚ ବ୍ୟବସ୍ଥାର ଯେଉଁ ବିଭାଗୀକରଣ ଥିଲା ତାହାର ଅବସାନ ଘଟାଯାଇଛି। ଏହାଛଡ଼ା ପ୍ରଚଳିତ ଧାରାର ଅନ୍ତ ଘଟାଇ ନିର୍ଦ୍ଧାରିତ ତାରିଖରୁ ପ୍ରାୟ ଏକ ମାସ ଆଗରୁ ବଜେଟ ଉପସ୍ଥାପନ କରାଯାଇଛି।

**ରେଳ ବଜେଟର ମିଶ୍ରଣ :** ନିତି ଆୟୋଗଙ୍କ ସୁପାରିଶ କ୍ରମେ ୯୨ ବର୍ଷର ବ୍ରିଟିଶ ଶାସନ କାଳର ପରମ୍ପରାର ଅବସାନ ଘଟାଇ ଏଥର ସ୍ୱତନ୍ତ୍ର ରେଳ ବଜେଟ ଉପସ୍ଥାପନ ହୋଇନାହିଁ ଓ ଏହାକୁ ସାଧାରଣ ବଜେଟରେ ମିଶାଇ ଦିଆଯାଇଛି। କୁହାଯାଉଛି ଯେ ସାଧାରଣ ବଜେଟରେ ରେଳବଜେଟର ମିଶ୍ରଣ ଫଳରେ ରେଳବାଇର ଅଭିବୃଦ୍ଧି ତ୍ୱରାନ୍ୱିତ ହେବ। ଅବଶ୍ୟ କେତେକ କହୁଛନ୍ତି ଯେ ଏହି ମିଶ୍ରଣ କେବଳ ଅଙ୍ଗରାଗ ପରିବର୍ତ୍ତନକାରୀ କାନ୍ତିବର୍ଦ୍ଧକ ଓ ଏହାର ବାସ୍ତବତା କିଛି ନାହିଁ। ତେବେ ପ୍ରାୟ ୧୦ ବର୍ଷ ତଳେ ରାକେଶ ମୋହନ କମିଟି ରେଳବଜେଟର ଉଚ୍ଛେଦ ପାଇଁ ଯେଉଁ ସୁପାରିଶ କରିଥିଲେ ତାହାକୁ ବିଚାରକୁ ନେଇ ଏହି ପଦକ୍ଷେପ ନିଆଯାଇଥିବା ମନେହୁଏ। ରାକେଶ ମୋହନ କମିଟି ତାଙ୍କ ରିପୋର୍ଟରେ କହିଥିଲେ ଯେ ସ୍ୱଳ୍ପ ପୁଞ୍ଜିନିବେଶ, ଦୁର୍ଲଭ ସମ୍ବଳର ବେଠିକଣା ବରାଦ, କ୍ରମବର୍ଦ୍ଧିଷ୍ଣୁ ଋଣବୋଝ, ଖରାପ ଗ୍ରାହକ ସେବା ତଥା ଦ୍ରୁତଗତିରେ ବିଗୁଡ଼ୁଥିବା ଆର୍ଥିକ ସ୍ଥିତି ଯୋଗୁଁ ଭାରତୀୟ ରେଳବାଇ ଏକ ବିଷ ଚକ୍ରରେ ପଡ଼ିଛି। ଏଥିରୁ ଏହାକୁ ଉଦ୍ଧାର କରିବାକୁ ହେଲେ ଏହାକୁ ପ୍ରଥମେ ଏକ ବ୍ୟାବସାୟିକ ସଂସ୍ଥା ଭାବେ ବିଚାର କରି ଏହାର ପୁନଃଗଠନ, ଆଧୁନିକୀକରଣ, ପେସାଗତ ଦକ୍ଷତା ବୃଦ୍ଧି କରିବାକୁ ହେବ। କେବଳ ରାକେଶ ମୋହନ କମିଟି ନୁହେଁ ବିଭିନ୍ନ ସମୟରେ ଗଠିତ କମିଟିମାନ ରେଳବାଇର ଆଧୁନିକୀକରଣ ସହ ଏହାର ବଜେଟକୁ ସାଧାରଣ ବଜେଟରେ ମିଶାଇବାକୁ ପ୍ରସ୍ତାବମାନ ଦେଇଥିଲେ। ତାହାକୁ ବିଚାରକୁ ନେଇ ନିତି ଆୟୋଗ ଚୂଡ଼ାନ୍ତ ସୁପାରିଶ କରିଥିଲେ ସ୍ୱତନ୍ତ୍ର ରେଳବଜେଟର ଅବସାନ ପାଇଁ।

**ଯୋଜନା ଓ ଅଣଯୋଜନା ବ୍ୟୟ ବର୍ଗର ଅବସାନ :** ୧୯୫୧ରେ ରେଳବଜେଟରେ ଯୋଜନା ଓ ଅଣଯୋଜନା ବ୍ୟୟ ନାମରେ ଦୁଇଟି ବର୍ଗ ସୃଷ୍ଟି କରାଯାଇଥିଲା। ଯୋଜନା ବାବଦ ଅର୍ଥ ବରାଦର ଆକଳନ ପାଇଁ ଯୋଜନା କମିଶନ ଏହା କରିଥିଲେ। ଯୋଜନା ବ୍ୟୟ ବର୍ଗରେ ସରକାରଙ୍କ ପଞ୍ଚବାର୍ଷିକ ଯୋଜନା କାଳରେ ବିଭିନ୍ନ କାର୍ଯ୍ୟକ୍ରମ ଓ ସ୍କିମ୍ ପାଇଁ ବ୍ୟୟ ବରାଦ ସ୍ଥାନିତ ହେଉଥିଲା। ମୋଟାମୋଟି ଭାବେ କେବଳ ଯୋଜନା ବାବଦ ବ୍ୟୟ ଏଥିରେ ସ୍ଥାନିତ ହେଉଥିଲା। ଉଦାହରଣ ସ୍ୱରୂପ ସର୍ବଶିକ୍ଷା ଅଭିଯାନ ସଂକ୍ରାନ୍ତ ଖର୍ଚ୍ଚ ଓ ଶିକ୍ଷକଙ୍କ

ବେତନ ଆଦି ଯୋଜନା ବ୍ୟୟର ଅନ୍ତର୍ଭୁକ୍ତ ହୋଇଥିବାବେଳେ ସ୍କୁଲ ଘର ନିର୍ମାଣ ପୁଞ୍ଜିଗତ ବ୍ୟୟର ଅନ୍ତର୍ଭୁକ୍ତ।

ଅଣଯୋଜନା ଖର୍ଚ୍ଚର ଅର୍ଥ ହେଲା ନିଜର କାର୍ଯ୍ୟ ଓ ସେବା ପାଇଁ ସରକାର ଯେଉଁ ଅର୍ଥ ଖର୍ଚ୍ଚ କରନ୍ତି ଏବଂ ତାହା ଯୋଜନା କମିଶନଙ୍କ କ୍ଷମତା ପରିସର ବା ପଞ୍ଚବାର୍ଷିକ ଯୋଜନାରେ ନଥାଏ। ଉଦାହରଣ ସ୍ୱରୂପ ଋଣବାବଦ ସୁଧ ପ୍ରଦାନ, ସବ୍‌ସିଡି, ବେତନ ଓ ପେନ୍‌ସନ୍, ପୁଲିସ, ପ୍ରତିରକ୍ଷା, ସରକାରୀ ସମ୍ପତ୍ତିର ରକ୍ଷଣାବେକ୍ଷଣ ଆଦି ଅଣଯୋଜନା ବାବଦ ଖର୍ଚ୍ଚର ଅନ୍ତର୍ଭୁକ୍ତ। ତେବେ ଏ କ୍ଷେତ୍ରରେ କିଛି ପାର୍ଥକ୍ୟ ମଧ୍ୟ ରହିଛି। ଉଦାହଣ ସ୍ୱରୂପ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ବାବଦ ଖର୍ଚ୍ଚ ଯୋଜନା ବ୍ୟୟର ଅନ୍ତର୍ଭୁକ୍ତ ହୋଇଥିବାବେଳେ ଏହାର ରକ୍ଷଣାବେକ୍ଷଣ ଖର୍ଚ୍ଚ ଅଣଯୋଜନା ବ୍ୟୟର ଅନ୍ତର୍ଭୁକ୍ତ। ସେହିଭଳି କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ଅନ୍ୟାନ୍ୟ ସରକାରୀ ସ୍କୁଲ, ସ୍ଥାୟୀ ସରକାରୀ ଡାକ୍ତର ଆଦିଙ୍କ ବେତନ ବ୍ୟୟ ଅଣଯୋଜନା ବାବଦ ବ୍ୟୟର ଅନ୍ତର୍ଭୁକ୍ତ ହୋଇଥିବା ବେଳେ ସର୍ବଶିକ୍ଷା ଅଭିଯାନର ଶିକ୍ଷକ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ଚୁକ୍ତିଭିତ୍ତିକ ଡାକ୍ତରଙ୍କ ବେତନ ଯୋଜନାଭୁକ୍ତ ବ୍ୟୟ ବରାଦର ଅନ୍ତର୍ଭୁକ୍ତ। ଏହି ଦୁଇ ପ୍ରକାର ବ୍ୟୟ ବ୍ୟବସ୍ଥା ବିଭ୍ରାନ୍ତିକର ଥିଲା ଏବଂ ଏକ ଧାରଣା ସୃଷ୍ଟି ହୋଇଥିଲା ଯେ ଯୋଜନା ବ୍ୟୟ ବିକାଶମୂଳକ ଏବଂ ଅଣଯୋଜନା ବାବଦ ବ୍ୟୟ ବିକାଶର ପରିପନ୍ଥୀ। ତେଣୁ ଯୋଜନା ବାବଦ ବ୍ୟୟକୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା। ଏହା ଫଳରେ ଅଣଯୋଜନା କ୍ଷେତ୍ରର ବହୁ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇ ମଧ୍ୟ ଅବହେଳିତ ହେଉଥିଲା। ଅଧିକାଂଶ ରାଜ୍ୟରେ ଏଥି ଯୋଗୁଁ ସରକାର ନିୟମିତ କର୍ମଚାରୀ ବିଭିନ୍ନ ବିଭାଗରେ ନିଯୁକ୍ତି କରିପାରୁନାହାନ୍ତି ଓ ବିଭିନ୍ନ ପ୍ରକାର ସେବା ବସ୍ତୁତଃ ଅଚଳ ହୋଇଯାଇଛି। ଏହି ବିଭାଜନ ଫଳରେ ମିଳୁଥିବା ସମ୍ବଳ ବା ପାଣ୍ଠି ବହୁଭାଗରେ ବିଭକ୍ତ ହେବା ସହ ସେବାପ୍ରଦାନର ସାମଗ୍ରିକ ମୂଲ୍ୟ ନିର୍ଦ୍ଧାରଣ କରିବା କଷ୍ଟସାଧ୍ୟ ହେଉଥିଲା। ଚଳିତ ବର୍ଷ ବଜେଟରେ ଏହି ବ୍ୟବସ୍ଥାର ଅବସାନ ଘଟାଇ ସବୁ ବ୍ୟୟକୁ ଗୋଟିଏ ଶ୍ରେଣୀଭୁକ୍ତ କରାଯାଇଛି। ଯୋଜନା ଓ ଅଣଯୋଜନା ଖର୍ଚ୍ଚକୁ ମିଶାଇ ଦିଆଯାଇଥିବାରୁ ପାଣ୍ଠି ଯୋଗାଣ ସହଜ ହୋଇଛି। ଫଳରେ ବିଭିନ୍ନ କ୍ଷେତ୍ର ପାଇଁ ବରାଦ ଅର୍ଥ ଖର୍ଚ୍ଚ ହେବା ସୁଗମ ହୋଇପାରିବ।

ଆଶା କରାଯାଉଛି ଅଧିକାଂଶ ରାଜ୍ୟ କେନ୍ଦ୍ରୀୟ ବଜେଟର ଏହି ପରବର୍ଦ୍ଧିତ ଧାରାକୁ ଅନୁକରଣ କରି ବ୍ୟୟ କ୍ଷେତ୍ରରେ ଦେଖାଦେଇଥିବା ଅସୁବିଧାଗୁଡ଼ିକୁ ଦୂର କରିପାରିବେ। ତେବେ ଅର୍ଥ ଖର୍ଚ୍ଚ କ୍ଷେତ୍ରରେ କେନ୍ଦ୍ରୀୟ ବଜେଟରେ ରାଜସ୍ୱ ବ୍ୟୟ ଓ ପୁଞ୍ଜି ବ୍ୟୟ ନାମରେ ଯେଉଁ ଦୁଇଟି ବର୍ଗ ଉପରେ ମାତ୍ରାଧିକ ଗୁରୁତ୍ୱ ଦିଆଯାଇଛି ତାହା ସ୍ୱାସ୍ଥ୍ୟ, ଶିକ୍ଷା ଭଳି ସାମାଜିକ କ୍ଷେତ୍ରରେ ଅର୍ଥ ଖର୍ଚ୍ଚ କରିବାରେ ସମସ୍ୟା ସୃଷ୍ଟି କରିପାରେ। ସରକାରୀ ଖର୍ଚ୍ଚଗୁଡ଼ିକୁ ଅଧିକନ୍ତୁ ରାଜସ୍ୱ ଖର୍ଚ୍ଚ ବର୍ଗରେ ସ୍ଥାନିତ କରାଯାଇଥିବାରୁ ଏହି ସମସ୍ୟା ଦେଖାଦେଇଛି। ନୂଆ ଯୋଜନା ଢାଞ୍ଚାରେ ଯୋଜନା, ବିଶେଷ କରି ଉପରାଷ୍ଟ୍ରୀୟ ସ୍ତରର ଯୋଜନାକୁ ନ୍ୟୂନ କରାଯିବା ଅନୁଚିତ। ବିକେନ୍ଦ୍ରୀତ ଯୋଜନା ବିକାଶ ମୂଳକ ରଣନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଏବଂ ଏହାଦ୍ୱାରା ଉନ୍ନୟନ କ୍ଷେତ୍ରରେ ବୈଷମ୍ୟ ଓ ପାର୍ଥକ୍ୟ ଦୂର ହୋଇଥାଏ। ଜିଲ୍ଲା ଯୋଜନା କମିଟି ଏକ ସାମ୍ବିଧାନିକ ଅନୁଷ୍ଠାନ ହୋଇଥିଲେ ହେଁ ଏହା ଅବହେଳିତ ହୋଇରହିଛି। ପଞ୍ଚବାର୍ଷିକ ଯୋଜନାର ଆଭିମୁଖ୍ୟ ଓ ଅବଧି ଶେଷ ହେବା ପରେ ଜିଲ୍ଲା ଯୋଜନା କମିଟିଗୁଡ଼ିକୁ ଶକ୍ତିଶାଳୀ କରିବା ସହ ତଳୁ ଉପରକୁ (ଜିଲ୍ଲାରୁ ପାଦେଶିକ ସ୍ତର ଯାଏଁ) ଯୋଜନା ତିଆରି ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପଡ଼ିବ।

ପଞ୍ଚବାର୍ଷିକ ଯୋଜନାର ଏକ ବଡ଼ ଆଭିମୁଖ୍ୟ ଥିଲା ଆଞ୍ଚଳିକ ବୈଷମ୍ୟ ଦୂର କରିବା ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା କରିବା। ସେହି ବ୍ୟବସ୍ଥାର ଅବସାନ ଘଟାଇବା ଅନୁଚିତ ହେବ। ଦେଶର ପଛୁଆ ଅଞ୍ଚଳର ବିକାଶ କଥା ଆଞ୍ଚଳିକ ବୈଷମ୍ୟ ଦୂର କରିବା ପାଇଁ କେନ୍ଦ୍ର ମନ୍ତ୍ରଣାଳୟଗୁଡ଼ିକ ହସ୍ତକ୍ଷେପ କରିବା ସହ ସ୍ୱତନ୍ତ୍ର ପ୍ୟାକେଜ ଓ ସହାୟତା ଯୋଗାଣ ବ୍ୟବସ୍ଥା ଜାରି ରଖିବା ଯଥାର୍ଥ ମନେହୁଏ।

**ଆଗୁଆ ବଜେଟ ଉପସ୍ଥାପନର ଲାଭ :** ପୁରୁଣା ପରମ୍ପରାକୁ ବନ୍ଦ କରି ଏକ ମାସ ପୂର୍ବରୁ କେନ୍ଦ୍ରୀୟ ବଜେଟ ଉପସ୍ଥାପନର ଉଦ୍ଦେଶ୍ୟ ହେଲା ନୂଆ ଆର୍ଥିକ ବର୍ଷର ଆରମ୍ଭ ପୂର୍ବରୁ ସଂସଦୀୟ ବା ବ୍ୟବସ୍ଥାପକ ସଭାର ଅନୁମୋଦନ ମିଳିବ। ଏହା ଫଳରେ ବିଭିନ୍ନ ମନ୍ତ୍ରଣାଳୟ ଆଗୁଆ ନିଜ ନିଜ ଯୋଜନା ଓ କାର୍ଯ୍ୟକ୍ରମ ପାଇଁ ଅର୍ଥ ବରାଦ କରିବା ସହ ସେଗୁଡ଼ିକୁ ସହଳ ବିଭିନ୍ନ ରାଜ୍ୟକୁ ଆବଣ୍ଟନ କରିବାର ସୁଯୋଗ ପାଇବେ। ପୂର୍ବରୁ ଏହା ପ୍ରାୟ ଦୁଇ ମାସ ବିଳମ୍ବିତ ହେଉଥିଲା। ତେବେ ଏ କ୍ଷେତ୍ରରେ କେତେକ ପୁରୁଣା ସମସ୍ୟା ପ୍ରତିବନ୍ଧକ ସୃଷ୍ଟି କରିପାରେ। ପୂର୍ଣ୍ଣାଙ୍ଗ ରାଜସ୍ୱ ଓ ବ୍ୟୟ ତଥ୍ୟାବଳୀ ମିଳିବାରେ ବିଳମ୍ବ ଯୋଗୁଁ ବଜେଟ ଅର୍ଥ ଖର୍ଚ୍ଚ ବିଳମ୍ବ ହୋଇଥାଏ। ଏଥର ବଜେଟ ଆଗତୁରା ହୋଇଥିଲେ ହେଁ ଜିଡିପି ଓ ଅର୍ଥନୀତିର କ୍ଷେତ୍ରଓ୍ୱାରୀ ପୂର୍ଣ୍ଣାଙ୍ଗ ଡାଟା ହସ୍ତଗତ ହେବା ସହଜ ହେବନାହିଁ। ତେଣୁ ଅର୍ଥ ଖର୍ଚ୍ଚ ବିଳମ୍ବିତ ହୋଇପାରେ। ଏହି ବିଳମ୍ବକୁ ଏଡ଼ାଇ ଆଗୁଆ ବଜେଟ ଉପସ୍ଥାପନର ସୁଫଳକୁ ହାତେଇବାକୁ ପଡ଼ିବ।

**ଏକୀକୃତ ପରିଣାମ ବଜେଟ :** ଏଥର ପ୍ରଥମ ଥର ପାଇଁ ସବୁ ମନ୍ତ୍ରଣାଳୟ ଓ ବିଭାଗର ଏକୀକୃତ ପରିଣାମ ବଜେଟ ଉପସ୍ଥାପନ କଥା ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି। ଏହାର ଅର୍ଥ ହେଲା ସରକାର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ପାଇଁ ଯେଉଁ ଅର୍ଥ ବରାଦ କରୁଛନ୍ତି ତାହାର ଫଳାଫଳ ଓ ପରିଣାମ ଯେପରି ଧାର୍ଯ୍ୟ ଲକ୍ଷ୍ୟ ସାଧନା କରିବ ସେଥିପ୍ରତି ଗୁରୁତ୍ୱ ଦେବା। ସରକାର ଯେଉଁ ଅର୍ଥ ବିଭିନ୍ନ ଯୋଜନାରେ ଖର୍ଚ୍ଚ କରୁଛନ୍ତି ଏବଂ ତାହାର ଯଥାର୍ଥ ବିନିଯୋଗ ହେଉଛି କି ନାହିଁ ସେ ସଂକ୍ରାନ୍ତ ସମସ୍ତ ତଥ୍ୟ ପରିଣାମ ବଜେଟରୁ ମିଳିପାରିବ ଓ ତ୍ରୁଟି ବିଚ୍ୟୁତି ଧରାପଡ଼ିବ।

**ଅନ୍ୟାନ୍ୟ ପଦକ୍ଷେପ :** ଏଥର ବଜେଟରେ ଆଉ କେତେକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ସରକାରୀ ବ୍ୟୟରେ ଉନ୍ନତି ଆଣିବା ପାଇଁ ଏହାର ଉପଯୁକ୍ତ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ଏକ ଭଲ ପ୍ରୟାସ। ତେବେ ସାମାଜିକ କ୍ଷେତ୍ରରେ ଅର୍ଥ ବ୍ୟୟ ପାଇଁ ଏହା ଯଥେଷ୍ଟ ନୁହେଁ। ସେହିଭଳି ଜିଲ୍ଲା ଯୋଜନା କମିଟିକୁ କାର୍ଯ୍ୟକ୍ଷମ ଓ ତତ୍ପର ନ'କଲେ ସାମାଜିକ କ୍ଷେତ୍ରର ଅର୍ଥ ବ୍ୟୟ ଆଶାଜନକ ହେବନାହିଁ। ଏ ଦିଗରେ ସରକାରଙ୍କୁ ଅଧିକ କିଛି କାମ କରିବାକୁ ପଡ଼ିବ। ବିଭିନ୍ନ ଯୋଜନାରେ ବ୍ୟୟ ହେଉଥିବା ସରକାରୀ ଅର୍ଥର ହିସାବ ସାଧାରଣରେ ପ୍ରକାଶ କଲେ ଏ କ୍ଷେତ୍ରରେ ସ୍ୱଚ୍ଛତା ରହିବ ଓ ଲୋକେ କାମର ସାମାଜିକ ନିରୀକ୍ଷଣ କରିପାରିବେ। ଏସବୁ ପ୍ରସ୍ତାବନାକୁ ବଜେଟରେ ଯୋଡ଼ିଲେ ଏହା ଆହୁରି ଭଲ ହେବ।

ଲେଖକ ନୂଆଦିଲ୍ଲୀସ୍ଥିତ ସେଣ୍ଟର ଫର୍ ବଜେଟ ଆଣ୍ଡ ଗଭର୍ଣ୍ଣାନ୍ସ ଆକାଉଣ୍ଟେବିଲିଟିର ଆଇନଗତ ସଂଯୋଜକ।

# ବଜେଟ୍ ୨୦୧୭-୧୮ : ମହତ୍ତ୍ୱାକାଂକ୍ଷୀ ଓ ଭବିଷ୍ୟତଧର୍ମୀ

**ଡ. ପଦ୍ମଚରଣ ଧଳ**

**ସା**ଧାରଣ ଅର୍ଥରେ ବଜେଟ୍ କହିଲେ କ୍ଷମତାସୀନ ସରକାରଙ୍କର ଏକ ନିର୍ଦ୍ଦିଷ୍ଟ ବର୍ଷର ବିତ୍ତୀୟ ବିବରଣୀକୁ ବୁଝାଏ। ଏହି ବିବରଣୀ ମୁଖ୍ୟତଃ ତିନିଭାଗରେ ବିଭକ୍ତ, ଯଥା : ସଙ୍ଗଠିତ ପାଣ୍ଠି (Consolidated Fund), ଆକସ୍ମିକ ପାଣ୍ଠି (Contingency Fund) ଏବଂ ସରକାରଙ୍କ ହିସାବ (Public Account)। ସଙ୍ଗଠିତ ପାଣ୍ଠି ସରକାରଙ୍କ ସମସ୍ତ ରାଜସ୍ୱ ଓ ଋଣ ପରିମାଣକୁ ଦର୍ଶାଇଥାଏ। ଆକସ୍ମିକ ପାଣ୍ଠି ରାଷ୍ଟ୍ରପତିଙ୍କର ନିୟନ୍ତ୍ରଣାଧୀନ ପାଣ୍ଠି। ଏହା ଅକସ୍ମାତ ବ୍ୟୟକୁ ଭରଣା କରିଥାଏ। ଅନ୍ୟପକ୍ଷରେ ସରକାରଙ୍କର ସମସ୍ତ ଆୟବ୍ୟୟ ସରକାରଙ୍କର ହିସାବର ଅନ୍ତର୍ଭୁକ୍ତ। ପ୍ରଶାସନ ଦୃଷ୍ଟିକୋଣରୁ ବଜେଟ୍ ହେଉଛି ବିଗତ କାର୍ଯ୍ୟାବଳୀର ଏକ ଦଲିଲ। ବର୍ତ୍ତମାନକୁ ନିୟନ୍ତ୍ରଣ କରିବାର ଏକ ମାଧ୍ୟମ ଏବଂ ଭବିଷ୍ୟତ ଯୋଜନାର ଏକ ସଂକଳ୍ପ। ସୂଚନାଯୋଗ୍ୟ ଯେ, ବଜେଟ୍ ସହିତ ସାରା ଦେଶର ଅର୍ଥବ୍ୟବସ୍ଥା ଜଡ଼ିତ। ସଂକ୍ଷିପ୍ତରେ କହିବାକୁ ଗଲେ ଆଗାମୀ ଗୋଟିଏ ବର୍ଷର କେନ୍ଦ୍ର ସରକାରଙ୍କର କାର୍ଯ୍ୟ କରିବାର ଓ ଅର୍ଥ ସଂଗ୍ରହର ପ୍ରସ୍ତୁତି ଜଣାଇବାପାଇଁ ବଜେଟ୍ ଉଦ୍ଦିଷ୍ଟ।

ପରାଧୀନ ଭାରତର ପ୍ରଥମ ବଜେଟ୍ ୧୮୬୯ ମସିହା ଫେବୃୟାରୀ ୧୮ ତାରିଖରେ ତତ୍କାଳୀନ ଭାରତୀୟ ପରିଷଦର ଅର୍ଥ ବିଭାଗର ସଭ୍ୟ ଜେମ୍ସ ଓ୍ୱିଲ୍ସନ୍‌ଙ୍କଦ୍ୱାରା ଉପସ୍ଥାପିତ ହୋଇଥିଲା। ସ୍ୱାଧୀନ ଭାରତର ପ୍ରଥମ ବଜେଟ୍ ୧୯୪୭ ମସିହା ନଭେମ୍ବର ୨୬ ତାରିଖରେ ତତ୍କାଳୀନ ଅର୍ଥମନ୍ତ୍ରୀ ଆର୍.କେ. ସାନମୁଖମ୍ ଚେଟ୍ଟିଙ୍କଦ୍ୱାରା ଉପସ୍ଥାପିତ ହୋଇଥିଲା।

ସାଧାରଣତଃ ବଜେଟ୍‌ରେ ଆମ ଆଦ୍‌ମୀଙ୍କ ପ୍ରତି ସରକାରଙ୍କର କେତେ ଧ୍ୟାନ ରହିଛି, ଏହା ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଥାଏ। ସମସ୍ତ ଆଶା ଓ ଆଶଙ୍କାର ଅବସାନ ଘଟାଇ ୨୦୧୭-୧୮ ଆର୍ଥିକ ବର୍ଷ ଲାଗି ଫେବୃୟାରୀ ମାସ ୧ ତାରିଖ ଦିନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କଦ୍ୱାରା ଉପସ୍ଥାପିତ ଏନ୍.ଡି.ଏ. ସରକାରଙ୍କର ଚତୁର୍ଥ ବଜେଟ୍ ଏକ ପୂର୍ଣ୍ଣାଙ୍ଗ ପ୍ରୋଗ୍ରେସିଭ୍, ପଜିଟିଭ୍, ପ୍ରାକ୍ଟିକାଲ, ଫ୍ରାଗ୍‌ମାଟିକ୍, ପ୍ରୁଡେଣ୍ଟ, ପ୍ରଭାବୀ, ଦୂରଦୃଷ୍ଟିସମ୍ପନ୍ନ ଏବଂ ଭବିଷ୍ୟତଧର୍ମୀ ବଜେଟ୍ ବୋଲି ଦାବି କରାଯାଉଥିବାବେଳେ ବିରୋଧୀମାନେ ଏହାକୁ ଏକ ଦିଗହରା ଓ ଅଦୂରଦର୍ଶୀ ବୋଲି ଅଭିହିତ କରିଛନ୍ତି।

ଅନୁଶୀଳନରୁ ଉପଲବ୍ଧ ଯେ, ଏହି ବଜେଟ୍‌ରେ ମୋଦି ସରକାରଙ୍କ ଆଭିମୁଖ୍ୟ ନୀତି ଓ ପ୍ରାଥମିକତା ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରାଯାଇଛି। ଏହି ବଜେଟ୍‌ର ବିଶେଷତ୍ୱ ହେଲା, ବୟାନବେ ବର୍ଷର ପରମ୍ପରା ଭାଙ୍ଗି ଅର୍ଥମନ୍ତ୍ରୀ ପ୍ରଥମଥରପାଇଁ ଫେବୃୟାରୀ ମାସର ୨୮ ତାରିଖ ପରିବର୍ତ୍ତେ ପ୍ରଥମଦିନ ଏହି ବଜେଟ୍ ଘୋଷଣା କରିଛନ୍ତି ଏବଂ ବ୍ରିଟିଶ୍ ସରକାରଙ୍କ ଅମଳରୁ ଉପସ୍ଥାପିତ ହୋଇ ଆସୁଥିବା ରେଳ ବଜେଟ୍‌କୁ ପ୍ରଥମଥରପାଇଁ ସାଧାରଣ ବଜେଟ୍ ସହିତ ମିଶାଇ ଦିଆଯାଇଛି। ଫଳରେ ୯୨ ବର୍ଷ ଧରି ଚାଲିଆସିଥିବା ରେଳ ବଜେଟ୍ ଉପସ୍ଥାପନ ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ସ୍ୱାଧୀନ ଭାରତରେ ପ୍ରଥମଥର ପାଇଁ ରେଳ ବଜେଟ୍ ଓ ସାଧାରଣ ବଜେଟ୍‌କୁ ଏକତ୍ର ଭାବେ ସଂସଦରେ ଉପସ୍ଥାପନ ପର୍ବକୁ ମିଶାଇ ଦିଆଯାଇଛି। ରେଳ ବଜେଟ୍‌କୁ ଏକତ୍ର ଭାବେ ସଂସଦରେ ଉପସ୍ଥାପନ କରାଯାଇଛି ଏବଂ ପ୍ରଥମଥରପାଇଁ ବଜେଟ୍‌ରେ ଯୋଜନା ଓ

ଏହି ବଜେଟ୍‌ର ଲକ୍ଷ୍ୟ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ଉପରେ ପର୍ଯ୍ୟବେସିତ ଯଥା : ଟ୍ରାନ୍ସଫର୍ମ (ବଦଳାଅ), ଏନରଜାଇଜ (ଶକ୍ତିଶାଳୀ କର) ଏବଂ କ୍ଲିନ୍ ଇଣ୍ଡିଆ (ଭାରତକୁ ସ୍ୱଚ୍ଛ କର)। ଅନ୍ୟପକ୍ଷରେ ଏହି ବଜେଟ୍‌ର ଆଭିମୁଖ୍ୟ ହେଲା ବିମୁଦ୍ରୀକରଣ ଯୋଗୁଁ ମନ୍ଥର ହୋଇଥିବା ଭାରତୀୟ ଅର୍ଥନୀତିକୁ ଧକ୍କା ଲଗାଇ ପୁନଶ୍ଚ ଗତିଶୀଳ କରିବାର ପ୍ରୟାସ, ରାଜନୀତିରେ ସ୍ୱଚ୍ଛତା ଆଣିବାପାଇଁ କଳାଧନର ଉତ୍ସକୁ ନିଷ୍କ୍ରିୟ କରିବା ସଙ୍ଗେ ସଙ୍ଗେ ଦୁର୍ନୀତିର ମୂଳୋତ୍ପାଟନ ଏବଂ ଅର୍ଥନୈତିକ ବୈଷମ୍ୟ ଦୂରୀକରଣପାଇଁ ଟିକସ ସଂସ୍କାର ଉପରେ ଗୁରୁତ୍ୱାରୋପ। ପୁନଶ୍ଚ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାପାଇଁ ଗାଁକୁ ଫୋକସ କରିଛନ୍ତି କେନ୍ଦ୍ର ସରକାର।

ଅଣଯୋଜନା ଖର୍ଚ୍ଚକୁ ମିଶାଇ ଦିଆଯାଇଛି। ରେଳ ବଜେଟ୍ ସମ୍ପର୍କରେ ସୂଚନା ଦେଇ ଅର୍ଥମନ୍ତ୍ରୀ କହିଛନ୍ତି ରେଳ, ସଡ଼କ ଓ ନଦୀ ଆମ ଦେଶର ଜୀବନରେଖା, ତେଣୁ ରେଳ, ସଡ଼କ, ଜଳପଥ ଓ ଆକାଶପଥରେ ଯୋଗାଯୋଗପାଇଁ ହେଉଥିବା ନିବେଶରେ ସମନ୍ୱୟ ଆଣିବାକୁ ପ୍ରୟାସ କରାଯାଇଛି। ରେଳର ବିକାଶ ଏବଂ ପୁଞ୍ଜି ବିନିଯୋଗପାଇଁ ୨୦୧୭-୧୮ ଆର୍ଥିକ ବର୍ଷରେ ମୋଟ ୧ ଲକ୍ଷ ୩୧ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ବଜେଟ୍‌ରେ ମୋଟ ୨୧.୪୬ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହା ଗତ ବଜେଟ୍‌ଠାରୁ ୧.୩୨ ଲକ୍ଷ କୋଟି ଟଙ୍କା ଅଧିକ। ୨୦୧୭-୧୮ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରି ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏହାକୁ ପରିବର୍ତ୍ତନକ୍ଷମ, ସଶକ୍ତ ଏବଂ ସ୍ୱଚ୍ଛ ଭାରତ ଗଠନରେ ସହାୟକ ହେବ ବୋଲି ଆଭିମୁଖ୍ୟ ବ୍ୟକ୍ତ କରିଛନ୍ତି। ଏହି ବଜେଟ୍‌ର ଲକ୍ଷ୍ୟ ଓ ଆଭିମୁଖ୍ୟ ଯେତିକି ଭବିଷ୍ୟତମୁଖୀ ତା'ଠାରୁ ଅଧିକ ମହତ୍ତ୍ୱାକାଂକ୍ଷୀ। ଏହି ବଜେଟ୍‌ର ଲକ୍ଷ୍ୟ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ଉପରେ ପର୍ଯ୍ୟବେସିତ ଯଥା : ଟ୍ରାନ୍‌ସଫର୍ମ (ବଦଳାଅ), ଏନରଜାଇଜ (ଶକ୍ତିଶାଳୀ କର) ଏବଂ କ୍ଲିନ୍ ଇଣ୍ଡିଆ (ଭାରତକୁ ସ୍ୱଚ୍ଛ କର)। ଅନ୍ୟପକ୍ଷରେ ଏହି ବଜେଟ୍‌ର ଆଭିମୁଖ୍ୟ ହେଲା ବିମୁଦ୍ରୀକରଣ ଯୋଗୁଁ ମନ୍ଥର ହୋଇଥିବା ଭାରତୀୟ ଅର୍ଥନୀତିକୁ ଧକ୍କା ଲଗାଇ ପୁନଶ୍ଚ ଗତିଶୀଳ କରିବାର ପ୍ରୟାସ, ରାଜନୀତିରେ ସ୍ୱଚ୍ଛତା ଆଣିବାପାଇଁ କଳାଧନର ଉତ୍ସକୁ ନିଷ୍କ୍ରିୟ କରିବା ସଙ୍ଗେ ସଙ୍ଗେ ଦୁର୍ନୀତିର ମୂଳୋତ୍ପାଟନ ଏବଂ ଅର୍ଥନୈତିକ ବୈଷମ୍ୟ ଦୂରୀକରଣପାଇଁ ଟିକସ ସଂସ୍କାର ଉପରେ ଗୁରୁତ୍ୱାରୋପ। ପୁନଶ୍ଚ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାପାଇଁ ଗାଁକୁ ଫୋକସ କରିଛନ୍ତି କେନ୍ଦ୍ର ସରକାର। ତୃଣମୂଳ ସ୍ତରରୁ ବିକାଶ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବାକୁ ଏହି ବଜେଟ୍‌ରେ ଗୁରୁତ୍ୱାରୋପ କରାଯାଇଛି। ଏକଥା ସ୍ୱୀକାର୍ଯ୍ୟ ଯେ, ଭିତ୍ତିଭୂମିର ଉନ୍ନତି ନ ହେଲେ ଅର୍ଥନୈତିକ ପ୍ରଗତି ସମ୍ଭବ ନୁହେଁ। ଏଥିପାଇଁ ଏହି ବଜେଟ୍‌ରେ ଭିତ୍ତିଭୂମିର ଉନ୍ନତି ଉପରେ ଗୁରୁତ୍ୱାରୋପ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କଦ୍ୱାରା ଆରମ୍ଭ କରାଯାଇଥିବା ସ୍ୱଚ୍ଛ ଭାରତ ଅଭିଯାନକୁ ବଜେଟ୍‌ରେ ଗୁରୁତ୍ୱ ଦେବା ଓ ବିଭିନ୍ନ ସାମାଜିକ ନିରାପତ୍ତା ଯୋଜନା ମାଧ୍ୟମରେ ଦରିଦ୍ର ଜନସାଧାରଣ ଓ ଅବହେଳିତ ବର୍ଗକୁ ଆକୃଷ୍ଟ କରିବାର ପ୍ରୟାସ , ୨୦୨୨ ମସିହା ସୁଦ୍ଧା ପ୍ରତି ପରିବାରରୁ ଅନ୍ୟୁନ ଜଣକୁ ନିଯୁକ୍ତି ପ୍ରଦାନ, ସମସ୍ତ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ, ପ୍ରତ୍ୟେକ ଗ୍ରାମ ଓ ସହରରେ ସ୍ୱାସ୍ଥ୍ୟସେବା ଉପଲବ୍ଧତା , ଗ୍ରାମାଞ୍ଚଳ ଅର୍ଥନୀତିର ସୁଦୃଢ଼ୀକରଣ ଷ୍ଟିର ଇଣ୍ଡିଆ ମାଧ୍ୟମରେ ଭାରତକୁ ସମୃଦ୍ଧ କରିବା, ସବ୍‌ସିଡ଼ି ବାଟମାରଣାକୁ ରୋକିବା, ପରମ୍ପରାଗତ କୃଷି ବିକାଶ ଯୋଜନାକୁ ଅଗ୍ରାଧିକାର ଦେବା, କଳାଧନ ଓ ଭ୍ରଷ୍ଟାଚାର ନିୟନ୍ତ୍ରଣପାଇଁ ବିମୁଦ୍ରୀକରଣ ଯୋଜନାକୁ ସାକାର କରିବା, ନଗଦ ଅର୍ଥନୈତିକ ବ୍ୟବସ୍ଥାକୁ ବେନଗଦୀ ଅର୍ଥ ବ୍ୟବସ୍ଥାରେ ରୂପାନ୍ତରିତ କରିବା, ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା, ବାରମ୍ବାର ସତର୍କ ସୂଚନା ଦେବା ପରେ କଳାଧନ ମହଜୁଦକାରୀମାନଙ୍କୁ ଆର୍ଥିକ ଦଣ୍ଡବିଧାନ କରିବା, ପ୍ରଧାନମନ୍ତ୍ରୀଙ୍କଦ୍ୱାରା ପ୍ରାୟୋଜିତ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ୨୦୧୬କୁ ସ୍ୱୟଂକ୍ରିୟ କରିବା, ଅଘୋଷିତ ଆୟକୁ କର ଓ ଜରିମାନା ମାଧ୍ୟମରେ ନିୟମିତ କରିବା ପ୍ରଭୃତି କାର୍ଯ୍ୟକ୍ରମକୁ ଉକ୍ତ ବଜେଟ୍‌ରେ ପ୍ରାଧାନ୍ୟ ଦିଆଯାଇଛି।

ବଜେଟ୍ ୨୦୧୭-୧୮କୁ ଅନୁଶୀଳନ କଲେ ଉପଲବ୍ଧ ହେବ ଯେ, ଭିତ୍ତିଭୂମି ସୁଦୃଢ଼ ନ କରି ବିମୁଦ୍ରୀକରଣ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ଦ୍ୱାରା ଭାରତର ଅର୍ଥନୀତିରେ ଯେଉଁ ପ୍ରଭାବ ପଡ଼ିଛି ଏବଂ ତଦ୍‌ଜନିତ ସ୍ଥିତିର ମୁକାବିଲାପାଇଁ ତଥା କ୍ଷତିର ଭରଣାପାଇଁ ବଜେଟ୍‌କୁ ଅତ୍ୟନ୍ତ ଚତୁରତାର ସହିତ ପ୍ରସ୍ତୁତ କରାଯାଇଛି। ପ୍ରଭାବିତ କ୍ଷେତ୍ରର ଉନ୍ନତି ନିମନ୍ତେ ବ୍ୟୟ ବରାଦର ବନ୍ଦୋବସ୍ତ କରାଯାଇଛି। କହିବା ଆବଶ୍ୟକ ଯେ, ପୁଞ୍ଜି ସଂଗ୍ରହ କ୍ଷେତ୍ରରେ ସରକାରଙ୍କୁ କଠୋର ପରିସ୍ଥିତିର ସାମନା କରିବାର ସମ୍ଭାବନା ଥିବାରୁ ପାଣ୍ଠି ଯୋଗାଣ ନିଶ୍ଚିତ ସମସ୍ୟା ସୃଷ୍ଟି କରିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ଏପରି ପରିସ୍ଥିତିରେ ବର୍ଷ ଅଧା ପରେ ପାଣ୍ଠି ଅଭାବରୁ ବିଭିନ୍ନ ଯୋଜନାର ଖର୍ଚ୍ଚ କାଟ କରିବା ଭଳି ସମସ୍ୟା ସୃଷ୍ଟି ହୋଇପାରେ। କାରଣ ସରକାର ବଜେଟ୍‌ରେ ୨୫ ପ୍ରତିଶତ ନିଜସ୍ୱ ପୁଞ୍ଜି ବିନିଯୋଗ କରିବାର ନିଷ୍ପତ୍ତି ନେଇଛନ୍ତି। ବିମୁଦ୍ରୀକରଣଜନିତ ଭାରାକ୍ରାନ୍ତ ଅର୍ଥନୀତିକୁ ସଜାଡ଼ିବାକୁ ଏହି ବିନିଯୋଗ ପର୍ଯ୍ୟାପ୍ତ ନୁହେଁ। ଅର୍ଥମନ୍ତ୍ରୀ ୨୦୧୭-୧୮ ଆର୍ଥିକ ବର୍ଷପାଇଁ ଯେଉଁ ସୁନେଲି ଚିତ୍ର ଆଙ୍କିଛନ୍ତି, ସେଥିରେ ରାଜସ୍ୱ ନିଅଣ୍ଟ ୧.୯ ପ୍ରତିଶତ ଏବଂ ବିତ୍ତୀୟ ନିଅଣ୍ଟ ମୋଟ ଡିଜିପିର ୩.୨ ପ୍ରତିଶତରେ ସୀମିତ ରହିବ ବୋଲି ଆକଳନ କରାଯାଇଛି। ତେବେ ରାଜସ୍ୱ ଆଦାୟ ଓ ଖର୍ଚ୍ଚ ମଧ୍ୟରେ ପ୍ରାୟ ୨୦ ହଜାର କୋଟି ଟଙ୍କାର ବ୍ୟବଧାନ ରହିବ। ବଜେଟ୍ ଖର୍ଚ୍ଚ ତୁଲାଇବାପାଇଁ କେନ୍ଦ୍ର ସରକାର ୩.୪୮ ଲକ୍ଷ କୋଟି ଟଙ୍କା ଖୋଲା ବଜାରରୁ ସଂଗ୍ରହ କରାଯିବ ବୋଲି କହିଛନ୍ତି। ୨୦୧୯ ସାଧାରଣ ନିର୍ବାଚନ ସହିତ ନିକଟରେ ୫ଟି ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଅର୍ଥମନ୍ତ୍ରୀ କେତୋଟି ନିର୍ଦ୍ଦିଷ୍ଟ କୌଶଳ ଆପଣାଇଛନ୍ତି। ବିମୁଦ୍ରୀକରଣ ଯୋଜନାକୁ ସ୍ୱାଗତ କରି ଏହାଦ୍ୱାରା ଘୋର ଅସୁବିଧାର ସମ୍ମୁଖୀନ ହୋଇଥିବା ସାଧାରଣ ଜନତାଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଉଦ୍ଦେଶ୍ୟରେ ସରକାର ଥ୍ରୀ-ଡି ଫର୍ମୁଲା ଆପଣାଇଛନ୍ତି ଅର୍ଥାତ୍, ଗାଁ, ଗରିବ ଓ ଘର ଉପରେ ଫୋକସ କରିଛନ୍ତି। ଗାଁର ବିକାଶପାଇଁ ସରକାର ପ୍ରତିବର୍ଷ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରିବାର ନିଷ୍ପତ୍ତି ନେଇଛନ୍ତି। ମହାତ୍ମା ଗାନ୍ଧୀଙ୍କୁ ସ୍ମରଣ କରି ତାଙ୍କର ୧୫୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ୨୦୧୯ ସୁଦ୍ଧା ୫୦ ହଜାର ପଞ୍ଚାୟତରୁ ଦାରିଦ୍ର୍ୟ ହଟାଇବାକୁ ଏହି ବଜେଟ୍‌ରେ ପ୍ରାବଧାନ କରାଯାଇଛି। ଏହା ବ୍ୟତୀତ ବରିଷ୍ଠ ନାଗରିକଙ୍କୁ ଆଧାରଭିତ୍ତିକ ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ଼, ୬୦୦ ଜିଲ୍ଲାରେ କୌଶଳ ବିକାଶ କେନ୍ଦ୍ର ସ୍ଥାପନ, କୋଟିଏ ପରିବାରକୁ ଦାରିଦ୍ର୍ୟରୁ ମୁକ୍ତ କରିବାର କାର୍ଯ୍ୟକ୍ରମ, ଗର୍ଭବତୀ ମହିଳାଙ୍କୁ ଆର୍ଥିକ ପ୍ରୋତ୍ସାହନ, ବ୍ୟବସାୟୀଙ୍କପାଇଁ ଆଧାର ପେ ର ବ୍ୟବସ୍ଥା, କୃଷି ଓ ଗ୍ରାମ୍ୟ ଉନ୍ନୟନ ସହିତ ଭିତ୍ତିଭୂମିର ବିକାଶ ଭଳି କେତେକ ସଂସ୍କାରଧର୍ମୀ କାର୍ଯ୍ୟକ୍ରମ ଏହି ବଜେଟ୍‌ରେ ସ୍ଥାନ ପାଇଛି। ଗ୍ରାମାଞ୍ଚଳ ସମେତ କୃଷିକ୍ଷେତ୍ର ଉପରେ ସରକାର ସ୍ୱତନ୍ତ୍ର ଆର୍ଥିକ ପ୍ରାବଧାନ

କରିଛନ୍ତି । କୃଷିକ୍ଷେତ୍ରପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ସେଥି ମଧ୍ୟରେ କୃଷକମାନଙ୍କପାଇଁ ସର୍ବାଧିକ ଋଣ ସୀମା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ସହ ସେମାନଙ୍କୁ ୬୦ ଦିନ ପର୍ଯ୍ୟନ୍ତ ସୁଧ ରିହାତି ବ୍ୟବସ୍ଥା ସରକାରଙ୍କ କୃଷି ପ୍ରତି ଥିବା ଗୁରୁତ୍ୱକୁ ପ୍ରମାଣିତ କରୁଛି । ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କର ଜୀବନ ଧାରଣର ମାନରେ ଉନ୍ନତି ଆଣିବାପାଇଁ ଗ୍ରାମାଞ୍ଚଳର ବିକାଶ ଦିଗରେ ଏହି ବଜେଟ୍‌ରେ କେତେକ ନୂଆ ବ୍ୟବସ୍ଥା କରାଯାଇଛି । ମନରେଗା ପାଇଁ ସରକାର ୪୮ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରି ଏକ ସର୍ବକାଳୀନ ରେକର୍ଡ଼ ସୃଷ୍ଟି କରିଛନ୍ତି । ମନରେଗାରେ ମହିଳାମାନଙ୍କ ଅଂଶଗ୍ରହଣକୁ ୫୫ ପ୍ରତିଶତକୁ ବୃଦ୍ଧି କରାଯିବା ମଧ୍ୟ ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ମନରେଗା ପାଣ୍ଠି ଆବଣ୍ଟନ ୪୮,୦୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଚଳିତ ଆର୍ଥିକ ବର୍ଷ ଏହା ୩୭,୦୦୦ କୋଟି ଟଙ୍କା ଥିଲା । ମାଓବାଦୀ ପ୍ରଭାବିତ ବ୍ଲକ୍‌ରେ ୧୦୦ରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ୨୦୧୯ ସୁଦ୍ଧା ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ଯୋଡ଼ିବାର ନିଷ୍ପତ୍ତି, ୨୦୧୭-୧୮ରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାପାଇଁ ୨୩,୦୦୦ କୋଟି ଟଙ୍କାର ଆବଣ୍ଟନ ବ୍ୟବସ୍ଥା ଏବଂ ୨୦୧୯ ସୁଦ୍ଧା ୧ କୋଟି ବାସହୀନ ପରିବାରକୁ ବାସଗୃହ ଯୋଗାଇ ଦେବାର ଲକ୍ଷ୍ୟ ବାସ୍ତବରେ ମହତ୍ତ୍ୱାକାଂକ୍ଷୀ ଚିନ୍ତାଧାରାର ପରିଚାୟକ । ଏହି ପରିପ୍ରେକ୍ଷୀରେ ପ୍ରାବଧାନ ଓ କାର୍ଯ୍ୟାନ୍ୱୟନ ମଧ୍ୟରେ ସମନ୍ୱୟ ଅଧିକ ଜରୁରୀ ମନେହୁଏ । କହିବା ଅନାବଶ୍ୟକ ଯେ, ଭାରତ ହେଉଛି ବିଶ୍ୱର ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର । ଭାରତରେ ଗଣତନ୍ତ୍ର ସତୁରି ବର୍ଷ ପୂରଣ କରିବାକୁ ଯାଉଛି । ବିଡ଼ମ୍ବନାର ବିଷୟ ହେଲା ଭାରତୀୟ ଗଣତନ୍ତ୍ର ଅଧିକ ମାତ୍ରାରେ ପ୍ରଦୂଷିତ । ଏହାକୁ ପ୍ରଦୂଷଣମୁକ୍ତ କରିବାକୁ ହେଲେ ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛତା ଅଭିଯାନକୁ ଅଧିକ କ୍ରିୟାଶୀଳ କରିବାକୁ ହେବ । ଏହି ପରିପ୍ରେକ୍ଷୀରେ ନିର୍ବାଚନ ବ୍ୟବସ୍ଥାର ବ୍ୟାପକ ସଂସ୍କାରର ଆବଶ୍ୟକତା ରହିଛି । ରାଜନୀତିରେ ସ୍ୱଚ୍ଛତା ଆଣି ରାଜନୀତିକୁ ଯଥାସମ୍ଭବ ଦୁର୍ନୀତିମୁକ୍ତ ଏବଂ ଭ୍ରଷ୍ଟାଚାରମୁକ୍ତ କରିବାପାଇଁ ଚଳିତ ବଜେଟ୍‌ରେ କରାଯାଇଥିବା ପ୍ରୟାସ ମୋଦି ସରକାରଙ୍କର କ୍ଷମତାକୁ ଆସିବାର ଅବ୍ୟବହିତ ପୂର୍ବରୁ ଘୋଷଣା କରିଥିବା ନିର୍ବାଚନୀ ଇସ୍ତାହାରଙ୍କୁ ଫଳପ୍ରସୂ କରିବାର ସଙ୍କେତ ପ୍ରଦାନ କରେ ।

ବାସ୍ତବ କ୍ଷେତ୍ରରେ ଦେଖିବାକୁ ଗଲେ ୨୦୧୭-୧୮ ଆର୍ଥିକ ବର୍ଷର ବଜେଟ୍ ୪ଟି ପ୍ରସଙ୍ଗ ଉପରେ ଅଧିକ ଗୁରୁତ୍ୱ ଆରୋପ କରିଛି ଯଥା – ରାଜନୀତିରେ ସ୍ୱଚ୍ଛତା ଆଣିବାପାଇଁ ଟିକସ ସଂସ୍କାର ମାଧ୍ୟମରେ କଳାଧନ ଓ ଦୁର୍ନୀତିର ବିଲୋପ ସାଧନ, ଆୟକର ବ୍ୟବସ୍ଥାରେ ଅଧିକ ଲୋକଙ୍କୁ ଅନ୍ତର୍ଭୁକ୍ତ କରିବାପାଇଁ ଟିକସ ବ୍ୟବସ୍ଥାର ସରଳୀକରଣ, ବେନଗଦୀ ଓ ଡିଜିଟାଲ କାରବାରକୁ ପ୍ରୋତ୍ସାହନ ଏବଂ ଶିଳ୍ପାୟନର ବିକାଶ ଓ କର୍ମ ସଂସ୍ଥାରେ ସୃଷ୍ଟିପାଇଁ ପ୍ରାବଧାନ ପ୍ରଭୃତି ।

ଏକଥା ଅନସ୍ୱୀକାର୍ଯ୍ୟ ଯେ ରାଜନୈତିକ ଚାନ୍ଦା ସଂଗ୍ରହ କଳାଧନ ଓ ଦୁର୍ନୀତିର ଏକ ବଡ଼ ଉତ୍ସ । ପ୍ରଚଳିତ ନିର୍ବାଚନ ପଦ୍ଧତିରେ ବିଜୟ ହାସଲ କରିବାପାଇଁ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରନ୍ତି । ଏହି ଅର୍ଥ ସଂଗ୍ରହପାଇଁ ସେମାନେ ବିତ୍ତଶାଳୀ ଶିଳ୍ପପତି, ଖଣିମାଲିକ, ରିୟଲ୍ ଇଷ୍ଟେଟ୍ ମାଲିକ ଏବଂ ବାହୁବଳୀ ଅପରାଧୀଙ୍କ ଉପରେ ଅନେକାଂଶରେ ନିର୍ଭର କରିବାକୁ ବାଧ୍ୟ ହୋଇଥା'ନ୍ତି । ଫଳରେ ଶାସନ କ୍ଷମତାକୁ ଆସିବା ପରେ ଏହି ସ୍ୱାର୍ଥପର ଗୋଷ୍ଠୀ ନିର୍ବାଚନ ପରେ କ୍ଷମତାସୀନ ସରକାରଙ୍କଠାରୁ ବ୍ୟାପକ ଫାଇଦା ଉଠାଇବାପାଇଁ ଲାଗିପଡ଼ନ୍ତି । ଯେଉଁ ରାଜନୈତିକ ଦଳ ନିର୍ବାଚନରେ ବିଜୟୀ ହୋଇ ଶାସନ କ୍ଷମତାକୁ ଆସନ୍ତି, ସେମାନେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଋଣ ପରିଶୋଧ କରିବା ସଙ୍ଗେ ସଙ୍ଗେ ଆଗାମୀ ନିର୍ବାଚନପାଇଁ ଆବଶ୍ୟକୀୟ ଅର୍ଥ ସଂଗ୍ରହ ନିମନ୍ତେ ରାଜ୍ୟ କି ଦେଶର ସ୍ୱାର୍ଥକୁ ବଳିଦେଇ ଦୁର୍ନୀତିରେ ଲିପ୍ତ ଥା'ନ୍ତି । ଏହା କଳାଧନର ପରିମାଣକୁ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ବ୍ୟାପକ କରିଥାଏ । ବିମୁଦ୍ରୀକରଣ କିମ୍ବା ବେନଗଦୀ କାରବାରର ପ୍ରଚଳନ ମାଧ୍ୟମରେ ଦୁର୍ନୀତି ଓ ଭ୍ରଷ୍ଟାଚାରର ମୂଳୋତ୍ପାଟନ ସମ୍ଭବ ନୁହେଁ । ଏଥିପାଇଁ ମାନସିକତାରେ ପରିବର୍ତ୍ତନ ଏବଂ ନିର୍ବାଚନ ସଂସ୍କାରର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ ମନେହୁଏ ।

ଆସୋସିଏସନ ଫର୍ ଡେମୋକ୍ରାଟିକ୍ ରିଫର୍ମ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୦୪-୫ରୁ ୨୦୧୪-୧୫ ମଧ୍ୟରେ ରାଜନୈତିକ ଦଳମାନେ ଯେତିକି ଚାନ୍ଦା ପାଇଛନ୍ତି, ସେଥିରୁ ୬୯ ପ୍ରତିଶତ ଅଜଣା ସୂତ୍ରରୁ ଆସିଛି । ଗତ ଦଶନ୍ଧି ମଧ୍ୟରେ ରାଜନୈତିକ ଦଳମାନେ ଅଜଣା ଓ ଗୋପନୀୟ ସୂତ୍ରରୁ ପାଇଥିବା ଚାନ୍ଦା ପରିମାଣ ବୃଦ୍ଧି ପାଇଛି । ଜାତୀୟ ଦଳଙ୍କ କ୍ଷେତ୍ରରେ ଏହା ୩୧୩ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ଆଞ୍ଚଳିକ ଦଳଙ୍କ କ୍ଷେତ୍ରରେ ଏହା ୬୫ ପ୍ରତିଶତ ବୃଦ୍ଧି ପାଇଛି । ଏଥିରୁ ଟଙ୍କାଟିଏ ସୁଦ୍ଧା ଚେକ୍ ଆକାରରେ ଆସି ନାହିଁ । ଏଣୁ ଚାନ୍ଦାଦାତାଙ୍କୁ ଚିହ୍ନଟ କରିବା ଏକ କଷ୍ଟକର ବ୍ୟାପାର । ଏହି ଗୋପନୀୟତା ରାଜନୀତିକୁ କଳାଧନ ପ୍ରବାହର ପଥକୁ ସୁଗମ କରିଛି । ଏ ବାବଦରେ କୌଣସି ଆଇନ ପ୍ରଣୟନ ନ କରିବା ପରୋକ୍ଷରେ କଳାଧନର ପ୍ରବାହକୁ ପ୍ରୋତ୍ସାହିତ କରୁ ନାହିଁକି ? ଏକ୍ଷେତ୍ରରେ ସ୍ୱଚ୍ଛତା ଆଣିବାପାଇଁ ଚଳିତ ବଜେଟ୍‌ରେ ଯେଉଁ ପଦକ୍ଷେପ ନିଆଯାଇଛି, ତାହା ଯଥେଷ୍ଟ ନୁହେଁ । ରାଜନୈତିକ ଚାନ୍ଦାରେ ଅଙ୍କୁଶ ଲଗାଇବାପାଇଁ ଅର୍ଥମନ୍ତ୍ରୀ ଅନେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି । ବ୍ୟବସ୍ଥା ଅନୁସାରେ ରାଜନୈତିକ ଦଳମାନେ ୨୦୦୦ ଟଙ୍କାରୁ ଅଧିକ ନଗଦ ପାଣ୍ଠି ଗ୍ରହଣ କରିପାରିବେ ନାହିଁ । ପୂର୍ବରୁ ଏହା ୨୦,୦୦୦ ଟଙ୍କା ଥିଲା । ନୂଆ ନିୟମ ଅନୁସାରେ କୌଣସି ବ୍ୟକ୍ତି ବା ସଂସ୍ଥାଠାରୁ ରାଜନୈତିକ ଦଳମାନେ ନଗଦ ଆକାରରେ ଦୁଇ ହଜାର ଟଙ୍କାରୁ ଅଧିକ ଚାନ୍ଦା ଗ୍ରହଣ କଲେ ଦାତାଙ୍କ ପରିଚୟ ପ୍ରକାଶ କରିବାକୁ ପଡ଼ିବ । ରାଜନୈତିକ ଦଳମାନେ ଚେକ୍ କିମ୍ବା ଡିଜିଟାଲ୍ ପେମେଣ୍ଟ ମାଧ୍ୟମରେ ଚାନ୍ଦା ଗ୍ରହଣ କରିପାରିବେ । ଦେଶରୁ କଳାଧନ ଦୂର କରିବା ସହ ବେନଗଦ କାରବାରକୁ ପ୍ରୋତ୍ସାହନ ଦେବାପାଇଁ ଅର୍ଥମନ୍ତ୍ରୀ କେତେକ କଟକଣା ଘୋଷଣା କରିଛନ୍ତି । ୩ ଲକ୍ଷ ଟଙ୍କାରୁ ଅଧିକ ନଗଦ ଡିଜିଟାଲ୍ ମୋଡ଼ରେ କରାଯିବାର ପ୍ରାବଧାନ କରାଯାଇଛି ।

ଏହାବ୍ୟତୀତ ୨୦୧୭-୧୮ରେ ଦେଶର ୨୫୦୦ କୋଟି ଟଙ୍କାର କାରବାର ଡିଜିଟାଲ୍ ମାଧ୍ୟମରେ କରାଇବାକୁ ମିଶନ ଗଢ଼ାଯିବାର ସୂଚନା ଦେଇଛନ୍ତି। ଅର୍ଥମନ୍ତ୍ରୀଙ୍କ ଏହି ବଜେଟ୍‌ରେ ବିମୁଦ୍ରୀକରଣ ପୀଡ଼ିତ ମଧ୍ୟବିତ୍ତଙ୍କପାଇଁ ଉଦ୍ୟମ କରାଯାଇଛି। ଆୟକର ଛାଡ଼ ସୀମା ଅପରିବର୍ତ୍ତିତ ରହିଥିଲେ ମଧ୍ୟ ୨.୫ ଲକ୍ଷରୁ ୫ ଲକ୍ଷ ପର୍ଯ୍ୟନ୍ତ ଆୟ ଉପରେ କରହାର ୧୦ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଏହାଦ୍ୱାରା ୫୬ ଲକ୍ଷ ଆୟକରଦାତା ଉପକୃତ ହେବେ। ୫ରୁ ୧୦ ଲକ୍ଷ ଆୟ କରୁଥିବା ବ୍ୟକ୍ତି ଉପରେ କର ହାର ୨୦ ପ୍ରତିଶତ ହୋଇଥିବାବେଳେ ୧୦ରୁ ୫୦ ଲକ୍ଷ ଆୟ କରୁଥିବା ବ୍ୟକ୍ତିଙ୍କ ଉପରେ କରହାର ହେଉଛି ୩୦ ପ୍ରତିଶତ। ୮୦ ବର୍ଷରୁ କମ୍ ବୟସର ବରିଷ୍ଠ ନାଗରିକଙ୍କ ପାଇଁ ୩ ଲକ୍ଷ ପର୍ଯ୍ୟନ୍ତ ଆୟକର ଉପରେ କୌଣସି ଟିକସ ପନୁ ନ ଥିବାବେଳେ ୮୦ ବର୍ଷ ବୟସରୁ ଅଧିକ ବରିଷ୍ଠ ନାଗରିକଙ୍କ କ୍ଷେତ୍ରରେ ୫ ଲକ୍ଷ ପର୍ଯ୍ୟନ୍ତ ଆୟ ଉପରେ କୌଣସି ଟିକସ ପଡ଼ିବ ନାହିଁ। ଆୟକର ରିଟର୍ଣ୍ଣ ଭରିବା ପ୍ରକ୍ରିୟାକୁ ସହଜ କରିବାପାଇଁ ସରଳ ଏକ ପୃଷ୍ଠାର ଆୟକର ରିଟର୍ଣ୍ଣ ଫର୍ମର ପ୍ରଚଳନ କରାଯିବ। ଯେଉଁମାନେ ପ୍ରଥମଥର ଆୟକର ରିଟର୍ଣ୍ଣ ଭରିବେ, ସେମାନଙ୍କୁ ପ୍ରଥମବର୍ଷ କୌଣସି ଯାଞ୍ଚର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଏହା ବ୍ୟତୀତ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବାପାଇଁ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ଅର୍ଥମନ୍ତ୍ରୀ କର୍ପୋରେଟ୍ ଟିକସକୁ ହ୍ରାସ କରିଛନ୍ତି। ବାର୍ଷିକ ୫୦ କୋଟି ପର୍ଯ୍ୟନ୍ତ କାରବାର କରୁଥିବା କମ୍ପାନୀମାନଙ୍କପାଇଁ କର୍ପୋରେଟ୍ ଟିକସକୁ ୩୦ ପ୍ରତିଶତରୁ ୨୫ ପ୍ରତିଶତକୁ ହ୍ରାସ କରାଯାଇଛି। ଏହି ପଦକ୍ଷେପଦ୍ୱାରା ୯୬ ପ୍ରତିଶତ କମ୍ପାନୀ ଉପକୃତ ହେବା ସହ ଉତ୍ପାଦର ମାନ ବୃଦ୍ଧି ଏବଂ କର୍ମସଂସ୍ଥାନର ସୁଯୋଗ ସୃଷ୍ଟି କରିବାପାଇଁ ପ୍ରୋତ୍ସାହିତ ହେବେ। ଡିଜିଟାଲ କାରବାରକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ BHIM APP ଉପରେ ବଜେଟ୍‌ରେ ଗୁରୁତ୍ୱ ଆରୋପ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୨୫ ଲକ୍ଷ ଲୋକ ଏହି ଆପ୍ ଡାଉନ୍‌ଲୋଡ୍ କରିସାରିଲେଣି।ଏହି ଆପ୍‌ର ପ୍ରସାରପାଇଁ ବଜେଟ୍‌ରେ ଦୁଇଟି ନୂଆ ଯୋଜନାର ପରିକଳ୍ପନା କରାଯାଇଛି। ତାହା ହେଉଛି ବ୍ୟକ୍ତିବିଶେଷଙ୍କପାଇଁ ରେଫରାଲ ବୋନସ୍ ସ୍କିମ୍ ଏବଂ ମାର୍ଚ୍ଚେଣ୍ଟଙ୍କ ପାଇଁ କ୍ୟାସ୍‌ବ୍ୟାକ୍ ସ୍କିମ୍। ୨୦୧୭-୧୮ରେ ୨୫୦୦ କୋଟି ଡିଜିଟାଲ କାରବାର ଲକ୍ଷ ହାସଲ କରିବାପାଇଁ ଏକ ମିଶନ କାର୍ଯ୍ୟକ୍ଷମ ହେବାର ବ୍ୟବସ୍ଥା କରାଯାଇଛି। ୨୦୧୭ ମାର୍ଚ୍ଚ ସୁଦ୍ଧା ବ୍ୟାଙ୍କ୍‌ମାନେ ୧୦ ଲକ୍ଷ ପି.ଓ.ଏସ୍. ମେସିନ୍ ଲଗାଇବେ। ବେନଗଦୀ କାରବାରପାଇଁ ଏହା ସୁଯୋଗ ସୃଷ୍ଟି କରିବ। ଏହାବ୍ୟତୀତ ଦେଶର ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ସୃଷ୍ଟି ସହ ଆର୍ଥିକ ସମୃଦ୍ଧି ପାଇଁ ସମ୍ଭାବ୍ୟ ବିକଳ୍ପର ଆବଶ୍ୟକତା ରହିଛି। ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ଭାରତ ଗଠନ ଦିଗରେ ଏବର୍ଷ ବଜେଟ୍‌ରେ ହୋଇଥିବା ପ୍ରାବଧାନଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ।

ପ୍ରାକ୍ତନ ପ୍ରାଧ୍ୟାପକ ଅର୍ଥନୀତି ବିଭାଗ ଖରସ୍ରୋତା ମହାବିଦ୍ୟାଳୟ, ଯାଜପୁର

## ନଗଦବିହୀନ ଅର୍ଥନୀତି ପାଇଁ ଯୋଗଦାନ ଦିଅନ୍ତୁ ବ୍ୟାଙ୍କ୍ ଅଫିସର : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱରଠାରେ ଗତ ଫେବୃୟାରୀ ୧୨ ତାରିଖରେ ଅନୁଷ୍ଠିତ ରାଜ୍ୟ ଷ୍ଟେଟ୍ ବ୍ୟାଙ୍କ୍ ଅଫିସର୍ସ ଆସୋସିଏସନର ଉତ୍ସବରେ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟର ବିକାଶ, ବିଶେଷ ଭାବରେ ଯୁବପିଢ଼ିକୁ ଚାକିରିରୁ ବାହାରି ଉଦ୍ୟମୀ କରାଇବାରେ ଷ୍ଟେଟ୍ ବ୍ୟାଙ୍କ୍ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେବାପାଇଁ ଆହ୍ୱାନ କରିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ଓଡ଼ିଶା ପାଖରେ ଅନେକ ସୁବିଧା ସୁଯୋଗ ରହିଛି ଓ ଯୁବକ ଯୁବତୀମାନଙ୍କୁ ଚାକିରି ଯୋଗାଇ ଦେବାର ଏକ ସୀମା ରହିଛି। ଯଦି ଓଡ଼ିଆ ଯୁବକ ଯୁବତୀମାନେ ଓଡ଼ିଶାରେ ଥିବା ବ୍ୟାବସାୟିକ ସମ୍ଭାବନାକୁ ନେଇ କାର୍ଯ୍ୟ କରିବେ, ତା'ହେଲେ ଭାରତ ଓ ଭାରତ ବାହାରର ବଜାରରେ ନିଜପାଇଁ ଏକ ସ୍ଥାନ ତିଆରି କରିପାରିବେ। ଓଡ଼ିଆ ଯୁବପିଢ଼ିର ସଫଳତା ଏସ୍.ବି.ଆଇ. ପରି ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍‌ମାନଙ୍କର ସହଯୋଗ ବିନା ସମ୍ଭବ ନୁହେଁ ବୋଲି ଶ୍ରୀ ପ୍ରଧାନ ଅଫିସରମାନଙ୍କୁ ସମ୍ବୋଧିତ କରି କହିଛନ୍ତି।
ଓଡ଼ିଶାର ଅମାପ ଖଣିଜ ସମ୍ପଦ ଛଡ଼ା ଅନେକ କ୍ଷେତ୍ରରେ ଥିବା ସମ୍ଭାବନାର ସଦୁପଯୋଗ ପାଇଁ ଯୁବପିଢ଼ିଙ୍କ ଆବଶ୍ୟକୀୟ ପୁଞ୍ଜି ଆବଶ୍ୟକତା ରାଷ୍ଟ୍ରାୟତ ବ୍ୟାଙ୍କ୍‌ମାନଙ୍କର ବିନା ସହଯୋଗରେ ସମ୍ଭବ ନୁହେଁ ବୋଲି ସେ କହିଛନ୍ତି।

ଶ୍ରୀ ପ୍ରଧାନ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କର ଦେଶର ଗରିବ ଲୋକଙ୍କର ବ୍ୟାଙ୍କ୍ ଖାତାପାଇଁ ଜନଧନ ବ୍ୟାଙ୍କ୍ ଖାତା କାର୍ଯ୍ୟକ୍ରମ ହେଉ ବା ବିମୁଦ୍ରୀକରଣ ଏହା ବ୍ୟାଙ୍କ୍ କର୍ମଚାରୀମାନଙ୍କର କଠିନ ପରିଶ୍ରମ ଯୋଗୁଁ ସମ୍ଭବ ହୋଇଛି। ଏବେ ଏସ୍.ବି.ଆଇ. ପରି ବ୍ୟାଙ୍କ୍ ଟେକ୍ନୋଲୋଜିକୁ ବ୍ୟାଙ୍କ୍ ସହ ଯୋଡ଼ି ଲୋକମାନଙ୍କୁ ସୁବିଧା ଯୋଗାଇ ଦେବା ସହ ଦେଶରେ ଦୁର୍ନୀତି ଓ ଦଲାଲୀକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ୍ କରିଦେଇପାରିବେ। ନଗଦ ଦେଣନେଣ ଦୁର୍ନୀତିକୁ ସୁରକ୍ଷା ଦେଉଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସେ କହିଛନ୍ତି ଯେ, ବିମୁଦ୍ରୀକରଣ ସମୟରେ ଯେତେବେଳେ ପେଟ୍ରୋଲ୍ ଟାଙ୍କିରୁ ନଗଦ ଉଠାଣର ବ୍ୟବସ୍ଥା ଥିଲା, ସେତେବେଳେ ବିଭିନ୍ନ ସ୍ଥାନରେ ନଗଦ ଦେବାପାଇଁ ପ୍ରଭାବଶାଳୀ ଲୋକଙ୍କ ପକ୍ଷରୁ ଚାପ ପଡୁଥିଲା। ଯେତେ ଶୀଘ୍ର ନଗଦ କାରବାରକୁ ଯେତେ କମ୍ କରାଯିବ, ତାହା ଦେଶର ଅର୍ଥନୀତିପାଇଁ ଅଧିକ ଲାଭଦାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।
ଦେଶର ନଗଦ ବିହୀନ ଅର୍ଥନୀତିକୁ ମଜବୁତ କରିବାପାଇଁ ଏସ୍.ବି.ଆଇ.ର ଅଫିସରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ସେ ଆହ୍ୱାନ ଜଣାଇଛନ୍ତି।

# ବିମୁଦ୍ରାୟନ ପରବର୍ତ୍ତୀ ବଜେଟ୍

**ଡକ୍ଟର ସନ୍ତୋଷ କୁମାର ମହାପାତ୍ର**

**ଗ**ତ ଫେବୃଆରୀ ୧ ତାରିଖରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟ୍ ସଂସଦରେ ଉପସ୍ଥାପନ କରିଛନ୍ତି । ଏହା ତାଙ୍କର ଚତୁର୍ଥ ବଜେଟ୍ । ଦୀର୍ଘ ୯୨ ବର୍ଷ ପରେ ପ୍ରଥମ ଥର ପାଇଁ ଉଭୟ ସାଧାରଣ ବଜେଟ୍ ଓ ରେଲୱେ ବଜେଟ୍ ଏକାଠି କେନ୍ଦ୍ର ବଜେଟ୍ ଭାବେ ଉପସ୍ଥାପନ କରାଯାଇଛି । ଏଥର ବଜେଟ୍‌ରେ ଯୋଜନା ବ୍ୟୟ ଓ ଅଣଯୋଜନା ବ୍ୟୟ ମଧ୍ୟରେ ଥିବା ପାର୍ଥକ୍ୟ ଉଠାଇ ଦିଆଯାଇଛି । ପୂର୍ବରୁ ଫେବୃଆରୀ ମାସର ଶେଷ କାର୍ଯ୍ୟକାରୀ ଦିବସରେ କେନ୍ଦ୍ର ବଜେଟ୍ ଉପସ୍ଥାପନ କରାଯାଇଥିଲା ବେଳେ ଏଥର ଏହାକୁ ଆପାତତଃ ୧ ମାସ ଆଗରୁ ଉପସ୍ଥାପନ କରାଯାଇଛି । ଭୋଟ ଅନ୍ ଆକାଉଣ୍ଟ ବା ଲେଖାନୁଦାନ ବିନା ବଜେଟ୍‌ରେ ଧାର୍ଯ୍ୟ ବ୍ୟୟ ଏପ୍ରିଲ୍ ୧ରୁ ବା ଆର୍ଥିକ ବର୍ଷ ଆରମ୍ଭରୁ ଖର୍ଚ୍ଚ କରିବା ପାଇଁ ଏପରି ପଦକ୍ଷେପ ନିଆଯାଇଛି ବୋଲି ସରକାର ତରଫରୁ କୁହାଯାଇଛି । ବଜେଟ୍‌କୁ ନେଇ ମିଶ୍ରିତ ପ୍ରତିକ୍ରିୟା ଦେଖା ଦେଇଛି । ସରକାରୀ ଦଳ ପରଫରୁ ସ୍ୱାଗତ କରାଗଲାବେଳେ ବିରୋଧୀ ଦଳ ପକ୍ଷରୁ ସମାଲୋଚନା କରାଯାଇଛି । ଦେଶ କେଉଁ ମାର୍ଗ ଦେଇ ଗତି କରିବ ତାହା ବଜେଟ୍‌ରେ ପ୍ରତିଫଳିତ ହୋଇଛି ବୋଲି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ।

ଏହି ବଜେଟ୍ ଉପସ୍ଥାପନ ପୂର୍ବରୁ ନଭେମ୍ବର ୮ ତାରିଖରେ କଳାଟଙ୍କା ପ୍ରସାର, ଜାଲ୍‌ନୋଟ୍ କାରବାର ତଥା ସନ୍ତ୍ରାସବାଦୀ କାର୍ଯ୍ୟକଳାପ ରୋକିବା ପାଇଁ କେନ୍ଦ୍ର ସରକାର ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଅଚଳ କରିଥିଲେ । ଏହି ବିମୁଦ୍ରାୟନ ପଦକ୍ଷେପକୁ ନେଇ ଦେଶରେ ଅନେକ ତର୍କ ବିତର୍କ ଦେଖା ଦେଇଛି । ଏହା ଏକ ସ୍ୱଳ୍ପକାଳୀନ କଷ୍ଟ ଓ ଦୀର୍ଘ କାଳୀନ ଲାଭ ବୋଲି ପ୍ରଧାନମନ୍ତ୍ରୀ କହିଲା ବେଳେ ଏହା ଦ୍ୱାରା ଅଯଥାରେ ଜନତା ହନ୍ତସନ୍ତ ହେଲେ ବୋଲି ବିରୋଧୀ ଦଳ ତରଫରୁ କୁହାଯାଇଛି । କିନ୍ତୁ, ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ କହିବା ଅନୁଯାୟୀ ଏହି ବଜେଟ୍‌ରେ କଳାଧନ ବିରୋଧରେ ଲଢ଼େଇକୁ ଆହୁରି ପ୍ରଖର କରାଯାଇଛି ଏବଂ ରାଜନୈତିକ ସ୍ୱଚ୍ଛତା ଆଡ଼କୁ ଆଗେଇବା ପାଇଁ ପଦକ୍ଷେପ ନିଆଯାଇଛି । ୧୯୫୧ର ଲୋକ ପ୍ରତିନିଧି ଆଇନ୍ ୨୯ (ଗ) ଧାରା ଅନୁସାରେ ରାଜନୈତିକ ଦଳଗୁଡ଼ିକ ଏକାକାଳୀନ ଯେଉଁମାନଙ୍କଠାରୁ ୨୦ ହଜାର ଟଙ୍କାରୁ ଚାନ୍ଦା ପାଇଥିବେ ତାହାର ହିସାବ ରଖିବା ଆବଶ୍ୟକ । ତା'ଠାରୁ କମ୍ ହେଲେ ହିସାବ ଆବଶ୍ୟକ ନାହିଁ । ରାଜନୈତିକ ଦଳମାନେ ଜଣଙ୍କଠାରୁ ଅଜଣା ସୂତ୍ରରୁ ସର୍ବାଧିକ ଯେଉଁ ୨୦ ହଜାର ଟଙ୍କା ପାଉଥିଲେ ତାକୁ ୨ ହଜାର ଟଙ୍କାକୁ ହ୍ରାସ କରିବା ପାଇଁ ନିର୍ବାଚନ କମିଶନ ସୁପାରିଶ କରିଥିଲେ । ଅର୍ଥମନ୍ତ୍ରୀ ଏହି ବଜେଟ୍‌ରେ ଏହାକୁ ୨୦୦୦ଟଙ୍କାକୁ ହ୍ରାସ କରିଛନ୍ତି । ଅର୍ଥାତ୍ ପୂର୍ବରୁ ଜଣେ ନଗଦ ଆକାରରେ ୨୦,୦୦୦ଟଙ୍କା ଏକ ରାଜନୈତିକ ଦଳକୁ ଦେଇପାରୁଥିଲା ଏବଂ ତା'ର ନାମ ଗୋପନ ରହୁଥିଲା । ବର୍ତ୍ତମାନ ସେହି ସୀମା ୨,୦୦୦ଟଙ୍କାକୁ ହ୍ରାସ ପାଇଛି । ଏହା ସ୍ୱାଗତ ଯୋଗ୍ୟ । କିନ୍ତୁ ବିଭିନ୍ନ ରାଜନୈତିକ ଦଳଗୁଡ଼ିକର ବ୍ୟୟ ସବୁ ବୈଦ୍ୟୁତିକ ମାଧ୍ୟମରେ ବା ଚେକ୍ ମାଧ୍ୟମରେ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ । ଅବଶ୍ୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ କାରବାର ନଗଦ ଆକାରରେ ନକରି ଚେକ ବା ବେଦ୍ୟୁତିକ ମାଧ୍ୟମରେ କରିବା ପାଇଁ ନୀୟମ କରିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ଆହୁରି ମଧ୍ୟ ରାଜନୈତିକ ସ୍ୱଚ୍ଛତା ଆଣିବା ପାଇଁ ନିର୍ବାଚନ ବଣ୍ଡ ବା ଇଲେକ୍ଟୋରାଲ୍ ବଣ୍ଡ ପ୍ରଚଳନ କରିବା ପାଇଁ ପ୍ରସ୍ତାବ ରହିଛି । ଏହା ରାଜନୈତିକ ପାଣ୍ଠି ସଂଗ୍ରହପାଇଁ ରିଜର୍ଭ ବ୍ୟାଙ୍କ୍ ଇସ୍ୟୁ କରିବ । ଏପରି ପଦକ୍ଷେପ ଯୋଗୁ କିଛିଟା ରାଜନୈତିକ ସ୍ୱଚ୍ଛତା ଆସିବ

> କେନ୍ଦ୍ର ଅଥର୍ମନ୍ତ୍ରୀ ଆୟକର ହାରରେ ପରିବର୍ତ୍ତନ ଆଣିଛନ୍ତି । ପୂର୍ବରୁ ଆୟକର ଛାଡ଼ ସୀମା ୨ ଦଶମିକ ୫ ଲକ୍ଷ ଟଙ୍କା ଥିଲା । ୨ ଦଶମିକ ୫ ଲକ୍ଷରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ ଉପରେ ୧୦%, ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା ଆୟ ଉପରେ ୨୦% ଏବଂ ୧୦ ଲକ୍ଷ ଟଙ୍କାରୁ ବା ତଦୁର୍ଦ୍ଧ୍ୱ ଉପରେ ୩୦% ହାରରେ ଆୟକର ପଡୁଥିଲା । ୧ କୋଟିରୁ ଅଧିକ ଆୟ ଉପରେ ୧୫% ସରଚାର୍ଜ୍ଜ ପଡୁଥିଲା । ଏଥର ଅର୍ଥମନ୍ତ୍ରୀ ୨ ଦଶମିକ ୫ ଲକ୍ଷରୁ ୫ ଲକ୍ଷ ଟଙ୍କା ଆୟ ଉପରେ ଯେଉଁ ୧୦% ଟିକସ ପଡୁଥିଲା ତାହାକୁ ୫%କୁ ହ୍ରାସ କରିଛନ୍ତି । ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକାରୀ ୧୨୫୦୦ ଟଙ୍କା ରିହାତି ପାଇଥିଲାବେଳେ, ୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଆୟକାରୀଙ୍କୁ ୧୪୮୦୬ ଟଙ୍କା ରିହାତି ମିଳିବ ।

ବୋଲି ଆଶା କରାଯାଇଛି । କିନ୍ତୁ ଦୂର୍ନୀତି ଏକ ମାନସିକତା । ଏହି ମାନସିକତାରେ ପରିବର୍ତ୍ତନ ନ ହେଲେ ସହଜରେ ଦୂର୍ନୀତି ଦୂର ହେବ ନାହିଁ ।

ଏହି ବଜେଟ୍‌ରେ ମୋଟ ବ୍ୟୟ ବରାଦ ପରିମାଣ ୨୧ ଦଶମିକ ୪୬ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି । ୨୦୧୬-୧୭ର ସଂଶୋଧିତ ବ୍ୟୟ ଅଟକଳ ଠାରୁ ୬ ଦଶମିକ ୫୫% ଅଧିକ । ୨୦୧୬-୧୭ର ସଂଶୋଧିତ ବ୍ୟୟ ଅଟକଳ ପରିମାଣ ୨୦ ଦଶମିକ ୧୪ ଲକ୍ଷ କୋଟି ଟଙ୍କା । ସେହି ଅନୁସାରେ ବିଭିନ୍ନ କ୍ଷେତ୍ରରେ ବ୍ୟୟ ବରାଦ ବୃଦ୍ଧି ପାଇଛି । ପ୍ରତିରକ୍ଷା କ୍ଷେତ୍ରରେ ପୂର୍ବ ବର୍ଷ ତୁଳନାରେ ବ୍ୟୟ ବରାଦ ୧୪୩୮୫ କୋଟି ଟଙ୍କା ବୃଦ୍ଧି ପାଇଁ ୨୬୨୩୯୦ କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇଛି । ସେହିପରି ଗ୍ରାମୀଣ ବିକାଶ କ୍ଷେତ୍ରରେ ୧୧୪୯୪୭ କୋଟି ଟଙ୍କାରୁ ୧୨୮୫୬୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ସାମାଜିକ କଲ୍ୟାଣ କ୍ଷେତ୍ରରେ ବ୍ୟୟବରାଦ ୩୩୬୪୩ କୋଟି ଟଙ୍କାରୁ ୩୯୩୮୨ କୋଟି ଟଙ୍କାକୁ, କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ୫୩୮୦୬ କୋଟି ଟଙ୍କାରୁ ୫୯୯୯୨ କୋଟି ଟଙ୍କାକୁ, ଶିକ୍ଷା କ୍ଷେତ୍ରରେ ୭୩୫୯୯ କୋଟି ଟଙ୍କାରୁ ୭୯୬୮୬ କୋଟି ଟଙ୍କାକୁ, ଶକ୍ତି କ୍ଷେତ୍ରରେ ୩୦୦୬୫ କୋଟି ଟଙ୍କାରୁ ୩୬୭୧୮ କୋଟି ଟଙ୍କାକୁ, ସ୍ୱାସ୍ଥ୍ୟ କ୍ଷେତ୍ରରେ ୩୯୮୭୯ କୋଟି ଟଙ୍କାରୁ ୪୮୮୭୮ କୋଟି ଟଙ୍କାକୁ, ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ୧୮୫୪୨ କୋଟି ଟଙ୍କାରୁ ୨୦୭୮୭ କୋଟି ଟଙ୍କାକୁ, ଅନୁସୂଚିତ ଜାତି କଲ୍ୟାଣ କ୍ଷେତ୍ରରେ ୪୦୯୨୦ କୋଟି ଟଙ୍କାରୁ ୫୨୩୯୩ କୋଟି ଟଙ୍କାକୁ, ଅନୁସୂଚିତ ଜନଜାତି କଲ୍ୟାଣ କ୍ଷେତ୍ରରେ ୨୫୬୦୨ କୋଟି ଟଙ୍କାରୁ ୩୧୯୨୦ କୋଟି ଟଙ୍କାକୁ, ଶିଶୁ କଲ୍ୟାଣ କ୍ଷେତ୍ରରେ ୬୬୨୪୯ କୋଟି ଟଙ୍କାରୁ ୭୧,୩୦୫ କୋଟି ଟଙ୍କାକୁ ଏବଂ ମହିଳା କଲ୍ୟାଣ କ୍ଷେତ୍ରରେ ୯୬୩୩୨ କୋଟି ଟଙ୍କାରୁ ୧୧୩୩୨୭ କୋଟି ଟଙ୍କାକୁ ବ୍ୟୟ ବରାଦ ଗତ ବର୍ଷ ତୁଳନାରେ ବୃଦ୍ଧି କରାଯାଇଛି । ୨୦୧୮ ମସିହା ସୁଦ୍ଧା ସବୁ ଗାଁକୁ ବିଜୁଳି, ୨୦୧୯ରେ ୧ କୋଟି ଗରିବଙ୍କୁ ପକ୍କା ଘର ପ୍ରଦାନ କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ଏଥିପାଇଁ ବଜେଟ୍‌ର ୨୩ ହଜାର କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ଗତ ବର୍ଷ ୧୫ ହଜାର କୋଟି ଟଙ୍କା ଥିଲା । ୨୦୧୯ ସୁଦ୍ଧା ୫୦ ହଜାର ଗ୍ରାମ ପଞ୍ଚାୟତକୁ ଗରିବ ମୁକ୍ତ କରାଯିବାର ଲକ୍ଷ୍ୟ ରଖାଯାଇଛି । ମହାତ୍ମା ଗାନ୍ଧି ନିଶ୍ଚିତ କର୍ମ ସଂସ୍ଥାନ ଯୋଜନା (ମନରେଗା) ପାଇଁ ୪୮, ୦୦୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ଗତବର୍ଷ ୩୮୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । କିନ୍ତୁ ବାସ୍ତବରେ ୪୭୪୯୯ କୋଟି ଟଙ୍କା ବ୍ୟୟ ହୋଇଥିଲା । ମନରେଗା ଯୋଜନା ଅନୁଯାୟୀ ଗାଁରେ ୧୦ ଲକ୍ଷ ପୋଖରି ଖୋଳାଯିବ । ମନରେଗା ଯୋଜନାରେ ମହିଳାଙ୍କ ଭାଗିଦାରୀ ଗତବର୍ଷ ୪୫% ଥିବା ବେଳେ ଚଳିତ ବର୍ଷ ଏହା ୫୫%କୁ ବୃଦ୍ଧି କରାଯିବ । ସେହିପରି 'ମନରେଗା'ରେ କାମ କରୁଥିବା ଲୋକଙ୍କ ମଜୁରୀ ବୃଦ୍ଧି କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

ଗାଁରେ ପ୍ରତିଦିନ ୧୩୩ କି.ମି. ସଡ଼କ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି । ଆଗରୁ ପ୍ରତିଦିନ ୭୩ କି.ମି. ସଡ଼କ ନିର୍ମାଣ ହେଉଥିଲା । ଗ୍ରାମାଞ୍ଚଳର ରାସ୍ତା ନିର୍ମାଣ ଓ ରକ୍ଷାଣବେକ୍ଷଣ ନିମନ୍ତେ ବଜେଟ୍‌ରେ ୨୭ ହଜାର କୋଟି ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି । ସ୍ୱଚ୍ଛ ଭାରତ ଅଭିଯାନର ସଫଳତା ଲାଗି ଗ୍ରାମାଞ୍ଚଳରେ ଶୌଚାଳୟ ନିର୍ମାଣରେ ୧୮% ବୃଦ୍ଧି କରାଯାଇଛି । ୨୦୧୭-୧୮ ପାଇଁ କୃଷି ଋଣ ଲକ୍ଷ୍ୟ ୧୦ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି । ୨୦୧୬ ଡିସେମ୍ବର ଘୋଷଣା ସୁଧ ଛାଡ଼ର ଲାଭ ମଧ୍ୟ ଚାଷୀ ପାଇବେ । ୬୩ ହଜାର ପ୍ରାଥମିକ କୃଷି ସମବାୟ ସମିତିର କୋର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ହେବ । ଫସଲ ବୀମା ଯୋଜନା ସ୍କିମ୍ ଅଧିକ ଜମିରେ ଲାଗୁ ହେବ । ୨୦୧୭-୧୮ରେ ୪୦% ଚାଷ ଜମି, ୨୦୧୮-୧୯ରେ ୫୦% ଚାଷ ଜମିରେ ଏହି ବୀମା ଯୋଜନା ଲାଗୁ ହେବ । ଏଥିପାଇଁ ୯୦୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ନାବାର୍ଡ଼ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଦୀର୍ଘ ମିଆଦୀ ଜଳସେଚନ ପାଣ୍ଠି ପାଇଁ ୪୦,୦୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏତଦ୍ ବ୍ୟତିତ ବରିଷ୍ଠ ନାଗରିକଙ୍କୁ ମିଳିବ ଆଧାର ଭିତ୍ତିକ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ଼ । ଚଣ୍ଡିଖୋଲରେ ଅଶୋଧିତ ଭୂତଳ ତୈଳ ଭଣ୍ଡାର ପ୍ରସ୍ତୁତ ହେବ । ବକ୍ସି ଜଗବନ୍ଧୁଙ୍କ ଅବଦାନ ସ୍ମରଣ ପାଇଁ ଆୟୋଜିତ ହେବ ସ୍ୱତନ୍ତ୍ର ସମାରୋହ । ୬୦୦ ଟି ଜିଲ୍ଲାରେ ଖୋଲିବ ପ୍ରଧାନମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ର । ଗର୍ଭବତୀ ମହିଳାଙ୍କୁ ମିଳିବ ୬୦୦୦ ଟଙ୍କା । ପ୍ରତି ପଞ୍ଚାୟତକୁ ବ୍ରଡ଼ବ୍ୟାଣ୍ଡ ସଂଯୋଗ ଲାଗି ୧୦ ହଜାର କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି ।

ବଜେଟ୍‌ରେ ଭିତ୍ତିଭୂମି କ୍ଷେତ୍ରରେ ଗୁରୁତ୍ୱ ଦିଆଯାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ପରିବହନ, ରେଳୱେ, ରାସ୍ତା ଆଦି ଭିତ୍ତିଭୂମି କ୍ଷେତ୍ରରେ ୨୪୧୩୮୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିରୁ ରେଳୱେ ବାବଦରେ ପୁଞ୍ଜିବ୍ୟୟ ୧୩୧,୦୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି । ସରକାର ସହାୟତା ଭାବରେ ୫୫,୦୦୦ କୋଟି ଟଙ୍କା ପ୍ରଦାନ କରିବେ । ଜାତୀୟ ରାଜପଥ ପାଇଁ ବ୍ୟୟବରାଦ ୫୭୯୭୬ କୋଟି ଟଙ୍କାରୁ ୬୪୯୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ମୋଟ୍ ଉପରେ ପୁଞ୍ଜିବ୍ୟୟ ଗତବର୍ଷ ତୁଳନାରେ ୨୫ ଦଶମିକ ୪% ବୃଦ୍ଧିପାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । କେନ୍ଦ୍ରରୁ ରାଜ୍ୟମାନଙ୍କୁ ଗତବର୍ଷ ୩ ଦଶମିକ ୬୦ ଲକ୍ଷ କୋଟି ଟଙ୍କା ହସ୍ତାନ୍ତର ହୋଇଥିଲାବେଳେ ଏହି ବଜେଟ୍‌ରେ ୪ ଦଶମିକ ୧୧ ଲକ୍ଷ କୋଟି ହସ୍ତାନ୍ତର କରାଯିବ ବୋଲି ଧାର୍ଯ୍ୟ କରାଯାଇଛି । ବିତ୍ତୀୟ ଦାୟିତ୍ୱ ଓ ବଜେଟ୍ ପରିଚାଳନା (ଏଫ୍.ଆର୍.ବି.ଏମ୍.) ବିତ୍ତୀୟ ନିଅଣ୍ଟକୁ ଜିଡ଼ିପି ଅନୁସାରେ ୩% ମଧ୍ୟରେ ସୀମିତି ରଖିବାକୁ ପରାମର୍ଶ ଦେଇଥିଲେ । କିନ୍ତୁ ଅର୍ଥମନ୍ତ୍ରୀ ସାମାନ୍ୟ ଅଧିକ ଅର୍ଥାତ୍ ୩ ଦଶମିକ ୨% ମଧ୍ୟରେ ସୀମିତ ରଖିଛନ୍ତି । କିନ୍ତୁ ୨୦୧୬-୧୭ ବର୍ଷରେ ଏହାକୁ ଧାର୍ଯ୍ୟ ୩ ଦଶମିକ ୫% ମଧ୍ୟ ସୀମିତ ରଖିଛନ୍ତି । ସେହିପରି ରାଜସ୍ୱ ନିଅଣ୍ଟ ଯାହା ୨୦୧୬-୧୭ରେ ୨ ଦଶମିକ ୩% ଧାର୍ଯ୍ୟ ହୋଇଥିଲା ତାହା ଆହୁରି କମି ୨ ଦଶମିକ ୧% ହେବ ବୋଲି ସଂଶୋଧିତ ଅଟକଳରେ କୁହାଯାଇଛି । ୨୦୧୭-୧୮ରେ ରାଜସ୍ୱ ନିଅଣ୍ଟ ଜିଡ଼ିପିର ୧ ଦଶମିକ ୯% ହେବ ବୋଲି ଆକଳନ କରାଯାଇଛି । ସରକାର ବିତ୍ତୀୟ ଶୃଙ୍ଖଳାକୁ ଧ୍ୟାନ ଦେବା ସ୍ୱାଗତ ଯୋଗ୍ୟ । କିନ୍ତୁ ବିଶେଷକରି ୨୦୧୭-୧୮ ବର୍ଷରେ ଅଭିବୃଦ୍ଧି ହ୍ରାସ ଓ ବିଶ୍ୱରେ ଆର୍ଥିକ ଅସ୍ଥିରତାକୁ ଆଖି ଆଗରେ ରଖି ଆଉ ଅଧିକ ବ୍ୟୟ ବରାଦକୁ ପ୍ରାଧାନ୍ୟ ଦେଇଥିଲେ ଭଲ ହୋଇଥାନ୍ତା । ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ୨୦୧୬-୧୭ରେ ଟିକସ୍- ଜିଡ଼ିପି ଅନୁପାତ ୧୦ ଦଶମିକ ୮% ଧାର୍ଯ୍ୟ କରାଯାଇଥିଲା ବେଳେ ଏହା ସଂଶୋଧିତ ଅଟକଳରେ ୧୧ ଦଶମିକ ୩% ହେବ

ବୋଲି କୁହାଯାଇଛି । ଯାହା ସ୍ୱାଗତ ଯୋଗ୍ୟ। ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର କମ୍ ହେବାର ସୁବିଧା ନେଇ ସରକାର ଅବକାରୀ ଶୁଳ୍କବୃଦ୍ଧି କରିବା ଯୋଗୁ ଏହା ସମ୍ଭବ ହୋଇଛି ।

କେନ୍ଦ୍ର ଅର୍ଥମନ୍ତ୍ରୀ ଆୟକର ହାରରେ ପରିବର୍ତ୍ତନ ଆଣିଛନ୍ତି । ପୂର୍ବରୁ ଆୟକର ଛାଡ଼ ସୀମା ୨ ଦଶମିକ ୫ ଲକ୍ଷ ଟଙ୍କା ଥିଲା। ୨ ଦଶମିକ ୫ ଲକ୍ଷରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ ଉପରେ ୧୦%, ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା ଆୟ ଉପରେ ୨୦% ଏବଂ ୧୦ ଲକ୍ଷ ଟଙ୍କାରୁ ବା ତଦୁର୍ଦ୍ଧ୍ୱ ଉପରେ ୩୦% ହାରରେ ଆୟକର ପଡୁଥିଲା । ୧ କୋଟିରୁ ଅଧିକ ଆୟ ଉପରେ ୧୫% ସରଚାର୍ଜ ପଡୁଥିଲା । ଏଥର ଅର୍ଥମନ୍ତ୍ରୀ ୨ ଦଶମିକ ୫ ଲକ୍ଷରୁ ୫ ଲକ୍ଷ ଟଙ୍କା ଆୟ ଉପରେ ଯେଉଁ ୧୦% ଟିକସ ପଡୁଥିଲା ତାହାକୁ ୫%କୁ ହ୍ରାସ କରିଛନ୍ତି । ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକାରୀ ୧୨୫୦୦ ଟଙ୍କା ରିହାତି ପାଇଥିଲାବେଳେ, ୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଆୟକାରୀଙ୍କୁ ୧୪୮୦୬ ଟଙ୍କା ରିହାତି ମିଳିବ । ୫୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଆୟକାରୀ ମାନେ ଅଧିକ ରିହାତି ପାଇବାର କାରଣ ହେଉଛି ତାଙ୍କର ଟିକସ୍ ପରିମାଣ ହ୍ରାସ ସାଙ୍ଗକୁ ସରଚାର୍ଜ ପରିମାଣ ହ୍ରାସ ପାଇବ । ଏଥର ବଜେଟ୍‌ରେ ୫୦ ଲକ୍ଷରୁ ୧ କୋଟି ଟଙ୍କା ଆୟ ଉପରେ ୧୦% ସରଚାର୍ଜ ଧାର୍ଯ୍ୟ କରାଯାଇଛି । ୧୯୯୭ରେ ଶେଷ ଥର ଚିଦାମ୍ବରମ୍ କେନ୍ଦ୍ର ଅର୍ଥମନ୍ତ୍ରୀ ଥିଲା ବେଳେ ଟିକସ୍ ସ୍ଲାବରେ ପରିବର୍ତ୍ତନ କରିଥିଲେ । ପୂର୍ବରୁ ୫ ଲକ୍ଷ ଟଙ୍କା ଆୟକାରୀ ୫୦୦୦ ଟଙ୍କାର ରିହାତି ପାଉଥିଲେ । ଏହି ବଜେଟ୍‌ରେ ଟିକସ୍ ହାର ହ୍ରାସ ଯୋଗୁ ୩ ଦଶମିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଏହି ରିହାତିକୁ ୨ ଦଶମିକ ୫ ଲକ୍ଷ ଟଙ୍କାକୁ ହ୍ରାସ କରାଯାଇଛି । ଯେଉଁମାନଙ୍କର ବାର୍ଷିକ ଆୟ ୩ ଲକ୍ଷ ଟଙ୍କା, ସେମାନଙ୍କର ଆୟକର ଛାଡ଼ ସୀମା ୨ ଦଶମିକ ୫ ଲକ୍ଷ ଟଙ୍କା ବାଦ୍ ଦିଆଗଲା ପରେ ମାତ୍ର ୫୦ ହଜାର ଟଙ୍କା ଟ୍ୟାକ୍ସ ପରିସରକୁ ଆସୁଛି । ସେଥିରେ ୫% ହାରରେ ୨୫୦୦ ଟଙ୍କା ଟିକସ୍ ପଡ଼ିବା କଥା। କିନ୍ତୁ ରିହାତି ୨୫୦୦ ଟଙ୍କା ମିଳିବା ଯୋଗୁ କୌଣସି ଟିକସ୍ ପଡ଼ିବ ନାହିଁ । କିନ୍ତୁ ଏହି ପରିବର୍ତ୍ତନ ଯୋଗୁ ୨ ଦଶମିକ ୫ ଲକ୍ଷରୁ ୩ ଲକ୍ଷ ଟଙ୍କା ଆୟକାରୀଙ୍କର କୌଣସି ଲାଭ ହେବନି କି କ୍ଷତି ହେବନି । ତାଙ୍କୁ ପୂର୍ବପରି କୌଣସି ଟିକସ୍ ଦେବାକୁ ପଡ଼ିବ ନାହିଁ।

ଅନେକ କହୁଛନ୍ତି ଯେ ଅର୍ଥମନ୍ତ୍ରୀ ଧନୀକ ଶ୍ରେଣୀଠାରୁ ସରଚାର୍ଜ ମାଧ୍ୟମରେ ଅର୍ଥନେଇ ମଧ୍ୟବିତ୍ତ ଶ୍ରେଣୀଙ୍କୁ ଦେଇଛନ୍ତି । ଯାହା ଭୁଲ । କାରଣ ଭାରତରେ ଏକଦା ୧୯୭୨-୭୩ ସର୍ବାଧିକ ଟିକସହାର ୯୭.୫୭% ଥିଲା । ଲାଫର କର୍ଭ ଅନୁଯାୟୀ ଟିକସ୍ ହାର ହ୍ରାସ କଲେ, ଲୋକ ଅଧିକ ଟିକସ୍ ଦେବେ ଏବଂ ଟିକସ୍ ଫାଙ୍କି ହ୍ରାସ ପାଇବ ବୋଲି ଏହାକୁ ପର୍ଯ୍ୟାୟକ୍ରମେ ୩୦%କୁ ହ୍ରାସ କରାଯାଇଛି । କିନ୍ତୁ ଟିକସ୍ ହାର ହ୍ରାସ ସତ୍ତ୍ୱେ ଟିକସ୍ ଫାଙ୍କି ବୃଦ୍ଧିପାଇଛି। ଟିକସ୍ ଆଶାନୁରୂପଭାବେ ଆଦାୟ ହୋଇପାରୁନାହିଁ । ବିଭିନ୍ନ ଦେଶରେ ଟିକସ୍-ଜିଡ଼ିପି ଅନୁପାତ ଆମ ଦେଶଠାରୁ ବହୁ ଅଧିକ। ୧୮୦ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୧୧୨ ଅର୍ଥାତ୍ । ୧୧୩ ଦେଶ ତଳେ ଭାରତ ରହିଛି । ଏହା ଆର୍ଜେଣ୍ଟିନାରେ (୩୭.୨%), ଅଷ୍ଟ୍ରେଲିଆ (୨୫.୮%), ଅଷ୍ଟ୍ରିଆ (୪୩.୪%), ବେଲଜିୟମ୍ (୪୭.୯%), କାନଡ଼ା (୩୨.୨%), ଚୀନ (୨୮.୧%), କ୍ୟୁବା (୪୪.୮%), ଡ଼େନମାର୍କ (୫୦.୮%), ୟୁରୋପୀୟ ୟୁନିଅନ୍ (୩୫.୭%), ଫିନ୍‌ଲ୍ୟାଣ୍ଡ (୪୩.୬%), ଫ୍ରାନ୍ସ (୪୭.୯%), ଜର୍ମାନୀ (୪୦.୬%), ଗ୍ରୀସ୍ (୩୯%), ଇସ୍ରାଇଲ (୩୬.୮%) ଆୟାରଲ୍ୟାଣ୍ଡ (୩୦.୮%), ଇଟାଲୀ (୪୩.୫%), ଜାପାନ୍ (୨୮.୩%), ନେଦରଲ୍ୟାଣ୍ଡ (୩୯.୮%), ନରୱେ (୪୩.୬%), ଓଇସିଡ଼ି (୩୪.୮%), ପର୍ତ୍ତୁଗାଲ (୩୭%), ସୁଇଡ଼େନ୍ (୪୫.୮%), ସୁଇଜରଲ୍ୟାଣ୍ଡ (୨୯.୪%) ଗ୍ରେଟବ୍ରିଟେନ୍ (୩୪.୪%), ଆମେରିକା (୨୬.୯%) ହୋଇଥିଲା ବେଳେ ଭାରତରେ ଏହା (ସେପ୍ଟେମ୍ବର ୨୦୧୫ ସୁଦ୍ଧା) ମାତ୍ର ୧୭ ଦଶମିକ ୭% ଅଟେ । ଏହା ଉଭୟ କେନ୍ଦ୍ର ଓ ରାଜ୍ୟର ଟିକସ୍‌କୁ ମିଶାଇ ବିଚାରକୁ ନିଆଯାଇଛି ।

ଆମ ଦେଶରେ ସର୍ବାଧିକ ଟିକସ ହାର ମଧ୍ୟ ଅନ୍ୟ ଦେଶଠାରୁ କମ୍ । ଅନେକ ଦେଶରେ ସର୍ବାଧିକ ଟିକସ୍ ହାର ୫୦% ବା ତଦୁର୍ଦ୍ଧ୍ୱ ରହିଛି । ସ୍ୱିଡ଼େନ୍‌ରେ ସର୍ବାଧିକ ଟିକସ ହାର ୫୯.୭% ଥିଲା ବେଳେ ଅରୁବାରେ (୫୮.୫୯%), ଡ଼େନ୍‌ମାର୍କ (୫୧.୯୫%), ଫିନ୍‌ଲ୍ୟାଣ୍ଡ (୫୨.୩%), ନେଦରଲ୍ୟାଣ୍ଡ (୫୨%), ଜିମ୍ବାୱେ (୫୧.୫%), ଜାପାନ୍ (୫୧.୦୩%), ସ୍ଲୋଭେନିଆ (୫୦%), ଇସ୍ରାଏଲ୍ (୫୦%), କ୍ୟୁବା (୫୦%), ଲକ୍ସେମବର୍ଗ (୫୨.୪୫%), ସାନ୍‌ମାରିନୋ (୫୦%), ସେନେଗାଲ୍ (୫୦%), ଆମେରିକା (ଫେଡ଼େରାଲ୍ ୩୯.୬% + ଷ୍ଟେଟ୍ ୧୩.୩%) ରହିଛି । ଏପରିକି ଅଷ୍ଟ୍ରେଲିଆରେ ସର୍ବାଧିକ ଟିକସ ହାର ୪୯% ଥିଲାବେଳେ, ଚୀନ୍‌ରେ (୪୫%), ଫ୍ରାନସ୍‌ରେ (୪୫%), ଆଇସ୍‌ଲ୍ୟାଣ୍ଡ (୪୬%), ଇଟାଲୀରେ (୪୭%), ନରୱେରେ (୪୬.୯%), ପର୍ତ୍ତୁଗାଲ୍‌ରେ (୪୮%), ସ୍ପେନ୍‌ରେ (୪୯%), ଗ୍ରେଟ୍ ବ୍ରିଟେନ୍ ଏହା ୪୫ ପ୍ରତିଶତ । କିନ୍ତୁ ଭାରତରେ ସର୍ବାଧିକ ଟିକସ୍ ହାର ୩୦% ସହିତ ସରଚାର୍ଜ ଓ ସେସ୍ ମିଶାଇଲେ ୩୪ ଦଶମିକ ୬% ହେବ । ଏଣୁ ଧନୀକ ଶ୍ରେଣୀଠାରୁ ସରଚାର୍ଜ ମାଧ୍ୟମରେ ଅର୍ଥ ସଂଗ୍ରହ କରାଯାଇ ସାଧାରଣ ଓ ମଧ୍ୟବିତ୍ତ ଶ୍ରେଣୀକୁ ଟିକସ ହାର ହ୍ରାସ ମାଧ୍ୟମରେ ଅର୍ଥ ବଜେଟ୍‌ରେ ଦିଆଯାଇଛି ବୋଲି ଯେଉଁ ଅଭିଯୋଗ ହେଉଛି ତାହା ସମ୍ପୂର୍ଣ୍ଣ ଭୁଲ । ବରଂ ସରକାର ବାର୍ଷିକ ୫୦ ଲକ୍ଷ ଟଙ୍କା ଆୟକାରୀଙ୍କ ଉପରେ ୪୦% ଏବଂ ୧ କୋଟିରୁ ଉର୍ଦ୍ଧ୍ୱ ଆୟକାରୀଙ୍କ ଉପରେ ୫୦% ହାରରେ ଟିକସ୍ ଧାର୍ଯ୍ୟ କରିବା ଉଚିତ୍ । ଯେ ପର୍ଯ୍ୟନ୍ତ ଧନୀକ ଶ୍ରେଣୀ, ପୁଞ୍ଜିପତି ତଥା ଶିଳ୍ପପତିଙ୍କଠାରୁ ଆଉ ଅଧିକ ହାରରେ ଟିକସ୍ ଆଦାୟ ନ ହୋଇଛି ବା ସେମାନେ ସ୍ୱତଃପ୍ରବୃତ୍ତ ଭାବେ ଟିକସ୍ ନ ଦେଇଛନ୍ତି ସେ ପର୍ଯ୍ୟନ୍ତ ଦାରିଦ୍ର୍ୟର ସମ୍ପୂର୍ଣ୍ଣ ବିଲୋପ ହେବା ସହିତ ଭାରତ ଏକ ବିକଶିତ ରାଷ୍ଟ୍ରର ମାନ୍ୟତା ପାଇବା ସମ୍ଭବ ନୁହେଁ ।

ଲେଖକ ଜଣେ ସ୍ତମ୍ଭକାର ତଥା ଅର୍ଥନୀତିଜ୍ଞ ।

# ଆପଣ ଜାଣନ୍ତି କି ?

**ସାର୍ବଜନୀନ ମୌଳିକ ଆୟ (ୟୁବିଆଇ) :**

ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଭାରତର ପ୍ରୟାସ ଉଲ୍ଲେଖନୀୟ ରହିଛି। ସ୍ୱାଧୀନତା ଲାଭ କାଳରେ ଦେଶର ଦାରିଦ୍ର୍ୟ ହାର ୭୦ଶତାଂଶ ଥିବାବେଳେ ୨୦୧୧-୧୨ରେ (ଟେଣ୍ଡୁଲକର କମିଟି) ଏହା ୨୨ ଶତାଂଶକୁ ହ୍ରାସ ପାଇଥିଲା। ଏହା ସତ୍ତ୍ୱେ ଆମେ ସମସ୍ତଙ୍କ ଆଖିରୁ ଲୁହ ପୋଛିବାକୁ ସକ୍ଷମ ହୋଇନାହୁଁ। ତେଣୁ ୨୦୧୬-୧୭ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟରେ ସାର୍ବଜନିନ ମୌଳିକ ଆୟ ଯୋଗାଣର ଏକ ପରିକଳ୍ପନା କରାଯାଇଛି। ଗରିବ ଲୋକଙ୍କୁ ସାମାଜିକ କଲ୍ୟାଣ ଯୋଜନାରେ ଯେଉଁସବୁ ସୁବିଧା ଓ ରିଆତି ଯୋଗାଇ ଦିଆଯାଉଛି ତାହାର ପରିସମାପ୍ତି ଘଟାଇ ସମସ୍ତଙ୍କୁ ଏକ ମୌଳିକ ଆୟ ବା ରୋଜଗାର ଉତ୍ସ ଦେବାକୁ ଏହି ବିକଳ୍ପ ବ୍ୟବସ୍ଥାରେ ପ୍ରସ୍ତାବନା ରହିଛି। ଏହା ମୁଖ୍ୟତଃ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅଭିପ୍ରେତ। ଦେଶର ଜଣେ ନାଗରିକ ହୋଇଥିବାରୁ ତାହାର ଆବଶ୍ୟକତା ପୂରଣ ପାଇଁ ପ୍ରତ୍ୟେକ ନାଗରିକ ଏକ ନିର୍ଦ୍ଦିଷ୍ଟ ଆୟର ମୌଳିକ ଅଧିକାର ପାଇବା ଏହି ବିଚାରର ମୌଳିକ ଲକ୍ଷ୍ୟ।

**ୟୁବିଆଇର ତିନିଟି ଅଂଶ :**

୧) ସାର୍ବଜନୀନତା : ଏହା ସାର୍ବଜନୀନ ହେବ ଏବଂ ସମସ୍ତେ ଏହାର ସୁଯୋଗ ପାଇବେ। ୨) ସର୍ତ୍ତହୀନତା : ହିତାଧିକାରୀଙ୍କୁ ଟଙ୍କା ବା ନଗଦ ହସ୍ତାନ୍ତରଣ ନେଇ ଏଥିରେ କୌଣସି ପ୍ରାକ୍ ସର୍ତ୍ତ ରହିବ ନାହିଁ। ୩) ବ୍ୟବସ୍ଥା (ଏଜେନ୍ସି) **:** ଗରିବ ଲୋକଙ୍କ ନିଷ୍ପତ୍ତି ଗ୍ରହଣର ଦକ୍ଷତାକୁ ବିଚାରକୁ ନେଇ ତାହାକୁ ସମ୍ମାନ ଦିଆଯିବ ଏବଂ ଏଥିରେ କୌଣସି ପିତୃସୁଲଭ ମନୋଭାବ ରହିବ ନାହିଁ।

**ପ୍ରସ୍ତାବ ସପକ୍ଷରେ ଯୁକ୍ତି :**

୧) ସାମାଜିକ ନ୍ୟାୟ : ସମସ୍ତଙ୍କର ବିଶ୍ୱାସ ରହିବା ଉଚିତ ଯେ କୌଣସି ସମାଜ ଯଦି ସମସ୍ତଙ୍କୁ ସମାନ ନ୍ୟାୟ ଦେଇ ନ'ପାରିଲା ତେବେ ସେ ସମାଜ ନ୍ୟାୟୋଚିତ ଏବଂ ସ୍ଥିର ନୁହେଁ। ତେଣୁ ସମାଜ ସବୁ ନାଗରିକ ପ୍ରତି ନ୍ୟାୟୋଚିତ ହେବା ଆବଶ୍ୟକ। ୨) ଦାରିଦ୍ର୍ୟ ଦୂରୀକରଣ : ସାର୍ବଜନୀନ ମୌଳିକ ଆୟ ବ୍ୟବସ୍ଥା ଦାରିଦ୍ର୍ୟ ଦୂରୀକରଣ ପାଇଁ ସବୁଠୁ ସହଜ ଓ ଦ୍ରୁତତମ ପଦକ୍ଷେପ ହେବ। ତେବେ ଏଥିପାଇଁ ଏକ ସ୍ୱଚ୍ଛଳ, ଦକ୍ଷ ଆର୍ଥିକ ବ୍ୟବସ୍ଥା ଅପରିହାର୍ଯ୍ୟ।

୩) ନିଯୁକ୍ତି : କର୍ମ ନିଯୁକ୍ତି ସୃଷ୍ଟିର ଏକ ଅନିଶ୍ଚିତ କାଳରେ ନାଗରିକଙ୍କୁ ଏକ ସର୍ବନିମ୍ନ ଜୀବନ ଧାରଣର ମାନ ନିଶ୍ଚିତ କରିବା ସମାଜର ଏକ ଦାୟିତ୍ୱ। ସେ ଦୃଷ୍ଟିରୁ ୟୁବିଆଇ ଏକ ଯଥାର୍ଥ ପ୍ରସ୍ତାବ। ନିଶ୍ଚିତ ମୌଳିକ ରୋଜଗାର ଥିବା ଜଣେ ଶ୍ରମିକ ଶ୍ରମ ବଜାରରେ ମୂଲଚାଲ କରିପାରିବ ଏବଂ ତା'ଉପରେ ଲଦି ଦିଆଯାଉଥିବା କାର୍ଯ୍ୟକରିବାର ଯେକୌଣସି ପରିବେଶକୁ ଗ୍ରହଣ କରିବାକୁ ବାଧ୍ୟ ହେବ ନାହିଁ। ଏହା ଶ୍ରମିକ ଶୋଷଣକୁ ହ୍ରାସ କରିବ।

୪) ବ୍ୟବସ୍ଥା (ଏଜେନ୍ସି) : ଭାରତରେ ଗରିବମାନେ ସରକାରୀ ନୀତିର ବସ୍ତୁ ବା ଅଭିପ୍ରାୟ ଭାବେ ବିବେଚିତ ହୁଅନ୍ତି। ଆମର ସାମ୍ପ୍ରତିକ କଲ୍ୟାଣକାରୀ ବ୍ୟବସ୍ଥା, ଉଦ୍ଦେଶ୍ୟ ଦୃଷ୍ଟିରୁ ଉତ୍ତମ ହେଲେ ମଧ୍ୟ, ଗରିବଙ୍କ ପ୍ରତି ଏକ ଅମର୍ଯ୍ୟାଦା ଭାବ ଆଣିଥାଏ। ନିସର୍ତ୍ତ ଅର୍ଥ ହସ୍ତାନ୍ତର ବ୍ୟବସ୍ଥା ସେମାନଙ୍କୁ ନାଗରିକ ବା ପ୍ରଜାଭାବେ ନ ଦେଖି ଜଣେ ଏଜେଣ୍ଟ ବା ଘଟକ ଭାବେ ଦେଖେ।

୫) ବାସ୍ତବ ଦୃଷ୍ଟିରୁ ଉପଯୋଗୀ : ଦାରିଦ୍ର୍ୟର କାରଣ ଭିନ୍ନଭିନ୍ନ। ଦରିଦ୍ର ଲୋକଙ୍କ ଯନ୍ତ୍ରଣା ଓ କଷଣ ମଧ୍ୟ ବିଭିନ୍ନ ପ୍ରକାରର। ସେସବୁର ଅପନୋଦନ କରିବା ରାଷ୍ଟ୍ରପକ୍ଷେ ସମ୍ଭବ ନୁହେଁ। ତଥାପି ଦରିଦ୍ର ପରିବାରକୁ ବିଚାରକୁ ନ'ନେଇ ପ୍ରତ୍ୟେକ ଦରିଦ୍ର ବ୍ୟକ୍ତିଙ୍କୁ ଏକକ ଭାବେ ଧରି ଯଦି ତାଙ୍କୁ ସାର୍ବଜନୀନ ମୌଳିକ ରୋଜଗାର ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରାଯାଏ ଏଥିରେ ଦାରିଦ୍ରର ମୁକାବିଲା ସମ୍ଭବ। ମହିଳାମାନେ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ହୋଇପାରିବେ।

୬) ପ୍ରଶାସନିକ ଦକ୍ଷତା : ଏବେ ପ୍ରଚଳିତ କଲ୍ୟାଣକାରୀ ଯୋଜନାମାନ ଅର୍ଥ ବରାଦ ଜନିତ ବିଭ୍ରାଟ, ବାଟମାରଣା, ଦରିଦ୍ରଙ୍କୁ ତାଲିକା ବାହାରେ ରଖିବା ଆଦି ଯାବତୀୟ ବିଭ୍ରାଟରେ ପରିପୂର୍ଣ୍ଣ। ଜନଧନ, ଆଧାର ଓ ମୋବାଇଲ ଏହି ତ୍ରିମୂର୍ତ୍ତି (ଜାମ୍) ବ୍ୟବସ୍ଥା ଯେତେବେଳେ କାର୍ଯ୍ୟକାରୀ ହେବ ସେତେବେଳେ ସେବାଯୋଗାଣ ଜନିତ ପ୍ରଶାସନିକ ଦକ୍ଷତା ବଢ଼ିବ।

**ୟୁବିଆଇ ବିପକ୍ଷରେ ଯୁକ୍ତି :** ଏହା ବିରୋଧରେ ମୁଖ୍ୟତଃ ତିନିଟି ଯୁକ୍ତି ରହିଛି। ସେଗୁଡ଼ିକ ହେଲା –

୧) ପ୍ରଥମତଃ ଏହା କାର୍ଯ୍ୟ କରିବାର ଉତ୍ସାହକୁ ହ୍ରାସ କରିବ। ଏହିଯୁକ୍ତି ଟିକେ ଅତିରଞ୍ଜିତ ମନେ ହୁଏ। କାରଣ ଯେଉଁ ସ୍ତରରେ ଏହି ମୌଳିକ ଆୟ ବ୍ୟବସ୍ଥା ପ୍ରଚଳନ ହେବ ତାହା ସର୍ବନିମ୍ନ ରହିବ। ତେଣୁ ଯେତିକି ନିଶ୍ଚିତ ରୋଜଗାର ବା ଆୟ ଜଣକୁ ମିଳିବ ତାହା ତା'କୁ କାମ କରି ଅଧିକ ଅର୍ଜନ କରିବାକୁ ନିରୁତ୍ସାହିତ କରିବ ନାହିଁ।

୨) ଦ୍ୱିତୀୟ ଯୁକ୍ତି ହେଉଛି ଆୟ ନିଯୁକ୍ତିରୁ ଅସଂଲଗ୍ନ ହେବା ଉଚିତ କି ? ଏହାର ସତ ଅର୍ଥନୈତିକ ଉତ୍ତରଟି ହେଲା ଏ ବ୍ୟବସ୍ଥା ଏବେ ସମାଜରେ ପ୍ରଚଳିତ ଏବଂ ଏହା ମୁଖ୍ୟତଃ ଧନୀ ଓ ସୁବିଧାବାଦୀଙ୍କ ପାଇଁ ଉଦ୍ଦିଷ୍ଟ। ଯେକୌଣସି ସମାଜ ଯେଉଁଠି ଉତ୍ତରାଧିକାର କିମ୍ବା ଅଣକର୍ମଜନିତ

ଆୟ ଅଧିକାର ପାଇବାର ବ୍ୟବସ୍ଥା ଅଛି, ସେଠାରେ ନିଯୁକ୍ତିଠାରୁ ଆୟ ଅଲଗା ରହିଛି।

୩) ତୃତୀୟ ଚିନ୍ତାଜନକ ବିଷୟ ହେଲା ପାରସ୍ପରିକତା : ଯଦି ସମାଜ ଜଣେ ବ୍ୟକ୍ତିକୁ ସାର୍ବଜନୀନ ମୌଳିକ ଆୟ ଯୋଗାଏ, ପ୍ରତିଦାନରେ ଏହା କ'ଣ ପାଇବ ? ଏହାର ଉତ୍ତର ହେଲା ବ୍ୟକ୍ତିବିଶେଷ ବାସ୍ତବରେ ଅଧିକାଂଶ କ୍ଷେତ୍ରରେ ବିଭିନ୍ନ ଉପାୟରେ ସମାଜକୁ ପ୍ରତିଦାନ ଅକାରରେ କିଛି ଦେଉଛି। ତେଣୁ ମୌଳିକ ରୋଜଗାର ବ୍ୟବସ୍ଥାରେ ସମାଜ ଅଣ ମଜୁରି ଆକାରରେ ବ୍ୟକ୍ତିବିଶେଷକୁ ସମାଜ ପାଇଁ ତା'ର ଅବଦାନ ନିମନ୍ତେ କିଛି ଦେବାକୁ ଯାଉଛି। ନିଜ ଘରେ କାମ କରୁଥିବା ମହିଳାଙ୍କୁ ମଜୁରି ବା ବେତନ ମିଳେନାହିଁ। ହେଲେ ପରିବାର ଓ ସମାଜ ପାଇଁ ତା'ର ଅବଦାନ ନିମନ୍ତେ ତାଙ୍କୁ ଯଦି କିଛି ଆୟ ମିଳିଲା ସେଥିରେ କିଛି ଅସୁବିଧା ନାହିଁ।

**ସାମ୍ପ୍ରତିକ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମର ସମସ୍ୟା :**

୧) ଜିଲା ସମୂହରେ ସମ୍ବଳ ବରାଦରେ ଅପଯୋଗ। ତଥ୍ୟ କହୁଛି  ଯେ ଦେଶର ଦରିଦ୍ରତମ ଇଲାକା ପାଇଁ ସବୁଠୁ କମ୍ ସରକାରୀ ଅର୍ଥ ବରାଦ ହେଉଛି। ସେହି ତୁଳନାରେ ବିକଶିତ ଓ ଧନାଢ୍ୟ ଅଞ୍ଚଳରେ ଅଧିକ ସରକାରୀ ଅର୍ଥ ବିନିଯୋଗ କରାଯାଉଛି।

୨) ବାସ୍ତବ ହିତାଧିକାରୀ ଯେଉଁମାନେ ସରକାରୀ ସହାୟତା ଓ ଯୋଜନାର ଲାଭ ପାଇବାକୁ ହକ୍‌ଦାର ସେମାନଙ୍କୁ ବାଦ ଦିଆଯାଉଛି। ୩) ସରକାରୀ ଯୋଗାଣ ଓ ସେବା ପ୍ରଦାନ ବ୍ୟବସ୍ଥାରେ ଛିଦ୍ର ଓ ତ୍ରୁଟି ଯୋଗୁଁ ସ୍ୱଚ୍ଛଳ ଲୋକ ଅସ୍ୱଚ୍ଛଳ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧା ସୁଯୋଗ ବାଟମାରଣା କରୁଛନ୍ତି।

**ୟୁବିଆଇ ଏହାକୁ କିପରି ଅତିକ୍ରମ କରିପାରିବ :**

୧) ପରିକଳ୍ପନା ଅନୁସାରେ ସରକାରୀ ରିଆତି ବା ଲାଭର ଅର୍ଥରାଶୀ ସିଧାସଳଖ ଉପଭୋକ୍ତାଙ୍କ ବ୍ୟାଙ୍କ ଖାତାକୁ ଯିବାକୁ ଥିବାରୁ ଏହାର ବାଟମାରଣା ସମ୍ଭାବନା ବନ୍ଦ ହୋଇଯିବ। ତେଣୁ ବ୍ୟବସ୍ଥାରେ ଆଉ ଛିଦ୍ର ରହିବ ନାହିଁ। ସୁବିଧା ଯୋଗାଣ କ୍ଷେତ୍ରରେ କର୍ତ୍ତୃପକ୍ଷଙ୍କର ବିଶେଷ ହସ୍ତକ୍ଷେପ କରିବାର ଅଧିକାର ବ୍ୟବସ୍ଥା ନଥିବାରୁ କେହି ଚାହିଁଲେ ଏହି ଲାଭକୁ ନିର୍ଦ୍ଦିଷ୍ଟ ବ୍ୟକ୍ତିକୁ ନ ଦେଇ ଏପଟ ସେପଟ କରିପାରିବ ନାହିଁ। ଏହା ସାର୍ବଜନୀନ ହୋଇଥିବାରୁ ୟୁବିଆଇରୁ ବାଦ ପଡ଼ିବା ଜନିତ ତ୍ରୁଟି ବିଚ୍ୟୁତି ଅନ୍ୟାନ୍ୟ ପ୍ରଚଳିତ କାର୍ଯ୍ୟକ୍ରମଠାରୁ କମ୍ ରହିବ।

୨) ୟୁବିଆଇ ସମ୍ଭାବ୍ୟ ବିପଦ ବା ଅସୁବିଧା ସମୟରେ ଏକ ବୀମା ଭଳି କାମ କରିବ। ଏହା ଗରିବ ଲୋକଙ୍କୁ ମନସ୍ତାତ୍ତ୍ୱିକ ସ୍ତରରେ ଆଶ୍ୱସ୍ତ କରିବ।

**ୟୁବିଆଇର ସଫଳତା ପାଇଁ ଦୁଇଟି ପ୍ରାକ୍ ଆବଶ୍ୟକତା :**

୧) ଜାମ୍ ବ୍ୟବସ୍ଥାର ସଫଳ ଉପଯୋଗ : ଜନଧନ, ଆଧାର ଓ ମୋବାଇଲ (ଜାମ୍) ବ୍ୟବସ୍ଥାର ସଫଳ କାର୍ଯ୍ୟକାରିତା ଉପରେ ୟୁବିଆଇର ସଫଳତା ନିର୍ଭର କରେ। ୟୁବିଆଇରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଟଙ୍କା ଡିଜିଟାଲ ବ୍ୟବସ୍ଥାରେ ହସ୍ତାନ୍ତରିତ ହେବ। ମାତ୍ର ଏବେ ଦେଶର ପ୍ରୌଢ଼ ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ତିନିଭାଗଙ୍କର ବ୍ୟାଙ୍କ ଆକାଉଣ୍ଟ ନାହିଁ। ତେଣୁ ସେମାନେ ଏହି ସୁଫଳ ପାଇବାରୁ ବଞ୍ଚିତ ହୋଇପାରନ୍ତି। ବ୍ୟାଙ୍କ ଖାତା ନଥିବା ବ୍ୟକ୍ତିଙ୍କ ମଧ୍ୟରେ ମହିଳା, ତଫସିଲଭୁକ୍ତ ଜାତି, ଉପଜାତି, ବୟସ୍କ, ବୃଦ୍ଧ ଏବଂ ଅନ୍ୟାନ୍ୟ ଦୁର୍ବଳ ଗରିବ ଶ୍ରେଣୀର ଲୋକେ ଅଧିକ। ସେମାନେ ଏହି ଯୋଜନାର ସୁଫଳ ଅଧିକ ଲୋଡୁଥିବା ବେଳେ ବ୍ୟାଙ୍କ ଖାତା, ମୋବାଇଲ, ଆଧାର ଓ ଜନଧନ ଖାତା ସୋମାନଙ୍କ ପାଇଁ ଏକ ଅପରିହାର୍ଯ୍ୟ ଆବଶ୍ୟକତା।

୨) ସବୁଠୁ ଗୁରୁତ୍ୱପୂର୍ଣ୍ଣ ସଂଘୀୟ ପ୍ରସଙ୍ଗ ହେଲା ୟୁବିଆଇକୁ ପାଣ୍ଠି ଯୋଗାଣ ସଂକ୍ରାନ୍ତ କେନ୍ଦ୍ର-ରାଜ୍ୟ ଭାଗିଦାରୀ। ଅତଏବ କିଏ କେତେ ଭାଗ ପାଣ୍ଠି ଯୋଗାଇବ ତାହା କେନ୍ଦ୍ର-ରାଜ୍ୟ ଆଲୋଚନା ଭିତ୍ତିରେ ଚୂଡ଼ାନ୍ତ ହେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ।


**ୟୁବିଆଇର ଆର୍ଥିକ ବ୍ୟୟ :**

ଭାରତରୁ ୦.୫ ଶତାଂଶ ଦାରିଦ୍ର୍ୟ ହ୍ରାସ କରିବାକୁ ଉଦ୍ଦିଷ୍ଟ ୟୁବିଆଇ ବ୍ୟବସ୍ଥାରେ ଦେଶର ମୋଟ ଜାତୀୟ ଆୟର ୪ ରୁ ୫ ଶତାଂଶ ଅର୍ଥ ଖର୍ଚ୍ଚ ହେବ। ଏହି ହିସାବ କରିବା ବେଳେ ଧରି ନେବାକୁ ହେବ ଯେ ୨୫ ଶତାଂଶ ଆୟ ବନ୍ଧନୀ ମଧ୍ୟରେ ଥିବା ଲୋକ ଏହି ଯୋଜନାରେ ସାମିଲ ହେଉନଥିବେ। ଅନ୍ୟ ପକ୍ଷରେ ପ୍ରଚଳିତ ମଧ୍ୟବିତ୍ତ ଶ୍ରେଣୀ ସବ୍‌ସିଡି ଏବଂ ଖାଦ୍ୟ, ପେଟ୍ରୋଲିୟମ ଓ ସାର ଆଦିର ସବ୍‌ସିଡି ବାବଦରେ ଯେଉଁ ଖର୍ଚ୍ଚ ସରକାର ବହନ କରୁଛନ୍ତି ତାହାର ମୋଟ ପରିମାଣ ଦେଶର ମୋଟ ଜାତୀୟ ଆୟର ପ୍ରାୟ ୩ ଶତାଂଶ।

ଅର୍ଥନୈତିକ ସର୍ଭେ ରିପୋର୍ଟର ଉପସଂହାରରେ କୁହାଯାଇଛି ଯେ ୟୁବିଆଇ ଏକ ଶକ୍ତିଶାଳୀ ବିଚାର ଓ ପ୍ରସ୍ତାବ। ଏହା କାର୍ଯ୍ୟକାରୀ ହେବାକୁ ସମୟ ଆସି ନ ଥିଲେ ମଧ୍ୟ ଏହା ଉପରେ ଗଭୀର ଆଲୋଚନା କରିବାର ସମୟ ଆସିଛି। ମହାତ୍ମା ଗାନ୍ଧି ଯେଉଁ ସ୍ୱପ୍ନ ଓ ଆଦର୍ଶ ପାଇଁ ସାରା ଜୀବନ ସଂଗ୍ରାମ କରିଥିଲେ ତାହାକୁ ପୂରଣ କରିବାରେ ୟୁବିଆଇ ସହାୟକ ହୋଇପାରେ।

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୩୬ତମ ସମାବର୍ତ୍ତନ ଉତ୍ସବ

ଉଚ୍ଚ ଶିକ୍ଷା, ଜ୍ଞାନ ଓ ଗବେଷଣା ମାଧ୍ୟମରେ ସମାଜକୁ କ୍ରିୟାଶୀଳ ଓ ଶକ୍ତିମନ୍ତ କରିବା ହେଉଛି ବିଶ୍ୱବିଦ୍ୟାଳୟର ପ୍ରମୁଖ ଆଭିମୁଖ୍ୟ। ଶିକ୍ଷାର ମୌଳିକ କ୍ରିୟା ଶ୍ରେଣୀଗତ ଶିକ୍ଷା ଓ ତାଲିମଠୁ ଆଗକୁ ଯାଇ ଯୁବକଯୁବତୀଙ୍କ ନିୟୋଜନୀୟତା ସୁନିଶ୍ଚିତ କରିବା ଆଜିର ଆବଶ୍ୟକତା। ବିଶ୍ୱବିଦ୍ୟାଳୟ ବିଶ୍ୱ ନାଗରିକ ଓ ଭବିଷ୍ୟତର ନେତୃତ୍ୱ ନିର୍ମାଣ କରିପାରିଲେ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ସ୍ଥିତି ଜାହିର କରିପାରିବ। ଏଣୁ ପରସ୍ପର ସଂଯୋଜିତ, ବହୁମୁଖୀ ବିଶ୍ୱ ଦୃଷ୍ଟିପାଇଁ ବିଶ୍ୱବିଦ୍ୟାଳୟ ପ୍ରୟାସ କରିବାକୁ ରାଜ୍ୟପାଳ ତଥା କୁଳାଧିପତି ଡ. ଏସ୍. ସି. ଜମିର ଆହ୍ୱାନ ଦେଇଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୩୬ତମ ସମାବର୍ତ୍ତନ ଉତ୍ସବରେ ଗତ ଫେବୃୟାରୀ ୧୩ ତାରିଖ ଦିନ ଯୋଗଦେଇ ରାଜ୍ୟପାଳ କହିଲେ ଯେ, ଶିକ୍ଷାଦାନ ସହିତ ଗବେଷଣାର ସମାଜ ଉପରେ ବିଶେଷ ପ୍ରଭାବ ରହିଛି। ବିଶ୍ୱବିଦ୍ୟାଳୟର ଏହି ମହତ୍ତ୍ୱପୂର୍ଣ୍ଣ ଅବଦାନ ଉଲ୍ଲେଖନୀୟ।


BOOK YOUR COPY NOW
INDIA 2017
भारत 2017
Reference Annual
A TREASURE FOR RESEARCHERS, POLICY MAKERS, ACADEMICS, MEDIA PROFESSIONALS AND JOB SEEKERS, ESPECIALLY, ASPIRANTS OF CIVIL SERVICES EXAMINATION
Also available as eBook
Buy online at-
play.google.com, amazon.in, kobo.com
Publications Division
Ministry of Information & Broadcasting, Government of India
Soochna Bhawan, CGO Complex, Lodhi Road, New Delhi-110003
website: www.publicationsdivision.nic.in
For placing orders, please contact:
Phone : 011-24367260, 24365609, e-mail: businesswng@gmail.com
@ DPD_India
www.facebook.com/publicationsdivision
www.facebook.com/yojanaJournal

YOJANA (Odia) : Monthly
ISSN 0971-8346

March 2017

RNI No. 57203/93
Total Number of Pages (76)

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ
# ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିକ୍ଷା, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

## ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

## ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା ।

## "ଯୋଜନା"ର ଗ୍ରାହକ ଦେୟ

* ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

## ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**

Printed and Published by Dr. (Ms) Sadhana Rout, Additional Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at: Laxmi Art Printers, A-37, Refugee Colony, Laxmisagar, Bhubaneswar-6
Editor : Dr Girish Chandra Dash